

ଗଜାନନଂ ଭୂତଗଣାଦି ସେବିତମ୍
କପିତ୍ଥ ଜମ୍ବୁଫଳଚାରୁ ଭକ୍ଷଣମ୍,
ଉମାସୁତଂ ଶୋକ ବିନାଶକାରକମ୍
ନମାମି ବିଘ୍ନେଶ୍ୱର ପାଦପଙ୍କଜମ୍ ॥


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-63 ◆WEDNESDAY ◆27 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୩ ◆ବୁଧବାର ◆୨୭ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ଉପସ୍ଥାପକ

JAY BHARAT FOUNDATION ODISHA



ପ୍ରାୟୋଜକ

BHARAT MASALA

The Taste of New India

ଭାରତ ଯେଉଁଠି, ପ୍ରତିଭା ସେଇଠି

## ୨୬ତମ ଭାରତ ପ୍ରତିଭା ସମ୍ମାନ ଏବଂ
## ୨୬ତମ ଭାରତ ମସଲାର ପ୍ରତିଷ୍ଠା ଦିବସ - ୨୦୨୫



ଉଦ୍‌ଘାଟକ
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ, ଓଡ଼ିଶା ସରକାର



ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ଶୁଭାଶିଷ ଖୁଣ୍ଟିଆ
ମାନ୍ୟବର ସାଂସଦ, ରାଜ୍ୟସଭା



ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ
ମାନ୍ୟବର ବାଙ୍କୀ ବିଧାୟକ



ସମ୍ମାନିତ ଅତିଥି
ଶ୍ରୀମତୀ ସୋଫିଆ ଫିର୍ଦୋଷ
ମାନ୍ୟବର ବାରବାଟୀ-କଟକ ବିଧାୟିକା



ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ହେମନ୍ତ ଶର୍ମା (ଆଇ.ଏ.ଏସ୍.)
ମାନ୍ୟବର ଅତିରିକ୍ତ ମୁଖ୍ୟ ସଚିବ, ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା ସରକାର



ସମ୍ମାନିତ ଅତିଥି
ପ୍ରଫେସର (ଡା.) ଜୟନ୍ତ କୁମାର ପଣ୍ଡା
ମାନ୍ୟବର ପ୍ରଫେସର ପି.ଜି. ମେଡିସିନ୍ ବିଭାଗ, ଏସ୍.ସି.ବି. ମେଡିକାଲ୍ କଲେଜ, କଟକ

### ସମ୍ବର୍ଦ୍ଧିତ ପ୍ରତିଭାବୃନ୍ଦ



ଭାରତ ଗୌରବ ସମ୍ମାନ
ଶ୍ରୀ ଦୁର୍ଯ୍ୟୋଧନ ମହାନ୍ତି
(ପୂର୍ବତନ ମୁଖ୍ୟ ଭାରତୀୟ ସେନା ଅଧିକାରୀ)



ସେବା ଭାରତ ସମ୍ମାନ
ଡ. କେଶବ ଚନ୍ଦ୍ର ଶତପଥୀ
(ଡି.ଏ.ଭି ସ୍କୁଲ ନିର୍ଦ୍ଦେଶକ, ଓଡ଼ିଶା)



କଥା ଭାରତ ସମ୍ମାନ
ଡ. ଅରବିନ୍ଦ ବେହେରା
(ଆଇ.ଏ.ଏସ୍.)



ସଂସ୍କୃତି ଭାରତ ସମ୍ମାନ
ଡ. ଶ୍ୱେତ କୁମାର ଦାଶ
(ଚଳଚ୍ଚିତ୍ର ନିର୍ମାତା ଏବଂ ନିର୍ଦ୍ଦେଶକ)



କ୍ରୀଡ଼ା ଭାରତ ସମ୍ମାନ
ଶ୍ରୀ କିଶୋର ଚନ୍ଦ୍ର ଜେନା
(ଏସିଆନ ରୌପ୍ୟ ବିଜୟୀ)



ବିଦ୍ୟା ଭାରତ ସମ୍ମାନ
ତପେଶ୍ୱର ବାଗ
(+୨ ବିଜ୍ଞାନ)



ବିଦ୍ୟା ଭାରତ ସମ୍ମାନ
ଆର୍ଚ୍ଛି ଚିନ୍ମୟୀ ପ୍ରଧାନ
(+୨ ବାଣିଜ୍ୟ)



ବିଦ୍ୟା ଭାରତ ସମ୍ମାନ
ପ୍ରିୟଦର୍ଶିନୀ ଗଡ଼ନାୟକ
(+୨ କଳା)

ସ୍ଥାନ: ଭାରତ ମସଲା ପରିସର, ରାମଦାସପୁର, କଟକ । ତାରିଖ: ୨୭.୦୮.୨୦୨୫ (ବୁଧବାର), ସମୟ: ଦିବା ୧୧ ଘଟିକା

Required Sales Executive. Both Male and Female can apply at: info@bharatmasala.in

ପଦାରେ ପଡ଼ିଲା ସରକାରଙ୍କ ପାରିବାପଣିଆ

# ଭତ୍ତା ପାଇଁ ଟଲିରେ ବୁହାହେଲେ ଶଯ୍ୟାଶାୟୀ ବୃଦ୍ଧା

ଭଦ୍ରେଶ୍ୱର,୨୬।୮ (ସମିସ):



ଡବଲ ଇଞ୍ଜିନ ସରକାରର ପ୍ରକୃତ ପାରିବାପଣିଆ ପଦାରେ ପଡିଛି। ମାତ୍ର ହଜାରେ ଟଙ୍କା ଭତ୍ତା ଆଣିବା ନିମନ୍ତେ ଜଣେ ଶଯ୍ୟାଶାୟୀ ବୃଦ୍ଧାଙ୍କୁ ୪କିମି ଦୂରରେ ଥିବା ବ୍ୟାଙ୍କକୁ ଟଲିରେ ବୁହାହୋଇ ଯିବା ଘଟଣାଟି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। କ୍ଷମତାକୁ ଆସିଲେ ବିଜେପି ବୃଦ୍ଧବୃଦ୍ଧାଙ୍କୁ ୩ ହଜାର ୫୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରିବ ବୋଲି ନିର୍ବାଚନ ଇସ୍ତାହାରରେ ଘୋଷଣା କରିଥିଲା। ବିଜେପି ସରକାର ଓଡିଶାରେ କ୍ଷମତାକୁ ଆସିବାର ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଲାଣି। ବିଜେପି ଦେଇଥିବା ନିର୍ବାଚନ ପ୍ରତିଶ୍ରୁତିକୁ ଭୁଲିଗଲାଣି। ଏହାର ନଗ୍ନ ନମୁନା ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଛି। ମାହାଙ୍ଗା ବ୍ଲକ ଚାହାପଡା ଗ୍ରାମପଞ୍ଚାୟତ ଭଅଁରାଜ ଗ୍ରାମର ସ୍ୱର୍ଗତ ବାବାଜି ସାହୁଙ୍କ ଧର୍ମପତ୍ନୀ ଶ୍ରୀମତୀ ସାହୁ ୯୧ବର୍ଷ ଅତିକ୍ରାନ୍ତ କରିଛି। ତାଙ୍କୁ ମାହାଙ୍ଗା ବ୍ଲକ ପ୍ରଶାସନ ତରଫରୁ ପ୍ରତିମାସରେ ଜାତୀୟ ଇନ୍ଦିରାଗାନ୍ଧୀ ପେନସନ ଯୋଜନାରେ ମାସିକ ମାତ୍ର ୧ହଜାର ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯାଉଛି। ଏହି ଭତ୍ତା ଟଙ୍କା ଛତ୍ରତୋଟାସ୍ଥିତ କାନାରା ବ୍ୟାଙ୍କ ଜମାଖାତାକୁ ଆସିଥାଏ। ଏହି ଭତ୍ତା ଟଙ୍କା ନେବା ପାଇଁ ଶ୍ରୀମତୀଙ୍କୁ ପ୍ରତିମାସରେ ବ୍ୟାଙ୍କକୁ ଆସି ବହୁ ହଟହଟାର ସମ୍ମୁଖୀନ ହେବାକୁ ପଡିଥାଏ। ତେବେ ବର୍ତ୍ତମାନ ବୟସର ଅପରାହ୍ନରେ ଶ୍ରୀମତୀ ଶଯ୍ୟାଶାୟୀ ହୋଇପଡିଛନ୍ତି। ତାଙ୍କର ଆଖିକୁ ଠିକ୍ ଭାବେ ଦେଖାଯାଉ ନାହିଁ। କାନକୁ ଶୁଭୁ ନାହିଁ। ଅଣ୍ଟା ଭାଙ୍ଗି ପଡିଥିବା କାରଣରୁ ସେ ସଳଖ ଭାବେ ଠିଆ ହୋଇପାରୁ ନାହାନ୍ତି। ତାଙ୍କର ଚର୍ମ ଧୁଡୁଧୁଡୁ ହୋଇପଡିଲାଣି। ଠିକ୍ ଭାବେ କଥା ମଧ୍ୟ କହି ପାରୁନାହାନ୍ତି। ଦେହ ହାତ ଥରୁଛି ଏପରିସ୍ଥଳେ ତାଙ୍କୁ ଆଜି ତାଙ୍କ ପରିବାର ତରଫରୁ ତାଙ୍କୁ ଏକ ଟଲିରେ ଅତ୍ୟନ୍ତ ଦୟନୀୟ ଭାବେ ଶୁଆଇ ଦିଆଯାଇ ବ୍ୟାଙ୍କକୁ ଅଣାଯାଉଥିବାର ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଠାରେ ସୂଚନା ଥାଉକି, ସମ୍ପୃକ୍ତା ବୃଦ୍ଧାଙ୍କୁ ୯୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ତରଫରୁ ଚଞ୍ଚକତା କରାଯାଇ ତାଙ୍କୁ ଏ ପର୍ଯ୍ୟନ୍ତ ରହସ୍ୟଜନକ ଭାବେ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇ ନ ଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି ବ୍ଲକର ବହୁ ପଞ୍ଚାୟତରେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ପ୍ରଶାସନ ତରଫରୁ ତାଙ୍କ ଘରେ ସରକାରୀ କର୍ମଚାରୀଙ୍କ ସହାୟତାରେ ଭତ୍ତା ଅର୍ଥ ପ୍ରଦାନ କରାଯାଉଥିବାର ନଜିର ଥିଲା ବେଳେ ଏହି ବୃଦ୍ଧାଙ୍କୁ ଘରେ ଭତ୍ତା ଅର୍ଥ ପ୍ରଦାନ କରା ନ ଯିବା କାହା ସ୍ୱାର୍ଥରେ ବୋଲି ମତ ପ୍ରକାଶ ପାଇଛି।



# ଗଣେଶ ପୂଜା ପାଇଁ ଟାଙ୍ଗୀ ଅଞ୍ଚଳ ଉତ୍ସବମୁଖର

## ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ରଙ୍କ ପକ୍ଷରୁ ୧୫ ମଣ୍ଡପରେ ପୂଜା ପାଇବେ ଗଜାନନ

ଟାଙ୍ଗୀ,୨୬।୮ (ସମିସ): ଅଗ୍ରପୂଜ୍ୟ ଶ୍ରୀଶ୍ରୀ ଗଜାନନଙ୍କ ପୂଜା ଉପଲକ୍ଷେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଅଞ୍ଚଳ ଚଳଚଞ୍ଚଳ ରହିଥିବା ବେଳେ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ରଙ୍କ ପକ୍ଷରୁ ବ୍ୟାଚ୍ ହିସାବରେ ୧୫ଟି ମଣ୍ଡପ ନିର୍ମାଣ ସହ ଶ୍ରୀ ଗଣେଶଙ୍କ ପୂଜା ସାଧାରଣରେ ଚର୍ଚ୍ଚାକୁ ଆସିଛି। ଅନ୍ୟପକ୍ଷରେ ୧୫ଟି ବ୍ୟାଚ ପକ୍ଷରୁ ୧୫ଟି କ୍ଲବ ଗଠନପୂର୍ବକ କିଙ୍ଗ, ଫିଉରି ବଏଜ୍, ମେସିନ୍, ଖିଲାଡ଼ି, ରାଇଜିଂ ଷ୍ଟାର, କିଲର, ବେଙ୍ଗଲ ଟାଇଗର, ଗୋଲ୍ଡେନ୍ ଷ୍ଟାର, ରୟାଲ ବଏଜ୍, ଗ୍ୟାଙ୍ଗଷ୍ଟାର, ରାଉଡ଼ି ବଏଜ୍, ମନଷ୍ଟର, ବଜରଙ୍ଗୀ, ୱାରିୟର ଓ ହଣ୍ଟର ନାମରେ ନାମିତ ଏହି କ୍ଲବଗୁଡିକ ଶାନ୍ତିଶୃଙ୍ଖଳାର ସହ ପୂଜା ପାଳନର ପ୍ରତିଶ୍ରୁତି ଦେଇଥିଲେ ହେଁ ସାମାଜିକ ବ୍ୟବସ୍ଥା ଅଭିଭାବକଙ୍କ ଚିନ୍ତା ବୃଦ୍ଧି କରିଛି। ପ୍ରକାଶଥାଉକି, ଟାଙ୍ଗୀ ବିଦ୍ୟାପୀଠରୁ ମାଟ୍ରିକ ପାସ କରିଥିବା ୨୦୦୯ ମସିହା ବ୍ୟାଚ୍ ପ୍ରଥମେ ପୂଜା ଆରମ୍ଭ କରିଥିବାବେଳେ ପ୍ରତିବର୍ଷ ବ୍ୟାଚ ସଂଖ୍ୟା ବଢ଼ି ଏବେ ୧୫ରେ ପହଞ୍ଚିଛି। ପ୍ରତିବର୍ଷ ଗୋଟିଏ ଲେଖାଏଁ ମଣ୍ଡପ ବୃଦ୍ଧି ପାଉଥିବାବେଳେ ଆଗାମୀ ଦିନରେ ସଂଖ୍ୟା ଯଥେଷ୍ଟ ବୃଦ୍ଧିପାଇବ ବୋଲି ସୂଚନା ମିଳିଛି। ତେବେ ପ୍ରତିଯୋଗିତାମୂଳକ ମନବୃତ୍ତି ନେଇ ପୂଜା ଓ ଉସାଣି ଉତ୍ସବ ପାଳିତ ହେବା ପ୍ରଶାସନର ଚିନ୍ତା ବୃଦ୍ଧି କରିଛି।

## ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ନିଶ୍ଚିନ୍ତକୋଇଲି,୨୬।୮ (ସମିସ): ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶକ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ କୃଷି ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ୨୦୨୫ ଖରିଫ ଋତୁରେ ଡ଼ିଜିଟାଲ ଫସଲ ସର୍ବେକ୍ଷଣ ସମ୍ପାଦନ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଥିବା କୃଷକ ସାଥୀଙ୍କୁ ନେଇ ଏହାର କାର୍ଯ୍ୟ ଯୋଜନା ଓ ମାନକ କାର୍ଯ୍ୟ ପ୍ରଣାଳୀ ସଂକ୍ରାନ୍ତ ତାଲିମ ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ସେଠୀଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ବିଟିଏମ୍ ଅରବିନ୍ଦ ସାହୁ, ଏଟିଏମ୍ ନରୋତ୍ତମ ଦାସ, ବିଷ୍ଣୁପ୍ରିୟା ପଣ୍ଡା, କୃଷି ଓଭରସର ରବୀନ୍ଦ୍ରନାଥ ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ରଶ୍ମିରେଖା ସୁବୁଦ୍ଧି, ଦେବୀଲତା ସାମଲ, ଦୀପ୍ତିରେଖା ମଲିକ, ରଶ୍ମିରଞ୍ଜନ ବରିହା, ସ୍ମୃତିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟାଳୟ କର୍ମଚାରୀ ପବିତ୍ର ଦଳାଇ ଓ ରମେଶ ରାଉତ ପରିଚାଳନା କରିଥିଲେ।

## ତିନୋଟି ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



କିଶନନଗର,୨୬।୮ (ସମିସ): କଟକ ସଦର ଅନ୍ତର୍ଗତ କିଶନନଗର ପଞ୍ଚାୟତଠାରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ତିନୋଟି ପ୍ରକଳ୍ପର ଶିଳାନ୍ୟାସ କରିଥିବା ଜଣାପଡ଼ିଛି। ସେଥିମଧ୍ୟରୁ କିଶନନଗର କଲେଜରେ ଇ-ପାଠାଗାର ଓ ବାଳିକା ସାଧାରଣ ପ୍ରକୋଷ୍ଠ, ବାଲିସୁକ୍ରିଠାରେ କିଶନନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପାଠାଗାର ଉନ୍ନତିକରଣ, ସାମନ୍ତରାପୁର ରାମମନ୍ଦିର ଭୋଗ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, ଆମ୍ବ ଅଧ୍ୟକ୍ଷ ରମାପ୍ରସାଦ ବିଶ୍ୱାଳ, କିଶୋରନଗର ମଣ୍ଡଳ ସଭାପତି ଚିତ୍ତ ରଞ୍ଜନ ସାହୁଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

## ବିଲ୍ଡରଙ୍କ ଘେରାବନ୍ଦୀରେ ଚାଷଜମି ଜଳମଗ୍ନ; ଚାଷୀ ହତାଶ



ଫୁଲନଖରା,୨୬।୮ (ସମିସ): ବାରଙ୍ଗ ବ୍ଲକ ୪ନଂ ଜୋନ୍ ଅନ୍ତର୍ଗତ ନଗରୀ, ମହୀଧରପଡା, ଖଣ୍ଡାଗର, ବାଟପୁରଣ, ଦଳବାଡ ଆଦି ଚାଷପ୍ରଧାନ ଗ୍ରାମଗୁଡିକର ଥିବା ଏକର ଏକର ଜମି ଏବେ ଜଳମଗ୍ନ। ନିଜ କ୍ଷେତକୁ ନ ଯାଇ ପାରି ହତାଶ ଭିତରେ ଏବେ ଚାଷୀ। ବିଲ୍ଡରମାନେ ରାସ୍ତାକଡ ଚାଷଜମିକୁ ଘରବାଡି କିସମ୍‌ରେ ପରିବର୍ତ୍ତନ କରି ପାଚେରି କରିଦେବା ଫଳରେ ଚାଷୀମାନେ କୃଷି କାର୍ଯ୍ୟ ପାଇଁ ନିଜ କ୍ଷେତକୁ ଯିବା ଏବେ ଏକପ୍ରକାର ଅସମ୍ଭବ ହୋଇପଡିଛି। ଏହି ଅଞ୍ଚଳରେ ଥିବା ଚାଷଜମିଗୁଡିକରୁ ବର୍ଷାଜଳ ସଫେଇ ବାଟ ଦେଇ ବାଟପୁରଣ ଧନିଆରୂପା ଦେଇ ସହଜରେ ନିଷ୍କାସିତ ହୋଇଯାଉଥିଲା। ଏବେ ବିଲ୍ଡରମାନେ ପଥର ପାଚେରି ନିର୍ମାଣ କରିବା ସହିତ ଗୋଚର ଓ ପାଣି ନିଷ୍କାସନ ନାଳିକୁ ବାଲି ମାଟି ଓ ମାଳମାଳ ବ୍ରିଜ୍ କରିବା ଫଳରେ ଜଳ ନିଷ୍କାସନ ପଥ ସଂକୁଚିତ ହେବାରେ ଲାଗିଛି। ଦୀର୍ଘ ଦିନ ଧରି କ୍ଷେତରେ ପାଣି ଜମି ରହିବା ଫଳରେ ଚାଷ କ୍ଷତିଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ଚାଷୀ ମଧ୍ୟ ଚାଷ କାର୍ଯ୍ୟ ପ୍ରତି ହତାଶ ହେଉଛନ୍ତି। ଚାଷୀମାନେ ଏ ବିଷୟରେ ବାରମ୍ବାର ତହସିଲଦାର, ସବ୍ କଲେକ୍ଟର ମହୋଦୟଙ୍କୁ ଜଣାଇଥିଲେ ମଧ୍ୟ ତାହାର ଅଦ୍ୟାବଧି କୌଣସି ସୁଫଳ ମିଳିପାରି ନାହିଁ। ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ନ କଲେ ଶହ ଶହ ଏକର ଧାନଜମି ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି।

## ମହିଳା ମହାବିଦ୍ୟାଳୟ ସଭାପତିଙ୍କ ପରଲୋକ

କଣ୍ଟାପଡା,୨୬।୮ (ସମିମ): କଣ୍ଟାପଡ଼ା ବ୍ଲକ୍ ଗୋବିନ୍ଦପୁର ମହିଳା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଗୋବିନ୍ଦପୁର ମହାବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ କାଳନ୍ଦୀ ଚରଣ ପାଇକରାୟଙ୍କ



ପତ୍ନୀ ମଞ୍ଜୁଶ୍ରୀ ପାଇକରାୟ (୭୩)ଙ୍କ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ବଡ ପୁଅ ଦେବାଶିଷ ପାଇକରାୟ ମୁଖାଗ୍ନି ପ୍ରଦାନ କରିଥିବାବେଳେ ଶେଷକୃତ୍ୟ କାର୍ଯ୍ୟକ୍ରମରେ ୩ଟି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟାଙ୍କ ଶ୍ରାଦ୍ଧବାର୍ଷିକୀ

କିଶନନଗର,୨୬।୮ (ସମିସ): ୪୬ ନମ୍ବର ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଦିବଙ୍ଗତ ସଂଯୁକ୍ତା ରାଉତଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ତାଙ୍କ ନାମରେ ଗଠିତ ସାମାଜିକ ସଂଗଠନ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କିଶନନଗର ଥାନା ନିଜ ଗ୍ରାମ ସୋଗଲରେ ପାଳିତ ହୋଇଯାଇଛି। ଟ୍ରଷ୍ଟ ରାଜ୍ୟ ସଂଯୋଜକ ଇଂ ସେବକ ଶ୍ରୀକାନ୍ତଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ସଂଯୁକ୍ତାଙ୍କ କନିଷ୍ଠପୁତ୍ର ଯୁବ ସମାଜସେବୀ ସନ୍ତୋଷ ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ। କଟକ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ, ବିଜେପି କଟକ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି, ସାମ୍ବାଦିକ ଅକ୍ଷୟ ଦାସ, ସରସ୍ୱତୀ କଳା ପରିଷଦ କନ୍ଦରପୁର ସମ୍ପାଦକ ନାଟ୍ୟକାର ଆଶୋକ ପଟ୍ଟନାୟକ, ସୀତାରାମ ପଣ୍ଡା, ଲୋକଭାଷାର ସମ୍ପାଦକ ଶୁକଦେବ ପରିଡ଼ା, ଆୟତପୁର ପଞ୍ଚାୟତ ସରପଞ୍ଚ ରାକେଶ ବେହେରା, ଶୁକଦେବ ରାଉତ, ପ୍ରକାଶ ଚନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ, ସୂର୍ଯ୍ୟକାନ୍ତ ରାଉତ, ଚନ୍ଦ୍ରକାନ୍ତ ରାଉତ, ଅସିତ ମହାନ୍ତି, ତାପସ ରଞ୍ଜନ, ରମେଶ ରାଉତ, ତ୍ରିଲୋଚନ ପାତ୍ର, କିଶୋର ମହାନ୍ତି, ସ୍ମୃତି ରଞ୍ଜନ ମହାନ୍ତି, ପ୍ରଦୀପ୍ତ ବସ୍ତିଆ, ବଟକୃଷ୍ଣ ମହାନ୍ତି, ବୋହୂ ସୋନାଲି ପୁହାଣ, ପଦ୍ମିନୀ ରାଉତ, ନାତି ସୌଭାଗ୍ୟ, ନାତୁଣୀ ସଂପୂର୍ଣ୍ଣା, ସ୍ୱାମୀ ବରିଷ୍ଠ ସମାଜସେବୀ ବଲ୍ଲଭ ରାଉତ, ଆତ୍ମୀୟସ୍ୱଜନ ଯୋଗଦାନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ଉଲ୍ଲେଖନୀୟ ସଫଳତା ନେଇ ବହୁ ପ୍ରତିଭାଧରଙ୍କୁ ସଂଯୁକ୍ତା ଦେବୀ ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ ସହ ଚାରା ବଣ୍ଟନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଇଂ ବସନ୍ତ ରାଉତ ଧନ୍ୟବାଦ ଦେଇଥିଲେ।



## ଆହତ ବୃଦ୍ଧାଙ୍କୁ ସେବା ଯୋଗାଇଲେ ପୌରାଧକ୍ଷା

ଚୌଦ୍ୱାର,୨୬।୮ (ସମିସ): ରାସ୍ତାରେ ପଡ଼ି ଗୁରୁତର ଆହତ ଜଣେ ୮୬ ବର୍ଷିୟା ବୃଦ୍ଧାଙ୍କୁ ଚୌଦ୍ୱାର ପୌରାଧକ୍ଷା ଉଦ୍ଧାର କରି ଚିକିତ୍ସା ଯୋଗାଇବା ସହିତ ତାଙ୍କୁ ତାଙ୍କ ଘରେ ଛାଡ଼ିଛନ୍ତି। ଚୌଦ୍ୱାର ପୌରପାଳିକା ଅଧୀନ ଗୌସ ନଗର ବାସିନ୍ଦା କମନାରାଣୀ ଗୁହା ଏକୁଟିଆ ପୁରୀ ଯାଇ ଜଗନ୍ନାଥ ଦର୍ଶନ ସାରି ନିଜ ଘରକୁ ଫେରୁଥିବା ବେଳେ ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖ ରାସ୍ତାରେ ହଠାତ୍ ପଡ଼ିଯାଇ ଆହତ ହେବା ସହିତ ଚେତାଶୂନ୍ୟ ହୋଇଯାଇଥିଲେ। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଏହା ଦେଖି ତାଙ୍କୁ ରାସ୍ତାରୁ ଉଠାଇ ନିକଟସ୍ଥ ମେଡ଼ିକାଲରେ ଚିକିତ୍ସା କରାଇବା ସହିତ ତାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ଇଦ୍-ମିଲାଦୁନ-ନବି ପ୍ରସ୍ତୁତି ବୈଠକ



କିଶନନଗର,୨୬।୮ (ସମିସ): କଟକ ସଦର ଅନ୍ତର୍ଗତ ତଥା କିଶନନଗର ଥାନା ଅଞ୍ଚଳରେ ଆସନ୍ତା ମାସ ୫ ତାରିଖରେ ମହମ୍ମଦଙ୍କ ଜନ୍ମ ଦିବସରେ ହେବାକୁ ଥିବା ମୁସଲମାନମାନଙ୍କ ପବିତ୍ର ଭାଇଚାରାର ପର୍ବ ଇଦ୍-ମିଲାଦୁନ୍-ନବି କାର୍ଯ୍ୟକ୍ରମକୁ ସୁଚାରୁରୂପେ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ସୋମବାର ରାତିରେ କିଶନନଗର ଥାନାରେ ଥାନା ଅଧିକାରିଣୀ ଦୁର୍ଗେଶନନ୍ଦିନୀ ମହାନ୍ତିଙ୍କ ପୌରହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୁସ୍ତମ ମହମ୍ମଦ, ଅବଦୁଲ ୱାହିଦ ଖାଁ, ଆଜାଦ୍ ଅଲ୍ଲୀ ଖାଁ, ସେକ୍ ଇଲିଆସ୍ ଅଲ୍ଲୀ, ଲିୟାକତ୍ ଅଲ୍ଲୀ ଖାଁ, ସରାଫତ୍ ଅଲ୍ଲୀ ଖାଁ, କୌଶର ଅଲ୍ଲୀ, ଫିରଦୋଷ ହୁସେନ, ଆସିଫ୍ ଅଲ୍ଲୀ ଖାଁ, ସଫିକ୍ ଅହମ୍ମଦ, ସୟଦ ନୁର ଅଲ୍ଲୀ, ସିରାଜ ବେଗ୍, ହାଫିଜ୍ ଉଦ୍ଦିନ ଖାଁ, ଅବଦୁଲ ବୁରହାନ ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବ୍ରାହ୍ମଣଝରିଲୋ କଲେଜରେ ନବାଗତଙ୍କୁ ସ୍ୱାଗତ

ଫୁଲନଖରା,୨୬।୮ (ସମିସ): ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟର ଇତିହାସ ବିଭାଗରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଶକୁନ୍ତଳା ସାମଲ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ତଥା ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ବଂଶୀଧର ଦାଶ କାର୍ଯ୍ୟକ୍ରମକୁ ପୌରହିତ୍ୟ କରୁଥିବା ବେଳେ ଅନ୍ୟାନ୍ୟ ଅଧ୍ୟାପକ-ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ନବାଗତଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା। ଛାତ୍ରୀ ସୁଭଦ୍ରା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।



## ତମାଖୁମୁକ୍ତି ସଚେତନତା କାର୍ଯ୍ୟକ୍ରମ



ଚୌଦ୍ୱାର,୨୬।୮ (ସମିସ): ଚୌଦ୍ୱାର ମହାବିଦ୍ୟାଳୟରେ ତମାଖୁ ମୁକ୍ତ ପରିବେଶ ଓ ତମାଖୁ ବର୍ଜନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ରଶ୍ମି ରାଉତରାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଟବାକୋ ସେଲ୍ ସଂଯୋଜିକା ଡ. ନିରୂପମା ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ବନିତା ସ୍ୱାଇଁ, ଡ. ଅନୁପମା ତ୍ରିପାଠୀ, ହରପ୍ରିୟା ମହାପାତ୍ର, ସ୍ୱର୍ଣ୍ଣପ୍ରଭା ରାଉତ, ଶିଳ୍ପାଶ୍ରୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ବହୁ ଛାତ୍ରଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡ. ଦୀପକ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି,୨୬।୮ (ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ଗ୍ରାମର ଶରତ ଚନ୍ଦ୍ର ଜେନାଙ୍କ ପୁତ୍ର ମୃତ୍ୟୁଞ୍ଜୟ ଜେନା (୨୪) ରବିବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶବ ଦାହ କରାଯାଇଥିଲା। ଭାଇ ଜନ୍ମେଜୟ ଜେନା ମୁଖାଗ୍ନି ଦେଇଥିଲେ।

# ବର୍ଷେହେବ ଖୋଲିନି ରାଜୀବ ଗାନ୍ଧୀ ସେବାକେନ୍ଦ୍ର

ନିଶ୍ଚିନ୍ତକୋଇଲି,୨୬।୮ (ସମିସ):



ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଥିବା ଜିଗ୍ନୀପୁର ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଅନ୍ୟୁନ ୮ ବର୍ଷ ହେବ ଖୋଲି ନ ଥିବା ଜଣାଯାଇଛି। ଗତ ସାଧାରଣ ନିର୍ବାଚନରେ ରାଜ୍ୟରେ ସରକାର ବଦଳି ଯିବା ପରେ ପଞ୍ଚାୟତର ଜନପ୍ରତିନିଧି ଏହି ରାଜୀବ

### ଗଛଲତା ମାଡ଼ି ଭୂତକୋଠି ହେଲାଣି

ଗାନ୍ଧୀ ସେବାକେନ୍ଦ୍ରକୁ ପ୍ରାୟ ବ୍ୟବହାର କରୁ ନ ଥିବା ଦେଖାଯାଇଛି। ଦୀର୍ଘଦିନ ହେବ ଏହି ସେବା କେନ୍ଦ୍ର କାର୍ଯ୍ୟାଳୟ ଖୋଲା ନ ଯିବାରୁ ଏହା ପରିସରରେ ବିଭିନ୍ନ ଅନାବନା ଗଛଲତା ଉଠି ଏହାର ଚର୍ତୁପାଶ୍ୱର୍କୁ କବଳିତ କରିସାରିଲାଣି। ବର୍ତ୍ତମାନ ଏହି କାର୍ଯ୍ୟାଳୟଟି ଏକ ପ୍ରକାର ଭୂତକୋଠିରେ ପରିଣତ ହେଲାଣି। ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପଞ୍ଚାୟତରେ ଗରିବ ଓ ମୂଲିଆ ଶ୍ରେଣୀର ଲୋକମାନଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦେବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ କରାଯାଇଥିଲା। ଜବକାଡର୍‌ଧାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରିବା, ସେମାନଙ୍କର ମଜୁରୀ ପ୍ରଦାନ ପାଇଁ ବିଭିନ୍ନ କାଗଜପତ୍ର କରିବା, ପଞ୍ଚାୟତରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକ୍ରମ କରାଯିବ ତାହାର ସୂଚନା ବ୍ଲକ କାର୍ଯ୍ୟାଳୟକୁ ଜଣାଇବା ଆଦି କାର୍ଯ୍ୟକ୍ରମ ଏହି ସେବା କେନ୍ଦ୍ରରେ କରାଯାଇଥାଏ। ଏହି କାର୍ଯ୍ୟକ୍ରମ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଜଣେ ଲେଖାଏଁ ଜିଆରଏସ ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କୁ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଏହି ଜିଆରଏସଙ୍କୁ ଏଡ଼ିଇଓ ଭାବେ ପଦୋନ୍ନତି ଦିଆଯାଇଛି। ଯାହାଦ୍ୱାରା ବର୍ତ୍ତମାନ ପଞ୍ଚାୟତରେ ଜିଆରଏସ ପଦ ଖାଲି ରହିଛି। ଏହି ପ୍ରରିପେକ୍ଷୀରେ ବର୍ତ୍ତମାନ ଜିଗ୍ନୀପୁର ପଞ୍ଚାୟତରେ ଉକ୍ତ ସେବା କେନ୍ଦ୍ରରେ କୌଣସି କାର୍ଯ୍ୟକ୍ରମ ହେଉ ନାହିଁ। ଫଳରେ ଜବକାଡର୍‌ଧାରୀଙ୍କୁ କାମ କରିବାରୁ ବଞ୍ଚିତ ହେଉଛନ୍ତି। ପଞ୍ଚାୟତ ପକ୍ଷରୁ ପିଇଓ କିମ୍ବା ପଞ୍ଚାୟତ ପ୍ରତିନିଧିମାନେ ଏହି ସେବା କେନ୍ଦ୍ରକୁ ଆସୁ ନ ଥିବାରୁ ଏହା ଖୋଲାଯାଉ ନାହିଁ। ଏହାଛଡ଼ା ଏହି ସେବା କେନ୍ଦ୍ରରେ ସରକାରଙ୍କ ପକ୍ଷରୁ ଗ୍ରାମପଞ୍ଚାୟତସ୍ତରରେ ବ୍ୟାଙ୍କ୍ ସେବା ଯୋଗାଇଦେବା ପାଇଁ ସିଏସପି ପ୍ଲସ ଆମ ବ୍ୟାଙ୍କ୍ ଖୋଲାଯାଇଥିଲା। କାର୍ଯ୍ୟାଳୟ ଖୋଲା ନ ଯିବାରୁ ଏଠାରେ ଆମ ବ୍ୟାଙ୍କ କାର୍ଯ୍ୟକ୍ରମ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳୁଛି। ନୂତନ ସରକାର ଆସିବା ପରେ କଣ ପାଇଁ ଏହି କାର୍ଯ୍ୟାଳୟ ଖୋଲୁନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ତୁରନ୍ତ ଉକ୍ତ କାର୍ଯ୍ୟାଳୟ ପରିସରରେ ହୋଇଥିବା ଗଛଲତା ଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ଏହାକୁ ଖୋଲିବା ଏବଂ ଏଥିରେ ଚାଲିଥିବା ଆମ ବ୍ୟାଙ୍କ ସେବା ଲୋକମାନଙ୍କୁ ଯୋଗାଇଦେବା ନିମନ୍ତେ ପଞ୍ଚାୟତବାସୀ ଦାବି କରିଛନ୍ତି।

# ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ



ବସ୍ତା ବ୍ଲକ, ୨୬।୮ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପତ୍ରପଡ଼ା ପଞ୍ଚାୟତର ବଡ଼ କଜାର ଗ୍ରାମରେ ନିର୍ମାଣ ହେଉଥିବା ମିଲ ସକିଲ ଘରଠାରୁ ଆରଡ଼ି ରୋଡ଼କୁ ସଂଯୋଗ କରୁଥିବା ରାସ୍ତାର ଅଟକଳ ମୂଲ୍ୟ ୩ ଲକ୍ଷ ୭୦ ହଜାର ୪୧୫ ଟଙ୍କା ରହିଛି। ମାତ୍ର କଂକ୍ରିଟ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ ନେଇ ଗ୍ରାମବାସୀ ବସ୍ତା ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ନିର୍ମାଣ ହେଉଥିବା ରାସ୍ତା ପାର ପାଠକୁ ସଂଯୋଗ କରୁଥିବାରୁ ପର୍ବ ପର୍ବାଣୀରେ ଶହ ଶହ ଲୋକ ଓ ଗାଡ଼ି ମୋଟର ଯାତାୟାତ କରିଥାନ୍ତି। ଏହି ରାସ୍ତା କାମ ନିମ୍ନମାନର ହେଉଥିବା ଦେଖି ଲୋକେ ବସ୍ତା ବ୍ଲକ ଯନ୍ତ୍ରୀଙ୍କୁ ଅଭିଯୋଗ କରିବାରୁ ତାଙ୍କ ବିନା ଅନୁମତିରେ ଏହି କାର୍ଯ୍ୟ ହେଉଥିବା ସେ କହିବା ସହିତ ତୁରନ୍ତ କାର୍ଯ୍ୟବନ୍ଦ ପାଇଁ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରପଞ୍ଚ ଏହାକୁ ବେଖାତିର କରି ସରକାରୀ ନିୟମ ଓ ଏଷ୍ଟିମେଣ୍ଟକୁ ନମାନି କାର୍ଯ୍ୟ କରିବାରୁ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ଯାହା ଫଳରେ ଗ୍ରାମବାସୀ ବିଡ଼ିଓଙ୍କୁ ଅଭିଯୋଗ କରି ଭଲ କାମ କରିବାକୁ ଦାବି କରିଥିଲେ। ଗ୍ରାମର ଏସ କେ ନୀୟାଜ କାଦ୍ରି, ବାବୁଲାଲ ଖାନ, ଶେଖ ମୁସ୍ତାକ, ସେ କେ ସିରାଜୁଦିନଙ୍କ ସମେତ ଶତାଧିକ ଗ୍ରାମବାସୀ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

# ଦୀର୍ଘଦିନର ଦାବି ପୂରଣ ପରେ ବି ନିରାଶ

ବସ୍ତା ବ୍ଲକ, ୨୬।୮ (ସମିସ)

**ବସ୍ତାରେ ଯୋଗ ନଗରୀ- ଋଷିକେଶ- ପୁରୀ ଏକ୍ସପ୍ରେସ ରହଣି ବିଜ୍ଞପ୍ତି ପ୍ରକାଶ**

**ଝୁଲିଲା ଇଷ୍ଟକୋଷ୍ଟ ରହଣି**

ଦୀର୍ଘ ଦିନର ଦାବି, ଆନ୍ଦୋଳନ, ରେଳବାଇ ଅଧିକାରୀଙ୍କୁ ଦାବିପତ୍ର, ସାଂସଦଙ୍କ ଠାରେ ଦାବି, ରେଳମନ୍ତ୍ରୀଙ୍କୁ ଦାବି ଏହି ପରି ଅନେକ ଦାବି ପରେ ରେଳବାଇ ବସ୍ତା ପାଇଁ ଏକ ଖୁସି ଖବର ଆଣି ଦେଇଛି। ଦୀର୍ଘ ଦିନର ବ୍ୟବଧାନ ପରେ ବସ୍ତା ଷ୍ଟେସନରେ ପୂର୍ବରୁ ବର୍ଷ ବର୍ଷ ଧରି ରହଣି କରୁଥିବା କଳିଙ୍ଗ ଉତ୍କଳ ଏକ୍ସପ୍ରେସକୁ କରୋନା ସମୟରେ ବନ୍ଦ କରାଯାଇଥିଲା। ସ୍ଥିତି ସ୍ୱାଭାବିକ ପରେ ଏହି ଏକ୍ସପ୍ରେସ ଚଳାଚଳ ଆରମ୍ଭ କରିଥିଲେ ମଧ ବସ୍ତା ଷ୍ଟେସନ ରହଣୀକୁ ରେଳବାଇ ବାତିଲ କରିଥିଲା। ଅନେକ ଦାବି ଓ ଆନ୍ଦୋଳନ ପରେ ଆସନ୍ତା ୩୧ ଓ ୧ ତାରିଖରେ ବସ୍ତାରେ ଟ୍ରେନ ନମ୍ବର ୧୮୪୭୮ ଓ ୧୮୪୭୭ ଉତ୍କଳ ନାମ ପରିବର୍ତ୍ତେ ଯୋଗରାଜ - ଋଷିକେଶ - ପୁରୀ ନାମ ନେଇ ଚାଲୁଥିବା ଏକ୍ସପ୍ରେସ ବସ୍ତାରେ ରହଣି କରିବା ନେଇ ବିଜ୍ଞପ୍ତି ପ୍ରକାଶ ପରେ ବସ୍ତା ବାସୀଙ୍କ ମଧ୍ୟରେ ଖୁସି ଆଣି ଦେଇଥିବା ବେଳେ ଏହି ଖୁସି ଭିତରେ ପୁଣି ନୈରାଶ୍ୟ ଭାବ ଆଣି ଦେଇଛି। ନୂଆ ଏକ୍ସପ୍ରେସ ଟ୍ରେନ ତ ଦୂରର କଥା ନିଜର ହକ କରୋନା ପୂର୍ବରୁ ବସ୍ତାରେ ରହଣି କରୁଥିବା ଇଷ୍ଟକୋଷ୍ଟ ଏକ୍ସପ୍ରେସକୁ ପୁନଃ ରହଣି ପାଇଁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ। ଯାହାକୁ ନେଇ ଖୁସି ମଧ୍ୟରେ ପୁଣି ନୈରାଶ୍ୟଭାବ ଆଣି ଦେଇଥିବା ଯାତ୍ରୀ ମହଲରେ ଦେଖିବାକୁ ମିଳିଛି। ସେହିପରି ରୂପସା ଜଙ୍କସନ୍‌ରେ ରେଳବାଇର ଅଜବ ନିୟମରେ ଜଗନ୍ନାଥ ଏକ୍ସପ୍ରେସ ରହଣି କରୁଥିଲା। ସଲିମାରରୁ ପୁରୀ ଯିବା ସମୟରେ ରୂପସା ଷ୍ଟେସନରେ ରହଣି କରୁଥିବା ବେଳେ ପୁରୀରୁ ଫେରୁଥିବା ବେଳେ ରହଣି କରୁ ନଥିଲା। ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ବାରମ୍ବାର ଦାବି ପରେ ୧ ତାରିଖଠାରୁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ଅପ୍ ଓ ଡାଉନ୍‌ରେ ରହଣି କରିବା ନେଇ ରେଳବାଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଯାହାକୁ ନେଇ ରୂପସା ଅଞ୍ଚଳବାସୀ ଓ ଏହି ଷ୍ଟେସନ ଉପରେ ନିର୍ଭର କରୁଥିବା ଯାତ୍ରୀମାନଙ୍କ ମଧ୍ୟରେ ଖୁସୀ ଭରି ଦେଇଛି।

# ଏନ୍‌ଏସି ଦାବିରେ ୨୮ ରୁ ଦସ୍ତଖତ ଅଭିଯାନ

କାଳିପଦା, ୨୬।୮ (ସମିସ): ବାଲିଆପାଳକୁ ଏନଏସି ମାନ୍ୟତା ଦାବିରେ ଆଗାମୀ ୨୮ ତାରିଖଠାରୁ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ଦସ୍ତଖତ ଅଭିଯାନ ଆରମ୍ଭ ହେବ। ବାଲିଆପାଳ ଏନଏସି ଘୋଷଣା ନ ହେଲା ପର୍ଯ୍ୟନ୍ତ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ଚୁପ ବସିବନି ବୋଲି ପ୍ରଶାସନକୁ ଆଜି ଚେତାବନୀ ଦେଇଛନ୍ତି ମଞ୍ଚର ଆବାହକ ସତ୍ୟକାମ ମହାନ୍ତି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ପ୍ରସ୍ତାବିତ ବିଜ୍ଞାପିତ ପରିଷଦ ଅଞ୍ଚଳର ୯୦ ପ୍ରତିଶତ ଲୋକଙ୍କ ଏନଏସି ସମର୍ଥନରେ ସ୍ୱାକ୍ଷରନାମା ଦାଖଲ କରିବା ନେଇ ସେ ମଧ ଘୋଷଣା କରିଛନ୍ତି। ଦଳ ମତ ନିର୍ବିଶେଷରେ ସମସ୍ତଙ୍କୁ ସହଯୋଗ କରିବାକୁ ସେ ମଧ ନିବେଦନ ରଖିଛନ୍ତି। ସୂଚନା ଥାଉକି ଏନଏସି ପାଇଁ ବାଲିଆପାଳର ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ସରକାର ପ୍ରକାଶିତ ତାଲିକାରୁ ଏହାକୁ ବାଦ ଦେଇଛନ୍ତି। ଗତ ବିଜେଡି ସରକାର ବିଳମ୍ବରେ ହେଲେ ମଧ ବାଲିଆପାଳକୁ ଏନଏସି ଘୋଷଣା କରିଥିଲେ।

# ରାଜ୍ୟ କରାଟେ ପ୍ରତିଯୋଗିତାରେ ଲିପ୍ସାଙ୍କୁ ସଫଳତା

ବସ୍ତା ବ୍ଲକ, ୨୬।୮ (ସମିସ): ବାଲେଶ୍ୱର ଜିଲ୍ଲା ଇଣ୍ଡୋର୍ ଷ୍ଟାଡିୟମ୍‌ରେ ୧୯ ତମ



ଡବ୍ଲୁଟିଏସକେଏଫ୍ ଓଡ଼ିଶା ରାଜ୍ୟ କରାଟେ ପ୍ରତିଯୋଗିତା-୨୦୨୫ରେ ବସ୍ତା ଶମ୍ଭୁନାଥ ସରକାରୀ ହାଇସ୍କୁଲର ଛାତ୍ରୀ ଲିପ୍ସା ଜ୍ୟୋତି ବେହେରାଙ୍କୁ ସଫଳତା ମିଳିଛି। ଚଳିତ ମାସ ୨୩ ଓ ୨୪ ତାରିଖ ଦୁଇ ଦିନ ବ୍ୟାପି ଚାଲିଥିବା ଏହି ପ୍ରତିଯୋଗିତାର ଜୁନିଅର ଗ୍ରୁପ ମହିଳା ବିଭାଗରେ ୧୩ ବର୍ଷ ବର୍ଗର କତାର ଓ କୁମୁଟେରେ ଜଏଣ୍ଟ ଥାର୍ଡ ଭାବେ ବିଜେତା ହୋଇଛନ୍ତି। ବିଜେତା ଲିପ୍ସା ଜ୍ୟୋତି ବସ୍ତା ବ୍ଲକ ବାରମାଡ଼ିଆ ଗ୍ରାମର କମଳାକାନ୍ତ ବେହେରାଙ୍କ କନ୍ୟା ହୋଇ ଥିବା ବେଳେ ସେ ବସ୍ତା ଶମ୍ଭୁନାଥ ହାଇସ୍କୁଲରେ ସପ୍ତମ ଶ୍ରେଣୀର ଛାତ୍ରୀ ଅଟନ୍ତି। ବିଜେତା ଛାତ୍ରୀଙ୍କ କୋଚ ତଥା ଟ୍ରେନର ମନୋରଞ୍ଜନ ଆଚାର୍ଯ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଲିପ୍ସା ଜ୍ୟୋତି ଜାତୀୟ ସ୍ତରରେ ବିଜେତା ହେବାର ଆଶା ରଖିଥିବା ପ୍ରକାଶ କରିଛନ୍ତି। ତାଙ୍କ ସଫଳତା ନେଇ ବସ୍ତା ଅଞ୍ଚଳବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗରିମା ଯୋଜନାରେ ସଚେତନତା କାର୍ଯ୍ୟକ୍ରମ



ଜଳେଶ୍ୱର/ ଜଳେଶ୍ୱର ବ୍ଲକ ,୨୬।୮ (ସମିସ) : ଜଳେଶ୍ୱର ସହରରେ ପରିମଳ ବ୍ୟବସ୍ଥା, ବ୍ୟକ୍ତିଗତ ସୁରକ୍ଷା, ସମ୍ମାନ, ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ମ୍ୟୁନିସିପାଲିଟି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗରିମା ଯୋଜନା ଅଧୀନରେ 'ଆଇନଗତ ସଫେଇ ସୁରକ୍ଷିତ ସଫେଇ' ଶୀର୍ଷକ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ ଆରମ୍ଭ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ପୌରପାଳିକାର ଏକ ସ୍ୱଚ୍ଛ ବାହନ ୧୭ଟି ୱାର୍ଡରେ ପରିକ୍ରମା କରି ସହରକୁ ସଫାସୁତୁରା ଓ ପରିଷ୍କାର ରଖିବାର ସନ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପାଞ୍ଚ ଦିନ ଧରି ହେବାକୁ ଥିବା ଉକ୍ତ ଅଭିଯାନରେ ପୌର ସଂସ୍ଥା ଦ୍ୱାରା ପାଇଖାନା ଟାଙ୍କି ଗୁଡିକର ସଫେଇ, ସଫେଇବେଳେ ଆବଶ୍ୟକୀୟ ସୁରକ୍ଷା ଉପକରଣର ବ୍ୟବହାର, ସଫେଇ କର୍ମଚାରୀଙ୍କ ପାଇଁ ଥିବା ଆବଶ୍ୟକୀୟ ଆଇନଗତ ବ୍ୟବସ୍ଥା ଉପରେ ଜନ ସଚେତନତା ସୃଷ୍ଟି କରାଯିବ ଏହାର ଲକ୍ଷ୍ୟ ବୋଲି କୁହାଯାଇଛି। ସମ୍ପ୍ରତି ସହରରେ ସ୍ୱଚ୍ଛତା ଓ ପରିମଳ ସ୍ଥିତି ସମ୍ପର୍କରେ ସହରବାସୀଙ୍କୁ ଉତ୍କୃଷ୍ଟ ମାନର ସ୍ୱଚ୍ଛତା ଓ ପରିମଳ ସେବା ପ୍ରଦାନ ପାଇଁ ଜନସଚେତନତା ସୃଷ୍ଟି କରାଯାଉଛି। ସମସ୍ତ ୱାର୍ଡରେ ସବୁଜ ବନାନୀ ସୃଷ୍ଟି ପାଇଁ "ସବୁଜ ୱାର୍ଡ' ଅଭିଯାନକୁ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂହ ଓ ପୌରାଅଧ୍ୟକ୍ଷ ପ୍ରଦୀପ୍ କୁମାର ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ପତି, ବ୍ରଜ ଗୋପାଳ ଘୋଷ, ସୁଶିଲ ମୁର୍ମୁ, ଧରିତ୍ରୀ ସିଂ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସୋର ଫୁଟବଲ ଆସୋସିଏସନ୍‌ର କର୍ମକର୍ତ୍ତା ଚୟନ




ସୋର, ୨୬।୮ (ସମିସ): ସୋର ସାଇ କଲ୍ୟାଣ ମଣ୍ଡପଠାରେ ଅଶୋକ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ସୋର ଫୁଟବଲ ଆସୋସିଏସନ୍‌ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୋର ଅଞ୍ଚଳ ଜିଲା ଓ ରାଜ୍ୟସ୍ତରରେ ଫୁଟ୍‌ବଲ ଖେଳକୁ ଅଧିକ ପ୍ରସାରିତ କରିବା ପାଇଁ ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଏହି ଉଦ୍ଦେଶ୍ୟରେ ଆସନ୍ତା ଡିସେମ୍ବର ୩ ତାରିଖଠାରୁ ୭ ତାରିଖ ପର୍ଯ୍ୟନ୍ତ ୟୁଏନ୍ କଲେଜ ପଡ଼ିଆରେ ହେବାକୁ ଯାଉଥିବା ଆନ୍ତରାଜ୍ୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବା ସଂପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। ଏହାର ସୁପରିଚାଳନା ନିମେନ୍ତେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଅଶୋକ ମହାନ୍ତି, ଉପସଭାପତି ଭାବେ ସୀତାକାନ୍ତ ନାୟକ, ବଙ୍କେଶ ବେହେରା ଓ ରାଜେନ୍ଦ୍ର ମହାନ୍ତି, ସଂପାଦକ ଭାବେ ସୌମ୍ୟଶାନ୍ତ ଅମୃତ ପଟ୍ଟନାୟକ, ସଂଗଠନ ସଂପାଦକ-ମହେଶ୍ୱର ବେହେରା, ସହ ସଂପାଦକ ଭାବେ ସେକ୍ ଖାଲିଦ ହୁସେନ୍ ଏବଂ ଅବଦୁଲ ଉଦୁଦ ଖାନ୍ ଏବଂ କୋଷାଧକ୍ଷ ଭାବେ ମାନସ ରଂଜନ ପଣ୍ଡା ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ସେକ୍ ରହେମାନ, କୈଳାସ ନାୟକ, ମନୋଜ ରାୟ, ମାଧବ ରଣା, ପ୍ରଫୁଲ୍ଲ ବେହେରା, ଓଙ୍କାର ପଣ୍ଡା, ସେକ୍ ମୟୂରଉଦ୍ଦିନ, ଅମରେନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ଦାସ, ତୋଫାନ୍ ପଟ୍ଟନାୟକ ଓ ବିଶ୍ୱରଂଜନ ମହାନ୍ତି ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଦିଲ୍ଲୀପ କୁମାର ମହାନ୍ତି(ବାଲକ) ଓ ମହେଶ୍ୱର ପତି ପରିଚାଳନା କରିବାକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସେକ ରହେମାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଲେଇ ପ୍ରଡକ୍ସନ ୟୁନିଟ୍ ସହ ନୂତନ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ




ନୀଳଗିରି, ୨୬।୮ (ସମିସ): ନୀଳଗିରି ନିର୍ବାଚନ ମଣ୍ଡଳୀର ଧୋବଶିଳା ଗ୍ରାମ ପଞ୍ଚାୟତ ପରିସରରେ ଏକ ନୂତନ କଲ୍ୟାଣ ମଣ୍ଡପର ଶୁଭ ଉଦଘାଟନ ହେବା ସହ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଶତାଧିକ ମହିଳାଙ୍କୁ ଶତାଧିକ ସିଲାଇ ମେସିନ ପ୍ରଦାନ କରାଯାଇ ପ୍ରଶିକ୍ଷିତ କରାଯାଇଥିଲା। ସେହି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବା ପାଇଁ ଆଜି ଏକ ସିଲେଇ ପ୍ରଡ଼କ୍ସନ ୟୁନିଟର ଶୁଭ ଉଦଘାଟନ ହୋଇଅଛି। ଏହି ଶୁଭ ଉଦଘାଟନ ଉତ୍ସବରେ ଉଦଘାଟକ ତଥା ମୁଖ୍ୟଅତିଥି ଭାବେ ସାଂସଦ ଶ୍ରୀ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ନୀଳଗିରି ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ବ୍ଲକ ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ଜିଲ୍ଲା ପରିଷଦ ତିନି ସଭ୍ୟା ଉଷାରାଣୀ ରାଉଳ, ରଞ୍ଜିତା ସିଂ, ସୁବର୍ଣ୍ଣ ମଞ୍ଜରୀ ସିଂ, ଧୋବଶିଳା ସରପଞ୍ଚ ଦିଲ୍ଲୀପ ସିଂ, ସମିତି ସଭ୍ୟ ପାଗୁଲୁ ସିଂ ଉପସ୍ଥିତ ରହିଥିଲେ। ଏହି ନବ ନିର୍ମିତ କଲ୍ୟାଣ ମଣ୍ଡପରେ ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବା ପାଇଁ ସୁମେଣ୍ଟର ପ୍ରୋ ସଂସ୍ଥା ଦ୍ୱାରା ୫୦ଟି ଅତ୍ୟାଧୁନିକ ସିଲେଇ ମେସିନ ପ୍ରଦାନ କରାଯାଇଛି। ଏଠାରେ ମହିଳାମାନେ ବିଭିନ୍ନ ପ୍ରକାର ବସ୍ତ୍ର ତିଆରି କରି ବାହାର ପ୍ରଦେଶର ବଜାରକୁ ସୁମେଣ୍ଟର ପ୍ରୋ ସଂସ୍ଥା ଦ୍ୱାରା ବିକ୍ରୟ କରିପାରିବେ। କାର୍ଯ୍ୟକ୍ରମରେ ନିବେଦିତା ପଣ୍ଡା, ଅନିତା ନାୟକ, ବାଣିଶ୍ରୀ ବେହେରା ସିଲେଇ ପ୍ରଶିକ୍ଷଣ ଦ୍ୱାରା ସେମାନେ କିଭଳି ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ ହୋଇ ପାରିଛନ୍ତି ନିଜର ଅନୁଭୂତିକୁ ବର୍ଣ୍ଣନା କରିଥିଲେ।

# ଉତ୍କଳ ମହିଳା ସମିତି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ନୀଳଗିରି, ୨୬।୮ (ସମିସ): ଉତ୍କଳ ମହିଳା ସମିତି ନୀଳଗିରି ଶାଖା ତରଫରୁ ଗାୟତ୍ରୀ ପଣ୍ଡାଙ୍କ ନେତୃତ୍ୱରେ ବାସନ୍ତୀ ନାୟକ, ଅରୁଣା ବାରିକ, ଗୀତାଞ୍ଜଳି ଦେଉରି, ବେଦମତି ଦାସ, ସୁବାସିନୀ ବେଜ ଏବଂ ଅନ୍ନପୂର୍ଣ୍ଣା ବେଜ ପ୍ରମୁଖ ମହିଳା ସାଥି ମାନେ ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସରେ ଦାବିପତ୍ର ଦେବା ପାଇଁ ପହଁଞ୍ଚି ଥିବାବେଳେ ଉପଜିଲ୍ଲାପାଳଙ୍କୁ ଅଫିସରେ ନ ପାଇ ଅତିରିକ୍ତ ଉପଜିଲ୍ଲାପାଳଙ୍କଠାରେ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ସମସ୍ତ ସ୍କୁଲମାନଙ୍କରେ ଏମଡିଏମ ମଧ୍ୟାହ୍ନ ଭୋଜନ ଦେବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନର ଜିଲ୍ଲା ଶିକ୍ଷା ଅଧିକାରୀ ସମସ୍ତ ସ୍କୁଲ ମାନଙ୍କୁ ଚିଠି କରିଥିବାବେଳେ ସ୍ୱାଧୀନତା ଦିବସ ଦିନ ଅନେକ ସ୍କୁଲରେ ଏହାର ବ୍ୟତିକ୍ରମ ଦେଖା ଦେଇଥିବା ବେଳେ ଉକ୍ତ ବିଷୟକୁ ନେଇ ବିଭିନ୍ନ ଗଣମାଧ୍ୟମ ପ୍ରମୁଖ ଖବର ପରିବେଷଣ କରିଥିବା ବେଳେ କମିଟି ଏହାର ଆଶୁ ତଦନ୍ତ ଦାବି କରିବା ସହିତ ଔପଦା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତର ସନ୍ତରାଗଡିଆ ସରକାରୀ ନୋଡାଲ ହାଇସ୍କୁଲରେ ହୋଇଥିବା ଏମଡିଏମ ବଣ୍ଟନ ଦୁର୍ନୀତିର ଆଶୁ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଆସନ୍ତା ୧୫ ଦିନ ମଧ୍ୟରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ ଗଣତାନ୍ତ୍ରିକ ଉପାୟରେ ଉକ୍ତ ସ୍କୁଲର ଫାଟକ ଆଗରେ ଉତ୍କଳ ମହିଳା ସମିତିର ସାଥି ମାନେ ସମୂହ ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।

# ବନ୍ୟା ସ୍ଥିତି ଅପରିବର୍ତ୍ତିତ
# ଖରିଫ ଧାନଚାଷ ସମ୍ପୂର୍ଣ୍ଣ ନଷ୍ଟ

କାଳିପଦା, ୨୬।୮ (ସମିସ): ସୁବର୍ଣ୍ଣରେଖାର ବନ୍ୟା ପରିସ୍ଥିତି ଆଜି ବି ଅପରିବର୍ତ୍ତିତ ରହିଛି। ୯ଟି ପଞ୍ଚାୟତର ୪୦ଟି ଗାଁର ଲୋକ ବନ୍ୟା ପାଣି ଘେରରେ ରହିଛନ୍ତି। ଗତକାଲି ଆର ଡି ସି, ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡ଼ିଓ, ତହସିଲଦାର ପ୍ରମୁଖ ପୱାର ବୋଟ ଯୋଗେ



ପାଣି ଘେରରେ ଥିବା ଲୋକଙ୍କୁ ଭେଟିଥିଲେ। ସହାୟତା ପାଇଁ ସରକାରଙ୍କୁ ଏକ ରିପୋର୍ଟ ଦେବେ ବୋଲି କହିଥିଲେ। ଏଥରକୁ ମିଶାଇ ସୁବର୍ଣ୍ଣରେଖାରେ ଏହା ହେଉଛି ଷଷ୍ଠ ବନ୍ୟା। ତେବେ ବନ୍ୟା ଯୋଗୁଁ ଚାଷୀଙ୍କ ଖରିଫ ଧାନ ଚାଷ ସମୂଳେ ନଷ୍ଟ ହୋଇଛି। ବହୁ କଷ୍ଟରେ ଚଢ଼ା ଦରରେ ଧାନ ତଳି କିଣି ଚାଷୀ ରୁଆ ଶେଷ କରିଥିଲେ। ଏଥର ବନ୍ୟା ଚାଷକୁ ସମ୍ପୂର୍ଣ୍ଣ ଭାବେ ଉଜାଡି ଦେଇଛି ବୋଲି ସେମାନେ କହିଛନ୍ତି। ସେମାନଙ୍କୁ କ୍ଷତି ପୂରଣ ମିଳୁ ବୋଲି ଚାଷୀମାନେ ଦୃଢ଼ ଦାବି କରିଛନ୍ତି।

# ଜଳେଶ୍ୱର ଅଞ୍ଚଳରେ ସିରିଜ୍ ଚୋରି

ଜଳେଶ୍ୱର,୨୬।୮ (ସମିସ) : ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ପଞ୍ଚାୟତ ଅନ୍ତର୍ଗତ ଗୋପ ଗ୍ରାମର ସ୍ୱର୍ଗତ ସତ୍ୟନାରାୟଣ ପ୍ରଧାନଙ୍କ ଘରେ କେହି ନଥିବା ବେଳେ ଦିନ ଦ୍ୱିପହରରେ ଗ୍ରିଲ୍ ଭାଙ୍ଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟ୍ ହୋଇଛି। ସନ୍ଧ୍ୟାରେ ଘରକୁ ଆସି ଦେଖିବାରୁ ଆଲମାରି ଭାଙ୍ଗି ନଗଦ ୧୦ ଲକ୍ଷ ଟଙ୍କା ସହ ଅଳଙ୍କାର ଚୋରି ହୋଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି। ସୋମବାର ଭୋର ୪ଟାରୁ ଲିଲିମା ରାଣୀ ପ୍ରଧାନ ସପରିବାରେ ଟ୍ରେନ ଯୋଗେ ଘଟଗାଁ ତାରିଣୀ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ଦିନ ପ୍ରାୟ ଗୋଟାଏ ସମୟରେ ଲିଲିମାଙ୍କ ପଡ଼ୋଶୀ ଲକ୍ଷ୍ମୀପ୍ରିୟା ପ୍ରଧାନ ତାଙ୍କ ଘରକୁ ଦେଖିବାକୁ ଯାଇଥିଲେ ବେଳେ ଲିଲୀମାଙ୍କ ଘର ଫାଟକରେ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଲିଖିତ ଅଭିଯୋଗ ପରେ ପୁଲିସ ଯାଇ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ସେହିପରି ଜଳେଶ୍ୱର ଏନ୍ ଏଚ ୬୦ ଆମ୍ବଳିଅଠା ବାଇପାସ୍ ପାଖରେ ଥିବା ଗୋପାଳ ଚନ୍ଦ୍ର ପରିଡା ଘରର ପରିବାର ସହ ଗୋଆରେ ଅବସ୍ଥାନ କରିଥାନ୍ତି। ସୋମବାର ଦିନ ୧୦ ଘଟିକା ସମୟରେ ଗୋପାଳଙ୍କ ଝିଅ ଦେବୀ ରାଣୀ ମହାନ୍ତି ଓ ଜ୍ୱାଇଁ ସନ୍ଦିପ୍ ମହାନ୍ତି ଘର ଦେଖିବା ବେଳକୁ ଅନୁରୂପ ଭାବେ ଗ୍ରିଲ୍ ଓ ଗଡ୍ରେଜ ଭାଙ୍ଗି ଘରେ ଥିବା ୨ ଟି ସୁନା ଚେନ୍, ୩ ହଳ ସୁନା ପଲା, ୪ଟି ସୁନା ଲକେଟ,୨ଟି ରୁପାର ଗଣେଶ ମୂର୍ତ୍ତି, ଦୁଇଟି ରୂପା ଗ୍ଲାସ୍, ଦୁଇଟି ରୂପା ଚାମୁଚ, ୪ଟି ରୂପା ବାଟି ଓ ଦୁଇଟି ରୂପା ଥାଳି ଚୋରୀ ହୋଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଲିଖିତ ଅଭିଯୋଗ ପରେ ଜଳେଶ୍ୱର ପୁଲିସ ୨ଟି ଲୁଟ୍ ର ତଦନ୍ତ ଆରମ୍ଭ କରିଛି।



ଘରର ସମସ୍ତ କୋଠରୀ ଓ ଆଲମାରି, ବାକ୍ସ ଭାଙ୍ଗି ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଏ ନେଇ ଲିଲିମା ଓ ତାଙ୍କ ଯା ଲକ୍ଷ୍ମୀପ୍ରିୟା ଜଳେଶ୍ୱର ଥାନାରେ ଜଳେଶ୍ୱର ସହରରେ ଦିନ ଦ୍ୱିପହରରେ ଘରର ଗ୍ରିଲ ଓ ଗଡ୍ରେଜ ଭାଙ୍ଗି ନଗଦ ଟଙ୍କା ସହ ସୁନା ଅଳଙ୍କାର ଚୋରି ହେବା ପୁଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି।

# ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ

ବାଲେଶ୍ୱର,୨୬।୮ (ସମିସ): ଜଣେ ଯୁବ ସମାଜସେବୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ ହୋଇଯାଇଥିବା ନେଇ ସାଇବର୍ ଥାନାରେ ଅଭିଯୋଗ ହୋଇଛି। ଏ ବାବଦରେ ଥାନାରେ ଏକ ଲିଖିତ ଅଭିଯୋଗ ଦେଇ ଘଟଣାର ତଦନ୍ତ ପାଇଁ ସେ ନିବେଦନ କରିଛନ୍ତି। ଅଭିଯୋଗ ଅନୁସାରେ, ସହର ସ୍ଥିତ ପୁରୁଣା ବାଲେଶ୍ୱରରେ ରହୁଥିବା ଯୁବ ସମାଜସେବୀ ହ୍ରିତିକ କୁମାର ନାୟକଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରାୟ ୮ ଲକ୍ଷରୁ ଅଧିକ ଟଙ୍କା ଚଳିତ ମାସ ୨୫ ତାରିଖ ସୁଦ୍ଧା ରହିଥିଲା। କିନ୍ତୁ ହଠାତ୍ ବ୍ୟାଙ୍କ ଆକାଉଣ୍ଟ ଦେଖିବା ବେଳକୁ ତାଙ୍କର ମାତ୍ର ୨ ହଜାର ଟଙ୍କା ରହିଛି। ଏତେ ଟଙ୍କା କୁଆଡେ ଗଲା ଏବାବଦରେ ବ୍ୟାଙ୍କ ପାଖରୁ ମଧ ହ୍ରିତିକଙ୍କୁ କୌଣସି ଉତ୍ତର ମିଳିନଥିବା ସେ କହିଛନ୍ତି। ଫଳରେ ହ୍ରିତିକ ବାଲେଶ୍ୱର ସାଇବର୍ ଥାନାରେ ଏ ନେଇ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ସୁମତୀ ସ୍ମୃତି ଦିବସ

ବାଲିଆପାଳ, ୨୬।୮ (ସମିସ): ନିଶାମଣି ସରକାରୀ ଉଚ୍ଚବିଦ୍ୟାଳୟ ପ୍ରତାପପୁରରେ ସୁମତୀ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସ ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ଜେନା, ମୁଖ୍ୟବକ୍ତା ଭାବେ ନାରାୟଣପୁର ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା,ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଳୀପଦ ପ୍ରାଣୀଗ୍ରାହୀ ଏବଂ ତାପୁଣ୍ଡିଆ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିର୍କେତନ ରାଉତ ପ୍ରମୁଖ ଯୋଗ ଦେଇ ଅଭିଭାଷଣ ରଖିଥିଲେ। ଏହି ଅବସରରେ ସୁମତୀ ସ୍ମୃତି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ବସ୍ତି ରାସ୍ତା ପାଲଟିଛି ମରଣଯନ୍ତା



ବାଲେଶ୍ୱର,୨୬।୮ (ସମିସ)

ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ଦୀପ ତଳ ଅନ୍ଧାର ପରି ଜମ୍ବେଶ୍ୱରପୁର ପୂର୍ବପଟ ଜନଜାତି, ଉପଜାତି ସମେତ ସାଧାରଣ ବର୍ଗ ବସ୍ତିକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି। ଜମ୍ବେଶ୍ୱରପୁର ପୂର୍ବପଟ ବସ୍ତିରେ ପ୍ରାୟ ଚାଳିଶ ଘର ଉପଜାତି ଓ ଚାରିରୁ ପାଞ୍ଚଘର ଜନଜାତି ଓ ଶତାଧିକ ସାଧାରଣ ବର୍ଗ ସ୍ଥାୟୀ ବାସିନ୍ଦା। ଗାଁକୁ ପ୍ରବେଶ କରିଥିବା ମୁଖ୍ୟ ପକ୍କା ସଡକ ଲାଇବ୍ରେରୀ ଖାଲଠାରୁ ଭାୟା ହରିସଭା ଗୃହ ଦେଇ ଡାକ୍ତର ପରମାନନ୍ଦ ସେଠୀ ଘର ପର୍ଯ୍ୟନ୍ତ କଚ୍ଚା ରାସ୍ତା ଚଳିତ ବର୍ଷାଋତୁରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏ ବାବଦରେ ସାମାଜିକ କର୍ମୀ ମୋନାଲିସା ସେଠୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। କେବଳ ପ୍ରତିଶ୍ରୁତିରେ ରହିଯାଇଛି। ଫଳରେ ଦିନକୁ ଦିନକୁ ରାସ୍ତା ଅଧିକ ନଷ୍ଟ ହେବାକୁ ଯାଉଛି। ବର୍ଷାଋତୁ ପୂର୍ବରୁ ମୁଠାଏ ମୋରମ ନ ପଡିବା ଦୁଃଖଦ କଥା ବୋଲି ସ୍ଥାନୀୟ ଅଚଳର ମାନବାଧିକାର କର୍ମୀ ସୁଧାକର ସେଠୀ ମତପ୍ରକାଶ କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ପିଲାମାନେ ପାଠ ପଢିବାକୁ ଯିବା ସମ୍ଭବ ହେଉନାହିଁ। କୌଣସି ଅସୁବିଧା ହେଲେ ଜରୁରୀକାଳୀନ ଗାଡି ଆମ୍ବୁଲାନ୍ସ କିମ୍ବା ଦମକଳ ସେହି ରାସ୍ତାରେ ଯିବା ସମ୍ଭବ ହେବ ହେଉନାହିଁ। ଆଶୁ ମରାମତି ନ ହେଲେ ରୋଗୀ ଖଟିଆରେ ବୁହାହେବା ପରିସ୍ଥିତି ହେବ ବୋଲି ସ୍ଥାନୀୟ ଯୁବ ସଂଗଠକ ସାଗର ନାୟକ କହିଛନ୍ତି। ଏ ବାବଦରେ ବିଭାଗୀୟ ଅଧିକାରୀ ତୁରନ୍ତ କୌଣସି ପଦକ୍ଷେପ ସ୍ୱରୂପ ଯାତାୟାତ ପାଇଁ ତୁରନ୍ତ ମୋରମ ପକାଇ ମରାମତି ପରବର୍ତ୍ତୀ ସ୍ଥାୟୀ ସମାଧାନ ପାଇଁ ପକ୍କାରାସ୍ତା ନିର୍ମାଣ ନ କଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ବାସିନ୍ଦା ଅଜୟ ଦାସ, ନିଶାକର ସେଠୀ, ହରେନ୍ଦ୍ର ପ୍ରଧାନ, ଭୂବନ ମୋହନ ଦାସ, ବନପ୍ରଭା ପ୍ରଧାନ, ମଦନ ମୋହନ ଦାସ, ଗୀତାଞ୍ଜଳି ଦାସ, କବିତା ଦାସ, ରଞ୍ଜିତା ଦାସ ,ଲକ୍ଷ୍ମୀ ପ୍ରୀୟା ଦାସ, ରଂଣଜିତ ଦାସ, ତ୍ରିଲୋଚନ ଦାସ, ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଜଣାଇଛନ୍ତି।

### ୧୫ ଦିନରେ ମୋହରିର ସଂଘର ଆନ୍ଦୋଳନ

# ବାଲେଶ୍ୱର ଜିଲ୍ଲାରେ ୩୦କୋଟିର ରାଜସ୍ୱ ହାନୀ

ବାଲେଶ୍ୱର,୨୬।୮ (ସମିସ)



ବାଲେଶ୍ୱର ଜିଲ୍ଲା ସବ୍‌ରେଜିଷ୍ଟ୍ରାରଙ୍କ ମନମୁଖୀ କାର୍ଯ୍ୟଧାରା ବିରୋଧରେ ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ୧୫ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନ ପାଇଁ କୌଣସି ପ୍ରକାର ଜମିଜମା ପଞ୍ଜୀକରଣ ହୋଇପାରୁନଥିବାରୁ ୧୫ ଦିନ ମଧ୍ୟରେ ସରକାରଙ୍କ ପ୍ରାୟ ୩୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହାନୀ ହୋଇଥିବା ଜଣାପଡିଛି। ମୋହରିରଙ୍କ ଅଭିଯୋଗ ଅନୁସାରେ ଜଣେ ଖତିଆନଧାରୀଙ୍କ ମୃତ୍ୟୁ ପରେ ରେଭେନ୍ୟୁ ଅଫିସରଙ୍କଠାରୁ ମିଳିଥିବା ଉତ୍ତରାଧିକାରୀ ପ୍ରମାଣପତ୍ରକୁ ୫ ବର୍ଷ ପରେ ଗ୍ରହଣ ନ କରିବା, ରେଜିଷ୍ଟ୍ରେସନ ଆଇନ ଅନୁସାରେ ଜରୁରିକାଳୀନ ସ୍ଥିତିର ଡୋର ଭିଜିଟ ରେଜିଷ୍ଟ୍ରେସନ ନ କରିବା, ୨/୩ ବର୍ଷ ତଳର ଜାତି ପ୍ରମାଣପତ୍ରକୁ ଗ୍ରହଣ ନ କରିବା, ସରକାରୀ ନିୟମ ଥାଇ ମଧ୍ୟ ଚକବନ୍ଦୀର ଅଂଶିକ ଜମି ବିକ୍ରି ପଞ୍ଜୀକରଣ ନ କରିବା, ଗ୍ରାମାଂଚଳ ଚାଷଜମି ଖର୍ଦ୍ଦବିକ୍ରି କୌଣସି ସରକାରୀ ଅଙ୍କୁଶ ନ ଥିବାବେଳେ ୧୨ ଡେସିମିଲରୁ ଅଧିକ ଜମି ବିକ୍ରି ବନ୍ଦ କରିବା, ଅଧିକାଂଶ ପ୍ଲଟର ଅଂଶିକ ଜମି ବିକ୍ରି ରେଜିଷ୍ଟ୍ରେସନ କରା ନ ଯିବା ଯୋଗୁଁ ସାଧାରଣ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ବାବଦରେ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ବାରମ୍ବାର ଅବଗତ କରାଯିବା ପରେ ମଧ୍ୟ କିଛି ପଦକ୍ଷେପ ନିଆ ନ ଯିବାରୁ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଅଦ୍ୟାବଧି ଜାରି ରହିଥିବା ମୋହରିର ସଂଘ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଅଣ ଅନୁମୋଦିତ ପ୍ୟାକେଜ୍ ପାନୀୟ ଜଳ ବିକ୍ରୟ ବିରୁଦ୍ଧରେ ଅଭିଯାନ

ବାଲେଶ୍ୱର,୨୬।୮(ସମିସ): ରେଳଷ୍ଟେସନ ପରିସର ଏବଂ ଟ୍ରେନଗୁଡ଼ିକରେ ଅଣ ଅନୁମୋଦିତ ବ୍ରାଣ୍ଡର ପ୍ୟାକେଜ୍ ପାନୀୟ ଜଳ ବିକ୍ରୟ ବିରୁଦ୍ଧରେ ଅଭିଯାନ ଚାଲିଛି। ଏହି ପରିପ୍ରେକ୍ଷୀରେ ଖଡ଼ଗପୁର ଡିଭିଜନ ଆଜି କ୍ୟାଟରିଂ ୟୁନିଟରେ ଅଚାନକ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଏକ କ୍ୟାଟରିଂ ଷ୍ଟଲରୁ ମୋଟ ୫୮ ଟି ଅଣ-ବ୍ରାଣ୍ଡେଡ୍/ଅଣ-ଅନୁମୋଦିତ ପ୍ୟାକେଜ୍ ପାନୀୟ ଜଳ ବୋତଲ ଜବତ କରାଯାଇଥିଲା। ଷ୍ଟେସନ ମାଷ୍ଟର (ଜିଟିଏସ୍), ବାଣିଜ୍ୟିକ କର୍ମଚାରୀ ଏବଂ ଆରପିଏଫଙ୍କ ଉପସ୍ଥିତିରେ ଏହି ଅଭିଯାନ କରାଯାଇଥିଲା। ଖଡ଼ଗପୁର ଡିଭିଜନ ରେଳ ପରିସର ଏବଂ ଟ୍ରେନରେ ଯାତ୍ରୀମାନଙ୍କ ପାଇଁ କେବଳ ଅନୁମୋଦିତ ଏବଂ ଗୁଣାତ୍ମକ ପ୍ୟାକେଜ୍ ପାନୀୟ ଜଳ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି। ବିକ୍ରେତା ଏବଂ କ୍ୟାଟରରମାନଙ୍କୁ ରେଳ ନିର୍ଦ୍ଦେଶାବଳୀ ଅନୁଯାୟୀ କେବଳ ଆଇଆରସିଟିସି-ଅନୁମୋଦିତ ବ୍ରାଣ୍ଡ ଯେପରିକି 'ରେଲ୍ ନୀର' ଏବଂ ଅନ୍ୟାନ୍ୟ ଅନୁମୋଦିତ ପ୍ୟାକେଜ୍ ପାନୀୟଜଳ ବିକ୍ରୟକରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଯେକେହି ଏହାର ଉଲ୍ଲଂଘନ କଲେ ଦଣ୍ଡ, ଅନଧିକୃତ ଷ୍ଟକ୍ ଜବତ ଏବଂ ଲାଇସେନ୍ସ ବାତିଲ ସମେତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୧୫୫ରୁ ଅଧିକ ମଣ୍ଡପରେ ବିରାଜିବେ ଗଜାନନ

ବାଲେଶ୍ୱର,୨୬।୮(ସମିସ): ଗଣେଶ ପୂଜା ପାଇଁ ବାଲେଶ୍ୱର ସହର ଚଳଚଞ୍ଚଳ। ସହରରେ ୧୫୫ଟି କ୍ଲବ ପକ୍ଷରୁ ଗଣେଶ ଉତ୍ସବ ପାଳନ ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ନେଇଥିବା ଉପଜିଲ୍ଲାପାଳ ଶିବ ମାଲବିୟ ସୂଚନା ଦେଇଛନ୍ତି। ଅନୁମତି ନେଇଥିବା ସମସ୍ତ କ୍ଲବକୁ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ବିଜୁଳି, ପ୍ରଦୂଷଣ, ଶବ୍ଦ, ଥାନା, ଅଗ୍ନିଶମ ବିଭାଗ ପ୍ରଭୃତିର ଅନୁମତି ପତ୍ର ପ୍ରଦାନ କରାଯାଇଛି। ଶାନ୍ତି କମିଟି ବୈଠକର ନିଷ୍ପତ୍ତି ଅନୁଯାୟୀ ଶାନ୍ତିଶୃଙ୍ଖଳାର ସହିତ ପୂଜା ସମାପନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସିନେମା ଛକରୁ କାଳୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ସାଇଲେନ୍ସ ଜୋନ ଭାବେ ଘୋଷଣା କରାଯାଇଥିବା ବେଳେ ଉଚ୍ଚ ଶବ୍ଦରେ ଡାକବାଜି ଯନ୍ତ୍ର ବାଜିବା ନିଷେଧ ସହିତ ଭସାଣିରେ ମଧ୍ୟ ୬୫ ଡେସିବିଲରୁ ଅଧିକ ଜୋରରେ ମାଇକ୍ ବା ଡିଜେ ନ ବଜାଇବାକୁ କ୍ଲବଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।। ନିୟମ ଉଲ୍ଲଂଘନ କଲେ ଆସନ୍ତା ବର୍ଷକୁ ସମ୍ପୃକ୍ତ କମିଟିର ଅନୁମତି ରଦ୍ଦ ପାଇଁ ଚେତାବନୀ ଦିଆଯାଇଛି। ଆସନ୍ତା ୨୯ ଓ ୩୧ ସହିତ ସେପ୍ଟେମ୍ବର ୨ତାରିଖ, ତିନୋଟି ପର୍ଯ୍ୟାୟରେ ବାଲେଶ୍ୱର ସହରର ସମସ୍ତ ଗଣେଶ ମେଢ ବାଲିଘାଟ ଓ ନୁଣିଆଯୋଡିଠାରେ ଭସାଣ କରାଯିବ ବୋଲି ଉପ-ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ୧୫ ଲକ୍ଷର ପୋଚ ଓ ମଦ ନଷ୍ଟ

ବାଲେଶ୍ୱର,୨୬।୮(ସମିସ): ଗଣେଶ ପୂଜା ଉପଲକ୍ଷେ ଆଜି ପୁରୁଣା ବାଲେଶ୍ୱର



ଠାରେ ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ୧୫ଲକ୍ଷରୁ ଅଧିକ ଟଙ୍କାର ମୂଲ୍ୟର ଦେଶୀ ମଦ ସାଙ୍ଗକୁ ପୋଚ ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ କରାଯାଇଛି। ଚଢ଼ାଉ ବେଳେ ଅବକାରୀ ବିଭାଗ ଘଟଣା ସ୍ଥଳରେ ୨୧ହଜାର୯ଶହ ଲିଟର ଗୁର ୱାସକୁ ନଷ୍ଟ କରିଥିବା ବେଳେ ଗୁଡ ପୋଚକୁ ମଧ୍ୟ ନଷ୍ଟ କରିଛି। ସେହିପରି ୨୪୯୦ଲିଟର ଦେଶୀମଦ ସାଙ୍ଗକୁ ଫରେନ ଲିକରକୁ ମଧ୍ୟ ନଷ୍ଟ କରାଯାଇଛି। ବ୍ୟାରେଲରେ ଥିବା ପୋଚ ଗୁଡିକୁ ଢ଼ାଳି ନଷ୍ଟ କରି ଦିଆଯାଇଛି। ଯାହାର ଆନୁମାନିକ ମୂଲ୍ୟ ପାଖାପାଖି ୧୫ଲକ୍ଷ ୯୩ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ସଦର ଅବକାରୀ ଅଧିକାରୀ ଦିପ୍ତୀମୟୀ ସାହୁ, ମୋବାଇଲ ସ୍କ୍ୱାର୍ଡ ଅଧିକାରୀ ହରିହର ସିଂ, ଏସଆଇ ଭବେଶ ଦାସ ଓ ଭକ୍ତଚରଣ ସ୍ୱାଇଁଙ୍କ ସହ ଅନ୍ୟ କର୍ମଚାରୀ ଓ ଏପିଆର କର୍ମଚାରୀ ସାମିଲ ଥିଲେ।

## କାର୍ଯ୍ୟରେ ଯୋଗଦେଲେ ଅମଲା କର୍ମଚାରୀ



ବାଲେଶ୍ୱର,୨୬।୮(ସମିସ): ଶେଷରେ ସରକାରଙ୍କ ଚାପରେ ନଇଁବାକୁ ବାଧ ହୋଇଛନ୍ତି ଅମଲା ସଂଘ। କାର୍ଯ୍ୟରେ ଯୋଗ ନ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ରାଜସ୍ୱ ମନ୍ତ୍ରୀ କହିଥିଲେ। ଅନ୍ୟପଟେ ଦୀର୍ଘ ଚଳିତ ମାସ୧୧ତାରିଖ ଠାରୁ ୧୫ଦିନ ଧରି ସମସ୍ତ ରାଜସ୍ୱ ଅମଲାମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଥିବା ବେଳେ ଆଜି ସେମାନେ କାର୍ଯ୍ୟରେ ଯୋଗଦେଇଛନ୍ତି। ବିଶେଷ କରି ସରକାରଙ୍କ ଠାରେ କରାଯାଇଥିବା ଦାବି ଉପରେ ଆଲୋଚନା କରାଯିବା ପରେ ଚାଲୁଥିବା ଆନ୍ଦୋଳନକୁ ସ୍ଥଗିତ ରଖାଯିବା ସହ ସେମାନେ କାର୍ଯ୍ୟରେ ଯୋଗଦେଇଛନ୍ତି। ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆରଏସପି୨୦୧୭ ନିୟମଅନୁଯାଇଲେବେଲ ୯ କୁ ବୃଦ୍ଧି କରାଇବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ସଂକଳ୍ପ ପତ୍ର ସଂଖ୍ୟା ୮୮୯୮ ତା୧୫/୩/୨୪ ଅନୁଯାୟୀ ସମସ୍ତ ୩୦ଟି ଜିଲ୍ଲାପାଳମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯିବା, ୧୯୯୦ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବା, ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଆଦି ୧୦ଦଫା ଦାବି ସରକାରଙ୍କ ଠାରେ ଉପସ୍ଥାପନ କରାଯାଇଥିଲା।

## କୁନ୍ତଳା କୁମାରୀ ସାବତଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ



ବାଲେଶ୍ୱର,୨୬।୮(ସମିସ): କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ କୁନ୍ତଳା କୁମାରୀ ସାବତଙ୍କ ୮୭ତମ ଶ୍ରାଦ୍ଧବାର୍ଷିକୀ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଥିବା କୁନ୍ତଳା କୁମାରୀଙ୍କ ଦୁଇଟି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଛାତ୍ରୀମାନଙ୍କ ମଧ୍ୟରେ କୁନ୍ତଳା କୁମାରୀଙ୍କ ରଚିତ କବିତା ଆବୃତ୍ତି ଓ ତାଙ୍କ ଜୀବନୀ ଉପରେ ଆଧାରିତ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷା ଡ. ଝାନ୍ସୀ ଜେନା କାର୍ଯ୍ୟକ୍ରମରେ ଅଧକ୍ଷତା କରି କୁନ୍ତଳା କୁମାରୀ ସାବତଙ୍କ ଭଳି ବହୁ ସୁଗୁଣର ଅଧିକାରୀ ହେବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଅଧାପକ ରାଜକିଶୋର ପଣ୍ଡିତ ଓ ଅଧାପିକା ଡ. ଅର୍ଚ୍ଚନା ପଟ୍ଟାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୀମିତ ସମୟ ମଧ୍ୟରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସୁଲେଖିକା ଓ ସମାଜ ସଂସ୍କାରିକା ଭାବେ କାର୍ଯ୍ୟ କରିଯାଇଥିବା କୁନ୍ତଳା କୁମାରୀଙ୍କ ସୁକର୍ମ ତାଙ୍କୁ ଚିରଦିନ ଅମର କରି ରଖିଛି ବୋଲି ଅଧାପକ ସଞ୍ଜୟ କୁମାର ସ ଓ ଡ. ପ୍ରଦୋଷ କୁମାର ଜେନା ବକ୍ତବ୍ୟରେ କହିଥିଲେ। କବିତା ଆବୃତ୍ତି ପ୍ରତିଯୋଗିତାରେ ଡ. ରେଣୁବାଳା ସୁନ୍ଦରରାୟ ଓ ଡ. ବିକାଶ ରଞ୍ଜନ ଗିରି ବିଚାରକ କାର୍ଯ୍ୟ ତୁଲାଇଥିଲେ। କୁଇଜ ପ୍ରତିଯୋଗିତାରେ ଡ. ନରେନ୍ଦ୍ର କୁମାର ସ୍ୱାଇଁ, ଡ. ସୃଷ୍ଟିଧର ପଣ୍ଡା, ଡ. ପ୍ରଭାତୀ ପଣ୍ଡା, ଡ. ଜଗନ୍ନାଥ ଖଟୁଆ, ମୋନାଲିସା ବେହେରା, ଅଜୟ କୁମାର ରାଉତ ପ୍ରମୁଖ ଅଧାପକ/ଅଧାପିକା ମୂଲ୍ୟାୟନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ଶ୍ରୀ ପଣ୍ଡିତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରୀମାନେ ସହଯୋଗ କରିଥିଲେ।

## ଚଳିତ ଶିକ୍ଷାବର୍ଷ ନିମନ୍ତେ ନୂତନ କ୍ୟାମ୍ପସ ଶାଖା ଘୋଷଣା

ବାଲେଶ୍ୱର,୨୬।୮(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଫକୀରମୋହନ କନିଷ୍ଠ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟରେ କ୍ୟାମ୍ପସ ଶାଖା ଗଠନ କରାଯାଇଛି। ଚଳିତବର୍ଷ ମଧ୍ୟ ନୂତନ କ୍ୟାମ୍ପସ ଶାଖା ଗଠନ କରାଯାଇ ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାପତି ଭାବେ ହୃଦାନନ୍ଦ ନାୟକ ଓ ସମ୍ପାଦକ ଭାବେ ଚିନ୍ମୟ କୁମାର ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏମାନଙ୍କ ବ୍ୟତୀତ ପାଖାପାଖି ୮୦ ଜଣ ଛାତ୍ରଛାତ୍ରୀଙ୍କୁ ଅନ୍ୟ ଦାୟିତ୍ୱ ଦିଆଯାଇଛି। ୭୦ରୁ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ଏହି ସମୟରେ ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ମୁଖ୍ୟ ନିର୍ବାଚନ ଅଧିକାରୀ ଜିତମ ଦାସ, ଦିଗବିଜୟ ସିଂ, କୁମାରୀ କ୍ରିଷ୍ଣାପ୍ରିୟା ଦାସ, ଆଦର୍ଶ ଦାସ, ପାର୍ଥସାରଥୀ ପଣ୍ଡା, ଶୁଭ୍ରାଂଶୁ ଶେଖର ଭୂଇଁ, ସସ୍ମିତା ମଣ୍ଡଳ ଓ କଣିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କ୍ୟାମ୍ପସ ଶାଖା ଘୋଷଣା ପରେ ନବ ନିର୍ବାଚିତ ପ୍ରତିନିଧିମାନେ ପ୍ରତ୍ୟେକ ଥର ଭଳି ପ୍ରତିଟି ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ଏବଂ କ୍ୟାମ୍ପସର ଉନ୍ନତି ପାଇଁ କାମ କରିବେ ବୋଲି ମତପ୍ରକାଶ କରିଛନ୍ତି।

## ପୁସ୍ତକ 'ତିଆରି କରିବା କଂସା ବାସନ, ସୁଖରେ କାଟିବା ଆମ ଜୀବନ' ଉନ୍ମୋଚିତ

ବାଲେଶ୍ୱର,୨୬।୮(ସମିସ): ସୀତା ସୁରେନ୍ଦ୍ର ପାଠାଗାର ପରିସରରେ ଶାନ୍ତିଲତା ମହାନ୍ତିଙ୍କ ଲିଖିତ ପୁସ୍ତକ 'ତିଆରି କରିବା କଂସା ବାସନ, ସୁଖରେ କାଟିବାଆମଜୀବନ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଯୋଗେଶ ଚନ୍ଦ୍ର ବେହେରା, ସମୀକ୍ଷକ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ସୁବେଦାର ମେଜର ଗିରିଶ କୁମାର ଷଡଙ୍ଗୀ, ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ବ୍ୟଙ୍ଗକବି ପଦ୍ମଲୋଚନ ପ୍ରଧାନ, ବାସନ୍ତୀ ଦାସ ପ୍ରମୁଖ ଯୋଗଦେଇ ଆଜିର ଯୁଗରେ କଂସାବାସନର ବ୍ୟବହାର କମିଯାଉଥିବା ବେଳେ ଲେଖିକା ମହାନ୍ତିଙ୍କ ଏପରି ଏକ ପ୍ରୟାସକୁ ପ୍ରଶଂସା କରିଥିଲେ। ଲେଖିକା ଶ୍ରୀମତୀ ମହାନ୍ତି ଲେଖକୀୟ ବକ୍ତବ୍ୟ ରଖିଥିଲେ। ହିରାଲାଲ ପାକଳ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କବୟିତ୍ରୀ ସୁନାମଣି ଜେନା, ଜୟଶ୍ରୀ ମିଶ୍ର, ତପନ କୁମାର ଦାସ, ଅନିତା ଦାସ, ରାଧା ରଞ୍ଜନ ଦାସ, ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## 'ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ଗାନ୍ଧୀ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର

ବାଲେଶ୍ୱର,୨୬।୮(ସମିସ): ଶାନ୍ତିକାନନ ପରିସରରେ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ "ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ଗାନ୍ଧୀ ସାହିତ୍ୟ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସାରସ୍ୱତ ସାଧକ ପ୍ରଫେସର ଦାଶ ବେନହୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାନ୍ଧିଜୀଙ୍କୁ ଜଣେ ଆଣ-ବିବର୍ତ୍ତିତ ବ୍ୟକ୍ତିତ୍ୱ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ସାନ୍ତ୍ୱନା ହାଲଦାର ଯୋଗଦେଇ ଗାନ୍ଧୀଙ୍କ ଦୃଷ୍ଟିରେ ସତ୍ୟ ଓ ସତ୍ୟାଗ୍ରହର ସଂଜ୍ଞା ନିରୂପଣ କରିବା ସହିତ ସତ୍ୟ କିପରି ଅନ୍ତର୍ମୁଖୀ, ଅହିଂସା ନିର୍ଭର ତାହା ଉଦାହରଣ ସହ ବର୍ଣ୍ଣନା କରିଥିଲେ। ସଭାପତି ଡ. ପାତ୍ର ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଓ ଜୀବନ କିପରି ଓଡ଼ିଆ, ଇଂରାଜୀ ତଥା ଅନ୍ୟ ଭାରତୀୟ ଭାଷାରେ ବିପୁଳ ସାହିତ୍ୟ ସୃଷ୍ଟି କରିପାରିଛି, ଉଦାହରଣ ରଖିବା ସହ ଗାନ୍ଧୀଙ୍କ ପ୍ରଭାବରେ କିପରି ଭାରତବର୍ଷର କୋଣ ଅନୁକୋଣରେ ହଜାର ହଜାର "ସାନଗାନ୍ଧୀ' ଆବିର୍ଭୂତ ହୋଇ ଗାନ୍ଧୀଦର୍ଶନ ଓ ସ୍ୱାଧୀନତା ସଂଗ୍ରାମର ମନ୍ତ୍ରକୁ ତୃଣମୂଳ ସ୍ତରରେ ସକ୍ରିୟ ରଖିଥିଲେ ସେସଂପର୍କରେ କହିଥିଲେ। ପରିଷଦ ଯୁଗ୍ମ ସଂପାଦକ ରାଜେଶ ଗିରି ମଞ୍ଚ ଆହ୍ୱାନ କରିଥିଲେ ଏବଂ ସଂପାଦକ ଡ. ରତ୍ନାକର ସିଂହ ପ୍ରାକ୍‌କଥନ ରଖିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଦେଇଥିଲେ।



## ଦେଶୀ ମଦ ସହିତ ଦୁଇ ବେପାରୀ ଗିରଫ

ଜଳେଶ୍ୱର ବ୍ଲକ, ୨୬।୮ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଆଜି ଦିନ ବେଳା ପୃଥକ ଦୁଇଟି ସ୍ଥାନରେ ଚଢ଼ଉ କରିଥିଲେ। ଏଥିରେ ଏକାଦଶୀ ମଲ୍ଲିକଙ୍କ ପୁତ୍ର ଗୋପାଳ କୃଷ୍ଣ ମଲ୍ଲିକଙ୍କଠାରୁ ୩୨ ଲିଟର ଦେଶୀ ମଦ ସହିତ ଗିରଫ କରିଛନ୍ତି ଓ ଶ୍ରୀକଣ୍ଠପୁର ଅଞ୍ଚଳର ଭୋଗରାଇ ସୋରେନ ପୁତ୍ର ଭଗବାନ ସୋରେନଙ୍କୁ ୨୫ ଲିଟର ଦେଶୀ ମଦ ସହିତ ଗିରଫ କରିଛନ୍ତି । ଏହି ଚଢ଼ଉରେ ଜଳେଶ୍ୱର ଅବକାରୀ ବିଭାଗର ଓଆଇସି ଚନ୍ଦନ କୁମାର ନାୟକ ଏସ୍ଆଇ ଜୟପ୍ରକାଶ ଦେହୁରୀଆ, କନେଷ୍ଟବଳ ଅନିଲ କୁମାର ପଣ୍ଡା, ତାପଶିନୀ ବଇଠା ପ୍ରମୁଖ ସାମିଲ ରହି ମଦ ବେପାରୀଙ୍କୁ ଧରିଥିଲେ।


୧୦୬ତମ ଉଦୟ ଉତ୍ସବେ ସୁମନାସ ବାର୍ତ୍ତା
ପ୍ରସନ୍ନ ଦାଶ ଅମର ରହେ
- ଅଟଳ ଧର୍ମରନ୍ଧ୍ର ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ

ଭଞ୍ଜଭୂଇଁ ପରେ ପ୍ରସନ୍ନ ଦାଶର, ସ୍ମୃତି କେବେ ପିଙ୍ଗି ହୁଏନା
ଜୀବନର ତାଙ୍କ ଯେତେ ପାନିପଥ, ଯେ ଜାଣେ ଭୁଲି ତ ପାରେନା ।୧।
ସାଇକେଲ୍ ଆଗେ ତୁଙ୍ଗାଟିଏ ବାନ୍ଧି, ପଛରେ କମ୍ବଳ ଥାଇ
ଭୋଟ ଦେବ କେଉଁଠି ଚାଲଘର ଯେଠି, ଗାଁ ହାଟେ ଥିଲ ଆମକୁ କୁହାଇ ।୨।
ଭିତରଟା ତୁମ ନମ୍ର ଉମ୍ର କମ୍ର, ବାହାରଟା ତୁମ ପୂରା ନିଆଁ ଝୁଲ
ଚୋର ଖଣ୍ଡ ଯେତେ ଭିଡି ପାରନ୍ତିନି, ସାହାସ ନଥାଇ ସତେ ଝଡାଫୁଲ ।୩।
ଯିଏ ଯେତେ ବଡ ହେଉନା କାହିଁକି, ଆପଣ ନ କହି ତୁମେ କହୁଥିଲ
ପତଙ୍ଗ ପରାଏ ଜାଲେ ପଡୁଥିଲେ, କଥା ଓ କାମରେ ଯେତେ ସମତୁଲ ।୪।
ନାଲି ଲଙ୍କା ପରି ରାଗ ସିନା ତୁମ, ଭଲ କାମେ ଥିଲ ଅଭୟ ସାରଥୀ
ଦୁର୍ନୀତି ପାଖରେ ମୁଣ୍ଡ ନୁଆଁଇନ, ପାଦ ଧରି ପଦ ନଥିଲା ନୀତି ।୫।
ସ୍ୱାର୍ଥ ସହ ତୁମ ସାଲିସ୍ ନଥିଲା, ତାଳ ମେଳ ଥିଲା କଥା ଓ କାମରେ
କର୍ମୀର ସାଧନା ସଂଗ୍ରାମର ଭାଷା, ଶିଖାଇ ଗଲ ରାଜନୀତିରେ ।୬।
ନୀତି ନୈତିକତାର କଂସେଇ ନଥିଲ, ମାଟି ମା ଋଣ ସୁଝି ଦେଖାଇଛ
ବିଶ୍ୱାସ ଦେଇ ନିଶ୍ୱାସେ ପରକୁ, ଆପଣା ପଣରେ କୋଳାଇ ପାରିଛ ।୭।
ଅଶ୍ରୁ ସାଗରେ କବିତା ବିତାନ, ସହଧର୍ମିଣୀକୁ ଅର୍ପଣ କରିଛ
ବିଜୁ ଜାନକୀକୁ ସମତୁଲତାରେ, ଜବାବୀ ଠାଣିରେ ମନତୋଷି ଅଛ ।୮।
ପବନ ଗତିରେ ଜୋଛନା ହସରେ, ଚାଲିଗଲ ତୁମେ ଦୂରକୁ ଦୂର
ତୁମ ପରି ନେତା ଜନମିବେନି, କାଳ କାଳକୁ ଏ ଭଞ୍ଜ ଭୂଇଁର ।୯।
ହାତ ମୁଠା କରି ଆଜିତ ସମସ୍ତେ, ପଦ ପଦବୀରେ ଭେଳିକି ଦେଖାଇ
ଭୁଲି ଯାଉଛନ୍ତି ଜୀବ ଶିବ ହେଲେ, ଚାରି ହାତ ଜାଗା ଲୋଡା ନିଜ ପାଇଁ ।୧୦।
ଅସ୍ତିତ୍ୱ ଅଛି ତା ତୁମଠାରେ ଥିଲା, ଚଉଦ ବରଷୁ ତୁମଠୁ ଶିଖିଛି
ତୁମ ପରି ସତ କହୁଛି କରୁଛି, ତୁମ ଆଦରଶ ମୋ ପାଖେ ସାଇତି ।୧୧।
ତୁମ ପରି ବୃକ୍ଷେ ମୋ ଜାତି ଜାତକେ, ଲେଖି ବିଧାତା ଜୟ ପରାଜୟ
କାହାରି କଳୁଷ କାଳିମା କେବେବି, ଛୁଇଁ ପାରନି ତ ଏ ମୋର ଦେହ ।୧୨।
ଅନ୍ଧ ଆସକ୍ତିରେ ସୀମିତ ନୁହେଁ ମୁଁ, ଅବା ଅବସରପ୍ରାପ୍ତ ଅବା ବରିଷ୍ଠ
କି ଥିନୁ କି ହିନୁ କି ହିମୁ ବୁଝାଇ, ତୁମେ ରାଜଗୁରୁ ମୋ ପାଇଁ ଶ୍ରେଷ୍ଠ ।୧୩।
କୌରବ ପାଣ୍ଡବ ଅନ୍ତର ଶିଖାଇ, ତୁମେ ହଜିଗଲ ଇନ୍ଦ୍ରଧନୁ ପ୍ରାୟେ
ଉଦୟ ଉତ୍ସବେ ସୁମନାସ ବାର୍ତ୍ତା, ପ୍ରସନ୍ନ ଦାଶ ଅମର ରହେ ।୧୪।

ଦେଉଳସାହି, ବାରିପଦା, କ୍ରିଂ କ୍ରିଂ- ୯୪୩୭୯୪୦୦୦୦


## ବାଲେଶ୍ୱର-ବରପାଲି ସାରସ୍ୱତ ସଂପ୍ରୀତି ଯାତ୍ରା ଉଦ୍‌ଯାପିତ




ବାଲେଶ୍ୱର,୨୬।୮(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ବାଲେଶ୍ୱର-ବରପାଲି ସାରସ୍ୱତ ସଂପ୍ରୀତି ଯାତ୍ରାର ଉଦ୍‌ଯାପନୀ ଉତ୍ସବ ସ୍ଥାନୀୟ ସ୍ରଷ୍ଟା ନାଟ୍ୟାଳୟରେ ଉପସଭାପତି ନିରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଓ ସମାଜସେବୀ ଆଲୋକ କୁମାର ସାହୁ ମିଳିତ ଭାବରେ ଆସରକୁ ଉଦ୍‌ଘାଟନ କରିଥିଲେ। ଯାତ୍ରାରେ ସାମିଲ ହୋଇଥିବା ସଦସ୍ୟମାନଙ୍କ ମଧ୍ୟରୁ ଡ. ରମାକାନ୍ତ ନାୟକ, ଡ. ହରିଶ୍ଚନ୍ଦ୍ର ବେହେରା ଯାତ୍ରା ସଂପର୍କିତ ଭ୍ରମଣ କାହାଣୀ ପାଠ କରିଥିଲେ ଓ ଡ. ଶିରୀଶ ଚନ୍ଦ୍ର ଜେନା, ଡ. ସୁବାସ ଚନ୍ଦ୍ର ପାତ୍ର, ଶୁଭଙ୍କର ମହାପାତ୍ର, ଯଶୋଧାରା ଦାସ, ମମତା ମହାପାତ୍ର, ଡ. ରତ୍ନାକର ସିଂହ, ଦୀନବନ୍ଧୁ ଲେଙ୍କା, ଜ୍ୟୋତ୍ସ୍ନା ରାୟ, ପ୍ରଫୁଲ୍ଲ କୁମାର ଦାସ, କୃଷ୍ଣା ପ୍ରଧାନ, ବାସନ୍ତୀ ଦେ, କଲ୍ୟାଣୀ ନନ୍ଦ, ପ୍ରଭାକର ସାତ୍ର, ଶରତ କୁମାର ମହାପାତ୍ର, ସ୍ନିଗ୍ଧା ସାମନ୍ତରାୟ, ଅର୍ଚ୍ଚନା ନନ୍ଦୀ, ଗୀତାଞ୍ଜଳି ଶତପଥୀ, ବେଣୁଧର ସାହୁ, ଗଗନ ଦଳେଇ, ପଣ୍ଡିତ ସଞ୍ଜୟପଣ୍ଡା ପ୍ରମୁଖ ନିଜର ସ୍ମୃତି ବଖାଣିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁଗ୍ମସମ୍ପାଦକ ଜ୍ରମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡା ପରିଚାଳନା କରିଥିଲେ। ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ ଦେବା ସହିତ ଅନୁଷ୍ଠାନର ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ସଂଗଠନ ସମ୍ପାଦକ ତପନ ରାୟଙ୍କ ସଂଯୋଜନାରେ ଏକ ଜଣାଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋଷାଧ୍ୟକ୍ଷ ଦୀପକ ଚୋଷ ବରପାଲି ଯାତ୍ରାର ଆୟଦାୟର ହିସାବ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ଓ କଲ୍ୟାଣୀ ନନ୍ଦଙ୍କ ସ୍ୱର ସଂଯୋଜନାରେ ଅର୍ଚ୍ଚନା କର, ତୃପ୍ତିରାଣୀ ପାତ୍ର, ସ୍ନିଗ୍ଧା ସମନ୍ତରାୟ, ଗୀତାଞ୍ଜଳି ଶତପଥୀ, ଶାନ୍ତି ବିଶି, ଶାନ୍ତଗତ ପଣ୍ଡା, ପୁଷ୍ପଲତା ଚକ୍ରବର୍ତ୍ତୀ ଓ ବାସନ୍ତୀ ଦେ ପ୍ରମୁଖ "ସରିନାହିଁ ଅଭିଯାନ, ମରିନାହିଁ ଆମ ମନ' ଶୀର୍ଷକ ସମୂହ ସଂଗୀତ ଗାନ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଚାଟାର୍ଜୀ, ନିବାରଣ ଜେନା, ନିରଞ୍ଜନ ସାହୁ, ଡ. ହେମମାଳା ଦାଶ, ଡ. ସାରଙ୍ଗଧର ତ୍ରିପାଠୀ, ଅରୁଣା ରାୟ, ହେମେନ୍ଦ୍ର ମହାପାତ୍ର, ପ୍ରସନ୍ନ କୁମାର ଦାସ, ଗୌରୀଶଙ୍କର ସାହାଣୀ, ମନୋରଂଜନ ଦାସ, ଡ. ଲକ୍ଷ୍ମଣ ବିଶ୍ୱାଳ, କରୁଣା କର ସ, ରାଜେନ୍ଦ୍ରନାଥ ରାଉତ, ଦିଲ୍ଲୀପ ଚକ୍ରବର୍ତ୍ତୀ, ବେଣୁଧର ସାହୁ, ଶରତ କୁମାର ମହାପାତ୍ର, ଉର୍ମିଳା ନାୟକ, ସୁନାମଣି ଜେନା, ଏଲିନା ମହାପାତ୍ର, ଅବନ୍ତୀ ପ୍ରଧାନ, ଅର୍ଚ୍ଚନା କର ପ୍ରମୁଖ ଉପସ୍ଥିତ ଥିଲେ। ବରପାଲି ଯାତ୍ରାରେ ଅଂଶଗ୍ରହଣ କରିଥିବା ଚାଳିଶ ଜଣ ସହଯାତ୍ରୀଙ୍କୁ ଏହି ଅବସରରେ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅକ୍ଟୋବର ଶେଷ ସୁଦ୍ଧା ଏକ ମିଳିତ ଭ୍ରମଣ କାହାଣୀ ଗ୍ରନ୍ଥ ପ୍ରକାଶ କରିବା ପାଇଁ ଉତ୍ସବରେ ସ୍ଥିର କରାଯାଇଥିଲା।






# ଆଜି ଗଣେଶ ପୂଜା; ଝଲସୁଛି ରାଜଧାନୀ


ସହିଦ ନଗର


ୟୁନିଟ୍-୮


ୟୁନିଟ୍-୪



ସହିଦନଗର ୟୁଥ ଆସୋସିଏସନ

ଭୁବନେଶ୍ୱର, ୨୬।୮ (ସମିସ)

ବୁଧବାର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇବେ ପ୍ରଭୁ ଗଜାନନ । ଏଥିପାଇଁ ରାଜଧାନୀର ହାଟ ବଜାର ହୋଇ ଉଠିଛି ଚଳଚଞ୍ଚଳ ଏହା ସାଙ୍ଗକୁ ଆକର୍ଷଣୀୟ ଭାବେ ସଜେଇ ହୋଇଛି ବିଭିନ୍ନ ପୂଜା ମଣ୍ଡପ। ଶେଷ ହୋଇଛି ସମସ୍ତ ପ୍ରସ୍ତୁତି । ଭିନ୍ନ ଭିନ୍ନ ପ୍ରକାର ଡିଜାଇନ୍‌ର ସିଂହାସନ ଓ ତୋରଣରେ ବିରାଜିବେ ଗଜାନନ । ସ୍କୁଲ, କଲେଜ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହ ବିଭିନ୍ନ ମାର୍କେଟ କମିଟି, ପୂଜା କମିଟି, କ୍ଲବ୍ ଓ ସାହିମାନଙ୍କରେ ପ୍ରତିଯୋଗିତାମୂଳକ ଭାବେ ସଜ୍ଜାସଜା କାର୍ଯ୍ୟ ଶେଷ ହୋଇଥିବା ବେଳେ ପୂର୍ବଦିନରୁ ରଙ୍ଗ ବେରଙ୍ଗର ଆଲୋକମାଳାରେ ଝଲସୁଛି ପୂଜା ମଣ୍ଡପ। ଚଳିତ ଥର ତୋରଣକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ବିଭିନ୍ନ ଆକର୍ଷଣୀୟ ଥିମ୍ କୁ ଆଖି ଝଲସିଲା ଭଳି ତୋରଣରେ ପୂଜା ପାଇବେ ବିଘ୍ନବିନାଶକ । ଯାହା କି ପ୍ରତି ବର୍ଷ ଟଅପେକ୍ଷା ଚଳିତ ବର୍ଷ ଭକ୍ତମାନଙ୍କୁ ଏକ ଭିନ୍ନ ଅନୁଭବ ଦେବ। ପୁରୁଣା ଭୁବନେଶ୍ୱର ଠାରୁ ଆରମ୍ଭ କରି ସହିଦନଗର, ବଡ଼ଗଡ଼, ନୂଆପଲ୍ଲୀ, ବରମୁଣ୍ଡା, ଚନ୍ଦ୍ରଶେଖରପୁର, ଜଟଣୀ ଆଦି ସ୍ଥାନରେ ଧୁମ୍‌ଧାମରେ ପୂଜା କରାଯିବାକୁ ବ୍ୟବସ୍ଥା ହୋଇଛି । କେଉଁଠି ବୁଢା ଗଣେଶ ତ ଆଉ କେଉଁଠି ଶିବରୂପୀ ଗଜାନନ । ସେହିପରି ଅନେକ ସ୍ଥାନରେ ପରିବେଶ ଅନୁକୂଳ ଗଣେଶ ମୂର୍ତ୍ତିକୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ସୁସଜ୍ଜିତ କରାଯାଇଛି ।

## ହାଟ ବଜାରରେ ଭିଡ଼, ଫଳ ଦର ଆକାଶଛୁଆଁ

ଗଣେଶ ପୂଜା ପାଇଁ ରାଜଧାନୀର ହାଟ ବଜାରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ୟୁନିଟ୍-୧ ହାଟ ଠାରୁ ଆରମ୍ଭ କରି ରସୁଲଗଡ଼ସ୍ଥିତ ମା କୋଚିଲେଇ ହାଟ, ପ୍ରିୟଦର୍ଶନୀ ମାର୍କେଟ, ଇନ୍ଦ୍ରଧନୁ ମାର୍କେଟ, ୟୁନିଟ୍-୪ ମାର୍କେଟ ଆଦି ବିଭିନ୍ନ ପ୍ରମୁଖ ସ୍ଥାନ ଗୁଡ଼ିକରେ ଅସମ୍ଭାଳ ଭିଡ଼ ଜମିଥିଲା । ପୂଜା ସାମଗ୍ରୀ ଦୋକାନ ସମେତ ଫଳ ଦୋକାନ ଗୁଡ଼ିରେ ଗ୍ରାହକଙ୍କ ଲମ୍ବା ଲାଇନ୍ ଲାଗିଥିଲା । ଛୋଟ ପିଲାଙ୍କୁ ସାଙ୍ଗକରେ ଅଭିଭାବକମାନେ ମାର୍କେଟ ବିଲଡିଙ୍ଗ୍ ସହ ବଡ଼ ବଡ଼ ସପିଙ୍ଗ୍ ମଲରେ ଭିଡ଼ ଜମାଇଥିଲେ । ପୂଜାକୁ ଦୃଷ୍ଟିରେ ଗ୍ରାହକଙ୍କୁ ଆକୃଷ୍ଟ ରଖି ବ୍ୟବସାୟୀମାନେ ମଧ୍ୟ ଆକର୍ଷଣୀୟ ଅଫର୍ ଘୋଷଣା କରିଥିବା ଦେଖିବାକୁ ମିଳିଛି ।

ତେବେ ମଙ୍ଗଳବାର ସକାଳ ୧୦ଟାରୁ ଯଦିଓ ବିଭିନ୍ନ ସ୍ଥାନରେ ଭିଡ଼ ଜମିଥିଲା । ହେଲେ ଅପରାହ୍ଣ ୪ଟାରୁ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା । ଜନପଥ, ରସୁଲଗଡ଼, ରାଜମହଲ, କଳ୍ପନା, ଏଜି ଛକ, ସିଆରପି, ବରମୁଣ୍ଡା, ଖଣ୍ଡଗିରି ଆଦି ସ୍ଥାନରେ କାର୍ ବାଇକ୍ ଗୁଡ଼ିକ ଲାଇନ୍ ଦେଖିବାକୁ ମିଳିଥିଲା । ବିଭିନ୍ନ ଟ୍ରାଫିକ୍ ଛକରେ ଟ୍ରାଫିକ୍ କର୍ମଚାରୀମାନେ ଭିଡ଼କୁ ନିୟନ୍ତ୍ରଣ କରିଥିଲେ ମଧ୍ୟ ଗହଳି ବଢ଼ିଥିବା ଦେଖିବାକୁ ମିଳିଥିଲା ।

ସାଧାରଣତଃ ବିଭିନ୍ନ ପର୍ବପର୍ବାଣୀ ଓ ପୂଜାରେ ଫଳ ଭୋଗ ଲଗାଯାଇଥାଏ । ଏଥିପାଇଁ ବ୍ୟବସାୟୀମାନେ ଅଧିକ ପରିମାଣରେ ଫଳ ଆମଦାନୀ କରିଥାନ୍ତି । ସାଧାରଣତଃ ପୂଜା ସମୟରେ ଫଳ ଗୁଡ଼ିକର ଦାମ୍ ବର୍ଦ୍ଧିତ କରିଥାନ୍ତି ବ୍ୟବସାୟୀ । ତେବେ ପ୍ରାୟ ସପ୍ତାହେ ହେବ ଫଳ ଦର ବଢ଼ିଥିବା ଦେଖିବାକୁ ମିଳିଛି । ଲଗାତାର ଖୁଦୁରୁକୁଣୀ, ବିଶ୍ୱକର୍ମା ଓ ଗଣେଷ ପୂଜା ପାଇଁ ଚଳଚଞ୍ଚଳ ହୋଇଛି ଫଳ ବଜାର । କଦଳୀ ଡଜନ୍ ଦର ୧୫୦ ଛୁଇଁଥିବା ବେଳେ ନଡ଼ିଆ ଗୋଟାକ ୩୫ରୁ ୪୦ ଟଙ୍କାରେ ପହଞ୍ଚିଛି । ସେହିପରି ସେଓ, ଡାଳିମ୍ବ, ଅଙ୍ଗୁର, ପିଜୁଳି ଆଦି ଫଳ ଦର କିଲୋପିଛା ୨୦ରୁ ୩୦ଟଙ୍କା ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି । ଏହାସହ ଗେଣ୍ଡୁ ଫୁଲ ମଧ୍ୟ ଚଢ଼ା ଦରରେ ବିକ୍ରି ହେଉଛି ।

## ଆନ୍ଦୋଳନକୁ ଓହ୍ଲାଇବ ରାଜ୍ୟ ସମିତିସଭ୍ୟ ସଂଘ

ଭୁବନେଶ୍ୱର, ୨୬।୮ (ସମିସ): ପୁଣି ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ରାଜ୍ୟ ସମିତିସଭ୍ୟ/ସଭ୍ୟା ସଂଘ । ବିଭିନ୍ନ ଦାବି ନେଇ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଭେଟିବା ସହ ହାଇକୋର୍ଟରେ ମାମଲା ରୁଜୁ ପାଇଁ ପ୍ରସ୍ତୁତ ହେଉଛି ସଂଘ। ଏନେଇ ସୋମବାର ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନ ସଭାଗୃହ ଠାରେ ରାଜ୍ୟ ସମିତି ପରିବାର କୋର୍ କମିଟିର ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ରାଜ୍ୟ ସଂଘ ସଭାପତି ସମରେନ୍ଦ୍ର ଦୀକ୍ଷିତ, କାର୍ଯ୍ୟକାରୀ ସଭାପତି ଅଜିତ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ସୁନୀଲ ପଣ୍ଡାଙ୍କ ସମେତ ବିଭିନ୍ନ ଜିଲ୍ଲାର ନେତୃବୃନ୍ଦ ଯୋଗଦାନ କରିଥିଲେ ।

### ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ଭେଟିବାକୁ ନିଷ୍ପତ୍ତି



ସମିତିସଭ୍ୟ/ସଭ୍ୟା ସଂଘ ସରକାରଙ୍କୁ ବହୁବାର ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଦାବି ପୂରଣ ହୋଇନି । ସରକାର ଏହା ଉପରେ ବିଚାର କରୁନଥିବାରୁ ସଂଘ ପକ୍ଷରୁ ସରକାରଙ୍କ ଏପରି ଆଭିମୁଖ୍ୟକୁ ନିନ୍ଦା କରିବା ସହ କେତୋଟି କାର୍ଯ୍ୟପନ୍ଥା ଗ୍ରହଣ ପାଇଁ ସମସ୍ତଙ୍କ ମତାମତ ଅନୁସାରେ ନିଷ୍ପତି ନିଆଯାଇଥିଲା । ମୌସୁମୀ ଅଧିବେଶନ ପୂର୍ବରୁ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ ପାଇଁ ରାଜ୍ୟ ସଭାପତି ଓ ସାଧାରଣ ସମ୍ପାଦକ, ରାଜ୍ୟ ଉପ-ସଭାପତି ଦାୟିତ୍ୱ ଦିଆଗଲା । ସରପଞ୍ଚ ଓ ସମିତିସଭ୍ୟ ଭତ୍ତା ଅସମାନତାକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ନିଷ୍ପତ୍ତି ସହ ଆସନ୍ତା ସେପ୍ଟେମ୍ବର ୧୮ ରୁ ବିଧାନସଭା ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ଲୋଏର ପିଏମ୍‌ଜିରେ ଧାରଣା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଏହା ପୂର୍ବରୁ ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଶେଷରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ଭେଟି ଆଉଥରେ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ଜାରି କରି ସୂଚନା ଦେଇଛନ୍ତି ।

### ଗର୍ଜିଲେ ଇଲେକ୍ଟ୍ରିକାଲ ଓ ସିଭିଲ ଠିକାଦାର

## କାମ ଦିଅ; ବକେୟା ଦିଅ

ଭୁବନେଶ୍ୱର, ୨୬।୮ (ସମିସ): ନିର୍ମାଣ ସଦନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଇଲେକ୍ଟ୍ରିକାଲ ଓ ସିଭିଲ ଠିକାଦାର । ୨ ମାସର ବକେୟା ଦିଅ ଅର୍ଥ ଦାବି କରିବା ସହ କାମ ଦାବି କରିଛନ୍ତି ଉଭୟ ବର୍ଗର ଠିକାଦାର । ଇଆଇସି ଅଫିସ ଏବଂ ଚିଫ ଇଞ୍ଜିନିୟର ଅଫିସ ଘେରାଉ କରି ନିଜର ଦୁଃଖ ଜଣାଇଲେ । ଏ ନେଇ ଅଲ ଓଡ଼ିଶା ଇଲେକଟ୍ରିକାଲ କଣ୍ଟ୍ରାକଟରସ ଆଶୋସିଏସନ ଏବଂ ଅଲ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ସମେତ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।



ବୈଦ୍ୟୁତିକ କାମ ସହ ନିର୍ମାଣ କାମକୁ ସରଳ କରିବା ପାଇଁ ତଥା ସ୍ୱଚ୍ଛତା ଆଣିବା ପାଇଁ ସରକାର ୱାମିସ୍ ପୋର୍ଟାଲ ମାଧ୍ୟମରେ ଇ-ଟେଣ୍ଡର ବ୍ୟବସ୍ଥା କରିଛନ୍ତି । ଏହି ଇ-ଟେଣ୍ଡର ମାଧ୍ୟମରେ ଠିକାଦାରଙ୍କୁ କାମ କରିବାକୁ ବାଧ୍ୟ କରାଯାଉଛି । ହେଲେ ଏହି ପୋର୍ଟାଲର ଜଟିଳ ନିୟମାବଳୀ ଯୋଗୁଁ ଠିକାଦାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କାରଣ ଇ-ଟେଣ୍ଡର କାମ କରିବା ଦ୍ୱାରା ସରକାରୀ ଏବଂ ବେସରକାରୀ ସ୍ତରରେ ହେଉଥିବା ବୈଦୁତିକ ଓ ନିର୍ମାଣ କାମ ତୁରନ୍ତ ଏବଂ ଜରୁରୀକାଳୀନ ଭିତ୍ତିରେ ହୋଇପାରିବ ନାହିଁ । ଏହା ବ୍ୟତୀତ ଅନେକ ସ୍ଥାନୀୟ ଠିକାଦାର କାମ ହରେଇବାର ଆଶଙ୍କା ମଧ୍ୟ ରହିଛି । ତାଛଡା ଡଇଗଓଝ ପୋର୍ଟାଲ ଅପଡେଟ ହେବା ପରେ ଏହାର ଜଟିଳ ବ୍ୟବସ୍ଥା ଯୋଗୁଁ ଠିକାଦାରମାନେ କାମ କରିବାର ଦୁଇ ମାସ ହୋଇ ଯାଇଥିଲେ ବି ଆଜିଯାଏ ସେମାନଙ୍କର ପ୍ରାପ୍ୟ ପାଇପାରି ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ତେଣୁ ସରକାର ଏହି ବ୍ୟବସ୍ଥାର ସରଳିକାରଣ କରିବା ସହିତ ସ୍ଥାନୀୟ ଠିକାଦାରଙ୍କ ପ୍ରତି ଉଚିତ ନ୍ୟାୟ କରିବାକୁ ମିଳିତ ଠିକାଦାର ସଂଘ ପକ୍ଷରୁ ଦାବି କରାଯାଇଛି ।

## କୁଡୁଆରେ ଗଣେଶ ମୂର୍ତ୍ତି

ଭୁବନେଶ୍ୱର, ୨୬।୮ (ସମିସ): ପ୍ରତିବର୍ଷ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଶ ଅନୁକୂଳ ମୂର୍ତ୍ତି ତିଆରି କରାଯାଉଥିବା ବେଳେ ଏଥର ମଧ୍ୟ ନିଆରା ଭାବେ ବିଘ୍ନବିନାଶକଙ୍କ ମୂର୍ତ୍ତି ଗଣେଶ ନିର୍ମାଣ କରାଯାଇଛି । ଏଥର ଅବଢ଼ା କୁଡୁଆରେ ନିର୍ମାଣ ହୋଇଛି ପରିବେଶ ଅନୁକୂଳ ମୂର୍ତ୍ତି। ୯ଫୁଟ ଉଚ୍ଚତାର ଏହି ମୂର୍ତ୍ତି ନିର୍ମାଣ କରିବାକୁ ପ୍ରାୟ ୩ହଜାର ଅବଢ଼ା କୁଡୁଆର ବ୍ୟବହାର ହୋଇଥିବା ବେଳେ ଏହାକୁ ତିଆରି କରିଛନ୍ତି ୮ଜଣ ଛାତ୍ରଛାତ୍ରୀ । ଏହାସହ ଓଡ଼ିଶାର ଗ୍ରାମୀଣ ପରିବେଶରେ ଥିମ୍‌ରେ ନିର୍ମାଣ କରାଯାଇଛି ତୋରଣ ।

## ମୂର୍ତ୍ତି ବିସର୍ଜନ ପରେ ଉଠିବ ଗଛ

ଭୁବନେଶ୍ୱର, ୨୬।୮ (ସମିସ): ମାଟି ଓ ଧାନ, ସୋରିଷ, ମସୁରଡ଼ାଲି, ହରଡ଼ ଡାଲି ଆଦି ବିହନକୁ ବ୍ୟବହାର କରି ଇକୋ-ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ତିଆରି କରିଛନ୍ତି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ । ପ୍ରାକୃତିକ ସଂଶୋଧନରେ ପ୍ରସ୍ତୁତ ଏହି ମୂର୍ତ୍ତିରେ କୌଣସି ରାସାୟନିକ ରଙ୍ଗ ମଧ୍ୟ ବ୍ୟବହାର ହୋଇ ନାହିଁ। ମୂର୍ତ୍ତି ବିସର୍ଜନ ପରେ ସେଗୁଡ଼ିକ ଗଛ ଉଠିବାରେ ସହଯୋଗ ହେବ ।

## ସଚିବଙ୍କ ସହ ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ମହାସଂଘର ଆଲୋଚନା

ଭୁବନେଶ୍ୱର, ୨୬।୮ (ସମିସ): ଶ୍ରୀ ଶ୍ରୀ ଜଗନ୍ନାଥ ସଂକୀର୍ତ୍ତନ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ସଚିବାଳୟରେ ସଂସ୍କୃତି ସଚିବ ବିଜୟ କେତନ ଉପାଧ୍ୟାୟଙ୍କ ସହ ଭେଟି ସଂକୀର୍ତ୍ତନ ଲୋକକଳାର ପ୍ରଚାର ପ୍ରସାର ସହ କଳାକାରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ସଚିବଙ୍କୁ ଭେଟିବା ପୂର୍ବରୁ ଭୁବନେଶ୍ୱର କାର୍ଯ୍ୟାଳୟରେ ସଂଗଠନ ସଂକ୍ରାନ୍ତରେ ଆଲୋଚନା ବେଳେ ହିମାଂଶୁ ରାଉତରାୟଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିଲା। ସଚିବଙ୍କ ସହ ଆଲୋଚନା ବେଳେ ସଭାପତି ବାସୁଦେବ ଭଞ୍ଜ, ଆରସିଏମର ଚେୟାରମ୍ୟାନ ତଥା ମହାସଂଘ ମୁଖ୍ୟ ଉପଦେଷ୍ଟା ପ୍ରବୀର ପାଲ, ସମ୍ପାଦକ ସୁଦର୍ଶନ ଚମ୍ପତି, ସଂଯୋଜକ ପ୍ରସନ୍ନ ବିଷୋୟୀ, କୋଷାଧକ୍ଷ ପ୍ରସନ୍ନ ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ନାରୀ ସମାନତା ଦିବସ'

ଭୁବନେଶ୍ୱର, ୨୬।୮ (ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ସମୂହ ପକ୍ଷରୁ 'ନାରୀ ସମାନତା ଦିବସ' ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସାମୟିକ ସାମାଜିକ ବିକାଶ ଧାରାରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା, ବିତ୍ତ ନିୟନ୍ତ୍ରକ ସୁନନ୍ଦ ଷଡ଼ଙ୍ଗୀ, ସହକାରୀ ପ୍ରଫେସର ଡ. ଇତିଶ୍ରୀ ସାହୁ, ସହକାରୀ ପ୍ରଫେସର କେ. ଦାଇମାଇ, ଡ. ନୀଳାଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଉପଲକ୍ଷେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ନାରୀ ସମାନତା ନିମନ୍ତେ ସମସ୍ତେ ସଂକଳ୍ପ ନେବାକୁ ଶପଥପାଠ କରାଇଥିଲେ । ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




## ମଞ୍ଚ ନାଟକରେ 'ଆପଣମାନେ ଖୁସି ତ?'

ଭୁବନେଶ୍ୱର, ୨୬।୮ (ସମିସ): ଖୁସି କଣ?, ଧନରେ ଖୁସି ରହେ କି?, ଶକ୍ତିରେ?, ପ୍ରେମରେ? ନା ସ୍ୱାଧୀନତାରେ? ଆମେ ସବୁବେଳେ ଏହି ପ୍ରଶ୍ନର ଉତ୍ତର ଖୋଜୁଥାଉ । ମୋର ଜୀବନର ଉଦ୍ଦେଶ୍ୟ କ'ଣ? ମୁଁ କାହିଁକି ବଞ୍ଚୁଛି? ଏମିତି ଅନେକ କିଛି । କୋଟିକର୍ଣ୍ଣ ସେ ହରାଇଛନ୍ତି କ'ଣ? ପାଇଛନ୍ତି କ'ଣ? ରାଜା ସମ୍ପଦ ଓ ସିଂହାସନ ମଧ୍ୟରେ ସେଇ ଖୁସି ପାଇଲେ? କଲ୍ୟାଣୀ ପ୍ରେମ ଓ ସମର୍ପଣରେ ସେ ପାଇଲେ କ'ଣ? ଚୋରି ସମାଜରେ ଅସ୍ୱୀକୃତ, କିନ୍ତୁ ସେଇ ହୃଦୟରେ ଖୁସିର ସତ୍ୟ କ'ଣ? ଆମେ ଦେଖୁବା କିଏ ହରାଇଲେ, କିଏ ପାଇଲେ, କିଏ କେଉଁ ପଥରେ ଚାଲିଲେ, ଏବଂ ଶେଷରେ କୋଟିକର୍ଣ୍ଣଙ୍କ କଥାରେ ରାଜା ନିଜପ୍ରଶ୍ନର ଉତ୍ତର ପାଇଛନ୍ତି । ଜାଣିପାରିଛନ୍ତି ପ୍ରକୃତରେ ଖୁସି । ଶତାବ୍ଦୀର କଳାକାର ପକ୍ଷରୁ ମଞ୍ଚସ୍ଥ ହୋଇଛି ନାଟକ ଆପଣମାନେ ଖୁସି ତ? ନାଟକ ବିଜୁ ନାଟ୍ୟ କେନ୍ଦ୍ରଠାରେ ମଞ୍ଚସ୍ଥ ହୋଇଯାଇଛି । ଅତିଥି ଭାବରେ ଅବସରପ୍ରାପ୍ତ ଆଇଏସ୍ ଡ଼. ରବି ନାରାୟଣ ସେନାପତି, ସାମ୍ବାଦିକ ପ୍ରଦୋଶ ପଟ୍ଟନାୟକ, ଲେଖକ ତଥା ନିର୍ଦ୍ଦେଶକ ବିଜୟ ଦାସ, ସଭାପତି ଧିର ମଲ୍ଲିକ ମଞ୍ଚରେ ଉପସ୍ଥିତ ରହିଥିଲେ । ଡ଼. ଆଲୋକ ଅଗ୍ନିବେଶ ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିବା ବେଳେ ସହ ନିର୍ଦ୍ଦେଶନା ସତ୍ୟ ରହିଥିଲେ । ଜିତ ଓ ନିତ୍ୟାନନ୍ଦ ମଞ୍ଚ ପରିଚଳନା କରିଥିଲେ ।





# କଳ୍ପନାରେ ଉଠାଦୋକାନ ଉଚ୍ଛେଦକୁ ବିରୋଧ

## ଉଠାଦୋକାନୀ ଆଇନ ଜେଡ଼ିସି ମାନୁ ନ ଥିବା ଅଭିଯୋଗ
## ଡୋଜର୍ ଆଗରେ ଶୋଇଲେ ଶହଶହ ଉଠାଦୋକାନୀ



ଭୁବନେଶ୍ୱର, ୨୬।୮ (ସମିସ)

କଳ୍ପନା ଛକ ତାରିଣୀ ବସ୍ତ୍ରାଳୟ ଗଳିରେ ଥିବା ଉଠାଦୋକାନୀମାନଙ୍କୁ ବିନା କାରଣରେ ଉଚ୍ଛେଦ କରାଯିବା ସମୟରେ ଜୋର୍‌ଦାର୍ ବିରୋଧ କରିଛି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ। ପୁଲିସ ସହ ବିଏମ୍‌ସି ଉଚ୍ଛେଦକାରୀ ଦଳ ଡାକବାଜି ଯନ୍ତ୍ର ସାହାଯ୍ୟରେ ନିଜ ନିଜ ଦୋକାନ ନେଇଯିବା ପାଇଁ ପ୍ରଚାର କରିବା ସମୟରେ ସଂଘର ଉପସଭାପତି ନିରଞ୍ଜନ ପାଣ୍ଡେ ଜେଡ଼ିସିଙ୍କୁ ଉଚ୍ଛେଦର କାରଣ ପଚାରି ବୁଝିଥିଲେ। ମାତ୍ର ବିଏମ୍‌ସିର ଉଚ୍ଛେଦକାରୀ ଦଳ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ମହାସଂଘର ସାଧାରଣ ସମ୍ପାଦକ ଦୀପକ କୁମାର ମହାପାତ୍ର, ଉପସଭାପତି ସୂର୍ଯ୍ୟମଣି ସାହୁ, ପ୍ରଦୀପ କୁମାର ସାହୁ ଓ ନଟବର ଜେନା ପ୍ରମୁଖ ସେଠାରେ ପହଞ୍ଚି ଉଚ୍ଛେଦକୁ ଜୋରଦାର ବିରୋଧ କରିବା ସହ ଶହଶହ ଉଠାଦୋକାନୀ ଡୋଜାର ଆଗରେ ଶୋଇ ରହିଥିଲେ।

ଏଠାରେ ସୂଚନାଥାଉକି, ଉଠାଦୋକାନୀ ଆଇନ ୨୦୧୪ ଅନୁଯାୟୀ ଉଠାଦୋକାନ ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଏକମାସ ପୂର୍ବରୁ ଲିଖିତ ନୋଟିସ୍ କରାଯିବା ସହିତ ଦୋକାନୀମାନଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ କରିବା ଏବଂ ଉଚ୍ଛେଦ ସମୟରେ ଦୋକାନୀମାନଙ୍କର ଭିଡ଼ିଓଗ୍ରାଫି ଓ ତାଲିକା ପ୍ରସ୍ତୁତ କରାଯିବାର ନିୟମ ରହିଛି। କିନ୍ତୁ ଉଚ୍ଛେଦକାରୀ ଦଳ ତାହା ନକରି ମନୋମୁଖୀ ଦୋକାନ ଉଚ୍ଛେଦ କରିବା ଗୁଣ୍ଡାଗିରି ସହ ଗରିବଙ୍କ ପେଟରେ ନାତ ମାରିବା ସଦୃଶ। ଏହି ଘଟଣା ସମ୍ପର୍କରେ ଜାଣିବା ପରେ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଉଠାଦୋକାନୀମାନଙ୍କୁ ବୁଝାଶୁଝା କରିବା ସହ ଡୋଜର ଆଗରେ ଶୋଇ ରହିଥିବା ଦୋକାନୀମାନଙ୍କୁ ଉଠାଇଥିଲେ ଏବଂ ବିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା କରି ପରିସ୍ଥିତିକୁ ଶାନ୍ତ କରିଥିଲେ। ଯଦି ରାଜ୍ୟ ସରକାର ଭୁବନେଶ୍ୱରରେ ଥିବା ଉଠାଦୋକାନ ଉଚ୍ଛେଦକୁ ବନ୍ଦ ନକରନ୍ତି ତେବେ ବାଧହୋଇ ଆଗାମୀ ଦିନରେ ଭୁବନେଶ୍ୱରରେ ଥିବା ୬୭ ୱାର୍ଡ଼ର ଉଠାଦୋକାନୀମାନେ ରାଜରାସ୍ତାକୁ ଓହ୍ଲାଇବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ ବୋଲି ଶ୍ରୀ ସାହୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ‘ଉଡ଼ାଣ କାଫେ’ ପଛର ପୁରୋଧା ଅଭୟ ପଟ୍ଟନାୟକ

## ବିମାନବନ୍ଦରରେ ଚଢ଼ା ଦରରେ ବିକ୍ରି ଖାଦ୍ୟ ବିରୋଧରେ ସଂଗ୍ରାମ କରିଥିଲେ

ଭୁବନେଶ୍ୱର, ୨୬।୮ (ସମିସ): ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଏଣିକି ଶସ୍ତାରେ ମିଳିବ ଖାଦ୍ୟ ଓ ପାନୀୟ। ଯାତ୍ରୀମାନଙ୍କୁ ଆଉ ଚଢ଼ାଦରରେ କିଣିବାକୁ ପଡ଼ିବନି ପାଣି ବୋତଲ ଠାରୁ ଆରମ୍ଭ କରି ସିଙ୍ଗଡ଼ା, ଦୋଷା କିମ୍ବା ଅନ୍ୟ ଖାଦ୍ୟ। ବଜାରରେ ମିଳୁଥିବା ଦରରେ ମନ ପସନ୍ଦର ଖାଦ୍ୟ ଯୋଗାଇବ ‘ଉଡ଼ାଣ’ ଯାତ୍ରୀ କାଫେ। ଗତକାଲି ଓଡ଼ିଶାଗସ୍ତରେ ଆସି ଏହି କାଫେକୁ ଉଦ୍‌ଘାଟନ କରିଛନ୍ତି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ।

ଏଭଳି ଏକ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ହେଲେ ବିମାନବନ୍ଦରରେ ଯାତ୍ରୀମାନଙ୍କୁ ଚଢ଼ା ଦରରେ ବିକ୍ରି ହେଉଥିବା ଖାଦ୍ୟର ଦର କମାଇବାକୁ ପ୍ରଥମେ ସ୍ୱର ଉତ୍ତୋଳନ କରିଥିବା କଟକର ବିଶିଷ୍ଟ ସମାଜସେବୀ ଡ. ଅଭୟ ରଞ୍ଜନ ପଟ୍ଟନାୟକ ହେଉଛନ୍ତି ଏହି ସଫଳତାର ପରଦା ପଛର ପୁରୋଧା। ଦୀର୍ଘ ୪ବର୍ଷ ଧରି ସେ ଏନେଇ ବାରମ୍ବାର ପ୍ରଧାନମନ୍ତ୍ରୀଙ୍କୁ ଟ୍ୱିଟ୍ କରି ଆସୁଥିଲେ। ବିଭିନ୍ନ କାମରେ ବିମାନ ଯୋଗେ ଯିବାଆସିବା କରିବା ସମୟରେ ନିଜେ ଏହି ସମସ୍ୟାର ସମ୍ମୁଖୀନ ହେବା ସହ ଅନ୍ୟ ଯାତ୍ରୀମାନେ ମଧ୍ୟ ଏହାର ଶିକାର ହେଉଥିବା ଦେଖିବାକୁ ପାଇଥିଲେ। ତେଣୁ ୨୦୨୧ ମସିହାରେ ସେ ପ୍ରଥମେ ପ୍ରଧାନମନ୍ତ୍ରୀଙ୍କୁ କରିଥିବା ଟ୍ୱିଟରେ ଲେଖିଥିଲେ ଯେ, ବିମାନ ବନ୍ଦରରେ ବିକ୍ରି ହେଉଥିବା ଖାଦ୍ୟରେ ଯାତ୍ରୀଙ୍କ ଲୁଟ କରାଯାଉଛି। ସିଙ୍ଗଡ଼ା ଗୋଟାକ ୧୫୦ଟଙ୍କା ହୋଇଥିବା ବେଳେ ଦୋଷା ୩୦୦ଟଙ୍କାରେ ବିକ୍ରି ହେଉଛି। ଏଭଳି ମାତ୍ରାଧିକ ଦର କାହିଁକି ରଖାଯାଇଛି ବୋଲି ସେ ପ୍ରଶ୍ନ କରିଥିଲେ। ଟ୍ୱିଟରେ ଡ. ପଟ୍ଟନାୟକ ଆହୁରି ଲେଖିଥିଲେ ଯେ, ୧୪୦ କୋଟି ଭାରତୀୟଙ୍କର ପ୍ରଧାନମନ୍ତ୍ରୀଙ୍କ ଉପରେ ଭରସା ରହିଛି। ତେଣୁ ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବେ।

ତାଙ୍କର ଦୀର୍ଘଦିନର ଏହି ଚେଷ୍ଟା ଆଜି ସଫଳ ହୋଇଥିବାରୁ ସେ ବେଶ୍ ଖୁସି ଅନୁଭବ କରୁଥିବା କହିଛନ୍ତି। ସେ କହିଛନ୍ତି ଯେ ଏକଦା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ହୱାଇ ଚପଲ ପିନ୍ଧୁଥିବା ଲୋକଙ୍କୁ ହୱାଇ ଜାହାଜରେ ଉଡ଼ିପାରିବା ଭଳି ବ୍ୟବସ୍ଥା କରାଇବେ। ହେଲେ ଯେଉଁ ବିମାନ ବନ୍ଦରରେ ସିଙ୍ଗଡ଼ା ଗୋଟାକ ୧୫୦ ଟଙ୍କା ଓ ପାଣି ବୋତଲ ଗୋଟାକ ୫୦ ଟଙ୍କାରୁ ଆରମ୍ଭ ହେଉଛି ସେଠାରେ ହୱାଇ ଚପଲ ପିନ୍ଧୁଥିବା ସାଧାରଣ ଲୋକେ କେମିତି ଅଧିକ ଦାମ୍ ଦେଇ ଏହାକୁ ଖାଇପାରିବ। ଏହି କାଫେ ନିଶ୍ଚିତ ଭାବେ ଖୁସିର କଥା ବୋଲି ସେ କହିଛନ୍ତି। ସେହିପରି ପଖାଳକୁ ଭୌଗୋଳିକ ମାନ୍ୟତା ପାଇଁ ମଧ୍ୟ ରାଷ୍ଟ୍ରପତିଙ୍କୁ ବାରମ୍ବାର ପତ୍ର ଲେଖିଥିବା କହିଛନ୍ତି।

## ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ରାଜ୍ୟପାଳ

# ଶୂନ୍ୟ ଜୀବନହାନୀକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୨୬।୮ (ସମିସ): ସଂପ୍ରତି ରାଜ୍ୟର ବିଭିନ୍ନ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ସତର୍କ ରହିବା ଏବଂ ଶୂନ୍ୟ ଜୀବନହାନୀକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍‌ପାଟି ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ରାଜଭବନ ସମ୍ମିଳନୀ କକ୍ଷରେ ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟାସ୍ଥିତିର ସମୀକ୍ଷା କରି ରାଜ୍ୟପାଳ ବନ୍ୟା ମୁକାବିଲା ଏବଂ ଜୀବନ ସୁରକ୍ଷା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏହାସହ ବନ୍ୟା ସମୟରେ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଆଗୁଆ ସକ୍ରିୟ ପଦକ୍ଷେପ ନେବାକୁ ଆହ୍ୱାନ ଜଣାଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ-ତଥା-ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଂଜନ କୁମାର ସିଂହ, ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ, ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ମନୀଷ ଅଗ୍ରୱାଲଙ୍କ ସମେତ ଜଳସଂପଦ ବିଭାଗର ଇଂଜିନିୟର ଇନଚିଫ୍ ଓ ମୁଖ୍ୟଯନ୍ତ୍ରୀମାନେ ଏହି ବୈଠକରେ ଯୋଗଦେଇ ବନ୍ୟା ପ୍ରଭାବିତ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲ୍ଲାର ସ୍ଥିତି ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି।

ନଦୀ ଅବବାହିକାର ସ୍ଥିତି, ବନ୍ୟା ଏବଂ ପ୍ରବଳ ବର୍ଷାର ମୁକାବିଲା ପାଇଁ ପ୍ରସ୍ତୁତି, ଆଶ୍ରୟସ୍ଥଳର ବ୍ୟବସ୍ଥା ଏବଂ ରିଲିଫ୍ ସହାୟତା ସଂପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ। ବ୍ୟାରେଜ୍ ନିର୍ମାଣ କରି ଉଦ୍‌ବୃତ୍ତ ଜଳର ସୁପରିଚାଳନା ନିମନ୍ତେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହା ହେଲେ ଉଦ୍‌ବୃତ୍ତ ଜଳ ନିକଟବର୍ତ୍ତୀ ଗାଁ ପୋଖରୀକୁ ନିଆଯାଇପାରିବ ଏବଂ ଏହାଦ୍ୱାରା ବନ୍ୟା ନିୟନ୍ତ୍ରଣ ମଧ୍ୟ ହୋଇପାରିବ ବୋଲି ରାଜ୍ୟପାଳ କହିଥିଲେ। ଏ ଦିଗରେ ଦୀର୍ଘକାଳୀନ କାର୍ଯ୍ୟନୀତି ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରି ସାରା ରାଜ୍ୟରେ ଜଳ ଅବବାହିକାର ଆନ୍ତଃ-ସଂଯୋଗୀକରଣ ସଂକ୍ରାନ୍ତରେ ପରାମର୍ଶ ଦେଇଥିଲେ। ନଦୀ ପ୍ରଣାଳୀଗୁଡ଼ିକର ଇଣ୍ଟର-ଲିଙ୍କିଙ୍ଗ୍ ଏବଂ ଇଣ୍ଟ୍ରାଲିଙ୍କିଙ୍ଗ୍ ଉପରେ ବିଚାରବିମର୍ଶ/ଅଧ୍ୟୟନ କରି କାର୍ଯ୍ୟନୀତି ପ୍ରସ୍ତୁତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

# ‘ଚତୁର୍ଥ ଶିଳ୍ପ ବିପ୍ଳବ’ ଉନ୍ମୋଚିତ



ଭୁବନେଶ୍ୱର, ୨୬।୮ (ସମିସ): ଶିକ୍ଷାବିତ୍, ଲେଖକ ତଥା କବି ମାଧୁରୀ ଅଧିକାରୀଙ୍କ ଲିଖିତ ଓଡ଼ିଆ ପୁସ୍ତକ ‘ଚତୁର୍ଥ ଶିଳ୍ପ ବିପ୍ଳବ’ ଉନ୍ମୋଚିତ ହୋଇଯାଇଛି। ମଙ୍ଗଳବାର ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଏହି ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ଓଡ଼ିଆ ଭାଷାରେ ଶିଳ୍ପ ଏବଂ ଦକ୍ଷତା ବିକାଶ ସମ୍ପର୍କିତ ପୁସ୍ତକ ପ୍ରକାଶନ ବହୁତ ବିରଳ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ସ୍ୱାଇଁ। ଏଥି ସହିତ ସେ ଲେଖିକାଙ୍କୁ ସାଧୁବାଦ ଜଣାଇଛନ୍ତି। ପୁସ୍ତକରେ ମଡର୍ଣ୍ଣ ଇଣ୍ଡଷ୍ଟ୍ରିଆଲାଇଜେସନ୍ ଓ ଦକ୍ଷତା ବିକାଶ ସମ୍ପର୍କରେ ପ୍ରାୟ ୪୦ଟି ଭିନ୍ନ ଭିନ୍ନ ଦିଗ ସମ୍ପର୍କରେ ଉଲ୍ଲେଖ ରହିଛି। ତେଣୁ ଏହି ପୁସ୍ତକଟି ଶିଳ୍ପ ଏବଂ ଦକ୍ଷତା ବିକାଶ ଦିଗରେ ଛାତ୍ରଛାତ୍ରୀଙ୍କୁ ଉପାଦେୟ ହେବ ବୋଲି ସେ କହିଛନ୍ତି। ଏଥିରେ ମେସିନ୍ ଲର୍ଣ୍ଣିଂ, ଲୋକେସନ୍ ଟ୍ରାକିଂ, କ୍ଲାଉଡ୍ କମ୍ପ୍ୟୁଟିଂ, ଆଗୁମେଣ୍ଟେଡ ରିୟଲିଟି, ଆଡଭାନ୍ସଡ ରୋବୋଟିକ୍ସ ଆଦି ଉପରେ ତଥ୍ୟଭିତ୍ତିକ ଆଲେଖ୍ୟ ସ୍ଥାନୀତ ହୋଇଛି।

# ରାୟ ରାମାନନ୍ଦ ପଟ୍ଟନାୟକଙ୍କ ସ୍ମୃତିସଭା

ଭୁବନେଶ୍ୱର, ୨୬।୮ (ସମିସ): ଭକ୍ତି ସାହିତ୍ୟର ଅନ୍ୟତମ ପୁରୋଧା ରାୟ ରାମାନନ୍ଦ ପଟ୍ଟନାୟକଙ୍କ ସ୍ମୃତିସଭା ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ପାଳିତ ହୋଇଛି। ଏହି ଅବସରରେ ‘ଭକ୍ତି ସାହିତ୍ୟରେ ରାୟ ରାମାନନ୍ଦ ପଟ୍ଟନାୟକଙ୍କ ସାରସ୍ୱତ ଅବଦାନ’ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ଏହାସହ ଅତିଥିମାନଙ୍କୁ ସମ୍ପାଦିକା ବିମଳା ସିଂହ ସ୍ୱାଗତ କରିଥିଲେ। ଏହି ଅବସରରେ ଉଦ୍‌ଘାଟକ ଭାବରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଡ.ଅଲେଖ ଚନ୍ଦ୍ର ପଢ଼ିଆରୀ, ଡ.କୀର୍ତ୍ତନ ନାରାୟଣ ପାଢ଼ୀ, ଡ.ପ୍ରେମଲତା ଦେବୀ, ଶିବ ସୁନ୍ଦର ପଟ୍ଟନାୟକ, ପ୍ରଭାତ କୁମାର ନନ୍ଦ, ଦିଲ୍ଲୀପ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ନାଟ୍ୟକାର ବିଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ବ୍ରଜେଶ୍ୱରୀ ସିଂହ ଏବଂ ଗୋଲକ ବିହାରୀ ନାୟକଙ୍କ ସଂଯୋଜନାରେ ଏକ ଭକ୍ତି କବିତା ପାଠ ହୋଇଥିଲା।

# ଗୀତମରେ ଡ୍ରୋନ୍ ଟେକ୍ନୋଲୋଜି ବୁଟ୍ କ୍ୟାମ୍ପ

ଭୁବନେଶ୍ୱର, ୨୬।୮ (ସମିସ): ଗୀତମ ଯାନ୍ତ୍ରିକ ଓ ବୈଷୟିକ କଲେଜ୍, ଓ ଏନ୍‌ଆଇଇଏଲଆଇଟିର ମିଳିତ ପ୍ରୟାସରେ ଏକ ଡ୍ରୋନ୍ ଟେକ୍ନୋଲୋଜି ବୁଟ୍ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରାୟ ଏକ ସପ୍ତାହ ଧରି ଏହି ବୁଟ୍ କ୍ୟାମ୍ପଟି ଏନ୍‌ଆଇଇଏଲଆଇଟିରର ମୁଖ୍ୟ ଅନିଲ୍ କୁମାର ସାଓ, ୟୁଏସ୍ ପ୍ରୋଜେକ୍ଟ ଆସୋସିଏଟ୍ କୈସିକ୍ ମହାନ୍ତି, ସିଆ, ହରିହର ଦାସ, ବିଶ୍ୱଜିତ୍ ଜେନା, ଦେବେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଡ୍ରୋନ୍ ନିଜ ଇନ୍, ନାଭିଗେସନ୍,



ରୋଜଗାର, ଉଚ୍ଚଶିକ୍ଷାରେ ଡ୍ରୋନ୍ ଟେକ୍ନୋଲୋଜିର ବ୍ୟବହାର, ପ୍ରୟୋଗ, ଦୃଷ୍ଟିକୋଣ ଉପରେ ଆଲୋଚନା କରାଯାଇଥିଲା। ଡ୍ରେନ୍ ଟେକ୍ନୋଲୋଜିର ପ୍ରୟୋଗ, ଦକ୍ଷତା ବିକାଶ ଭବିଷ୍ୟତରେ ରୋଜଗାର ଉଚ୍ଚଶିକ୍ଷାରେ ଡ୍ରୋନ୍ ପାଠ୍ୟକ୍ରମର ଆରମ୍ଭ ଏହି କ୍ୟାମ୍ପର ମୁଖ୍ୟ ଉଦ୍ଦେଶ୍ୟ। କ୍ୟାମ୍ପର ଶେଷ ଦିନରେ ଏକ କୃଷି ପାଇଁ ଉପଯୋଗୀ ଫ୍ଲାଇଙ୍ଗ୍, ଡ୍ରୋନ୍‌ରେ ଡେମୋ ଏବଂ ଶିକ୍ଷାର୍ଥୀମାନେ ନିଜେ ତିଆରି କରିଥିବା ଡ୍ରୋନ୍ ମଡେଲ ଦ୍ୱାରା ଦକ୍ଷତା ଦେଖାଇଥିଲେ। ଏହି ଅବସରରେ ଗୀତମ କଲେଜ୍ ପକ୍ଷରୁ ଅଧ୍ୟକ୍ଷ ପ୍ରଫେସର ଅଜୟ କୁମାର ପ୍ରଧାନ, ସିଇଓ ପ୍ରଫେସର୍ ତପନ କୁମାର ପଣ୍ଡା, ଆଡମିନିଷ୍ଟ୍ରେଟିଭ୍ ଅଫିସର ପ୍ର. ଅଭିଜିତ୍ ନାୟକ, ପ୍ର. ଅରୁଣ ପରିଜା, କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ପ୍ର. ଅର୍ଚ୍ଚନା ପଣ୍ଡା, ପ୍ରଫେସର ଏମ୍.ଡି ଆରିଫ୍, ପ୍ର. ପ୍ରସନ୍ନଜିତ ଦାସ, ପ୍ର. ମମତାମୟୀ ସ୍ୱାଇଁ, ପ୍ର. ଦୁର୍ଗା ପ୍ରସନ୍ନ ମହାନ୍ତି, ପ୍ର. ସଙ୍ଘମିତ୍ରା ମହାପାତ୍ର ଉପସ୍ଥିତ ଥିଲେ।

# ଆର୍ଯ୍ୟ ସମାଜ ପକ୍ଷରୁ ନବରାତ୍ରରେ ହେବ ନବମାତୃକା ପୂଜା

ଭୁବନେଶ୍ୱର, ୨୬।୮ (ସମିସ): ଆର୍ଯ୍ୟ ସମାଜ, ଓଡ଼ିଶା ପକ୍ଷରୁ ଆସନ୍ତା ନବରାତ୍ରର ପ୍ରଥମ ଦିବସ, ସେପ୍ଟେମ୍ବର ୨୨ରେ ଚନ୍ଦ୍ରଶେଖରପୁର ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ନବମାତୃକା ପୂଜା ଅନୁଷ୍ଠିତ ହେବ। ଚଳିତବର୍ଷ ସମାଜର ବିଭିନ୍ନ ବର୍ଗର ୯ ଜଣ ମା’ଙ୍କୁ ପୂଜା କରାଯିବ। ଏହି ଉପଲକ୍ଷେ ବୈଦିକ ଯଜ୍ଞ, ମାତୃପୂଜା ଓ ବିଶିଷ୍ଟ ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବାବା ପ୍ରଣବାନନ୍ଦ ଦାସ ଓ ସିଦ୍ଧଗିରି ମଠର ମହନ୍ତ ବାବା ବିଶ୍ୱନାଥ ଦାସ ଆଶୀର୍ବଚନ ଦେବେ। ସମସ୍ତ କାର୍ଯ୍ୟକ୍ରମକୁ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର କାର୍ଯ୍ୟକାରୀ ଅଧ୍ୟକ୍ଷ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ପରିଚାଳନା କରିବା ସହ ପଣ୍ଡିତ ବିନୋଦ ବିହାରୀ ଦାସ ସହଯୋଗ କରିବେ ବୋଲି ମଙ୍ଗଳବାର ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଆର୍ଯ୍ୟ ସମାଜ, ଓଡ଼ିଶାର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି।

# ଆଡଭାନ୍ସଡ୍ ଗ୍ରୋ-ହେୟାର ଏବଂ ଗ୍ଲୋ-ସ୍କିନ୍ କ୍ଲିନିକ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୨୬।୮ (ସମିସ): ପଟିଆଠାରେ ଆଡଭାନ୍ସଡ୍ ଗ୍ରୋହେୟାର ଏବଂ ଗ୍ଲୋସ୍କିନ୍ କ୍ଲିନିକ୍ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ୧-ନମ୍ବର ୱାର୍ଡର କର୍ପୋରେଟର ମିହିର କୁମାର ରାଉତ, ଡାକ୍ତର ଅମ୍ରିତ ପାଟ୍ଟଯୋଶୀ, ଅଭିନେତା ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ, ବ୍ରାଣ୍ଡ ଫାଉଣ୍ଡର ତଥା ମ୍ୟାନେଜିଂ ଡାଇରେକ୍ଟର ଶ୍ରବଣ ଭେଲଜେ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ସାରା ଭାରତ ଏବଂ ବିଶ୍ୱ ସ୍ତରରେ ଆଡଭାନ୍ସଡ୍ ଗ୍ରୋ-ହେୟାର ଏବଂ ଗ୍ଲୋ-ସ୍କିନ୍ ତା’ର ଶହେ କ୍ଲିନିକ୍ ବିସ୍ତାର କରିଛି। ଏହି ସଫଳତା କେବଳ ଏକ ସଂଖ୍ୟା ନୁହେଁ ବରଂ ବିଶ୍ୱସ୍ତରୀୟ କେଶ-ପୁନଃବୃଦ୍ଧି ଏବଂ ଚର୍ମ ପୁନରୁଦ୍ଧାର ସମାଧାନ ଖୋଜୁଥିବା ଲୋକଙ୍କ ପାଇଁ ଆଶା ଏବଂ ପରିବର୍ତ୍ତନର ପ୍ରତୀକ ବୋଲି ଅତିଥିମାନେ କହିଛନ୍ତି। କେଶ ଏବଂ ଚର୍ମ ଚିକିତ୍ସାରେ ଅଗ୍ରଣୀ ନବସୃଜନ ସୌନ୍ଦର୍ଯ୍ୟ ଔଷଧର ଊର୍ଦ୍ଧ୍ୱରେ ଆଡଭାନ୍ସଡ୍ ଗ୍ରୋ-ହେୟାର ଏବଂ ଗ୍ଲୋ-ସ୍କିନ୍ କ୍ଲିନିକ୍ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଦାୟିତ୍ୱ ଓ ସତର୍କତାର ସହ ଗ୍ରାହକଙ୍କୁ ସେବା ଯୋଗାଇ ଆସୁଛି। ଏଠାରେ ହେୟାର ଟ୍ରାନ୍ସପ୍ଲାଣ୍ଟ, ଲେଜର ହେୟାର ଥେରାପି, ରିଜେନ୍ ପ୍ରୋ ୯ଟି, ଷ୍ଟେମ୍ ଇନଟୁ ୨୭ ଆଦି ଚିକିତ୍ସା ମଧ୍ୟ ଉପଲବ୍ଧ ରହିଛି। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଦକ୍ଷ ସୌନ୍ଦର୍ଯ୍ୟ ବିଶେଷଜ୍ଞ ବା ବିୟୁଟିସିଆନ ମାନେ ସେବା ଯୋଗାଉଛନ୍ତି।

# ଛତାବରରେ ଚାରାରୋପଣ



ଭୁବନେଶ୍ୱର, ୨୬।୮ (ସମିସ): ଓଡ଼ିଶା ପରିବେଶ ସମିତି ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଭୁବନେଶ୍ୱର ଲୋକାଲ୍ ହେଡ୍ ଅଫିସ୍‌ର ଯୁଗ୍ମ ପୃଷ୍ଠପୋଷକତାରେ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଏହି କ୍ରମରେ ମଙ୍ଗଳବାର ଛତାବରସ୍ଥିତ ଅୟମ୍ ଅଶ୍ମି ଫାଉଣ୍ଡେସନ ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଷ୍ଟେଟ୍ ବ୍ୟାଙ୍କ୍ ଖୋର୍ଦ୍ଧା କାର୍ଯ୍ୟାଳୟର ଆଞ୍ଚଳିକ ପରିଚାଳକ ଭଗତ ବେହେରା ଏବଂ ଅନ୍ୟତମ ଅତିଥି ଭାବେ ମୁଖ୍ୟ ପରିଚାଳକ ଜିତେନ୍ଦ୍ର ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ଓଇଏସ୍ ଉପସଭାପତି ଡ୍. ଲାଲା ଏକେ ସିଂହ, ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର, ସଂଯୋଜକ ନିରଦ ବରଣ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫାଉଣ୍ଡେସନର ସଭାପତି ଡ୍. ପ୍ରଜ୍ଞାନ ରଞ୍ଜନ ଘଡ଼ାଇ, ପରିଚାଳନା ଟ୍ରଷ୍ଟି ଡ. ନନ୍ଦିନୀ ଘଡ଼ାଇ, ନିର୍ଦ୍ଦେଶକ ଡ. ଲକ୍ଷ୍ମୀ ନାରାୟଣ ପଣ୍ଡା, ଅଧ୍ୟକ୍ଷ ସତ୍ୟଭାମା ମିଶ୍ର, ଡ.ଏକେ ବାହିନିପତି, ମୋନାଲିଶା ପାଢ଼ୀ ପ୍ରମୁଖଙ୍କ ସମର୍ଥନରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏହି ଅବସରରେ ୨୫୦ରୁ ଅଧିକ ବଉଳ, ଅର୍ଜୁନ, କରଞ୍ଜ, ଅଶୋକ, ଆମ୍ବ, ପଣସ, ସପେଟା ପରି ବିଭିନ୍ନ ଜାତିର ଚାରାରୋପଣ କରାଯାଇଛି।

# ଆଉ କେତେଦିନ ଗଲେ ଖୋଲିବ

- ଆରମ୍ଭରୁ ବରମୁଣ୍ଡା ବସ୍‌ଟର୍ମିନାଲ ଦୋକାନରେ ତାଲା
- ପାଣି ବୋତଲ ପାଇଁ ବି ବାହାର ଉଠାଦୋକାନୀ ଭରସା



ଭୁବନେଶ୍ୱର, ୨୬।୮ (ସମିସ): ବରମୁଣ୍ଡା ବସ୍‌ଟର୍ମିନାଲରେ ନୂତନ ଭାବେ ତିଆରି ହୋଇଥିବା ଦୋକାନ ଖୋଲିବାର ନା ଧରୁନାହିଁ। କେବେ ଖୋଲିବ ଏହି କଥାର ସ୍ପଷ୍ଟୀକରଣ ନା ବିଡ଼ିଏ ନା ବସ୍‌ଟର୍ମିନାଲ ଅଧୀନରେ ଥିବା ଅଫିସର କେହି ବି ସଠିକ୍ ଭାବରେ ଦେଇପାରୁନାହାନ୍ତି। ଯେଉଁଥିପାଇଁ ଯାତ୍ରୀମାନେ ଜିନିଷପତ୍ର କିଣାକିଣି କରିବାରେ ଅନେକ ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ବୋତଲଟିଏ ପାଇଁ ଟର୍ମିନାଲ ବାହାରକୁ ଆସିବା ଫଳରେ କିଛି ଯାତ୍ରୀ ବସ୍ ଫେଲ ହୋଇଯାଉଛନ୍ତି ତ ଆଉ କିଛି ଘଣ୍ଟା ଘଣ୍ଟା ଧରି ବସ୍‌କୁ ଅନାଇ ବସୁଛନ୍ତି।

ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବରମୁଣ୍ଡା ବସଟର୍ମିନାଲରେ ୧୩୬ ଟା ଦୋକାନ ଭିତରୁ ୧୨୪ ଟା ବ୍ୟବସାୟୀଙ୍କୁ ବିଡ଼ିଏ ଦେଇଛି। ବାକି ଦୋକାନ ଥାନା ଓ ଅନ୍ୟ ବାବଦକୁ ରଖାଯାଇଛି ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୧୩୬ ଗୋଟି ଦୋକାନ ନିର୍ମାଣ କରାଯାଇଛି। ଯେଉଁଠାରେ ଖାଦ୍ୟ ଷ୍ଟଲ, ଚପଲ, ଫଳ, ଆସବାବପତ୍ର, ଡ୍ରେସ, ଖେଳନା ଆଦି ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରିର ବ୍ୟବସ୍ଥା ରହିଛି। ହେଲେ ଏବେ ବି ଏହି ଦୋକାନ ସବୁ ଖାଲି ପଡ଼ିବା ସହ ଦୋକାନରେ ତାଲା ଝୁଲୁଛି। ଦୋକାନୀମାନେ ପୁରୁଣା ବସ୍‌ଷ୍ଟାଣ୍ଡ ବାହାରେ ଟିଣ ଛପର ଘର କରି ବ୍ୟବସାୟ କରୁଛନ୍ତି ତ ଆଉ କିଛି ରାସ୍ତାକଡ଼ରେ ଖୋଲା ଆକାଶ ତଳେ ବସି ବ୍ୟବସାୟ କରୁଛନ୍ତି। ଫଳରେ ବସ୍ ଟର୍ମିନାଲ୍‌ର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବା ସହ ବାହାରେ ଲୋକଙ୍କ ଭିଡ଼ ଜମିବାରେ ଲାଗିଛି। ଧୀରେ ଧୀରେ ଦୋକାନ ଓ ବ୍ୟବସାୟ କରିବା ବାହାନାରେ ଜବରଦଖଲ କରିବା ସହ ଆବର୍ଜନା ମଧ୍ୟ ଦେଖିବାକୁ ମିଳୁଛି। ଏଥିସହିତ ରାସ୍ତାରେ ବୁଲା ବିକାଳୀ ରହିଥିବାରୁ ଗାଡ଼ି ମୋଟର ଜାମ୍ ହେବା ଯୋଗୁଁ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।

ଏନେଇ ଢେଙ୍କାନାଳରୁ ଆସିଥିବା ସମ୍ବିତ ପାତ୍ର କୁହନ୍ତି ଘରକୁ ଶୀଘ୍ର ଯିବାର ଥିଲା ଏଣୁ ତରତର ହୋଇ ବସ୍ ଧରୁଲି। ଏଥିପାଇଁ ନା କିଛି ଖାଇ ହେଲା ନା କିଛି ଜିନିଷ ଆଣି ହେଲା। ତଥାପି ବଡ଼ ଭାଇ ରାସ୍ତା ବାହାରେ ଥିବା ଦୋକାନ ପାଖକୁ ଯାଇଥିଲେ। ଏହି ସମୟରେ ବସ୍ ଛାଡ଼ିଲା ବାଧ ହୋଇ ମୁଁ ଓହ୍ଲାଇ ଗଲି। ପାଖରେ ଦୋକାନ ଥିଲେ ଏତେ ଅସୁବିଧା ହୋଇ ନ ଥାନ୍ତି ବୋଲି ସେ କହିଛନ୍ତି।

ବିଡ଼ିଏ ପକ୍ଷରୁ କୁହାଯାଇଥିଲା ଦୋକାନ ବହୁତ ଜଲ୍‌ଦି ଦୋକାନ ଖୋଲାଯିବ ବୋଲି। ତଥାପି ପୂଜା ପରେ ଆମେ ଆଉଥିରେ ଯାଇ ଦେଖା କରିବୁ ବୋଲି ଗୋପବନ୍ଧୁ କ୍ଷୁଦ୍ର ବ୍ୟବସାୟୀ ସଂଘର ସମ୍ପାଦକ ରାମଚନ୍ଦ୍ର ରଣସିଂହ କହିଛନ୍ତି। ଦୋକାନ ଖୋଲାଯିବାର ସବୁ ବ୍ୟବସ୍ଥା ସରିଛି। ଏହାର ଫାଇଲ୍ ମଧ୍ୟ ଉପର ଅଫିସରଙ୍କୁ ଦିଆଯାଇଛି। ବହୁତ ଶୀଘ୍ର ଦୋକାନ ଖୋଲାଯିବ ବୋଲି ବିଡ଼ିଏ ସ୍ପେଶାଲ ଅଫିସର ରଞ୍ଜନ ଜେନା କହିଛନ୍ତି।

ପଦାରେ ପଡ଼ିଲା ସରକାରଙ୍କ ପାରିବାପଣିଆ

# ଭତ୍ତା ପାଇଁ ଟଲିରେ ବୁହାହେଲେ ଶଯ୍ୟାଶାୟୀ ବୃଦ୍ଧା

ଭଦ୍ରେଶ୍ୱର,୨୬।୮ (ସମିସ):



ଡବଲ ଇଞ୍ଜିନ ସରକାରର ପ୍ରକୃତ ପାରିବାପଣିଆ ପଦାରେ ପଡିଛି। ମାତ୍ର ହଜାରେ ଟଙ୍କା ଭତ୍ତା ଆଣିବା ନିମନ୍ତେ ଜଣେ ଶଯ୍ୟାଶାୟୀ ବୃଦ୍ଧାଙ୍କୁ ୪କିମି ଦୂରରେ ଥିବା ବ୍ୟାଙ୍କକୁ ଟଲିରେ ବୁହାହୋଇ ଯିବା ଘଟଣାଟି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। କ୍ଷମତାକୁ ଆସିଲେ ବିଜେପି ବୃଦ୍ଧବୃଦ୍ଧାଙ୍କୁ ୩ ହଜାର ୫୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରିବ ବୋଲି ନିର୍ବାଚନ ଇସ୍ତାହାରରେ ଘୋଷଣା କରିଥିଲା। ବିଜେପି ସରକାର ଓଡିଶାରେ କ୍ଷମତାକୁ ଆସିବାର ୧ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଲାଣି। ବିଜେପି ଦେଇଥିବା ନିର୍ବାଚନ ପ୍ରତିଶ୍ରୁତିକୁ ଭୁଲିଗଲାଣି। ଏହାର ନଗ୍ନ ନମୁନା ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଛି। ମାହାଙ୍ଗା ବ୍ଲକ ଚାହାପଡା ଗ୍ରାମପଞ୍ଚାୟତ ଭଅଁରାଜ ଗ୍ରାମର ସ୍ୱର୍ଗତ ବାବାଜି ସାହୁଙ୍କ ଧର୍ମପତ୍ନୀ ଶ୍ରୀମତୀ ସାହୁ ୯୧ବର୍ଷ ଅତିକ୍ରାନ୍ତ କରିଛି। ତାଙ୍କୁ ମାହାଙ୍ଗା ବ୍ଲକ ପ୍ରଶାସନ ତରଫରୁ ପ୍ରତିମାସରେ ଜାତୀୟ ଇନ୍ଦିରାଗାନ୍ଧୀ ପେନସନ ଯୋଜନାରେ ମାସିକ ମାତ୍ର ୧ହଜାର ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯାଉଛି। ଏହି ଭତ୍ତା ଟଙ୍କା ଛତ୍ରତୋଟାସ୍ଥିତ କାନାରା ବ୍ୟାଙ୍କ ଜମାଖାତାକୁ ଆସିଥାଏ। ଏହି ଭତ୍ତା ଟଙ୍କା ନେବା ପାଇଁ ଶ୍ରୀମତୀଙ୍କୁ ପ୍ରତିମାସରେ ବ୍ୟାଙ୍କକୁ ଆସି ବହୁ ହଟହଟାର ସମ୍ମୁଖୀନ ହେବାକୁ ପଡିଥାଏ। ତେବେ ବର୍ତ୍ତମାନ ବୟସର ଅପରାହ୍ନରେ ଶ୍ରୀମତୀ ଶଯ୍ୟାଶାୟୀ ହୋଇପଡିଛନ୍ତି। ତାଙ୍କର ଆଖିକୁ ଠିକ୍ ଭାବେ ଦେଖାଯାଉ ନାହିଁ। କାନକୁ ଶୁଭୁ ନାହିଁ। ଅଣ୍ଟା ଭାଙ୍ଗି ପଡିଥିବା କାରଣରୁ ସେ ସଳଖ ଭାବେ ଠିଆ ହୋଇପାରୁ ନାହାନ୍ତି। ତାଙ୍କର ଚର୍ମ ଧୁଡୁଧୁଡୁ ହୋଇପଡିଲାଣି। ଠିକ୍ ଭାବେ କଥା ମଧ୍ୟ କହି ପାରୁନାହାନ୍ତି। ଦେହ ହାତ ଥରୁଛି ଏପରିସ୍ଥଳେ ତାଙ୍କୁ ଆଜି ତାଙ୍କ ପରିବାର ତରଫରୁ ତାଙ୍କୁ ଏକ ଟଲିରେ ଅତ୍ୟନ୍ତ ଦୟନୀୟ ଭାବେ ଶୁଆଇ ଦିଆଯାଇ ବ୍ୟାଙ୍କକୁ ଅଣାଯାଉଥିବାର ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଠାରେ ସୂଚନା ଥାଉକି, ସମ୍ପୃକ୍ତା ବୃଦ୍ଧାଙ୍କୁ ୯୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ତରଫରୁ ଚଞ୍ଚକତା କରାଯାଇ ତାଙ୍କୁ ଏ ପର୍ଯ୍ୟନ୍ତ ରହସ୍ୟଜନକ ଭାବେ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇ ନ ଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି ବ୍ଲକର ବହୁ ପଞ୍ଚାୟତରେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ପ୍ରଶାସନ ତରଫରୁ ତାଙ୍କ ଘରେ ସରକାରୀ କର୍ମଚାରୀଙ୍କ ସହାୟତାରେ ଭତ୍ତା ଅର୍ଥ ପ୍ରଦାନ କରାଯାଉଥିବାର ନଜିର ଥିଲା ବେଳେ ଏହି ବୃଦ୍ଧାଙ୍କୁ ଘରେ ଭତ୍ତା ଅର୍ଥ ପ୍ରଦାନ କରା ନ ଯିବା କାହା ସ୍ୱାର୍ଥରେ ବୋଲି ମତ ପ୍ରକାଶ ପାଇଛି।



# ଗଣେଶ ପୂଜା ପାଇଁ ଟାଙ୍ଗୀ ଅଞ୍ଚଳ ଉତ୍ସବମୁଖର

**ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ରଙ୍କ ପକ୍ଷରୁ ୧୫ ମଣ୍ଡପରେ ପୂଜା ପାଇବେ ଗଜାନନ**

ଟାଙ୍ଗୀ,୨୬।୮ (ସମିସ): ଅଗ୍ରପୂଜ୍ୟ ଶ୍ରୀଶ୍ରୀ ଗଜାନନଙ୍କ ପୂଜା ଉପଲକ୍ଷେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଅଞ୍ଚଳ ଚଳଚଞ୍ଚଳ ରହିଥିବା ବେଳେ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ରଙ୍କ ପକ୍ଷରୁ ବ୍ୟାଚ୍ ହିସାବରେ ୧୫ଟି ମଣ୍ଡପ ନିର୍ମାଣ ସହ ଶ୍ରୀ ଗଣେଶଙ୍କ ପୂଜା ସାଧାରଣରେ ଚର୍ଚ୍ଚାକୁ ଆସିଛି। ଅନ୍ୟପକ୍ଷରେ ୧୫ଟି ବ୍ୟାଚ ପକ୍ଷରୁ ୧୫ଟି କ୍ଲବ ଗଠନପୂର୍ବକ କିଙ୍ଗ, ଫିଉରି ବଏଜ୍, ମେସିନ୍, ଖିଲାଡ଼ି, ରାଇଜିଂ ଷ୍ଟାର, କିଲର, ବେଙ୍ଗଲ ଟାଇଗର, ଗୋଲ୍ଡେନ୍ ଷ୍ଟାର, ରୟାଲ ବଏଜ୍, ଗ୍ୟାଙ୍ଗଷ୍ଟାର, ରାଉଡ଼ି ବଏଜ୍, ମନଷ୍ଟର, ବଜରଙ୍ଗୀ, ୱାରିୟର ଓ ହଣ୍ଟର ନାମରେ ନାମିତ ଏହି କ୍ଲବଗୁଡିକ ଶାନ୍ତିଶୃଙ୍ଖଳାର ସହ ପୂଜା ପାଳନର ପ୍ରତିଶ୍ରୁତି ଦେଇଥିଲେ ହେଁ ସାମାଜିକ ବ୍ୟବସ୍ଥା ଅଭିଭାବକଙ୍କ ଚିନ୍ତା ବୃଦ୍ଧି କରିଛି। ପ୍ରକାଶଥାଉକି, ଟାଙ୍ଗୀ ବିଦ୍ୟାପୀଠରୁ ମାଟ୍ରିକ ପାସ କରିଥିବା ୨୦୦୯ ମସିହା ବ୍ୟାଚ୍ ପ୍ରଥମେ ପୂଜା ଆରମ୍ଭ କରିଥିବାବେଳେ ପ୍ରତିବର୍ଷ ବ୍ୟାଚ ସଂଖ୍ୟା ବଢ଼ି ଏବେ ୧୫ରେ ପହଞ୍ଚିଛି। ପ୍ରତିବର୍ଷ ଗୋଟିଏ ଲେଖାଏଁ ମଣ୍ଡପ ବୃଦ୍ଧି ପାଉଥିବାବେଳେ ଆଗାମୀ ଦିନରେ ସଂଖ୍ୟା ଯଥେଷ୍ଟ ବୃଦ୍ଧିପାଇବ ବୋଲି ସୂଚନା ମିଳିଛି। ତେବେ ପ୍ରତିଯୋଗିତାମୂଳକ ମନବୃତ୍ତି ନେଇ ପୂଜା ଓ ଉସାଣି ଉତ୍ସବ ପାଳିତ ହେବା ପ୍ରଶାସନର ଚିନ୍ତା ବୃଦ୍ଧି କରିଛି।

## ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ନିଶ୍ଚିନ୍ତକୋଇଲି,୨୬।୮ (ସମିସ): ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶକ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ କୃଷି ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ୨୦୨୫ ଖରିଫ ଋତୁରେ ଡ଼ିଜିଟାଲ ଫସଲ ସର୍ବେକ୍ଷଣ ସମ୍ପାଦନ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଥିବା କୃଷକ ସାଥୀଙ୍କୁ ନେଇ ଏହାର କାର୍ଯ୍ୟ ଯୋଜନା ଓ ମାନକ କାର୍ଯ୍ୟ ପ୍ରଣାଳୀ ସଂକ୍ରାନ୍ତ ତାଲିମ ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ସେଠୀଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ବିଟିଏମ୍ ଅରବିନ୍ଦ ସାହୁ, ଏଟିଏମ୍ ନରୋତ୍ତମ ଦାସ, ବିଷ୍ଣୁପ୍ରିୟା ପଣ୍ଡା, କୃଷି ଓଭରସର ରବୀନ୍ଦ୍ରନାଥ ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ରଶ୍ମିରେଖା ସୁବୁଦ୍ଧି, ଦେବୀଲତା ସାମଲ, ଦୀପ୍ତିରେଖା ମଲିକ, ରଶ୍ମିରଞ୍ଜନ ବରିହା, ସ୍ମୃତିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟାଳୟ କର୍ମଚାରୀ ପବିତ୍ର ଦଳାଇ ଓ ରମେଶ ରାଉତ ପରିଚାଳନା କରିଥିଲେ।

## ତିନୋଟି ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



କିଶନନଗର,୨୬।୮ (ସମିସ): କଟକ ସଦର ଅନ୍ତର୍ଗତ କିଶନନଗର ପଞ୍ଚାୟତଠାରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ତିନୋଟି ପ୍ରକଳ୍ପର ଶିଳାନ୍ୟାସ କରିଥିବା ଜଣାପଡ଼ିଛି। ସେଥିମଧ୍ୟରୁ କିଶନନଗର କଲେଜରେ ଇ-ପାଠାଗାର ଓ ବାଳିକା ସାଧାରଣ ପ୍ରକୋଷ୍ଠ, ବାଲିସୁକ୍ରିଠାରେ କିଶନନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପାଠାଗାର ଉନ୍ନତିକରଣ, ସାମନ୍ତରାପୁର ରାମମନ୍ଦିର ଭୋଗ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, ଆମ୍ବ ଅଧ୍ୟକ୍ଷ ରମାପ୍ରସାଦ ବିଶ୍ୱାଳ, କିଶୋରନଗର ମଣ୍ଡଳ ସଭାପତି ଚିତ୍ତ ରଞ୍ଜନ ସାହୁଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

## ବିଲ୍‌ଡରଙ୍କ ଘେରାବନ୍ଦୀରେ ଚାଷଜମି ଜଳମଗ୍ନ; ଚାଷୀ ହତାଶ



ଫୁଲନଖରା,୨୬।୮ (ସମିସ): ବାରଙ୍ଗ ବ୍ଲକ ୪ନଂ ଜୋନ୍ ଅନ୍ତର୍ଗତ ନଗରୀ, ମହୀଧରପଡା, ଖଣ୍ଡାଗର, ବାଟପୁରଣ, ଦଳବାଡ ଆଦି ଚାଷପ୍ରଧାନ ଗ୍ରାମଗୁଡିକର ଥିବା ଏକର ଏକର ଜମି ଏବେ ଜଳମଗ୍ନ। ନିଜ କ୍ଷେତକୁ ନ ଯାଇ ପାରି ହତାଶ ଭିତରେ ଏବେ ଚାଷୀ। ବିଲ୍‌ଡରମାନେ ରାସ୍ତାକଡ ଚାଷଜମିକୁ ଘରବାଡି କିସମ୍‌ରେ ପରିବର୍ତ୍ତନ କରି ପାଚେରି କରିଦେବା ଫଳରେ ଚାଷୀମାନେ କୃଷି କାର୍ଯ୍ୟ ପାଇଁ ନିଜ କ୍ଷେତକୁ ଯିବା ଏବେ ଏକପ୍ରକାର ଅସମ୍ଭବ ହୋଇପଡିଛି। ଏହି ଅଞ୍ଚଳରେ ଥିବା ଚାଷଜମିଗୁଡିକରୁ ବର୍ଷାଜଳ ସଫେଇ ବାଟ ଦେଇ ବାଟପୁରଣ ଧନିଆରୂପା ଦେଇ ସହଜରେ ନିଷ୍କାସିତ ହୋଇଯାଉଥିଲା। ଏବେ ବିଲ୍‌ଡରମାନେ ପଥର ପାଚେରି ନିର୍ମାଣ କରିବା ସହିତ ଗୋଚର ଓ ପାଣି ନିଷ୍କାସନ ନାଳିକୁ ବାଲି ମାଟି ଓ ମାଳମାଳ ବ୍ରିଜ୍ କରିବା ଫଳରେ ଜଳ ନିଷ୍କାସନ ପଥ ସଂକୁଚିତ ହେବାରେ ଲାଗିଛି। ଦୀର୍ଘ ଦିନ ଧରି କ୍ଷେତରେ ପାଣି ଜମି ରହିବା ଫଳରେ ଚାଷ କ୍ଷତିଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ଚାଷୀ ମଧ୍ୟ ଚାଷ କାର୍ଯ୍ୟ ପ୍ରତି ହତାଶ ହେଉଛନ୍ତି। ଚାଷୀମାନେ ଏ ବିଷୟରେ ବାରମ୍ବାର ତହସିଲଦାର, ସବ୍ କଲେକ୍ଟର ମହୋଦୟଙ୍କୁ ଜଣାଇଥିଲେ ମଧ୍ୟ ତାହାର ଅଦ୍ୟାବଧି କୌଣସି ସୁଫଳ ମିଳିପାରି ନାହିଁ। ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ନ କଲେ ଶହ ଶହ ଏକର ଧାନଜମି ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି।

## ମହିଳା ମହାବିଦ୍ୟାଳୟ ସଭାପତିଙ୍କ ପରଲୋକ



କଣ୍ଟାପଡା,୨୬।୮ (ସମିମ): କଣ୍ଟାପଡ଼ା ବ୍ଲକ୍ ଗୋବିନ୍ଦପୁର ମହିଳା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଗୋବିନ୍ଦପୁର ମହାବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ କାଳନ୍ଦୀ ଚରଣ ପାଇକରାୟଙ୍କ ପତ୍ନୀ ମଞ୍ଜୁଶ୍ରୀ ପାଇକରାୟ (୭୩) ଙ୍କ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ବଡ ପୁଅ ଦେବାଶିଷ ପାଇକରାୟ ମୁଖାଗ୍ନି ପ୍ରଦାନ କରିଥିବାବେଳେ ଶେଷକୃତ୍ୟ କାର୍ଯ୍ୟକ୍ରମରେ ୩ଟି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟାଙ୍କ ଶ୍ରାଦ୍ଧବାର୍ଷିକୀ



କିଶନନଗର,୨୬।୮ (ସମିସ): ୪୬ ନମ୍ବର ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଦିବଙ୍ଗତ ସଂଯୁକ୍ତା ରାଉତଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ତାଙ୍କ ନାମରେ ଗଠିତ ସାମାଜିକ ସଂଗଠନ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କିଶନନଗର ଥାନା ନିଜ ଗ୍ରାମ ସୋଗଲରେ ପାଳିତ ହୋଇଯାଇଛି। ଟ୍ରଷ୍ଟ ରାଜ୍ୟ ସଂଯୋଜକ ଇଂ ସେବକ ଶ୍ରୀକାନ୍ତଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ସଂଯୁକ୍ତାଙ୍କ କନିଷ୍ଠପୁତ୍ର ଯୁବ ସମାଜସେବୀ ସନ୍ତୋଷ ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ। କଟକ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ, ବିଜେପି କଟକ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି, ସାମ୍ବାଦିକ ଅକ୍ଷୟ ଦାସ, ସରସ୍ୱତୀ କଳା ପରିଷଦ କନ୍ଦରପୁର ସମ୍ପାଦକ ନାଟ୍ୟକାର ଆଶୋକ ପଟ୍ଟନାୟକ, ସୀତାରାମ ପଣ୍ଡା, ଲୋକଭାଷାର ସମ୍ପାଦକ ଶୁକଦେବ ପରିଡ଼ା, ଆୟତପୁର ପଞ୍ଚାୟତ ସରପଞ୍ଚ ରାକେଶ ବେହେରା, ଶୁକଦେବ ରାଉତ, ପ୍ରକାଶ ଚନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ, ସୂର୍ଯ୍ୟକାନ୍ତ ରାଉତ, ଚନ୍ଦ୍ରକାନ୍ତ ରାଉତ, ଅସିତ ମହାନ୍ତି, ତାପସ ରଞ୍ଜନ, ରମେଶ ରାଉତ, ତ୍ରିଲୋଚନ ପାତ୍ର, କିଶୋର ମହାନ୍ତି, ସ୍ମୃତି ରଞ୍ଜନ ମହାନ୍ତି, ପ୍ରଦୀପ୍ତ ବସ୍ତିଆ, ବଟକୃଷ୍ଣ ମହାନ୍ତି, ବୋହୂ ସୋନାଲି ପୁହାଣ, ପଦ୍ମିନୀ ରାଉତ, ନାତି ସୌଭାଗ୍ୟ, ନାତୁଣୀ ସଂପୂର୍ଣ୍ଣା, ସ୍ୱାମୀ ବରିଷ୍ଠ ସମାଜସେବୀ ବଲ୍ଲଭ ରାଉତ, ଆତ୍ମୀୟସ୍ୱଜନ ଯୋଗଦାନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ଉଲ୍ଲେଖନୀୟ ସଫଳତା ନେଇ ବହୁ ପ୍ରତିଭାଧରଙ୍କୁ ସଂଯୁକ୍ତା ଦେବୀ ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ ସହ ଚାରା ବଣ୍ଟନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଇଂ ବସନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

## ଆହତ ବୃଦ୍ଧାଙ୍କୁ ସେବା ଯୋଗାଇଲେ ପୌରାଧକ୍ଷା

ଚୌଦ୍ୱାର,୨୬।୮ (ସମିସ): ରାସ୍ତାରେ ପଡ଼ି ଗୁରୁତର ଆହତ ଜଣେ ୮୬ ବର୍ଷିୟା ବୃଦ୍ଧାଙ୍କୁ ଚୌଦ୍ୱାର ପୌରାଧକ୍ଷା ଉଦ୍ଧାର କରି ଚିକିତ୍ସା ଯୋଗାଇବା ସହିତ ତାଙ୍କୁ ତାଙ୍କ ଘରେ ଛାଡ଼ିଛନ୍ତି। ଚୌଦ୍ୱାର ପୌରପାଳିକା ଅଧୀନ ଗୌସ ନଗର ବାସିନ୍ଦା କମନାରାଣୀ ଗୁହା ଏକୁଟିଆ ପୁରୀ ଯାଇ ଜଗନ୍ନାଥ ଦର୍ଶନ ସାରି ନିଜ ଘରକୁ ଫେରୁଥିବା ବେଳେ ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖ ରାସ୍ତାରେ ହଠାତ୍ ପଡ଼ିଯାଇ ଆହତ ହେବା ସହିତ ଚେତାଶୂନ୍ୟ ହୋଇଯାଇଥିଲେ। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଏହା ଦେଖି ତାଙ୍କୁ ରାସ୍ତାରୁ ଉଠାଇ ନିକଟସ୍ଥ ମେଡ଼ିକାଲରେ ଚିକିତ୍ସା କରାଇବା ସହିତ ତାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ଇଦ୍-ମିଲାଦୁନ-ନବି ପ୍ରସ୍ତୁତି ବୈଠକ



କିଶନନଗର,୨୬।୮ (ସମିସ): କଟକ ସଦର ଅନ୍ତର୍ଗତ ତଥା କିଶନନଗର ଥାନା ଅଞ୍ଚଳରେ ଆସନ୍ତା ମାସ ୫ ତାରିଖରେ ମହମ୍ମଦଙ୍କ ଜନ୍ମ ଦିବସରେ ହେବାକୁ ଥିବା ମୁସଲମାନମାନଙ୍କ ପବିତ୍ର ଭାଇଚାରାର ପର୍ବ ଇଦ୍-ମିଲାଦୁନ୍-ନବି କାର୍ଯ୍ୟକ୍ରମକୁ ସୁଚାରୁରୂପେ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ସୋମବାର ରାତିରେ କିଶନନଗର ଥାନାରେ ଥାନା ଅଧିକାରିଣୀ ଦୁର୍ଗେଶନନ୍ଦିନୀ ମହାନ୍ତିଙ୍କ ପୌରହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୁସ୍ତମ ମହମ୍ମଦ, ଅବଦୁଲ ୱାହିଦ ଖାଁ, ଆଜାଦ୍ ଅଲ୍ଲୀ ଖାଁ, ସେକ୍ ଇଲିଆସ୍ ଅଲ୍ଲୀ, ଲିୟାକତ୍ ଅଲ୍ଲୀ ଖାଁ, ସରାଫତ୍ ଅଲ୍ଲୀ ଖାଁ, କୌଶର ଅଲ୍ଲୀ, ଫିରଦୋଷ ହୁସେନ, ଆସିଫ୍ ଅଲ୍ଲୀ ଖାଁ, ସଫିକ୍ ଅହମ୍ମଦ, ସୟଦ ନୁର ଅଲ୍ଲୀ, ସିରାଜ ବେଗ୍, ହାଫିଜ୍ ଉଦ୍ଦିନ ଖାଁ, ଅବଦୁଲ ବୁରହାନ ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବ୍ରାହ୍ମଣଝରିଲୋ କଲେଜରେ ନବାଗତଙ୍କୁ ସ୍ୱାଗତ

ଫୁଲନଖରା,୨୬।୮ (ସମିସ): ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟର ଇତିହାସ ବିଭାଗରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଶକୁନ୍ତଳା ସାମଲ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗ



ଦେଇଥିଲେ। ବିଭାଗୀୟ ମୁଖ୍ୟ ତଥା ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ବଂଶୀଧର ଦାଶ କାର୍ଯ୍ୟକ୍ରମକୁ ପୌରହିତ୍ୟ କରୁଥିବା ବେଳେ ଅନ୍ୟାନ୍ୟ ଅଧ୍ୟାପକ-ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ନବାଗତଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା। ଛାତ୍ରୀ ସୁଭଦ୍ରା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ତମାଖୁମୁକ୍ତି ସଚେତନତା କାର୍ଯ୍ୟକ୍ରମ



ଚୌଦ୍ୱାର,୨୬।୮ (ସମିସ): ଚୌଦ୍ୱାର ମହାବିଦ୍ୟାଳୟରେ ତମାଖୁ ମୁକ୍ତ ପରିବେଶ ଓ ତମାଖୁ ବର୍ଜନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଟବାକୋ ସେଲ୍ ସଂଯୋଜିକା ଡ. ନିରୂପମା ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ବନିତା ସ୍ୱାଇଁ, ଡ. ଅନୁପମା ତ୍ରିପାଠୀ, ହରପ୍ରିୟା ମହାପାତ୍ର, ସ୍ୱର୍ଣ୍ଣପ୍ରଭା ରାଉତ, ଶିଳ୍ପାଶ୍ରୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ବହୁ ଛାତ୍ରଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡ. ଦୀପକ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି,୨୬।୮ (ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ଗ୍ରାମର ଶରତ ଚନ୍ଦ୍ର ଜେନାଙ୍କ ପୁତ୍ର ମୃତ୍ୟୁଞ୍ଜୟ ଜେନା (୨୪) ରବିବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶବ ଦାହ କରାଯାଇଥିଲା। ଭାଇ ଜନ୍ମେଜୟ ଜେନା ମୁଖାଗ୍ନି ଦେଇଥିଲେ।

# ବର୍ଷେହେବ ଖୋଲିନି ରାଜୀବ ଗାନ୍ଧୀ ସେବାକେନ୍ଦ୍ର

ନିଶ୍ଚିନ୍ତକୋଇଲି,୨୬।୮ (ସମିସ):



ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଥିବା ଜିଗ୍ନୀପୁର ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଅନ୍ୟୁନ ୮ ବର୍ଷ ହେବ ଖୋଲି ନ ଥିବା ଜଣାଯାଇଛି। ଗତ ସାଧାରଣ ନିର୍ବାଚନରେ ରାଜ୍ୟରେ ସରକାର ବଦଳି ଯିବା ପରେ ପଞ୍ଚାୟତର ଜନପ୍ରତିନିଧି ଏହି ରାଜୀବ

**ଗଛଲତା ମାଡ଼ି ଭୂତକୋଠି ହେଲାଣି**

ଗାନ୍ଧୀ ସେବାକେନ୍ଦ୍ରକୁ ପ୍ରାୟ ବ୍ୟବହାର କରୁ ନ ଥିବା ଦେଖାଯାଇଛି। ଦୀର୍ଘଦିନ ହେବ ଏହି ସେବା କେନ୍ଦ୍ର କାର୍ଯ୍ୟାଳୟ ଖୋଲା ନ ଯିବାରୁ ଏହା ପରିସରରେ ବିଭିନ୍ନ ଅନାବନା ଗଛଲତା ଉଠି ଏହାର ଚର୍ତୁପାର୍ଶ୍ୱକୁ କବଳିତ କରିସାରିଲାଣି। ବର୍ତ୍ତମାନ ଏହି କାର୍ଯ୍ୟାଳୟଟି ଏକ ପ୍ରକାର ଭୂତକୋଠିରେ ପରିଣତ ହେଲାଣି। ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପଞ୍ଚାୟତରେ ଗରିବ ଓ ମୂଲିଆ ଶ୍ରେଣୀର ଲୋକମାନଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦେବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ କରାଯାଇଥିଲା। ଜବକାଡଧାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରିବା, ସେମାନଙ୍କର ମଜୁରୀ ପ୍ରଦାନ ପାଇଁ ବିଭିନ୍ନ କାଗଜପତ୍ର କରିବା, ପଞ୍ଚାୟତରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକ୍ରମ କରାଯିବ ତାହାର ସୂଚନା ବ୍ଲକ କାର୍ଯ୍ୟାଳୟକୁ ଜଣାଇବା ଆଦି କାର୍ଯ୍ୟକ୍ରମ ଏହି ସେବା କେନ୍ଦ୍ରରେ କରାଯାଇଥାଏ। ଏହି କାର୍ଯ୍ୟକ୍ରମ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଜଣେ ଲେଖାଏଁ ଜିଆରଏସ ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କୁ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଏହି ଜିଆରଏସଙ୍କୁ ଏଡ଼ିଇଓ ଭାବେ ପଦୋନ୍ନତି ଦିଆଯାଇଛି। ଯାହାଦ୍ୱାରା ବର୍ତ୍ତମାନ ପଞ୍ଚାୟତରେ ଜିଆରଏସ ପଦ ଖାଲି ରହିଛି। ଏହି ପ୍ରରିପେକ୍ଷୀରେ ବର୍ତ୍ତମାନ ଜିଗ୍ନୀପୁର ପଞ୍ଚାୟତରେ ଉକ୍ତ ସେବା କେନ୍ଦ୍ରରେ କୌଣସି କାର୍ଯ୍ୟକ୍ରମ ହେଉ ନାହିଁ। ଫଳରେ ଜବକାଡଧାରୀଙ୍କୁ କାମ କରିବାରୁ ବଞ୍ଚିତ ହେଉଛନ୍ତି। ପଞ୍ଚାୟତ ପକ୍ଷରୁ ପିଇଓ କିମ୍ବା ପଞ୍ଚାୟତ ପ୍ରତିନିଧିମାନେ ଏହି ସେବା କେନ୍ଦ୍ରକୁ ଆସୁ ନ ଥିବାରୁ ଏହା ଖୋଲାଯାଉ ନାହିଁ। ଏହାଛଡ଼ା ଏହି ସେବା କେନ୍ଦ୍ରରେ ସରକାରଙ୍କ ପକ୍ଷରୁ ଗ୍ରାମପଞ୍ଚାୟତସ୍ତରରେ ବ୍ୟାଙ୍କ୍ ସେବା ଯୋଗାଇଦେବା ପାଇଁ ସିଏସପି ପ୍ଲସ ଆମ ବ୍ୟାଙ୍କ୍ ଖୋଲାଯାଇଥିଲା। କାର୍ଯ୍ୟାଳୟ ଖୋଲା ନ ଯିବାରୁ ଏଠାରେ ଆମ ବ୍ୟାଙ୍କ କାର୍ଯ୍ୟକ୍ରମ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳୁଛି। ନୂତନ ସରକାର ଆସିବା ପରେ କଣ ପାଇଁ ଏହି କାର୍ଯ୍ୟାଳୟ ଖୋଲୁନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ତୁରନ୍ତ ଉକ୍ତ କାର୍ଯ୍ୟାଳୟ ପରିସରରେ ହୋଇଥିବା ଗଛଲତା ଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ଏହାକୁ ଖୋଲିବା ଏବଂ ଏଥିରେ ଚାଲିଥିବା ଆମ ବ୍ୟାଙ୍କ ସେବା ଲୋକମାନଙ୍କୁ ଯୋଗାଇଦେବା ନିମନ୍ତେ ପଞ୍ଚାୟତବାସୀ ଦାବି କରିଛନ୍ତି।





# ଆଜି ଗଣେଶ ପୂଜା

# ସର୍ବତ୍ର ପୂଜା ପାଇବେ ଗଜାନନ

ରୌପ୍ୟନଗରୀର ୧୫୦୦ରୁ ଅଧିକ ମଣ୍ଡପରେ ପୂଜା ପାଇବେ ଗଜାନନ। ଭାଦ୍ରବର ଶୁକ୍ଳ ଚତୁର୍ଥୀ ତିଥିରେ ସାରା ସହରରେ ପୂଜା ପାଇବେ ଶ୍ରୀଗଣେଶ। କଳା, ବିଜ୍ଞାନ ଓ ବୁଦ୍ଧିମତ୍ତାର ଦେବତା ଭାବେ ବିଦ୍ୟମାନ ଶ୍ରୀଗଣେଶଙ୍କୁ ବିଭିନ୍ନ ପୂଜା ମଣ୍ଡପରେ ଆବାହନ କରାଯିବ। ସର୍ବତ୍ର ଶୁଭିବ ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭଃ। ସହରର ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କ୍ଲବ୍ ଓ ମନ୍ଦିରଗୁଡ଼ିକରେ ଧୁମ୍‌ଧାମରେ ପାଳନ କରାଯିବ ଗଣେଶ ପୂଜା...













## ଦୋଳି ମୀନାବଜାର ମହାସଂଘର ବାର୍ଷିକ ଉତ୍ସବ



କଟକ, ୨୪।୮ (ସମିସ): ଦୋଳି ମୀନାବଜାର ମହାସଂଘର ପଞ୍ଚମ ବାର୍ଷିକ ଉତ୍ସବ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ବିଶ୍ୱଜିତ ସୂର୍ଯ୍ୟବଂଶୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ବିଚାରପତି ରତିକାନ୍ତ ମହାପାତ୍ର, ସମ୍ମାନିତ ଅତିଥିଭାବେ ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ପୂର୍ବତନ ନଗର ସଭାପତି ଲଲାଟେନ୍ଦୁ ବଡୁ ଉପସ୍ଥିତ ଥିଲେ। ମହାସଂଘର ସଭାପତି ଅନନ୍ତ ଚରଣ ସାହୁ, ଉପସଭାପତି ଦେବାଶିଷ ରାଉତ, ସମ୍ପାଦକ ଅଭିଷେକ ଜେନା, ସହସମ୍ପାଦକ ସମସାଦ ଅଲ୍ଲୀ, ଉପଦେଷ୍ଟା ସୌମିତ୍ର ଲେଙ୍କା, ଆଇନ ପରାମର୍ଶ ଦାତା ସ୍ମୃତି ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଦେବୀପ୍ରସାଦ ଦାଶ ସଭା ପରିଚାଳନା କରିଥିଲେ। ଆଗକୁ ପାର୍ବଣ ଆସୁଛି ଦୋଳି ମୀନାବଜାର ମହାସଂଘରେ କାର୍ଯ୍ୟ କରୁଥିବା ସମସ୍ତ ସଦସ୍ୟ ସମସ୍ୟା ବିଷୟରେ ସଭାରେ ଆଲୋକପାତ କରିଥିଲେ। ଏହି ସଙ୍ଘରେ ଆଠ ହଜାରରୁ ଊର୍ଦ୍ଧ୍ୱ ବ୍ୟବସାୟୀ ନିଜର ବର୍ଷକର ରୋଜଗାର କରୁଛନ୍ତି। ପ୍ରାୟ ୫୦ ହଜାର କର୍ମଚାରୀଙ୍କ ପରିବାର ଚଳୁଛି କିନ୍ତୁ ତାଙ୍କର କୌଣସି ବୀମା ନାହିଁ। ସରକାରଙ୍କ କୌଣସି ସହାୟତା ମିଳିପାରି ନାହିଁ। ଏହି ମହାସଂଘକୁ ଶିଳ୍ପର ମାନ୍ୟତା ପ୍ରଦାନ ପାଇଁ ସଂଘର ସମ୍ପାଦକ ଶ୍ରୀ ଜେନା ଦାବି କରିଥିଲେ। ସହଯୋଗ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଉପସଭାପତି ଦେବାଶିଷ ରାଉତ ଧନ୍ୟବାଦ ଦେଇଥିଲେ।

# ହାଇକୋର୍ଟରେ କଟକ ସହର ସମସ୍ୟା



### ଶବ୍ଦ ପ୍ରଦୂଷଣ ବିରୋଧରେ ଶିକ୍ଷାନୁଷ୍ଠାନରେ ସଚେତନ କର

**କଟକ, ୨୬।୮ (ସମିସ):** କଟକରେ ପାର୍ବଣର ବିଗୁଲ ବାଜିଥିବା ବେଳେ ଗଣେଶ ପୂଜାରୁ ବାଲିଯାତ୍ରା ପର୍ଯ୍ୟନ୍ତ ଉତ୍ସବମୁଖର ହେବ। ବିଗତ ବର୍ଷ ମାନଙ୍କରେ ପାର୍ବଣ ସମୟରେ ଶବ୍ଦ ପ୍ରଦୂଷଣ ପାଇଁ ୬୫ଡେସିବେଲରୁ ଅଧିକ ଶବ୍ଦ ଉତ୍ପନ୍ନ ଉପରେ ଥିବା କଟକଣାକୁ ସଠିକ ଢଙ୍ଗରେ କାର୍ଯ୍ୟକାରୀ କରାଯାଇପାରିନଥିବା ହାଇକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏହି ମର୍ମରେ ଆଜି କଟକ ଡିସିପିଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା କି ଭସାଣି ଶୋଭାଯାତ୍ରାରେ ୬ଟି ସାଉଣ୍ଡ ବକ୍ସକୁ ଅନୁମତି ଦିଆଯାଇଛି। ତେବେ ପ୍ରତି ସାଉଣ୍ଡ ବକ୍ସ ୬୫ଡେସିବେଲ ଶବ୍ଦ ଉତ୍ପନ୍ନ କରିବ ନା ସମୁଦାୟ ମିଶିକରି ୬୫ଡେସିବେଲରେ ସୀମିତ ରହିବ ତାହା ସ୍ପଷ୍ଟ କରାଯାଇନାହିଁ। ଏଣୁ ପରବର୍ତ୍ତୀ ଶୁଣାଣି ସମୟରେ ଏହାକୁ ସ୍ପଷ୍ଟ କରିବା ପାଇଁ ହାଇକୋର୍ଟ କହିଛନ୍ତି। ସେହିଭଳି ସହରର ବିଭିନ୍ନ ଥାନା ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶବ୍ଦ ପ୍ରଦୂଷଣ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ପାଇଁ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ପୁଲିସ ସହ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ମଧ୍ୟ ପୂଜାମଣ୍ଡପ ଗୁଡିକ ଅଚାନକ ପରିଦର୍ଶନ କରିବେ ବୋଲି କୁହାଯାଇଛି।

### ତୋରଣ ଓ ସାଜସଜ୍ଜା ପାଇଁ ଏନ୍‌ଓସି ବାଧ୍ୟତାମୂଳକ

ତୋରଣ ପୂଜା ମଣ୍ଡପ ଗୁଡିକ ପକ୍ଷରୁ ରାସ୍ତାଘାଟ ଫୁଟପାଥ ଅବରୋଧ କରି ବୃହତ୍ତ ତୋରଣ, ଇଲେକ୍ଟ୍ରିକ ଗେଟ ଆଦି ନିର୍ମାଣ ନ କରିବା ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁପାଳନ କରାଯାଉଛି ବୋଲି ଜିଲ୍ଲା ପ୍ରଶାସନ ତରଫରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ସାଜସଜା ତଥା ତୋରଣ ପାଇଁ କଟକ ମହାନଗର ନିଗମର ଅନୁମତି ବାଧ୍ୟତାମୂଳକ କରାଯାଇଛି। ସେହିଭଳି ଉକ୍ତ ନିର୍ମାଣ ଗୁଡିକର ନିରାପତ୍ତା ଅନୁଧ୍ୟାନ ପରେ ଯାଇ ଏନଓସି ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏଥର ସିଙ୍ଗିଲ ୱିଣ୍ଡୋ ପଦ୍ଧତିରେ ପୂଜାମଣ୍ଡପଗୁଡିକୁ ସର୍ତ୍ତାରୋପ ପୂର୍ବକ ପ୍ରଥମେ ପ୍ରୋଭିଜିନାଲ ଓ ପରେ ଚୂଡାନ୍ତ ଏନଓସି ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

### ରାସ୍ତାଘାଟ ଦୁରବସ୍ଥା ନେଇ କେନ୍ଦ୍ର ଅଧିକାରୀଙ୍କୁ ହାଜିରା ନିର୍ଦ୍ଦେଶ

ସହରର ମଧୁପାଟଣାଠାରୁ ଓଏମପି ପର୍ଯ୍ୟନ୍ତ ଜାତୀୟ ରାଜପଥ ପାର୍ଶ୍ୱ ସର୍ଭିସରୋଡର ଶୋଚନୀୟ ଅବସ୍ଥା ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ରାସ୍ତାରେ ସୃଷ୍ଟ ପଟହୋଲଗୁଡିକ ଦୀର୍ଘ ମାସ ଧରି ମରାମତି ହୋଇପାରୁ ନଥିବା ନେଇ ଆଡଭୋକେଟ କମିଟି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଆଞ୍ଚଳିକ ଅଧିକାରୀଙ୍କୁ ପରବର୍ତ୍ତୀ ଶୁଣାଣି ସମୟରେ ଭର୍ଚୁଆଲରେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଜି ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଶୁଣାଣିରେ ୧୫ଟି ରାସ୍ତା ନବିକରଣ ପାଇଁ ଟେଣ୍ଡର ହୋଇଛି ବୋଲି କହିଥିଲେ। ନିର୍ମାଣ ଦାୟିତ୍ୱ ନେଉଥିବା ସଂସ୍ଥା ୩ବର୍ଷ ପର୍ଯ୍ୟନ୍ତ ରାସ୍ତା ରକ୍ଷଣାବେକ୍ଷଣ କରିବ ବୋଲି ଅବଗତ କରିଛନ୍ତି।

### ଖାଦ୍ୟ ନମୁନା ଯାଞ୍ଚ ପାଇଁ ଭ୍ରାମ୍ୟମାଣ ପରୀକ୍ଷା ବ୍ୟବସ୍ଥା କର

ପାର୍ବଣ ସମୟରେ ଅପମିଶ୍ରିତ ତଥା ଭେଜାଲ ଖାଦ୍ୟର ପସରା ଅନେକ ସଂକ୍ରାମକ ରୋଗର କାରଣ ହୋଇଥାଏ। ଏଥିପାଇଁ ଚିନ୍ତାଜନକ ହୋଇଥାଏ। ଏହାର ଯାଞ୍ଚ ପାଇଁ ୩ଟି ଟିମ ଗଠନ କରାଯାଇଛି। ଏଥିସହ ଅପମିଶ୍ରିତ ଖାଦ୍ୟ ନମୁନା ଯାଞ୍ଚ ପାଇଁ ଭୁବନେଶ୍ୱରରୁ ପାର୍ବଣ ସମୟରେ କିଛି ଦିନ ପାଇଁ ମୋବାଇଲ ଫୁଡ ଟେଷ୍ଟିଂ ଲାବୋରୋଟାରୀ ଆଣିବା ପାଇଁ ଖାଦ୍ୟ ନିରାପତ୍ତା ଆୟୁକ୍ତଙ୍କୁ ଅନୁରୋଧ କରାଯାଇଛି ବୋଲି ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ହାଇକୋର୍ଟଙ୍କୁ ଅବଗତ କରିଥିଲେ। ତେବେ କଟକ ମହାନଗର ନିଗମରେ ମଧ୍ୟ ଭୁବନେଶ୍ୱର ଭଳି ଏକ ସ୍ଥାୟୀ ମୋବାଇଲ ଫୁଡ ଟେଷ୍ଟିଂ ଲାବୋରୋଟାରୀ ବ୍ୟବସ୍ଥା କରିବା ପାଇଁ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।

### ୧୯୪ ସିସିଟିଭି ସ୍ଥାପନ ପାଇଁ ଦରକାର ୫୩.୭୩ କୋଟି

କଟକ ସହରରେ ମୋଟ ୧୦୭ଟି ସ୍ଥାନରେ ସିସିଟିଭି ଲଗାଇବା ପାଇଁ ସିଡିଏ ପକ୍ଷରୁ ଚିହ୍ନଟ କରାଯାଇଥିବା ବେଳେ କଟକ ଡିସିପିଙ୍କ ପକ୍ଷରୁ ଆଉ ୮୪ଟି ସ୍ଥାନରେ ଲଗାଇବା ପାଇଁ ପ୍ରସ୍ତାବ ଦିଆଯାଇଛି। ତେବେ ମୋଟ ୧୯୪ଟି ସ୍ଥାନରେ ସିସିଟିଭି ଲଗାଇବା ଓ ଏହାର ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ପ୍ରାୟ ୫୩ କୋଟି ୭୩ ଲକ୍ଷ ଟଙ୍କା ଆବଶ୍ୟକ। ବିପୁଳ ପରିମାଣର ଅର୍ଥ ଆବଶ୍ୟକ ଥିବା ବେଳେ ମାତ୍ର ୨୨କୋଟି ଟଙ୍କା ମିଳିଛି ବୋଲି ସିଡିଏ ପକ୍ଷରୁ ଦାଖଲ ସତ୍ୟପାଠରେ କୁହାଯାଇଛି। ସିଡିଏ ଉପାଧ୍ୟକ୍ଷଙ୍କ ପକ୍ଷରୁ ଉପରୋକ୍ତ ସ୍ଥାନ ଗୁଡିକରେ ସିସିଟିଭି ଲଗାଯିବା ପାଇଁ ନଗର ଉନ୍ନୟନ ବିଭାଗକୁ ଗତ ଜୁଲାଇ ୨୩ରେ ଏକ ପତ୍ର ଲେଖାଯାଇଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଏହି ପ୍ରସଂଗରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ମିଳିଥିବା ଅର୍ଥରାଶିରେ ସିସିଟିଭି ଲଗାଯିବା କାମ କୋଲକାତାର ଇଣ୍ଡିଆନ ଟେଲିଫୋନ ଲିମିଟେଡକୁ ଦିଆଯାଇ ବର୍ତ୍ତମାନ ସୁଦ୍ଧା ୧୦ଟି ସ୍ଥାନରେ ସିସିଟିଭି ଲଗାଯାଇସାରିଲାଣି।

## ରେଭେନ୍ସା ଅର୍ଥଶାସ୍ତ୍ର ବିଭାଗରେ ଉଜ୍ଜୀବନ କାର୍ଯ୍ୟକ୍ରମ



**କଟକ, ୨୬।୮ (ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ତରଫରୁ ନବାଗତ ସ୍ନାତକ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଉଜ୍ଜୀବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସମିତି ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇ କହିଥିଲେ ଯେ ପିତାମାତା ଓ ଗୁରୁଜନଙ୍କ କଥା ମାନିଲେ, ସମୟାନୁବର୍ତ୍ତୀ ହେଲେ ଓ ସୋସିଆଲ ମିଡିଆରୁ ନିଜକୁ ଦୂରରେ ରଖିଲେ ହିଁ ସଫଳତା ମିଳିବ। ଅଧ୍ୟାପକ ଅମିତ ସାହୁ ନୂତନ ଶିକ୍ଷାନୀତିର ପାଠ୍ୟ ପ୍ରଣାଳୀ ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିବା ବେଳେ ପ୍ରଫେସର ଲିପିଶ୍ରୀ ଦାସ ପରୀକ୍ଷା ପ୍ରଣାଳୀ ଓ ବ୍ୟବସ୍ଥା ଉପରେ ଅଲୋକପାତ କରିଥିଲେ। ଅଧ୍ୟାପକ ନିରୂପମା ତେତେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଥିବା ସୁବିଧାଗୁଡ଼ିକ ଉପରେ ଆଲୋଚନ କରିଥିଲେ। ବିଭାଗୀ ମୁଖ୍ୟ ମନୋଜ କୁମାର ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ, ବିଭାଗର ଅଧ୍ୟାପକ କୀର୍ତ୍ତି ରଞ୍ଜନ ପାଲଟାସିଂହ, ସ୍ମୃତିରେଖା ମହାନ୍ତି ଓ ସ୍ୱାତୀ ତିର୍କି ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ।

## ବ୍ୟବସାୟୀଙ୍କ ଠାରୁ ଲୁଟ୍ ଘଟଣା; ୪ କୋର୍ଟଚାଲାଣ

ଦିଗପହଣ୍ଡି,୨୬।୮ (ସମିସ): ଦିଗପହଣ୍ଡି ବ୍ଲକ କେ. ନୂଆଗାଁ ଥାନା ଅନ୍ତର୍ଗତ ବିଜୟ ଲକ୍ଷ୍ମୀ ନାରାୟଣପୁର ଗ୍ରାମ ଛକ ନିକଟରେ ଜଣେ ପାନମସଲା ବ୍ୟବସାୟୀଙ୍କୁ ମାଡ଼ମାରି ଟଙ୍କା ଲୁଟି ନେବା ଘଟଣାରେ କେ. ନୂଆଗାଁ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କେ. ନୂଆଗାଁ ଥାନା କୁମ୍ଭରଡା ଗ୍ରାମର ଜିତୁ ଓରଫ ଜିତେନ୍ଦ୍ର ପ୍ରଧାନ, ନୂଆପଡା ଗ୍ରାମର ନାନା ଓରଫ ନୃସିଂହ ପ୍ରସାଦ ପଣ୍ଡା, ଜଗମୋହନପୁର ଗ୍ରାମର ଦୀପକ ଗୌଡ଼ ଏବଂ ଦିଗପହଣ୍ଡି ଥାନା ଲଙ୍ଗଳଦେଇ ଗ୍ରାମର କାଳିଆ ଦାସ।

ଜୁଲାଇ ୨୨ରେ ଅଭିଯୁକ୍ତମାନେ ଶେରଗଡ଼ ଥାନା ଧବଳପୁର ଗ୍ରାମର ପାନମସଲା ବ୍ୟବସାୟୀ କ୍ରିଷ୍ଣା କୁମାର ବିଷୋୟୀଙ୍କ ପିକଅପ୍ ଭ୍ୟାନକୁ ଅଟକାଇ ଗାଡ଼ି ଭଙ୍ଗାରୁଜା କରିବା ସହ ତାଙ୍କୁ ଜୋର ଜବରଦସ୍ତ ନିକଟସ୍ଥ ଜଙ୍ଗଲ ଆଡ଼କୁ ନେଇ ସେଠାରେ ମାଡ଼ମାରି ମସଲା ବିକ୍ରିକରି ସେ ଧରିଥିବା ୪ ଲକ୍ଷ ଟଙ୍କା ସମେତ ଏକ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ବ୍ୟବସାୟୀ ଜଣକ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ଦୀପକ ଏବଂ କାଳିଆକୁ ପୁଲିସ ତାମିଲନାଡୁର କୋଏମ୍ବାଟୁର ସହରରୁ ଧରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ୨ ଅଭିଯୁକ୍ତଙ୍କୁ ସେମାନଙ୍କ ଗ୍ରାମରୁ ଗିରଫ କରିଥିଲା। ଅଭିଯୁକ୍ତ କାଳିଆଠାରୁ ନଗଦ ୪୫ ହଜାର ଟଙ୍କା ଏବଂ ଏକ ମୋବାଇଲ ମଧ୍ୟ ଜବତ କରିଥିଲା। ମଙ୍ଗଳବାର ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି କୋର୍ଟଚାଲାଣ କରାଯିବା ପରେ ଜାମିନ ଆବେଦନ ଖାରଜ ହେବାରୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

### ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି

## ନକଲି ଜମି ମାଲିକ ସହ ୨ ଗିରଫ

ଗଞ୍ଜାମ,୨୫।୮ (ସମିସ)

ଗଞ୍ଜାମ ପୁଲିସ ଏକ ଗୁରୁତର ଜମି ଜାଲିଆତି ଓ ବିକ୍ରି ମାମଲାର ପର୍ଦ୍ଦାଫାସ୍ କରିଛି। ଏହି ମାମଲାରେ ପୁଲିସ ତିନି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ଅଞ୍ଚଳର ମନୋଜ କୁମାର ଗୌଡ଼ (୩୦), ଦିଲ୍ଲୀପ ମାଳି (୫୧) ଓ ଦଣ୍ଡପାଣି ବେହେରା (୭୮)। ସେମାନଙ୍କ ଠାରୁ ନକଲି ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକ ପୁଲିସ ଜବତ କରିଛି। ସେମାନେ ମୃତ ଲୋକଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି କରିଥିବା ଅଭିଯୋଗରେ ବନ୍ଧା ହୋଇଥିବା ଏସ୍‌ଆଇ ଅନିରୁଦ୍ଧ ସ୍ୱାଇଁ କହିଛନ୍ତି। ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ଏସ୍‌ଆଇ ଶ୍ରୀ ସ୍ୱାଇଁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଅଞ୍ଚଳରୁ ଗିରଫ କରିଥିଲେ।

ସୂଚନାନୁସାରେ ବ୍ରହ୍ମପୁର ଉପକଣ୍ଠ ହଳଦିଆପଦର ବାସିନ୍ଦା ଦଣ୍ଡପାଣି ବେହେରାଙ୍କ ୨୦୦୪ରେ ମୃତ୍ୟୁ ଘଟିଥିଲା। ମୃତ ଦଣ୍ଡପାଣିଙ୍କ ନାମରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତରେ ଦୁଇ ଏକର ୬୪୨ ଡେସିମେଲ ଜମି ରହିଥିଲା। ପରିବାର ପ୍ରାୟ ସଦସ୍ୟମାନେ ବାହାରେ ସ୍ଥାୟୀ ଭାବରେ ଥିବାରୁ ସେହି ଜମି ବିଷୟରେ ଗୁରୁତ୍ୱ ଦେଉନଥିଲେ। ମୃତ ବ୍ୟକ୍ତିଙ୍କ ଦଣ୍ଡପାଣି ବେହେରା ହୋଇଥିବାରୁ ଏହାର ସୁଯୋଗ ଅଭିଯୁକ୍ତ ଦଣ୍ଡପାଣି ବେହେରା ଜମି ମାଲିକ ଓ ଅନ୍ୟ ଦୁଇଜଣ ଦଲାଲ ସାଜି ଜାଲିଆତି ଭାବେ ଜମି ବିକ୍ରି କରିଥିଲେ। ତେବେ ମଣ୍ଡିରେ ଧାନ ବିକ୍ରି ପାଇଁ ଆବେଦନ କରିବା ପାଇଁ ସିସ୍ଟୁ ରସିଦ କରିବା ସମୟରେ ମୃତ ଦଣ୍ଡପାଣୀଙ୍କ ପୁଅ ମାନସ ବେହେରା ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ଅଗଷ୍ଟ ୨୦ରେ ମାନସ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଏହା ଆଧାରରେ କେସ୍ ନଂ. ୨୭୦/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଗଞ୍ଜାମ ଥାନା ପୁଲିସ। ଥାନା ଆଇଆଇସି ଦାୟିତ୍ୱରେ ଥିବା ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଖୋଳତାଡ଼। ରିପୋର୍ଟ ଅନୁସାରେ ୨୦୨୪ରେ ଅଭିଯୁକ୍ତମାନେ ନକଲି ଆଧାର କାର୍ଡ ବ୍ୟବହାର କରି ୭୮ ବର୍ଷୀୟ ଦଣ୍ଡପାଣି ବେହେରାଙ୍କ ପରିଚୟ ଦେଇ ସ୍ଥାନୀୟ ବ୍ୟକ୍ତି ଡି. ବିକାଶଙ୍କୁ ଜମି ବିକ୍ରି କରିଥିଲେ। ୨୦୨୪ ସେପ୍ଟେମ୍ବର ୧ରେ ଗଞ୍ଜାମ ସବ୍-ରେଜିଷ୍ଟ୍ରାର ଅଫିସରେ ଏହି ଜମିର ରେଜିଷ୍ଟ୍ରି ହୋଇଥିଲା। ଅଧିକା ଟଙ୍କା ଥିବା ଜମିକୁ କମ ଟଙ୍କାରେ ମିଳୁଥିବାରୁ ଜମି କିଣା ଯାଇଥିଲା। ଉକ୍ତ ଘଟଣାରେ ମୋଟ ୧୫ ଲକ୍ଷ ଟଙ୍କା କାରବାର ହୋଇଥିବା ପୁଲିସ ସ୍ପଷ୍ଟ କରିଛି। ଯାହାର ୧.୫ ଲକ୍ଷ ଟଙ୍କା ଦଣ୍ଡପାଣିଙ୍କୁ ଦିଆଯାଇଥିଲା ଏବଂ ୧୩.୫ ଲକ୍ଷ ଟଙ୍କା ଦୁଇ ଦଲାଲଙ୍କ ମଧ୍ୟରେ ବଣ୍ଟା ହୋଇଥିଲା। ତେବେ ତଦନ୍ତ ଶେଷ ହେଲାପରେ ଘଟଣାର ପ୍ରକୃତ ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## ଗଂଜାମ ମହାବିଦ୍ୟାଳୟରେ ଚାରାରୋପଣ

ଗଞ୍ଜାମ,୨୬।୮ (ସମିସ): ଗଂଜାମ ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ୟୁନିଟ ଓ ଗ୍ରାସିମ ଇଣ୍ଡଷ୍ଟ୍ରି ଲିମିଟେଡ଼, ଗଂଜାମର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ଼. ସ୍ମରଣିକା ହୋତାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା। ଗ୍ରାସିମ ଇଣ୍ଡଷ୍ଟ୍ରିର ସିଏସ୍‌ଆର ମୁଖ୍ୟ ସୁସ୍ମିତା ବେହେରା ଓ କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗଂଜାମ ମହାବିଦ୍ୟାଳୟ ଯୁବ ରେଡକ୍ରସ ୟୁନିଟର କାଉନ୍‌ସିଲର ଅଧ୍ୟାପକ ସୂର୍ଯ୍ୟନାରାୟଣ ମୁଦୁଲି ଓ ଅଧ୍ୟାପିକା ଖୁସବୂ ନାଜ୍ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଧ୍ୟାପିକା ମମତା ପାଢ଼ୀ, ଡ଼. ପୀତାମ୍ବର ବେହେରା, ଡ଼. ଦୁର୍ଗା ପ୍ରସାଦ ଦାଶ, ଅଧ୍ୟାପକ ସୁମନ ସେଠୀ, ଅରୁନ୍ଧତୀ ସିଂ, ଶୁଭେନ୍ଦୁ ବିକାଶ ଟହଲ, ଗୀତାଞ୍ଜଳୀ ବେହେରା, ଶ୍ରୀଧର ବଢ଼େଇ, ତଥା ମହାବିଦ୍ୟାଳୟ କର୍ମଚାରୀ ପ୍ରଦୀପ ପଟ୍ଟନାୟକ, ରଘୁନାଥ ରେଡ୍ଡୀ, ଅଜୟ ବାରିକ, ଚକ୍ରପାଣି ରେଡ୍ଡୀ ଓ କଲେଜର ୩୦ରୁ ଊର୍ଦ୍ଧ୍ୱ ଯୁବ ରେଡ଼କ୍ରସର ସ୍ୱେଚ୍ଛାସେବୀ ଯୋଗଦେଇ ଚାରା ରୋପଣ କରିଥିଲେ।

## ଲଗାଣ ବର୍ଷା, ଜଳଭଣ୍ଡାର ଗେଟ୍ ଖୋଲିଲା

ଲମତାପୁଟ,୨୬।୮ (ସମିସ): ଲମତାପୁଟରେ ବର୍ଷା ଲାଗି ରହିଛି। ବର୍ଷା ଯୋଗୁଁ ଜଳ ଭଣ୍ଡାରରେ ଜଳସ୍ତର ବଢ଼ିବାରେ ଲାଗିଛି। ଜଳ ଭଣ୍ଡାରର ସୁରକ୍ଷାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ୨ଟି ଜଳ ଭଣ୍ଡାରରୁ ଚାରଟି ଗେଟ ଖୋଲିଛନ୍ତି। ଜଳାପୁଟ ମୁଖ୍ୟ ଜଳ ଭଣ୍ଡାରର ବିପଦ ସଂକେତ ୨୭୫୦ ଫୁଟ ରହିଥିବା ବେଳେ ବର୍ତ୍ତମାନ ୨୭୪୮.୧୫ ଫୁଟ ଜଳସ୍ତର ରହିଛି। ଡ୍ୟାମର ୫,୬ ନମ୍ବର ଗେଟ ଖୋଲାଯାଇ ୧୦ ହଜାର କ୍ୟୁସେକ ଜଳ ମାଛକୁଣ୍ଡ ଡି ଡ୍ୟାମକୁ ଛଡ଼ାଯାଇଛି। ସେହିଭଳି ମାଛକୁଣ୍ଡ ଡି ଡ୍ୟାମରେ ମଧ୍ୟ ଜଳସ୍ତର ବଢିବାରୁ ବିଭାଗୀୟ ଅଧିକାରୀ ଡି ଡ୍ୟାମର ୬ ଏବଂ ୭ ନମ୍ବର ଗେଟକୁ ଖୋଲିଛନ୍ତି। ଡି ଡ୍ୟାମର ବିପଦ ୨୫୯୦ ଫୁଟ ରହିଥିବା ବେଳେ ବର୍ତ୍ତମାନ ୨୫୮୭ ଫୁଟ ଛୁଇଁବା ପରେ ମାଛକୁଣ୍ଡ ଡି ଡ୍ୟାମରୁ ମଧ୍ୟ ୨ଟି ଗେଟ ଖୋଲାଯାଇ ପ୍ରତି ସେକେଣ୍ଡରେ ୬ ହଜାର କ୍ୟୁସେକ ଜଳ ନିଷ୍କାସିତ କରାଯାଉଛି।

## ସ୍ୱାୟତ୍ତଶାସନ ଦିବସ ପାଇଁ ପ୍ରତିଯୋଗିତା

କୋଦଳା,୨୬।୮ (ସମିସ): କୋଦଳା ଏନଏସିରେ ଅନୁଷ୍ଠିତ ହେବାକୁ ଥିବା ସ୍ୱାୟତ୍ତ ସାଶନ ଦିବସରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେବାକୁ ଏନଏସି କାଯ୍ୟନିର୍ବାହୀ ଅଧିକାରୀଙ୍କ ପତ୍ର ନୁଯାୟୀ ମଙ୍ଗଳବାର କୋଦଳା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରତିଯୋଗିତା ତଥା ଓଡ଼ିଆ ରଚନା, ଇଂରାଜୀ ଭାଷଣ, ଚିତ୍ରାଙ୍କନ ଅନୁଷ୍ଠିତ ହୋଇଥିଲା।

ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମ ତାଲିକା ଏନ୍‌ଏସି କୋଦାଳକୁ ସୁପାରିସ କରାଯାଇଛି। କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲି ଓ କାର୍ଯ୍ୟକ୍ରମର ସଂଯୋଜିକା ଓଡ଼ିଆ ବିଭାଗୀୟ ଅଧ୍ୟାପିକା ରଞ୍ଜୁବାଳା ନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର

ପୋଲସରା,୨୬।୮ (ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ହାତୀଓଟରେ ସମଗ୍ର ଶିକ୍ଷା, ଗଞ୍ଜାମ ଏବଂ ହାତୀଓଟ ନୋଡାଲ୍ ହାଇସ୍କୁଲ ଦ୍ୱାରା ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ପକ୍ଷରୁ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ମୋଟ ୨୨୫ ଜଣ ଛାତ୍ରଛାତ୍ରୀଙ୍କ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧୨ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣା ଚଷମା ପ୍ରଦାନ କରିବାକୁ ଚିହ୍ନଟ କରାଯାଇଥିଲା ଓ ୫ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ସମସ୍ୟା ଥିବାରୁ ସେମାନଙ୍କୁ ଜିଲ୍ଲା ଚକ୍ଷୁ ପରୀକ୍ଷା କେନ୍ଦ୍ରକୁ ପଠାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା? କାର୍ଯ୍ୟକ୍ରମରେ ହାତୀଓଟ ନୋଡାଲ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମା ଶଙ୍କର ଦାସ ଏବଂ ବିଦ୍ୟାଳୟର ଶିକ୍ଷକ ନିରାନନ୍ଦ ସାହୁ, ଶଙ୍କର ପ୍ରଧାନ, ଶୁଭକାନ୍ତ ସାହୁ, ସୁନୀତା କୁମାରୀ ବଡ଼ ଜେନା, ରମେଶ ଚନ୍ଦ୍ର ସ୍ୱାଇଁ, ସମୀର କୁମାର ଦଳେଇ,ସବିତା ରାଉତ, ଗଣପତି ସାହୁ, ସୁଶାନ୍ତ କୁମାର ସ୍ୱାଇଁ, କର୍ମଚାରୀ ଆଶିଷ କୁମାର ପାତ୍ର, ଏବଂ ଦୀପକ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଡାକ୍ତର ସିଲା ସୀତାରାମ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ଏ. ନାଗେଶ୍ୱର ରାଓ ଆଚାରୀ ଏବଂ ସୃଷ୍ଟି ସାହୁ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା କରିଥିଲେ। ପୋଲସରା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀହର୍ଷବାବୁ ଖାଡ଼ଙ୍ଗା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାସିନି ତ୍ରିପାଠୀ, ବ୍ଲକ ସମ୍ବଳ ଶିକ୍ଷକ ଉପେନ୍ଦ୍ର କୁମାର ସେଠୀ ଏବଂ କମଳିନୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆରସିସି ରାକେଶ ରୋଶନ ବେହେରା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରସିକ୍ୟୁସନ ଅଭିଯୋଜନ ନିର୍ଦ୍ଦେଶାଳୟ ଉଦ୍‌ଘାଟିତ



ଛତ୍ରପୁର,୨୬।୮ (ସମିସ): ନୂତନ ଅପରାଧିକ ଆଇନ-୨୦୨୪ର ପ୍ରଣୟନ ପରେ ଅଭିଯୋଜନ ବିଭାଗକୁ ପୂର୍ବ ଅପେକ୍ଷା ଅଧିକ ସୁଦୃଢ଼ କରିବା ତଥା ଅସହାୟଙ୍କୁ ତ୍ୱରିତ ନ୍ୟାୟ ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ସବୁ ରାଜ୍ୟ ତଥା ଜିଲ୍ଲାସ୍ତରରେ ନୂତନ ଭାବେ ଜିଲ୍ଲା ଅଭିଯୋଜନ ବିଭାଗ ପ୍ରତିଷ୍ଠା କରାଯାଇଛି। ଏହି କ୍ରମରେ ଆଜି ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁରସ୍ଥିତ ଜିଲ୍ଲା ମୁଖ୍ୟାଳୟ ପରିସରରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଦ୍ୱାରା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଭାରପ୍ରାପ୍ତ ଅଭିଯୋଜନ ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ଉପନିର୍ଦ୍ଦେଶକ ସୁବ୍ରତ ମହାନ୍ତି, ସ୍ପେଶାଲ ଅଫିସର ଜନ୍ମେଜୟ ପଲେଇ, ଜିଲ୍ଲା ଅଭିଯୋଜନ ଅଧିକାରୀ ବିଶ୍ୱଜିତ ବରାଳ, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀ ଓ ଅନ୍ୟ ଅଭିଯୋଜନ ଅଧିକାରୀ ତଥା ସରକାରୀ ଓକିଲଙ୍କ ଉପସ୍ଥିତିରେ ଜିଲ୍ଲା ଅଭିଯୋଜନ ବିଭାଗର ଉଦଘାଟନ ହୋଇଯାଇଛି। ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ ତଥା ବଢୁଥିବା ଅପରାଧକୁ କମ କରାଯାଇପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଇଫ୍‌କୋ ଅଧିକାରୀଙ୍କ ଜୀବିକା ବିକାଶ ପ୍ରକଳ୍ପ ପରିଦର୍ଶନ



ପୁରୁଷୋତ୍ତମପୁର,୨୬।୮ (ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକର ପ୍ରତାପୁର ଗାଁର ରାଜୀବଗାନ୍ଧୀ ସେବାକେନ୍ଦ୍ର ଠାରେ ଇଫ୍‌କୋର ଗ୍ରାମାଞ୍ଚଳ ଜୀବିକା ବିକାଶ ପ୍ରକଳ୍ପ କାର୍ଯ୍ୟରତ ବରିଷ୍ଠ ଅଧିକାରୀମାନେ ପହଞ୍ଚିଥିଲେ। ଏହି ଅଧିକାରୀଙ୍କ ମଧ୍ୟରେ ରହିଥିଲେ ଇଫ୍‌କୋ ନୂଆଦିଲ୍ଲୀର କ୍ଷେତ୍ର ଅଧିକାରୀ ଶ୍ରୀ ଲକ୍ଷ୍ମୀ, ଇଫ୍‌କୋ ଭୁବନେଶ୍ୱରର କ୍ଷେତ୍ର ଅଧିକାରୀ ସନ୍ଧ୍ୟାରାଣୀ ବେହେରା ଓ ଇଫ୍‌କୋ କଟକର କ୍ଷେତ୍ର ଅଧିକାରୀ ଅର୍ପଣ ଖାନ୍ନା ରହିଥିଲେ। ଇଫକୋ ପକ୍ଷରୁ ଚାଲୁ ରହିଥିବା ଗ୍ରାମାଞ୍ଚଳ ଜୀବିକା ବିକାଶ ପ୍ରକଳ୍ପରେ କାର୍ଯ୍ୟରତ ଥିବା ମହିଳା ମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଗ୍ରାମାଞ୍ଚଳର ମହିଳାମାନେ କିଭଳି ଭାବେ ସ୍ୱାଭାଲମ୍ବୀ ହୋଇପାରିବେ ସେ ନେଇ ସମୀକ୍ଷା କରିଥିଲେ। ଇଫ୍‌କୋ ଗତ ୧୫ ବର୍ଷ ଧରି ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିଆସୁଛି ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳର ମହିଳାଙ୍କୁ ସଶକ୍ତୀକରଣ କରିବା। ବିଭିନ୍ନ କ୍ଷେତ୍ରରେ ଏହି ପ୍ରକଳ୍ପ କାମ କରିଥାଏ। ଏହି କ୍ରମରେ ପ୍ରତାପୁରରେ ରହିଥିବା ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଇଫ୍‌କୋ ନିଜ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରିଛି। ଏହି ପ୍ରକଳ୍ପରେ ମହିଳାମାନେ ସିଲେଇ କାମ କରୁଛନ୍ତି। ମହିଳାମାନେ ସିଲେଇ କାମ କରିବା ନିମନ୍ତେ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରୁଛି ଇଫ୍‌କୋ। ତାହାର ତଦାରଖ କରିବା ସହିତ ସ୍ଥାନୀୟ ଇଫ୍‌କୋ କର୍ମଚାରୀ ମହିଳାମାନଙ୍କୁ ଏଭଳି ପ୍ରକଳ୍ପରେ ସହଯୋଗ କରିଥିଲେ।

### ଦାମ୍ପତ୍ୟ କଳହକୁ ନେଇ କଙ୍ଗାରୁ କୋର୍ଟରେ ୭ ଲକ୍ଷ ଜରିମାନା

## ବାପ-ପୁଅଙ୍କୁ ମାଡ଼ ମାରି ୨ଲକ୍ଷ ଟଙ୍କା ଅସୁଲ



ମୋହନା,୨୬।୮ (ସମିସ): ପ୍ରଥମେ ପ୍ରେମ ବିବାହ, ପରେ ଦାମ୍ପତ୍ୟ କଳହକୁ ନେଇ ବସିଲା କଙ୍ଗାରୁ କୋର୍ଟ। ସେଠାରେ ସ୍ୱାମୀଙ୍କୁ ମାଡ଼ ମରାଯିବା ସହ ୭ ଲକ୍ଷ ଟଙ୍କାର ଜରିମାନା କରାଯାଇଛି। ଗଜପତି ଜିଲ୍ଲା ଅଡ଼ବା ଅଞ୍ଚଳରୁ ଆସିଛି ଏଭଳି ଅଭିଯୋଗ। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଅଡ଼ବା ଥାନା ତୋରାଣିପାଣି ଗ୍ରାମର ହେବଲ ଶବର ବର୍ଷକ ପୂର୍ବେ କୁଟୁଣୀଗଣ୍ଡା ଗ୍ରାମର ପ୍ରିୟଙ୍କା ରଇତଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପରେ ଉଭୟଙ୍କ ମଧ୍ୟରେ କୋ÷ଣସି କାରଣରୁ ଝଗଡ଼ା ହେବାପରେ ପ୍ରିୟଙ୍କା ବାପ ଘରକୁ ଚାଲିଯାଉଥିଲେ। ଏହା ମଧ୍ୟରେ ବାପଘରେ ସ୍ତ୍ରୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପରେ ନବଜାତକର ମୃତ୍ୟୁ ହୋଇଥିଲା। ହାବଲ ବୁଝାସୁଝା କରି ସ୍ତ୍ରୀଙ୍କୁ ଘରକୁ ଆଣିଥଲା। କିନ୍ତୁ ପରେ ପୁଣି ଉଭୟଙ୍କ ମଧ୍ୟରେ କଳହ ହେବାରୁ ସ୍ତ୍ରୀ ପ୍ରିୟଙ୍କା ଲୁଚି ବାପଘରକୁ ଚାଲିଯାଇଥିଲେ। ଏହାପରେ ଗତ ଅଗଷ୍ଟ ୨୧ରେ ଉଭୟ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ନେଇ କୁଟୁଣୀଗଣ୍ଡାରେ କଙ୍ଗାରୁ କୋର୍ଟ ବସିଥିଲା। ସେଠାରେ ସ୍ତ୍ରୀର ପରିବାର ବର୍ଗ ଏବଂ ଗ୍ରାମର କିଛି ଲୋକ ହେବଲ ଏବଂ ତାଙ୍କ ବାପା କର୍ନେଲ ଶବରଙ୍କୁ ମାଡ଼ ମାରିବା ସହ ୭ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ମାଗିଥିଲେ। ଜୀବନ ଭୟରେ ଧାରକରଜ କରି ୨ ଲକ୍ଷ ୫ ହଜାର ୫ ଶହ ୫୧ ଟଙ୍କା ଉକ୍ତ ବୈଠକରେ ସଭାପତିତ୍ୱ କରୁଥିବା ବ୍ୟକ୍ତିଙ୍କୁ ପ୍ରଦାନ କରିଥିଲେ। ବକେୟା ଟଙ୍କା ସେପ୍ଟେମ୍ବର ୧ରେ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ଟଙ୍କା ଯୋଗାଡ଼ ହୋଇ ନ ପାରିବାରୁ ଜୀବନ ଭୟରେ ପୁଲିସର ଦ୍ୱାରସ୍ଥ ହୋଇଥିବା କହିଛନ୍ତି ହାବେଲ। ଅନ୍ୟପଟେ କଙ୍ଗାରୁ କୋର୍ଟ ଘଟଣାକୁ ଅସ୍ୱୀକାର କରିଥିବା ବେଳେ ଅଭିଯୋଗ ଅନୁଯାୟୀ ପ୍ରକୃତ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## 'ମୋ ପ୍ରତିଭା ମୋ ପରିଚୟ' କାର୍ଯ୍ୟକ୍ରମ



ଛତ୍ରପୁର,୨୬।୮ (ସମିସ): ବିବିଧା ଫାଉଣ୍ଡେସନ ଫର ଆର୍ଟ ଏଣ୍ଡ କଲଚରର ୮ମ ବାର୍ଷିକ ଉତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଛତ୍ରପୁର ଜିଲ୍ଲା ସଂସ୍କୃତି ଭବନରେ ମୋ ପ୍ରତିଭା ମୋ ପରିଚୟ କାର୍ଯ୍ୟକ୍ରମ ପାଳନ ହୋଇଯାଇଛି। ସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ଏନଏସି ଓ ବ୍ଲକସ୍ତରୀୟ ଦିନତମାମ କଳାକାର ମାନଙ୍କ ଦ୍ୱାରା ଚିତ୍ରାଙ୍କନ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ଅରୁଣ କୁମାର ଶତପଥି, ଛତ୍ରପୁର ନୃତ୍ୟ ନିର୍ଦ୍ଦେଶକ ସଂଘର ସଭାପତି କେ.ସତ୍ୟନାରାୟଣ ରେ‡ୀ, ଓଡିଶୀ ନୃତ୍ୟ ଶିଳ୍ପୀ ଅଳକା ସାହୁ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସନ୍ଧ୍ୟା ଉଦ୍‌ଘାଟନୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଉତ୍କଳ ସଂଗୀତ ମହାବିଦ୍ୟାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅମୀୟ କୁମାର ଧଳ, ଛତ୍ରପୁର ବାର ଆସୋସିସନର ସଭାପତି ପ୍ରଦୀପ କୁମାର ପାଢ଼ୀ, କେନ୍ଦ୍ରୀୟ ବିସ୍‌ମିଲ୍ଲା ଖାଁ ଯୁବପୁରସ୍କାରପ୍ରାପ୍ତ ଯୁବ ଲୋକନୃତ୍ୟ ଗୁରୁ ଆଲୋକ ବିଷୋୟୀ, ବିବିଧା ଫାଉଣ୍ଡେସନ ଫର୍ ଆର୍ଟ ଏଣ୍ଡ କଲଚରର ସଦସ୍ୟ ତଥା ଅଭିନୟ ନୃତ୍ୟ ଶିଳ୍ପୀ ରାମେଶ୍ୱର ପଣ୍ଡା ମଞ୍ଚାସୀନ ହେବା ସହ ସବୁବେଳେ ସ୍ଥାନୀୟ କଳାକାରଙ୍କୁ ଉତ୍ସାହିତ କରିବାକୁ ପ୍ରୟାସ ଜାରି ରଖିଛି ବୋଲି ପ୍ରଶଂସା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମେ ଓଡିଶୀ, କେନ୍ଦରା, ଦଣ୍ଡନାଚ ଗାହାଣୀ, ଗୁରୁ ସମୀର କୁମାର ବେହେରାଙ୍କ କାଠ ପାଦ ନୃତ୍ୟ, ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଗୀତରେ ରାମେଶ୍ୱର ପଣ୍ଡାଙ୍କ ନୃତ୍ୟରେ ଝୁମିଲେ ଦର୍ଶକ, ଶେଷରେ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି କଳାକାରଙ୍କୁ ସମ୍ମାନିତ କରାଯାଇଥିଲା ବେଳେ ସାନ୍ତାନୁ କୁମାର ସାହୁ, ଆଶା ଦାସ, ବର୍ଷା ଦାସ ସହଯୋଗ କରିଥିଲେ।

## ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ସଚେତନତା



ବୁଗୁଡା,୨୫।୮ (ସମିସ): ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆସନ୍ତା ସ୍ୱାୟତ ଶାସନ ଦିବସ ପାଳନ ଉପଲକ୍ଷେ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ "ଗରିମା' ଯୋଜନା ଆନୁକୂଲ୍ୟରେ ମୁଖ୍ୟ ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ ମର୍ଯ୍ୟାଦା ପାଇଁ ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ମହେଶ୍ୱର ନାଟ୍ୟ ସେବା ପରିଷଦର କଳାକାରଙ୍କ ଦ୍ୱାରା ଜନସଚେତନତାମୂଳକ ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା ବେଳେ ତାହା ଲୋକଙ୍କୁ ବହୁତ ପ୍ରଭାବିତ କରିଥିଲା। ସେହିପରି ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ସମେତ ଏସଏଚଜି ମହିଳା, ସ୍ୱଚ୍ଛସାଥୀ, ସଫେଇ ଓ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା ବେଳେ ତାହା ଏନ୍‌ଏସି କାର୍ଯ୍ୟାଳୟରୁ ବାହାରି ନଗର ପରିକ୍ରମା କରି ଜନସଚେତନତା ସୃଷ୍ଟି କରିଥିଲା।

## ଶେରଗଡ଼ରେ ସାର ସଂକଟ; ଚଢ଼ା ଦରରେ କିଣୁଛି ଚାଷୀ

ଶେରଗଡ,୨୬।୮ (ସମିସ)

ଧାନ ରୁଆ ସରିଲାଣି, ଏବେ ଚାଷୀ ବିଲରେ ସାର ପକାଇବ। ସାର ପକାଇବା ଲାଗି ଏହା ପ୍ରକୃଷ୍ଟ ସମୟ ହୋଇଥିବାବେଳେ ଚାଷୀ ପାଖରେ କିନ୍ତୁ ସାର ନାହିଁ। ସ୍ଥାନୀୟ ସୋସାଇଟିକୁ ସାର ଲାଗି ଗଲେ ଚାଷୀଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି। ଫଳରେ ଚାଷୀମାନଙ୍କୁ ବଜାରରୁ ଚଢ଼ା ଦରରେ ସାର କିଣିବାକୁ ପଡୁଛି। ଯେଉଁଠି ସାରର ମୂଲ୍ୟ ୩ ଶହ ଟଙ୍କା ଧାର୍ଯ୍ୟ କରାଯାଇଛି, ତାହା ବଜାରରେ ୫ ଶହରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେଉଛି। ମୁଖ୍ୟତଃ ଚାଷୀଙ୍କୁ ସେମାନଙ୍କ ଅଞ୍ଚଳରେ ଥିବା ସୋସାଇଟି ଜରିଆରେ ସାର ଯୋଗାଇ ଦିଆଯାଇଥାଏ। ଏହା ବ୍ୟତିତ ଜିଲ୍ଲା କୃଷି ବିଭାଗ ପକ୍ଷରୁ କିଛି ବ୍ୟବସାୟୀଙ୍କୁ ସାର ବିକ୍ରି ଲାଗି ଲାଇସେନ୍ସ ପ୍ରଦାନ କରାଯାଇଥାଏ। ସେମାନେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାର ବିକ୍ରି କରିବେ। ଶେରଗଡ ବ୍ଲକରେ ମୋଟ ୧୫ ଶହ ମେଟ୍ରିକ୍‌ଟନ ସାରର ଆବଶ୍ୟକତା ରହିଛି।

ଏହି ସାର ଯୋଗାଣ ଲାଗି ୧୫ଟି ସୋସାଇଟି ଏବଂ ୩୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ମାତ୍ର ୫୫୦ ମେଟ୍ରିକ୍ ଟନ ସାର ପହଞ୍ଚିଛି। ଯାହାକି ଆବଶ୍ୟକତାର ପ୍ରାୟ ମାତ୍ର ୩୦ ପ୍ରତିଶତ। ଏବେ ବିଲରେ ରୁଆ କାର୍ଯ୍ୟ ଶେଷ ହୋଇ ଯାଇଥିବାରୁ ଚାଷୀଙ୍କ ଲାଗି ସାରର ନିହାତି ଆବଶ୍ୟକତା ରହିଛି। ସାର ଲାଗି ବିଭିନ୍ନ ସୋସାଇଟିରେ ଧାଡି ଲଗାଉଛନ୍ତି ଚାଷୀ। ହେଲେ ଅଧିକାଂଶ ସୋସାଇଟିରେ ସାର ନଥିବା ଦେଖିବାକୁ ମିଳୁଛି। କଳାବଜାରରେ କେବଳ ୟୁରିଆ ମିଳୁଛି, ଏହି ୟୁରିଆ ସରକାରୀ ମୂଲ୍ୟରେ ୨୭୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ କଳାବଜାରରେ ଚାଷୀଙ୍କୁ ୫ ଶହରୁ ୫୫୦ ଟଙ୍କାରେ ବିକ୍ରି କରାଯାଉଛି। ସାରର ଆବଶ୍ୟକତା ଥିବାରୁ ଚାଷୀ ଚଢ଼ା ଦରରେ ଏହି ସାର କିଣିବାକୁ ବାଧ ହେଉଛି। ଡିଏପି, ଗ୍ରୋମୋର, ପଟାସ୍, ସୁପର ଆଦି ସାର ବଜାରରେ ନାହିଁ କହିଲେ ଚଳେ। ଲାଇସେନସ ପ୍ରାପ୍ତ ଦୋକାନୀ ଗୁଡିକ ମଧ୍ୟରୁ କେତେକ ସାର ଜାଣିକି କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଫଳରେ ସେମାନଙ୍କୁ ଏହାର ଫାଇଦା ମିଳୁଛି। କିନ୍ତୁ ସାର ଯୋଗାଣରେ ଦେଖା ଦେଇଥିବା ବିଭ୍ରାଟରେ ଯାହାର ବି ଭୁଲ ଥାଉନା କାହିଁକି ଚାଷୀ କିନ୍ତୁ ଶୋଷଣର ଶିକାର ହେଉଛି ଓ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଯଦି ତୁରନ୍ତ ଚାଷୀଙ୍କ ନିକଟରେ ସାର ନପହଞ୍ଚେ ତେବେ କେବଳ ଚାଷୀ କ୍ଷତିଗ୍ରସ୍ତ ହେବେନି ଧାନ ଉତ୍ପାଦନ ହ୍ରାସ ପାଇବ।

ଏନେଇ ବ୍ଲକ କୃଷି ଅଧିକାରୀ ଜ୍ୟୋତିରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି ଯେ, ପ୍ରତ୍ୟେକ ପ୍ୟାକ୍ସ ମାନଙ୍କ ଅଞ୍ଚଳରେ ଚାଷୀଙ୍କ ଆବଶ୍ୟକତା ରହିଛି, ତାହାର ତାଲିକା ଅଛି, ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ସାର ଆସି ପହଞ୍ଚିବ,ପରେ ପ୍ରତ୍ୟେକ ପ୍ୟାକସକୁ ଏହା ପହଞ୍ଚାଯିବ ବୋଲି ପ୍ରକାଶ କରିଛନ୍ତି।

## ସରିଲା ପଞ୍ଜୀକରଣ; ଗତବର୍ଷ ଠାରୁ ଅଧିକ ଚାଷୀ ସାମିଲ

ଶେରଗଡ଼,୨୬।୮ (ସମିସ): କଡ଼ା ନିୟମ, ହନ୍ତସନ୍ତ ସ୍ଥିତି, ଅସନ୍ତୋଷ ଓ ଶେଷରେ କୋହଳ ନିୟମ ଭିତରେ ସୋମବାର ସରିଛି ଖରିଫ ଧାନ ବିକ୍ରି ଲାଗି ଚାଷୀ ପଞ୍ଜିକରଣ। ଏଥର ଚାଷୀଙ୍କ ସଂଖ୍ୟା ଗତବର୍ଷ ଠାରୁ ଟପିଯାଇଛି। ଗତବର୍ଷ ୬୨୯୧ ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ଚଳିତ ବର୍ଷ ସୋମବାର ସୁଦ୍ଧା ୬୮୪୪ ଜଣ ଚାଷୀ ପଞ୍ଜୀକରଣ କରିସାରିଛନ୍ତି। ଅନେକ ସମିତିରେ ପଞ୍ଜୀକରଣ ଚାଲିଥିବାରୁ ସମ୍ପୂର୍ଣ୍ଣ ଶେଷ ହେବା ବେଳକୁ ୭ ହଜାର ଛୁଇଁବ ବୋଲି ଆଶା କରାଯାଉଛି। ଗତବର୍ଷ ଅପେକ୍ଷା ପ୍ରାୟ ୬ ଶହ ବଢିବ ବୋଲି ଆଶା କରାଯାଉଛି। ଶେଷ ବେଳକୁ ସରକାର ନିୟମ କୋହଳ କରିବାରୁ ଦ୍ରୁତ ପଞ୍ଜୀକରଣ ହୋଇପାରିଛି। ଗତବର୍ଷ ଠାରୁ ଧାନର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୩୧ ଶହ ଟଙ୍କାକୁ ବଢି ଥିବାରୁ ଚଳିତ ବର୍ଷ ଚାଷୀ ପଞ୍ଜୀକରଣ କରିବାକୁ ଆଗ୍ରହୀ ଥିଲେ। ମାତ୍ର ଉତ୍ତରାଧିକାରୀ ପ୍ରମାଣ ପତ୍ର ଭାବେ ବଂଶାବଳୀ ପ୍ରମାଣ ପତ୍ର ଓ ଅନୁମତି ପତ୍ରର ଗୋଲକ ଧନ୍ଦା ଭିତରେ ଚାଷୀ ନୟାନ୍ତ ହୋଇ ପଡ଼ିଥିଲା। ଆରଆଇଙ୍କ ଠାରୁ ବଂଶାବଳୀ ପ୍ରମାଣପତ୍ର ଆଣିବା ଓ ଭାଇ ଭାଇ ଭିତରେ ଅନୁମତି ପତ୍ର ଆଣିବାର ଜଟିଳ ବ୍ୟବସ୍ଥା ଭିତରେ ଚାଷୀ ହନ୍ତସନ୍ତ ହୋଇ ପଡିଥିଲା। ଅନେକ ଚାଷୀ ଏହି ସମସ୍ୟା କାରଣରୁ ପଞ୍ଜୀକରଣ କରିପାରିନଥିଲେ। ଅସନ୍ତୋଷ ବଢିବା ପରେ ଅନୁମତି ଆବଶ୍ୟକ ନାହିଁ, ସ୍ୱ ଘୋଷଣା ପତ୍ର ଦେଇ ପଞ୍ଜୀକରଣ ହୋଇପାରିବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ବିଭାଗୀୟ ଚିଠି ନହେବାରୁ ସ୍ୱ ଘୋଷଣା ପତ୍ର କେବଳ ଘୋଷଣାରେ ରହିଯାଇଥିଲା। ପଞ୍ଜୀକରଣ ବହୁ ପଛରେ ରହିଥିଲା। ଶେଷବେଳକୁ ସରକାର ପୁଣି ପଞ୍ଜିକରଣ ଅବଧି ଆଉ ୫ ଦିନ ଅର୍ଥାତ ୨୫ ତାରିଖ ପର୍ଯ୍ୟନ୍ତ ବଢାଇବା ସହ ସ୍ୱ ଘୋଷଣା ପତ୍ର ନେଇ ଚିଠି ପ୍ରକାଶ ପାଇଥିଲା। ଏହା ପରଠାରୁ ପଞ୍ଜିକରଣ ଦ୍ରୁତ ଗତିରେ ବଢିଚାଲିଲା ଏବଂ ଚାଷୀ ସ୍ୱ ଘୋଷଣା ପତ୍ର ଦେଇ ପଞ୍ଜିକରଣ କଲେ। ଶେଷ ବେଳକୁ ଏତେ ବଢିଲା ଯେ,ସଂଖ୍ୟା ଗତବର୍ଷକୁ ଟପିଯାଇଛି। ଗତବର୍ଷ ୬୨୯୧ ଚାଷୀ ପଞ୍ଜିକରଣ କରିଥିବା ବେଳେ ଚଳିତ ବର୍ଷ ଲାଗି ସୋମବାର ସନ୍ଧ୍ୟା ସୁଦ୍ଧା ୬୮୪୪ ଜଣ ଚାଷୀ ପଞ୍ଜିକରଣ କରିସାରିଲେଣି। ରାତି ୧୨ଟା ପର୍ଯ୍ୟନ୍ତ ଆବେଦନ ରହିଥିବା ବେଳେ ସମସ୍ତ ସମିତି ଗୁଡିକରୁ ଆସିବା ପରେ ସଂଖ୍ୟା ୭ ହଜାର ଛୁଇଁବ ବୋଲି ବିଭାଗ ପକ୍ଷରୁ ଆଶା କରାଯାଉଛି। ଶେଷ ବେଳକୁ କୋହଳ ନିୟମ ଦ୍ୱାରା ଅନେକ ଚାଷୀ ପଞ୍ଜୀକରଣ କରି ଧାନ ବିକ୍ରି କରିବାର ସୁଯୋଗ ପାଇପାରିବେ।

# ଦୁଇ ଚୋରି ଗାଡ଼ି ଉଦ୍ଧାର; ଜଣେ ଗିରଫ

ବ୍ରହ୍ମପୁର,୨୬।୮ (ସମିସ): ନିମଖଣ୍ଡି ଥାନା ଇଲାକାରୁ ସ୍କୁଟି ଓ ବାଇକ୍ ଚୋରି ଅଭିଯୋଗରେ ପୁଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସୁକୁଣ୍ଡା ରାଉଳ ସାହିର ନରସିଂହ ସାହୁ (୨୦)। ଲୋଚାପଡ଼ା ବଡ଼ସାହି ନିବାସୀ ଜଗନ୍ନାଥ ସାହୁ (୨୮) ଗତ ୧୪ତାରିଖ ଦିନ ରାତିରେ ତାଙ୍କ ଘର ସମ୍ମୁଖରେ ଥିବା ସ୍କୁଟିକୁ ଦୁଇଜଣ ଦୁର୍ବୃତ୍ତ ଚୋରି କରି ନେଇଥିବା ସିସିଟିଭିରେ ଦେଖିଥିଲେ। ପରେ ଘଟଣାକୁ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତଙ୍କ ଗତିବିଧି ଉପରେ ନଜର ପକାଇ ଜଣକୁ କାବୁ କରିଥିଲେ। ତାଠାରୁ ଚୋରି ହୋଇଥିବା ସ୍କୁଟି ଓ ଅନ୍ୟ ଏକ ଚୋରି ବାଇକ୍ ଉଦ୍ଧାର କରିଥିବା ଥାନା ଅଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି। ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ସେନେଇ ତଦନ୍ତ ଜାରି ରହିଥିବା ସେ କହିଛନ୍ତି।



# ଦୋକାନରୁ ସୁନାଚୋରି; ଗ୍ରାହକ ଗିରଫ

ବ୍ରହ୍ମପୁର,୨୬।୮ (ସମିସ): ଏକ ସୁନା ଦୋକାନରୁ ଅଳଙ୍କାର ଚୋରି କରିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଦକ୍ଷିଣପୁର ଗ୍ରାମର ଲକ୍ଷ୍ମୀ ଆଚାରୀ (୪୫)। ସୂଚନାଯୋଗ୍ୟ ଯେ, ପ୍ରେମ ସପ୍ତମ ଲାଇନ ନିବାସୀ ଇ. ନାଗେଶ(୫୨)ଙ୍କ ସାନବଜାର ଛକରେ ସାଇନାଥ ନାମକ ଏକ ସୁନା ଦୋକାନ ରହିଛି। ସୋମବାର ଅପରାହ୍ନରେ ୨ ଜଣ ଅଜଣା ଗ୍ରାହକ ଦୋକାନକୁ ଆସି ସୁନାରୂପ ଓ ଗହଣା ଦେଖିଥିଲେ। ଭିଡ଼ର ସୁଯୋଗ ନେଇ ଜଣେ ଗ୍ରାହକ ୭.୭ଗ୍ରାମ ଏକ ସୁନା ବିସ୍କୁଟ ନେଇ ଚମ୍ପଟ ମାରିଥିଲେ। ନାଗେଶଙ୍କ ସନ୍ଦେହ ହେବାରୁ ସେ ସିସିଟିଭି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଜଣେ ଗ୍ରାହକ ଉକ୍ତ ସୁନା ନେଉଥିବା ଜାଣିପାରି ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଗ୍ରାହକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି।

# ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୨୬।୮ (ସମିସ): ସ୍ଥାନୀୟ ତୁଳସୀନଗର ୯ମ ଲାଇନ୍ ନିବାସୀ ଅଶ୍ୱିନୀ ସେଠୀ ଗତ ୨୪ତାରିଖ ବିଳମ୍ବିତ ରାତିରେ ଟାଉନ ଥାନା ଅଞ୍ଚଳରେ ଗାଡ଼ିରୁ ଜିନିଷ ଓହ୍ଲାଇବା ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଏକ ଲୁହା ରଡ୍ ଦେଖାଇ ଭୟଭୀତ କରି ଟଙ୍କା ଓ ମୋବାଇଲ ମାଗିଥିଲେ। ସେ ମନା କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇ ପ୍ରଥମେ ସିଟି ହସ୍ପିଟାଲ ଓ ପରେ ଏମ୍‌କେସିଜିକୁ ସ୍ଥାନାନ୍ତର ହୋଇଥିଲେ। ପରେ ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ରାସ୍ତାରେ ମୋବାଇଲ୍ ଝାମ୍ପିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୬।୮ (ସମିସ): ସ୍ଥାନୀୟ ଏମ୍‌କେସିଜି ମେଡ଼ିକାଲ ରୋଡ଼ରୁ ନିଳାଦ୍ରୀ ବିହାର ପ୍ରଥମ ଲାଇନ୍ ନିବାସୀ ମିରଜା ମୁମ୍ତିଜିମତ ବେଗ୍‌ଙ୍କ ମୋବାଇଲ ଲୁଟ୍ ହୋଇଥିବା ନେଇ ବିଏନ୍‌ପୁର ଥାନାରେ ଅଭିଯୋଗ ହୋଇଛି। ଗତ ୨୪ତାରିଖ ରାତି ୯ଟାରେ ନୂଆ ବସଷ୍ଟାଣ୍ଡରୁ ମେଡ଼ିକାଲ ଯିବାବେଳେ ଜଣେ ଦୁର୍ବୃତ୍ତ ତାଙ୍କୁ ପିଛା କରି ସେ ଧରିଥିବା ମୋବାଇଲ ଝାମ୍ପି ନେଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୨୬।୮ (ସମିସ): ଖୋଡ଼ାସିଂ ଏଲ୍‌ଆଇସି ଅଫିସ ପଛପଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ଜିଆରପି ପୁଲିସ। ମୃତକ ଭାବିନୀପୁର ଅଞ୍ଚଳର ମଣ୍ଟୁ ରାଉଳ। ଗତ କିଛିଦିନ ହେଲା ମଣ୍ଟୁ ମାନସିକ ଚିନ୍ତାରେ ଥିଲେ। ସେ କିଛି ଲୋକଙ୍କଠାରୁ ଟଙ୍କା କରଜ ନେଇ ଫେରସ୍ତ କରିପାରୁନଥିଲେ। ଟଙ୍କା ଦେଇଥିବା ବ୍ୟକ୍ତିବିଶେଷ ତାଙ୍କୁ ବାରମ୍ବାର ଟଙ୍କା ମାଗୁଥିବାରୁ ସେ ଚିନ୍ତାରେ ଥିଲେ। ଗତକାଲି ସନ୍ଧ୍ୟାରେ ସେ ନିଜର ମୋବାଇଲ ବନ୍ଦ କରି ନିଜ ସ୍କୁଟିରେ ରେଳଧାରଣା ନିକଟକୁ ଯାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଜିଆରପି ପୁଲିସ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ମାନସିକ ଦୁଶ୍ଚିନ୍ତାରୁ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି।

# ଗୋପାଳପୁର ବେଳାଭୂମି ଉନ୍ନତୀକରଣ ପାଇଁ ୩୨ କୋଟି

## ପର୍ଯ୍ୟଟନ ବିଭାଗର ପ୍ରସ୍ତାବିତ ୨ଟି ପ୍ରକଳ୍ପକୁ ମିଳିସାରିଛି ପ୍ରଶାସନିକ ଅନୁମୋଦନ

ବ୍ରହ୍ମପୁର,୨୬।୮ (ସମିସ):

ଗୋପାଳପୁର ବେଳାଭୂମିର ଶାନ୍ତ ପରିବେଶ ସାଧାରଣତଃ ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିଥାଏ। ଏହାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପୂର୍ବ ସରକାର ଅମଳରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ବର୍ତ୍ତମାନ ମଧ୍ୟ ଏଥିପ୍ରତି ଧ୍ୟାନ ଦିଆଯାଇଛି।

**ପୂର୍ବ ସରକାର ଅମଳରେ ଗୋଟିଏ ପ୍ରକଳ୍ପ ପାଇଁ ଆସି ସାରିଛି ୮ କୋଟି**

**ବେଳାଭୂମିରେ ହେବ ଚେଞ୍ଜିଂ ରୁମ୍, ଶୌଚାଳୟ ଓ ୧୦୦ ଦୋକାନ ଗୃହ**

ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ବେଳାଭୂମିର ପ୍ରମୁଖ ଭାଗର ଉନ୍ନତିକରଣ ପାଇଁ ୮କୋଟି ଟଙ୍କାର ବ୍ୟୟବରାଦ କରାଯାଇ ଏହି ଅର୍ଥ ୨୦୨୩ ଜୁଲାଇରେ ପ୍ରଦାନ କରାଯାଇଥିଲା। ତେବେ ବିଭିନ୍ନ କାରଣରୁ ଉକ୍ତ ଅର୍ଥ ବିନିଯୋଗ ହୋଇପାରିନଥିଲା। ଉକ୍ତ ଅର୍ଥକୁ ମିଶାଇ ବର୍ତ୍ତମାନ ପର୍ଯ୍ୟଟନ ବିଭାଗ ଦୁଇଟି ପ୍ରକଳ୍ପ ପାଇଁ ମୋଟ ୩୨ କୋଟି ଟଙ୍କାର ବ୍ୟୟ ମଞ୍ଜୁର କରିଥିବା ଜଣାପଡିଛି।





ପ୍ରଥମ ପ୍ରକଳ୍ପରେ ବେଳାଭୂମିର ସମ୍ମୁଖ ଭାଗରେ ଦୁଇଟି ପ୍ରବେଶ ଫାଟକ ଓ ସୁରକ୍ଷା ସେଡ୍, ପାର୍କିଂ ସ୍ଥଳୀ, ଶିଶୁ ଉଦ୍ୟାନ, ଦୁଇଟି ଓାଚ୍ ଟାୱାର, ପର୍ଯ୍ୟଟକଙ୍କ ବସିବା ପାଇଁ ଚୌକିର ବ୍ୟବସ୍ଥା, ଡଷ୍ଟବିନ, ଭୂତଳ ପାଣି ଟାଙ୍କି, ସୂଚନାଫଳକ, ବିଦ୍ୟୁତ୍ ଟ୍ରାନ୍ସଫର୍ମରର ସୁଦୃଢ଼ୀକରଣ ଏବଂ ସିସିଟିଭି କ୍ୟାମେରା ଆଦି ବ୍ୟବସ୍ଥା କରିବାର ଯୋଜନା ରଖାଯାଇଛି। ଏଥିପାଇଁ ପ୍ରାୟ ୮ କୋଟି ୯ ଲକ୍ଷ ଟଙ୍କା ବିନିଯୋଗ କରାଯିବ। ସେହିଭଳି ଦ୍ୱିତୀୟ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୨୪କୋଟି ଟଙ୍କାର ଆର୍ଥିକ ମଞ୍ଜୁର ହୋଇସାରିଛି। ଏଥିରେ ପାନ୍ଥନିବାସ ପଛଭାଗରେ ୨.୩ କିଲୋମିଟର ଦୂରତା ପର୍ଯ୍ୟନ୍ତ ନୂତନ ବେଳାଭୂମି ବା ପୁରୁଣା ବେଳାଭୂମିକୁ ସମ୍ପ୍ରସାରିତ କରାଯିବ। ଯେଉଁଥିରେ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ସହିତ ସ୍ୱତନ୍ତ୍ର ପାର୍କିଂର ବ୍ୟବସ୍ଥା, ଇକୋ ରିଟ୍ରିଟ୍ ପାଖରେ ବର୍ତ୍ତମାନ ଥିବା କାଠ ପୋଲ ବାରମ୍ବାର ସମୁଦ୍ର ପାଣି ଓ ପବନ ବାଜି ନଷ୍ଟ ହୋଇଯାଉଥିବାରୁ ସେଠାରେ ଭିନ୍ନ ମେଟାଲର ପୋଲ ନିର୍ମାଣ କରାଯିବ। ସେହିଭଳି ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଚେଞ୍ଜିଂ ରୁମ ଓ ଶୌଚାଳୟ, ବର୍ଷା ଆଶ୍ରୟ ସ୍ଥଳୀ, ବେଳାଭୂମିର ସଫେଇ କାର୍ଯ୍ୟ, ଚଲା ରାସ୍ତା, ୧୦୦ଟି ଦୋକାନ ଗୃହ ଆଦି ନିର୍ମାଣ କରାଯିବାକୁ ପ୍ରସ୍ତାବ ରହିଛି। ଦ୍ୱିତୀୟ ପ୍ରକଳ୍ପରେ ସିଭିଲ କାମ ପାଇଁ ମୋଟ ୧୫କୋଟି ୩୦ଲକ୍ଷ ବ୍ୟୟ ଅଟକଳ ରହିଥିବା ବେଳେ ଇଲେକ୍ଟ୍ରିକାଲ କାମ ପାଇଁ ୨କୋଟି ୩୮ ଲକ୍ଷ ଏବଂ ପାନୀୟଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ପାଇଁ ୧କୋଟି ୧୯ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ଗୋପାଳପୁର ଠାରେ ଏକମାତ୍ର ବେଳାଭୂମି ରହିଛି ଯାହାକୁ ପର୍ଯ୍ୟଟକମାନେ ସୁରକ୍ଷିତ ଉପଭୋଗ କରିପାରୁଛନ୍ତି। ତେବେ ପ୍ରସ୍ତାବିତ ଦ୍ୱିତୀୟ ବେଳାଭୂମି ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଏଥିପ୍ରତି ଅଧିକ ପର୍ଯ୍ୟଟକ ଆକୃଷ୍ଟ ହୋଇପାରିବେ ବୋଲି ଆଶା କରାଯାଇଛି। ସ୍ଥାନୀୟ ଲୋକଙ୍କ ଆର୍ଥିକ ଉନ୍ନତିକୁ ଦୃଷ୍ଟିରେ ରଖି ମଧ୍ୟ ପ୍ରସ୍ତାବିତ ଦ୍ୱିତୀୟ ବେଳାଭୂମିରେ ୧୦୦ଟି ଦୋକାନ ଗୃହ ନିର୍ମାଣ କରାଯିବ ଯାହା ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବା ସହିତ ପର୍ଯ୍ୟଟକଙ୍କ ପାଇଁ ବେଶ ସୁବିଧା ହେବ। ନିକଟରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବିଇଡିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଓ ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ଗୋପାଳପୁର ବେଳାଭୂମି ଗସ୍ତ କରି ପ୍ରସ୍ତାବିତ ଉଭୟ ପ୍ରକଳ୍ପର ବିଭିନ୍ନ ଦିଗକୁ ନେଇ ସମୀକ୍ଷା କରିଥିଲେ। ସେହିଭଳି ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମଧ୍ୟ ବେଳାଭୂମିରେ ୭୦ଲକ୍ଷ ଟଙ୍କା ବ୍ୟୟରେ ବେଳାଭୂମିରୁ ସମୁଦ୍ର ଭିତରକୁ ଅନ୍ୟୁନ ଏକ କିଲୋମିଟର ଦୂରତା ପର୍ଯ୍ୟନ୍ତ ଏକ 'ସି-ୱେ' ବା 'ସମୁଦ୍ର ପଥ' ନିର୍ମାଣ କରିବାକୁ ଯୋଜନା ଥିବା ଜଣାପଡିଛି। ବେଳାଭୂମିରେ ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହେଲେ ଗୋପାଳପୁରର ଚିତ୍ର ବଦଳିଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ବେଳାଭୂମିର ଆଲୋକୀକରଣ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇ ବିଭିନ୍ନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଗଞ୍ଜାମରେ ୧୮୫ଜଣ ଅତିଥି ଶିକ୍ଷକ ନିଯୁକ୍ତ

**୫୦ପଦବୀ ପୂରଣ ପାଇଁ ପ୍ରକ୍ରିୟା ଜାରି**

**ଜିଲ୍ଲାରେ ଖୁବ୍‌ଶୀଘ୍ର ନିଯୁକ୍ତି ହେବେ ୪୫୩ ସ୍ଥାୟୀ ଶିକ୍ଷକ ଓ ଶିକ୍ଷୟିତ୍ରୀ**

ବ୍ରହ୍ମପୁର,୨୬।୮ (ସମିସ): ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅବସର ପରେ ଜିଲ୍ଲାରେ ବହୁ ବିଦ୍ୟାଳୟରେ ଶିକ୍ଷକ ପଦ ଖାଲି ପଡ଼ିଛି। ଫଳରେ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପ୍ରଭାବିତ ହୋଇଛି। ସେପଟେ କାର୍ଯ୍ୟରତ ଶିକ୍ଷକଙ୍କ ଉପରେ ଚାପ ବଢୁଛି। ଏହି ସମସ୍ୟାର ସମାଧାନ ପାଇଁ ଶିକ୍ଷାବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଅତିଥି ଶିକ୍ଷକ ନିଯୁକ୍ତି ନିମନ୍ତେ ପଦକ୍ଷେପ ନିଆଯାଇଛି। ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୁନଃ ଅତିଥି ଶିକ୍ଷକ ଭାବେ ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି ଦିଆଯାଇଛି। ଜିଲ୍ଲାରେ ଥିବା ସରକାରୀ ଅନୁଦାନପ୍ରାପ୍ତ ଓ ବ୍ଲକଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟ ଏବଂ ସଂସ୍କୃତ ଟୋଲ୍ ବିଦ୍ୟାଳୟ ଗୁଡ଼ିକରେ ମୋଟ ୧୮୫ଜଣ ଅତିଥି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଜିଲ୍ଲାରେ ମୋଟ ୫୯୯ଟି ଉଚ୍ଚ ବିଦ୍ୟାଳୟ ରହିଛି। ଏଥିରେ ଥିବା ଟିଜିଟି କଳା, ଟିଜିଟି ପିସିଏମ, ସିଜିଟି ସିବିଜେଡ଼, କ୍ଲାସିକାଲ ଓ ହିନ୍ଦୀ ଆଦି ବିଷୟରେ ଛାତ୍ରଛାତ୍ରୀଙ୍କୁ ପୁନଃନିଯୁକ୍ତ ଅତିଥି ଶିକ୍ଷକମାନେ ଅଧ୍ୟାପନା କରିବେ। ବିଦ୍ୟାଳୟ ଗୁଡିକରେ ଖାଲି ପଡ଼ିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ପଦବୀ ପୂରଣ କରିବାକୁ ଯାଇ ଆଗାମୀ ଦିନରେ ଅଧିକ ୫୦ଜଣ ଅତିଥି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଅବସରପ୍ରାପ୍ତ ଶିକ୍ଷକଙ୍କୁ ଉଚ୍ଚ ବିଦ୍ୟାଳୟରେ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ ପାଇଁ ନିଆଯାଇଥିବା ପଦକ୍ଷେପକୁ ଅଭିଭାବକ ମହଲରେ ପ୍ରଶଂସା କରାଯାଇଛି। ଯେଉଁ ହାରରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅବସର ଗ୍ରହଣ କରୁଛନ୍ତି ତାହା ଅନୁପାତରେ ସ୍ଥାୟୀ ଶିକ୍ଷକଙ୍କ ନିଯୁକ୍ତି ଖୁବ୍ କମ୍। ଏଭଳି ଅତିଥି ଶିକ୍ଷକଙ୍କୁ ନିଯୁକ୍ତି କେବଳ କାମଚଳା ବା ଅସ୍ଥାୟୀ ପଦକ୍ଷେପ ହେଉଥିବା ବେଳେ ସ୍ଥାୟୀ ପ୍ରତିକାର ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ସେପଟେ ରାଜ୍ୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବା ବେଳେ ଆଗାମୀ ଦିନରେ ବିଦ୍ୟାଳୟ ଓ ଗଣଶିକ୍ଷକ ବିଭାଗ ପକ୍ଷରୁ ଜିଲ୍ଲାକୁ ୪୫୩ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ନିଯୁକ୍ତି ହେବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ସୂଚନା ଦେଇଛନ୍ତି।

**■ ଶ୍ରୀ ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନ କମିଟିର ସାମ୍ବାଦିକ ସମ୍ମିଳନୀ**

# ୪ଶହ ବର୍ଷ ପୁରାତନ ମନ୍ଦିରର ଜିର୍ଣ୍ଣୋଦ୍ଧାର ନିଷ୍ପତ୍ତି

ବ୍ରହ୍ମପୁର,୨୬।୮ (ସମିସ): ଶ୍ରୀ ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନ କମିଟି ପକ୍ଷରୁ ମନ୍ଦିର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୪ଶହ ବର୍ଷ ପୁରାତନ ମନ୍ଦିର ପ୍ରାସାଦର ଜିର୍ଣ୍ଣୋଦ୍ଧାର ନିମନ୍ତେ କମିଟି ପକ୍ଷରୁ ନିଷ୍ପତି ହୋଇଛି। ଏହାକୁ ନେଇ ପଣ୍ଡିତ ଅଶୋକ କୁମାର ପାଢୀଙ୍କ ତତ୍ତ୍ୱାବଧାନରେ ଆଗାମୀ ୨୮ରେ ପରିଚାଳନା କମିଟି, ମନ୍ଦିର ପୂଜକ ବୃନ୍ଦ ଓ ସହର ବାସିନ୍ଦାଙ୍କୁ ନେଇ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କମିଟି ସଭାପତି କାଳୀକିଙ୍କର ପାତ୍ର କହିଛନ୍ତି। ବର୍ଷାଦିନରେ ମନ୍ଦିରରେ ପାଣି ଜମୁଥିବା ବେଳେ ପୁରାତନ ମନ୍ଦିରଭାବେ ଏହାର ଉନ୍ନତି କାର୍ଯ୍ୟରେ ସହରବାସୀଙ୍କ ମତାମତ ସଂଗ୍ରହ ନେଇ କମିଟି ସ୍ଥିର କରିଛି। ଏଥିରେ ପ୍ରାୟ ୧୦କୋଟି ଟଙ୍କା ବିନିଯୋଗ ହେବ ବୋଲି ଜଣାପଡ଼ିଛି। ଏଥିରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ମଧ୍ୟ ବିଶେଷ ସହଯୋଗର ହାତ ବଢ଼ାଇଥିବା କମିଟି ପକ୍ଷରୁ ସୂଚନା ମିଳିଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ଦାଶରଥି ବେହେରା, ଉପସଭାପତି ଜଗଦୀଶ ପାଣିଗ୍ରାହୀ, ସହ ସମ୍ପାଦକ ବି. ପ୍ରଶାନ୍ତ ପାତ୍ର, କୋଷାଧ୍ୟକ୍ଷ ଏ. ବାସୁଦେବ ରେଡ୍ଡୀ ଓ ମନ୍ଦିର ପୂଜକ ଚନ୍ଦ୍ରଶେଖର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଜଣେ ମୃତ

ବ୍ରହ୍ମପୁର,୨୬।୮ (ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ତାରିଣୀପେଣ୍ଠ ଗ୍ରାମର ଜଣେ ବ୍ୟକ୍ତିଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ସେହି ଗ୍ରାମର ଗୋପାଳ ପ୍ରଧାନ (୫୩)। ଗୋପାଳ ସୋମବାର ସନ୍ଧ୍ୟାରେ ବିଲକୁ ଯାଇଥିବାବେଳେ କୌଣସି କାରଣରୁ କଦରପଲ୍ଲୀ ପୋଖରୀରେ ବୁଡ଼ି ଯାଇଥିଲେ। ତାଙ୍କ ପୁଅ ସୁଦର୍ଶନ ବହୁ ଖୋଜାଖୋଜି କରିବା ପରେ ଖବର ପାଇଁ ପୋଖରୀ ନିକଟରେ ପହଞ୍ଚି ଗୋପାଳଙ୍କୁ ପାଣିରୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ଗୋପାଳଙ୍କୁ ମୃତ ଘୋଷଣା କରିଥିବା ପୁଅ ସୁଦର୍ଶନ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ଶବ ବ୍ୟବଛେଦ ପରେ ମଙ୍ଗଳବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆନ୍ତଃଜିଲ୍ଲା ସିନିଅର ମହିଳା ଫୁଟବଲ୍ ପ୍ରତିଯୋଗିତା ପାଇଁ ଗଞ୍ଜାମ ଦଳ ଘୋଷିତ

ବ୍ରହ୍ମପୁର,୨୬।୮ (ସମିସ): ଆସନ୍ତା ୭ରୁ ସୁନ୍ଦରଗଡ଼ଠାରେ ଆନ୍ତଃଜିଲ୍ଲା ସିନିଅର ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ୧୬ ଜଣିଆ ଗଞ୍ଜାମ ଦଳ ଘୋଷିତ ହୋଇଛି। ସ୍ଥାନୀୟ ଖଲ୍ଲିକୋଟ ଏକକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଦୁଇଦିନିଆ ପ୍ରଶିକ୍ଷଣ ତଥା ଖେଳାଳି ଚୟନ ଶିବିରରେ ବରିଷ୍ଠ ଖେଳାଳିଙ୍କ ଦ୍ୱାରା ଖେଳାଳି ଚୟନ କରାଯାଇଥିଲା। ମ୍ୟାନେଜର ଭାବେ ଶିବାନୀ ସାହୁ ଓ କୋଚ୍ ଭାବେ ଗଞ୍ଜାମ ଜିଲ୍ଲା ଫୁଟବଲ୍ ସଂଘର ସମ୍ପାଦକ ମନ୍ମଥ ବାବୁ ଟିମ ସହିତ ସୁନ୍ଦରଗଡ଼ ଗସ୍ତ କରିବେ। ଆସନ୍ତା ୫ରେ ଗଞ୍ଜାମ ଦଳ ସୁନ୍ଦରଗଡ଼ ଅଭିମୁଖେ ଯାତ୍ରା କରିବ।



ଘୋଷିତ ଦଳକୁ ବ୍ରହ୍ମପୁର ମହାନଗର ନିଗମର କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଶୁଭକାମନା ଜଣାଇଛନ୍ତି। ଦଳ ଚୟନ ଓ ପ୍ରଶିକ୍ଷଣ ସମୟରେ ସମସ୍ତ ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ରହିଥିବାରୁ ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଉନ୍ନତ ଖେଳ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି।

**ଭରସା ପାଉନି; କୃଷି କୁଟୀର ଶିଳ୍ପ ହେଉନି**

# ନାମମାତ୍ର ଚାଷୀ ଓ ଭୂମିହୀନ ମୂଲିଆ ଏବେ ଦାଦନ

ବ୍ରହ୍ମପୁର,୨୬।୮ (ସମିସ):

ଓଡ଼ିଶାରେ ଦାଦନ ସମସ୍ୟା ଉତ୍କଟ। କାରଣ ଚାଷ କାର୍ଯ୍ୟ ପ୍ରତି ଚାଷୀଙ୍କ ଆଉ ଭରସା ପାଉନି। ଏହାର ପ୍ରତିବଦଳରେ କୃଷି ଶିଳ୍ପ ବି ପ୍ରତିଷ୍ଠା ହୋଇପାରୁନି। ଫଳରେ ଦିନକୁ ଦିନ ନାମମାତ୍ର ଚାଷୀ, ଭୂମିହୀନ ମୂଲିଆ ଏବେ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ଋଷିକୁଲ୍ୟା ରୟତ ମହାସଭା। ସରକାର କୃଷିର ବିକାଶ ସହିତ କୃଷି ଶିଳ୍ପ ପ୍ରତିଷ୍ଠା କରି ଦାଦନ ମୁକ୍ତ ଓଡ଼ିଶା ଗଠନର ପରକାଷ୍ଠାକୁ ବାସ୍ତବ ରୂପ ଦେଇ ପାରିବେ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।

ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି ଯେ, ଓଡ଼ିଶା କୃଷି ପ୍ରଧାନ ରାଜ୍ୟ। ପ୍ରାକୃତିକ ସମ୍ପଦ ଭରି ରହିଛି। ୪୭୦ କିମି ସାଗର ବେଳାଭୂମି ରହିଛି। ଏହି ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା ସଦ୍‌ବ୍ୟବହାର ହେଲେ ଓଡ଼ିଶା ନମ୍ବର-୧ ରାଜ୍ୟରେ ପରିଣତ ହୋଇପାରିବ। ଓଡ଼ିଶାରେ ନୂଆ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଲାପରେ ଓଡ଼ିଶାକୁ ୧ନଂ ରାଜ୍ୟ କରିବାକୁ ଘୋଷଣା କରିଛନ୍ତି। ତେବେ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା ଓ ଉପକୂଳ ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମିକ, ଚାଷୀ ମୂଲିଆ ଦାଦନ ଖଟିବାକୁ ସୁଦୂର କେରଳ, ମହାରାଷ୍ଟ୍ର ସୁରାଟ, ବମ୍ବେ, ମାଡ୍ରାସ୍, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଆଦି ରାଜ୍ୟକୁ ଯାଉଛନ୍ତି। ଓଡ଼ିଶାକୁ ନମ୍ବର -୧ ରାଜ୍ୟ କରିବାକୁ ହେଲେ ରାଜ୍ୟ ସରକାର ପ୍ରଥମେ ଦାଦନ ମୁକ୍ତ ଓଡ଼ିଶା ଘୋଷଣା କରି ପ୍ରତି ଗ୍ରାମରେ ଯୋଜନା କରି ଲୋକମାନଙ୍କୁ ସ୍ୱାବଲମ୍ବୀ କରିବାକୁ ହେବ।

ଜାତିର ପିତା ମହାତ୍ମାଗାନ୍ଧୀ କହିଥିଲେ ଯେ, 'ଗ୍ରାମର ଯୋଜନା ଗ୍ରାମରେ ହେଉ କୋର୍ଟ କଚେରୀକୁ କିଏ ନ ଯାଉ'। ଗ୍ରାମରେ କୁଟିର ଶିଳ୍ପ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହେଲେ ଗାମର ସର୍ବାଙ୍ଗୀନ ବିକାଶ ହୋଇପାରିବ। ତେବେ ଯାଇ ଗ୍ରାମ୍ୟ ସ୍ୱରାଜ୍ୟ ପ୍ରତିଷ୍ଠା ହୋଇପାରିବ। ସାଧାରଣତଃ ଗ୍ରାମରେ ପ୍ରାୟ ୪୦ରୁ ୫୦ଭାଗ ଲୋକଙ୍କ ଜମି ଥିବାବେଳେ ୫୦ରୁ ୬୦ ଭାଗ ପର୍ଯ୍ୟନ୍ତ ଜମିହୀନ, କୃଷି ଶ୍ରମିକମାନେ ରୁହନ୍ତି। କୃଷକ ଓ କୃଷି ଶ୍ରମିକଙ୍କ ସମ୍ପର୍କ ନଖକୁ ମାଉଁସ ଭଳି। କୃଷି ଶ୍ରମିକମାନେ ଜମି ମାଲିକଙ୍କର ଜମିରେ କାମ କରି ପରିବାର ପୋଷନ୍ତି। ମାତ୍ର ଦେଶ ସ୍ୱାଧୀନ ହେବାର ୭୫ବର୍ଷ ପରେ ସୁଦ୍ଧା ସବୁ ଚାଷ ଜମିକୁ

**ପର୍ଯ୍ୟାପ୍ତ ଜଳସେଚନର ସୁବିଧା ନାହିଁ, କୃଷି ଶ୍ରମିକ ବିଲୁପ୍ତ ପ୍ରାୟ**

ଜଳସେଚନର ସୁବିଧା ହୋଇପାରିଲା ନାହିଁ। ଏ ପର୍ଯ୍ୟନ୍ତ ମାତ୍ର ୫୦ଭାଗ ଜମିକୁ ଜଳସେଚନର ସୁବିଧା ହୋଇପାରିଛି। ଦେଶ ସ୍ୱାଧୀନ ହେବା ପୂର୍ବରୁ କେବଳ ଗଂଜାମ ଜିଲ୍ଲାରେ ୨୨ଭାଗ ଜମିକୁ ଜଳସେଚନର ସୁବିଧା ରଜାରାଜୁଡ଼ା ସମୟରେ ହୋଇଥିଲା। ପ୍ରତିବର୍ଷ ଯଦି ୧ପ୍ରତିଶତ ଜମିକୁ ଜଳସେଚନର ସୁବିଧା କରାଯାଆନ୍ତା, ତେବେ ଏବେ ସୁଦ୍ଧା ସବୁ ଜମିକୁ ଜଳସେଚନର ସୁବିଧା ହୋଇପାରିଥାନ୍ତା। ତେବେ ଲୋକେ ଗାଁରେ ରହି ଚାଷ ବାଷ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତେ। ଏବେ ଗଞ୍ଜାମ ଜିଲ୍ଲାରୁ ପ୍ରତିବର୍ଷ ୫ଲକ୍ଷ କୃଷି ଶ୍ରମିକ ମୂଲିଆ ଓ ନାମ ମାତ୍ର ଚାଷୀ ପେଟ ପୋଷିବାକୁ ଦାଦନ ଯାଉଛନ୍ତି। ସବୁ ଚାଷ ଜମିକୁ ଜଳସେଚନର ସୁବିଧା, କୃଷିଜାତ ପଦାର୍ଥର ମାର୍କେଟିଂ ସୁବିଧା, କୃଷିଭିତ୍ତିକ ଶିଳ୍ପ କୁଟୀର ଶିଳ୍ପ ପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ କଲେ ଓଡ଼ିଶା ଦାଦନମୁକ୍ତ ସମ୍ଭବ ହୋଇପାରିବ ବୋଲି ଶ୍ରୀ ନାହକ କହିଛନ୍ତି। ମୋହନ ସରକାର ଧାନ କ୍ୱିଣ୍ଟାଲ ୩୧୦୦ ଟଙ୍କା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ସବୁ ଫସଲର ଏମ୍‌ଏସ୍‌ପି. ଘୋଷଣା କରି ଆଇନ ଆଣିବା ଦରକାର। ଯାହାଦ୍ୱାରା ଚାଷୀ ଅଭାବି ବିକ୍ରୀର ଶୀକାର ହେବେନାହିଁ ବୋଲି ଋଷିକୂଲ୍ୟା ରୟତ ମହାସଭା ଦାବି କରିଛି। ନୂଆ ସରକାର ଦାଦନ ସମସ୍ୟାର ସମାଧାନ ପାଇଁ କୃଷିମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଟାସ୍କଫୋର୍ସ୍ ମନ୍ତ୍ରୀ ଓ ସଚିବମାନଙ୍କୁ ନେଇ ଗଠନ କରିଛନ୍ତି। ସଚିବମାନେ ଜିଲ୍ଲା ବୁଲି ଦାଦନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ କରିବେ ଯାହାକି ସ୍ୱାଗତ ଯୋଗ୍ୟ। ପୂର୍ବରୁ କୃଷକ କମିଶନ ଗଠନ କରି ରିପୋର୍ଟ ପ୍ରଦାନ କରିଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ନ ହୋଇ ନାଲିଫିତା ତଳେ ପଡ଼ି ରହିଛି। ସଚିବମାନେ ଜିଲ୍ଲା ପରିଦର୍ଶନ କରିବା ନିୟମ ଥିଲେ ସୁଦ୍ଧା ସେମାନେ ଲୋକସେବାସଦନ ଛାଡ଼ିବାକୁ ଚାହୁଁ ନାହାନ୍ତି ବୋଲି ଶ୍ରୀ ନାହାକ ଅଭିଯୋଗ କରିଛନ୍ତି। ଏପରି ସ୍ଥଳେ ଦାଦନ ସମସ୍ୟା କଥା କିଏ ବୁଝିବ ବୋଲି ପ୍ରଶ୍ନ ଉଠୁଛି। ମନ୍ତ୍ରୀ ଓ ବିଧାୟକମାନଙ୍କୁ ଏ ସମସ୍ୟା ବୁଝିବାପାଇଁ ସମୟ ନାହିଁ କି ଆଗ୍ରହ ନାହିଁ ବୋଲି ସେ ଗୁରୁତର ଅଭିଯୋଗ କରିଛନ୍ତି। ଯଦି ସରକାର ଜିଲ୍ଲାସ୍ତରରେ ସଭା କରି ଦାଦନ ସମସ୍ୟା ବୁଝି ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଲେ ଆଗାମୀ ଦିନରେ ଦାଦନ ମୁକ୍ତ ଓଡ଼ିଶା ହୋଇପାରିବ ବୋଲି ଆଶା କରାଯାଇଛି। କୃଷିର ବିକାଶ ହେଲେ ଗ୍ରାମାଞ୍ଚଳରେ କୃଷକ, କୃଷି ଶ୍ରମିକ, ଜମିହୀନ ମୂଲିଆ ଆଦି ୮୦ଭାଗ ଲୋକ ଉପକୃତ ହେବେ। ଏଣୁ ସରକାର କୃଷି ଓ କୃଷକର ବିକାଶ ଲାଗି ଯୋଜନା ସହିତ ସ୍ୱତନ୍ତ୍ର ବଜେଟ ପ୍ରସ୍ତୁତ କରିବାକୁ ଋଷିକୁଲ୍ୟା ରୟତ ମହାସଭା ଅନୁରୋଧ କରିଛି।

# ବନ୍ୟା ପରେ ଦୁର୍ଦ୍ଦଶା; ଲୋକେ ହନ୍ତସନ୍ତ

ଦୋବଲ/ଅସୁରାଳି, ୨୬।୮ (ସମିସ)

ଆଖୁଆପଦାରେ ବୈତରଣୀରେ ଜଳସ୍ତର କମିଥିଲେ ବି ତଳିଆ ଅଞ୍ଚଳରେ ଦୁର୍ଦ୍ଦଶା ଲାଗି ରହିଛି। ଭଟ୍ଟସାହି, ବୟାଙ୍ଗଡିହ, କୋଠାର, ପାଳସାହି, ରଇପୁର ପଞ୍ଚାୟତକୁ ଧୀରେ ଧୀରେ ବନ୍ୟା ପାଣି ମାଡ଼ିବାରେ ଲାଗିଛି। ଆରପଟେ ହସନାବାଦ, ଅର୍ଜ୍ଜୁନପୁର, ପଧାନି ଓ ନଦୀଗାଁ ପଞ୍ଚାୟତରେ ବନ୍ୟା ହ୍ରାସ ପାଇଛି। ହସନାବାଦ ପଞ୍ଚାୟତର ଅନଳଡିହ ଓ ଗୋପବନ୍ଧୁନଗର, ଅର୍ଜ୍ଜୁନପୁର ପଞ୍ଚାୟତର ବାଲିପାଟଣା ଗାଁରେ ଏବେ ବି ଘର ଭିତରେ ପାଣି ରହଡ଼ି ଭାଙ୍ଗୁଛି। ଯେଉଁମାନଙ୍କ ଘର ଉଚ୍ଚାରେ ରହିଛି, ସେମାନଙ୍କ ଘରୁ ପାଣି ଛାଡ଼ିଯାଇଛି। ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଧାମନଗର ବ୍ଲକ ପକ୍ଷରୁ ୫ଟି ପଞ୍ଚାୟତର ୨୫ଟି ସ୍ଥାନରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇ ଦି ଓଳି ଖାଇବାକୁ ଦିଆଯାଉଛି। ବିଡିଓ ବନବିହାରୀ ଦିନ୍ଦା, ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ତତ୍ତ୍ୱାବଧାନରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଉଛି। ବାତ୍ୟା ଆଶ୍ରୟସ୍ଥଳୀ ଓ ବିଦ୍ୟାଳୟରେ ଆଶ୍ରୟ ନେଇଥିବା କିଛି ଲୋକ ଘରକୁ ଫେରିଥିଲେ ବି ରୋଷେଇ କରିପାରିନାହାନ୍ତି। ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ବିସ୍କୁଟ, ଚୁଡ଼ା, ଚିନି ଓ ଦିଆସିଲି ଯୋଗାଇ ଦିଆଯାଇଛି। ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର, ଉତେଇପୁରର ମଲ୍ଲିମାହାରା, ଖଡ଼ିପଦାର ଗାଇଛନ୍ଦା, ମଠମାହାରା ଓ କନକେଇ ଏସକେପରୁ ପାଣି ଖସିଛି। ହେଲେ ଗତକାଲି ମାଡ଼ିଥିବା ପାଣି ଏବେ ବି ଚାଷ ଜମିରେ ମାଡୁଛି। ବନ୍ୟା ଯୋଗୁଁ ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, ପଧାନି, କରଦା, ଅର୍ଜ୍ଜୁନପୁର, ଦଳାଙ୍ଗ ଓ ବୟାଙ୍ଗଡିହ ପଂଚାୟତର ହଜାର ହଜାର ହେକ୍ଟର ଜମି ବୁଡ଼ି ରହିଥିବାରୁ ଧାନ ଚାଷ ନଷ୍ଟ ହେବା ଆଶଙ୍କା ରହିଛି। ଏଇ କିଛି ଦିନ ତଳେ ଏହିସବୁ ଅଞ୍ଚଳରେ ରୁଆପୋତା ହୋଇଥିଲା। ହେଲେ ବନ୍ୟା ଜଳ ମାଡ଼ିବାରୁ କେଉଁଠି ବିଲରୁ ଧାନ ଗଛ ଧୋଇ ଯାଇଛି। ସେହିପରି ବନ୍ୟା ଅଞ୍ଚଳରେ ଗୃହପାଳିତ ପଶୁଙ୍କୁ ଏଯାଏ ଖାଦ୍ୟ ମିଳି ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ, ଶାସକ ବିଜେପିର ସମସ୍ତ କର୍ମକର୍ତ୍ତା ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଲାଗିଥିବାବେଳେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ନିଜ ଆଡୁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ବାଣ୍ଟୁଛନ୍ତି।





**● ବିଧାୟକଙ୍କୁ ମିଳିଲାନି ପାୱାର ବୋଟ୍**
**● ନଦୀବନ୍ଧରେ ପାଲତଳେ ବହୁ ପରିବାର**



ଅସୁରାଳି: ବୈତରଣୀ ନଦୀର ବନ୍ୟା ପରିସ୍ଥିତି ଦ୍ୱାରା ଗଭୀର ଭାବେ ପ୍ରଭାବିତ ହସନାବାଦ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ମଙ୍ଗଳବାର ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ସହ ବନ୍ୟାସ୍ଥିତିର ସମୀକ୍ଷା କରିଛନ୍ତି।

ହସନାବାଦ ପଞ୍ଚାୟତର ବନବାଗଠାରେ ୪୦ ପରିବାର ରୁହନ୍ତି ମାତ୍ର ସେଠାରେ ୨୫ ପରିବାର କଚ୍ଚା ଘରେ ରୁହନ୍ତି। କଚ୍ଚା ଘର କାନ୍ଥଗୁଡ଼ିକ ଧସିଯିବା ସହ ଘରଗୁଡ଼ିକ ଧ୍ୱଂସବିଧ୍ୱସ୍ତ ହୋଇଯାଇଛି। ଘରେ ପାଣି, ବାହାରେ ପାଣି ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ ବାଧ ହେଇ ଲୋକମାନେ ବନ୍ଧରେ ପାଲ ଟାଣି ଆଶ୍ରୟ ନେଇଛନ୍ତି। ଗାଇଗୋରୁ ଆଦି ଗୃହପାଳିତ ପଶୁ ମଧ୍ୟ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ସମାନ ଭାବେ ହସନାବାଦର ସେଠୀସାହିର ୨୦ ପରିବାର, ମହାଲିକସାହିର ୧୫ ପରିବାର, ଉପର ଅସ୍ତକର ଜେନାସାହି, ବେହେରାସାହି, ରାଉତସାହିର ୬୦ ପରିବାର, ତଳ ଅସ୍ତକର ସମୁଦାୟ ୧୭୦ ପରିବାର ଥିବା ବେଳେ ନିର୍ଦ୍ଦିଷ୍ଟ ଭାବେ ମହାଲିକ, ପୁହାଣ, ବେହେରା, ମାଝୀ, ମଳିକସାହିର ୭୦ ପରିବାର ପ୍ରଭାବିତ ହେଇଛନ୍ତି। ଗୃହପାଳିତ ପଶୁ ମଧ୍ୟ ଅସହାୟ, ଅନାହାରରେ ବହୁ ଦିନ ଧରି କଲବଲ ହେଉଛନ୍ତି, ତାଙ୍କ ପ୍ରତି କାହାର ଦୃଷ୍ଟି ନାହିଁ। ଘରେ ପାଣି ମଧ୍ୟରେ ପୁଣି ସାପ, ବେଙ୍ଗ ଘର କରି ଗଲେଣି ତ କୋଉଠି କାନ୍ଥ ନାହିଁ ତ ଆଉ କୋଉଠି ଦୁଆର ନାହିଁ। ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚି ଶୁଖିଲା ଖାଦ୍ୟ, ଔଷଧ ସାମଗ୍ରୀ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଯୋଗାଇ ଦେଇଥିଲେ। ସରପଞ୍ଚ ଶ୍ରୀ ମଲ୍ଲିକଙ୍କ କହିବାନୁଯାୟୀ, ଅଳ୍ପ କିଛି ଦିନ ଭିତରେ ତିନି ତିନି ଥର ବନ୍ୟା ଆସି ସାଧାରଣ ଜନତାଙ୍କ ଆର୍ôଥକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏହି ପରିପ୍ରେକ୍ଷୀରେ ନଷ୍ଟ ହୋଇଥିବା ଆସବାପତ୍ର ଓ କ୍ଷୟକ୍ଷତିର ଆକଳନ କରି ଖୁବଶୀଘ୍ର କ୍ଷତିପୂରଣ ଯୋଗାଇ ଦିଆଯାଉ।

ଅନ୍ୟପକ୍ଷରେ, ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯିବାକୁ ନେଇ ବ୍ଲକ ଓ ଜିଲ୍ଲା ପ୍ରଶାସନ ଉପରେ ବର୍ଷିଛନ୍ତି ଭଣ୍ଡାରିପୋଖରୀ ବିଧାୟକ ତଥା ବିଜେଡି ନେତା ସଞ୍ଜୀବ ମଲ୍ଲିକ। ଧାମନଗରର ବିଜେଡି ନେତା ସଞ୍ଜୟ ଦାସ ପାୱାର ବୋଟ୍ ମାଗିଥିଲେ; ହେଲେ ବୋଟ୍ ନଥିବା କହି ସଞ୍ଜୀବଙ୍କୁ ଫେରାଇ ଦେଇଥିଲେ ବ୍ଲକ କର୍ମଚାରୀ।

## ରାଜ୍ୟ ସରକାରଙ୍କ ଉପରେ ଗର୍ଜିଲା କଂଗ୍ରେସ



ଭଦ୍ରକ, ୨୬।୮ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଧାମରାକୁ ଏନଏସି ଘୋଷଣାରୁ ବାଦ୍ ଦେବା ପ୍ରତିବାଦରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ଧାମରାରେ ଏସିଆର ଦ୍ୱିତୀୟ ବୃହତ୍ତମ ବନ୍ଦର ସାଙ୍ଗକୁ ଛୋଟ ବଡ଼ ଶିଳ୍ପସଂସ୍ଥା ଗଢି ଉଠିଲାଣି। ନିକଟରେ ଅବଦୁଲ କାଲାମ ଦ୍ୱୀପ, ପ୍ରସିଦ୍ଧ ଧାମରାଇ ମନ୍ଦିର ଅବସ୍ଥିତ। ସେହି ଅନୁପାତରେ ଦିନକୁ ଦିନ ଧାମରା ଅଞ୍ଚଳର ଲୋକ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସବୁ ଭିତିଭୂମିରେ ପୂର୍ଣ୍ଣ ଥିବା ଧାମରା ଅଞ୍ଚଳକୁ ଲକ୍ଷ୍ୟ କରି ପୂର୍ବ ସରକାର ଏନଏସି ଘୋଷଣା କରିଥିଲେ। ମାତ୍ର ଏବେର ସରକାର କେଉଁ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଧାମରା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଏନଏସି ଘୋଷଣାରୁ ବାଦ ଦେଇଛନ୍ତି। ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି କହିଛନ୍ତି କଂଗ୍ରେସର ବରିଷ୍ଠ ନେତା ଅମୀୟ ମହାପାତ୍ର। ସରକାର ଏହାକୁ ପୁନଃବିଚାର କରି ଏନଏସି ଘୋଷଣା କରନ୍ତୁ ଅନ୍ୟଥା କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଧାମରା ଅଞ୍ଚଳର ବହୁ ନେତାଙ୍କ ସହ ବରିଷ୍ଠ କଂଗ୍ରେସନେତା ଅମୀୟ ମହାପାତ୍ର ଓ ଦିଗମ୍ବର ଦାସ ଉପସ୍ଥିତ ଥିଲେ।

## ଆତ୍ମହତ୍ୟା ନିରୋଧୀ ସଚେତନତା

ବାରିକପୁର/ଭଣ୍ଡାରୀପୋଖରୀ, ୨୬।୮ (ସମିସ): ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଭଦ୍ରକ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସାଇବର ଅପରାଧ ଓ ଆତ୍ମହତ୍ୟା ସମ୍ବନ୍ଧୀୟ ଏକ ସଚେତନତା ଶିବିର କଲେଜ ଅଧ୍ୟକ୍ଷ ଭରତଚନ୍ଦ୍ର କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୁଲିସ ଉପଖଣ୍ଡ ଅଧିକାରୀ ତ୍ରିଲୋଚନ ସେଠୀ, ସମ୍ମାନିତ ଅତିଥି ଭାବେ ଥାନାଧିକାରୀ କମଳାକାନ୍ତ ଦାଶ, ଭଦ୍ରକ ପରିବାର କାଉନସିଲର କେନ୍ଦ୍ର ପରାମର୍ଶଦାତା ପ୍ରିୟଙ୍କା ଜେନା, ସ୍ନେହଲତା ପଣ୍ଡା ପ୍ରମୁଖ ସାଇବର ଅପରାଧ ଓ ଆତ୍ମହତ୍ୟା ନିରୋଧ ଆଇନ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଆନନ୍ଦଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନନ୍ତ କିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଥାନା କର୍ମଚାରୀଙ୍କ ସମେତ ଅଧ୍ୟାପକ ହରିହର ସାହୁ, ମଦନମୋହନ ପଣ୍ଡା, ମମିତାରାଣୀ ନାୟକ, ଶ୍ରାବଣୀ ଦାସ, ଗୀତାଞ୍ଜଳି ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ୩୯ଟି ଗାଡ଼ିକୁ ୧. ୬୯ ଲକ୍ଷ ଟଙ୍କା ଜରିମାନା



ଭଦ୍ରକ,୨୬।୮ (ସମିସ): ଦୁର୍ଘଟଣା ରୋକିବାକୁ ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗ ତରଫରୁ ଯେତେ ସଚେତନତା କରା ଗଲେବି ସେସବୁକୁ ଅମାନିଆ ଗାଡି ଚାଳକମାନେ ଫୁ କରିଦେଉଛନ୍ତି। ଫଳରେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଦିନକୁ ଦିନ ଦୁର୍ଘଟଣା ଘଟିବାରେ ଲାଗୁଛି। ଏହାକୁ ରୋକିବାକୁ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରାଜ୍ୟ ରାଜପଥର ଇଚ୍ଛାପୁର ବାଲିବିଲିଠାରେ ଗାଡ଼ି ଯାଞ୍ଚ କରାଯାଇଛି। ଏହି ଯାଞ୍ଚବେଳେ ୩୯ଟି ଗାଡ଼ିରୁ ଏକ ଲକ୍ଷ ୬୯ ହଜାର ଟଙ୍କାର ଚାଲାଣ କଟାଯାଇଛି। ଜିଲ୍ଲା ସଡ଼କ ସୁରକ୍ଷା ଅଧିକାରୀ ଅବଦୁଲ ରହିମ, ଟ୍ରାଫିକ ସବଇନ୍ସପେକ୍ଟର ଶର୍ମିଷ୍ଠା ମିଶ୍ର, ଜୁନିଅର ଏମଭିଆଇ ପ୍ରିୟଙ୍କା ପ୍ରଧାନ, ଅତିରିକ୍ତ ଟ୍ରାଫିକ ଇନ୍ସପେକ୍ଟର ଶ୍ୟାମସୁନ୍ଦର ନାୟକଙ୍କ ସମେତ ପରିବହନ ବିଭାଗର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ଯାଞ୍ଚ ପ୍ରକ୍ରିୟା ଜୋରଦାର ହେବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ।

## ମାଳଦା ପାକ୍ସ ସଭାପତିଙ୍କ ବିରୋଧରେ ଅଭିଯୋଗ

ଭଣ୍ଡାରିପୋଖରୀ,୨୬।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପ୍ରାଥମକ କୃଷି ସମବାୟ ସମିତି ଲିଃ ସଭାପତିଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ସମିତିର କେତେକ ପରିଚାଳନା ନିର୍ଦ୍ଦେଶକ ଭଦ୍ରକ ସହକାରୀ ସମବାୟ ନିବନ୍ଧକଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ପରିଚାଳନା ନିର୍ଦ୍ଦେଶକ ସ୍ନେହଲତା ସାମଲ, ବନ୍ଦିତା ମଲ୍ଲିକ, ନାରାୟଣ ପରିଡା, କମଳାକାନ୍ତ ସାମଲ, ସୁରେନ୍ଦ୍ର ଜେନା, ମନୋଜ ବାରିକ, ନରେନ୍ଦ୍ର ମହାନ୍ତି ଗତ ସୋମବାର ସମବାୟ ନିବନ୍ଧକଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପୂର୍ବ ନୋଟିସ ବିନା ବୈଠକ ଅନୁଷ୍ଠିତ ହେବା, ବୈଠକ ପୂର୍ବରୁ ସଭାବହିରେ ଦସ୍ତଖତ ନିଆଯିବା ଓ ଆଲୋଚିତ ବିଷୟ ସଭାବହିରେ ଉଲ୍ଲେଖ କରାନଯାଇ ମନଇଚ୍ଛା ବିବରଣୀ ଲିପିବଦ୍ଧ କରାଯିବା, ବୈଠକ ଆରମ୍ଭରେ ପୂର୍ବ ବୈଠକର ବିବରଣୀ ପାଠ କରା ନଯିବା ଅଭିଯୋଗ କରାଯାଇଛି। ଏହି ସମସ୍ତ ଅଭିଯୋଗ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମବାୟ ନିବନ୍ଧକଙ୍କୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ, ଏଭଳି ଅଭିଯୋଗ ଅମୂଳକ ଅଟେ। ସ୍ୱଚ୍ଛତା ସହ ସମିତି ପରିଚାଳନାକୁ ସହ୍ୟ କରିପାରୁ ନଥିବା କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏଭଳି ହୀନ ଅଭଯୋଗ କରିଛନ୍ତି ବୋଲି ସଭାପତି ମତ ଦେଇଛନ୍ତି। ଅଭିଯୋଗର ଅତ୍ୟତମ ସ୍ୱାକ୍ଷରକାରୀ ମନୋଜ ବାରିକ ଓ ସୁରେନ୍ଦ୍ର ଜେନା ଅଭଯୋଗ ଫର୍ଦ୍ଦରେ ଥିବା ତାଙ୍କ ଦସ୍ତଖତ ଜାଲ୍ ବୋଲି ଏଆରସିଏସଙ୍କ ନିକଟରେ ପାଲଟା ଅଭିଯୋଗ କରିଥିବା ଜଣାଯାଇଛି।

## ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟାଙ୍କ ସମୀକ୍ଷା ବୈଠକ

ଭଦ୍ରକ, ୨୬।୮ (ସମିସ): ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ମନସ୍ମିତା ଖୁଣ୍ଟିଆ ଭଦ୍ରକ ଜିଲ୍ଲାକୁ ୨ ଦିନିଆ ଗସ୍ତରେ ଆସି ବିଭିନ୍ନ ଶିଶୁ ଅନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର, ମୁକ୍ତାଶ୍ରୟ କେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁମାତୃ କକ୍ଷ ପରିଦର୍ଶନ କରିବା ସହ ଜିଲ୍ଲା ସଦଭାବନା ସଭାଗୃହରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ପୌରୋହିତ୍ୟରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡା.ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟାଧିକାରିଣୀ, ଡିଏସପି ବିଶ୍ୱପତି ପଣ୍ଡା ସମେତ ଜିଲ୍ଲା ସ୍ତରର ଶିଶୁ ସୁରକ୍ଷା ସମ୍ପର୍କିତ ସମସ୍ତ ବିଭାଗୀୟ ଅଧିକାରୀ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ସଦସ୍ୟା, କିଶୋର ନ୍ୟାୟ ପରିଷଦର ସଭ୍ୟ, ଶ୍ରମ ବିଭାଗ, ଶିକ୍ଷା ବିଭାଗ, ଶିଶୁ ଯତ୍ନ ଅନୁଷ୍ଠାନ କର୍ମକର୍ତ୍ତା, ଚାଇଲ୍ଡଲାଇନ, ଶକ୍ତି ସଦନ କର୍ମକର୍ତ୍ତା, ସମସ୍ତ ସିଡିପିଓ, ସୁପରଭାଇଜର, ମମତା, ପୋଷଣର କର୍ମକର୍ତ୍ତା ଯୋଗଦାନ କରିଥିଲେ।



ଆୟୋଗର ସଦସ୍ୟା ଶ୍ରୀମତୀ ଖୁଣ୍ଟିଆ ଜିଲ୍ଲା ସ୍ତରରେ ଥିବା ସମସ୍ତ ଶିଶୁ ଅନୁଷ୍ଠାନର ଶିଶୁଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ହୋଇପାରିଲେ ସାଧାରଣ ଶିଶୁ ଭଳି ମୁଖ୍ୟସ୍ରୋତରେ ସମସ୍କନ୍ଧ ହୋଇପାରିବ ବୋଲି କହିବା ସହ ମାନସିକ ସ୍ଥିତିକୁ ପରଖି ପରାମର୍ଶ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଶିଶୁ ଶ୍ରମିକ ମୁକ୍ତ, ରାସ୍ତାକଡ଼ରେ ବୁଲୁଥିବା ଶିଶୁ ଯେପରି ଅନାହାରରେ ନ ରହିବେ ସେଥିପାଇଁ ଦୃଷ୍ଟିଦେବା ପାଇଁ କହିଥିଲେ। ଶିକ୍ଷା ଭିବାଗରେ ଡ୍ରପଆଉଟ୍ ପିଲା, ପରିବହନ ବିଭାଗ ଶିଶୁଙ୍କୁ ବିଦ୍ୟାଳୟଯିବାଆସିବାରେ ବ୍ୟବହାରଯୋଗ୍ୟ ଯାନକୁ ନିରୀକ୍ଷଣ କରିବା, ବାଲ୍ୟବିବାହ, ପୋକସୋ ପୀଡ଼ିତା ନାବାଳିକାକୁ ତ୍ୱରିତ ସହାୟତା, ସମସ୍ତ ଶିଶୁଙ୍କୁ ଆଧାର ସଂଯୋଗ କରଣ ବ୍ୟବସ୍ଥା ଉପରେ ପଦକ୍ଷେପ, ଶିଶୁ ମଙ୍ଗଳ ପୁଲିସ ଅଧିକାରୀ ଶିଶୁଙ୍କୁ ମିତ୍ର ବ୍ୟବହାର, ଶିଶୁମିତ୍ର ଥାନା ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିବା ସକାଶେ ବୈଠକରେ ଆଲୋକପାତ କରିଥିଲେ। ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା, ସାମାଜିକ କର୍ମୀ ସୁବ୍ରତ ଦାସ, ହିସାବ ରକ୍ଷକ ଧୀରଜ୍ ବାରିକ୍, ବାହ୍ୟ କର୍ମୀ ମହେଶଚନ୍ଦ୍ର ଦାଶ, ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ୍, ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ମଳିକ, ବାହ୍ୟକର୍ମୀ ଦମୟନ୍ତୀ ଦାଶ, ପରାମର୍ଶଦାତା କୁଳଦୀପ ଯେନା ଓ ଚାଇଲ୍ଡ ଲାଇନର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଢ଼ିଆରି ଓ ଟିମ ସହଯୋଗ କରିଥିଲେ।

## ଅନ୍ତିମ ସବ୍‌ଜୋନାଲ କ୍ରୀଡ଼ା



ଭଣ୍ଡାରିପୋଖରୀ,୨୬।୮ (ସମିସ): ହାରାମଣି ବାଳିକା ଉଚ୍ଚବିଦ୍ୟାଳୟ ଆନୁକୂଲ୍ୟରେ ଅନ୍ତିମ ସବଜୋନାଲ କ୍ରୀଡ଼ା ପ୍ରତିଯୋଗୀତା ପ୍ରଧାନଶିକ୍ଷକ ଶରତଚନ୍ଦ୍ର ପହିଙ୍କ ପୌରହିତ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଜୋନାଲ କ୍ରୀଡା ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ବର୍ଗରେ ଫୁଟବଲ, ଭଲିବଲ, କବାଡି, ଯୋଗ ଓ କନିଷ୍ଠ ବର୍ଗରେ ଖୋ ଖୋ ଓ ବ୍ୟାଡମିଣ୍ଟନ ବିଭାଗରେ ଅନୁଷ୍ଠିତ ଏକଦିବସୀୟ ପ୍ରତିଯୋଗିତାରେ ୧୨ଟି ବିଦ୍ୟାଳୟର ୧୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷୟିତ୍ରୀ ବିକଶି ସାହୁ, ମାନସ ସାହୁ, ସୁଧାକର ମହାପାତ୍ର, ପ୍ରଶାନ୍ତ ଜେନା, ପୂର୍ଣ୍ଣିମା ମହନ୍ତ କ୍ରୀଡା ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ ଦେବାଶିଷ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଜୋନସ୍ତରୀୟ କ୍ରୀଡା ପ୍ରତିଯୋଗୀତାର ଶେଷ୍ଠ ପ୍ରତିଯୋଗୀଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହେବ।

## ଏନ୍‌ଏସି ଦାବିରେ ଗଣଧାରଣା



ବନ୍ତ/ଆଗରପଡ଼ା,୨୬।୮ (ସମିସ): ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ଜନ୍ମସ୍ଥାନ ଭଦ୍ରକ ଜିଲ୍ଲା ଆଗରପଡ଼ାକୁ ବିଜ୍ଞାପିତ ପରିଷଦ ଅଞ୍ଚଳ ବା ଏନଏସି ଦାବିରେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଡ.ମହତାବଙ୍କ ପ୍ରତିମୂର୍ତ୍ତି ନିକଟରେ ମଙ୍ଗଳବାର ୬ ଘଣ୍ଟା ଧାରଣା ଦିଆଯିବା ସହ ଜନଜାଗରଣ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ଯୁବନେତା ସତ୍ୟସାଧନ ବେଜ, ହାଇକୋର୍ଟ ଆଡଭୋକେଟ ମନୋଜ ରାୟ, ସମାଜସେବୀ ବିଜ୍ଞାନଭୂଷଣ ମହାନ୍ତି, ଧଳ, ରଂଜନ ଦାସ, ସୁବାସ ଦାସ, ଗଗନ ଦାସ, ଚିତ୍ତରଂଜନ ସାମନ୍ତରାୟ, ଗୋଲକ ପୃଷ୍ଟି, ସୁବୋଧ ସାହୁ ପ୍ରମୁଖ ସାମିଲ ଥିଲେ।

## ଗୋବିନ୍ଦଚନ୍ଦ୍ର ରଣାଙ୍କ ସ୍ମୃତିସଭା

ବନ୍ତ/ଆଗରପଡ଼ା,୨୬।୮ (ସମିସ): ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ନାରାୟଣପୁର ଗ୍ରାମର ସ୍ୱର୍ଗତ ଗୋବିନ୍ଦଚନ୍ଦ୍ର ରଣା ଥିଲେ ସଂଗୀତର ଜଣେ ଯାଦୁଗରୀ ପ୍ରତିଭା। ତାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ ପ୍ରାକ୍ତନ ସେବା ସମବାୟ ସଭାପତି ଜଗନ୍ନାଥ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ସେବା ସମବାୟ ସଭାପତି ରଞ୍ଜନ ସାହୁ, ସମିତିସଭ୍ୟ ମନୋରଞ୍ଜନ ସେଠି, ଆଇନଜୀବୀ ଅଣାକର ମଲ୍ଲିକ, ନାରାୟଣଚନ୍ଦ୍ର ବାରିକ, ଆନନ୍ଦଚନ୍ଦ୍ର ନାୟକ, ଜଗନ୍ନାଥ ନାୟକ, ନିରାକାର ଗାହାଣ, ଶଙ୍କର୍ଷଣ ନାୟକ, ଅନିଲ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ରଣା ସଙ୍ଗୀତ ସହିତ ହାରମିନିୟମ ଓ ଅର୍ଗାନ ବାଦକ ମଧ୍ୟ ଥିଲେ। ନିରଞ୍ଜନ ରଣା, ରାଜେନ୍ଦ୍ର ରଣା, ରବୀନ୍ଦ୍ର ରଣା, ସନ୍ତୋଷ ରଣା, ଦେବେନ୍ଦ୍ର ରଣା, ଶ୍ରୀକାନ୍ତ ରଣା, ଦିଲ୍ଲୀପ ରଣା, ମନୋରଞ୍ଜନ ରଣା ପ୍ରମୁଖ ସଭାରେ ତାଙ୍କ ସ୍ମୃତିଚାରଣ କରିଥିଲେ।

## ଅଙ୍ଗନବାଡ଼ି କର୍ମୀଙ୍କ ବ୍ଲକ୍‌ସ୍ତରୀୟ ସମ୍ମିଳନୀ



ବାସୁଦେବପୁର,୨୬।୮ (ସମିସ): ବାସୁଦେବପୁର ପୌରପାଳିକାର ନୀଳମଣି ଟାଉନହଲରେ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନର ବାସୁଦେବପୁର ବ୍ଲକସ୍ତରୀୟ ଅଙ୍ଗନବାଡି କର୍ମୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ରାଜ୍ୟ ସଭାପତି ସୁମିତା ମହାପାତ୍ର, ଜିଲ୍ଲା ସମ୍ପାଦିକା ଅନ୍ନପୂର୍ଣ୍ଣା ବିଶ୍ୱାଳ, ଜିଲ୍ଲା କୋଷାଧ୍ୟକ୍ଷ ସୁଜାତା ଜେନା, ଜିଲ୍ଲା ଉପସଭାପତି ପୁଷ୍ପାରାଣୀ ଲେଙ୍କା, ବ୍ଲକ ସଭାପତି ସବିତାବାଳା ମହାନ୍ତି, ସମ୍ପାଦିକା କମଳିନୀ ମଳିକ, କୋଷାଧ୍ୟକ୍ଷ ଚନ୍ଦ୍ରିକା ମହାପାତ୍ର ଯୋଗ ଦେଇଥିଲେ।

# ମୁସଲିମ୍ ଜମାତ୍‌ରେ ହଜରତ୍ ମହମ୍ମଦ୍‌ଙ୍କ ଜନ୍ମଉତ୍ସବ ପ୍ରସ୍ତୁତି

ଭଦ୍ରକ, ୨୬।୮ (ସମିସ)



**ଡିଜେ ସାଉଣ୍ଡ ନିଷେଧ**

ଭଦ୍ରକ ପୁରୁଣାବଜାର ମଦିନା ମଇଦାନରେ ସନ୍ଧ୍ୟା ୭ଟା ସମୟରେ ପ୍ରଫେଟ ହଜରତ ମହମ୍ମଦଙ୍କ ଜନ୍ମଦିନ ତଥା ଜସ୍ନ-ଏ-ଇଦ ମିଲାଦୁନ ନବୀ ପାଳନ ଲାଗି ଭଦ୍ରକ ମୁସଲିମ ଜମାତର ଏକ ପ୍ରସ୍ତୁତି ବୈଠକ ଭଦ୍ରକ ମୁସଲିମ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲାଙ୍କ ସଭାପତିତ୍ୱରେ ଓ ସାଧାରଣ ସଂପାଦକ ହାଜୀ ଶେଖ ଏନାମ ମହମ୍ମଦଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏକ ଅସ୍ଥାୟୀ କମିଟି ତଥା ସିରତ କମିଟି ଗଠନ କରାଗଲା। ଏହି ସିରତ କମିଟିରେ ସଭାପତି ଭାବେ ହାଜୀ ଅବଦୁଲ ମୁକିତ ଖାନ, ସଂପାଦକ ଭାବେ ଇଂ ହବିବୁଲ୍ଲା ଖାନ, କୋଷାଧ୍ୟକ୍ଷ ଭାବେ ମିର୍ଜା ଏକ୍ରାମ ବେଗ ଓ ଶେଖ ଅବୁକଲାମ ପ୍ରମୁଖ ୩୩ ଜଣ ସିରତ କମିଟିରେ କର୍ମକର୍ତ୍ତା ରହିଛନ୍ତି। ପ୍ରତ୍ୟେକ ବସ୍ତିର ଜୁଲୁସ/କାଫେଲାର ସରଦାରମାନେ ଉକ୍ତ କମିଟିରେ ସଭ୍ୟଭାବେ ରହିଛନ୍ତି। ଚଳିତ ବର୍ଷ ପ୍ରଫେଟ ମହମ୍ମଦଙ୍କ ୧୫୦୦ତମ ବର୍ଷ ଜୟନ୍ତୀ ମହାଆଡ଼ମ୍ବରରେ ପାଳନ କରାଯିବ। ସେପ୍ଟେମ୍ବର ୫ ତାରିଖ ଶୁକ୍ରବାରରେ ପ୍ରଫେଟ ହଜରତ ମହମ୍ମଦଙ୍କ ଜନ୍ମ ଉତ୍ସବ ତଥା ଜସ୍ନ-ଏ-ଇଦ ମିଲାଦୁନ ନବୀ ପର୍ବ ଇସଲାମ ଧର୍ମର ସରିୟତ ରୀତିନୀତି ଅନୁଯାୟୀ ପାଳନ କରାଯିବ। ଏହି ପର୍ବରେ ଅପରାହ୍ନ ୪ଟା ସମୟରେ ଭଦ୍ରକର ସମସ୍ତ ବସ୍ତିରୁ ଜୁଲୁସ (ମେଢ଼) ଓ କାଫେଲା ପୁରୁଣାବଜାରସ୍ଥିତ ଚୌଖଣ୍ଡିରୁ ଆରମ୍ଭ ହୋଇ ବାଙ୍କା ଛକ, ପୁରୁଣାବଜାର ଛକ, ଲାହାପଟ୍ଟି, ନଙ୍ଗାମହଲ୍ଲା, କଚେରୀ ବଜାର ଛକ, ନୂଆ ବଜାର, ଗୋଶାଳା ଛକ, ମୁଲ୍ଲାସାହି, ଶଙ୍କରପୁର, ହେଲାସାହି ଛକ ହୋଇ ମଦିନା ମଇଦାନରେ ପହଂଚିବାର କାର୍ଯ୍ୟକ୍ରମ ରହିଛି। ଏହି ଜୁଲୁସ/କାଫେଲା ମେଢ଼ରେ ଡିଜେ ସାଉଣ୍ଡ ବାଜିବ ନାହିଁ। ହଜରତ ମହମ୍ମଦଙ୍କ ନୀତିବାଣୀ ଉପରେ ନାତ୍ ସରିଫ ପଢ଼ି ପଢ଼ି ଭଦ୍ରକ ସହର ପରିକ୍ରମା କରିବେ। ରାତ୍ରି ୯ଟା ସମୟରେ ମଦିନା ମୈଦାନଠାରେ ଆମ ରାଜ୍ୟ ଓ ରାଜ୍ୟ ବାହାରୁ ପଣ୍ଡିତ (ମୌଲାନା) ଓ କବି (ସାଏର) ମାନେ ଏକ ଧର୍ମସଭାର ଆୟୋଜନ ହେବ ବୋଲି ଭଦ୍ରକ ମୁସଲିମ ଜମାତର ମିଡିଆ ସେଲ ଶେଖ ଅନୱର (ବାବୁ) ଜଣାଇଛନ୍ତି।

**ଗଣେଶ ପୂଜା ଓ ମହମ୍ମଦ ଜୟନ୍ତୀ ପାଳନ ପ୍ରସ୍ତୁତି**

# ଜୁଲୁସ୍ ଓ ମେଢ଼ ଶୋଭାଯାତ୍ରାରେ ଡିଜେ ବନ୍ଦ

## ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ

ଧାମନଗର, ୨୬।୮ (ସମିସ): ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଚଳିତ ମାସ ୨୭ ତାରିଖରେ ଗଣେଶ ପୂଜା ଏବଂ ଆସନ୍ତା ମାସ ପ୍ରଥମ ସପ୍ତାହରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ କିପରି ଶାନ୍ତିଶୃଙ୍ଖଳାରେ ପାଳନ ହେବ ସେନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଏବଂ ଶାନ୍ତି କମିଟି ବୈଠକ ମଙ୍ଗଳବାର ଅପରାହ୍ନ ୪ଟାରେ ଧାମନଗର ବ୍ଲକ ସେଣ୍ଟ୍ରାଲ ସଭାଗୃହରେ ଶାନ୍ତି କମିଟିର ଆବାହକ ତଥା ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ସାଂସଦ ପ୍ରତିନିଧି ସରୋଜ ମହାପାତ୍ର, ଏସଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ଗୋପାଳକୃଷ୍ଣ ଜେନା ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ଆଲହାଜ୍ ସୟଦ ମୁସ୍ତାଫା ରଜା, ମହମ୍ମଦ ଇସ୍ରାଇଲ ହବିବି, ଏମଡି ଫଜଲେ ବାରି, ବିରେନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ଗୋଲାମ ଜିଲାନି ହବିବି, ସେକ ଗୋଲାମ ଅଲ୍ଲୀ, ମହମ୍ମଦ ମଞ୍ଜୁରୁଲ ହକ୍, ରାମଚନ୍ଦ୍ର ଜେନା, ପ୍ରତାପ ସାମଲ, ସୁଶାନ୍ତ ରାଉତ, ଏସଆଇ ପ୍ରଦୀପ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଶେଷ କରି ଚଳିତ ଗଣେଶ ମେଢ଼, କୁଲୁସ ଓ କାଫଲା ଶୋଭାଯାତ୍ରାରେ ଡି.ଜେ ଏବଂ ଡିଜେ ଗାଡ଼ି ସମ୍ପୂର୍ଣ୍ଣ ବନ୍ଦ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ଧାମନଗର ଶାନ୍ତି କମିଟିର ନିଷ୍ପତ୍ତିକୁ ଯେଉଁମାନେ ଅମାନ୍ୟ କରିବେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଏବଂ ଏସଡିପିଓ ସୂଚନା ଦେଇଛନ୍ତି। ଧାମନଗର ସହରାଞ୍ଚଳରେ ମହମ୍ମଦଙ୍କ ଜନ୍ମଦିନ ତଥା ଜସ୍ନେ ଇଦ୍ ମିଲାଦୁନ୍ ନବୀ ଅବସରରେ ବିଭିନ୍ନ ସାହିବସ୍ତି ସମେତ ମୋଟ ୩୫ଟି ଜୁଲୁସ ଓ କାଫଲା ଶୋଭାଯାତ୍ରା ନିଜ ନିଜର କମିଟି ମୁଖ୍ୟ ଓ ଗାଁର ସର୍ଦ୍ଦାରମାନେ ସାଙ୍ଗରେ ଧରି ଖାନକା ସରିଫରେ ପହଞ୍ଚି ସେଠାରୁ ରାତି ପ୍ରାୟ ୯ଟା ୩୦ରେ ସମସ୍ତ ଜୁଲୁସ ଓ କାଫଲା ଏକ ହୋଇ ଇଦ୍ ଗାଁ ମଇଦାନ ପରିକ୍ରମା କରି ଟ୍ରେକର ଷ୍ଟାଣ୍ଡରେ ବାହାରି ବଡ଼ ବଜାର, ସାନ ବଜାର, ବଙ୍ଗାଳି ଛକ ବାଟେ ପବିତ୍ର ପୀଠ ଜଗତି କଦମରସୁଲଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଥାଉକି, ଗୁରୁତ୍ୱପୂର୍ଣ୍ଣ ଏହି ଶାନ୍ତିକମିଟି ବୈଠକରେ କୌଣସି ବିଭାଗୀୟ ଅଧିକାରୀ ଯୋଗ ଦେଇ ନଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲାପାଳଙ୍କୁ ଲିଖିତ ଅବଗତ କରାଯାଉ ବୋଲି ସଦସ୍ୟ ପ୍ରସ୍ତାବ ଦେଇଥିଲେ। ତହସିଲଦାର ଶ୍ରୀ ସେଠୀ ୨ଟି ପର୍ବ ଶାନ୍ତିଶୃଙ୍ଖଳା ସହ ପାଳନ ନିମନ୍ତେ ସମସ୍ତେ ସହଯୋଗ କାମନା କରଥିଲେ।



# ଗାଁ ଦାଣ୍ଡରେ ଲହଡ଼ି ଭାଙ୍ଗୁଛି ବନ୍ୟା ଜଳ





**ରାଜସ୍ୱ ମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ**

**ବନ୍ୟାଜଳରେ ଭାସିଯାଇ ଛାତ୍ର ନିଖୋଜ**







**ଦଶରଥପୁର/କର୍ଯାଁଗୋଲା, ୨୬।୮ (ସମିସ)**

ବୈତରଣୀ ନଦୀର ଶାଖା କାଣି ନଦୀରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ଦଶରଥପୁର ବ୍ଲକର ଶତାଧିକ ଗାଁ ପ୍ରଭାବିତ ହୋଇଛି। ଉପର ମୁଣ୍ଡରେ ବୈତରଣୀର ଜଳସ୍ତର ହ୍ରାସ ପାଇଥିଲେ ମଧ୍ୟ ଘାଇରେ ଆଜି ବି ପାଣି ପ୍ରବାହିତ ହୋଇ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଗାଁ ଦାଣ୍ଡରେ ବନ୍ୟା ଜଳ ଲହଡ଼ି ଭାଙ୍ଗୁଛି। ଆଜି ଅପରାହ୍ନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଯାଜପୁର ଜିଲ୍ଲାରେ ସର୍ବାଧିକ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ଦେଇଛନ୍ତି। ବନ୍ୟା କମିବା ପରେ ତୁରନ୍ତ ମରାମତି ଆରମ୍ଭ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଯାଜପୁର ଜିଲ୍ଲାର ଦଶରଥପୁର ଏବଂ ଯାଜପୁର ବ୍ଲକ ଏହି ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଉଭୟ ବ୍ଲକର ମୋଟ ୨୧ଟି ପଞ୍ଚାୟତର ୬୭ଟି ଗାଁ ପ୍ରଭାବିତ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ବନ୍ୟା ଯୋଗୁଁ ୧୮ ହଜାର ୪୩୩ ଜଣ ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯୬୪୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ସେହିପରି ବନ୍ୟା ଦ୍ୱାରା ୩୬୯୪ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ବନ୍ୟା ବିପନ୍ନ ମାନଙ୍କୁ ରନ୍ଧା ଖାଦ୍ୟ ଓ ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଉଛି। ଦଶରଥପୁର ବ୍ଲକ ଦେଇ ପ୍ରବାହିତ ହୋଇଥିବା ବୈତରଣୀ ନଦୀରେ ବନ୍ୟା ଫଳରେ କାଣି ନଦୀରେ ଘାଇ ଯୋଗୁଁ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟା ପାଣିରେ ଆଜି ଜଣେ କଲେଜ ଛାତ୍ର ନିଖୋଜ ହୋଇଥିବା ଜଣାଯାଇଛି। ନିଖୋଜ ଛାତ୍ର ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତ ୮ ୱାର୍ଡର ମନ୍ମଥ ରଣାଙ୍କ ପୁଅ ମଦନ ମୋହନ ରଣା (୨୦) ବୋଲି ଜଣାଯାଇଛି। ମଦନ ବନ୍ୟା ପାଣିରେ ବୁଡ଼ିଥିବା ମଲ୍ଲିକାପୁର-ବଉଳାଙ୍ଗ ରାସ୍ତାର କେନ୍ଦୁଆ ନାଳ ଉପରେ ଥିବା ପୋଲ ତଳକୁ ଶୌଚ ହେବାକୁ ଯାଇଥିବା ସମୟରେ ପଟୁ ମାଟିରେ ଗୋଡ଼ ଖସିଯିବାରୁ ବନ୍ୟା ପାଣିରେ ଭାସି ଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଏବଂ ଓଡ୍ରାଫ୍ ଟିମର ଦୁଇଟି ବୋଟ ଓ ବୁଡ଼ାଳି ଦଳ ମଦନଙ୍କୁ ଠାବ କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିପାରିନାହିଁ। ବନ୍ୟା ଜଳ ଏବେ ବି ଗାଁ ଦାଣ୍ଡରେ ଲହଡ଼ି ମାରୁ ଥିବା ବେଳେ ଅନେକ ପରିବାର ଛାତ ଉପରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ଯାହା ଫଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପ୍ରଭାବିତ ହୋଇଛି। ବନ୍ୟା ଯୋଗୁଁ ବିଦ୍ୟୁତ୍ ଓ ଟେଲି ଯୋଗାଯୋଗ ମଧ୍ୟ ବାଧାପ୍ରାପ୍ତ ହୋଇଛି।

**କର୍ଯାଁଗୋଲା:** ଅପରାହ୍ନରେ ମନ୍ତ୍ରୀ ଶ୍ରୀ ପୂଜାରୀ ଦଶରଥପୁର ବ୍ଲକର କାଣି ନଦୀର ବନ୍ଧରେ ହୋଇଥିବା ୮୦ ଫୁଟ୍ ଘାଇକୁ ବୁଲି ଦେଖିବା ସହ ବିଭିନ୍ନ ବନ୍ୟା ବିପନ୍ନ ଲୋକଙ୍କ ସ୍ଥିତିକୁ ପରଖିଥିଲେ। ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କାଣି ନଦୀର ଉପମୁହାଣ ପରିଦର୍ଶନ କରିବା ସହ ବୈତରଣୀ ନଦୀର ଦୁର୍ବଳ ବନ୍ଧ ଗୁଡିକୁ ବୁଲି ଦେଖି ବନ୍ୟା ପାଣିରେ ଉପୁଟୁବୁ କର୍ଯାଁ ପଞ୍ଚାୟତ ଧରମପୁର, କର୍ଯାଁ, ଗହିରାପୁର ଓ ଗୁଣ୍ଡୁଣିପଡ଼ା ପ୍ରଭୃତି ଗ୍ରାମକୁ ଯାଇ ବିପନ୍ନଙ୍କ ଅବସ୍ଥାକୁ ଅନୁଧ୍ୟାନ କରିଥିଲେ। ଏବେବି ଦଶରଥପୁର ବ୍ଲକର ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ବନ୍ୟାରେ ପ୍ଲାବିତ ହେବା ସହ ହଜାର ହଜାର ହେକ୍ଟର ଧାନ ଚାଷ ଜମି ବୁଡ଼ି ରହିଛି। ପ୍ରଶାସନ ପକ୍ଷରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆଶ୍ରୟସ୍ଥଳକୁ ନିଆଯାଇ ରଖାଯାଇଥିବା ବେଳେ ସେମାନଙ୍କୁ ରିଲିଫ୍ ଆକାରରେ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଦିଆଯାଉଛି। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ବିଜେପି ଜିଲ୍ଲା ସଭାନେତ୍ରୀ ଦେବଜାନୀ ପ୍ରଧାନ, ବିଧାୟକ ଅମର ନାୟକ, ଆକାଶ ଦାସନାୟକ, ହିମାଂଶୁ ଶେଖର ସାହୁ, ବିଜେପି ନେତା ଗୌତମ ରାୟ, ବବିତା ମଲ୍ଲିକ ଓ ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର, ଯାଜପୁର ଜିଲ୍ଲାପାଳ, ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଦଶରଥପୁର ବିଡିଓ, ତହସିଲଦାର ପ୍ରମୁଖ ମନ୍ତ୍ରୀଙ୍କ ଏହି ଗସ୍ତରେ ସମିଲ ହୋଇଥିଲେ।



### ବନ୍ୟାର ସ୍ଥାୟୀ ପ୍ରତିକାର ଦାବି

**ଯାଜପୁର:** ବନ୍ୟାର ସ୍ଥାୟୀ ପ୍ରତିକାର ଓ ରାସ୍ତା ସୁଦୃଢ଼ିକରଣ ନେଇ ସିମିଳିଆ ପଞ୍ଚାୟତବାସୀ ଯାଜପୁର ଗସ୍ତରେ ଆସିଥିବା ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରକ୍ଷଣ ଗୃହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବୈତରଣୀ ନଦୀର ଶାଖା ନଦୀ ବୁଢ଼ା ଓ ଖରସ୍ରୋତା ନଦୀରେ ବନ୍ୟା ଆସିଲେ ସିମିଳିଆ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ବୁଢ଼ା ଘାଟ ଠାରୁ ସିମିଳିଆକୁ ପଡ଼ିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାଟି ବନ୍ୟା ଜଳରେ ବୁଡ଼ିଯିବା ଦ୍ୱାରା ପଞ୍ଚାୟତବାସୀ ଜଳବନ୍ଦୀ ଜୀବନ ବିତାନ୍ତି। ଏହାର ସ୍ଥାୟୀ ପ୍ରତିକାର ଓ ରାସ୍ତା ସୁଦୃଢ଼ିକରଣ କରିବାକୁ ପଞ୍ଚାୟତବାସୀ ଦାବି କରିଥିଲେ। ସାମାନ୍ୟ ନଦୀରେ ବନ୍ୟା ଆସିଲେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଚାଷ ଜମିରେ ବନ୍ୟା ଜଳ ମାଡ଼ିଯିବାରୁ ଧାନ ଓ ପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଏ। ସିମିଳିଆ ପଞ୍ଚାୟତ ବନ୍ୟା ଦାଉରୁ କିପରି ରକ୍ଷା ପାଇବେ ଓ ଗମନାଗମନର ସୁବିଧା ନିମନ୍ତେ ରାସ୍ତାଟି ସୁଦୃଢ଼ିକରଣ କିପରି ହୋଇପାରିବ ସେ ନେଇ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ନାୟକ ଉପସ୍ଥିତ ଥିଲେ। ବିଜେପି କର୍ମକର୍ତ୍ତା ମହେନ୍ଦ୍ର କୁମାର ରାଉତ, ହୃଷୀକେଶ ମେକାପ, ବିରଞ୍ଚି ନାରାୟଣ ପୃଷ୍ଟି, ଶଙ୍କର୍ଷଣ ବେହେରା ପ୍ରମୁଖ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ବୈତରଣୀ କମୁଛି; ଖରସ୍ରୋତାରେ ବଢୁଛି

**ପାଣିକୋଇଲି:** ବୈତରଣୀ ନଦୀରେ ବନ୍ୟାଜଳ ହ୍ରାସ ପାଉଥିବା ବେଳେ ଖରସ୍ରୋତାରେ ବନ୍ୟା ଜଳ ବଢ଼ିବାରେ ଲାଗିଛି। କୋରେଇ ଏକ ବନ୍ୟା ପ୍ରଭାବିତ ଅଞ୍ଚଳ ଭାବେ ଜଣାଶୁଣା। ଉତ୍ତରରେ ବୈତରଣୀ ଓ ଦକ୍ଷିଣରେ ଖରସ୍ରୋତା ପ୍ରବାହିତ ହେଉଛି। ଗୋଟିଏ ପଟେ ବୈତରଣୀ ତାଣ୍ଡବ ରଚିଥିବା ବେଳେ କୋରେଇ ରକ୍ଷା ପାଇଥିଲା। ଏବେ ଖରସ୍ରୋତା ବଢୁଛି। ଖରସ୍ରୋତା ଯଦି ଆଗକୁ ବଢ଼େ କୋରେଇ ପ୍ରଭାବିତ ହେବାର ସମ୍ଭାବନା ରହିଛି। ରସୁଲପୁର ଓ କୋରେଇ ଦୁଇଟି ବ୍ଲକର ୬ଟି ପଞ୍ଚାୟତ (ତଣ୍ଡରା, ବଡବିରୁହା, ଗୋଲେଇପୁର) ପ୍ରଭାବିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଲଘୁଚାପ ଜନିତ ବର୍ଷା କମିଥିବାରୁ ପ୍ରଭାବ ନ ପଡ଼ିପାରେ ବୋଲି ଆଶା କରାଯାଉଛି।

### ବିପନ୍ନଙ୍କ ପାଖରେ ପହଞ୍ଚିପାରିଲେନି ମନ୍ତ୍ରୀ

**ମଙ୍ଗଳପୁର:** ଦଶରଥପୁର ବ୍ଲକ କସପା ପଞ୍ଚାୟତ ଅହିୟାସ ପଚ୍ଛପଡ଼ା ଦରଘା ନିକଟରେ କାଣି ନଦୀରେ ସୃଷ୍ଟି ହୋଇଥିବା ଘାଇର ଆକାର ବଢ଼ିବଢ଼ି ଚାଲିଛି। ଘାଇ ସ୍ଥାନ ଯେତେ ବଢ଼ିବାରେ ଲାଗିଛି ଲୋକମାନଙ୍କ ଦୁର୍ଦ୍ଦଶା ସେତେ ବଢ଼ିବାରେ ଲାଗିଛି। ଘାଇ ସ୍ଥାନ ଦେଖିବା ପାଇଁ ଆଜି ଅପରାହ୍ନରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଆସିଥିଲେ। ପ୍ରଥମେ ଅହିୟାସ ଯାଇ ଘାଇ ଅଞ୍ଚଳ ବୁଲି ଦେଖିଥିବା ବେଳେ ପରେ ଜୟନ୍ତରା ଯାଇ ବନ୍ୟାଞ୍ଚଳ ବୁଲି ଦେଖିଥିଲେ। ପରେ ସନ୍ଧ୍ୟାରେ ବ୍ଲକର ବନ୍ୟାଞ୍ଚଳ ଭାବେ ଚିରପରିଚିତ କର୍ଯାଁ ପଞ୍ଚାୟତକୁ ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ପାଇଁ ଯାଇଥିଲେ। ମନ୍ତ୍ରୀ କର୍ଯାଁରେ ପହଞ୍ଚିବା ବେଳକୁ ଅନ୍ଧାର ହୋଇଯାଇ ଥିବାରୁ ବୈତରଣୀ ନଦୀ ଉପରେ ଥିବା କର୍ଯାଁଗୋଲା ପୋଲ ଉପରେ ଠିଆହୋଇ ନଈରେ ପ୍ରବାହିତ ବନ୍ୟା ପାଣି ଦେଖି ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ପାଇଁ ଆସିଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କୌଣସି ବିପନ୍ନଙ୍କୁ ନ ଭେଟି କେବଳ ପୋଲ ଉପରୁ ନଦୀରେ ପ୍ରବାହିତ ପାଣି ଦେଖି ବନ୍ୟା ସ୍ଥିତି ଅନୁଧ୍ୟାନ କରି ଫେରିଯିବା ଭଳି ଘଟଣା ବିପନ୍ନ ମାନଙ୍କୁ ଶକ୍ତ ଆଘାତ ଦେଇଛି। ମନ୍ତ୍ରୀ ଆସିବା ଶୁଣି ବିପନ୍ନ ମାନେ ଆଶା ରଖିଥିଲେ ମନ୍ତ୍ରୀ ଆସିବେ ବିପନ୍ନ ମାନଙ୍କ ଦୁଃଖ ଦୁର୍ଦ୍ଦଶା ଶୁଣିବେ ଓ ବନ୍ୟା ସମସ୍ୟା ବିଷୟରେ ବିପନ୍ନ ମାନେ ମନ୍ତ୍ରୀଙ୍କୁ ଅବଗତ କରିବେ; କିନ୍ତୁ ମନ୍ତ୍ରୀ ନା ବନ୍ୟା ଅଞ୍ଚଳକୁ ଗଲେ ନା ବିପନ୍ନମାନଙ୍କୁ ଭେଟିଲେ, ନା ବିପନ୍ନମାନଙ୍କ ଠାରୁ ସେମାନଙ୍କ ସମସ୍ୟା ଶୁଣିଲେ। କେବଳ ଗାଡ଼ିରେ ଗାଡ଼ିରେ ମନ୍ତ୍ରୀ ଆସିଲେ ଓ ଅନ୍ଧାରି ବିଜେ କରି ମନ୍ତ୍ରୀ କେବଳ ସାମ୍ବାଦିକ ମାନଙ୍କୁ ବାଇଟ୍ ଦେଇ ଫେରିଗଲେ। ସେହିପରି ଛପର ଘର ଗୁଡିକୁ ତହସିଲ ପକ୍ଷରୁ ଆବଶ୍ୟକ ପରିମାଣରେ ପାଲ ଯୋଗେଇ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା କଥା କହିଥିବା ବେଳେ ବନ୍ୟା ବିପନ୍ନମାନଙ୍କୁ ତହସିଲ ପକ୍ଷରୁ ଯୋଗେଇ ଦିଆଯାଉ ଥିବା ପାଲଗୁଡିକୁ କଟାଯାଇ ଛୋଟ ଛୋଟ କରି ଦିଆଯାଉଛି ବୋଲି କେତେକ ବିପନ୍ନ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଥିଲେ।

**ରେଙ୍ଗାଲିର ୩ ଗେଟ୍ ଖୋଲା**

## ଫୁଲୁଛି ବ୍ରାହ୍ମଣୀ ଓ ଶାଖା ନଦୀ

**ଧର୍ମଶାଳା:** ଉପରମୁଣ୍ଡରେ ବର୍ଷା ଲାଗିରହିବା ଫଳରେ ବ୍ରାହ୍ମଣୀ ଓ ତାର ଶାଖା ନଦୀ ଗୁଡିକ ଫୁଲିବାରେ ଲାଗିଛି। ରେଙ୍ଗାଲି ଡ୍ୟାମର ଜଳପତନ ବୃଦ୍ଧି ପାଉଥିବାରୁ ତିନୋଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ତେବେ ରେଙ୍ଗାଲିର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଆଜି ପୂର୍ବାହ୍ନ ସୁଦ୍ଧା ୧୨୨.୮୫ ମିଟର ଜଳସ୍ତର ରହିଥିବା ସରକାରୀ ୱେବସାଇଟ୍‌ରୁ ଜଣାପଡ଼ିଛି। ଫଳରେ ବ୍ରାହ୍ମଣୀ ଏବଂ ଏହାର ଶାଖା ଖରସ୍ରୋତା ଓ କେଲୁଅ ନଦୀରେ ଜଳପତନ ଧିରେ ଧିରେ ବଢୁଥିବା ଦେଖିବାକୁ ମିଳିଛି। ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ସନ୍ଧ୍ୟା ୭ଟା ସୁଦ୍ଧା ୬୪.୨୦ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ତେବେ ଆଜି ରେଙ୍ଗାଲି ଡ୍ୟାମରେ ଜଳସ୍ତର ସ୍ଥିର ରହିଥିବାରୁ ଆଉ ଏକ ଗେଟ ଖୋଲିବାର ନାହିଁ ବୋଲି ଜାରକା ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି। ଆଜି ରାତିତମାମ ବ୍ରାହ୍ମଣୀ ଓ ଏହାର ଶାଖା ନଦୀ ଗୁଡିକର ଜଳସ୍ତର ଧିରେ ଧିରେ ବୃଦ୍ଧି ପାଇବାର ଆଶଙ୍କା ରହିଛି। ନଦୀକୂଳରେ ବସବାସ କରୁଥିବା ଲୋକମାନଙ୍କୁ ସତର୍କ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଏହି ବନ୍ୟାଜଳରେ ବରୀ ଭଳି ତଳିଆ ଅଞ୍ଚଳରେ କ୍ଷତି ଘଟିବାର ସମ୍ଭାବନା ଦେଖାଦେଇଛି। ତେବେ ବ୍ରାହ୍ମଣୀର ଶାଖା କେଲୁଅ ନଦୀ ବଢୁଥିବାରୁ କୃଷ୍ଣଦାସପୁର- ବରୁଆଁ ରାସ୍ତାର ଭଗବାନପୁର ଠାରେ ରାସ୍ତା ଉପରେ ୨ ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଉକ୍ତ ରାସ୍ତା ଦେଇ ଯାନବାହାନ ଚଳାଚଳବନ୍ଦ ରହିଛି। ସେହିପରି କୋଠପୁର ଫାଣି ନିକଟରେ ରହିଥିବା ସ୍କୁଲ ଭିତରେ ବନ୍ୟାଜଳ ପ୍ରବେଶ କରୁଥିବାରୁ ସ୍କୁଲକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦିଆଯାଇଛି। ଏହି ବନ୍ୟାରେ ବ୍ୟାପକ ଚାଷ ଜମି ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି। ତେବେ ଏଭଳି ଅବସ୍ଥାରେ ବର୍ଷା ପରିମାଣ ବୃଦ୍ଧି ପାଇଲେ ରେଙ୍ଗାଲିର ଆଉ ଏକ ଗେଟ୍ ଖୋଲିବା ନେଇ ଆଶଙ୍କା କରାଯାଉଛି। ହେଲେ ଆଜି ଉପରମୁଣ୍ଡରେ ବର୍ଷା କମିଥିବାରୁ ଅନ୍ୟ ଏକ ଗେଟ ଖୋଲିବାର ନାହିଁ ବୋଲି ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବାରୁ ନଦୀକୂଳିଆ ଲୋକେ ଆଶ୍ୱସ୍ଥି ଅନୁଭବ କରିଛନ୍ତି।

## ଜାରକାକୁ ଏନ୍ଏସି ଘୋଷଣା ଦାବିରେ ଗଣଧାରଣା

**ଧର୍ମଶାଳା, ୨୬।୮ (ସମିସ):** ଧର୍ମଶାଳା ବ୍ଲକ ଜାରକା ଅଞ୍ଚଳକୁ ଏନ୍ଏସି ଘୋଷଣା ଦାବିରେ ଧର୍ମଶାଳା କଂଗ୍ରେସ କମିଟି ପକ୍ଷରୁ ଆଜି ଫ୍ଲାଏଓଭର ବ୍ରିଜ ତଳେ ସକାଳ ୯ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଗଣଧାରଣାରେ ଯୋଗଦେଇ ରାଜ୍ୟ ସରକାର ତୁରନ୍ତ ଜାରକାକୁ ଏନ୍ଏସି ଘୋଷଣା କରିବାକୁ ଦାବି କରିଥିଲେ।

ସୂଚନା ମୁତାବକ ୧୯୮୯ ମସିହାରେ ଜାରକାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ତାହା କାର୍ଯ୍ୟକାରୀ ହୋଇପାରି ନଥିଲା। ସେହିପରି ୧୯୯୮ ମସିହାରେ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ଥର ପାଇଁ ଜାରକାକୁ ଏନ୍ଏସି ମାନ୍ୟତା ପ୍ରଦାନ ନେଇ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ହେଲେ ତାହା କାର୍ଯ୍ୟକାରୀ ନହୋଇ ନାଲିଫିତା ତଳେ ବନ୍ଧା ହୋଇ ରହିଯାଇଥିଲା। ୨୦୨୪ ମସିହା ରାଜ୍ୟରେ ବିଜେଡି ସରକାର ସମୟରେ ଜାରକାକୁ ଏନ୍ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ଘୋଷଣା କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରାଜ୍ୟରେ ବିଜେପି ସରକାର ଆସିବା ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୨ଗୋଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପୂର୍ବରୁ ପ୍ରକାଶିତ ବିଜ୍ଞପ୍ତି ତାଲିକା ମଧ୍ୟରୁ ଜାରକା ଅଞ୍ଚଳକୁ ଏନଏସ ମାନ୍ୟତା ପ୍ରଦାନ କରିବାରୁ ବାଦ ଦିଆଯାଇଛି। ଏହାର ପ୍ରତିବାଦରେ ଆଜି କଂଗ୍ରେସ ପକ୍ଷରୁ ଗଣଧାରଣା ଓ ପ୍ରତିବାଦ ସଭା କରାଯାଇ ରାଜ୍ୟ ସରକାରଙ୍କ ନିଷ୍ପତିକୁ ଦୃଢ଼ ବିରୋଧ କରାଯିବା ସହ ଜାରକା ଅଞ୍ଚଳକୁ ତୁରନ୍ତ ଏନ୍ଏସି ଘୋଷଣା କରିବାକୁ ଦାବି କରାଯାଇଛି। ସଂଯୋଜକ ପ୍ରଫୁଲ୍ଲ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଧାରଣାରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ତରାଇ, ନରୋତ୍ତମ ନାୟକ, ନକୁଳ ଜେନା, ବାବୁଲି ମଲିକ, ଯୁବନେତା ସଞ୍ଜୟ କୁମାର ରାଉତ, ଦୀପକ ବଳ, ଅମରେନ୍ଦ୍ର ସାମଲ, ମିହିର ଖୁଣ୍ଟିଆ, ଉଗ୍ରସେନ ମହାନ୍ତି, ପ୍ରଭାତ ରାଉତ, ସାଗର ପାଳ, ବିଶ୍ୱରଞ୍ଜନ ଜେନା, ପ୍ରମୋଦ ମହାନ୍ତି, ନୀଳମଣି ସ୍ୱାଇଁ, ନାରାୟଣ ରାଉତ, ଭାନୁପ୍ରତାପ ସ୍ୱାଇଁ, ଗଗନ ବିହାରୀ ସ୍ୱାଇଁ, ସେକ୍ ଇକବାଲ, ଦେବାଶିଷ ପରିଡ଼ା, କାର୍ତ୍ତିକ ସାହୁ, କେଶବ ମଲ୍ଲିକ ଓ ସେକ ଇଦୋ ପ୍ରମୁଖ ଯୋଗଦେଇ ଜାରକାକୁ ତୁରନ୍ତ ଏନ୍ଏସି ଘୋଷଣା କରିବାକୁ ଦାବି କରିବା ସହ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ।

**ଆଜି ଗଣେଶ ପୂଜା**

## ମାଟି ମୂର୍ତ୍ତିରେ ଶିଳ୍ପୀଙ୍କ ଶେଷସ୍ପର୍ଶ

**ଧର୍ମଶାଳା, ୨୬।୮ (ସମିସ)**

ଓଡ଼ିଆମାନଙ୍କର ବାର ମାସରେ ତେର ପର୍ବ। ଆଗକୁ ପୂଜା ପର୍ବାଣିକୁ ଦୃଷ୍ଟିରେ ରଖି ଏବେ ମୂର୍ତ୍ତିକାରମାନେ ବିଭିନ୍ନ କିସମର ମୂର୍ତ୍ତି ଗଢିବାରେ ଲାଗିପଡ଼ିଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଧର୍ମଶାଳା ବ୍ଲକ ଚହଟା ଗ୍ରାମ ପଞ୍ଚାୟତ ଭାଲୁଖାଇ ଗ୍ରାମର ହରିହର ବେହେରାଙ୍କ ପୁଅ ଚନ୍ଦ୍ରମଣି ବେହେରା (୪୦) ଜଣେ ଉଚ୍ଚକୋଟିର ମୂର୍ତ୍ତି କାରିଗର। ସେ ପିଲା ଦିନରୁ ମୂର୍ତ୍ତିକଳା ପ୍ରତି ଆକର୍ଷିତ। ତାଙ୍କ ବାପା ଜଣେ ସୁନ୍ଦର ସୁନ୍ଦର ମାଟିପାତ୍ର ତିଆରି କରିଥିବା ବେଳେ ଭାଇ ମଙ୍ଗୁଳି ଜଣେ ମୂର୍ତ୍ତି କାରିଗର ହୋଇଥିବାରୁ ସେ ପିଲାବେଳୁ ମୂର୍ତ୍ତି ଗଢାଯାଉଥିବା ଦେଖି ସେଥିପ୍ରତି ଆକର୍ଷିତ ହୋଇଥିଲେ। ସେହି ଦିନରୁ ସେ ଛୋଟ ଛୋଟ ମୂର୍ତ୍ତି ଗଢୁଥିଲେ। ପରେ ଭାଇ ସହିତ ସମ୍ବଲପୁରର କଣ୍ଟାବାଞ୍ଜି ଓ ରାଜ୍ୟର ବହୁ ଜିଲ୍ଲାକୁ ଯାଇ ମୂର୍ତ୍ତି ଗଢୁଛନ୍ତି। ୨୦୦୨ ମସିହାରେ ମାଟ୍ରିକ ପାସ୍ ପରେ ସେ ଘର ପାଖରେ ଏକ ଫାର୍ମ କରି ମୂର୍ତ୍ତି ଗଢୁଛନ୍ତି। ବରାଦ ଅନୁଯାୟୀ ଅଧିକ ମୂର୍ତ୍ତି ଗଢୁଥିବା କଥା କହିଛନ୍ତି ଚନ୍ଦ୍ରମଣି। ସେହିପରି ପୂଜାପାର୍ବଣୀକୁ ଦୃଷ୍ଟିରେ ରଖି ମୂର୍ତ୍ତି ଗଢାଯାଇଥାଏ।



କୁରାଳ ପଞ୍ଚମୀରେ ଲକ୍ଷ୍ମୀ ନାରାୟଣ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଖୁଦୁରୁକୁଣୀ ଓଷା (ଭାଲୁକୁଣୀ), ଗଣେଶ, ଦୁର୍ଗା, କାର୍ତ୍ତିକେଶ୍ୱର, ବିଶ୍ୱକର୍ମା, ସରସ୍ୱତୀ, ଲକ୍ଷ୍ମୀ, କାଳୀ ଓ ହନୁମାନ ମୂର୍ତ୍ତି ଗଢାଯାଇଥାଏ। ଏବେ ପ୍ରତ୍ୟେକ ସାମଗ୍ରୀର ମୂଲ୍ୟ ବଢ଼ି ଯାଇଥିବାରୁ ମୂର୍ତ୍ତି ଅନୁଯାୟୀ ପାରିଶ୍ରମିକ ଠିକ୍ ଭାବରେ ମିଳୁନାହିଁ। ଏହି ସବୁ ମୂର୍ତ୍ତି ଗଢିବା ପାଇଁ ମାଟି, ବାଉଁଶ ବତା, ସୁତୁଲା, କଣ୍ଟା, କାଠ ପଟା, ଝୋଟ ଓ ରଙ୍ଗ ଆଦି ସାମଗ୍ରୀ କିଣିବାକୁ ପଡ଼ିଥାଏ। ମୂର୍ତ୍ତିଗୁଡିକ ଧର୍ମଶାଳା ଓ ଜାରକା ସମେତ ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର, ଭଣ୍ଡାରିପୋଖରୀ, ପାଣିକୋଇଲି, ଯାଜପୁର ଗୋଡ଼, ଚଣ୍ଡିଖୋଲ, ଆରୁହା, ପାଖର, ବ୍ରାହ୍ମଣୀ ବ୍ରିଜ ଓ କାଏମା ଆଦି ଅଞ୍ଚଳରେ ମୂର୍ତ୍ତି ଗୁଡିକ ବିକ୍ରି କରାଯାଇଥାଏ। ଏଠାକୁ ଦୂରଦୂରାନ୍ତରୁ ଲୋକମାନେ ଆସି ବିଭିନ୍ନ କିସମର ମୂର୍ତ୍ତି କିଣି ନେଇଥାନ୍ତି। ସେଥିରୁ ଉପାର୍ଜିତ ଅର୍ଥରେ ତେଲ ଲୁଣ ସଂସାର ଚଳେ।

ଅନେକ ମୂର୍ତ୍ତିକାର ଆର୍ଥିକ ଅନଗ୍ରସର ହୋଇଥିବାରୁ ଟଙ୍କା ସୁଧହାରରେ ଆଣି କାର୍ଯ୍ୟ କରିବାକୁ ପଡ଼ିଥାଏ। ମୂର୍ତ୍ତି ଗୁଡିକ ବିକ୍ରି ହେବା ପରେ ସୁଧହାର ସହିତ ଟଙ୍କା ପୈଠ କରିବାକୁ ପଡ଼ିଥାଏ। ଯଦି ଅନୁକୂଳ ପାଗ ହୁଏ ମୂର୍ତ୍ତି ବିକ୍ରି ହେଇଯାଏ, କିନ୍ତୁ ପ୍ରତିକୂଳ ପାଗ ହୁଏ ମୂର୍ତ୍ତି ବିକ୍ରି କରିବାରେ ବାଧା ଉପୁଜେ। ଆସନ୍ତା ୨୭ତାରିଖ ଗଣେଶ ପୂଜା ହୋଇଥିବାରୁ ସେ ନେଇ ବହୁତ ମୂର୍ତ୍ତି ତିଆରି ଚାଲିଛି। କିନ୍ତୁ ଆଜିକୁ ଆଠ ଦିନ ହେବ ବର୍ଷା ଲାଗିରହିଛି, ଯଦି ଏହିଭଳି ପାଗ ହୁଏ ମୂର୍ତ୍ତି ବିକ୍ରି କରିବାରେ ବାଧା ଉପୁଜିବ ବୋଲି ମୂର୍ତ୍ତି କାରିଗର ଚନ୍ଦ୍ରମଣି କହିଛନ୍ତି। ଏବେ ଗ୍ରାମାଞ୍ଚଳରେ ଅନେକ ମୂର୍ତ୍ତି କାରିଗର ଅଛନ୍ତି। ସେମାନଙ୍କ ଆର୍ଥିକ ସମ୍ବଳ ନଥିବାରୁ ବାଧ୍ୟ ହୋଇ ସେମାନେ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି। ଯଦି ସରକାର ମାଟି ମୂର୍ତ୍ତିକାରଙ୍କୁ ଚିହ୍ନଟ କରି ଆର୍ଥିକ ସହାୟତା ଯୋଗାଇ ଦିଅନ୍ତେ ତେବେ ମୂର୍ତ୍ତିକାର ମାନେ ସ୍ୱାବଲମ୍ବୀ ହୋଇପାରନ୍ତେ ବୋଲି ମୂର୍ତ୍ତିକାର ସଂଘ ପକ୍ଷରୁ ଆଶା ପୋଷଣ କରାଯାଇଛି। ଏଦିଗର ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମାଟିମୂର୍ତ୍ତି କାରିଗର ସଂଘ ପକ୍ଷରୁ ଦାବି ହୋଇଛି।

## ବାଲିଚନ୍ଦ୍ରପୁର ହାଇସ୍କୁଲକୁ ମିଳିଲା ୧୦ଟି କମ୍ପ୍ୟୁଟର

**ବାଲିଚନ୍ଦ୍ରପୁର, ୨୬।୮ (ସମିସ):** ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ପାଇଁ ନୂଆଦିଲ୍ଲୀ ସ୍ଥିତ ଗେଲ୍ ଇଣ୍ଡିଆ ଲିମିଟେଡ୍ କମ୍ପାନୀ ପକ୍ଷରୁ ବଡ଼ଚଣା ବ୍ଲକର ଏକମାତ୍ର ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଅତ୍ୟାଧୁନିକ ଶୈଳୀରେ ନିର୍ମିତ ୧୦ଟି ମୂଲ୍ୟବାନ କମ୍ପ୍ୟୁଟର ପ୍ରଦାନ କରାଯାଇଛି। ଗେଲ୍ କମ୍ପାନୀର ସିଏସ୍ଆର ଫଣ୍ଡରୁ ୬ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ଏହି କମ୍ପ୍ୟୁଟର ସହିତ ୩ଟି ଇନଭେଟର ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଥିବା ନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନିତା ବିଶ୍ୱାଳ ସୂଚନା ଦେଇଛନ୍ତି। ତେବେ ଏହି କମ୍ପ୍ୟୁଟର ଶିକ୍ଷା ପାଇଁ ଏହି ବିଦ୍ୟାଳୟରେ ଜଣେ ହେଲେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ପାଇ ନଥିବାରୁ ଏଠାରେ ଛାତ୍ରଛାତ୍ରୀଙ୍କୁ କିଭଳି କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯିବ ଏଥିନେଇ ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହି ବିଦ୍ୟାଳୟକୁ ତୁରନ୍ତ ବିଭାଗ ପକ୍ଷରୁ କମ୍ପ୍ୟୁଟର ଶିକ୍ଷକ ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି।

### ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ଅବ୍ୟବସ୍ଥା

# ପ୍ରଶାସନ ନିକଟରେ ଫେରାଦ ହେଲେ ଶ୍ରଦ୍ଧାଳୁ

ନୟାଗଡ଼, ୨୬।୮ (ସମିସ)

ନୟାଗଡ଼ ପୁରୁଣାସହରରେ ଅଧିଷ୍ଠିତ ଶ୍ରୀଜଗନ୍ନାଥ ମହାପ୍ରଭୂଙ୍କ ମନ୍ଦିରରେ ବ୍ୟାପକ ପରିଚାଳନା ଅବ୍ୟବସ୍ଥା ଏବଂ ବିନା ଟେଣ୍ଡରରେ ଅବଢ଼ା ବିକ୍ରିକୁ ନେଇ ଆଜି ଶ୍ରଦ୍ଧାଳୁ ଓ ଭକ୍ତମାନେ ପ୍ରଶାସନ ନିକଟରେ ଫେରାଦ ହୋଇଛନ୍ତି। ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଓ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ନୟାଗଡ଼ ପୁରୁଣା ସହରର କିଛି ସ୍ୱେଚ୍ଛାସେବୀ ଯୁବକ ଓ ଭକ୍ତ ଏଭଳି ଅଭିଯୋଗ ଆଣିଛନ୍ତି। ଦୁଇ ବର୍ଷ ହେଲା ବାରମ୍ବାର ଅଭିଯୋଗ କରିବା ପରେ ବି କୌଣସି ସୁଫଳ ମିଳୁନଥିବା ସେମାନେ କହିଛନ୍ତି।



ପୂର୍ବ ସରକାରଙ୍କ '୫-ଟି' ଅଧୀନରେ ରଥକାଠ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ରଥକାଠ ବାହାରେ ରଖାଯାଉଥିବା ଅଭିଯୋଗ ହୋଇଛି। ଏହା ସହିତ ଶ୍ରୀଜଗନ୍ନାଥଙ୍କ ଅଭଢ଼ା ଭୋଗ ବିନା ଟେଣ୍ଡରରେ କରାଯାଉଛି। ଏହାକୁ କାହିଁକି ଟେଣ୍ଡର କରାଯାଉନାହିଁ ବୋଲି ପ୍ରଶ୍ନ ଉଠିଛି। ଦେବୋତ୍ତର ବିଭାଗ କର୍ମଚାରୀ କିଛି ଯୁବକଙ୍କୁ ହାତ ବାରିଶ କରି ଅବଢ଼ା ନୀତି ପରମ୍ପରାକୁ ବୁଡ଼ାଇ ଶ୍ରୀ ଜଗନ୍ନାଥଙ୍କୁ ଅପମାନିତ କରୁଥିବା ଅଭିଯୋଗ ହୋଇଛି। ଭୋଗ କରୁଥିବା ବ୍ୟକ୍ତିମାନେ ନିଜର ଆଧିପତ୍ୟ ବିସ୍ତାର କରି ମନଇଛା ନିମ୍ନମାନର ଭୋଗ ପ୍ରସ୍ତୁତ କରୁଛନ୍ତି। ତତ୍ସହିତ ଅଭଡ଼ା ଭୋଗ ରସ ହାଣ୍ଡିରେ ରୋଷେଇ କରି ଅଭଡ଼ା ହାଣ୍ଡିରେ ରଖି ଲୋକଙ୍କୁ ଭୁଆଁ ଭୁଲାଉଛନ୍ତି। ଯାହାକି ସମ୍ପୂର୍ଣ୍ଣ ନୀତି ବିରୋଦ୍ଧରେ ଯାଉଛି। ଦୀର୍ଘ ଦିନ ଧରି ବଡ଼ପଣ୍ଡା ମନ୍ଦିରରେ ନାହାଁନ୍ତି, ଜଣେ ବଡ଼ପଣ୍ଡା ଥିବାରୁ ଜଗନ୍ନାଥଙ୍କ ସେବା ମଧ୍ୟ ଠିକରେ ହୋଇପାରୁନାହିଁ। ଶ୍ରୀ ଜଗନ୍ନାଥ ମନ୍ଦିରରେ ଦୁଇଜଣ ବଡ଼ପଣ୍ଡା ରହିବା କଥା, ପାଳିରେ ସେବାକାର୍ଯ୍ୟ ହେଲେ ଶୃଙ୍ଖଳିତ ଏବଂ ସୁରୁଖୁରୁରେ ହୋଇପାରିବ ବୋଲି ପୂର୍ବରୁ ଚଳିତ ପ୍ରଥାକୁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ କରାଯାଉନାହିଁ। ଏହି ପରି ବିଭିନ୍ନ ସମସ୍ୟା ବିଷୟରେ ବିଗତ ଦିନରେ ୫ଥର ଲିଖିତ ଆକାରରେ ଅଭିଯୋଗ କରାଯାଇଥିଲେ ବି କୌଣସି ସୁଧାର ଆସୁନଥିବାରୁ ଆଜି ପ୍ରବଳ ହୋହାଲ୍ଲା ମଧ୍ୟ ହୋଇଥିବା ସୂଚନା ମିଳିଛି। ନୟାଗଡ଼ ପୁରୁଣା ସହରରେ ଅବସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରକୁ ଦେବୋତ୍ତର ବିଭାଗ ପରିଚାଳକ ଓ କର୍ମଚାରୀମାନେ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି।

### ■ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ରମରେ ବିଳମ୍ବ

# ପାଣି ପାଇଁ ହନ୍ତସନ୍ତ ଗ୍ରାମବାସୀ

ରଣପୁର, ୨୬।୮ (ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ କାସନ୍ଦା ପଞ୍ଚାୟତ ଗମ୍ଭାରୀଖୋଲ ଠାରେ ନିର୍ମାଣଧୀନ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମରେ ବିଳମ୍ବ ହୋଇଥିବା ଅଭିଯୋଗ ହୋଇଛି। ସରକାର ପ୍ରତି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବିବିଧ ଯୋଜନା ପ୍ରସ୍ତୁତ କରୁଛନ୍ତି। କେଉଁଠି ନଦୀରୁ ପାଇପ୍ ଯୋଗେ ଜଳଯୋଗାଣ କରାଯାଇଛି ତ କେଉଁଠି ଗଭୀର କୂଅ ଖୋଳାଯାଇ ଜଳଯୋଗାଣ ହେଉଛି। ଏଥିପାଇଁ ଗୋଟିଏ ପ୍ରକଳ୍ପ ନିମନ୍ତେ କୋଟି କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇଛି। ହେଲେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଆଗ୍ରହ ଅଭାବ ହେତୁ ଗମ୍ଭାରୀଖୋଲରେ ନିର୍ମାଣଧୀନ 'ବସୁଧା' ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଥିବା ଦେଖାଯାଉଛି। ଯାହା ଫଳରେ କାର୍ଯ୍ୟରେ ଲଗାଯାଉଥିବା ରଡ୍ ଗୁଡିକ



କଳଙ୍କି ଲଗା ଏବଂ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଉଛି ଓ ଭାଗମାପରେ ବ୍ୟତିକ୍ରମ ଦେଖାଯାଉଛି ବୋଲି ଅଭିଯୋଗ ହେଉଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଓ ବ୍ଲକର ଦାୟିତ୍ୱରେ ଥିବା ଯନ୍ତ୍ରୀ ପ୍ରକଳ୍ପ ନିର୍ମାଣ ସମୟରେ ଅନୁପସ୍ଥିତ ଯୋଗୁଁ କାର୍ଯ୍ୟର ତଦାରଖ ସଠିକ ଭାବେ ହେଉନଥିବା କୁହାଯାଇଥିବା ବେଳେ ନିମ୍ନମାନର କାମ କରାଯାଉଥିବା ଯୋଗୁଁ ପ୍ରକଳ୍ପ ବିଳମ୍ବ ହେବା ସମସ୍ୟା ସହ ଖରା ଦିନରେ ପାଣିର ଅଭାବ ପାଇଁ ଗମ୍ଭାରୀଖୋଲ ଓ ଦାମଦରପୁର ଗାଁ ଲୋକେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଦୁଇ ଗ୍ରାମରେ ପାଣିର ଘୋର ଅସୁବିଧା ରହିଛି। ତେଣୁ ପ୍ରଶାସନ ଏହା ଉପରେ ନଜର ଦେବା ପାଇଁ ଗାଁ ଲୋକେ ଦାବି କରିଛନ୍ତି। ଏଥିପାଇଁ ତୁରନ୍ତ ଏହି କାର୍ଯ୍ୟକ୍ଷମ ନିମନ୍ତେ ଦାୟିତ୍ୱରେ ଥିବା ଜିଲ୍ଲାସ୍ତରୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ନୟାଗଡ଼, ୨୬।୮ (ସମିସ): ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡଠାରେ ବାଇକ୍ ବାଇକ ମଧ୍ୟରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସଦରଥାନା ଅନ୍ତର୍ଗତ କିରିଆଲାଞ୍ଜି ଗ୍ରାମର ଅଶୋକ ପ୍ରଧାନ। ସେ ଆଜି କୌଣସି କାମରେ ନିଜ ବାଇକ୍ ଯୋଗେ ନୟାଗଡ଼ ଆସି ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଜଣେ ବାଇକ୍ ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ଅଶୋକଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହକୁ ଟାଉନଥାନା ପୁଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାକୁ ନେଇ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

## ବିଷପିଇ ନାବାଳିକାର ଆତ୍ମହତ୍ୟା

ଓଡ଼ଗାଁ, ୨୬।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କେନାଲ ଛକ ଘଷାଦେଇପୁର ଗୋଡ଼ିସାହିର ୧୭ ବର୍ଷର ଜଣେ ନାବାଳିକା ମଙ୍ଗଳବାର ବିଷ ପାନ କରି ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ନାବାଳିକା ଜଣକ ଆଜି ଅପରାହ୍ଣ ପ୍ରାୟ ୪ଟା ବେଳେ ଘରପାଖ ଦୋକାନରୁ ଥଣ୍ଡା ପାନୀୟ ସହିତ ଗୋଟିଏ ବିସ୍କୁଟ ପ୍ୟାକେଟ ନେଇ ଘରକୁ ଫେରିଥିଲା। ନାବାଳିକା ଜଣକ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିବାକୁ ଯାଇ ଚାଉଳ ପୋକମରା ଔଷଧ ଖାଇ କୋଲ୍ଡ ଡ୍ରିଙ୍କିସ୍ ପିଇଥିଲା। ଗୁରୁତର ହେବାରୁ ପରିବାର ଲୋକେ ନାବାଳିକାକୁ ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ଏଠାରୁ ତାକୁ ନୟାଗଡ଼ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

## ଫଟୋଗ୍ରାଫର ତାଲିମ କର୍ମଶାଳା

ନୟାଗଡ଼, ୨୬।୮ (ସମିସ): ଫଟୋଗ୍ରାଫରଙ୍କୁ ନୂଆ ଟେକ୍ନୋଲୋଜି ବିଷୟରେ ଜଣାଇବା ପାଇଁ କ୍ୟାନନ କମ୍ପାନୀ ତରଫରୁ ଆଜି ଏକ କର୍ମଶାଳା ନୟାଗଡ଼ ଜିଲ୍ଲା ପରିଷଦ ସୃଜନ ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ ଯୋଗ ଦେଇ ପୁରୁଣା ଅନୁଭୂତି ବଖାଣିଥିଲେ। ଏହି ଅବସରରେ ବରିଷ୍ଠ ଫଟୋଗ୍ରାଫରମାନଙ୍କୁ ସମ୍ମାନିତ କରାଯାଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ପ୍ରାୟ ୭୦ ଜଣ ଫଟୋଗ୍ରାଫର ତାଲିମ କର୍ମଶାଳାରେ ଯୋଗ ଦେଇଥିଲେ। ପାଣ୍ଡୁ ଚରଣ ଖଟେଇ ମଞ୍ଚ ପରିଚାଳନା କରିଥିଲେ। ବଳଭଦ୍ର ସ୍ୱାଇଁ, ନାରାୟଣ ବେହେରା, ସୁରେନ୍ଦ୍ର କୁମାର ସାହୁ ସହଯୋଗ କରିଥିଲେ।

## ହରିହର ସିଂହ ମର୍ଦ୍ଦରାଜଙ୍କ ଜୟନ୍ତୀ

ଖଣ୍ଡପଡ଼ା, ୨୬।୮ (ସମିସ): ଖଣ୍ଡପଡ଼ା ସହରାଞ୍ଚଳ ସ୍ଥିତ ୫ନଂ ୱାର୍ଡ ଅଧୀନ ରାଜବାଟି ପରିସରରେ ପୂର୍ବତନ ବିଧାୟକ ତଥା ନୂତନ ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜଙ୍କ ଜେଜେ ବାପା ପୂର୍ବତନ ମନ୍ତ୍ରୀ ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟଙ୍କ ଆଜି ୧୧୧ତମ ଜୟନ୍ତୀ ପାଳନ ହୋଇଯାଇଛି। ରାଜପରିବାର ପୁରୋହିତମାନେ ରାଜବାଟୀ ପରିସରରେ ଥିବା ହରିହର ସିଂହଙ୍କ ପ୍ରତିମୂର୍ତ୍ତିକୁ ସ୍ନାନ କରାଇବା ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନ କରି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରତିଷ୍ଠାତା ହରିହର ସିଂଙ୍କ ୧୧୧ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏ ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଖଣ୍ଡପଡ଼ା ରାଜତନ୍ତ୍ର ଶାସନ ଶେଷ ରାଜା ସ୍ୱର୍ଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା।

### ■ ଅଚଳାବସ୍ଥାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ

# ଭାରପ୍ରାପ୍ତ ବିଇଓଙ୍କ ପାଦ ପଡୁନି

ନୟାଗଡ଼, ୨୬।୮ (ସମିସ): ନୟାଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଅଚଳାବସ୍ଥା। ଗତ ବର୍ଷ ଅକ୍ଟୋବର ମାସରୁ ବିଇଓ ପଦବୀ ଖାଲି ପଡ଼ିଛି। ନୟାଗଡ଼ ସହରରେ ଅବସ୍ଥିତ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାରପ୍ରାପ୍ତ ବିଇଓ ଦାୟିତ୍ୱରେ ରହିଛନ୍ତି। ନୟାଗଡ଼ ସହରର ପ୍ରମୁଖ ଉଚ୍ଚ ବିଦ୍ୟାଳୟ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଦାୟିତ୍ୱ ସମ୍ଭାଳିବା କଷ୍ଟକର ହୋଇପଡୁଥିବା ବେଳେ ବିଇଓ ଅଫିସ ଯିବାକୁ ତାଙ୍କୁ ସମୟ ହେଉନି। ଫଳରେ ବିଇଓ ଅଫିସରେ ଏବେ ମନମୁଖୀ କାର୍ଯ୍ୟ ଶିକ୍ଷକଙ୍କୁ ଅତିଷ୍ଠ କଲାଣି। ଦୀର୍ଘଦିନ ଧରି ଆସ୍ଥାନ ଜମାଇଥିବା ଏବିଇଓ ତଥା ବିଆର୍‌ସିସି ଧନେଶ୍ୱର ସେଠୀଙ୍କୁ ନେଇ ଶିକ୍ଷକ ମହଲରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଆସୁଥିବା ବହି ବଣ୍ଟନ ଅନିୟମିତତାଠାରୁ ଆରମ୍ଭ କରି ଅନେକ କେଳେଙ୍କାରୀରେ ସେ ସମ୍ପୃକ୍ତ ବୋଲି ଖୋଦ୍ ଶିକ୍ଷକ ସଂଘ ନେତାମାନେ କହିଛନ୍ତି। ଏନେଇ ବାରମ୍ବାର

### ■ ଏବିଇଓଙ୍କୁ ନେଇ ବଢୁଛି ଅସନ୍ତୋଷ

ଅଭିଯୋଗ କଲେ ବି କୌଣସି ପ୍ରତିକାର ହେଉନଥିବାରୁ ନୟାଗଡ଼ ବ୍ଲକରେ ରହିଥିବା ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ଓ ଉନ୍ନିତ ପ୍ରାଥମିକ ବିଦ୍ୟାଳୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ନୟାଗଡ଼ ବ୍ଲକରେ ସବୁଠାରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଏହାକୁ ପୂରଣ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବିଭିନ୍ନ ପ୍ରକାର ଶିକ୍ଷକ ପଦବୀକୁ ନେଇ ଉଚ୍ଚ ନ୍ୟାୟାଳୟରେ ରହିଥିବା ମାମଲା ମଧ୍ୟ ଅଗ୍ରଗତି ହୋଇପାରୁନାହିଁ। ଦୀର୍ଘ ୧ ବର୍ଷ ମଧ୍ୟରେ ଭାରପ୍ରାପ୍ତ ବିଇଓଙ୍କ ପାଦ କୌଣସି ସ୍କୁଲରେ ପଡୁନଥିବା ବେଳେ ଏବିଇଓ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପରୋକ୍ଷରେ ଧମକ ଦେଇ କେଳେଙ୍କାରୀ କରୁଛନ୍ତି। ଏବିଇଓଙ୍କ କଳା କାରନାମାକୁ ନେଇ ଅନେକ ଶିକ୍ଷକ ନେତା ଆଲୋଚନା କରୁଥିବା ବେଳେ ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ଜନୈକ ଶିକ୍ଷକ ନେତା କହିଛନ୍ତି।

### ■ ରାମସାଗର ପୋଖରୀ କୂଳ ବରଗଛ

# ବାଦୁଡ଼ିଙ୍କ ନୂତନ ଆଶ୍ରୟ ସ୍ଥଳ

ଓଡ଼ଗାଁ, ୨୬।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ରାମସାଗର ପୋଖରୀ କୂଳ ବହୁ ପୁରାତନ ବରଗଛ ଏବେ ପାଲଟିଛି ବାହୁଡ଼ିଙ୍କ ନୂତନ ଆଶ୍ରୟସ୍ଥଳ। ପୂର୍ବରୁ ବିଭିନ୍ନ ସ୍ଥାନରେ ଥିବା ପୁରୁଣା ବଡ଼ ଗଛ ମାନଙ୍କରେ ବାହୁଡ଼ି ଆଶ୍ରୟ ନେଉଥିବା ବେଳେ ସାଧାରଣତଃ ଓଡ଼ଗାଁ ବ୍ଲକ କୁରାଳ ଚଣ୍ଡୀ ଛକ ଚଣ୍ଡେଶ୍ୱର ଦେବଙ୍କ ମନ୍ଦିର ନିକଟ ପୋଖରୀ କୂଳ ବରଗଛରେ ବାହୁଡ଼ିମାନେ ଦୀର୍ଘ ଦିନ ଧରି ରହି ଆସୁଛନ୍ତି। କୌଣସି କାରଣରୁ ଧିରେ ଧିରେ ସେଠାରୁ ତାଙ୍କର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ପରେ ଓଡ଼ଗାଁ ବ୍ଲକ ରାବରା ପଞ୍ଚାୟତ ମହାପାତ୍ର ପୋଖରୀ କୂଳର ଏକ ଗଛରେ ବାହୁଡ଼ି ମାନେ ରହୁଥିବା ଦେଖାଯାଇଥିଲା। ବର୍ତ୍ତମାନ ସମୟରେ ପ୍ରାୟ ଏକ ବର୍ଷ ହେବ ଓଡ଼ଗାଁ ବିଜେ ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ଚାପ ପୋଖରୀ ରାମସାଗର ପୋଖରୀ କୂଳ ବରଗଛ ବାଦୁଡିଙ୍କ ପାଇଁ ନିରାପଦ ଆଶ୍ରୟସ୍ଥଳ ପାଲଟିବା ଆନନ୍ଦିତ କରିଥିବା ବେଳେ, ସର୍ବଦା ଗହଳ ଚହଳ ଜାନୀ ଯାତ୍ରା, ବାଜା, ବାଣ, ମହୋତ୍ସବ କ୍ଷେତ୍ର ଏମାନଙ୍କୁ ଆକର୍ଷିତ କରିଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ



ମଧ୍ୟ କରିଛି। ସଂଯୋଗତଃ କୁରାଳ ଚଣ୍ଡିଛକ ପରି ଏଠାରେ ରାମସାଗର ପୋଖରୀ ସହିତ ରାମଚଣ୍ଡୀ ଓ ରାମେଶ୍ୱରଙ୍କର ମନ୍ଦିର ରହିଛି। ବାଦୁଡ଼ି ହେଉଛନ୍ତି ଆକାଶରେ ଉଡୁଥିବା ଏକ ସ୍ତନ୍ୟପାୟୀ ପ୍ରାଣୀ। ୧ ହଜାରରୁ ଅଧିକ ପ୍ରଜାତିର ବାହୁଡ଼ି ରହିଥିବା ବେଳେ ଏହି ସ୍ତନ୍ୟପାୟୀ ବାହୁଡ଼ି ମାନେ ଗୋଟିଏ ସ୍ଥାନରେ ବଡ଼ ମେଳି ବାନ୍ଧି ରହିଥାନ୍ତି। ଏମାନେ ପୂର୍ଣ୍ଣ ରୂପେ ନିଶାଚର ହୋଇଥିବା ବେଳେ ଗଛର ଡାଳ ଅଥବା ଅନ୍ଧାର ଗୁମ୍ଫା ଭିତରେ ଏମାନେ ଓଲଟା ଓହଳି ରହିଥାନ୍ତି। ବାଦୁଡ଼ିକୁ ସାଧାରଣତଃ ଦୁଇ ପ୍ରକାରରେ ବିଭାଜିତ କରାଯାଇଛି। ପ୍ରଥମ ସମୂହ ଫଳ ଭକ୍ଷୀ ବଡ଼ ବାଦୁଡ଼ି ଓ ଅନ୍ୟଟି କିଟଭକ୍ଷୀ ଛୋଟ ବାହୁଡ଼ି। ଫଳଭକ୍ଷୀ ମାନେ ଶୁଙ୍ଘିକରି ନିଜ ଭୋଜନ ନିକଟରେ ପହଁଞ୍ଚି ଥିବା ବେଳେ କୀଟ ଭକ୍ଷୀ ଛୋଟ ବାଦୁଡ଼ି ପ୍ରତିଧ୍ୱନୀ ଦ୍ୱାରା ସ୍ଥିତି ନିର୍ଦ୍ଧାରଣ କରି ନିଜ ଭୋଜନ ଖୋଜିଥାନ୍ତି। ବାଦୁଡ଼ି ଦ୍ୱାରା ମନୁଷ୍ୟର ଉପକାର ମଧ୍ୟ ହୋଇଥାଏ ଯଥା, କିଟନାଶକର ଆବଶ୍ୟକତାକୁ କମ କରିବା ସହିତ ଔଷଧୀୟ କ୍ଷେତ୍ରରେ ତାଙ୍କର ବିଭିନ୍ନ ଦ୍ରବ୍ୟ ବ୍ୟବହାର ହୋଇଥାଏ। କେବେ କେବେ ପର୍ଯ୍ୟଟକ ମାନଙ୍କ ଆକର୍ଷଣ ମଧ୍ୟ ସାଜିଥାନ୍ତି।

## ମହିଳା ସୁରକ୍ଷା ଆଇନ ସଚେତନତା କାର୍ଯ୍ୟକ୍ରମ

କଣ୍ଟିଲୋ, ୨୬।୮ (ସମିସ): କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହିଳା ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଟିଲୋ ପୁଲିସ ଫାଣ୍ଡି ଆନୁକୂଲ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ନନ୍ଦିତା ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସେବା ସଂସ୍ଥାର ମୁଖ୍ୟ ଲେନିନ ସୁବୁଦ୍ଧି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଖଣ୍ଡପଡ଼ା ପୁଲିସ ଥାନା ଉପଖଣ୍ଡ ଅଧିକାରୀ ମଦନ ମୋହନ ପ୍ରଧାନ, କଣ୍ଟିଲୋ ଜିଲ୍ଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା ଓ ସରପଞ୍ଚ ଶ୍ରୀୟାରାଣୀ ବେହେରା ଯୋଗ ଦେଇ ମହିଳାଙ୍କ ସମସ୍ୟା ଓ ନିରାକରଣ ଦିଗରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ସଂଯୋଜନା କରିଥିଲା ବେଳେ ଖଣ୍ଡପଡ଼ା ଆଇଆଇସି ମିହିର ରଞ୍ଜନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ଗାଁ ଥାନାକୁ ବୋମା ପକାଇ ଉଡ଼ାଇଦେବା ଧମକ; ୪ ଗିରଫ

ଓଡଗାଁ, ୨୬।୮ (ସମିସ): ନୟାଗଡ଼ ଜିଲ୍ଲା ଓଡଗାଁ ଆଦର୍ଶ ଥାନାକୁ ବୋମା ପକାଇ ଉଡ଼ାଇବାକୁ ଧମକ ଦେବା ଅଭିଯୋଗରେ ପୁଲିସ ୪ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଏନଏସି ବିଜୟ ମଣ୍ଡପ ସାହିର ଦେବାଶିଷ ବେହେରା (୨୯), ସ୍ଥାନୀୟ କୁରାଳ ଗ୍ରାମର ଶିବପ୍ରସାଦ ସାହୁ (୨୮), ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା କୁଶଗୁମାର ସୂର୍ଯ୍ୟ ପାଳ (୨୧) ଏବଂ ଭଞ୍ଜନଗର ଅଜିତ କୁମାର ପାଢ଼ୀ (୨୯)। ରବିବାର ବିଳମ୍ବିତ ରାତିରେ କଲେଜ ରୋଡ୍‌ରେ ସଟର ପଡ଼ିଥିବା ଏକ ଦୋକାନ ଘରୁ ପାଟିତୁଣ୍ଡ ଶୁଣି ପୁଲିସ ପାଟ୍ରୋଲିଂ ଭ୍ୟାନ ଘଟଣାସ୍ଥଳରେ ପହଞ୍ଚିଥିଲା। ଦୋକାନ ଘର ମଟର ଟେକିବା ପରେ ଯୁବକମାନେ ଭିତରେ ନିଶା ସେବନ କରୁଥିବା ଅବସ୍ଥାରେ ପୁଲିସ ଭିଡିଓ ଉତ୍ତୋଳନ କରିଥିଲେ। ପୁଲିସର ଭିଡିଓ ଉତ୍ତୋଳନରେ ଉତ୍ୟକ୍ତ ହୋଇ ଯୁବକମାନେ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ କରିବା ସହିତ ପୁଲିସକୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏପରିକି ସୋମବାର ସକାଳେ ସମାନେ ସ୍ଥାନୀୟ ଥାନାରେ ପହଞ୍ଚି ପାଟ୍ରୋଲିଂରେ ଯାଇଥିବା ପୁଲିସ ଅଧିକାରୀଙ୍କ ବିରୋଧରେ ଏକ ଅଭିଯୋଗ ନେଇ ଆସିଥିବା ବେଳେ ପୁଲିସ ସହିତ ବଚସା ହୋଇଥିଲା। ବୋମା ପକାଇ ଥାନାକୁ ଉଡ଼ାଇ ଦେବୁ ବୋଲି ଧମକ ଦେବା ସହିତ କର୍ତ୍ତବ୍ୟରତ ପୁଲିସଙ୍କୁ ଧମକ ଦେଇ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିଲେ। ଏହି ଘଟଣାକୁ ନେଇ ଜଣେ ପୋଲିସ କର୍ମଚାରୀଙ୍କ ଅଭିଯୋଗ ଅନୁସାରେ ଥାନାରେ ସୋମବାର ୨୬୩/୨୫ରେ ଏକ ମାମଲା ରୁଜୁ କରିବା ସହିତ ସେମାନଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିବା ପୁଲିସ ସୂଚନା ଦେଇଛି।

## କାଠି ପୂଜା ପାଇଁ କଟାଗଲା ବର ଓହଳ

ଖଣ୍ଡପଡ଼ା, ୨୬।୮ (ସମିସ): ଖଣ୍ଡପଡ଼ା ଗଡ଼ଜାତରେ ଅନେକ ପାରମ୍ପରିକ ପର୍ବପର୍ବାଣୀ ପାଳିତ ହେଉଥିବା ସହ ରାଜପରିବାର ପକ୍ଷରୁ ଇଷ୍ଟ ଦେବାଦେବୀଙ୍କର ପ୍ରାୟ ଅଢ଼େଇ ଶହ ବର୍ଷ ତଳୁ ସ୍ୱତନ୍ତ୍ର ପୂଜାବିଧି ପାଳନ ହେଉଅଛି। ସେଥିମଧ୍ୟରୁ ଶ୍ରୀହନୁମାନ କାଠି ପୂଜା ସ୍ୱତନ୍ତ୍ର। ଏହି ପାରମ୍ପରିକ ପର୍ବ ନିମନ୍ତେ ବ୍ୟବହୃତ ହେଉଥିବା ବର ଗଛ ଓହଳ ଖଣ୍ଡପଡ଼ା ନିକଟସ୍ଥ ଝିଲ୍ଲୀପଡ଼ା ଗ୍ରାମ ଜଙ୍ଗଲରେ ସନ୍ଧାନ ମିଳିବା ପରେ ସୁଦ୍ଧ ଖଣ୍ଟୁଆଳ, ପାଟଦଣ୍ଡୁଆ, ଦଣ୍ଡୁଆ ଓ ସାଧାରଣ ଲୋକେ ଆଜି ସେଠାରେ ଯାଇ ପହଞ୍ଚିଥିଲେ। ରୀତିନୀତି ଅନୁଯାୟୀ ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ଓହଳକୁ କଟା ଯାଇ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଖଣ୍ଡପଡ଼ାକୁ ଅଣାଯାଇଥିଲା। ତେବେ ସେଇ ବର ଓହଳକୁ ହନୁମାନ କାଠି, ଶୂଳିଆ କାଠି ଓ ଦଣ୍ଡ କାମେନା କାଠି ରୂପେ ପୂଜା କରାଯାଉଥିବାରୁ ପ୍ରଥମେ ନୀଳକଣ୍ଠେଶ୍ୱର ମନ୍ଦିରରେ ପ୍ରବେଶ କରାଯାଇ ପୂଜାବିଧି ପରେ ରାଜବାଟୀ ପରିସରରେ ଥିବା ଦିଅଁ ଘରକୁ ଅଣାଯାଇ ରଖାଯାଇଥିବା ଜଣାପଡ଼ିଛି। ଆସନ୍ତା ମୂଳାଷ୍ଟମୀ ତିଥିରେ ଏହି ବର ଓହଳ ହନୁମାନ କାଠି ଦିଅଁ ଭାବେ ପର୍ବ ଘରେ ପୂଜା ପାଇବେ ବୋଲି ସେବାୟତମାନଙ୍କ ଠାରୁ ସୂଚନା ମିଳିଛି।

## ପ୍ରାର୍ଥନା ଗୃହ ପ୍ରତିଷ୍ଠା ଉତ୍ସବ

ଗଣିଆ, ୨୬।୮ (ସମିସ): ଗଣିଆ ବ୍ଲକ ଅନ୍ତର୍ଗତ ବେଲପଡ଼ାପାଟଣା ଗ୍ରାମରେ ଥିବା ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ନୂତନ ପ୍ରାର୍ଥନା ଗୃହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ଉପାଧ୍ୟକ୍ଷ ରାଜକିଶୋର ସାହୁ, ଶିକ୍ଷାବିତ୍ ମହେନ୍ଦ୍ର ମହାରଣାଙ୍କ ସମେତ ଗ୍ରାମ କମିଟିର ସଭାପତି ତଥା ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ଥିଲେ। ବିଧାୟକଙ୍କୁ ଶୋଭାଯାତ୍ରା କରି ଗ୍ରାମବାସୀ ପାଛୋଟି ନେଇଥିଲେ। ମନ୍ଦିର ପରିସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ଶ୍ରୀ ବେହେରା ପ୍ରାର୍ଥନା ଗୃହ ଉଦ୍‌ଘାଟନ କରିଥିଲେ। ମନ୍ଦିର ପରିସରରେ ଏକ ସଭାର ଆୟୋଜନ କରାଯାଇଥିବା ବେଳେ ଗ୍ରାମର ଶତାଧିକ ପୁରୁଷ ଏବଂ ମହିଳା ଉପସ୍ଥିତ ଥିଲେ। ମନ୍ଦିରର ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କୁ ଗ୍ରାମବାସୀ ନିମନ୍ତ୍ରଣ କରିଥିବାରୁ ସେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଜାତୀୟ ଟିମ୍‌ର ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିଦର୍ଶନ

ଖଣ୍ଡପଡ଼ା, ୨୬।୮ (ସମିସ): ଖଣ୍ଡପଡ଼ା ବ୍ଲକ ରାଣୀଛେଲି ପଞ୍ଚାୟତରେ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିଦର୍ଶନ କରିଛି ଜାତୀୟସ୍ତରୀୟ ଟିମ୍। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ରାଣୀଛେଲି ସ୍ଥିତ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଡା. ଝାନସୀ ଦୁର୍ଗାରାଣୀ ଏବଂ ଡା. ଅନିତା ରାଣୀଙ୍କ ସହ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ



ପରିଦର୍ଶନ କରିବା ସହିତ ସ୍ୱାସ୍ଥ୍ୟସେବା ଅନୁଧ୍ୟାନ କରିଥିଲେ। ଜନସ୍ୱାସ୍ଥ୍ୟ ସେବାରେ ଗୁଣାତ୍ମକ ମାନ ବୃଦ୍ଧି ସହ ରୋଗୀ ଅଧିକାର, କ୍ଲିନିକାଲ୍ ସେବା, ସଂକ୍ରମଣ ନିୟନ୍ତ୍ରଣ ଭଳି ମାନଦଣ୍ଡ ଆଧାରରେ ଟିମ୍ ସ୍ୱାସ୍ଥ୍ୟ ଉପକେନ୍ଦ୍ର ବୁଲି ଦେଖିଥିଲେ। ଏଥିସହିତ ସ୍ୱାସ୍ଥ୍ୟସେବା ବାବଦରେ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଏବଂ ଲୋକଙ୍କ ଠାରୁ ମଧ୍ୟ ମତାମତ ଗ୍ରହଣ କରିଥିଲେ। ଜାତୀୟସ୍ତରୀୟ ଟିମ୍ ଏହି କେନ୍ଦ୍ରରେ ଆକଳନ କରି ସନ୍ତୋଷ ପ୍ରକାଶ କରିଥିବା ସୂଚନା ମିଳିଛି। ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଚିକିତ୍ସାଧିକାରୀ ଡା. ଅଭିସାର ପଣ୍ଡା, ବିପିଏମ ବିଶ୍ୱରଞ୍ଜନ ସୁବୁଦ୍ଧି, ସନତ ମହାପାତ୍ର, ପିଏଚ୍‌ଓ ରେଣୁବାଳା ମହାପାତ୍ର, ମମତା ସାମଲ, ପ୍ରିୟଙ୍କା ମହାପାତ୍ର ପ୍ରମୁଖ ସାମିଲ ଉପସ୍ଥିତ ରହି ସହଯୋଗ କରିଥିଲେ।

## ନରେନ୍ଦ୍ର ମୋଦି ବିକାଶ ମିଶନର ସଭାପତି ହେଲେ ବାଳକୃଷ୍ଣ

କଣ୍ଟିଲୋ, ୨୬।୮ (ସମିସ): ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ ଅଧୀନସ୍ଥ ବଡ ବାଣପୁର ପଞ୍ଚାୟତ ଅଧୀନ ରତନପୁରର ସାମ୍ବାଦିକ ବାଳକୃଷ୍ଣ ରାଉତଙ୍କୁ ନରେନ୍ଦ୍ର ମୋଦୀ ବିକାଶ ମିଶନ ଖଣ୍ଡପଡ଼ା ବ୍ଲକର ସଭାପତି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନରେନ୍ଦ୍ର ମୋଦୀ ବିକାଶ ମିଶନ ରାଜ୍ୟ ସଭାପତି ସୁଜାତ୍ ହୁସେନ ବିଧିବଦ୍ଧ ଭାବେ ଶ୍ରୀ ରାଉତଙ୍କ ନାମ ଘୋଷଣା କରିଛନ୍ତି। ଶ୍ରୀ ରାଉତ ଦୀର୍ଘ ୨୫ ବର୍ଷ ଧରି ସାମ୍ବାଦିକତା କ୍ଷେତ୍ରରେ ନିଜର ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ସେ ଜଣେ ଚାଷୀ ପୁଅ ଭାବରେ ବେଶ୍ ପରିଚିତ। ନିଜର ସଚ୍ଚୋଟତା, କାର୍ଯ୍ୟଦକ୍ଷତା ଲାଗି ଶ୍ରୀ ରାଉତ ବେଶ୍ ପରିଚିତ। ଏହି ଅବସରରେ ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସେବା ସଦନ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥିମାନେ ତାଙ୍କୁ ବିଧିବଦ୍ଧ ଦାୟିତ୍ୱ ଗ୍ରହଣ କରାଇଥିଲେ ବୋଲି ସୂଚନା ଦେଇଛନ୍ତି।



### ରୋଗୀ କଲ୍ୟାଣ ସମିତି ବୈଠକ

# ଚିଠିରେ ସୀମିତ ଉନ୍ନୟନମୂଳକ କାର୍ଯ୍ୟ

ଗଣିଆ, ୨୬।୮ (ସମିସ): ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଧୁସୂଦନ ଦାସ, ବିପିଏମ ଜ୍ଞାନଦର୍ଶନ ମିଶ୍ର, ଡାକ୍ତର ସୁଶ୍ରୀ ପ୍ରଭାତୀ ପ୍ରିୟଦର୍ଶନୀ, ଡାକ୍ତର ପ୍ରଭାକର ଦାଶ, ରୋଗୀ କଲ୍ୟାଣ ସମିତିର ସମସ୍ତ ସଦସ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ପୂର୍ବ ବିବରଣୀ ପଠନ କରାଯାଇଥିଲା। ମେଡିକାଲ ପରିସରରେ ଗୋଷ୍ଠୀ ଶୈଚାଳୟ ନଥିବାରୁ ଗୋଷ୍ଠୀ ଶୈଚାଳୟ ନିର୍ମାଣ କରିବାକୁ ବିଧାୟକ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଷ୍ଟାଫ୍ କ୍ୱାର୍ଟର ନଥିବାରୁ ଅଧିକାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଡିକାଲ ପରିସରରେ ଗୋଟିଏ ବୋରିଙ୍ଗ ଖୋଳା ଯାଇଥିବାରୁ ପାନୀୟ ଜଳ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଆଉ ଗୋଟିଏ ବୋରିଙ୍ଗ ଆବଶ୍ୟକ ହେଉଥିବା ବୈଠକରେ ଆଲୋଚନା ହୋଇଥିଲା। ଶବ



ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରକାଶ କରିଥିବା ବେଳେ ଜନବସତି ଠାରୁ ଦୂର ସ୍ଥାନରେ ନିର୍ମାଣ କରିବାକୁ ସଦସ୍ୟମାନେ ଜଣାଇଥିଲେ। ରାସଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନଥିବାରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଥିଲା। ଆୟୁଷ ଡାକ୍ତରଖାନାକୁ ରୋଗୀ ଆସୁଥିବା ବେଳେ ଔଷଧ ମିଳୁନଥିବାରୁ ସଭାରେ ଉଦବେଗ ପ୍ରକାଶ ପାଇଥିଲା। ନିଦାନ ସମ୍ମୁଖରେ ଏକ ଅପେକ୍ଷା ସ୍ଥଳ ନିର୍ମାଣ କରିବାକୁ ସଭାରେ ଆଲୋଚନା ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଆବଶ୍ୟକ କାର୍ଯ୍ୟ ପାଇଁ ବିଭିନ୍ନ ବିଭାଗକୁ ଚିଠି ଲେଖାଯାଇଥିଲେ ମଧ୍ୟ ତାହା ଚିଠିରେ ରହିଯାଇଥିବାରୁ ବିଭାଗୀୟ ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। କାୟାକଳ୍ପରେ ଗଣିଆ ବ୍ଲକ ରାଜ୍ୟରେ ୧୮ ନମ୍ବର ସ୍ଥାନରେ ରହିଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରକାଶ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆହାର କେନ୍ଦ୍ର ଖୋଲିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବିଧାୟକ ଶ୍ରୀ ବେହେରା ମେଡିକାଲ ୱାର୍ଡ ପରିଦର୍ଶନ କରି ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ।

ଚାଷ କାମକୁ ମିଳୁନାହାନ୍ତି ଲୋକ

# ପଡ଼ିଆ ପଡୁଛି ଅଧିକାଂଶ ଚାଷଜମି

ଖୋର୍ଦ୍ଧା,୨୬।୮ (ସମିସ)

କୃଷି କ୍ଷେତ୍ରରେ ଏବେ ମଣିଷ ସଙ୍କଟ ଦେଖାଦେଇଛି। ଜମି ଅଛି ହେଲେ ଚଷିବାକୁ ଲୋକ ମିଳୁନାହାନ୍ତି। ଯାହାଫଳରେ ଜିଲ୍ଲାର ବହୁ ଚାଷଜମି ପଡ଼ିଆ ପଡ଼ିଛି। ପ୍ରଥମେ ଚାଷୀଙ୍କୁ ବର୍ଷା କନ୍ଦେଇଲା। ଏବେ ଚାଷୀଙ୍କୁ ଶ୍ରମିକ କନ୍ଦେଇଲେଣି। ଫଳରେ ଚାଷୀ ଆସନ୍ତାବର୍ଷକୁ ଚାଷ କରିବେ କି ନାହିଁ ଏବେଠାରୁ ଚିନ୍ତା କଲେଣି। ଜୁନ୍ ଓ ଜୁଲାଇ ମାସରେ କାଳବୈଶାଖୀରେ କିଛି ପରିମାଣରେ ବର୍ଷା ହୋଇଥିଲା। ଯାହାକୁ ଦେଖି ଚାଷୀମାନେ ଚାଷ କାମ ଆରମ୍ଭ କରିଥିଲେ। କିନ୍ତୁ ଠିକ୍ ବିହନ ଗଜା ହେବା ସମୟରେ ବର୍ଷା ଗାଏବ ହୋଇଗଲା। ଯେଉଁ ଚାଷୀମାନଙ୍କ ପାଣି ସୁବିଧା ଥିଲା ସେମାନଙ୍କର କିଛି ଅସୁବିଧା ହୋଇନଥିଲା। କିନ୍ତୁ ଯେଉଁ ଚାଷୀଙ୍କ ପାଣି ଅସୁବିଧା ଥିଲା ସେମାନେ ଭଗବାନଙ୍କ ଭରସାରେ ରହିଲେ। ବର୍ତ୍ତମାନ ଭାଦ୍ରବ ମାସରେ ଚାଷୀଙ୍କୁ ବର୍ଷାରୁ ମୁକ୍ତି ମିଳୁଥିବାବେଳେ ଏବେ ଚାଷୀଙ୍କୁ ଶ୍ରମିକ ଚିନ୍ତା ଘାରିଲାଣି। କାରଣ ଯେଉଁ ତଳି ପକେଇଥିଲେ ଅଧିକାଂଶ ସ୍ଥାନରେ ତାହା ବୁଢ଼ା ହେବାକୁ ବସିଲାଣି।

ଖୋର୍ଦ୍ଧା ଜିଲ୍ଲାରେ ୧ଲକ୍ଷ ୧୦ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମି ଥିବାବେଳେ ପ୍ରାୟ ୧ଲକ୍ଷ ୩ ହଜାର ଚାଷଜମିରେ ଖରିଫ ଧାନଚାଷ ପୂର୍ବରୁ କରାଯାଉଥିଲା। ମାତ୍ର ଚଳିତ ବର୍ଷ ୯୨ହଜାର ୬୭୦ ହେକ୍ଟର ଜମିରେ ଧାନ ଫସଲ କରିବା ପାଇଁ କୃଷି ବିଭାଗ ଲକ୍ଷ୍ୟ ରଖିଛି। ଏଥିପାଇଁ ଜମିକୁ ଏପ୍ରିଲ୍ ଓ ମେ' ମାସ ସୁଦ୍ଧା ଖରାଟିଆ ହଳ କରାଯାଇ ବେଉଷଣ ପାଇଁ ପ୍ରସ୍ତୁତ କରି ରଖାଯାଇଥାଏ। ମେ' ଓ ଜୁନ୍ ମାସ ବେଳକୁ ଅଧିକାଂଶ ଜମିରେ ବୁଣାବୁଣି ସହିତ ଖରାଟିଆ ତଳିପକା କାମ ସମ୍ପୂର୍ଣ୍ଣ କରାଯାଇ ପରବର୍ତ୍ତୀ ବେଉଷଣ ପାଇଁ ପ୍ରାକ୍ ମୌସୁମୀ ବର୍ଷାକୁ ଅପେକ୍ଷା କରାଯାଇଥାଏ। ମାତ୍ର ଚଳିତ ବର୍ଷ ମୌସୁମୀ ସଅଳ ଆସି ସଅଳ ଫେରିଗଲା। ଚାଷୀ ମରୁଡ଼ି ଆଶଙ୍କା କରିବାବେଳେ କାଳବେଶାଖୀ ଓ ଲଘୁଚାପ ବର୍ଷା ସେମାନଙ୍କ ଲାଗି ବରଦାନ ସଦୃଶ ହୋଇଛି। ଶ୍ରାବଣରେ ଯଦିଓ ସେଭଳି ବର୍ଷା ହେଲାନି, ତଥାପି ଭାଦ୍ରବ ମାସରେ ଲଘୁଚାପ ବର୍ଷା ଜାରି ରହିଛି। ମାତ୍ର ଏହି ପାରମ୍ପରିକ କୃଷି କାର୍ଯ୍ୟ ଲାଗି ଏବେ ଲୋକ ମିଳୁନାହାନ୍ତି। ପରିସ୍ଥିତି ଏବେ ଏପରି ହୋଇଛି ଭାଗଚାଷ କରିବାକୁ ମଧ୍ୟ ଆଉ ଲୋକ ମିଳୁନାହାନ୍ତି। ଚାଷୀ ଶ୍ରମିକଙ୍କ ପାଇଁ ଦୈନିକ ମଜୁରୀ ସରକାରୀଭାବେ ୩୪୦ ଟଙ୍କା ଭିତରେ ଥିବାବେଳେ ବାସ୍ତବରେ କିନ୍ତୁ ୪୦୦ରୁ ୪୫୦ ଟଙ୍କା ମଜୁରୀ ନେଉଛନ୍ତି। ସେହିପରି କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଯନ୍ତ୍ରପାତିର ବହୁଳ ବ୍ୟବହାର ଯୋଗୁଁ ପାରମ୍ପରିକ ହଳ ଓ ଲଙ୍ଗଳ ଛାଡ଼ି ଟ୍ରାକ୍ଟର ଏବଂ ପାୱାରଟିଲର ଭଳି କୃଷି ଯନ୍ତ୍ରପାତି ବ୍ୟବହାର କରିବା ଆରମ୍ଭ କରିଛନ୍ତି। ଫଳରେ ଜମିରେ ଖରାଟିଆ ହଳ କରାନଯାଇ ଏକାଥରକେ କାଦୁଅ କରି ବିଲ ରୋଇବାକୁ ଲୋକେ ପସନ୍ଦ କରୁଛନ୍ତି। ପାଣିପାଗ ଠିକ୍ ରହିଲେ ଜମିରେ ଚାଷ ହୋଇପାରୁଛି, ନଚେତ୍ ଅଧିକାଂଶ ଜମି ପଡ଼ିଆ ପଡୁଥିବାବେଳେ ସେଥିରେ ଗୋରୁଗାଈ ଚରୁଥିବା ଦେଖାଯାଇଛି। ପୂର୍ବରୁ ସମୁଦାୟ ଜମିର ପ୍ରାୟ ୫୦ ପ୍ରତିଶତ ଜମିରେ ଖରାଟିଆ ବେଉଷଣ ସାରି ଦିଆଯାଉଥିବା ବେଳେ ଅବଶିଷ୍ଟ ୫୦ପ୍ରତିଶତ ଜମିକୁ ରୁଆ ପୋତା ପାଇଁ ରଖାଯାଉଥିଲା। ମାତ୍ର ଏବେ ମାନବ ସମ୍ବଳର ଅଭାବ ଯୋଗୁଁ ୮୦% ଜମି ରୁଆ ପୋତା ପାଇଁ ଛାଡ଼ି ଦିଆଯାଇଛି। ଫଳରେ ଚାଷକାର୍ଯ୍ୟ ପଛେଇବା ସହିତ ବାର୍ଷିକ ଧାନ ଉତ୍ପାଦନ ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। ଏମିତିକି ପ୍ରତିବର୍ଷ ଜିଲ୍ଲାରେ ସମୁଦାୟ ଚାଷଜମି ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ଚାଷଜମି ପଡ଼ିଆ ପଡୁଛି। ଚାଷୀଙ୍କଠାରୁ ଭାଗଚାଷୀଙ୍କ ସଂଖ୍ୟା ଅଧିକ ହୋଇଥିବାବେଳେ ଭାଗଚାଷୀଙ୍କର ଚାଷ କାର୍ଯ୍ୟ ପ୍ରତି ଅନାଗ୍ରହ ଭାବ ଏବେ ଜମି ମାଲିକଙ୍କୁ ଚିନ୍ତାରେ ପକାଇଛି।



ପ୍ରତି ପରିବାରରୁ ଜଣେ ଲେଖାଏଁ ଆଗେଇ ଆସିବାକୁ କୃଷି ବିଭାଗର ଆହ୍ୱାନ

ଚାଷୀ ଜିତେନ୍ଦ୍ର ସାହୁଙ୍କ କହିବାନୁଯାୟୀ, ଗତବର୍ଷ ଶ୍ରମିକ ଧାନ ତଳି ରୋଇବାକୁ ଦୈନିକ ୩୫୦ରୁ ୪୦୦ ଟଙ୍କା ନେଉଥିଲେ। ଚଳିତ ବର୍ଷ ୪୦୦ରୁ ୪୫୦ ଟଙ୍କା ରଖିଛନ୍ତି। ତାହା ପୁଣି ସେମାନଙ୍କ ନିର୍ଦ୍ଧାରିତ ଦିନଗୁଡ଼ିକରେ।

ଅନ୍ୟ କେଉଁଠାରୁ ଶ୍ରମିକ ଆଣି ଚାଷ କରିବା ସମ୍ଭବ ନୁହେଁ ବୋଲି ଅନ୍ୟ ଚାଷୀମାନେ କହିଛନ୍ତି। କାରଣ ବର୍ତ୍ତମାନ ଚାରିଆଡ଼େ ଚାଷ କାମ। ଶ୍ରମିକମାନେ ତଳି ରୁଆ କାମ ପାଇଁ ଅଗ୍ରୀମ ନେଇ ସାରିଛନ୍ତି। ଯଦି ଏବର୍ଷ ଏଭଳି ଶ୍ରମିକ ଅଭାବ ଦେଖାଦେଇଛି, ତାହେଲେ ଆଗାମୀ ବର୍ଷକୁ ଚାଷ କରିବୁ ନାହିଁ ବୋଲି ଚାଷୀମାନେ କହିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା କୃଷିବିଭାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଆଜି ସୁଦ୍ଧା ପ୍ରାୟ ଅଧିକାଂଶ ଜମିରେ ଧାନ ରୁଆପୋତା କାର୍ଯ୍ୟ ହୋଇଛି।

ଏଥିସହିତ ଦେଖାଦେଇଥିବା ଶ୍ରମିକ ସମସ୍ୟାରେ ସୁଧାର ଲାଗି ପ୍ରତ୍ୟେକ ପରିବାରରୁ ଜଣେ କିମ୍ବା ଦୁଇଜଣ ଚାଷ କାର୍ଯ୍ୟ ପ୍ରତି ଆଗ୍ରହ କରିବା ଦରକାର। ତାହେଲେ ଚାଷ କ୍ଷେତ୍ରରେ ଦେଖାଯାଉଥିବା ଲୋକ ସମସ୍ୟା ଦୂର ହୋଇପାରିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତି କହିଛନ୍ତି।

## ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ସ୍ୱାଗତ ଉତ୍ସବ

ବାଲୁଗାଁ,୨୬।୮ (ସମିସ): ବୁଧବାର ଗଣେଶ ଚତୁର୍ଥୀ ଅବସରରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ପାଇଁ ବାଲୁଗାଁ ବାଣପୁର ପୂଜା ମଣ୍ଡପଗୁଡ଼ିକ ସୁସଜ୍ଜିତ ହୋଇଥିବାବେଳେ ସହରର ବିଭିନ୍ନ ସାହି ବଜାର ସାରା ସୁନ୍ଦର ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ ହୋଇ ବିଘ୍ନ ବିନାଶକଙ୍କ ଅପେକ୍ଷାରେ ରହିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ବାଲୁଗାଁ ବାଣପୁର ଅଞ୍ଚଳରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ କମିଟି ପକ୍ଷରୁ ଶ୍ରୀଗଣେଶଙ୍କ ପୂଜା ହେଉଥିବା ସହିତ ଅନେକ ଛୋଟ ବଡ଼ ପୂଜା ମଣ୍ଡପରେ ମଧ୍ୟ ବିଘ୍ନରାଜଙ୍କ ପୂଜା ଅନୁଷ୍ଠିତ ହେଉଛି। ଅଞ୍ଚଳର ସମସ୍ତ ପୂଜା କମିଟିର ସଦସ୍ୟମାନେ ପୂଜା ପ୍ରସ୍ତୁତିରେ ଜୋର୍‌ଦାର୍ ଲାଗିପଡ଼ିଛନ୍ତି। ଏଥି ନିମନ୍ତେ ମଙ୍ଗଳବାର ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ ପୂଜା କମିଟି ତରଫରୁ ସଦସ୍ୟମାନେ ବାଜା ବାଣ ରୋଷଣୀ ସହ ଆଡ଼ମ୍ବର ସହକାରେ ଶ୍ରୀଗଣେଶଙ୍କୁ ସ୍ୱାଗତ କରି ପୂଜା ମଣ୍ଡପମାନଙ୍କୁ ପାଛୋଟି ନେଉଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷର ପୂଜା ମଣ୍ଡପଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇଥିବାବେଳେ ପ୍ରାୟ ସପ୍ତାହେ ଧରି ପୂଜା ଚାଲିବା ସହିତ ମଣ୍ଡପମାନଙ୍କରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯିବାର ସୁବନ୍ଦୋବସ୍ତ କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତକୁ ନଜରରେ ରଖି ପୁଲିସ ତରଫରୁ ବିଭିନ୍ନ ନିୟମ ପ୍ରଣୟନ କରାଯାଇଥିବା ବେଳେ ତନ୍ମଧ୍ୟରୁ ୬୫ ଡେସିବଲରୁ ଉର୍ଦ୍ଧ୍ୱ ଶବ୍ଦ ବ୍ୟବହାର ନ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁଲିସ ସହାୟତା ନେବା, ଜୋର୍‌ଜବରଦସ୍ତ ଚାନ୍ଦା ଆଦାୟ ନ କରିବା, ବିସର୍ଜନ ସମୟ ନିର୍ଘଣ୍ଟ ଓ ନିୟମ ଅନୁଯାୟୀ କରିବା ପାଇଁ ଉଭୟ ବାଲୁଗାଁ ଓ ବାଣପୁର ଥାନା ପକ୍ଷରୁ ସମସ୍ତ ପୂଜା କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ଲାଗି ବର୍ତ୍ତମାନ ସମଗ୍ର ବାଲୁଗାଁ ଓ ବାଣପୁର ସହର ଉତ୍ସବମୁଖର ହୋଇପଡ଼ିଛି।



## ଏନ୍‌ଏସ୍‌ଏସ୍ ଶିକ୍ଷାର୍ଥୀଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମ

ନିରାକାରପୁର,୨୬।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ମଳିପଡ଼ାସ୍ଥ କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ଏନ୍‌ଏସ୍‌ଏସ୍ ଶିକ୍ଷାର୍ଥୀମାନଙ୍କ ପାଇଁ ଜାତୀୟ ସେବା ଯୋଜନା ତରଫରୁ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ମିହିର ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସମାଜସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବା ନିମନ୍ତେ ଉପଦେଶ ଦେଇଥିଲେ। ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନିଃସ୍ୱାର୍ଥପର ସେବା କରିବାକୁ ପ୍ରେରଣା ଦେଇଥିଲେ। ଅଧ୍ୟାପକ ଅଶୋକ କୁମାର ମଲ୍ଲିକ ସେବା ମାଧ୍ୟମରେ ଉତ୍ତମ ସମାଜ ଗଠନ କରିବା ନିମନ୍ତେ ମତ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପ୍ରିୟଙ୍କା ସ୍ୱାଇଁ ଏନ୍‌ଏସ୍‌ଏସ୍ ସମ୍ବନ୍ଧରେ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାମୀ ଶ୍ରୀଶ୍ରୀଶଙ୍କରାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ଆଗମନ

ଟାଙ୍ଗୀ,୨୬।୮ (ସମିସ): ପୁରୀ ଶ୍ରୀଶ୍ରୀ ନିଗମାନନ୍ଦ ସାରସ୍ୱତ ଆଶ୍ରମର ଅଧକ୍ଷ ସ୍ୱାମୀ ଡ. ଶ୍ରୀଶଙ୍କରାନନ୍ଦ ସରସ୍ୱତୀଜୀ ମହାରାଜ କୁହୁଡ଼ି ସାରସ୍ୱତ ସଂଘକୁ ଆଗମନ କରିଥିଲେ। ସଙ୍ଘର ସଭାପତି ଚିଟି ନାଇଡୁ ଓ ଅନ୍ୟ ସଦସ୍ୟମାନେ ମହାରାଜଙ୍କୁ ପାଛୋଟି ନେଇ ପୁଷ୍ପ, ଦୀପ ଓ ମାଲ୍ୟାର୍ପଣ କରିଥିଲେ। ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଏମ୍ ଚିଟି ନାଇଡୁ, ଉପସଭାପତି କନକ ବେହେରା, ସମ୍ପାଦକ ଜାନକୀ ରାଉତ, ସହସମ୍ପାଦକ କୃଷ୍ଣ ବେହେରା ଓ କୋଷାଧ୍ୟକ୍ଷ ରମେଶ ନାଇଡୁଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନଗେଶ ନାଇଡୁ, କୋଟିରାମ ନାଇଡୁ, ଲୋକନାଥ ପାତ୍ର, ଜ୍ୟୋତି ରାଓ, ଜ୍ୟୋସ୍ନା ପାତ୍ର, ନୀଳମଣି ବେହେରା, ପ୍ରୀତି ନାଇଡୁ ଓ ଗୋବିନ୍ଦା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

● ବେଆଇନ ମୋରମ୍ ଚାଲାଣ

## ୨ ଟ୍ରାକ୍ଟର, ୧ ଜେସିବି ଜବତ; ୩ ଗିରଫ

ବାଣପୁର,୨୬।୮ (ସମିସ): ବାଲୁଗାଁ, ବାଣପୁର ଓ ନାଚୁଣୀ ଥାନା ଅଞ୍ଚଳ ମୋରମ୍ ଓ ମାଟି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଥିବାବେଳେ ମାଫିଆମାନେ ବେପ୍ରବାହ ହୋଇ ବେଆଇନ ଭାବେ ମୋରମ୍, ମାଟି ଚାଲାଣ କରି ଚାଲିଛନ୍ତି। ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଥିବାବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏପରିସ୍ଥଳେ ମଙ୍ଗଳବାର ନାଚୁଣୀ ଥାନା ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ନିକଟସ୍ଥ ମାତାପୋଖରୀ ଅଞ୍ଚଳରୁ ବେଆଇନ ଭାବେ ଜେସିବି ଦ୍ୱାରା ମୋରମ୍ ଖଣିରୁ ମୋରମ୍ ଉତ୍ତୋଳନ କରି ଟ୍ରାକ୍ଟର ଯୋଗେ ଚାଲାଣ ହେଉଥିଲା। କୌଣସି ବିଶେଷ ସୂତ୍ରରୁ ଖବର ପାଇ ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଏକ ପୁଲିସ ଟିମ୍ ସଦଳବଳେ ଚଢ଼ଉ କରି ସେଠାରୁ ୨ଟି ଟ୍ରାକ୍ଟର ସହିତ ଗୋଟିଏ ଜେସିବି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜେସିବି ଓ ଟ୍ରାକ୍ଟରର ୩ ଜଣ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।



ସୂଚନାଥାଉ କି, ହଜ ଗ୍ରାମଠାରୁ ଦୀନବନ୍ଧୁପୁର ଓ ଗମେଇ ଗ୍ରାମକୁ ସରକାରଙ୍କ ଅନୁମୋଦନ କ୍ରମେ ରାସ୍ତା କାର୍ଯ୍ୟ ଚାଲିଥିବାବେଳେ ଉକ୍ତ ରାସ୍ତାରେ ମାଟି ପକାଇବା ପାଇଁ ୬୦ ଲକ୍ଷ ଟଙ୍କାର ଅର୍ଥ ମଞ୍ଜୁର ହୋଇଛି। ମାତ୍ର ଉକ୍ତ ରାସ୍ତା କାମ କରୁଥିବା ଜନୈକ ଠିକାଦାର ବେଆଇନ ଭାବେ ଜେସିବି ଓ ଟ୍ରାକ୍ଟର ଲଗାଇ ପାର୍ଶ୍ୱସ୍ଥ ସ୍ଥାନରୁ ମୋରମ୍ ଖୋଳି ଆଣି ରାସ୍ତାରେ ବିଛେଇ ମାଟି ପକାଇବା କାମ ପାଇଁ ଆସିଥିବା ୬୦ ଲକ୍ଷ ଟଙ୍କାକୁ ହଡ଼ପ କରିବାର ମସୁଧା ଚଳାଇଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରି ଆସୁଥିବାବେଳେ ପ୍ରଶାସନ କେଉଁ ଚାପରେ ଚୁପ୍ ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ପ୍ରଶ୍ନ ଉଠୁଛି, ବର୍ତ୍ତମାନ ଜବତ ହୋଇଥିବା ଜେସିବି ଓ ଟ୍ରାକ୍ଟର ଏହି ବେଆଇନ ମୋରମ୍ ଚାଲାଣରେ ଉକ୍ତ ଠିକାଦାରଙ୍କ ସମ୍ପୃକ୍ତି ନାହିଁ ତ? ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ଏହାର ସଠିକ୍ ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ଅଞ୍ଚଳରେ ଚାଲିଥିବା ଅନେକ ବେଆଇନ ମୋରମ୍ ଖଣି ଓ ଏହାର ଚାଲାଣର ପର୍ଦ୍ଦାଫାସ୍ ହୋଇପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ଅଗ୍ନିବିପନ୍ନ ପରିବାରକୁ ଆର୍ଥିକ ସହାୟତା

ଟାଙ୍ଗୀ,୨୬।୮ (ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ଉଦ୍ବଳା ଗୋପିନାଥପୁର ପଞ୍ଚାୟତ ଅଧୀନସ୍ଥ ବଡ଼ସାହିରେ ଗତ ରବିବାର ବିଳମ୍ବିତ ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଶଙ୍କର ପରିଡ଼ାଙ୍କ ୨ ବଖରା, ପାଲୁ ପରିଡ଼ାଙ୍କ ୨ ବଖରା, ସୁରେନ୍ଦ୍ର ପରିଡ଼ାଙ୍କ ୧ ବଖରା, ଅନୁ ପରିଡ଼ାଙ୍କ ୧ ବଖରା, ତ୍ରିନାଥ ପରିଡ଼ାଙ୍କ ୧ ବଖରା ଆଦି ୫ ଜଣଙ୍କର ୭ବଖରା ଚାଳଘର ଜଳିପୋଡ଼ି ଧ୍ୱଂସ ହୋଇଯାଇଥିଲା। ଟାଙ୍ଗୀ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା।

ଖବର ପାଇ ମଙ୍ଗଳବାର ଘଟଣାସ୍ଥଳରେ ଟାଙ୍ଗୀ ତହସିଲ୍‌ଦାର ନିଷ୍ଠା ମହାପାତ୍ର, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ରାଉତରାୟ, ସରପଞ୍ଚ ସନ୍ଧ୍ୟାରାଣୀ ସାମନ୍ତରାୟ, ସମିତିସଭ୍ୟ ସୂର୍ଯ୍ୟମଣି ସାହୁ ପ୍ରମୁଖ ଯୋଗଦେଇ ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ନିମନ୍ତେ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଅନୁରୂପଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପ୍ରତିନିଧି ବାବୁ ସାମନ୍ତରାୟ ଅଗ୍ନିବିପନ୍ନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଥିବା ଜଣାଯାଇଛି।



## ଆଜିଠୁ ଜଂକିଆ ପଲ୍ଲୀ ଉତ୍ସବ ଆରମ୍ଭ

ନିରାକାରପୁର,୨୬।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ବାଲିଗାଡ଼ିଆ ଓଁ ଶ୍ରୀ ଗ୍ରୁପ୍ ପୂଜା କମିଟି ତରଫରୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଗଣେଶ ପୂଜା ଅବସରରେ ଆସନ୍ତା ୨୭ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ୧୪ତମ ଜଂକିଆ ପଲ୍ଲୀ ଉତ୍ସବ-୨୦୨୫ ସ୍ଥାନୀୟ ବାସନ୍ତୀ କ୍ଲବ୍ ପଡ଼ିଆରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି କୃଷ୍ଣ ଚନ୍ଦ୍ର ନରେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ, ସୁରେନ୍ଦ୍ରନାଥ ଜେନା, ଦିଲ୍ଲୀପ ଶ୍ରୀଚନ୍ଦନ, ଚିନ୍ତାମଣି ବେହେରା, ଲୋକନାଥ ସାମନ୍ତରାୟ, ପ୍ରଶାନ୍ତ ଗଜେନ୍ଦ୍ର, ଆଲୋକ ଶ୍ରୀଚନ୍ଦନ, ସାଗର କହଲସିଂହ ଓ ଉମାକାନ୍ତ ସାମନ୍ତରାୟ ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଉତ୍ସବରେ ରାମ ଦୋଳି, ଡ୍ରାଗନ୍ ଟ୍ରେନ୍ ସହିତ ଛୋଟ ପିଲାଙ୍କର ବିଭିନ୍ନ ଦୋଳି, ବିଭିନ୍ନ ପ୍ରକାର ଦୋକାନ ବଜାର, ସରକାରୀ ଷ୍ଟଲ୍ ଲୋକଙ୍କୁ ଆକର୍ଷଣ କରିବା ଉଦ୍ଦେଶ୍ୟରେ ଖୋଲିବାର ଅଛି। ପ୍ରତିଦିନ ମଣ୍ଡପରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ କଳାକାର ନିଜର କଳା ପ୍ରଦର୍ଶନ କରିବେ ବୋଲି କମିଟି ସଭାପତି ପ୍ରକାଶ କରିଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ବେଗୁନିଆ,୨୬।୮ (ସମିସ): ବେଗୁନିଆ ବ୍ଲକ୍ କଣ୍ଟାବାଡ଼ ସରସ୍ୱତୀ ଶିଶୁମନ୍ଦିର ପରିସରରେ ପ୍ରଧାନଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ଆବାହକତ୍ୱରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଖୋର୍ଦ୍ଧା ଜିଲ୍ଲା ସଙ୍କୁଳ ପ୍ରମୁଖ ତଥା ବରିଷ୍ଠ ସାମ୍ବାଦିକ ଡ. ନଳିନୀକାନ୍ତ ପଣ୍ଡା ଓ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ଅତିଥି ଭାବେ ଯୋଗଦେଇ ମା'ମାନେ ସଚେତନ ରହି ପିଲାମାନଙ୍କୁ ଉପଯୁକ୍ତ ସଂସ୍କାର ମାଧ୍ୟମରେ ଶିକ୍ଷା ପ୍ରଦାନ କଲେ ସମାଜ ପରିବର୍ତ୍ତନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ପରେ ମା'ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଇଥିବାବେଳେ କୋଷାଧ୍ୟକ୍ଷ ପ୍ରସନ୍ନ ମହାପାତ୍ର ଓ ବିଦ୍ୱତ୍ ପରିଷଦ ସମ୍ପାଦକ ତଥା ସାମ୍ବାଦିକ ଶ୍ରୀକାନ୍ତ କୁମାର ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୱତ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ଓ ଆଚାର୍ଯ୍ୟା କସ୍ତୁରୀ କାମୋଦିନୀ ମହାପାତ୍ର ସହଯୋଗ କରିଥିଲେ।

## 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

ଖୋର୍ଦ୍ଧା,୨୬।୮ (ସମିସ): ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ମୁକ୍ତାପୁର ଶିକ୍ଷା କ୍ଲଷ୍ଟର ଦ୍ୱାରା "ଆସ ସ୍କୁଲ ଯିବା" କାର୍ଯ୍ୟକ୍ରମ ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟରେ ପୁନଃ ନାମାଙ୍କିତ କରିବା ଭଳି ଏକ ଅଭିନବ ପ୍ରଚେଷ୍ଟା ଶତ ପ୍ରତିଶତ ସଫଳ ହୋଇଛି। ମିଳିଥିବା ତଥ୍ୟ ଅନୁଯାୟୀ, ମୁକ୍ତାପୁର କ୍ଲଷ୍ଟରର ଶିକ୍ଷା ସାଧନ ସଂଯୋଜିକା ପୂର୍ଣ୍ଣଲକ୍ଷ୍ମୀ ମହାରଣାଙ୍କ ତତ୍ତ୍ୱାବଧାନରେ ଏହି କ୍ଲଷ୍ଟରର ପ୍ରତି ବିଦ୍ୟାଳୟରେ, ତଥା କ୍ଲଷ୍ଟରସ୍ତରରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଆସ ସ୍କୁଲ ଯିବା କମିଟି ଗଠନ ହୋଇଥିଲା। ସର୍ଭେ କାର୍ଯ୍ୟ ନିୟମିତ ଭାବରେ ସମସ୍ତ ଶିକ୍ଷକଙ୍କ ଦ୍ୱାରା କରାଯାଇଥିଲା। ୬ରୁ ୧୪ ବର୍ଷ ମଧ୍ୟରେ ଶିକ୍ଷାରୁ ବଞ୍ଚିତ ଥିବା ଛାତ୍ରଛାତ୍ରୀ ୩୧ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ସେଥିରୁ ୨୭ ଜଣ ଛାତ୍ରଛାତ୍ରୀଙ୍କୁ ଆଜି ସୁଦ୍ଧା ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁକ୍ତାପୁର କ୍ଲଷ୍ଟର୍‌ର ୭ଟି ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।



## ଶରଧାପୁର ଫୁଟ୍‌ବଲ୍ ଲିଗ୍: ଠଣାପଲି ବିଜୟୀ



ଖୋର୍ଦ୍ଧା,୨୬।୮ (ସମିସ): ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ସ୍ପୋର୍ଟସ ଆସୋସିଏସନ୍ ଆନୁକୁଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଚାଲିଥିବା ଶରଧାପୁର ଫୁଟ୍‌ବଲ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଠଣାପଲି ଖୋର୍ଦ୍ଧା ବନାମ ବିନ୍ଧ୍ୟଗିରି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧର ୫ ମିନିଟ୍‌ରେ ଠଣାପଲିର ମାନ ଏକମାତ୍ର ଗୋଲ୍ ଦେଇ ଦଳକୁ ଅଗ୍ରଣୀ କରାଇ ଜିତିଥିଲେ। ଏହି ମ୍ୟାଚ୍‌ରେ ଅତିଥି ଭାବେ ସଂଘର ସଭାପତି ମହମ୍ମଦ ଜମିରୁଲ ରହେମନ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ବଡ଼ଜେନା, ମୀନକେତନ ବଡ଼ଜେନା, ଅର୍ଶଦ୍ ଅହମ୍ମଦ ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ସୌକତ୍ ଅହମ୍ମଦ ପରିଚାଳନା କରିଥିବାବେଳେ ଇଜାଜ୍ ହୁସେନ, ଅମ୍‌ଜଦ ଖାଁ ଓ ସାଗିର ଅହମ୍ମଦ ତାଙ୍କୁ ଲାଇନ୍‌ରେ ସହାୟତା କରିଥିବାବେଳେ ଚତୁର୍ଥ ରେଫରୀ ଭାବେ ସାଗିର ଅହମ୍ମଦ କାର୍ଯ୍ୟ ତୁଲାଇଥିଲେ। ବୁଧବାର କେରଙ୍ଗ ଓ ପୋଡ଼ପଡ଼ା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସ୍ପୋର୍ଟସ ଆସୋସିଏସନ୍ ସମ୍ପାଦକ ଏସ୍‌ଇ ହୁଦା ସୂଚନା ଦେଇଛନ୍ତି।

## ୬୬ ୟୁନିଟ୍ ରକ୍ତ ସଂଗ୍ରହ

ବାଣପୁର,୨୬।୮ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାଣପୁର ଶାଖା ତତ୍ତ୍ୱାବଧାନରେ ସ୍ଥାନୀୟ ଦିବ୍ୟଜ୍ୟୋତି ଭବନ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ରେଡ୍‌କ୍ରସ ସଂସ୍ଥାର କର୍ମକର୍ତ୍ତା ରକ୍ତ ସଂଗ୍ରହ କରିଥିଲେ। ବ୍ରହ୍ମାକୁମାର ଭାଇ-ଭଉଣୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଅଞ୍ଚଳର ୬୬ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶାଖାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସୁଜାତା, ଅବସରପ୍ରାପ୍ତ ଶିକ୍ଷକ ଭଞ୍ଜକିଶୋର ସାହୁଙ୍କ ସମେତ ଅନୁଷ୍ଠାନର ସମସ୍ତ ଭାଇ-ଭଉଣୀ ସହଯୋଗ କରିଥିଲେ। ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଅନୀଲ ଷଡ଼ଙ୍ଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ପାଠାଗାରର ମହତ୍ତ୍ୱ ସମ୍ପର୍କିତ ଆଲୋଚନାଚକ୍ର

ବେଗୁନିଆ,୨୬।୮ (ସମିସ): ବେଗୁନିଆ ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ପରିସରରେ ପାଠାଗାରର ମହତ୍ତ୍ୱ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଆଦର୍ଶ ଗୁରୁକୁଳ ଆଶ୍ରମର ପ୍ରତିଷ୍ଠାତା ତଥା ବିଶିଷ୍ଟ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବେଙ୍ଗାଲୁରୁସ୍ଥିତ କାମ୍ବିଅମ୍ ନେଟ୍‌ୱର୍କର ଉପସଭାପତି ବିଜୁ କୁଞ୍ଜୁକୁଞ୍ଜୁ ମୁଖ୍ୟ ଅତିଥି, ଶିକ୍ଷାବିତ୍ ଡ. ଯୁଧିଷ୍ଠିର ଖଟୁଆ ମୁଖ୍ୟବକ୍ତା, କାମ୍ବିଅମ୍ ନେଟ୍‌ୱର୍କର ବରିଷ୍ଠ ନିର୍ଦ୍ଦେଶକ ସନ୍ଦୀପ କୁମାର ବିଶ୍ୱାଳ ଯୋଗଦେଇ ବିଦ୍ୟାର୍ଥୀମାନେ ପୁସ୍ତକ ଅଧ୍ୟୟନ ଦ୍ୱାରା ଉତ୍ତମ ରାଷ୍ଟ୍ର ନିର୍ମାଣରେ ସହାୟକ ହୋଇପାରିଥାଏ ବୋଲି ମତପ୍ରକାଶ କରିଥିଲେ। ଏଥିରେ ସମ୍ପାଦକ ଦୁଷ୍ମନ୍ତ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ଚଣ୍ଡ, ଟ୍ରଷ୍ଟି ପ୍ରବୀର୍ ମଲ୍ଲିକ, ରତିକାନ୍ତ ସୁନ୍ଦରାୟ, ସାଧକ ଗୋପାଳ ଜୀ ଓ ଅଧକ୍ଷ ପ୍ରତାପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମତ୍ସ୍ୟଜୀବୀଙ୍କୁ ରିଆତିରେ ଡଙ୍ଗା ଯୋଗାଣ ନାଁରେ ଶୋଷଣ

ବିଭାଗୀୟ କର୍ମଚାରୀ, ଦଲାଲ ଓ ଡଙ୍ଗା ଯୋଗାଣକାରୀ ସଂସ୍ଥା ମିଳିମିଶି ଲୁଟୁଛନ୍ତି

ଟାଙ୍ଗୀ,୨୬।୮ (ସମିସ)

ମତ୍ସ୍ୟ ସମ୍ପଦର ଗନ୍ତାଘର ଚିଲିକା ମାଛ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ନିରୀହ ସହସ୍ରାଧିକ ମତ୍ସ୍ୟଜୀବୀମାନଙ୍କ ଆର୍ଥିକ ବିକାଶ ପାଇଁ ସରକାର ସେମାନଙ୍କୁ ରିଆତିରେ ଡଙ୍ଗା ଯୋଗାଣର ବ୍ୟବସ୍ଥା କରିଛନ୍ତି। ଅନୁସୂଚିତ ଜାତି ଓ ସାଧାରଣ ଜାତିର ମତ୍ସ୍ୟଜୀବୀମାନଙ୍କୁ ଯଥାକ୍ରମେ ୬୦% ଓ ୪୦% ସବ୍‌ସିଡି ପ୍ରଦାନର ସରକାରୀ ବ୍ୟବସ୍ଥା ରହିଛି। ଏହି ମତ୍ସ୍ୟଜୀବୀମାନେ ସାରାଦିନ ଚିଲିକା ଭିତରେ ମାଛ ଧରିବାରେ ବ୍ୟସ୍ତ ରହିବା ଓ ସେମାନଙ୍କ ମଧ୍ୟରେ ସଚେତନତାର ଅଭାବକୁ ଦୃଷ୍ଟିରେ ରଖି ସେମାନଙ୍କୁ ଆର୍ଥିକ ଶୋଷଣ କରାଯାଉଥିବାବେଳେ ସେମାନେ ଯେଉଁ ତିମିରକୁ ସେହି ତିମିରରେ ରହି ଅଭାବ ଅସୁବିଧାରେ ଜୀବନଯାପନ କରୁଥିବା ଦେଖିବାକୁ ମିଳୁଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ସେମାନଙ୍କ ସରଳତାର ସୁଯୋଗକୁ ଉପଯୋଗ କରି ବାଲୁଗାଁସ୍ଥିତ ସହକାରୀ ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ (ଜୀବ ଓ ପ୍ରଯୁକ୍ତି) କାର୍ଯ୍ୟାଳୟରେ କେତେକ କାର୍ଯ୍ୟରତ କର୍ମଚାରୀ, ଦଲାଲ ଓ ଡଙ୍ଗା ଯୋଗାଣକାରୀ ସଂସ୍ଥା ମିଳିଭଗତରେ ହିତାଧିକାରୀଙ୍କ ପାଇଁ ମଞ୍ଜୁର ହୋଇଥିବା ଆର୍ଥିକ ରିଆତିର ସିଂହଭାଗ ଅର୍ଥ ହରିଲୁଟ୍ କରି ନେଉଥିବା ଜଣାପଡ଼ିଛି। ଚୋରଠାରୁ ବିଧାଏ ପାଇବା ଭଳି ଯେତିକି ମିଳିଲା ସେଥିରେ ସନ୍ତୁଷ୍ଟ ହୋଇ ରହୁଛନ୍ତି ଏହି ନିରିହ ମତ୍ସ୍ୟଜୀବୀ।

ଉଲ୍ଲେଖଯୋଗ୍ୟ, ଡଙ୍ଗା, ଜାଲ, ମେସିନ ଓ ଲାଇଫ୍ ଜ୍ୟାକେଟ୍ ଇତ୍ୟାଦି ବାବଦକୁ ୭ ଲକ୍ଷ ୪୦ ହଜାର ୧୫୩ ଟଙ୍କା ମଞ୍ଜୁର ହେବାରେ ଏଥିରେ ରିଆତି ରହିଛି ୪ ଲକ୍ଷ ୪୪ ହଜାର ୯୧ ଟଙ୍କା। ଡଙ୍ଗାର ମୂଲ୍ୟ ପ୍ରାୟ ୪ ଲକ୍ଷ ମଧ୍ୟରେ ଡଙ୍ଗା ପ୍ରସ୍ତୁତକାରୀ ସଂସ୍ଥା ସହିତ ବୁଝାମଣା କରି ତାହାକୁ ପ୍ରାୟ ୭ ଲକ୍ଷ କରି ରସିଦ୍ କଟାଯାଏ। ହିତାଧିକାରୀଙ୍କ ସବ୍‌ସିଡି ଅର୍ଥ ବ୍ୟାଙ୍କରେ ଜମା ହୁଏ। ହିତାଧିକାରୀ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଇବାକୁ ସମୟ ପାଏନାହିଁ। ଦଲାଲ ହିତାଧିକାରୀଙ୍କଠାରୁ ବ୍ୟାଙ୍କ ଉଠାଣ କାଗଜରେ ଦସ୍ତଖତ ନେଇ ଟଙ୍କା ଉଠାଇ ଆଣେ। ହିତାଧିକାରୀଙ୍କୁ ମଞ୍ଜୁର ସବ୍‌ସିଡିର ଅତି ବେଶୀରେ ୧/୩ ପରିମାଣ ଅର୍ଥ ଦେଇ ଅବଶିଷ୍ଟ ଅର୍ଥକୁ ସମସ୍ତେ ବାଣ୍ଟିକରି ନେଉଥିବା ଜଣାପଡ଼ିଛି। ହିତାଧିକାରୀଙ୍କୁ ପ୍ରାୟତଃ ଲାଇଫ୍ ଜ୍ୟାକେଟ ଦିଆଯାଉ ନ ଥିବା ଦେଖିବାକୁ ମିଳିଛି। ସୂଚନା ଅଧିକାର ଆଇନ ଆଧାରରେ ତଥ୍ୟ ମଗାଗଲେ ସନ୍ତୋଷଜନକ ଉତ୍ତର ଦିଆଯାଉନି। ସତେ ଯେପରି ଏହା ସେମାନଙ୍କ ଦୟା ଉପରେ ନିର୍ଭର କରୁଛି। ଯେତିକି ପାଇଲେ ସେଥିରେ ସନ୍ତୁଷ୍ଟ ହୋଇ ଏହି ନିରୀହ ସରଳ ମତ୍ସ୍ୟଜୀବୀମାନେ ଅଭିଯୋଗ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ସ୍ୱାଧୀନତାର ୭୮ ବର୍ଷ ପରେ ସରକାରୀ ଅର୍ଥ ଏପରି ବାଟମାରଣା ହେବା କିପରି ସମ୍ଭବ ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏପରି ଘୋଟାଲାରେ ସମ୍ପୃକ୍ତ ଅପରାଧୀମାନଙ୍କ ମିଳିଭଗତ କାର୍ଯ୍ୟକ୍ରମକୁ ଠାବ କରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଧିବଦ୍ଧ ତଦନ୍ତ କରିବାକୁ ସିବିଆଇକୁ ନିଯୁକ୍ତ କରିବା ଜରୁରୀ ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହେଉଛି।

ସିବିଆଇ ତଦନ୍ତ ଦାବି

# ବ୍ୟାପକ ଅଞ୍ଚଳ ଜଳମଗ୍ନ; ସିଂହଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ



ବ୍ରାହ୍ମଣୀରେ ତୃତୀୟ ବନ୍ୟା

ପଟ୍ଟାମୁଣ୍ଡାଇ,୨୬।୮ (ସମିସ)

ବାରମ୍ବାର ଲଘୁଚାପଜନିତ ଲଗାଣ ବର୍ଷା ଓ ରେଙ୍ଗାଲି ପାଣି ଛାଡ଼ିବା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଞ୍ଚାୟତରେ ଚଳିତବର୍ଷର ତୃତୀୟ ବନ୍ୟା ଜଳ ପ୍ରବେଶ କରିଛି। ପଟ୍ଟାମୁଣ୍ଡାଇ ବ୍ଲକର ଦୁର୍ଗମ ଅଞ୍ଚଳ ସିଂହଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ସିଂହଗାଁ ପଞ୍ଚାୟତର କୃଷ୍ଣଦାସପୁର, ରାଉଳିଆଡିଆ, ପାଣିସାଉଁଳିଆ ଆଦି ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଛି। ସେହିପରି ଅଳପୁଆ ପଞ୍ଚାୟତ ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ଶାସନ ସେଠୀସାହି, ଜେନାସାହି, ପାହାନ୍ତସିଂହ ସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଲିକସାହି, ଘାଗରାଡିଆ, ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡ଼ିଆ, ଜଗନ୍ନାଥପୁର, ଶାନ୍ତିପଡ଼ା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ଅଞ୍ଚଳର ଶହ ଶହ ଏକର ଚାଷଜମିରେ ବନ୍ୟା ପାଣି ମାଡ଼ିଯାଇଛି। ନିକଟ ଅତୀତରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ଓ ସମ୍ପ୍ରତି ବନ୍ୟା ବିପନ୍ନ ଅଞ୍ଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡିବା ପରେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି।

ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଚାଷ ଜମିରେ ବନ୍ୟା ଜଳ ମାଡ଼ିଯାଇଛି। ନିକଟରେ ଧୋୟାଞ୍ଚଳର ଚାଷୀ ଧାନତଳି ରୋଇ ଥିଲେ। ପୁଣି ବ୍ରାହ୍ମଣୀରେ ତୃତୀୟ ବନ୍ୟା ଆସିବା ଫଳରେ ଧାନ ତଳି ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, କଷଣଅଣ୍ଡା, ତଳବାଲିପଡ଼ା, ସିଦ୍ଧପାଟଣା, ବଳଦେବନଗର, ତନୁପୁର, ନନ୍ଦିନୀନଗର, କାକୁଡିପଲ୍ଲୀ, ନୂଆଗାଁ ଅଳଭା, ଷଣ୍ଡପଲ୍ଲୀ ଆଦି ଅଞ୍ଚଳର ଚାଷ ଜମିରେ ବନ୍ୟା ଜଳ ପ୍ରବେଶ କରିଛି। ପଟ୍ଟାମୁଣ୍ଡାଇ ବ୍ଲକର ୫୦ ହଜାର ଓ ପୌରାଞ୍ଚଳର ୨୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଅଧିକାଂଶ ଗ୍ରାମ୍ୟ ରାସ୍ତା ବୁଡିଯାଇଛି। ଗୃହପାଳିତ ପଶୁ ଗୋଖାଦ୍ୟ ଅଭାବରୁ ହନ୍ତସନ୍ତ ହେଉଛନ୍ତି। ବ୍ରାହ୍ମଣୀରେ ବାରମ୍ବାର ବନ୍ୟା ଆସିବା ଫଳରେ ବ୍ୟାପକ ଫସଲହାନୀ ଯୋଗୁଁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ରିପୋର୍ଟ ଲେଖା ହେବା ବେଳକୁ ଅଳଭାଠାରେ ବନ୍ୟା ଜଳ ପତ୍ତନ ୧୬ ଫୁଟ ରହିଛି।

## ପାଣି ଘେରରେ ରାଜନଗରର ୪ ପଞ୍ଚାୟତ



ରାଜନଗର,୨୬।୮ (ସମିସ): ବ୍ରାହ୍ମଣୀ ନଦୀରେ ପାଇଁ ତୃତୀୟଥର ବନ୍ୟା ଆସିବା ଯୋଗୁଁ ରାଜନଗର ବ୍ଲକ୍‌ର ୪ଟି ପଞ୍ଚାୟତ ପାଣି ଘେରରେ ରହିଛି। ରାଜନଗର ବ୍ଲକର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣି ଘେରରେ ରହିଛି। ଗତକାଲି ରାତିରୁ ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଓସ୍ତିଆ ନଗଡ଼ ରାସ୍ତା ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ଓସ୍ତିଆ ପଞ୍ଚାୟତର ନଗଡ ଗାଁ ରାସ୍ତା ଉପରେ ୨ ଫୁଟର ପାଣି ଚାଲୁଛି। ରାଜନଗର ବ୍ଲକ୍‌ର ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ, ଗୋବିନ୍ଦପୁର, ସନ୍ଥପଡ଼ା, ଟାଙ୍ଗଣଠେଲା, ଫିରିକିଦାଣ୍ଡି, ଓସ୍ତିଆ ପଞ୍ଚାୟତର ଓସ୍ତିଆ, ବନ୍ଧପାଟଣା, ନଗଡ଼, ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାୟତ ପାଣି ଘେରରେ ରହିଛି। ବିଶେଷକରି ବନ୍ୟାଞ୍ଚଳରେ ଥିବା ଚାଷଜମି ବନ୍ୟା ପାଣିରେ ବୁଡ଼ିଯାଇଛି। ପ୍ରଥମ ବନ୍ୟା ପରେ ବିପନ୍ନ ଅଣ୍ଟା ସଳଖି ଛିଡ଼ା ହୋଇ ନ ଥିବାବେଳେ ଜୁଲାଇ ଶେଷ ସପ୍ତାହରେ ଦ୍ୱିତୀୟ ବନ୍ୟା ଓ ଏବେ ପୁଣି ଚଳିତ ବର୍ଷ ତୃତୀୟ ଥର ପାଇଁ ବନ୍ୟା ଆସିବା ଯୋଗୁଁ ବିପନ୍ନଙ୍କ ଦୁର୍ଦ୍ଦଶା ବଢାଇଦେଇଛି। ସବୁଠୁ ବଡ କଥା ହେଲା ବନ୍ୟା ଅଞ୍ଚଳରେ କୁମ୍ଭୀର ଆତଙ୍କ ସୃଷ୍ଟି ହୋଇଛି।

● ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା

## ଧୋୟାଞ୍ଚଳ ଲୋକ ପାନୀୟଜଳ ପାଇଁ ହୀନସ୍ତା

ଗୋବିନ୍ଦପୁର, ୨୬।୮ (ସମିସ): ଖରସ୍ରୋତା ଓ କାଣୀ ନଦୀରେ ପୁଣି ବନ୍ୟା ଯୋଗୁଁ ଆଳି ଧୋୟାଞ୍ଚଳର ଗୋବିନ୍ଦପୁର, ଯୁଆଣିଆ, କେତୁଆପାଳ, ଦେସାହି, ପାଳିମି, ଏରଡଙ୍ଗ, ପେତପଡ଼ା, ସଂସିଧା, ଡିମିରିପାଳ, ଅର୍ଗଳ ଆଦି ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଏ ଅଞ୍ଚଳର ଲୋକେ ଜଳବନ୍ଦୀ ହୋଇଥିବାବେଳେ ପିଇବା ପାଣି ପାଇଁ ହୀନସ୍ତା ହେଉଛନ୍ତି। ମୁଖ୍ୟ ରାସ୍ତା ଗୋବିନ୍ଦପୁର-ମାନପୁର, ଗୋବିନ୍ଦପୁର-ପେତପଡ଼ା, କେତୁଆପାଳ-ପାଳିମି ରାସ୍ତା ବୁଡି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଗତ ଦୁଇଥର ବନ୍ୟାରେ ବୁଡ଼ିଯାଇଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ୧୦ଟି ପଞ୍ଚାୟତର ଧାନ ଫସଲ ନଷ୍ଟ ହୋଇଯାଇଛି। ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି ପେତପଡ଼ା ଗ୍ରାମବାସୀ। ଏହି ଗ୍ରାମଟି ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଯାଇଛି। ଲୋକେ ଘରୁ ବାହାରି ପାରୁନାହାନ୍ତି। ଗ୍ରାମର କେତେକ ମାଟିଘର ଓ ଗୁହାଳ ଭୁଶୁଡ଼ି ପଡ଼ିଲାଣି। ସ୍ୱଜଳ ଧାରା ପ୍ରକଳ୍ପ ପାଣିରେ ବୁଡ଼ି ରହିଥିବାରୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଅନ୍ୟପକ୍ଷରେ ଗ୍ରାମରେ ନଳକୂପ ସ୍ୱଳ୍ପ ସଂଖ୍ୟକ ଥିବାରୁ ପିଇବା ପାଣି ପାଇଁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଗୃହପାଳିତ ପଶୁ



ଏହି ଅଞ୍ଚଳ ଲୋକେ ୨୦ ଦିନ ଜଳବନ୍ଦୀ ଥିଲେ। ଏବେ ପୁଣି ଜଳବନ୍ଦୀ ହୋଇଛନ୍ତି। ଅଧିକାଂଶ ସ୍ଥାନରେ ପାନୀୟଜଳ ପଏଣ୍ଟ ଖାଦ୍ୟ ବିନା ହନ୍ତସନ୍ତ ହେଉଛନ୍ତି। ରିଲିଫ ଦିଆଯାଇ ନ ଥିବାରୁ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

■ ଜାଗୁଳାଇପଡ଼ାରେ କାଉ ମୃତ୍ୟୁ ଘଟଣା

## ପଶୁ ଚିକିତ୍ସା ଅଧିକାରୀଙ୍କ ରକ୍ତ ନମୁନା ସଂଗ୍ରହ



ଡେରାବିଶ, ୨୬।୮ (ସମିସ): ଡେରାବିଶ ବ୍ଲକ୍ ଅଞ୍ଚଳରେ ଗତ କିଛିଦିନ ଧରି ବିଭିନ୍ନ କୁକୁଡ଼ା ଫାର୍ମରେ ହଜାର ହଜାର ସଂଖ୍ୟାରେ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ବ୍ୟାପିବା ପରେ ଡେରାବିଶ ବ୍ଲକ୍ ଅଞ୍ଚଳରେ ବାଡର୍ ଫ୍ଲୁ କାୟା ବିସ୍ତାର କରିଥିବା ନେଇ ସନ୍ଦେହ ଘନୀଭୂତ ହୋଇଥିଲା। ଜିଲ୍ଲା ପ୍ରାଣିଧନ ଅଧିକାରୀ ଓ ଡେରାବିଶ ପଶୁ ଚିକିତ୍ସା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଡେରାବିଶର ବିଭିନ୍ନ ଫାର୍ମକୁ ଯାଇ ମୃତ କୁକୁଡ଼ାଙ୍କ ରକ୍ତନମୁନା ନେଇଥିଲେ। କୁକୁଡ଼ାଙ୍କ ରକ୍ତ ନମୁନା ଲାବ୍ରୋଟୋରୀକୁ ପରୀକ୍ଷା ନିମନ୍ତେ ପଠାଯାଇଛି। ଆସନ୍ତାକାଲି ଏହାର ରିପୋର୍ଟ ଆସିବ ବୋଲି ଶୁଣିବାକୁ ମିଳିଛି। ତେବେ ଆଜି ଡେରାବିଶ ବ୍ଲକ୍ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଜାଗୁଳାଇପଡ଼ା ଗାଁରେ ୧୦ରୁ ଉର୍ଦ୍ଧ୍ୱ କାଉ ମରିପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ କାଉ ମୃତ୍ୟୁର କାରଣ ଅସ୍ୱଷ୍ଟ ଥିବାବେଳେ ସ୍ଥାନୀୟ ଲୋକେ ବାଡର୍ ଫ୍ଲୁ କାରଣରୁ ଏହି କାଉ ମଡ଼କ ହୋଇଥିବା ସନ୍ଦେହ କରି ଡେରାବିଶ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦିଲ୍ଲୀପ ସେଠୀଙ୍କୁ ଖବର ଦେଇଥିଲେ। ଏହି ଖବର ପାଇବା ପରେ ଡାକ୍ତର ସେଠୀ ଘଟଣାସ୍ଥଳରେ ପହଞ୍ଚି ମୃତ କାଉର ରକ୍ତ ନମୁନା ସଂଗ୍ରହ କରିଥିବା ଜଣାଯାଇଛି। ଗତ ବର୍ଷକ ତଳେ ଡେରାବିଶ ବ୍ଲକ୍ ଅଞ୍ଚଳରେ ରହିଥିବା ବିଭିନ୍ନ ଫାର୍ମରେ ବାଡର୍ ଫ୍ଲୁ ଯୋଗୁଁ ଏଭଳି କୁକୁଡ଼ା ମଡ଼କ ଦେଖାଯାଇଥିବାବେଳେ ସେତେବେଳେ ସରକାରଙ୍କ ପକ୍ଷରୁ ଏକ ର୍‌ୟାପିଡ୍ ଆକ୍ସନ ଟିମ୍ ଗଠନ କରାଯାଇ ସଂକ୍ରମିତ ଅଞ୍ଚଳର ୩ କିଲୋମିଟର ଯାଏ ରହିଥିବା ବିଭିନ୍ନ କୁକୁଡ଼ା ଫାର୍ମରୁ କୁକୁଡ଼ା ମରାଯାଇଥିଲା। ତେବେ ସ୍ଥାନୀୟ ଅଞ୍ଚଳରେ ବାରମ୍ବାର ଏପରି କୁକୁଡ଼ା ମଡ଼କ ହେବା ଯୋଗୁ ବହୁ କୁକୁଡ଼ା ଚାଷୀ ଏବେ ସର୍ବସ୍ୱାନ୍ତ ହୋଇଯାଇଥିବା ପ୍ରକାଶ କରିଛନ୍ତି।

## ଯୁବତୀ ନିଖୋଜ ଅଭିଯୋଗ

ଡେରାବିଶ, ୨୬।୮ (ସମିସ): ଡେରାବିଶ ଥାନା ଖମୋଳ ପଞ୍ଚାୟତ ଅନ୍ତର୍ଗତ ବଡ଼ସଲାରୋ ଗ୍ରାମର ଜଣେ ଯୁବତୀ ୨୪ ତାରିଖ ରାତି ୮ଟାରୁ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ପିତା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଡେରାବିଶ ଥାନାରେ ୩୭/୨୦୨୫ରେ ନିଖୋଜ ମାମଲା ରୁଜୁ ହେବା ସହିତ ସ୍ୱତନ୍ତ୍ର ଭାବେ ସାଇବର ଟିମ୍ ସହାୟତା ନିଆଯାଇ ଯୁବତୀଙ୍କୁ ଖୋଜିବା କାର୍ଯ୍ୟ ଜାରି ରହିଛି।

## ବିଭିନ୍ନ ଟେକ୍ ହୋମ ରାସନ ଉତ୍ପାଦକ ୟୁନିଟ୍‌ରେ ଯାଞ୍ଚ





କେନ୍ଦ୍ରାପଡ଼ା,୨୬।୮ (ସମିସ): ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ତହସିଲଦାର, ସିଡିପିଓ ଓ ସୁପରଭାଇଜ ମିଳିତ ଭାବେ ଜିଲ୍ଲାର ୧୨ଟି ଟେକ ହୋମ ରାସନ ଉତ୍ପାଦକ ୟୁନିଟର ଯାଞ୍ଚ କରିଛନ୍ତି। ଉତ୍ପାଦକ ୟୁନିଟର ପ୍ରସ୍ତୁତି ପର୍ଯ୍ୟାୟ, ସାମଗ୍ରୀର ଗୁଣବତ୍ତା ଓ ପରିମାଣ ସମ୍ପୂର୍ଣ୍ଣ ଭାବେ ଯାଞ୍ଚ କରାଯାଇଛି। ଏଥିସହିତ ଉତ୍ପାଦକ ୟୁନିଟର ଦସ୍ତାବିଜ ମଧ୍ୟ ଯାଞ୍ଚ କରାଯାଇଥିଲା। ନିରୀକ୍ଷଣ ଟିମ୍ ଉତ୍ପାଦକ ୟୁନିଟ୍‌ର ଉଚ୍ଚ ମାନଦଣ୍ଡ ସହ ନିୟମାବଳୀ ପାଳନ ଉପରେ ସନ୍ତୁଷ୍ଟ ବ୍ୟକ୍ତ କରିଛନ୍ତି। ସମସ୍ତ ଉତ୍ପାଦକ ୟୁନିଟ ନିର୍ଦ୍ଦିଷ୍ଟ ମାନଦଣ୍ଡ ଅନୁସରଣ କରି ଗୁଣବତ୍ତା ରକ୍ଷା ଉପରେ ଗୁରୁତ୍ୱ ଦେଉଥିବା ନିରୀକ୍ଷଣ ଟିମ ସ୍ୱୀକୃତି ଦେବା ସହିତ ସକରାତ୍ମକ ପ୍ରତିକ୍ରିୟା ଦେଇଛନ୍ତି।

## ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର

ରାଜନଗର, ୨୬।୮ (ସମିସ): ରାଜନଗର ପ୍ରକଳ୍ପସ୍ତରୀୟ ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଆରମ୍ଭ ହୋଇଛି। ରାଜନଗର ବ୍ଲକର କେସି ମଣ୍ଡପ ଓ ବ୍ଲକ ମିଶନ ଶକ୍ତି



କାର୍ଯ୍ୟାଳୟରେ ଏହି ତାଲିମ ଶିବିର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଡିଓ ଅନିରୁଦ୍ଧ ବେହେରା ଶିବିରକୁ ଉଦ୍‌ଘାଟନ କରିଥିଲେ। ସିଡିପିଓ ଦୀପାଳି ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ତାଲିମ ଶିବିରରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁଶାନ୍ତ ବାରିକ, ସୁପରଭାଇଜର ଜ୍ୟୋତିସ୍ମିତା ଖଟୁଆ, ସମୀକ୍ଷା ଦାସ, ରଜନୀ ରାଉଳ, ମିନତୀ ମିଶ୍ର, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ପୋଷଣ କାର୍ଯ୍ୟକ୍ରମ ସହିତ କିପରି ପଢାଇ କାର୍ଯ୍ୟକ୍ରମ ଜାରି ରହିବ, ଏଥିରେ ଅଙ୍ଗନବାଡି କର୍ମୀଙ୍କ କି ଭୂମିକା ରହିବ, ସେ ବିଷୟରେ ବିସ୍ତୃତ ଭାବେ ତାଲିମ ଦିଆଯାଉଛି। ରାଜନଗର ବ୍ଲକ୍‌ର ୨୮୦ ଜଣ ଅଙ୍ଗନବାଡି କର୍ମୀ ତାଲିମ ନେଉଛନ୍ତି। ପୋଷଣ ସଂଯୋଜକ ଶଶଧର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ

ବାଲେଶ୍ୱର,୨୬।୮ (ସମିସ): ଜଣେ ଯୁବ ସମାଜସେବୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ ହୋଇଯାଇଥିବା ନେଇ ସାଇବର୍ ଥାନାରେ ଅଭିଯୋଗ ହୋଇଛି। ଏ ବାବଦରେ ଥାନାରେ ଏକ ଲିଖିତ ଅଭିଯୋଗ ଦେଇ ଘଟଣାର ତଦନ୍ତ ପାଇଁ ସେ ନିବେଦନ କରିଛନ୍ତି। ଅଭିଯୋଗ ଅନୁସାରେ, ସହର ସ୍ଥିତ ପୁରୁଣା ବାଲେଶ୍ୱରରେ ରହୁଥିବା ଯୁବ ସମାଜସେବୀ ହ୍ରିତିକ କୁମାର ନାୟକଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରାୟ ୮ ଲକ୍ଷରୁ ଅଧିକ ଟଙ୍କା ଚଳିତ ମାସ ୨୫ ତାରିଖ ସୁଦ୍ଧା ରହିଥିଲା। କିନ୍ତୁ ହଠାତ୍ ବ୍ୟାଙ୍କ ଆକାଉଣ୍ଟ ଦେଖିବା ବେଳକୁ ତାଙ୍କର ମାତ୍ର ୨ ହଜାର ଟଙ୍କା ରହିଛି। ଏତେ ଟଙ୍କା କୁଆଡେ ଗଲା ଏବାବଦରେ ବ୍ୟାଙ୍କ ପାଖରୁ ମଧ୍ୟ ହ୍ରିତିକଙ୍କୁ କୌଣସି ଉତ୍ତର ମିଳିନଥିବା ସେ କହିଛନ୍ତି।

## କ୍ୟାବିନ୍ ତାଲା ଭାଙ୍ଗି ଚୋରି

ପଞ୍ଚୁପାଣ୍ଡବ,୨୬।୮ (ସମିସ): ନିକିରାଇ ଥାନା ଅଧୀନରେ ଥିବା ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁର ଛକ ମଙ୍ଗଳା ଠାକୁରାଣୀ ମନ୍ଦିର ନିକଟରେ ଥିବା ଏକ ପାନ ଦୋକାନରୁ ଚୋରି ହୋଇଥିବା ନିକିରାଇ ଥାନାରେ ଅଭିଯୋଗ ହୋଇଛି। ଦୋକାନୀ ଅର୍ଜୁନ କୁମାର ସାମଲ ପ୍ରତିଦିନ ଭଳି ଗତକାଲି ରାତିରେ ତାଙ୍କ କ୍ୟାବିନ୍ କବାଟ ବନ୍ଦ କରି ତାଲା ପକାଇଯାଇଥିଲେ। ରାତିରେ ଦୁର୍ବୃତ୍ତ ତାଲା ଭାଙ୍ଗି ଦୋକାନରୁ ସିଗାରେଟ୍ ଓ ବିଭିନ୍ନ ସାମଗ୍ରୀ ସହିତ ଖୁଚୁରା ଟଙ୍କା ନେଇଯାଇଥିବା ଅର୍ଜୁନ ଅଭିଯୋଗ କରିଛନ୍ତି। ନିକିରାଇ ଥାନା ପୁଲିସ ହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ସେହିପରି ଚାରିଦିନ ପୂର୍ବେ ରାତିରେ ବଜାର ଗ୍ରାମରେ ଦୁଇଟି ମୋବାଇଲ ଚୋରି ହୋଇଥିବା ନିକିରାଇ ଥାନାରେ ଅଭିଯୋଗ ହୋଇଥିଲା। ସ୍ଥାନୀୟ ଗ୍ରାମର ସୀତାକାନ୍ତ ମଲ୍ଲିକଙ୍କ ଘର ସିଡି ଘରର କବାଟ କାଟି ଦୁଇଟି ମୋବାଇଲ କେହି ଦୁର୍ବୃତ୍ତ ଚୋରି କରିନେଇଥିଲା। ଏମିତିକି ବିଭିନ୍ନ ବିଦ୍ୟାଳୟରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲେ ସୁଦ୍ଧା ପୁଲିସ ଚୋର ଧରିବାରେ ସକ୍ଷମ ହୋଇ ନ ଥିବା ଅଭିଯୋଗ ହେଉଛି। ନିକିରାଇ ଥାନା ଅଧୀନରେ ବାରମ୍ବାର ଚୋରି ହୋଇଥିବାବେଳେ ରାତି ପାଟ୍ରୋଲିଂ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

ମହାକାଳପଡ଼ା,୨୬।୮ (ସମିସ): ମହାକାଳପଡ଼ା ବ୍ଲକ ବରକନ୍ଧା ପଞ୍ଚାୟତ ତେନ୍ତୁଳିକନ୍ଧା ଗ୍ରାମରେ



ବାର୍‌ହା ଆକ୍ରମଣରେ ଅବିନାଶ ରାଉତ (୩୮) ନାମକ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଗାଁ ପାଖ ନଦୀଯୋରକୁ ମାଛ ଧରିବାକୁ ଯାଇଥିବାବେଳେ ବାର୍‌ହା ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ବାର୍‌ହା ଆକ୍ରମଣରେ ଅବିନାଶଙ୍କ ଗୋଡ଼ଭଣ୍ଡା, ଜଙ୍ଘ, କାନ୍ଧର ମାଂସ ଛିଡ଼ି ଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗ୍ରାମବାସୀ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲ୍ଲା ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ରାତିରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

## ଏମ୍‌ଏନ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ,୨୬।୮ (ସମିସ): ପଟ୍ଟାମୁଣ୍ଡାଇ ଏମ୍‌ଏନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ୧୯୬୧ ବ୍ୟାଚ ପୁରାତନ ଛାତ୍ର, ଓଡ଼ିଶା ଅମଲା ସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ ଅର୍ଜୁନ ଚରଣ ମହାକୁଡଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ଶିକ୍ଷାବିତ ସଚିନନ୍ଦନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ପ୍ରଧାନଶିକ୍ଷକ ଅଶୋକ କୁମାର ରାଉତରାୟ, ଶିକ୍ଷାବିତ୍ ବିଜୟ କୁମାର ସାହୁ, ଆଡଭୋକେଟ ଗୋପୀନାଥ ତ୍ରିପାଠୀ, ବ୍ରଜକିଶୋର ପଣ୍ଡା, ଇଂ ତପନ ପାତ୍ର, ଆଡଭୋକେଟ ପ୍ରମୋଦ ସାହୁ, କବି ବ୍ରଜସୁନ୍ଦର ସାହୁ, ପ୍ରମୋଦ କୁମାର ସାହୁ, ସଞ୍ଜୟ କୁମାର ବର୍ମା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାକୁଡଙ୍କ ପଟ୍ଟାମୁଣ୍ଡାଇ ଅଞ୍ଚଳ ପାଇଁ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

● ଲଗାଣ ବର୍ଷାରେ ଭାଙ୍ଗିଲା ଚାଳଘର

## ପଲିଥିନ ଓ ସହାୟତା ଦେବାକୁ ଦାବି



ମହାକାଳପଡ଼ା,୨୬।୮ (ସମିସ): ମହାକାଳପଡ଼ା ବ୍ଲକ୍ ବାରଡ଼ାଙ୍ଗ ପଞ୍ଚାୟତ ବଡ଼ମଠ ଗ୍ରାମର ଅସହାୟ ବିଧବା ମହିଳା ସନ୍ଧ୍ୟାରାଣୀ ସେଠୀଙ୍କ ଚାଳଛପର ଘର ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସନ୍ଧ୍ୟାରାଣୀ ଓ ତାଙ୍କର ୨ ଝିଅ ସେହି ଘରେ ରହୁଛନ୍ତି। ସେହି ଘରେ ମୁଣ୍ଡ ଗୁଞ୍ଜିବା ପାଇଁ ଛପର ଉପରେ ଢାଙ୍କିବା ପାଇଁ ପ୍ରଶାସନ ପଲିଥିନ ଓ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମହାକାଳପଡ଼ା ୟୁଥ ଗ୍ରୁପ ସଦସ୍ୟ ବିଭୂତି ରାଉତ ଦାବି କରିଛନ୍ତି।

## ଶିକ୍ଷାବିତ୍ ରସାନନ୍ଦ ସାହୁଙ୍କ ପରଲୋକ

ତିର୍ତ୍ତୋଲ,୨୬।୮ (ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ଇବ୍ରିସିଂ ପଞ୍ଚାୟତ ସିଳନ୍ଦୀ-ଖନ୍ଦୋଳ ଗ୍ରାମର ମୁରବୀ ତଥା ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ରସାନନ୍ଦ ସାହୁଙ୍କ ଭୁବନେଶ୍ୱର ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ସମଗ୍ର ଛାତ୍ର ସମାଜ ଓ ଅଞ୍ଚଳବାସୀଙ୍କ ମଧ୍ୟରେ



ଶୋକର ଛାୟା ଖେଳିଯାଇଛି। ଅବସର ପରେ ସେ ଗ୍ରାମରେ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ପତ୍ନୀଙ୍କ ସ୍ମୃତିରେ ପ୍ରମିଳା ମେଧାବୃତ୍ତି କମିଟି ଗଠନ କରି ପ୍ରତିବର୍ଷ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଆସୁଥିଲେ। ମେଧା ବୃତ୍ତି କମିଟିର ସଦସ୍ୟ, ରଜ ମହୋତ୍ସବ କମିଟି ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ସମ୍ପାଦକ ସଂଗ୍ରାମ କେଶରୀ ସ୍ୱାଇଁ, ମୁଖ୍ୟ ଉପଦେଷ୍ଟା ଡ. ବସନ୍ତ ମଞ୍ଜରୀ ଦାସ, ପରିଚାଳନା ସମ୍ପାଦକ ବାବାଜୀ ମଲ୍ଲିକ, ସାଂସ୍କୃତିକ ମଞ୍ଚ ସମ୍ପାଦକ ଚନ୍ଦ୍ରକାନ୍ତ ବାରିକ, ସରୋଜ ବାରିକ, ସୁଧାକର ସାହୁ, ଅଶୋକ ଦାସ, ରଞ୍ଜନ ଦାସ, ସନାତନ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

ନାହିଁ ଡ୍ରେନ ବ୍ୟବସ୍ଥା, ଲାଗିରହିଛି ଜଳନିଷ୍କାସନ ସମସ୍ୟା

## ସାମାନ୍ୟ ବର୍ଷାରେ ୧୩ନଂ ଓ ୧୪ନଂ ୱାର୍ଡ ଉବୁଟୁବୁ

● ରାସ୍ତା ନିର୍ମାଣ ପ୍ରସ୍ତାବକୁ ଲୋକଙ୍କ ବିରୋଧ
● ରାସ୍ତା ବଦଳରେ ଡ୍ରେନ ନିର୍ମାଣ ଦାବି

ପଟ୍ଟାମୁଣ୍ଡାଇ,୨୬।୮ (ସମିସ)

ପଟ୍ଟାମୁଣ୍ଡାଇ ସହରର ଜଳନିଷ୍କାସନ ସମସ୍ୟା ବର୍ଷ ବର୍ଷ ଧରି ରହିଆସିଛି। ଜଳନିଷ୍କାସନ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଜଳନିଷ୍କାସନ ସମସ୍ୟା ସମାଧାନ କେବଳ କାଗଜକଲମରେ ଚାଲିଛି। ଅସରାଏ ବର୍ଷା ହେଲେ ପଟ୍ଟାମୁଣ୍ଡାଇ ଉବୁଟୁବୁ ହେବା ସହିତ ବିଭିନ୍ନ ୱାର୍ଡରେ ଲୋକଙ୍କ ଘରେ ପାଣି ପଶୁଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୩ନଂ ଓ ୧୪ନଂ ୱାର୍ଡରେ ସ୍ଥିତି ଗମ୍ଭୀର ରହିଛି। ଡ୍ରେନ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଏହି ଦୁଇ ୱାର୍ଡ ଉବୁଟୁବୁ ହେଉଛି। ବହୁ ଲୋକଙ୍କ ଘରେ ପାଣି ପଶି ଘରଦ୍ୱାର ନଷ୍ଟ ହେଉଛି। ଏଥିପ୍ରତି ସରକାର ଓ ପ୍ରଶାସନ କାହାରି ନିଘା ନାହିଁ।

ସମ୍ପ୍ରତି ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲଠାରୁ ପଟ୍ଟାମୁଣ୍ଡାଇ-କାଠିଆପଡ଼ା ରାସ୍ତା (୧୨୫୦) ମିଟର ପର୍ଯ୍ୟନ୍ତ ନିର୍ମାଣ କରିବା ପାଇଁ ସରକାରୀ ପ୍ରସ୍ତାବ ରହିଛି। ଏହି ରାସ୍ତା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୩ନଂ ୱାର୍ଡ (ପୋଖରୀଆପଡ଼ା) ଦେଇ ଯିବାକୁ ଥିବାବେଳେ ଡ୍ରେନ ନ ଥିବାରୁ ବର୍ଷାଦିନେ ହନ୍ତସନ୍ତ ହେଉଥିବା ୱାର୍ଡ ଲୋକ ରାସ୍ତା ନିର୍ମାଣକୁ ବିରୋଧ କରୁଛନ୍ତି। ଏହି ଢଳେଇ ରାସ୍ତା ଭଲ ଥିବାରୁ ରାସ୍ତା ବାବଦ ସରକାରୀ ଅନୁଦାନରେ ଅବିଳମ୍ବେ ଡ୍ରେନ ନିର୍ମାଣ କରିବାକୁ ୧୩ନଂ ୱାର୍ଡ ବାସିନ୍ଦା ଦାବି କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ମେଡିକାଲ ଛକଠାରୁ ଏମଏନ ହାଇସ୍କୁଲ ଦେଇ ୭୦୦ ମିଟର ରାଜନଗର ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏହି ରାସ୍ତା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୪ନଂ ୱାର୍ଡ ଦେଇ ଯିବାର ରହିଛି। ପୌରାଞ୍ଚଳର ୧୪ନଂ ୱାର୍ଡରେ ଡ୍ରେନ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ସମଗ୍ର ୱାର୍ଡଟି ଉବୁଟୁବୁ ହେବା ସହିତ ବହୁ ଲୋକଙ୍କ ଘରେ ପାଣି ପଶି ଘରଦ୍ୱାର ନଷ୍ଟ ହେଉଛି। ବାରମ୍ବାର ଦାବି ସତ୍ତ୍ୱେ ସରକାର ଓ ପ୍ରଶାସନ ଡ୍ରେନ ନିର୍ମାଣ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ୱାର୍ଡ ବାସିନ୍ଦା ହନ୍ତସନ୍ତ ହେଉଛନ୍ତି। ମାତ୍ର ସରକାର ଏହି ୱାର୍ଡ ଦେଇ ପଟ୍ଟାମୁଣ୍ଡାଇ ମେଡିକାଲ ଛକଠାରୁ ଏମଏନ ହାଇସ୍କୁଲ ଦେଇ ନୂତନ ରାଜନଗର ରାସ୍ତା (୭୦୦ ମିଟର) ନିର୍ମାଣ କରିବାକୁ ଯୋଜନା କରିଛନ୍ତି। ଯାହାକୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ପୋଖରୀଆପଡା ୧୪ନଂ ୱାର୍ଡ ବାସିନ୍ଦା ବିରୋଧ କରୁଛନ୍ତି। ଢଳେଇ ରାସ୍ତା ଭଲ ଥିବାରୁ ରାସ୍ତା ପାଇଁ ଥିବା ସରକାରୀ ଅନୁଦାନରେ ୧୪ନଂ ୱାର୍ଡ ବାସିନ୍ଦାଙ୍କ ସୁବିଧା ପାଇଁ ଅବିଳମ୍ବେ ଡ୍ରେନ ନିର୍ମାଣ କରିବାକୁ ୧୪ନଂ ୱାର୍ଡ ବାସିନ୍ଦା ଦାବି କରିଛନ୍ତି। ଏ ନେଇ ପୋଖରୀଆପଡା ଗ୍ରାମର ୧୩ନଂ ଓ ୧୪ନଂ ୱାର୍ଡର ଅବିନାଶ ଲେଙ୍କା, ନୀଳାମ୍ବର ପାଢ଼ୀ, ଧନେଶ୍ୱର ଦାସ, ଦିଗାମ୍ବର ପାଢ଼ୀ, ଗୋପାଳ ନାୟକ, ସଞ୍ଜୟ ଦାଶ, ରବୀନ୍ଦ୍ର ଦାଶ, ଆଶିଷ ଦାଶ, ରିତେଶ ଦାଶ, ସୁରେନ୍ଦ୍ର ଦାଶ, ଧୀରେନ୍ଦ୍ର ନାୟକ, ବଳରାମ ଜେନା, ତପନ ଦାଶ ଓ ପ୍ରମୋଦ ଦାଶ ପ୍ରମୁଖ ବହୁ ୱାର୍ଡ ବାସିନ୍ଦା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଇମେଲ ଯୋଗେ ସ୍ମାରକପତ୍ର ପ୍ରଦାନ କରି ଦାବି କରିଛନ୍ତି।

## ଖଣ୍ଡତରୀ ଗ୍ରାମ୍ୟ ରାସ୍ତା ପରିଦର୍ଶନ କଲେ ବ୍ଲକ୍ କଂଗ୍ରେସ ସଭାପତି



ରଘୁନାଥପୁର,୨୬।୮ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ତାରପୁର ପଞ୍ଚାୟତର ଖଣ୍ଡତରୀ ଗ୍ରାମରେ ୬୦ରୁ ଅଧିକ କୈବର୍ତ୍ତ ପରିବାର ବସବାସ କରନ୍ତି। ବର୍ଷାଦିନ ଆସିଲେ ଏହି ପରିବାରରେ ବସବାସ କରୁଥିବା ଲୋକଙ୍କ ଭୟ ସୃଷ୍ଟି ହୁଏ। ଗମନାଗମନ ପାଇଁ ଏକମାତ୍ର ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମିରହିବା ଯୋଗୁଁ ଗ୍ରାମର ଲୋକ, ଅଙ୍ଗନବାଡି ଓ ସ୍କୁଲ ଛାତ୍ରଛାତ୍ରୀ, ଗୋରୁଗାଈ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ଏ ନେଇ ଗ୍ରାମବାସୀ ବାରମ୍ବାର ସରକାରୀ କର୍ମଚାରୀଙ୍କ ଦ୍ୱାରା ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବାରମ୍ବାର ଖବରକାଗଜରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ସରକାର ଏହା ଉପରେ ଦୃଷ୍ଟି ଆକର୍ଷଣ କରୁନାହାନ୍ତି। ରଘୁନାଥପୁର ବ୍ଲକ କଂଗ୍ରେସ ନେତା ହିମାଂଶୁ ମଲ୍ଲିକ ଓ ଦେବପ୍ରସାଦ ନାୟକଙ୍କ ପରାମର୍ଶକ୍ରମେ ବ୍ଲକ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ଓ ତାରପୁର ପଞ୍ଚାୟତର କଂଗ୍ରେସ ନେତା ବିଜୟ କୁମାର ଦାଶ, ଅଜିତ କୁମାର ଓଝା, ପ୍ରଦୀପ କୁମାର ନାୟକ, ବିଷ୍ଣୁ ବିଶ୍ୱାଳ ଖଣ୍ଡତରୀ ଗ୍ରାମରେ ପହଞ୍ଚି ରାସ୍ତାରେ ଜମିଥିବା ପାଣିକୁ ବୁଲି ଦେଖିଥିଲେ ଓ ବ୍ଲକ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ଏହାର ସ୍ଥାୟୀ ସମାଧାନ ନ ହେଲେ ରଘୁନାଥପୁର ବ୍ଲକ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## କାର୍ଯ୍ୟରେ ଯୋଗଦେଲେ ରାଜସ୍ୱ କର୍ମଚାରୀ

ରଘୁନାଥପୁର,୨୬।୮ (ସମିସ): ରଘୁନାଥପୁର ବ୍ଲକ୍ ରାଜସ୍ୱ କର୍ମଚାରୀ ସମ୍ପ୍ରତି ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ଅମଲା ସଂଘର ନିଷ୍ପତ୍ତିକ୍ରମେ ଗତ ୧୫ ଦିନ ଧରି ଚାଲିଥିବା ରାଜସ୍ୱ କର୍ମଚାରୀଙ୍କ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଏହି କ୍ରମରେ ରଘୁନାଥପୁର



ତହସିଲ, ବ୍ଲକ ଓ ଆଇସିଡିଏସ କାର୍ଯ୍ୟାଳୟର ୧୨ ଜଣ ରାଜସ୍ୱ କର୍ମଚାରୀ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ତହସିଲ କାର୍ଯ୍ୟାଳୟର ୮ ଜଣ କର୍ମଚାରୀ ସାମୂହିକ ଭାବେ ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କୁ ଦରଖାସ୍ତ ପ୍ରଦାନ କରିଛନ୍ତି। ଏହାଛଡା ଗତ ୧୫ ଦିନ ଛୁଟିକୁ ଗ୍ରହଣ କରିନେବା ପାଇଁ କର୍ମଚାରୀ ଲିଖିତ ଦର୍ଶାଇଛନ୍ତି। ଗତ ୧୧ ତାରିଖରୁ ରାଜସ୍ୱ କର୍ମଚାରୀ ୧୦ ଦଫା ଦାବି ନେଇ ଛୁଟିରେ ରହି ଆନ୍ଦୋଳନକୁ ଓହ୍ଲାଇଥିଲେ। ସରକାର ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ମିଳିଥିବା କର୍ମଚାରୀ ପ୍ରକାଶ କରିଛନ୍ତି।

### କୁଜଙ୍ଗକୁ ଏନ୍‌ଏସି ମାନ୍ୟତା ଦାବି

# ନାଗରିକ ମଞ୍ଚ ପକ୍ଷରୁ ବିକ୍ଷୋଭ; ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର






କୁଜଙ୍ଗ,୨୬।୮ (ସମିସ):

କୁଜଙ୍ଗରେ ଆଜି ଜନତାଙ୍କ ରୋଷ ଦେଖିବାକୁ ମିଳିଛି। ରାଜନୀତି ଊର୍ଦ୍ଧ୍ୱରେ ଜନସାଧାରଣଙ୍କୁ ନେଇ ଗଠିତ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ କୁଜଙ୍ଗକୁ ଏନ୍‌ଏସି ଦାବି କରି ବିକ୍ଷୋଭ, ଶୋଭାଯାତ୍ରା ଓ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହରତାଳ କରାଯାଇଛି। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କୁଜଙ୍ଗ ତହସିଲଦାରଙ୍କ କାର୍ଯ୍ୟାଳୟରେ ତହସିଲଦାରଙ୍କ ଦାୟିତ୍ୱ ନିର୍ବାହ କରୁଥିବା ପାରାଦୀପ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କୁ ନାଗରିକ ମଞ୍ଚ ଆବାହକ ରଘୁ ସାହୁଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି। ସରକାର ଦାବିପତ୍ର ଗ୍ରହଣର ୧୦ ଦିନ ମଧ୍ୟରେ ଯଦି ଦାବି ପୂରଣ ନ କରନ୍ତି, ତେବେ ଆସନ୍ତା ନଭେମ୍ବର ମାସ ୯ ତାରିଖରେ କୁଜଙ୍ଗ ବନ୍ଦ ହେବା ସହିତ ଧାରଣା ଦିଆଯିବ। ଏହାପରେ ଆଇନ ଅମାନ୍ୟ ଆନ୍ଦୋଳନ ମଧ୍ୟ କରାଯିବ। ଲୋକମାନେ ଜେଲ୍ ଯିବାକୁ ପ୍ରସ୍ତୁତ ବୋଲି ରୋକଠୋକ ଶୁଣାଇଥିଲେ ଆନ୍ଦୋଳନକାରୀ। ଦାବିପତ୍ର ପ୍ରଦାନ ପୂର୍ବରୁ ଏକ ସଭା ଅନୁଷ୍ଠିତ ହୋଇଥିଲା।

କବି ପୀତାମ୍ବର ତରାଇ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ବାବୁରାମ ଚୌଧୁରୀ, ଶିକ୍ଷାବିତ ମାୟାଧର

**୯ରେ ଆଇନ ଅମାନ୍ୟ ଆନ୍ଦୋଳନ ଘୋଷଣା**

ଦାସ, ନାରୀନେତ୍ରୀ ଜିନ୍ମୟୀ ସାହାଣୀ, ପ୍ରିୟମ୍ବଦା ପାଣି, ରଂଜିତ ବିଶ୍ୱାଳ, କୈଳାସ ଚନ୍ଦ୍ର ଷଡଙ୍ଗୀ, ହୃଷିକେଶ ନାଥ, ମନୋଜ ପାତ୍ର, ସୁବାସ ମହାପାତ୍ର, ଶିକ୍ଷକ ନେତା ପ୍ରଫୁଲ୍ଲ ମହାପାତ୍ର, ମନିନ୍ଦ୍ର ଗୁରୁ ଓ ବିଜୟ ଖଟେଇ ପ୍ରମୁଖ ଯୋଗଦେଇ ଏନ୍‌ଏସି ଘୋଷଣାରେ ସରକାରଙ୍କ କୁଜଙ୍ଗ ପ୍ରତି ପକ୍ଷପାତିତା ସମ୍ପର୍କରେ ଗର୍ଜିଥିଲେ। କୁଜଙ୍ଗ ଆଥଲେଟିକ କ୍ଲବ୍ ସମ୍ପାଦକ ରଜନୀକାନ୍ତ ଗୁରୁ, ଆଜାଦ ହିନ୍ଦ କ୍ଲବ ସମ୍ପାଦକ ରମେଶ ଦାସ, ଓକିଲ ସଂଘ ସମ୍ପାଦକ ବ୍ରଜକିଶୋର ରାଉତ, କୁଜଙ୍ଗ ପ୍ରେସ କ୍ଲବ୍ ସମ୍ପାଦକ ଦୁଷ୍ମନ୍ତ ମାଝୀ, ବିଶ୍ୱର ମହାନ୍ତି ସଂସ୍କୃତି ପରିଷଦ ସମ୍ପାଦକ ଅରୁପ୍ରସାଦ ମହାନ୍ତି ଓ କୁଜଙ୍ଗର ୫୦ରୁ ଅଧିକ କ୍ଲବ୍‌ର କର୍ମକର୍ତ୍ତା ଧାରଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଦେଇଥିଲେ। ଆନ୍ଦୋଳନକାରୀ କହିଥିଲେ ଯେ, ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ସମୟରେ ଲୋକଙ୍କ ଦାବି ଯୋଗୁଁ ନିଯୁକ୍ତ ସରକାରୀ ତଦନ୍ତକାରୀ ଅଫିସରଙ୍କ ସୁପାରିଶ କ୍ରମେ କୁଜଙ୍ଗ ଭିତ୍ତିଭୂମି ଅନୁଧ୍ୟାନ କରି କୁଜଙ୍ଗକୁ ଏନ୍‌ଏସି ଘୋଷଣା କରାଯାଇଥିଲା। ତେବେ ସରକାର ବଦଳିବା ପରେ ବର୍ତ୍ତମାନର ମୋହନ ସରକାର ଗତ ୧୫ ତାରିଖରେ ୭ ଜିଲ୍ଲାରୁ ୧୨ ନୂଆ ଏନ୍‌ଏସି ଘୋଷଣା କରିଥିବାବେଳେ ତାଲିକାରୁ କୁଜଙ୍ଗକୁ ବାଦ୍ ଦିଆଯାଇଛି। ରାଜ୍ୟରେ କୁଜଙ୍ଗ ଏକ ସମୃଦ୍ଧ ବ୍ୟବସାୟିକ କେନ୍ଦ୍ର। କୁଜଙ୍ଗ ବିଚାର ବିଭାଗୀୟ ଜିଲ୍ଲା ମାନ୍ୟତା ପାଇଛି। ପାରାଦୀପ ଶିଳ୍ପ ସହର କୁଜଙ୍ଗକୁ ଛୁଇଁ ସାରିଛି। କୁଜଙ୍ଗରେ ଶତାଧିକ ସରକାରୀ କାର୍ଯ୍ୟାଳୟ ଓ ପ୍ରଶାସନ କ୍ଷେତ୍ରରେ ଜିଲ୍ଲାରେ ଆଗୁଆ ଥିବାବେଳେ କୁଜଙ୍ଗକୁ ଜାଣିଶୁଣି ଅବହେଳା କରାଯାଉଛି ବୋଲି କହିଥିଲେ। ଭୀଷଣ ବର୍ଷା ସତ୍ତ୍ୱେ ଲୋକେ ବର୍ଷାରେ ଭିଜି ଭିଜି ସଭାସ୍ଥଳକୁ ଆସିଥିଲେ। ରାମଦାସ ମହାନ୍ତି, ବିବେକାନନ୍ଦ ଦାସ, ସୌଭାଗ୍ୟ ବିଶ୍ୱାଳ, ବୁନୁ ବାରିକ, ସୁବା ନାଥ, ଅଭୟ ବାରିକ, ଗୀତା ଦାସ, ମାନସି ଦାସ ପ୍ରମୁଖ ଆନ୍ଦୋଳନ ପରିଚାଳନା କରିଥିଲେ।

**ସାଂସଦଙ୍କୁ ଦାବିପତ୍ର :** ଆନ୍ଦୋଳନ ସମୟରେ କୁଜଙ୍ଗରେ ଜଗତସିଂହପୁର ସାଂସଦ ଡକ୍ଟର ବିଭୁପ୍ରସାଦ ତରାଇ ପହଞ୍ଚିବାରୁ ଆନ୍ଦୋଳନକାରୀ ତାଙ୍କୁ ଘେରିଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଦାବିପତ୍ର ନକଲ ପ୍ରଦାନ କରିଥିଲେ। ଏ ନେଇ ସାଂସଦ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହିତ ଆଲୋଚନା କରି କୁଜଙ୍ଗକୁ ତୁରନ୍ତ ଏନ୍‌ଏସି ଘୋଷଣା କରିବାକୁ ଉଚିତ ପଦକ୍ଷେପ ନେବେ ବୋଲି ଶ୍ରୀ ତରାଇ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ସେପ୍ଟେମ୍ବର ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଜଗତସିଂହପୁର,୨୬।୮ (ସମିସ): ଜଗତସିଂହପୁର ଜିଲ୍ଲାସ୍ତରୀୟ ଓ ତାଲୁକସ୍ତରୀୟ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସେପ୍ଟେମ୍ବର ମାସ ୧୩ ତାରିଖରେ ସମସ୍ତ ଅଦାଲତ, ପୌରାଞ୍ଚଳରେ ଥିବା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ସମସ୍ତ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଫୌଜଦାରୀ (ସାଲିସଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ), ମୋଟରଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ ପ୍ରାକ୍ ମୋକଦ୍ଦମା (କଚେରୀରେ ଦାୟର ହୋଇ ନ ଥିବା), ଚେକ ବାଉନ୍ସ ମାମଲା, ବିଏସ୍‌ଏନ୍‌ଏଲ, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମୋକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ। ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଓ ଅମଳଯୋଗ୍ୟ। ଯଦି କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ମଦର ଟେରେସାଙ୍କ ଜୟନ୍ତୀ ପାଳିତ

ଜଗତସିଂହପୁର,୨୬।୮ (ସମିସ): ଆମ ସମାଜରେ ବସବାସ କରୁଥିବା ଦୁଃସ୍ଥ, ଅବହେଳିତଙ୍କ ସେବା କରିବାର ପ୍ରବୃତ୍ତି ଏକ ଦୈବୀ ଗୁଣ। ଏହି ପ୍ରବୃତ୍ତି ଯେଉଁ ପୁରୁଷ ଓ ନାରୀଙ୍କଠାରେ ଥାଏ ସେମାନେ ମର୍ତ୍ତ୍ୟର ଦେବତା ବା ଦେବୀ ରୂପରେ ଜନମାନସରେ ପୂଜିତ ହୁଅନ୍ତି। ମଦର ଟେରେସା ଏଭଳି ଜଣେ ତ୍ୟାଗ ଓ ସେବାର ପ୍ରତୀକ ଥିଲେ ବୋଲି ଆଜି ସ୍ଥାନୀୟ ପୁରୁଣାଗଡ଼ସ୍ଥ ପ୍ରଫୁଲ୍ଲ ପାଠାଗାରଠାରେ ଆୟୋଜିତ ମଦର ଟେରେସାଙ୍କ ୧୧୫ତମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପାଠାଗାରର ସଭାପତି ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ବିଜୟ କୁମାର ପତି ପ୍ରମୁଖ ଯୋଗଦେଇ ସନ୍ଥ ମଦର ଟେରେସା ଜଣେ ସେବିକା ଭାବେ ଜୀବନ ଆରମ୍ଭ କରି ମିଶନରୀ ଅଫ ଚାରିଟି ମାଧ୍ୟମରେ ନିଜ ଜୀବନକୁ ଲୋକଙ୍କ ସେବା ପାଇଁ ସମର୍ପିତ କରିଥିଲେ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସତ୍ୟବାଦୀ ଦାସ, ରବୀନ୍ଦ୍ର ନାଥ ଛୋଟରାୟ, ଅଜୟ କୁମାର ପତି ପ୍ରମୁଖ ଯୋଗଦେଇ ମାନବ ସମାଜ ପ୍ରତି ତାଙ୍କର ତ୍ୟାଗ ମନୋଭାବକୁ ସ୍ୱୀକୃତି ଜଣାଇ ତାଙ୍କୁ ନୋବେଲ ପୁରସ୍କାର, ଭାରତ ରତ୍ନ, ରାମୋନ ମାଗସେସ, ପୋପ ଜନ ଶାନ୍ତି ପୁରସ୍କାର, ଜନ ଏଫ୍ କେନେଡି ଆନ୍ତର୍ଜାତିକ ପୁରସ୍କାର ଓ ସର୍ବୋପରି ସନ୍ଥ ପୁରସ୍କାର ପାଇଛନ୍ତି ବୋଲି କହିଛନ୍ତି। ସଭା ପ୍ରାରମ୍ଭରେ ମଦର ଟେରେସାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଠିକାଦାରଙ୍କ ମନମୁଖୀ କାମକୁ ବିରୋଧ

## ପାନୀୟଜଳ ବିଭାଗକୁ ବ୍ଲକ୍ କଂଗ୍ରେସର ଦାବିପତ୍ର

ରଘୁନାଥପୁର,୨୬।୮ (ସମିସ): ଠିକାଦାର ନିଜ ଇଚ୍ଛା ମୁତାବକ ପାନୀୟଜଳ ପ୍ରକଳ୍ପ କାମ କରୁଥିବାରୁ ଏହାକୁ ରଘୁନାଥପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ରଘୁନାଥପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ୍ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରଘୁନାଥପୁର ପାନୀୟଜଳ ବିଭାଗ ଅଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକରେ ମାଟି ତଳେ ପାଣି ପାଇପ ବିଛାଇବା ଆଳରେ ଏକ



ବେସରକାରୀ ଠିକା ସଂସ୍ଥା ରଘୁନାଥପୁର ବ୍ଲକ୍‌ର ଅର୍ଦ୍ଧାଧିକ ରାସ୍ତା ଖୋଳିଦେଇଛି। ଲୋକେ ଠିକରେ ପାଣି ତ ପାଇ ପାରିଲେନି, ଭଲ ଥିବା ରାସ୍ତା ବି ଏହି ପରିପ୍ରେକ୍ଷୀରେ ନଷ୍ଟ କରିଦେଲେ। ଏହି ରାସ୍ତା ମରାମତି ନ ହେବା ଦ୍ୱାରା ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଯଦି ଏକମାସ ମଧ୍ୟରେ ରାସ୍ତା ମରାମତି କାମ ନ ସରେ, ତେବେ ବ୍ଲକ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ବ୍ଲକ କଂଗ୍ରେସ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଚେତାଇ ଦିଆଯାଇଛି। ଏ ଅବସରରେ ପୂର୍ବତନ ବ୍ଲକ୍ ସଭାପତି ପ୍ରଶାନ୍ତ ଦାସ, ମନୋରଞ୍ଜନ ଜେନା, ତପନ ନାୟକ, ପ୍ରଭାତ ରାଉତ, ଅଚ୍ୟୁତାନନ୍ଦ ତରାଇ, ଦୁର୍ଗାପ୍ରସାଦ ନାୟକ, ପ୍ରତ୍ୟୁଷ ସ୍ୱାଇଁ, କାଶୀନାଥ ପଣ୍ଡା, ବ୍ରଜ ମଲ୍ଲିକ, ପ୍ରଦୀପ୍ତ ଦାସ, ଅସୀମ ରାଉତ, ମାନସ ଗୋଛାୟତ, ତ୍ରିଲୋଚନ ରାଉତ, ପ୍ରତ୍ୟୁଷ ନାୟକ ପ୍ରମୁଖ ଯୋଗଦେଇଥିଲେ।

### ■ ଖୋଲୁନି ଚାଷୀ ପଞ୍ଜୀକରଣ ସାଇଟ୍

## ଧାନ କିଣା ପ୍ରକ୍ରିୟାରୁ ବଞ୍ଚିତ ହେବେ ସହସ୍ରାଧିକ ଚାଷୀ

ଜଗତସିଂହପୁର,୨୬।୮ (ସମିସ): ଆସନ୍ତା ଖରିଫ ଋତୁର ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ କାର୍ଯ୍ୟ ଜୁଲାଇ ୨୦ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରାଯାଇଥିଲା। ପୂର୍ବରୁ ଏହି ପଞ୍ଜୀକରଣ ପ୍ରକ୍ରିୟାରେ ବିଭିନ୍ନ କାରଣରୁ ଅନେକ ଚାଷୀଙ୍କ ନାମ ବାଦ ପଡୁଥିଲା। ତେବେ ଚଳିତବର୍ଷ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ କିଛିଟା ପରିବର୍ତ୍ତନ ଆଣି ଏହାକୁ ସରଳିକରଣ କରାଯାଇଛି ବୋଲି ଘୋଷଣା ହୋଇଥିଲା। ତେବେ ଏହି ସରଳିକରଣ ପ୍ରକ୍ରିୟାରେ ଅନେକ ତ୍ରୁଟି ରହିଥିବା ପୂର୍ବରୁ ଚାଷୀ ଅଭିଯୋଗ କରିଥିଲେ। ଏପରିକି ପଞ୍ଜୀକରଣ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଥିବା ଚାଷୀଙ୍କ ସହିତ ନବନିର୍ମାଣ କୃଷକ ସଂଗଠନ ମଧ୍ୟ ଅଭିଯୋଗ ଉଠାଇଥିଲା। ଯଦ୍ୱାରା ଚାଷୀ ପଞ୍ଜୀକରଣ କାର୍ଯ୍ୟ ବିଳମ୍ବିତ ହେଉଥିବାରୁ ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ଯୋଗ୍ୟ ଚାଷୀ ନିଜର ନାମ ପଞ୍ଜିକୃତ କରିବା ନେଇ ଆଶଙ୍କା ରହିଥିଲା। ଏହାକୁ ନଜରରେ ରଖି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ପାକ୍ସ, ଲାମ୍ପସ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ପାଣି ପଞ୍ଚାୟତ ଅନଲାଇନ୍‌ରେ ଫର୍ମ ଏଣ୍ଟ୍ରି କରିବାର ଶେଷ ତାରିଖ ଅଗଷ୍ଟ ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ତେବେ ଅଗଷ୍ଟ ୨୫ ରାତି ୧୨ଟା ପରଠାରୁ ସାଇଟ ଖୋଲୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ପଞ୍ଜୀକରଣରୁ ବାଦ ପଡିଥିବା ଚାଷୀ। ଚାଷୀଙ୍କଠାରୁ ଅଭିଯୋଗ ପାଇବା ପରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖି ଆଉ କିଛିଦିନ ପଞ୍ଜୀକରଣ ଅବଧି ବୃଦ୍ଧି କରିବା ପାଇଁ ଅନୁରୋଧ କରିଛନ୍ତି। ଫଳରେ ସମସ୍ତ ଯୋଗ୍ୟ ଚାଷୀ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରିପାରିବେ ବୋଲି ଶ୍ରୀ ଦାସ ଚିଠିରେ ଉଲ୍ଲେଖ କରିଛନ୍ତି। ଗତ ୨୦୨୪-୨୫ ଖରିଫ ବର୍ଷରେ ଧାନବିକ୍ରି ପାଇଁ ଜଗତସିଂହପୁର ଜିଲ୍ଲାରେ ମୋଟ ୪୭,୭୩୬ ଜଣ ଚାଷୀ ନାମ ପଞ୍ଜିକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୪୫,୬୪୨ ଚାଷୀଙ୍କଠାରୁ ୩୦ ଜଣ ମିଲର ମାଧ୍ୟମରେ ୧୭ ଲକ୍ଷ ୧୫ ହଜାର ୧୯୧ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ବାକି ୨ ହଜାର ୯୪ ଜଣ ଚାଷୀ ଧାନବିକ୍ରି କରିବାରୁ ବଞ୍ଚିତ ରହିଥିଲେ।

## ୨୫ ଗ୍ରାମ୍ ବ୍ରାଉନସୁଗର ଜବତ, ଜଣେ ଗିରଫ

ଜଗତସିଂହପୁର,୨୬।୮ (ସମିସ): ଜଗତସିଂହପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓ ଜିଲ୍ଲା ଅବକାରୀ ଅଧୀକ୍ଷକ ଅନୀତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ତିର୍ତ୍ତୋଲ ଥାନା ଅନ୍ତର୍ଗତ ମଣିଜଙ୍ଗା ବଜାର ଛକରେ ଚଢ଼ଉ କରାଯାଇ



୨୫ ଗ୍ରାମ୍ ବ୍ରାଉନସୁଗର ଜବତ କରାଯାଇଛି। ଏହି ନିଶା ବ୍ୟବସାୟ କରୁଥିବା ଗୋବିନ୍ଦପୁର ଗ୍ରାମର ମଳୟ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୨ ଲକ୍ଷ ୫୦ ହଜାର ହେବ ବୋଲି ବିଭାଗ ପକ୍ଷରୁ ସୁଚନା ଦିଆଯାଇଛି। ତିର୍ତ୍ତୋଲ ଅବକାରୀ ଥାନା ଅଧିକାରୀ ସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ଉରେ ଏଏସ୍‌ଆଇ ହିମାଂଶୁ ନାୟକ, କନଷ୍ଟେବଲ ଲକ୍ଷ୍ମୀନାରାୟଣ ମଲ୍ଲିକ ଓ କଲ୍ୟାଣୀ ସେଠୀ ପ୍ରମୁଖ ସାମିଲ ଥିଲେ।

## ନବନିଯୁକ୍ତ ଆର୍‌ଟିଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ



ପାରାଦୀପ,୨୬।୮ (ସମିସ): ଜଗତସିଂହପୁର ଜିଲ୍ଲାରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଆରଟିଓ ଦୀପକ ରଞ୍ଜନ ସେଠୀଙ୍କୁ ଆଜି ସୌଜନ୍ୟମୂଳକ ଭାବେ ସାକ୍ଷାତ କରିଛନ୍ତି ଦେବଦୂତ ସଡ଼କ ସୁରକ୍ଷା ବାହିନୀ ସଭାପତି ପଙ୍କଜ ତରାଇ। ଆରଟିଓ ଶ୍ରୀ ସେଠୀ ଯାଜପୁର ଜିଲ୍ଲାରୁ ବଦଳି ହୋଇ ଆଜି କାର୍ଯ୍ୟରେ ଯୋଗ ଦେବା ଅବସରରେ ତାଙ୍କୁ ଜିଲ୍ଲାରୁ ବହୁ ମାନଗଣ୍ୟ ବ୍ୟକ୍ତି ସାକ୍ଷାତ କରି ସ୍ୱାଗତ କରିବା ସହିତ ମଟର ଯାନ ଉପରେ ଜିଲ୍ଲାରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କଟକ-ପାରାଦୀପ ରାସ୍ତାରେ ଘଟୁଥିବା ଦୁର୍ଘଟଣାର ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ନୂଆ ଜୀବନ ଦେଉଥିବା ଦେବଦୂତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ ଆରଟିଓଙ୍କୁ ସାକ୍ଷାତ କରିବା ଅବସରରେ ସେ ବର୍ତ୍ତମାନ ସୁଦ୍ଧା ପାରାଦୀପ ଓ କୁଜଙ୍ଗ ଅଞ୍ଚଳରୁ ୪ ହଜାରରୁ ଊର୍ଦ୍ଧ୍ୱ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇ ସେମାନଙ୍କ ସେବା କରିବା ସହିତ ଦୁର୍ଘଟଣାରେ ରାସ୍ତା ଉପରେ ମୃତ୍ୟୁବରଣ କରିଥିବା ବହୁ ବ୍ୟକ୍ତିଙ୍କ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ରାସ୍ତାରେ ଗାଡ଼ି ଚକା ତଳେ ପଡି ଚିହ୍ନବର୍ଣ୍ଣ ନଥିବା ଲୋକଙ୍କୁ ମଧ୍ୟ ଉଠାଇବାରେ ଦେବଦୂତ ସଡକ ସୁରକ୍ଷା ବାହିନୀର ସଦସ୍ୟ ପଛାଇନାହାନ୍ତି। ସଂଗଠନର ସଦସ୍ୟ କେଉଁଠି ନାଁ କେଉଁଠି ଦୁର୍ଘଟଣାର ଖବର ପାଇଲେ ଧାଇଁଯା'ନ୍ତି ସହଯୋଗ କରିବା ପାଇଁ। ଏ ସମ୍ପର୍କରେ ସଭାପତି ଶ୍ରୀ ତରାଇ ନବନିଯୁକ୍ତି ଆରଟିଓଙ୍କୁ ଅବଗତ କରିବା ପରେ ଆରଟିଓ ଖୁସିବ୍ୟକ୍ତ କରିବା ସହ ଏଭଳି ଜନହିତକର କାର୍ଯ୍ୟ ପାଇଁ ଧନ୍ୟବାଦ ଦେଇଥିଲେ। ପ୍ରଶାସନ ପକ୍ଷରୁ ତାଙ୍କର ସହଯୋଗ ନିଶ୍ଚୟ ରହିବ ବୋଲି କହିଥିଲେ। ସେଠାରେ ଉପସ୍ଥିତ ପୂର୍ବତନ ଆରଟିଓ ନିର୍ମଳ କୁମାର ମହାନ୍ତି ମଧ୍ୟ ଶ୍ରୀ ତରାଇଙ୍କ ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରି ଏହି ସେବା ଆଗକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ତେବେ ନିଶା ସେବନ କରି ଗାଡ଼ି ଚଳାଇବା ଓ ବିନା ହେଲମେଟରେ ବାଇକ ଚଳାଇବା ଯୋଗୁଁ ପାରାଦୀପ ଅଞ୍ଚଳରେ ଏଭଳି ଦୁର୍ଘଟଣା ଘଟୁଥିବା ପଙ୍କଜ ତରାଇ ତାଙ୍କର ନିଜସ୍ୱ ମତ ଆରଟିଓଙ୍କୁ କହିବା ସହିତ ଏଥିରୁ ନିବୃତ୍ତ ରହିବାକୁ ସାଧାରଣ ଡ୍ରାଇଭର ଭାଇଙ୍କୁ ସେ ନିବେଦନ କରିଥିଲେ। ନିଶା ସେବନରୁ ନିବୃତ୍ତ ରହିଲେ ହୁଏତ ଏକ ମୂଲ୍ୟବାନ ଜୀବନ ସହିତ ପରିବାରର କେତେ ଲୋକଙ୍କ ଜୀବନ ବଞ୍ଚିଯାଇପାରିବ ବୋଲି ସେ ସମାଜକୁ ବାର୍ତ୍ତା ଦେଇଥିଲେ।

## ମରାମତି ହେଲା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା

ଜଗତସିଂହପୁର,୨୬।୮ (ସମିସ):



ଜଗତସିଂହପୁର ସହରର କେନ୍ଦ୍ରସ୍ଥଳ ସାନବଜାର ବସ୍‌ଷ୍ଟାଣ୍ଡ ନିକଟରେ ରହିଛି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ। ତେବେ ଏହି କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ମଝିରେ ବିରାଟ ଗର୍ତ୍ତ ହୋଇଥିବାରୁ ସାମାନ୍ୟ ଅସରାଏ ବର୍ଷାରେ ପାଣି ଜମି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଥିଲା। ପ୍ରତିଦିନ ବିଦ୍ୟୁତ୍ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଶତାଧିକ ଲୋକ ଏହି ରାସ୍ତାରେ ଅତ୍ୟନ୍ତ ଦୟନୀୟ ଭାବେ ଯାତାୟାତ କରୁଥିଲେ। ବାରମ୍ବାର ଏହି ରାସ୍ତାର ମରାମତି ପାଇଁ ଜଗତସିଂହପୁର ପୌର ପରିଷଦ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପାରିଷଦଙ୍କୁ ଅବଗତ କରାଯାଇଥିଲା। ତେବେ ଏହି ସମସ୍ୟାର ସମାଧାନ ନ ହେବାରୁ ଆସନ୍ତା ୩୦ ତାରିଖରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ସହିତ ରାସ୍ତାରେ ଶୋଇ ପ୍ରତିବାଦ କରାଯିବା ବୋଲି ଚେତାବନୀ ଦେଇଥିଲେ ଆଇନଜୀବୀ ବାସୁଦେବ। ଏହି ସମସ୍ୟା ସମ୍ପର୍କିତ ଖବର ଫଟୋ ସହିତ ଗତ ୨୪ ତାରିଖ 'ସକାଳ' ଖବରକାଗଜରେ ପ୍ରକାଶ ପାଇଥିଲା। ଆଜି ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ରାସ୍ତାର ମରାମତି କରାଯାଇଛି।

### ତାଟୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜମି ଉଚ୍ଛେଦ ଓ ଦଖଲକୁ ଅଞ୍ଚଳବାସୀଙ୍କ ବିରୋଧ

# ଜାତୀୟ ରାଜପଥ ଅବରୋଧ; ଡାକ୍ତରଖାନାରେ ତାଲା

କରଞ୍ଜିଆ, ୨୬।୮ (ସମିସ): ତାଟୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କିଛି ଜମିକୁ ପ୍ରକୃତ ସ୍ୱତ୍ୱାଧିକାରୀ ଦେବେନ୍ଦ୍ର ଦାସଙ୍କୁ ହସ୍ତାନ୍ତର ପାଇଁ କରଞ୍ଜିଆ ସିଭିଲ ଜଜ୍ ସିନିୟର ଡିଭିଜନଙ୍କ ରାୟ ଗତ ଜୁଲାଇ ୩୧ ତାରିଖରେ ପ୍ରକାଶ ପାଇଥିଲା; ମାତ୍ର ଦେବେନ୍ଦ୍ର ଦାସଙ୍କୁ ଜମି ହସ୍ତାନ୍ତର ପାଇଁ ସ୍ଥାନୀୟ ଲୋକେ ଦେଇନଥିଲେ। ଫଳରେ ସେ ପୁଣି ମଙ୍ଗଳବାର କୋର୍ଟରୁ ଆଦେଶ ନେଇ ଦ୍ୱିତୀୟ ଥର ପାଇଁ ମାଜିଷ୍ଟ୍ରେଟ ଓ ପୁଲିସ ସହାୟତାରେ ଜମିକୁ ଦଖଲକୁ ନେବାକୁ ଆସିଥିଲେ; କିନ୍ତୁ ସ୍ଥାନୀୟ ଜନସାଧାରଣ ସମେତ ବିଧାୟକ ପଦ୍ମଚରଣ ହାଇବୁରୁ, ପୂର୍ବତନ ବିଧାୟକ ବିଜୟ କୁମାର ନାଏକ, ରାଜ୍ୟ କଂଗ୍ରେସ ସମ୍ପାଦକ ଲକ୍ଷ୍ମୀଧର ସିଂ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଦାସଙ୍କୁ ଜମି ଦଖଲ ନେବାକୁ ବାରଣ କରିବା ସହିତ ବୁଝାସୁଝା କରିଥିଲେ। ତହସିଲଦାର ଦିବାକର ମାଝୀ, ତାଟୋ ଗୋଷ୍ଠୀ ଚିକିତ୍ସାଳୟ ଅଧିକାରୀ ସତ୍ୟପ୍ରକାଶ ଧଳ,



କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ଶରତ କୁମାର ମହାଳିକ ଓ ପାଞ୍ଚପୀଢ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ହଜାର ହଜାର ଜନସାଧାରଣ ଚିକିତ୍ସାଳୟ ଗେଟରେ ତାଲା ପକାଇବା ସହ ୨୨୦ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶ ମତେ ଦେବେନ୍ଦ୍ର ଦାସଙ୍କ ପୈତୃକ ଜମିର ସ୍ୱତ୍ୱାଧିକାରୀମାନେ ପ୍ରଥମେ ଚିକିତ୍ସାଳୟ ଦଖଲରେ ଥିବା ୯୦ ଡେସିମିଲ ଜମିକୁ ଲିଖିତ ହସ୍ତାନ୍ତର କରିବା ପରେ ସ୍ୱତ୍ୱଧିକାରୀଙ୍କ ଦ୍ୱାରା ଯେଉଁ ସରକାରୀ ଜମି ଜବର ଦଖଲ ହୋଇଛି ତାହାକୁ ସ୍ୱତନ୍ତ୍ର ନିୟମ ଅନୁଯାୟୀ ସ୍ୱତ୍ୱାଧିକାରୀଙ୍କ ନାମରେ ପଟ୍ଟା ମଞ୍ଜୁର କରାଯିବ ବୋଲି ଚିକିତ୍ସାଳୟଅଧିକାରୀ ଡଃ ଧଳ ସୂଚନା ଦେଇଥିଲେ। ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ସ୍ୱତ୍ୱାଧିକାରୀଙ୍କୁ ଉପଯୁକ୍ତ କ୍ଷତିପୂରଣ ରାଶି ମଧ୍ୟ ପ୍ରଦାନ କରାଯିବା ବ୍ୟବସ୍ଥା ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୯୬୨ ମସିହାରେ ସ୍ଥାପିତ ତାଟୋ ଗୋଷ୍ଠୀ ଚିକିତ୍ସାଳୟ ଉପରେ ବ୍ଲକର ୮ଟି ପଞ୍ଚାୟତବାସୀ ନିର୍ଭରଶୀଳ। ଦେବେନ୍ଦ୍ରଙ୍କ ପୂର୍ବ ପୁରୁଷଙ୍କ ଦାନରେ ଏଠାରେ ଗଢିଉଠିଥିବା ଚିକିତ୍ସାଳୟରେ ତାଙ୍କ ପରିବାରର ଜଣକୁ ଚାକିରି ମଧ୍ୟ ଦିଆଯାଇଥିଲା



ଏବଂ ଜମି ବଦଳରେ କିଛି ଜମି ମଧ୍ୟ ପ୍ରଦାନ କରାଯାଇଛି ବୋଲି ଶୁଣିବାକୁ ମିଳେ। ତେବେ ଏହି ପରିସ୍ଥିତି ଯଥାଶୀଘ୍ର ସମାଧାନ କରିବା ପାଇଁ ଜନସାଧାରଣ ରାଜ୍ୟ ସରକାର ଓ ପ୍ରଶାସନକୁ ନିବେଦନ କରିଛନ୍ତି।

## ଗୋଷ୍ଠୀ ସଂଘର୍ଷ ଘଟଣାରେ ଜଣେ ଗିରଫ

ବୈଶିଙ୍ଗା, ୨୬।୮ (ସମିସ): ବୈଶିଙ୍ଗା ଥାନା ଅଧୀନ ମୟୂରଭଞ୍ଜ-ବାଲେଶ୍ୱର ଜିଲ୍ଲା ସୀମାନ୍ତ କଳମା ଛକ ନିକଟରେ ଶନିବାର ରାତିରେ ଜମି ଦଲାଲି ଓ ବାଲି ଚାଲାଣକୁ ନେଇ ବାଲେଶ୍ୱର ଜିଲ୍ଲାର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଫଳରେ ପୁଲିସ ଏ ନେଇ ୬ ଜଣଙ୍କ ନାଁରେ ମାମଲା ରୁଜୁ କରିଥିବାବେଳେ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ବା ଜିଲ୍ଲା ସଦର ଥାନା ଅଧୀନ କୁଡ଼ିଆ ଗ୍ରାମର ବିଜୁ ଓରଫ ବିଜୟ କୁମାର ଜେନା। ସୋମବାର ପୂର୍ବାହ୍ନରେ ତାଙ୍କୁ ଗିରଫ କରାଯାଇଥିବା ବେଳେ ଖୁବ୍‌ଶୀଘ୍ର ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ବୈଶିଙ୍ଗା ପୁଲିସ କହିଛି। ସୂଚନାଯୋଗ୍ୟ ଯେ, ଶନିବାର ରାତିରେ ବାଲେଶ୍ୱର ଜିଲ୍ଲା ଶିମ୍ବାଞ୍ଚଳ ଥାନା ଅଧୀନ ଶାସନବାଡ଼ ଓ ସଦର ଥାନା ଅଧୀନ ନହରପାଟଣା ନିକଟ ଗୋବିନ୍ଦପୁର ଅଞ୍ଚଳର ଦୁଇ ଗୋଷ୍ଠୀ ମଧ୍ୟରେ କଳାମାଠାରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗୋବିନ୍ଦପୁର ଓ ବୈଶିଙ୍ଗା ଥାନା ଅଞ୍ଚଳର ୬ଜଣ ଯୁବକ ଶାସନବାଡ଼ ଅଞ୍ଚଳର ହେମନ୍ତ ପରିଡ଼ା(୩୮)ଙ୍କୁ ତେଲେଙ୍ଗା କଟୁରୀ ଓ ଥଣ୍ଡା ବୋତଲରେ ଆକ୍ରମଣ କରିଥିଲେ।

## କରମ ପର୍ବକୁ ସରକାରୀ ଛୁଟି ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



କରଞ୍ଜିଆ, ୨୬।୮ (ସମିସ): ଦେଶକରମ ଓଡ଼ିଶା ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସଚିବାଳୟଠାରେ ଉତ୍ତର ଓଡ଼ିଶାର କୁଡୁମୀ ତଥା ଅନ୍ୟ ଜନଜାତି ତଥା ପ୍ରକୃତି ପ୍ରେମୀମାନେ ପାଳନ କରୁଥିବା କରମ ପର୍ବ ପାଇଁ ସରକାରୀ ଛୁଟି ଘୋଷଣା କରିବାକୁ ରାଜ୍ୟସଭା ସାଂସଦ ମମତା ମହାନ୍ତଙ୍କ ଉପସ୍ଥିତିରେ ଏକ ସ୍ମାରାକପତ୍ର ପ୍ରଦାନ କରାଯାଇଛି। ତେବେ ମୁଖ୍ୟମନ୍ତ୍ରୀ ଗୁରୁତର ସହିତ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାର ଏକକିତା ନକଲ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। କୁଡୁମୀ ଓ ଅନ୍ୟ ଜନଜାତି ପାଳନ କରୁଥିବା ଏହି କରମ ପର୍ବ ଭାଦ୍ରବ ମାସ ଶୁକ୍ଳ ପକ୍ଷର ଏକାଦଶୀ ତିଥିରେ ପଡେ। ଚଳିତବର୍ଷ ସେପ୍ଟେମ୍ବର ୩ ତାରିଖରେ ପଡୁଥିବାରୁ ଉକ୍ତ ଦିନ ସମସ୍ତ କୁଆଁରୀ କନ୍ୟା ନିର୍ଜଳା ଉପବାସ କରି ଭାଇର ମଙ୍ଗଳ କାମନା କରି ବ୍ରତ କରିଥାନ୍ତି। ପ୍ରକାଶ ଥାଉକି, ଉକ୍ତ ଗଣପର୍ବ ପାଇଁ ଝାଡ଼ଖଣ୍ଡରେ ଦୁଇ ଦିନ ଏବଂ ପଶ୍ଚିମବଙ୍ଗରେ ଗୋଟିଏ ଦିନ ସରକାରୀ ଛୁଟି ଘୋଷଣା ହୋଇଥାଏ। ଓଡ଼ିଶାରେ ୩୦ ଲକ୍ଷ କୁଡୁମୀ ବସବାସ କରୁଥିବାରୁ ଏହି ଦିବସକୁ ଛୁଟି ଘୋଷଣା କରିବାକୁ ଦେଶକରମ୍ ପକ୍ଷରୁ ଦାବି କରାଯାଇଛି। ପ୍ରତିନିଧି ମଣ୍ଡଳୀରେ ଦେଶକରମ ପରବ ଆବାହକ ଡା, ପ୍ରତାପ ଚନ୍ଦ୍ର ମହାନ୍ତ, ସଂଯୋଜକ ପ୍ରାଧ୍ୟାପକ ଲକ୍ଷ୍ମୀଧର ମହାନ୍ତ, ସମ୍ପାଦକ ପ୍ରଭାତ ରଞ୍ଜନ ମହାନ୍ତ, ମହିଳା ସଂଗଠନ ସଭାନେତ୍ରୀ କଳ୍ପନା ମହାନ୍ତ, ସମ୍ପାଦିକା ଶୁଭଶ୍ରୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ଦୁଇ ଗୁରୁତର

କୁଆମରା, ୨୬।୮ (ସମିସ): ସୋମବାର ସନ୍ଧ୍ୟାରେ ଖୁଣ୍ଟା ଥାନା ଅନ୍ତର୍ଗତ ଅସ୍ତପୁରା ନିକଟରେ ଏକ ଅଜଣା ଗାଡି ଧକ୍କାରେ ଦୁଇ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ ବାଲିମୁଣ୍ଡରି ଗ୍ରାମର ଗୋବିନ୍ଦ ମାରାଣ୍ଡି (୨୮) ଓ ଚୁନା କିସ୍କୁ (୩୦)। ଉଭୟ ଏକ ବାଇକ୍‌ରେ ଆଜି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଏକ ପିକଅପ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଜଣକର ଗୋଡ ଭାଙ୍ଗିଥିବା ବେଳେ ଅନ୍ୟ ଜଣଙ୍କର ମୁଣ୍ଡରେ ଆଘାତ ଲାଗିଛି। ସେହିପରି ଅପରାହ୍ନରେ କୁସୁମ ଘାଟି ଅଞ୍ଚଳରେ କିଛି ଛେଳି ରାସ୍ତା ପାର୍ଶ୍ୱରେ ଚରୁଥିବା ବେଳେ ଏକ ପିକଅପ୍ ଧକ୍କା ଦେଇଥିଲା। ଫଳରେ ୨ଟି ଛେଳିର ମୃତ୍ୟୁ ଘଟିଛି।

## ରକ୍ତଦାନ କଲେ ମିଳିବ ୫୦ ହଜାର ଟଙ୍କାର ବୀମା ରାଶି

ବୈଶିଙ୍ଗା, ୨୬।୮ (ସମିସ): ବଡ଼ସାହି ନିର୍ବାଚନ ମଣ୍ଡଳୀର ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ବିଧାୟକ ସନାତନ ବିଜୁଳି ବଡ ଘୋଷଣା କରିଛନ୍ତି। ରକ୍ତଦାନ କଲେ ୫୦ହଜାର ଟଙ୍କାର ବୀମା ରାଶି ମିଳିବ ବୋଲି ଶ୍ରୀ ବିଜୁଳି କହିଛନ୍ତି। ବିଗତ ଦିନରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ଶିବିରରୁ ୨୬୫ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପୁଣି ଆସନ୍ତା ସେପ୍ଟେମ୍ବର ୨ତାରିଖରେ ବୈଶିଙ୍ଗା ଅଧୀନ ବେଲାଣପୁରା ବନ୍ୟା ଆଶ୍ରୟସ୍ଥଳରେ ଏକ ବିଶାଳ ରକ୍ତଦାନ ଶିବିରର ଆୟୋଜନ କରାଯିବ। ଏହି ପ୍ରରିପ୍ରେକ୍ଷୀରେ ବିଧାୟକ ଶ୍ରୀ ବିଜୁଳି ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ଏହି ଘୋଷଣା କରିଛନ୍ତି।

## ଦେଶୀ ରନ୍ଧା ମଦ ଓ ମହୁଲ ପୋଚ ଜବତ

ରାଇରଙ୍ଗପୁର, ୨୬।୮ (ସମିସ): ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତିର୍କୀ ଓ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବ୍ରଜମୋହନ ମଲ୍ଲିକ ଏବଂ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ବାଦାମପାହାଡ଼ ଥାନା ଅନ୍ତର୍ଗତ କଣ୍ଟାସୁଲା ଓ ଚାଉଁରାଡିହି ଗ୍ରାମ ଅଞ୍ଚଳରେ ଚଢ଼ଉ କରି ୪୬୦ ଲିଟର ଦେଶୀ ରନ୍ଧା ମଦ ଓ ୭୮୦୦ ଲିଟର ମହୁଲ ପୋଚ ଜବତ କରାଯିବା ସହିତ ଚାଉଁରାଡିହି ଗ୍ରାମର ଭାଗବତ ମୁର୍ମୁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୪ ଲକ୍ଷ ୮୦ହଜାର ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏନେଇ ରାଇରଙ୍ଗପୁର ଅବକାରୀ ଥାନା ପକ୍ଷରୁ ୩ ଗୋଟି ମାମଲା ରୁଜୁ କରାଯାଇଛି।

## ଅମିତାଭ ମିଶ୍ର ଯଶୋଦା ସାହିତ୍ୟ ସଂସଦ ସଭାପତି



ବାରିପଦା, ୨୬।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଯଶୋଦା ସାହିତ୍ୟ ସଂସଦର ସଭାପତି ଭାବେ ଯୁବକବି ଅମିତାଭ ମିଶ୍ର ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଶ୍ରୀ ମିଶ୍ରଙ୍କ ଲିଖିତ ବହୁ କବିତା ପୁସ୍ତକ ପାଠକୀୟ ସ୍ୱୀକୃତି ଲାଭ କରିଛି। ସେ ଜଣେ ଦୃଢ ସାରସ୍ୱତ ସଙ୍ଗଠକ ଭାବେ ଜଣାଶୁଣା। ତାଙ୍କ ନେତୃତ୍ୱରେ ସଂସଦର କାର୍ଯ୍ୟଧାରା ଆଗାମୀ ଦିନରେ ବହୁମାତ୍ରାରେ କ୍ରିୟାଶୀଳ ହେବ ବୋଲି ସମସ୍ତ ସଦସ୍ୟ ଆଶାପ୍ରକାଶ କରିବା ସହ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସ୍ୱର୍ଗତ ଯଶୋଦା ମିଶ୍ରଙ୍କ ସ୍ମୃତିରେ ଗଢିଉଠିଥିବା ଏହି ସାହିତ୍ୟ ସଂସଦ ଦ୍ୱାରା ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

## ଧାନଫସଲ ଦଳିଚକଟି ନଷ୍ଟ କଲେ ହାତୀପଲ

ରାଇରଙ୍ଗପୁର, ୨୬।୮ (ସମିସ): ବିଜାତଳା ବ୍ଲକ ଅନ୍ତର୍ଗତ ମାଣିକପୁର ପଞ୍ଚାୟତର ନୂଆଗାଁ ଗ୍ରାମରେ ସୋମବାର ରାତିରେ ହାତୀପଲ ୨ ଜଣ ଚାଷୀଙ୍କ ଧାନ କ୍ଷେତ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଦୁର୍ଗମ ବଣ ଜଙ୍ଗଲରେ ଆଶ୍ରୟ ନେଇଛନ୍ତି ହାତୀପଲ। ଦିନରେ ଜଙ୍ଗଲରେ ହାତୀ ରହୁଥିବାବେଳେ ରାତିରେ ଗାଁମୁହାଁ ହୋଇ ଧାନବିଲ ନଷ୍ଟ କରି ଦେଉଛନ୍ତି। ବର୍ଷା ଅଭାବ ଯୋଗୁଁ ଚାଷ ଭାଦ୍ରବ ମାସରେ ଚାଷ କାମ ପଛେଇ ଯାଇଛି। ଫଳରେ ଚାଷୀ ତରତର ହୋଇ ଧାନ ରୁଆ କରିବା ସହ ସାର ପକାଇ ସବୁଜ କରିବାକୁ ବସିଥିବାବେଳେ ହାତୀପଲ ରାତିଅଧରେ ଆସି ସବୁ ନଷ୍ଟ କରିଦେଉଛନ୍ତି। ଫଳରେ ଚାଷୀ ମୁଣ୍ଡରେ ହାତ ମାରି ବସିଛି। ସୂଚନାଯୋଗ୍ୟ ଯେ, ସୋମବାର ରାତିରେ ଏକ ଦନ୍ତା, ଏକ ମାକନା ହାତୀ ମାଣିକପୁର ପଞ୍ଚାୟତର ନୂଆଗାଁ ଗ୍ରାମର ୨ ଜଣ ଚାଷୀଙ୍କ ଚାଷକ୍ଷେତ ନଷ୍ଟ କରି ଦେଇଛନ୍ତି। ଚାଷୀ ହେଲେ ମଙ୍ଗଳ ମୁଣ୍ଡା ଏବଂ ପାର୍ବତୀ ମୁଣ୍ଡା। ଉଭୟଙ୍କ କ୍ଷେତ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। କ୍ଷତିଗ୍ରସ୍ତଙ୍କୁ ସହାୟତା ଦାବି କରିଛନ୍ତି ଗ୍ରାମବାସୀ।



## ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ ଓ ପ୍ରିଇଣ୍ଟର୍ଣ୍ଣସିପ୍ କର୍ମଶାଳା ଉଦ୍‌ଯାପିତ



ବାରିପଦା, ୨୬।୮ (ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସପ୍ତାହ ବ୍ୟାପୀ ଚାଲିଥିବା ସପ୍ତମ ସେମିଷ୍ଟାର ସମନ୍ୱିତ ବିଇଡି ଛାତ୍ରଛାତ୍ରୀଙ୍କ ପ୍ରି ଇଣ୍ଟର୍ଣ୍ଣସିପ୍ କର୍ମଶାଳା ଏବଂ ପ୍ରଧାନଶିକ୍ଷକଙ୍କ ସମ୍ମିଳନୀ ଉଦଯାପିତ ହୋଇଯାଇଛି। ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ଡକ୍ଟର ଆଲବର୍ଟିନା ତିର୍କୀ ମୁଖ୍ୟଅତିଥିଭାବେ ଯୋଗଦେଇ ଶିକ୍ଷକମାନେ ବିଷୟଗତ ଜ୍ଞାନ ସହିତ ନୈତିକ ଜ୍ଞାନ ପ୍ରଦାନ ଉପରେ ଗୁରୁତ୍ୱଆରୋପ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ କ୍ୟାପଟେନ ବିଦ୍ୟୁତପ୍ରଭା ଦାସ ସ୍ୱାଗତ ଭାଷଣ ଦେବା ସହିତ ପ୍ରଧାନଶିକ୍ଷକ ସମ୍ମିଳନୀର ଲକ୍ଷ୍ୟ ଓ ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବାରିପଦା ସହରର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ କିମ୍ବା ପ୍ରତିନିଧି ଭାବେ ଶାନ୍ତନୁ କୁମାର ଦାସ, କମଳାଂଶୁ ତ୍ରିପାଠୀ, ରଶ୍ମିଦେବୀ ସଜର, ଶଶାଙ୍କ ଶେଖର ଆଚାର୍ଯ୍ୟ, ଅଂଶୁମାନ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସୁନୀଲ କୁମାର ଖିଲାର, ମଧୁସ୍ମିତା ଦେ ଓ ମହମ୍ମଦ ଫରହାନ ଯୋଗଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଉମେଶ ଚନ୍ଦ୍ର ମାଝୀ, ସୁଶାନ୍ତ କୁମାର ରଣା, ଡାକ୍ତର ଦିଲ୍ଲୀପ କୁମାର ଦଳେଇ, ଭାଦବ ହେମ୍ବ୍ରମ, ସୁଶ୍ରୀ ସଙ୍ଗୀତା ପାତ୍ର, ସବିତାଶୋଭା ପ୍ରଧାନ, ବୈଜନ୍ତି ଧରା, ପ୍ରଦୀପ କୁମାର ମଲ୍ଲିକ, ମାନସରଞ୍ଜନ ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡ. ସଦାନନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଉପଖଣ୍ଡସ୍ତରୀୟ ଶିକ୍ଷା ସମୀକ୍ଷା

ରାଇରଙ୍ଗପୁର, ୨୬।୮ (ସମିସ): ରାଇରଙ୍ଗପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଉପଖଣ୍ଡସ୍ତରୀୟ ଶିକ୍ଷା ସମୀକ୍ଷା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ମୁର୍ମୁ, ତିରିଂ ବିଇଓ ରଷିପ୍ରଭା ମହାନ୍ତ, ବହଳଦା ବିଇଓ ଏବଂ ଜାମଦା ବିଇଓଙ୍କ ସମେତ ୪ଟି ବ୍ଲକର ସମସ୍ତ ଏବିଇଓ, ସିଆରସିସି, ପ୍ଲାନିଂ କୋଅର୍ଡିନେଟର, ଟେକ୍ନିକାଲ କନସଲଟାଣ୍ଟ ପ୍ରମୁଖ ଯୋଗ ଦେଇଥିଲେ। ଏଡିଇଓ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଆସ ସ୍କୁଲକୁ ଯିବା, ଡ୍ରପ ଆଉଟ୍ ଛାତ୍ରଛାତ୍ରୀଙ୍କ ନାମ ଲେଖାକୁ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ। କୌଣସି ପିଲା ଯେପରି ସ୍କୁଲ ନାମଲେଖା ଓ ସ୍କୁଲକୁ ଆସିବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଏକ ପେଡ ମା' କେ ନାମ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେବାକୁ କହିଥିଲେ।

### ୧୦୬ତମ ଉଦୟ ଉତ୍ସବେ ସୁମନାସ ବାର୍ତ୍ତା
### ପ୍ରସନ୍ନ ଦାଶ ଅମର ରହେ
### - ଅଟଳ ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ

ଭଞ୍ଜଭୂଇଁ ପରେ ପ୍ରସନ୍ନ ଦାଶର, ସ୍ମୃତି କେବେ ଫିଙ୍ଗି ହୁଏନା
ଜୀବନର ତାଙ୍କ ଯେତେ ପାନିପଥ, ଯେ ଜାଣେ ଭୁଲି ତ ପାରେନା ।୧।
ସାଇକେଲ୍ ଆଗେ ତୁଙ୍ଗାଟିଏ ବାନ୍ଧି, ପଛରେ କମ୍ବଳ ଥାଇ
ଭୋଟ ଦେବ କେଉଁଠି ଚାଳଘର ଯେଠି, ଗାଁ ହାଟେ ଥିଲ ଆମକୁ କୁହାଇ ।୨।
ଭିତରଟା ତୁମ ନମ୍ର ଉମ୍ର କମ୍ର, ବାହାରଟା ତୁମ ପୁରା ନିଆଁ ଝୁଲ
ଚୋର ଖଣ୍ଡ ଯେତେ ଭିଡି ପାରନ୍ତିନି, ସାହାସ ନଥାଇ ସତେ ଝଡାଫୁଲ ।୩।
ଯିଏ ଯେତେ ବଡ ହେଉନା କାହିଁକି, ଆପଣ ନ କହି ତୁମେ କହୁଥିଲ
ପତଙ୍ଗ ପରାଏ ଜାଲେ ପଡୁଥିଲେ, କଥା ଓ କାମରେ ଯେତେ ସମତୁଲ ।୪।
ନାଲି ଲଙ୍କା ପରି ରାଗ ସିନା ତୁମ, ଭଲ କାମେ ଥିଲ ଅଭୟ ସାରଥୀ
ଦୁର୍ନୀତି ପାଖରେ ମୁଣ୍ଡ ନୁଆଁଇନ, ପାଦ ଧରି ପଦ ନଥିଲା ନୀତି ।୫।
ସ୍ୱାର୍ଥ ସହ ତୁମ ସାଲିସ୍ ନଥିଲା, ତାଳ ମେଳ ଥିଲା କଥା ଓ କାମରେ
କର୍ମୀର ସାଧନା ସଂଗ୍ରାମର ଭାଷା, ଶିଖାଇ ଗଲ ରାଜନୀତିରେ ।୬।
ନୀତି ନୈତିକତାର କଂସେଇ ନଥିଲ, ମାଟି ମା ଋଣ ସୁଝି ଦେଖାଇଛ
ବିଶ୍ୱାସ ଦେଇ ନିଶ୍ୱାସେ ପରକୁ, ଆପଣା ପଣରେ କୋଳାଇ ପାରିଛ ।୭।
ଅଶ୍ରୁ ସାଗରେ କବିତା ବିତାନ, ସହଧର୍ମିଣୀକୁ ଅର୍ପଣ କରିଛ
ବିଜୁ ଜାନକୀକୁ ସମତୁଲତାରେ, ଜବାବୀ ଠାଣିରେ ମନତୋଷି ଅଛ ।୮।
ପବନ ଗତିରେ ଜୋଛନା ହସରେ, ଚାଲିଗଲ ତୁମେ ଦୂରକୁ ଦୂର
ତୁମ ପରି ନେତା ଜନମିବେନି, କାଳ କାଳକୁ ଏ ଭଞ୍ଜ ଭୂଇଁର ।୯।
ହାତ ମୁଠା କରି ଆଜିତ ସମସ୍ତେ, ପଦ ପଦବୀରେ ଭେଳିକି ଦେଖାଇ
ଭୁଲି ଯାଉଛନ୍ତି ଜୀବ ଶିବ ହେଲେ, ଚାରି ହାତ ଜାଗା ଲୋଡା ନିଜ ପାଇଁ ।୧୦।
ଅସ୍ତିତ୍ୱ ଅସ୍ମି ତା ତୁମଠାରେ ଥିଲା, ଚଉଦ ବରଷୁ ତୁମଠୁ ଶିଖିଛି
ତୁମ ପରି ସତ କହୁଛି କରୁଛି, ତୁମ ଆଦରଶ ମୋ ପାଖେ ସାଇତି ।୧୧।
ତୁମ ପରି ବୁଝେ ମୋ ଜାତି ଜାତକେ, ଲେଖି ବିଧାତା ଜୟ ପରାଜୟ
କାହାରି କଳୁଷ କାଳିମା କେବେବି, ଛୁଇଁ ପାରନି ତ ଏ ମୋର ଦେହ ।୧୨।
ଅନ୍ଧ ଆସକ୍ତିରେ ସୀମିତ ନୁହେଁ ମୁଁ, ଅବା ଅବସରପ୍ରାପ୍ତ ଅବା ବରିଷ୍ଠ
କି ଥିନୁ କି ହିନୁ କି ହିମୁ ବୁଝାଇ, ତୁମେ ରାଜଗୁରୁ ମୋ ପାଇଁ ଶ୍ରେଷ୍ଠ ।୧୩।
କୌରବ ପାଣ୍ଡବ ଅନ୍ତର ଶିଖାଇ, ତୁମେ ହକିଗଲ ଇନ୍ଦ୍ରଧନୁ ପ୍ରାୟେ
ଉଦୟ ଉତ୍ସବେ ସୁମନାସ ବାର୍ତ୍ତା, ପ୍ରସନ୍ନ ଦାଶ ଅମର ରହେ ।୧୪।

ଦେଉଳସାହି, ବାରିପଦା, କ୍ରିଂ କ୍ରିଂ- ୯୪୩୯୪୮୦୦୦୦

### ବୁଢାବଳଙ୍ଗ ଆଁରେ ଚଣାବାଡିଆ ଓ ଅଖରଶିଳା

# ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

### ସମସ୍ୟା ସମାଧାନ ନ ହେଲେ ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ

ବାରିପଦା, ୨୬।୮ (ସମିସ): ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧୀନ ଶାମାଖୁଣ୍ଟା ବ୍ଲକ କଳାପଥର ପଞ୍ଚାୟତ ଦେଇ ପ୍ରବାହିତ ହେଉଥିବା ବୁଢ଼ାବଳଙ୍ଗ ନଦୀ ଏବେ ଚଣାବାଡିଆ ଓ ଅଖରଶିଳା ଗ୍ରାମ ପାଇଁ ବିପଦ ଦେଖାଦେଇଛି। ଗାଁକୁ ନଦୀ ମୁହଁରୁ ବଞ୍ଚାଇବା ପାଇଁ ମଙ୍ଗଳବାର ଉଭୟ ଗ୍ରାମବାସୀ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଫେରାଦ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଚଣାବାଡିଆ ଓ ଅଖରଶିଳା ଗାଁରେ ପ୍ରାୟ ୩ଶହରୁ ଅଧିକ ପରିବାର ବସବାସ କରୁଛନ୍ତି। ହେଲେ ବୁଢ଼ାବଳଙ୍ଗ ଗ୍ରାମବାସୀଙ୍କ ଦୁଃଖର କାରଣ ସାଜିଛି। ହେଲେ ସୁରକ୍ଷା ଦେବାରେ ଜଳସମ୍ପଦ ବିଭାଗ ଉଦାସୀନ ପାଲଟିଛି। ଗତ ୨୦୧୩ ମସିହାରେ ପ୍ରଳୟଙ୍କରୀ ବନ୍ୟାରେ ନଦୀର ଗତିପଥ ବଦଳି ଅଖରଶିଳା ଓ ଚଣାବାଡିଆ ଗ୍ରାମମୁହାଁ ହୋଇଥିଲା। ସେତେବେଳେ ଗ୍ରାମ ବୁଢାବଳଙ୍ଗ ନଦୀଠାରୁ ୨୦୦ ଶହ ମିଟର ଦୂରରେ



ଥିଲା। ପ୍ରତିବର୍ଷ କୂଳ ଖାଇଖାଇ ଏବେ ଦୂରତା ଆଉ ପ୍ରାୟ ୧୦୦ ମିଟର ଅଛି। ୧୫ ଏକରରୁ ଊର୍ଦ୍ଧ୍ୱ ଏକର ଚାଷଜମି ନଦୀଗର୍ଭରେ ଲୀନ ହୋଇସାରିଲାଣି। ଗ୍ରାମରୁ ନଦୀକୁ ଯିବା ରାସ୍ତା ଅତଡ଼ା ଧସିବା ସହିତ ନଦୀପାର୍ଶ୍ୱରେ ଥିବା ବଡ଼ବଡ଼ ଗଛ ମଧ୍ୟ ନଦୀମଧ୍ୟକୁ ଧସିଗଲାଣି। ଆଗାମୀ ଦିନରେ ଗ୍ରାମ ଦେଇ ଯାଇଥିବା ଟ୍ରାନ୍ସଫର୍ମର ଓ ବିଦ୍ୟୁତ ଖୁଣ୍ଟ ଆଦି ମଧ୍ୟ ଧୋଇହୋଇଯିବା ସମ୍ଭାବନା ରହିଛି। ଏବାବଦରେ ୨୦୨୩ ଜାନୁଆରୀ ୨ ତାରିଖରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଘଟଣାର ତଦନ୍ତ କରି ତୁରନ୍ତ କାମ ଆରମ୍ଭ କରିବା ପାଇଁ ଜିଲ୍ଲା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କିଛି ଦିନ ପରେ ଗ୍ରାମକୁ ଏକ ସରକାରୀ ଦଳ ଯାଇ ତଦନ୍ତ କରି ଫେରିଆସିବା ପରେ ଆଜିଯାଏ ଚୁପ ବସିରହିଛନ୍ତି। ଗ୍ରାମବାସୀ ଦୀର୍ଘବର୍ଷ ଅପେକ୍ଷା କରିବା ପରେ ଏବାବଦରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ କରିବା ପରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ମୟୂରଭଞ୍ଜ ସାଂସଦ, ବାଙ୍ଗିରିପୋଷି ବିଧାୟିକାଙ୍କୁ ମଧ୍ୟ ଏହାର ଏକ ନକଲ ମଧ୍ୟ ପ୍ରଦାନ କରିଛନ୍ତି ଗ୍ରାମବାସୀ। ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ପରେ ସେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ପରେ ଆଜି ସନ୍ଧ୍ୟାସୁଦ୍ଧା ଏକ ପ୍ରତିନିଧି ଦଳ ଉକ୍ତ ଗ୍ରାମକୁ ଯାଇ କାମ ଆରମ୍ଭ ପାଇଁ ପ୍ରକ୍ରିୟା ଆରମ୍ଭ କରିବାର ପ୍ରତିଶ୍ରୁତି ଦେଇଥିଲେ। ତେବେ ଇତିମଧ୍ୟରେ ୧୫ଦିନ ବିତିଯାଇଥିଲେ ହେଁ ସମସ୍ୟା ସମାଧାନ ହୋଇପାରିନାହିଁ। ତେଣୁ ଆଗାମୀ ଦିନରେ ପଦକ୍ଷେପ ଗ୍ରହଣ କରାନଯାଏ ତେବେ 'ଜାଗ ମୟୂରଭଞ୍ଜ ଜାଗ'ର ଅଧ୍ୟକ୍ଷ ଅରୁଣ କୁମାର ବେହେରାଙ୍କ ନେତୃତ୍ୱରେ ସମସ୍ତ ଗ୍ରାମବାସୀ ଜିଲ୍ଲାପାଳ ଓ ଜିଲ୍ଲା ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ତରଫରୁ ଗ୍ରାମର ଗୁରା ନାଏକ, ପ୍ରତ୍ୟୁଷ ଧଳ, ରବୀନ୍ଦ୍ର ନାୟକ, ମନୋରଞ୍ଜନ ନାଏକ, ଶକୁନ୍ତଳା ନାଏକ, ଶମ୍ଭୁନାଥ ନାଏକ, ବ୍ରହ୍ମାନନ୍ଦ ନାଏକ, ନିରଞ୍ଜନ ନାଏକ, ରାଜେନ୍ଦ୍ର ନାଏକ ଓ କାଳିଆ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ THE SAKALA



# ଭିଏସ୍‌ଏସ୍ ଷ୍ଟାଡିୟମର କବାଡ଼ି ପଡିଆ ଅଳିଆଗଦା

## ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ଭିତ୍ତିଭୂମି ନାହିଁ






ସମ୍ବଲପୁର,୨୬।୮(ସମିସ):

ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ସହରରେ କବାଡି ଖେଳର ବିଶେଷ ପ୍ରସିଦ୍ଧି ଥିଲା। ଏହି ମାଟିରୁ ଜନ୍ମ ହୋଇ ଅନେକ କବାଡ଼ି ଖେଳାଳି ରାଜ୍ୟସ୍ତରରେ ପ୍ରସିଦ୍ଧି କରିବା ସହ ରାଷ୍ଟ୍ରୀୟ ସ୍ତରରେ ମଧ୍ୟ ଖେଳିବାର ସୁଯୋଗ ପାଇଛନ୍ତି। ହେଲେ ଖେଳାଳିଙ୍କ ପାଇଁ ସରକାର ଆଜି ଯାଏ ବିଶେଷ ସୁବିଧା ଯୋଗାଇ ପାରିଲେ ନାହିଁ। କ୍ରୀଡା ସଂଗଠକ ସୂର୍ଯ୍ୟ ପାଣିଗ୍ରାହୀ କହିଛନ୍ତି, କେନ୍ଦ୍ର ସରକାର "ଖେଲୋ ଇଣ୍ଡିଆ' ମାଧ୍ୟମରେ କ୍ରୀଡାର ବିକାଶ ପାଇଁ କାର୍ଯ୍ୟ କରୁଥିବା ବେଳେ ଆଜିଯାଏ ସମ୍ବଲପୁରରେ ଖେଳର ବିକାଶ ପାଇଁ ଭିତ୍ତିଭୂମି ସୃଷ୍ଟି ହୋଇପାରିନଥିବା ଦୁର୍ଭାଗ୍ୟର ବିଷୟ। ଏହି ମାଟି କବାଡି ଖେଳ ପାଇଁ ଅନେକ ସୁନାମ ଆଣିଛି। କବାଡି ଖେଳରେ ସମ୍ବଲପୁର ସହରରେ ଦ୍ରୋଣାଚାର୍ଯ୍ୟ କୁହାଯାଉଥିବା ସୁରେଶ ସେଠଙ୍କ ବିୟୋଗ ପରେ ଆୟୋଜିତ ଶୋକସଭାରେ ପ୍ରସ୍ତାବ କ୍ରମେ ଭିଏସଏସ ଷ୍ଟାଡିୟମରେ ଓ ମନ୍ଦାଳିଆ ପଡିଆରେ ଦୁଇଟି କବାଡି ପଡିଆ ନିର୍ମାଣ ପାଇଁ ତତ୍କାଳୀନ ଜିଲ୍ଲାପାଳ ବଳୱନ୍ତ ସିଂଙ୍କର ପ୍ରୟାସ କ୍ରମେ କିଛିଟା ଅଗ୍ରଗତି ହୋଇଥିଲା। ଭିଏସଏସ ଷ୍ଟାଡିୟମରେ ତତ୍କାଳୀନ ଲୋକସଭା ସାଂସଦ ନଗେନ୍ଦ୍ର ପ୍ରଧାନଙ୍କ ସାଂସଦ ପାଣ୍ଠିରୁ ୯ ଲକ୍ଷ ୮୭ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ କବାଡି ପଡିଆ ନିର୍ମିତ ହୋଇଥିଲା। ହେଲେ ଏତେ ଅର୍ଥ ବ୍ୟୟରେ ନିର୍ମିତ ପଡ଼ିଆଟି ଏବେ ଅଳିଆଗଦାରେ ପରିଣତ ହୋଇଯାଇଛି। ସେହି ଦୃଷ୍ଟିରୁ କବାଡି ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏକ କବାଡି ଇଣ୍ଡୋର ହଲର ଅବଶ୍ୟକତା ରହିଛି। ଧୀରେ ଧୀରେ କବାଡି ଖେଳରେ ଯେମିତି ଉନ୍ନତି ଆସିଲାଣି, ବିନା ଟର୍ଫ ଆଉ ବିନା ଜୋତାରେ କବାଡି ଖେଳିବା ସମ୍ଭବ ନୁହେ। ତେଣୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ବଂଶାଜାଲରେ ମା'ସୁହାଣୀ ଦେବୀ ଯାତ୍ରା

ରେଢ଼ାଖୋଲ,୨୬।୮(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବଂଶାଜାଲ ଗ୍ରାମ ନିକଟସ୍ଥ ଶୁହାଣୀ ପାହାଡ଼ରେ ମଙ୍ଗଳବାର ମାଁ'ଶୁହାଣୀ ଦେବୀଙ୍କ ପୂଜା ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ଗଡ଼ଜାତ ସମୟରୁ ଆରମ୍ଭ ହୋଇଥିବା ପୂଜା ଗତ କିଛି ବର୍ଷ ହେବ ବଂଶାଜାଲ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ସହଯୋଗରେ ଅନୁଷ୍ଠିତ ହୋଇ ଆସୁଛି।ମଙ୍ଗଳବାର ସକାଳୁ ବଂଶାଜାଲ ଗ୍ରାମରେ ଥିବା ଉଷାକୋଠିରେ ପୂଜାର୍ଚ୍ଚନା କରାଯାଇ ଶତାଧିକ ଗ୍ରାମବାସୀ ଦେବାଦେବୀଙ୍କୁ ଶୋଭାଯାତ୍ରାରେ ଶୁହାଣୀ ପାହାଡ଼ରେ ଥିବା ଦେବୀଙ୍କ ପୀଠକୁ ନେଇଥିଲେ। ମାଁ ଶୁହାଣୀ ପୀଠରେ ମାଁଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ପୂଜକ ପ୍ରବୀଣ ଦେହୁରୀ, ଯୁଧିଷ୍ଠିର ଦେହୁରୀ, ଗିରିଶ୍ଚନ୍ଦ୍ର ଦେହୁରୀ,ମନୁ ଦେହୁରୀ, ପ୍ରକାଶ ଦେହୁରୀ,ଟିନୁ ଦେହୁରୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ରାଜାରାଜୁଡ଼ା ଅମଳରୁ ଗଣେଶ ଚତୁର୍ଥୀ ପରେ ପ୍ରଥମ ରବିବାର ରାଜବାଟିସ୍ଥିତ ପଞ୍ଚଖଣ୍ଡାଙ୍କୁ ପୂଜା ପରେ ଅଞ୍ଚଳରେ ନୂଆଁଖାଇ ପର୍ବର ପ୍ରସ୍ତୁତି ଆରମ୍ଭହୁଏ। ପ୍ରଥମ ଦିନ ରେଢ଼ାଖୋଲ



ରାଜବାଟିରେ ପଞ୍ଚଖଣ୍ଡା ଏବଂ ନୂଆମୁଣ୍ଡା ପୂଜା, ଦ୍ୱିତୀୟ ଦିନରେ ଖୁବେଲଗଡ଼ରେ ବାଉତି ଦେବୀଙ୍କପୂଜା ଓ ତୃତୀୟ ଦିନରେ ଶୁହାଣୀ ଦେବୀଙ୍କୁ ପୂଜାର୍ଚ୍ଚନା ପରେ ରେଢ଼ାଖୋଲର ସମସ୍ତ ଅଞ୍ଚଳରେ ନୂଆଁଖାଇ ପର୍ବ ସମ୍ପନ୍ନ ହୋଇଥାଏ। ବଂଶାଜାଲ ଠାରେ ଆୟୋଜିତ ଶୁହାଣି ଦେବୀ ପୂଜାକୁ ବଂଶାଜାଲ ସରପଞ୍ଚ ଲୋକନାଥ ପ୍ରଧାନ, ସମିତି ସଭ୍ୟ ଦିଲ୍ଲୀପ କୁମାର ପ୍ରଧାନ,ବଂଶାଜାଲ ସେବା ସମବାୟ ସମିତିର ପୂର୍ବତନ ସଭାପତି ଲକ୍ଷ୍ମଣ ପ୍ରଧାନ ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ଲାୟନ୍ସ କ୍ଲବ୍ ପକ୍ଷରୁ ଅଧିଷ୍ଠାନ ଉତ୍ସବ




ହୀରାକୁଦ, ୨୬।୮ (ସମିସ) : ଲାୟନ୍ସ କ୍ଲବ୍ ଅଫ୍ ମହାନଦୀ ଗ୍ରୀନ୍ ଓ ଲାୟନ୍ସ କ୍ଲବ୍ ଅଫ୍ ହୀରାକୁଦ ପରିବାର ଙ୍କର ମିଳିତ ସହଯୋଗରେ ହୋଟେଲ ପରଲ ଅରଚାଡ, ରେମେଡ୍ ଠାରେ ମିଳିତ ଅଧିଷ୍ଠାନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଇନ୍‌ଷ୍ଟଲେସନ୍ ସେରିମୋନୀକୁ ମୁଖ୍ୟ ଅତିଥି ଭାବରେ ପିଡିଜି ଲାୟନ୍ ଦେବେନ୍ଦ୍ର କୁମାର ଲାଠ, ଇନ୍‌ଷ୍ଟଲିଙ୍ଗ୍ ଅଫିସର୍ ପିଡିଜି ଲାୟନ୍ ବେଣୁମାଧବ ଡୋରା, ୨୦୨୫-୨୬ ର ନୂତନ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇଥିଲେ। ଆର୍‌ସି ବିକାଶ କୁମାର ଅଗ୍ରୱାଲ, ଜେଡ୍‌ସି ସନ୍ତୋଷ କୁମାର ପାଲଙ୍କ ନିର୍ଦ୍ଦେଶନାରେ ପରିଚାଳନା କରାଯାଇଥିଲା। ଲାୟନାଷ୍ଟିକ୍ ୟର୍ ୨୦୨୫ -୨୬ ପାଇଁ, ଲାୟନ୍ସ କ୍ଲବ୍ ଅଫ୍ ମହାନଦୀ ଗ୍ରୀନ୍ ରୁ ନୂତନ ଭାବେ ନିର୍ବାଚିତ ସଭାପତି ସରୋଜ କୁମାର ନାୟକ, ସମ୍ପାଦକ ନେହେରୁ ଦୀପ ଓ କୋଷାଧ୍ୟକ୍ଷ ଲାୟନ୍ ତପନ କୁମାର ନାୟକ ଶପଥ ଗ୍ରହଣ କରିଥିଲେ। ସେହିପରି ଲାୟନ୍ସ କ୍ଲବ୍ ଅଫ୍ ହୀରାକୁଦ ପରିବାର ପକ୍ଷରୁ ସଭାପତି ରବୀନ୍ଦ୍ରନାଥ ସୁବୁଦ୍ଧି, ସମ୍ପାଦକ ସେକ୍ ମନସୁର ଅଲି ଓ କୋଷାଧ୍ୟକ୍ଷ ନିମାଇ ଚରଣ ପ୍ରଧାନ ତାଙ୍କ ଟିମ୍ ସହିତ ଶପଥ ଗ୍ରହଣ କରିଥିଲେ। ପାଶ୍ୱବର୍ତ୍ତୀ କ୍ଲବ୍ ଗୁଡ଼ିକର କର୍ମକର୍ତ୍ତାଙ୍କ ଉପସ୍ଥିତି ଏହାକୁ ଆହୁରି ଗୌରବମୟ କରିଥିଲା। ଏହି କାର୍ଯ୍ୟକ୍ରମକୁ ସରୋଜ କୁମାର ଆଚାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ହିଣ୍ଡାଲକୋର କ୍ଲଷ୍ଟର୍ ହେଡ୍ ବିଘ୍ନେଶ୍ୱର ପଣ୍ଡା, ସିଏସ୍‌ଆର୍ ଆଡଭାଇଜର୍ ସୁକାନ୍ତ କୁମାର ମହାପାତ୍ର, ସିଏସ୍‌ଆର୍ ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ଶେଷରେ ନେହେରୁ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

## ସମଲେଇ ପରିସରରେ ଚାରାରୋପଣ କଲେ ଛାତ୍ର



ସମ୍ବଲପୁର, ୨୬।୮(ସମିସ): ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ୧୯୮୦ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରମାନେ ସମଲେଶ୍ୱରୀ ମନ୍ଦିର ପରିସରରେ ପର୍ଯ୍ୟାବରଣ ସୁରକ୍ଷା ନିମନ୍ତେ ଚାରାରୋପଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଅତିଥି ଭାବରେ ଯୋଗଦାନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲିଆନ୍ ୮୦ ସଭାପତି ପ୍ରଦୀପ କୁମାର ପଣ୍ଡା, ମୁଖ୍ୟ ସଂଯୋଜକ ସରୋଜ ଦେବତା, କୋଷାଧ୍ୟକ୍ଷ ପୃଥ୍ୱୀରାଜ ବେହେରା, ବ୍ରଜ ମହାନ୍ତି, ବିଭୂତି ଭୂଷଣ ଦାଶ, ଦିଲୀପ ପତି, ଶଶାଙ୍କ ଶେଖର ପଣ୍ଡା, ଦିଲୀପ ଦେବ, ଅରୁଣ ଦାସ, ଦିନେଶ ପାଢ଼ୀ, ଜୟନ୍ତ ମିଶ୍ର, ଅବସରପ୍ରାପ୍ତ ପୁଲିସ ଆରକ୍ଷୀ ରଶ୍ମି ମିଶ୍ର ସଂଯୋଜନା କରିଥିଲେ। କାର୍ଯକ୍ରମରେ ୭୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ର ପରିବାର ସହ ଯୋଗ ଦେଇଥିଲେ। ଶେଷରେ ଜୟନ୍ତ ମିଶ୍ର ପରିବେଶ ସୁରକ୍ଷା ଓ ଜଳବାୟୁ ସନ୍ତୁଳନ ରକ୍ଷା ଦିଗରେ ଗଛର ମହନୀୟତା ବାବଦରେ ସମସ୍ତଙ୍କୁ ବାର୍ତ୍ତା ଦେଇଥିଲେ।

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗରେ ଜାତୀୟ ସେମିନାର

ସମ୍ବଲପୁର,୨୬।୮(ସମିସ):ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ର ଇଂରାଜୀ ବିଭାଗ ପକ୍ଷରୁ ଭାରତୀୟ ଜ୍ଞାନ ପରମ୍ପରା ବିଷୟରେ ଜାତୀୟ ସେମିନାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଇଂରାଜି ବିଭାଗର ପ୍ରଫେସର ମଧୁସ୍ମିତା ପତି ଓ କଲିକତା ସେଣ୍ଟ ଜାଭିୟର ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଅଶୋକ ମହାପାତ୍ର ଯୋଗ ଦେଇ



ଭାରତୀୟ ଜ୍ଞାନ ପରମ୍ପରା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ ଦାସଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, କୁଳସଚିବ ସନତ କୁମାର ନାଏକ, ଉପକୁଳସଚିବ ଡ. ଉମା ଚରଣ ପତି, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନେ ଯୋଗ ଦେଇଥିଲେ। ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇ ଥିବାବେଳେ ଆବାହକ ଡ.ପି ମୁରଲୀଧର ଶର୍ମା ବିଷୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପକ ଅଧ୍ୟାପିକା ଡ. ବ୍ରହ୍ମାନନ୍ଦ ପାଢ଼ୀ, ଡ. ସଂଚୟିତା ତ୍ରିପାଠୀ, ଡ. ନମ୍ରତା ବେହେରା ଓ ଜସପାଲ କୌର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ର. କାଳିଦାସ ମିଶ୍ର, ପ୍ର. ସବିତା ତ୍ରିପାଠୀ, ଡ. କାମଦେବ ସାହୁ, ଡ.ବିଷ୍ଣୁପ୍ରିୟା ହୋତା ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଅଧ୍ୟାପକ ଓ ଗବେଷକ ଗବେଷଣାତ୍ମକ ପ୍ରବନ୍ଧ ପାଠ କରିଥିଲେ। ଇଂରାଜି ବିଭାଗର ଗବେଷକ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ପାଇଁ ଇଂରାଜୀ ବିଭାଗ ଅନେକ କାର୍ଯ୍ୟକ୍ରମ ବର୍ଷତମାମ ଆୟୋଜନ କରିଥାଏ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର (ଡ) ଅଞ୍ଜଳି ତ୍ରିପାଠୀ ସୂଚନା ଦେଇଛନ୍ତି।

## ସଂଜିତ ମହାନ୍ତି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ

ସମ୍ବଲପୁର,୨୬।୮(ସମିସ):ବିଜୁ ଜନତା ଦଳର ସମ୍ପ୍ରସାରଣରେ ଆଜି ନୂତନ ରାଜ୍ୟ କର୍ମକର୍ତ୍ତା ଘୋଷଣା କରାଯାଇଛି। ସମ୍ବଲପୁରର ସଂଜିତ ମହାନ୍ତିଙ୍କୁ ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଭାବରେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଥିବାରୁ ସମ୍ବଲପୁର ଜିଲ୍ଲାର ବିଭିନ୍ନ ନେତା ଓ କର୍ମକର୍ତ୍ତା ସ୍ୱାଗତ ଜଣାଇଛନ୍ତି। ପୂର୍ବରୁ ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ଥିବା ସଂଜିତ ମହାନ୍ତିଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦେବାସହ ବିଜୁ ଯୁବ ଜନତା ଦଳର ଯୁବ ବ୍ୟାପାର ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି।

## ମହିଳା ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ପ୍ରତିଯୋଗିତା



ସମ୍ବଲପୁର, ୨୬।୮(ସମିସ):ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସରକାରୀ ମହିଳା ମହାବିଦ୍ୟାଳୟରେ ଅଭିନବତା ଏବଂ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା -୨୦୨୫ ଅନୁଷ୍ଠିତ ହୋଇଯାଇଛି। ଯୁବାବର୍ଗ ମଧ୍ୟରେ ଥିବା ନବସୃଜନାତ୍ମକ ଚିନ୍ତନ, ଉଦ୍ୟୋଗୀ ମନୋଭାବ ଏବଂ ସମସ୍ୟା ସମାଧାନ କୌଶଳର ସଂଧାନ ପାଇଁ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦ଟି କୌଶଳ ସଂଧାନୀ ଏକକ ଛାତ୍ରୀ ଏବଂ ଛାତ୍ରୀଗୋଷ୍ଠୀ ଭାଗ ନେଇଥିଲେ। ଅଭିନବତା ଏବଂ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତାରେ ଭାଗ ନେଇଥିବା ଶ୍ରେଷ୍ଠ ତିନୋଟି ପ୍ରକଳ୍ପକୁ ବାଛିବା ପାଇଁ ବାଣିଜ୍ୟ ବିଭାଗର ପ୍ରଫେସର ସୁଶାନ୍ତ କୁମାର ପଣ୍ଡା, ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ଅଧ୍ୟାପିକା ଡଃ କଳ୍ପନା ଜେନା ଓ ସଫଳ ଉଦ୍ୟୋଗୀ ତଥା ପୂର୍ବତନ ଛାତ୍ରୀ ସଙ୍ଗୀତା ଚାନ୍ଦ ବିଚାରକ ଦାୟିତ୍ୱରେ ଥିଲେ। ନିଜ ନିଜ ପ୍ରସ୍ତୁତି ପାଇଁ ରସାୟନ ବିଜ୍ଞାନ ବିଭାଗର ସୋନାଲୀ ବେହେରା, ରାଜନୀତି ବିଜ୍ଞାନ ବିଭାଗର ଦେବୀ ରାଉତ ଓ ସାଥୀ ଏବଂ ପଦାର୍ଥ ବିଜ୍ଞାନ ବିଭାଗର ଦୀପିକା ବହିଦାର ଏବଂ ସାଥି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ଏଭଳି ପ୍ରତିଯୋଗିତା ଛାତ୍ରୀମାନଙ୍କୁ ଉଦ୍ୟୋଗୀ ହେବାପାଇଁ ପ୍ରେରଣା ଯୋଗାଇବ ଏବଂ ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହେବ ବୋଲି କହିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ପୁରସ୍କାର ପ୍ରଦାନ ଉତ୍ସବ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା କ୍ୟାରିଅର କାଉନସେଲିଙ୍ଗ ସେଲ୍ ସଂଯୋଜକ ଡଃ ସୁବାଷ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଥିଲା।

## ଫୋଟୋଗ୍ରାଫର୍‌ଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର, ୨୬।୮ (ସମିସ): ସମ୍ବଲପୁର ସାମ୍ବାଦିକ ସଂଘ ପକ୍ଷରୁ ଗତ ୧୯ ତାରିଖରେ ଆରମ୍ଭ ହୋଇଥିବା ଫୋଟୋଗ୍ରାଫି ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁଭାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ସଭାରେ ପ୍ରଦର୍ଶନୀରେ ସ୍ଥାନିତ




ହୋଇଥିବା ଫୋଟୋଗ୍ରାଫର୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରଦର୍ଶନୀରେ ପ୍ରାଚୀନ କୀର୍ତ୍ତିରାଜି, ସଂସ୍କୃତି ଓ ପରମ୍ପରାର ଫୋଟୋ ସହ ପର୍ଯ୍ୟଟନ କ୍ଷେତ୍ର ତଥା ପ୍ରକୃତି ଆଧାରିତ ଫୋଟୋଗ୍ରାଫ୍ ଗୁଡ଼ିକ ସ୍ଥାନିତ ହୋଇଥିଲ। ଫଟୋ ପ୍ରଦର୍ଶନୀରେ ସ୍ୱର୍ଗତ ସୁରେନ୍ଦ୍ର ମୋହନ ପ୍ରଧାନ, ସ୍ୱର୍ଗତ ବିମଳଜୀ ଭାରୁ, ଅରବିନ୍ଦ ମିଶ୍ର, ଆଶିଷ ପ୍ରଧାନ, କରୁଣାକର ଶତପଥୀ, ଦୀପକ ପଣ୍ଡା, ଶିଶିର କର, ରଂଜିତ ସାହୁ, ଚିତ୍ତରଞ୍ଜନ ବଡ଼ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ, ଶଙ୍କର ବେହେରା, ପ୍ରିୟରଞ୍ଜନ ସାହୁ, ବିଶ୍ୱନାଥ ବଗର୍ତ୍ତୀ, ସୁବାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖଙ୍କ ଫୋଟୋଗ୍ରାଫ୍ ପ୍ରଦର୍ଶନ କରାଯାଇଥିଲା।

## ନୂଆଁଖାଇ ଲାଗି କୁଷ୍ଠାଶ୍ରମରେ ସାମଗ୍ରୀ ବଣ୍ଟନ



ସମ୍ବଲପୁର,୨୬।୮(ସମିସ):ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ମାଁ ସମଲେଇ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ରାସନ ସାମଗ୍ରୀ, ନୂଆଁ ଶାଢୀ, ଲୁଙ୍ଗି, ଗାମୁଛା ଆଦି ସାମଗ୍ରୀ ବଣ୍ଟନ କରାଯାଇଛି। ସ୍ଥାନୀୟ ଦୁର୍ଗାପାଲିସ୍ଥିତ କୁଷ୍ଠାଶ୍ରମରେ ଗତ ୬ ବର୍ଷ ହେବ ନୂଆଁଖାଇ ଉପଲକ୍ଷେ ଏଭଳି ସାମଗ୍ରୀ ବଣ୍ଟନ କରାଯାଉଛି। ପିନ୍ଧିବା ନୂଆଁ ଖାଇବା ନୂଆଁ ଲକ୍ଷ୍ୟ ନେଇ ଅସହାୟଙ୍କ ମୁହଁରେ ଖୁସି ଆଣିବା ପାଇଁ ଏକ ଛୋଟିଆ ପ୍ରୟାସ ଟ୍ରଷ୍ଟ ପକ୍ଷରୁ କରାଯାଇଛି। କାର୍ଯ୍ୟକ୍ରମରେ ନିଶିକାନ୍ତ ବିଶ୍ୱାଳ,ଆଶିଷ ସାହୁ,ଆଲୋକ ମହାକୁର,କାହ୍ନୁଚରଣ ଷଡ଼ଙ୍ଗୀ, ରାଜେନ୍ଦ୍ର ସତନାମୀ, ସୁନୀଲ ସାଗର ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ବସ୍ତିରେ ଲାଗିରହିଥିବା ବିଭିନ୍ନ ସମସ୍ୟା ଯଥା ରାସ୍ତା, ପାନୀୟଜଳର ସମାଧାନ ଲାଗି ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଜିଏମ୍‌ୟୁରେ ଜାତୀୟ ସମ୍ମାନ




ସମ୍ବଲପୁର,୨୬।୮(ସମିସ):ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗରେ ପାଠାଗାର ପାଇଁ କୃତ୍ରିମ ବୁଦ୍ଧିମତ୍ତା: ପ୍ରବେଶ, ଆବିଷ୍କାର ଓ ନିୟୋଜନ ବୃଦ୍ଧି ଶୀର୍ଷକରେ ଜାତୀୟ ସମ୍ମାନ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କରିଥିଲେ। କୁଳସଚିବ ଡ.ଉମାଚରଣ ପତି ଛାତ୍ରଛାତ୍ରୀଙ୍କୁ ଏଆଇର ସଠିକ୍ ବ୍ୟବହାର ଓ ତାହାର ଉପଯୋଗୀତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନରେ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ଦୁର୍ଗାଶଙ୍କର ରଥ ଓ କଲ୍ୟାଣୀ ବିଶ୍ୱବିଦ୍ୟାଳୟର ଡ. ଉଜ୍ଜ୍ୱଳ ମର୍ଜିତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।ଏଆଇ ଶିକ୍ଷାକୁ ସହଜ ଓ ଦ୍ରୁତ କରିବା ସହିତ ସ୍ମାର୍ଟ ସର୍ଚ୍ଚ ଓ ବ୍ୟକ୍ତିଗତ ପରାମର୍ଶ ଦେଇ ଛାତ୍ରଛାତ୍ରୀଙ୍କୁ ଉପକାର କରୁଛି। ପୁସ୍ତକାଳୟରେ ଏଆଇର ପ୍ରୟୋଗ ତଥ୍ୟ ସନ୍ଧାନ, ସାମଗ୍ରୀ ବ୍ୟବସ୍ଥାପନ ଓ ପାଠକ ସେବାକୁ ଅଧିକ କାର୍ଯ୍ୟକ୍ଷମ କରୁଛି ବୋଲି ମତ ପ୍ରକାଶ ପାଇଥିଲା। ବିଭାଗମୁଖ୍ୟ ପ୍ରୋଫେସର ଡ. ଜୟେନ୍ଦ୍ର କୁମାର ସିଂହ ସ୍ୱାଗତ ଉଦ୍‌ବୋଧନା କରିଥିଲେ। ସମ୍ମାନର ସଂଯୋଜିକା ଡ. ରୋଜାଲିନ ରାଉତ ଅତିଥି ପରିଚୟ ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସମନ୍ୱୟ ଓ ପରିଚାଳନା ସହକାରୀ ପ୍ରଫେସର ସିନିଆ ଟିଗ୍ଗା କରିଥିଲେ। ଶେଷରେ ଅତିଥି ଅଧ୍ୟାପିକା ଜ୍ୟୋତିର୍ମୟୀ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ।

## ରେଢ଼ାଖୋଲରେ ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

ରେଢ଼ାଖୋଲ,୨୬।୮(ସମିସ):

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ସମ୍ମିଳନୀ କକ୍ଷରେ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସମ୍ବଲପୁର ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ,ଜିଲ୍ଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ,ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ଜିପିଓ ପଞ୍ଚାନନ ବେହେରା, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସବ୍ୟଶାଚି ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।ଏଥିରେ ଅକ୍ଟୋବର ୨୦୨୪-୨୦୨୫ ଆର୍ଥିକ ବର୍ଷର ମନେରେଗା ଯୋଜନା,ଜାତୀୟ ଖାଦ୍ୟ ସୁରକ୍ଷା ଓ ସମଗ୍ର ଶିକ୍ଷା ଉପରେ ସମୀକ୍ଷା କରାଯାଇଥିଲା। ରେଢ଼ାଖୋଲ ବ୍ଲକ୍‌ରେ ମନରେଗା ଯୋଜନାରେ ରେଢ଼ାଖୋଲ ପଞ୍ଚାୟତ ସମିତି ୨୦୨୪-୨୫ ପାଇଁ ଜଣଶୁଣାଣି ୧.୧୦.୨୦୨୪ ରୁ ୩୧.୩.୨୦୨୫ - ସାମାଜିକ ସମୀକ୍ଷା ତା ୨୬.୮.୨୦୨୫ ପର୍ଯ୍ୟନ୍ତ ପଞ୍ଜିକୃତ ହୋଇଥିବା ପରିବାର ସଂଖ୍ୟା- ୧୩୬୭୯, ବଣ୍ଟନ ହୋଇଥିବା ଜବ୍ କାଡର୍ ମୁଖ୍ୟା-୧୩୬୭୯ ଜଣ, ନିଯୁକ୍ତି ଦାବୀ ସଂଖ୍ୟା-୬୭୩୭ ଜଣ , ଦିଆଯାଇଥିବା ନିଯୁକ୍ତି -୬୭୩୭,ବ୍ୟକ୍ତି ଦିବସ ଲକ୍ଷ ଧାର୍ଯ୍ୟ-୪୨୧୦୦୦,ହାସଲ



କରାଯାଇଥିବା ବ୍ୟକ୍ତି ଦିବସ - ୨୫୦୧୧୩, ୧୦୦ ଦିନ ସଂପୁର୍ଣ୍ଣ କରିଥିବା ପରିବାର ସଂଖ୍ୟା ୧୭୧ , ମୋଟ୍ ଖର୍ଚ୍ଚ -୭୬୬.୪୪ ଲକ୍ଷ, - ନିଆଯାଇଥିବା ପ୍ରକଳ୍ପ ସଂଖ୍ୟା- ୨୮୫୭ , ସଂପର୍ଣ୍ଣ ହୋଇଥିବା ପ୍ରକଳ୍ପ ସଂଖ୍ୟା - ୧୨୯୪ , ଚାଲୁଥିବା ପ୍ରକଳ୍ପ ସଂଖ୍ୟା- ୧୫୬୩ ଓ ଦିଆଯାଇଥିବା ବେକାରୀ ଭତ୍ତା ସଂଖ୍ୟା ଶୂନ୍ୟ ବୋଲି ସାମାଜିକ ସମୀକ୍ଷା ଶିବିରରେ ସୂଚନା ଦିଆଯାଇଛି। ସଭାରେ ବିଭିନ୍ନ ବିଭାଗର ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରା ଯାଇଥିଲା। ଏହି ପରିପ୍ରେକ୍ଷୀରେ ମନୋରେଗାରେ କାର୍ଯ୍ୟ ହୋଇ ଥିବା ବିଭିନ୍ନ ପ୍ରକଳ୍ପରେ ସୂଚନା ଫଳକ ଠିକ ଭାବରେ ଲେଖା ଯାଇ ନ ଥିବାରୁ ଜିଲ୍ଲା ସାମାଜିକ ସମୀକ୍ଷକ ଉଦଥାପନ କରିଥିଲେ। ଏହାର ଉତ୍ତରରେ ସଭାପତି ୧୫ ଦିନ ମଧ୍ୟରେ ସୂଚନା ଗୁଡ଼ିକରେ ତଥ୍ୟ ଲେଖିବାକୁ ନିର୍ଦ୍ଦେଶ ଦେଇ ଥିଲେ। ଲାଇନ୍ ବିଭାଗ ଅଧିନରେ କାର୍ଯ୍ୟ କରି ଥିବା କେସ ରେକର୍ଡରେ ସଠିକ୍ ନଥି ପତ୍ର ସଂଲଗ୍ନ କରିବା ପାଇଁ ସଭାପତି ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତ ସମିତି ଅଧିନରେ କାର୍ଯ୍ୟକାରୀ ହେଉ ଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପ ଗୁଡ଼ିକ କିପରି ସ୍ୱଚ୍ଛତା ଓ ପାରଦର୍ଶିତା ବଜାୟ ରଖିବା ସହିତ ସଠିକ୍ ରୂପରେ କାର୍ଯ୍ୟକାରୀ କରା ଯାଇ ପାରିବ ବୋଲି ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ନିର୍ଦ୍ଦେଶ କରିବା ସହ ପରାମର୍ଶ ଦେଇଥିଲେ। ଶେଷରେ ଜିପିଓ ପଞ୍ଚାନନ ବେହେରା ଧନ୍ୟବାଦ୍ ଦେଇ ଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ କାର୍ଯ୍ୟକ୍ରମର ପ୍ରାୟ ସାଢେ ୧୨ ଟାରେ ଆସି ପହଞ୍ଚି ଥିଲେ। ଯାହାକୁ ଶିବିରରେ ଉପସ୍ଥିତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ନାନା ଆଲୋଚନା ହୋଇଥିଲା।



# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

କୁଚିଣ୍ଡା,୨୬।୮ (ସମିସ): କୁଚିଣ୍ଡା ବ୍ଲକ୍ ଟାଇଁସର ପଞ୍ଚାୟତ କାର୍ଯ୍ୟାଳୟରେ କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଛି । ଏଥିରେ ୨୪ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ସୋମବାର ଦିନ ଟାଇଁସର ପଞ୍ଚାୟତ କାର୍ଯ୍ୟାଳୟରେ



ଆୟୋଜିତ ଅଭିଯୋଗ ଶୁଣାଣି ଶିବିରରେ କୁଚିଣ୍ଡା ଏବିଡିଓ ଜଗମୋହନ କିସାନ, ସିଡିପିଓ ସୁମିତା ପୁରୋହିତ, ଜିପିଇଓ ମସ୍ତରାମ ପ୍ରଧାନ, ଯୋଗାଣ ନିରୀକ୍ଷକ ସୁଧୀର ପାତ୍ର, ସରପଞ୍ଚ ରାଜେନ୍ଦ୍ର କିସାନ,ସମିତି ସଭ୍ୟ ଖଗେଶ୍ୱର କିସାନ ଯୋଗଦେଇ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥଲେ । ଶିବିରକୁ ବିଭିନ୍ନ ଗ୍ରାମରୁ ମୋଟ ୨୪ ଟି ଅଭିଯୋଗ ଆସିଥିଲା । ଶିବିରକୁ ସଂପୃକ୍ତ ପଞ୍ଚାୟତର ପିଇଓ କିଶୋର ଖିଚିଡି ପରିଚାଳନା କରିଥିଲେ ।

# ଜିଏମୟୁ ଅର୍ଥନୀତି ବିଭାଗ ପକ୍ଷରୁ କର୍ମଶାଳା

ସମ୍ବଲପୁର,୨୬।୮ (ସମିସ)



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ତରଫରୁ ଦୁଇ ଦିବସୀୟ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । କର୍ମଶାଳାର ଉଦଘାଟନୀ ଉତ୍ସବରେ ଡ. ଉମା ଚରଣ ପତି ସ୍ୱାଗତ ଭାଷଣ ପ୍ରସ୍ତୁତ କରିଥିଲେ । ପ୍ରଫେସର ସଂଯୁକ୍ତା ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ବର୍ତ୍ତମାନ ସମୟରେ ତଥ୍ୟର ଆବଶ୍ୟକତା ଓ ବ୍ୟବହାରିକତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ନିଜ ଶିକ୍ଷକତା ଜୀବନ ପ୍ରାରମ୍ଭରେ ଡାଟା ବ୍ୟବହାରରେ ଅସୁବିଧା ପାଇଥିଲେ, ସେ ବିଷୟରେ ଆଲୋକପାତ କରିଥିଲେ ଓ ଏହିଭଳି କର୍ମଶାଳା ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ କିଭଳି ସାହାଯ୍ୟ କରିବା ସେ ବିଷୟରେ ଆଲୋକପାତ କରିଥିଲେ । ଡ ପ୍ରିୟଦର୍ଶୀ ଯୋଶୀ କର୍ମଶାଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଅବଗତ କରାଇଥିଲେ । ଡ. ସର୍ବେଶ୍ୱର ପଧାନ, ଅଧ୍ୟାପକ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ଡ.ଅରବିନ୍ଦ କୁମାର ଯାଦବ, ଅଧ୍ୟାପକ, କିଟ୍ ବିଶ୍ୱବିଦ୍ୟାଳୟ ରେସୋର୍ସ ପରସନ ଭାବରେ ଯୋଗଦେଇ ପୂର୍ଣ୍ଣସମୟ ଉପସ୍ଥିତ ଥିଲେ । କର୍ମଶାଳାରେ ଡମି ଭେରୀଆବୁଲ ମଡେଲିଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆହୁରି ୟୁନିଟ ଲେଭେଲ ଏନଏସଏସ ଡାଟା ଏକ୍ସଟ୍ରାକ୍ସନ ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ମୋଟ ୧୨୨ ଜଣଛାତ୍ର/ଛାତ୍ରୀ, ରିସର୍ଚ୍ଚସ୍କୋଲାର,ଅଧ୍ୟାପକ ମାନେ ଯୋଗଦାନ କରିଥିଲେ । କର୍ମଶାଳାର ଅନ୍ତିମ ସତ୍ରରେ ପ୍ରୋଫେସର ଜ୍ଞାନ ରଞ୍ଜନ ସ୍ୱାଇଁ, ଚେୟାରମେନ, ପିଜି କାଉନସିଲ ଉପସ୍ଥିତ ରହି ଏଭଳି ଆହୁରି କର୍ମଶାଳା ଆୟୋଜନ ପାଇଁ ଅର୍ଥନୀତି ବିଭାଗକୁ ଆମନ୍ତ୍ରଣ କରିଥିଲେ । ଡ଼ ମୂରଲୀଧର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।କର୍ମଶାଳାରେ ବିଭାଗର ଅଧ୍ୟାପକ ପ୍ରିୟଦର୍ଶୀ ଯୋଶୀ, ସୁରଜ ବଡାଇକ, ଅନୁରଞ୍ଜନ ଟେଟେ, ଅକ୍ଷୟ କୁମାର ଜେନା, ଆନନ୍ଦ ମେହେର, ତାପସ ପାଇରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ୯୭ ୟୁନିଟ୍ ରକ୍ତ ସଂଗୃହୀତ



ବରଗଡ଼,୨୬।୮ (ସମିସ): ରାଜ ଯୋଗିନୀ ଦାଦି ଓ ପ୍ରକାଶ ମଣି ଜୀଙ୍କ ପୂଣ୍ୟ ତିଥି ଅବସରରେ ପ୍ରଜାପିତା ବ୍ରହ୍ମ କୁମାରୀ ଆଶ୍ରମ ବରଗଡ଼ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଖଜୁରଟିକ୍ରା ଠାରେ ଅନୁଷ୍ଠିତ ହୋଇଛି । ଶିବିରକୁ ମୁଖ୍ୟ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ରେଜିଷ୍ଟ୍ରି ଅଫିସର ସମୀକ୍ଷା ନାୟକ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସାଧୁ ନେପାକ, ଟିଏଫ୍ ମହାବିଦ୍ୟାଳୟର ପ୍ରିନ୍ସିପାଲ୍ ଡ.ସରୋଜ ଦେବତା ପ୍ରମୁଖ ଯୋଗ ଦେଇଥିଲେ । ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସର୍ବମୋଟ ୫୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ବ୍ରହ୍ମକୁମାରୀ ଆଶ୍ରମ ବରଗଡ଼ ଶାଖାର ପ୍ରଶାସିକା ଯଶୋଦା , ମମତା , ଝିଲି , ଜ୍ୟୋସ୍ନା , ଡ.ବିମଳ , ପ୍ରତାପ ଓ ନିଷ୍ଠା ପରିବାର ସମସ୍ତ ସଦସ୍ୟ କାର୍ଯକ୍ରମକୁ ପରିଚାଳନା କରିଥିଲେ ।

ସେହିପରି ବିଜେପୁର ଠାରେ ସିଏମ ସାନିଟାରୀ ଓ ଇଲେକ୍ଟ୍ରିକାଲର ଶୁଭ ଉଦ୍‌ଘାଟନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶିବିରକୁ ମୁଖ୍ୟଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡତିଆ ଶୁଭାରମ୍ଭ କରିଥିଲେ । ଶିବିରରୁ ସର୍ବମୋଟ ୪୩ ୟୁନିଟ ରକ୍ତ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା । ଉଭୟ ଶିବିରରୁ ମୋଟ ୯୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । କୁନୁ ମେହେର, ଛବିଳ ମେହେର ଚିନ୍ମୟ ମେହେର, ମିକୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ରକ୍ତଦାନ ଶିବିର ଆୟୋଜନ ପାଇଁ ପ୍ରଜାପିତା ବ୍ରହ୍ମ କୁମାରୀ ବରଗଡ଼ ଶାଖା ଓ ସିଏମ ସାନିଟାରୀ ଓ ଇଲେକ୍ଟ୍ରିକାଲକୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଅଜଣା ଯୁବକର ଶବ ଉଦ୍ଧାର

ଜମନକିରା,୨୬।୮ (ସମିସ): ଶାସନ ଥାନା କିଲାସୀମା ପଞ୍ଚାୟତ ପ୍ରଧାନପାଲି ଛକରେ ଥିବା ବିଜୁ ମାର୍କେଟ କମ୍ପ୍ଲେକ୍ସରେ ଜଣେ ଯୁବକର ମୃତଦେହ ଉଦ୍ଧାର ହୋଇଥିବା ବେଳେ ତାର ପରିଚୟ ମିଳିପାରି ନାହିଁ। ଶାସନ ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ବୁର୍ଲା ଶବଗୃହରେ ରଖି ତଦନ୍ତ ଚଳାଇଛି ।ପୁଲିସ ସୂତ୍ରରୁ ପ୍ରକାଶ, ଗତ ୨୩ ତାରିଖରେ ପ୍ରଧାନପାଲି ଗାଁ ଛକରେ ଥିବା ବିଜୁ ମାର୍କେଟ କମ୍ପ୍ଲେକ୍ସରେ ଜଣେ ଯୁବକ ମରି ପଡିଥିବା ନେଇ ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା । ଶବଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଇଥିବାବେଳେ ମୃତକର ପରିଚୟ ଜଣାପଡିନାହିଁ। ପୁଲିସ ଶବ ବ୍ୟବଚ୍ଛେଦ ପରେ ବୁର୍ଲା ଶବଗୃହରେ ଶବ ରଖି ମୃତକର ପରିଚୟ ଖୋଜିବା ଉଦ୍ୟମ ଜାରି ରଖିଛି ।

# ପବ୍ଲିକ ଲାଇବ୍ରେରୀରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ



ସମ୍ବଲପୁର,୨୬।୮ (ସମିସ): ସ୍ଥାନୀୟ ପବ୍ଲିକ ଲାଇବ୍ରେରୀର ନିଜସ୍ୱ ପ୍ରେକ୍ଷାଳୟରେ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ରବିବାବ ଅନୁଷ୍ଠିତ ହୋଇଛି । ପ୍ରଥମ ଅଧିବେଶନ ବିଜ୍ଞାନ ଓ ପରିବେଶ ଶିକ୍ଷା ଉପରେ ଆଲୋଚନା ଆରମ୍ଭ କରି ଇଂଜିନିଅର ସୁଶାନ୍ତ କୁମାର ଗୁରୁ ନିରନ୍ତର ବିକାଶ ଉପରେ ସୂଚନା ଦେଇଥିଲେ । ଜଳ ସଂରକ୍ଷଣ ,ଜଳ ଓ କୋଇଲା, ତଥା ଉନ୍ନତ କୃଷି ଉପରେ ଅବିନାଶ ସାହୁ,ପୂଜାରିଣୀ,ସିଦ୍ଧାର୍ଥ ଓ ଆଶୁତୋଷ ପ୍ରମୁଖଦଳଗତ ଭାବେ ନିଜ ନିଜ ପ୍ରକଳ୍ପ ପ୍ରସ୍ତୁତ କରି ଉପସ୍ଥାପନା କରିଥିଲେ ।ଦ୍ୱିତୀୟ ଅଧିବେଶନରେ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରସଙ୍ଗରେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ସିଂ ବଂଶଗତ ସ୍ୱାସ୍ଥ୍ୟ ଜନିତ ବିଭିନ୍ନ ରୋଗର ଉଦାହରଣ ଦେଇ ମଧୁମେୟ ବଂଶାନୁକ୍ରମେ ହେଉଥିବା ସୂଚନା ଦେଇଥିଲେ । ଏହାର ନିରାକରଣ ପାଇଁ ଖାଦ୍ୟ ଉପରେ ସଂଯମତା ରକ୍ଷା କରିବାକୁ ଆହ୍ୱାନ ଦେଇ ଥିଲେ । ଡାକ୍ତର ଜୟଦେବ ମେହେର ପିଲାଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ସଂଯୋଜକ ରାଜେନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ମୌଳିକ ଇଂରାଜୀ ଶିକ୍ଷା ଦେଇଥିଲେ । ବିଜୟ ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ । ବିଶିଷ୍ଟ ବ୍ୟକ୍ତି ଭାବେ ସମ୍ପାଦକ ରଘୁନାଥ ମିଶ୍ର, ଡ. ଗିରିଧାରୀ ହୋତା ଓ ଅନେକ ଅଭିଭାବକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ୧୮ ଟି ବିଦ୍ୟାଳୟରୁ ୪୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

● ଗୋଆ ସମୁଦ୍ରରେ ବୁଡ଼ି ଯୁବକଙ୍କ ମୃତ୍ୟୁ

# ଗାଁକୁ ଶବ ଆଣିବା ପାଇଁ ପରିବାର ପକ୍ଷରୁ ଦାବି

କୁଚିଣ୍ଡା,୨୬।୮ (ସମିସ ):ବାମରା ବ୍ଲକ୍ ଉଚ୍ଚକାପାଟ ଗ୍ରାମର ଜଣେ ଯୁବକ ଗୋଆରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ବେଳେ ସମୁଦ୍ରରେ ବୁଡ଼ି ମୃତ୍ୟୁବରଣ କରିଥିବା ଖବର ମିଳିଛି ।



ସୂଚନା ଅନୁସାରେ, ସନ୍ତୋଷ ନାଏକଙ୍କ ଏକମାତ୍ର ପୁଅ ଅଜିତ ନାଏକ ପ୍ରାୟ ଏକମାସ ପୂର୍ବରୁ କିଛି ସାଙ୍ଗମାନଙ୍କ ସହିତ ଗୋଆର ପାଣଜୀକୁ ଦାଦନ ଶ୍ରମିକ ଭାବେ ଯାଇଥିଲେ । ସେଠାରେ "ଗଙ୍ଗା' ନାମକ ଏକ ବୋଟରେ ମାଛଧରା କାମରେ ନିଯୁକ୍ତ ହୋଇଥିଲେ ।ଗତ ୨ ଦିନ ପୂର୍ବରୁ ଅଜିତ ସମୁଦ୍ରରେ ନିଖୋଜ ହୋଇଯାଇଥିଲେ । ସୋମବାର ତାଙ୍କ ଶବ ସମୁଦ୍ରରୁ ଉଦ୍ଧାର ହେବା ପରେ ପରିବାରକୁ ଏହି ଦୁର୍ଭାଗ୍ୟଜନକ ସୂଚନା ମିଳିଥିଲା ।ପୁଅ ଶବକୁ ଗାଁକୁ ଆଣିବା ପାଇଁ ଚିନ୍ତିତ ପରିବାର ସନ୍ଧ୍ୟା ୫ଟା ସମୟରେ ଗୋବିନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଥିଲେ ।ପୁଲିସ ହସ୍ତକ୍ଷେପ ପରେ ସମ୍ପୃକ୍ତ କମ୍ପାନୀ ଶବକୁ ଗାଁ ପର୍ଯ୍ୟନ୍ତ ପଠାଇବାକୁ ରାଜି ହୋଇଛି । ଅଜିତ ପରିବାରର ଏକମାତ୍ର ସାହାରା ଥିବା ବେଳେ ତାଙ୍କ ମୃତ୍ୟୁରେ ପରିବାର ଅସହାୟ ହୋଇପଡିଛି । ତାଙ୍କ ପରିବାର ସରକାର ପକ୍ଷରୁ ଆର୍ଥିକ ସହାୟତା ଦାବି କରିଛନ୍ତି ।

■ ଜମନକିରା-ନାଏକଡିହିପଡ଼ା ରାସ୍ତା କାଦୁଅ ପଚ୍ ପଚ୍

# ପ୍ରଶାସନ ଶୁଣିଲାନି, ପଡ଼ାବାସୀ କଲେ ରାସ୍ତା କାମ



ଜମନକିରା,୨୬।୮ (ସମିସ): ଜମନକିରା ନାଏକଡିହିପଡ଼ା ମୁଖ୍ୟରାସ୍ତା କାଦୁଅରେ ପଚ୍‌ପଚ ହେଉଥିବାରୁ ପଡ଼ାବାସୀଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି । ପ୍ରକାଶ ଥାଉ କି ଜମନକିରା ପଞ୍ଚାୟତ ଦଶଘରିଆ ଜାତୀୟ ରାଜପଥ ୫୩ରୁ ନାଏକଡିହିପଡ଼ାବାସୀଙ୍କ ଦେଇ ଅର୍ଜୁନପାଲି ଗ୍ରାମକୁ ଯାଇଛି । ପ୍ରତିଦିନ ଶହ ଶହ ଜନସାଧାରଣ ମୁଖ୍ୟରାସ୍ତା ଦେଇ ସ୍କୁଲ୍,କଲେଜ ସହ ସମସ୍ତ କାମ ପାଇଁ ଯାତାୟାତ କରୁଥିଲେ ବି ପ୍ରଶାସନ ଉକ୍ତ ରାସ୍ତା ପ୍ରତି ଅଣଦେଖା କରୁଛି । ସରକାର ରାସ୍ତା କାମ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର କରୁଥିବା ବେଳେ ନାଏକଡିହି ପଡ଼ାବାସୀଙ୍କ ପାଇଁ ସାତ ସପନ ହୋଇ ଯାଇଛି । ପଡ଼ାରବାସିନ୍ଦା ଅର୍ଜୁନ ପଟେଲ କହନ୍ତି ପ୍ରତିବର୍ଷ ବର୍ଷା ଆରମ୍ଭରୁ ରାସ୍ତା କର୍ଦ୍ଦାକ୍ତ ହେଉଛି । ଫଳରେ ନାଏକଡିହି ପଡ଼ାବାସୀଙ୍କ ସହ ଅର୍ଜୁନପାଲିର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ପଡ଼ାର ମାଧବଚନ୍ଦ୍ର ପ୍ରଧାନ କହନ୍ତି ଉକ୍ତ ରାସ୍ତା ଦେଇ ଜମନକିରାର ସରସ୍ୱତୀ ଶିଶୁ ମନ୍ଦିର ଗାଡି ଯିବା ଆସିବା କରୁଥିଲେ କାଦୁଅରେ ବେଳେ ବେଳେ ଗାଡି ଫସି ରହେ । ପଡ଼ାର କିଛି ଲୋକଙ୍କୁ ନେଇ କାଦୁଅ ରାସ୍ତା ଉପରେ କ୍ରସର ମେଟାଲ ମିଶା ବ୍ରଜି ପକାଇଛନ୍ତି । ପଡ଼ାର ଅର୍ଜୁନ ପଟେଲ, ଖଣ ସୁନ୍ଦର କଉଡ଼ି, ବଳରାମ ଠାକୁର, ସୁକାନ୍ତ ପଟେଲ, ମଧୁସୂଦନ କଉଡ଼ି, ସୌଭାଗ୍ୟ ପୃଷ୍ଟି, ସୁଦର୍ଶନ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ମାଧବ ଚନ୍ଦ୍ର ପ୍ରଧାନପ୍ରଭୃତି ଶ୍ରମ ଦେଇ କାମ କରିଥିଲେ ।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଚାରାରୋପଣ



ବରଗଡ଼,୨୬।୮ (ସମିସ): ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ବରଗଡ଼ ସିମେଣ୍ଟ ୱାର୍କ୍ସ ପ୍ରଦୀପ ମହାନ୍ତି, ଆଦାନୀ ଫାଉଣ୍ଡେସନ ସିମେଣ୍ଟ ୱାର୍କ୍ସ ନିରୁପମା ମହାନ୍ତି, କମ୍ୟୁନିଟି ମୋବିଲାଇଜର, ମାନଭଞ୍ଜନ ପଧାନ, ବଗିଚା ନିରୀକ୍ଷକ ବୃକ୍ଷରୋପଣ ପାଇଁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ରବିନାରାୟଣ ଯୁଆଡି, ନରେନ୍ଦ୍ର, ଗଜାଧର ସିଂ, ସୁଷମା ଦାସ ସହଯୋଗ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ରାୟ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କୃତଜ୍ଞତା ଜ୍ଞାପନ କରିଥିଲେ ।

# ଗଡ଼ପୋଷ ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା

କୁଚିଣ୍ଡା,୨୬।୮ (ସମିସ) : ବାମରା ବ୍ଲକ୍ ଅଧୀନ ଗଡ଼ପୋଷା ପ୍ରାଥମିକ ବିଦ୍ୟାଳୟରେ ରବିବାର ଅପରାହ୍ନରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଘନସରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିବା ଶରତ ଚନ୍ଦ୍ର ପଟେଲ୍ ନିଜ ଚାକିରି ଜୀବନରୁ ଅବସର ଗ୍ରହଣ କରିଥିବା ବେଳେ ତାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ ସୁଦୀପ୍ତ କୁମାର ପଟେଲ, ଗଡ଼ପୋଷ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭେଷଜ କୁମାର ପଟେଲ, ସିଆରସିସି କିଶୋର ଗୋପାଲ, ନିତ୍ୟାନନ୍ଦ ସୁନାନି, ଅଶୋକ ସାହୁ, ଦୟାନିଧି ଡୁଡୁମ, ସଞ୍ଜୟ କିସାନ, ରୋହିତ ନାଏକ, ବିଜୟ ଦାସ ଓ ଚମ୍ପକେଶ୍ୱରୀ ନାଏକଙ୍କ ସହ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦାୟୀ ଶିକ୍ଷକ ଶରତ ଚନ୍ଦ୍ର ପଟେଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା ସଚେତନତା

ରେଢ଼ାଖୋଲ,୨୬।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଦିନ ଏନଡିଆରଏଫ୍ ମୁଣ୍ଡୁଳି କଟକ ତଥା ସମ୍ବଲପୁର ଜିଲ୍ଲାପାଳ ଆପତ୍କାଳୀନ ବିଭାଗ ତରଫରୁ ସଚେତନତା ଓ ପ୍ରଶିକ୍ଷଣ କାଯ'କ୍ରକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଉକ୍ତ ସଂସ୍ଥାର ଇନ୍ସପେକ୍ଟର ନବକିଶୋର ପ୍ରଧାନ ଏବଂ ସବ୍ ଇନ୍ସପେକ୍ଟର ପୁଷ୍ପେନ୍ଦୁ ଦୁହାନଙ୍କ ତତ୍ତ୍ୱାବଧାନରେ ତାଙ୍କର ୬ ଜଣ ସହଯୋଗୀଙ୍କ ଦ୍ୱାରା ଆପତ୍କାଳୀନ ପରିସ୍ଥିତି ଏବଂ ବିପର୍ଯ୍ୟୟର ମୁକାବିଲା କିଭଳି କରାଯିବ ପ୍ରଶିକ୍ଷଣ ଦର୍ଶାଇଥିଲେ । ନଈବଢି, ଭୂମିକମ୍ପ, ନିଆଁର ଆୟତ୍ତ, ସାପ କାମୁଡା, ପ୍ରାଥମିକ ଚିକିତ୍ସା, ସିପିଆର୍ ଇତ୍ୟାଦି ସମ୍ପର୍କରେ ତାଲିମ ଦେଇଥିଲେ ।ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଣୁଧର ବରିହା ପ୍ରାରମ୍ଭିକ ଅଭିଭାଷଣ ଦେବା ସହ ମାନବୀୟ ଗୁଣ କିଭଳି ଉକ୍ତ କାର୍ଯ୍ୟ ଦ୍ୱାରା ପ୍ରତିଫଳିତ ହୋଇଥାଏ ଆଲୋକପାତ କରିଥିଲେ । ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଉତ୍ସାହ ସହ ଭାଗ ନେଇଥିଲେ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିବା ସହ ବରିଷ୍ଠ ଶିକ୍ଷୟିତ୍ରୀ ଗୀତାରାଣୀ ଦାସଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ଇନରହ୍ୱିଲ୍ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା




ବରଗଡ଼,୨୬।୮ (ସମିସ): ବରଗଡ଼ର ଇନରହ୍ୱିଲ୍ କ୍ଲବ୍, ରୋଟାରୀ କ୍ଲବ୍ ଅଫ୍ ବରଗଡ଼ ସହଯୋଗରେ ରୋଟାରୀ ପବ୍ଲିକ୍ ସ୍କୁଲରେ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ରୋଟାରୀ ସଭାପତି ଗଙ୍ଗା ସାଗର ପତି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଅତିଥି ବକ୍ତା ଭାବେ ପୁରୋହିତ ଜେନେରାଲ ହସ୍ପିଟାଲ (ପ୍ରସୂତି ଏବଂ ସ୍ତ୍ରୀରୋଗ ବିଶେଷଜ୍ଞ)ର ଡ.ଦେବଜାନୀ ମେହେର ଏବଂ ଡ.ଅଭିପ୍ସା ପ୍ରିୟା ଦ୍ରଶିନୀ ବେହେରା, ମାସିକ ଋତୁସ୍ରାବ ପରିଚ୍ଛନ୍ନତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସ୍ୱାସ୍ଥ୍ୟ ସମସ୍ୟା ବୁଝାଇବା ସହ ନିରାପଦ ଅଭ୍ୟାସ ଉପରେ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ । ସପ୍ତମ, ଅଷ୍ଟମ ଏବଂ ନବମ ଶ୍ରେଣୀର ଛାତ୍ରଛାତ୍ରୀ ବିଭିନ୍ନ ପ୍ରଶ୍ନ ପଚାରି ତାହା ଉପରେ ପରାମର୍ଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ପିଡିସି ମମତା ପୁରୋହିତ, ଆଇଡବ୍ଲ୍ୟୁସି ବରଗଡ଼ ସଭାପତି ଆଶିମା ବିସୋଇ, ସଚିବ ପୂଜା ଅଗ୍ରୱାଲ, ପୂର୍ବତନ ସଭାପତି ଋତୁ ସାନନ, କୋଷାଧ୍ୟକ୍ଷ ସାରିକା ଅଗ୍ରୱାଲ, ରୋଟାରୀ ସ୍କୁଲର ଅଧ୍ୟକ୍ଷ ଗଜେନ୍ଦ୍ର ମିଶ୍ର ଏବଂ ଶିକ୍ଷକମାନେ ଉପସ୍ଥିତ ଥିଲେ । ଉଭୟ କ୍ଲବ୍‌ର ସାମୂହିକ ସମର୍ଥନ ଏବଂ ସଦସ୍ୟ ଏବଂ ସ୍କୁଲ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ରୋଟାରୀ ସଚିବ ଆନନ୍ଦ ବୁଟିଆ ଧନ୍ୟବାଦ ପ୍ରସ୍ତାବ ପ୍ରଦାନ କରିଥିଲେ ।

# ଡିଭିଆର୍ ଆଣ୍ଡ ଜିଆର୍‌ସିଆର୍ ମେମୋରିଆଲ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ

ବରଗଡ଼,୨୬।୮ (ସମିସ)




ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ପ୍ରାଙ୍ଗଣରେ ଦାସରୀ ଭୀର ରାଜୁ ଏବଂ ଗୁଲ୍ଲମରାମଚନ୍ଦ୍ର ରାଓ ମେମୋରିୟାଲ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଯାଇଛି । ଗ୍ରାଜୁଏସନ୍ ଡେ ଭାବେ ପାଳିତ ଉତ୍ସବରେ ପ୍ରତିବର୍ଷ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପାରମ୍ପରିକ ଗ୍ରାଜୁଏସନ୍ ପୋଷାକ ପରିଧାନରେ ମାନପତ୍ର ପ୍ରଦାନ କରାହୋଇଥାଏ । ଲକ୍ଷ୍ମୀ ବିକାଶ ଗ୍ରୁପ ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓ, ବିଦ୍ୟା ବିକାଶ ଗ୍ରୁପର ଚେୟାରମ୍ୟାନ କମ୍ ମ୍ୟାନେଜିଂ ଡାଇରେକ୍ଟର ଜି.ଭାସ୍କରରାଓ ଓ ପରିବାର ସଦସ୍ୟ ଯୋଗ ଦେଇଥିଲେ । ଚେୟାରମ୍ୟାନ୍ ଶ୍ରୀ ରାଓଙ୍କ ମା' ଦସାରୀ ଲକ୍ଷ୍ମୀଙ୍କ କରକମଳରେ ସଦ୍ୟ ନିର୍ମିତ ନର୍ସିଂ କଲେଜର ଏକାଡେମିକ୍ ବ୍ଲକ୍ (ପାର୍ବତି ଗିରି ଏକାଡେମିକ୍ ବ୍ଲକ୍)ର ଉଦ୍‌ଘାଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଶ୍ରୀ ଜଗଦାନନ୍ଦ କୋଫାଉଣ୍ଡର ସେଣ୍ଟର ଫର ୟୁଥ୍ ଆଣ୍ଡ ସୋସିଆଲ୍ ଡେଭଲପମେଣ୍ଟ (ଭୁବନେଶ୍ୱର) ତଥା ଫର୍ମର ଓଡ଼ିଶା ଷ୍ଟେଟ୍ ଇନଫର୍ମେସନ କମିସନର ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ୱହସ୍ତରେ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ କୃତୀତ୍ୱ ପାଇଁ ପାରମ୍ପରିକ ରୀତିରେ ସମ୍ବର୍ଦ୍ଧିତ କରିଥିଲେ । ୨୦୨୪-୨୫ ଶିକ୍ଷା ବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ, ବିକାଶ ଡିଗ୍ରୀ କଲେଜ, ଲ'ସ୍କୁଲ ଏବଂ ନର୍ସିଂ କଲେଜର ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ୟୁନିଭର୍ସିଟି ର୍‌ୟାଙ୍କ ପାଇଥିବା ୪୬ ଜଣ ଛାତ୍ରଛାତ୍ରୀ, ବିକାଶ ହାୟର୍ ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟର ୟୁନିଭର୍ସିଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଦାସରୀ ଭୀରରାଜୁ ଏବଂ ଗୁଲ୍ଲମରାମ ଚନ୍ଦ୍ରରାଓ ମେମୋରିଆଲ୍ ଟ୍ରଷ୍ଟ ତରଫରୁ ବାଦ୍ୟଶିଳ୍ପୀ ପଦ୍ମଶ୍ରୀ ଡ.ଚତୁର୍ଭୁଜ ମେହେରଙ୍କୁ ମାନପତ୍ର ପ୍ରଦାନ ସହିତ 'ଡିଭିଆର୍ ସ୍ମୃତି ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସଂସ୍ଥା ଉମିଦ୍ଦ ଓ ବରଗଡ଼ ଫାଇଟର୍ ଗ୍ରୁପ୍‌ର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ ତରଫରୁ ଏକ ମଲ୍ଟି ଡିସିପ୍ଲିନାରୀ ଜର୍ନାଲ 'ଗ୍ଲୋବାଲ ଜର୍ନାଲ ଅଫ୍ ଇନୋଭେସନ୍ ଅଫ୍ ରିସର୍ଚ୍ଚ'ର ଉଦ୍‌ଘାଟନ ସହ ପ୍ରଥମ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିକାଶ ଡାଇରେକ୍ଟର ଜି.ରାମକ୍ରିଷ୍ଣା, ଡାଇରେକ୍ଟର ଡି. ଶ୍ୟାମ, ଡି.ରାମ, ଗୀତିକା ଚୌଧୁରୀ ସମେତ ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ବରିଷ୍ଠ ଉପଦେଷ୍ଟା ପିକେ ଦାଶ, ଅଧ୍ୟକ୍ଷ ଡ.ବିକ୍ରମ ଦାସ, ପ୍ରଫେସର ସତ୍ୟବ୍ରତ ମିଶ୍ର, ଡ.ପୁର୍ଣ୍ଣେନ୍ଦୁ ମିଶ୍ର, ଡ.ଦିଲିପ ଖମାରୀ, ଅଧ୍ୟକ୍ଷା ଦିପାଞ୍ଜଳି ପଟେଲ ଟଲ, ଡ.ଶୁଭେନ୍ଦୁ ଶେଖର ମିଶ୍ର ତଥା ଡୀନ୍ ଆର୍‌ଏସ୍‌ଭୀ କ୍ରିଷ୍ଣାଙ୍କ ସମେତ ଉପାଧ୍ୟକ୍ଷ ଦୀପକ ନାୟକ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ଚିଫ୍ ଆଡମିନିସଟ୍ରେଟିଭ ଅଫିସର ଇଂ.ଅଜୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟକ୍ଷ ଡ.କ୍ଷୀରୋଦ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜି.ରାମକ୍ରିଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ

ଜମନକିରା,୨୬।୮ (ସମିସ)): ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଜମନକିରା ବ୍ଲକ୍ ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଥିଲା । ସଂଘର ସଭାପତି ଗୋକୁଳାନନ୍ଦ ଦାନୀ ଅଧ୍ୟକ୍ଷତା କରିଥିଲେ । ସର୍ବପ୍ରଥମେ ଦିବଂଗତ ବରିଷ୍ଠ ନାଗରିକଙ୍କ ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ବର୍ତ୍ତମାନ୍ ସମୟରେ ବରିଷ୍ଠ ନାଗରିକମାନେ କିପରି ନିଜ ପରିବାରରେ ସାମାଜିକ ତଥା ସରକାରୀ ସ୍ତରରେ ଅବହେଳିତ ହେଉଛନ୍ତି ସେ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ପୁଲିସ ପ୍ରଶାସନ ପକ୍ଷରୁ ପୂର୍ବରୁ ଦିଆଯାଉଥିବା ସୁରକ୍ଷା କାର୍ଡ ପୁଣି ଥରେ ପ୍ରଚଳନ କରାଯିବା ସହ ପୁଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଥିଲା । ରାଜ୍ୟ ସରକାରଙ୍କ ଠାରୁ ଆୟୁଷ୍ମାନ ଭାରତ ବୟୋ ବନ୍ଦନା କାର୍ଡ ତୁରନ୍ତ ଯୋଗାଇ ଦେବା ସହ ଆବଶ୍ୟକ ମାଗଣା ଚିକିତ୍ସା ସେବା ଦେବାକୁ ଦାବି ହୋଇଥିଲା । ଏ ସଂପର୍କରେ ମୁଖ୍ୟମନ୍ତ୍ରୀ ମୋହନ୍ ମାଝିଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିବାକୁ ଆଲୋଚନା ହୋଇଥିଲା । ରବିନ୍ଦ୍ର ମଲ୍ଲିକ, ଲକ୍ଷ୍ମଣ ନାଏକ, ଚକାନନ୍ଦ ସା, ଅମରେଶ ସ୍ୱାଇଁ, ସାଲେକରାମ ପଧାନ ପ୍ରଭୃତି ଅନେକ ସଭ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଆର୍‌ଏସ୍‌ପି ବ୍ଲାଷ୍ଟ ଫର୍ଣ୍ଣେସ-୫ରେ ଚତୁର୍ଥ ଷ୍ଟୋଭ ସ୍ଥାପନ ପାଇଁ ଭୂମିପୂଜନ



**ରାଉରକେଲା, ୨୬।୮ (ସମିସ):** ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ୍ ନମ୍ବର ୫ରେ ଚତୁର୍ଥ ଷ୍ଟୋଭ ସ୍ଥାପନ ପାଇଁ ଭୂମିପୂଜନ ସମାରୋହ ଅଗଷ୍ଟ ୨୬ ତାରିଖରେ ବ୍ଲାଷ୍ଟ ଫର୍ଣ୍ଣେସ - ୫ ପ୍ରକଳ୍ପ ସ୍ଥାନ ନିକଟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ସିଜିଏମ୍ ସୁମିତ କୁମାର, ରିଫ୍ରାକ୍ଟୋରୀ ବିଭାଗର ସିଜିଏମ୍ ଏସ୍.ଏସ୍. ପଣ୍ଡା, ପ୍ରକଳ୍ପ ବିଭାଗର ସିଜିଏମ ଡି. କେ. ସାହୁ ଓ ରାହୁଲ ଅଗ୍ରୱାଲ, ପ୍ରକଳ୍ପ କାର୍ଯ୍ୟକାରୀ ବିଭାଗର ସିଜିଏମ୍ ଅଶ୍ୱିନୀ କୁମାର ସାହୁ ଏବଂ କାରଖାନାର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏହି ପ୍ରକଳ୍ପ ପ୍ରାଇମେଟାଲ୍ସ ଟେକ୍ନୋଲୋଜିସ୍ ଇଣ୍ଡିଆ ଲିମିଟେଡ୍ ସହିତ ମିଳିତ ଭାବରେ କାର୍ଯ୍ୟକାରୀ ହେଉଛି । ପ୍ରକଳ୍ପର ମୋଟ ପ୍ରକଳ୍ପ ମୂଲ୍ୟ ୧୦୬.୪୮ କୋଟି ଟଙ୍କା ରହିଛି ଏବଂ ପ୍ରକଳ୍ପର ସମାପ୍ତି ସମୟସୀମା କାର୍ଯ୍ୟକାରୀ ତାରିଖରୁ ୨୦ ମାସ ମଧ୍ୟରେ ହେବା ଧାର୍ଯ୍ୟ ରହିଛି । ଚତୁର୍ଥ ଷ୍ଟୋଭର ସ୍ଥାପନା ବ୍ଲାଷ୍ଟ ଫର୍ଣ୍ଣେସ୍ ନମ୍ବର ୫ର ଦକ୍ଷତା ଏବଂ ଉତ୍ପାଦକତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ, ଯାହା ସେଲର ସାମଗ୍ରିକ ଇସ୍ପାତ ଉତ୍ପାଦନ କ୍ଷମତାରେ ଆର୍‌ଏସ୍‌ପିର ଅବଦାନକୁ ଅଧିକ ସମୃଦ୍ଧ କରିବ । ଏହି ସଂଯୋଗ ସେଲର କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ସମାଧାନ ଗ୍ରହଣ କରିବା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଯାହା ଇସ୍ପାତ କ୍ଷେତ୍ରକୁ ସୁଦୃଢ଼ କରିବାର ଏହାର ଦୀର୍ଘକାଳୀନ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖୁଛି ।

## ଆର୍‌ଏସ୍‌ପି ମାଷ୍ଟର ଟ୍ରେନର୍‌ଙ୍କ ନିମନ୍ତେ ରାଷ୍ଟ୍ରୀୟ କର୍ମଯୋଗୀ ଜନସେବା କାର୍ଯ୍ୟକ୍ରମ

**ରାଉରକେଲା, ୨୬।୮ (ସମିସ):** ସେଲ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ମାଷ୍ଟର ଟ୍ରେନର୍‌ଙ୍କ ପାଇଁ ରାଷ୍ଟ୍ରୀୟ କର୍ମଯୋଗୀ ବୃହତ୍ ଜନସେବା କାର୍ଯ୍ୟକ୍ରମର ତିନି ଦିନିଆ ସାମର୍ଥ୍ୟ ଗଠନ କର୍ମଶାଳା ଆଜି ଆରମ୍ଭ ହୋଇଛି । ଏହି କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ



ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ମାନବ ସମ୍ବଳ ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିଜିଏମ୍ ପି. କେ. ସାହୁ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ ।

ଉଲ୍ଲେଖନୀୟ ଯେ, କାରଖାନାର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ମାଷ୍ଟର ଟ୍ରେନର୍ ଭାବେ ତାଲିମ ଦିଆଯାଉଛି । ଯେଉଁମାନେ ପରେ ପରେ ନିଜନିଜ ବିଭାଗୀୟ ଅଞ୍ଚଳର କର୍ମଚାରୀଙ୍କୁ ତାଲିମ ଦେଇପାରିବେ । ଏହି ଅବସରରେ ଶ୍ରୀ ମିଶ୍ର କର୍ମଚାରୀଙ୍କ ମଧ୍ୟରେ ସେବା ମନୋଭାବ ସୃଷ୍ଟି ସହିତ ସେମାନଙ୍କ ମଧ୍ୟରେ ସନ୍ତୁଷ୍ଟି ଚେତନାକୁ ପ୍ରୋତ୍ସାହିତ କରିବାରେ ରାଷ୍ଟ୍ରୀୟ କର୍ମଯୋଗୀ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, ଏପରି ମୂଲ୍ୟବୋଧ କେବଳ ବ୍ୟକ୍ତିଗତ ବିକାଶକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଦେଶ ନିର୍ମାଣରେ ଅର୍ଥପୂର୍ଣ୍ଣ ଭାବେ ଅବଦାନ ଦେଇଥାଏ । ପି. କେ. ସାହୁ ନିଜର ବକ୍ତବ୍ୟରେ ଭାରତ ସରକାରଙ୍କ ସାମର୍ଥ୍ୟ ଗଠନ ଆୟୋଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ବିଶାଳ ବ୍ୟବହାରଗତ ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଢାଞ୍ଚା ବିଷୟରେ ସଭାକୁ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ, ଏଚ୍‌ଆର୍‌ଏଲ୍ ଏଣ୍ଡ ଡି ବିଭାଗର ଜିଏମ୍ ଏମ୍ କେ ଅଗ୍ରୱାଲ ଏହାର ପ୍ରମୁଖ ବୈଶିଷ୍ଟ୍ୟତା ଗୁଡ଼ିକ ଉପରେ ବର୍ଣ୍ଣନା କରିଥିଲେ । ଏମ୍‌ଟିଆଇ (ସିଏଚ୍‌ଆର୍‌ଡି) ବିଭାଗର ଜିଏମ୍ ଜେ.ଏନ. ହେମ୍ବ୍ରମ ଏବଂ କେଓଏମର ଡିଜିଏମ ଆର. ବିଶ୍ୱାସ ଏହି ତାଲିମ କାର୍ଯ୍ୟକ୍ରମର ଅଧ୍ୟାପକ ରହିଛନ୍ତି ।

ଏହି କାର୍ଯ୍ୟକ୍ରମ ମତବିନିମୟ ଶିକ୍ଷଣ ଉପରେ ଆଧାରିତ ଥିଲା । ଏହି ପରିପ୍ରେକ୍ଷୀରେ ଏକ ଟିମ ଦ୍ୱାରା ଡିଜାଇନ୍ ଅଭ୍ୟାସ ମଧ୍ୟ ସମ୍ପନ୍ନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ବର୍ତ୍ତମାନର ଭୂମିକା ତଥା ନିଜନିଜ ବିଭାଗରେ ସେମାନଙ୍କର ଅବଦାନର ମୂଲ୍ୟାଙ୍କନ ବୁଝିବାରେ ସାହାଯ୍ୟ କରିବ । ଏହା ସହିତ ସେମାନଙ୍କର ପ୍ରୟାସ କିପରି ସଂଗଠନାତ୍ମକ ଉଦ୍ଦେଶ୍ୟ ସହିତ ଜାତୀୟ ବିକାଶର ବ୍ୟାପକ ଲକ୍ଷ୍ୟ ସହିତ

## ୨ ବାଇକ୍ ଚୋର ଗିରଫ : ୪ ବାଇକ ଜବତ

**ରାଉରକେଲା, ୨୬।୮ (ସମିସ):** ସ୍ଥାନୀୟ ରଘୁନାଥପାଲି ଥାନା ପୁଲିସ ଏକ ବାଇକ ରାକେଟ ଠାବ କରିବା ସହ ସେମାନଙ୍କ ନିକଟରୁ ୪ଟି ବାଇକ ଜବତ କରିଥିବା ଜଣାପଡ଼ିଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପାନପୋଷ ବାଲୁଘାଟ ଅଞ୍ଚଳର ରାକେଶ ମହାନନ୍ଦ ଓରଫ ଟିକିଲି(୧୯) ଏବଂ ପାନପୋଷ ରୂପଟୋଲା ଅଞ୍ଚଳର ଶ୍ରବଣ ମାହାତୋ ଓରଫ ମାନୁ (୨୧) ।

## ରାଉରକେଲାରୁ ବିମାନ ସେବା ଆରମ୍ଭ ପାଇଁ ସ୍ମାରକପତ୍ର



**ରାଉରକେଲା, ୨୬।୮ (ସମିସ):** ଆଜି ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ତରଫରୁ ରାଉରକେଲାରୁ ଯଥାଶୀଘ୍ର ବିମାନ ସେବା ଆରମ୍ଭ କରିବା ଦାବି ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଏବଂ ପ୍ରତିବାଦ ସଭା କରାଯିବା ସହିତ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା କଂଗ୍ରେସ କମିଟିର ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର କାର୍ଯ୍ୟକର୍ତ୍ତାମାନେ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ରାଉରକେଲା ପ୍ରତି ସରକାରଙ୍କ ବୈମାତୃକ ମନୋଭାବର ଅଭିଯୋଗ କରିଥିଲେ । ବିଗତ ଦିନରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଉରକେଲା ଗ୍ରସ୍ତ ସମୟରେ ରାଉରକେଲାରେ ଏକ ପୂର୍ଣ୍ଣାଙ୍ଗ ବିମାନ ବନ୍ଦରର ଆବଶ୍ୟକତା ରହିଛି ବୋଲି ଗଣମାଧ୍ୟମକୁ ସମ୍ବୋଧିତ କରି ମନ୍ତବ୍ୟ ଦେବା ସହିତ ଏହି ଦିଗରେ ସେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ବର୍ତ୍ତମାନ ରାଉରକେଲା ବିମାନ ବନ୍ଦରରୁ ବିମାନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବନ୍ଦ ହେବା ସହିତ ସରକାରୀ ସହାୟତାରେ ଝାରସୁଗୁଡ଼ା ବିମାନବନ୍ଦରରୁ ଷ୍ଟାର୍ ଏଆର ସର୍ଭିସ ବିମାନ ସେବା ଯୋଗାଇବା ଏବଂ ଏହି ସେବା ସଂକ୍ରାନ୍ତ ବିଜ୍ଞାପନ ରାଉରକେଲା ସହରରେ ହୋର୍ଡିଙ୍ଗ ମାଧ୍ୟମରେ ସରକାର ଙ୍କ ଦ୍ୱାରା କରାଯିବା ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଜନସାଧାରଣଙ୍କୁ ପ୍ରତାରଣା ଏବଂ ରାଉରକେଲା ବାସୀଙ୍କ ପାଇଁ ଏହା କଟା ଘାରେ ଲୁଣ ପକେଇବା ସଦୃଶ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସ କହିଥିଲେ । ରାଉରକେଲାରୁ ଯଥାଶୀଘ୍ର ବିମାନସେବା ଆରମ୍ଭ କରାନଗଲେ ଆଗାମୀ ଦିନରେ ରାଉରକେଲା ଜିଲ୍ଲା କଂଗ୍ରେସ ରାଉରକେଲା ବନ୍ଦ ଡାକରା ଦେବାକୁ ଚେତାବନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଗଣେଶ ପ୍ରଧାନ, ଉପସଭାପତି ସନ୍ତୋଷ ବିଶ୍ୱାଳ, ପ୍ରଦେଶ କଂଗ୍ରେସ ପୂର୍ବତନ ସାଧାରଣ ସମ୍ପାଦକ ସବୀର ହୁସେନ, ସାଧାରଣ ସମ୍ପାଦକ ସୁନୀଲ ପଟ୍ଟନାୟକ, ନଚିକେତା ମହାପାତ୍ର, ସେବାଦଳ ମୁଖ୍ୟ ବିନୋଦ ରାଉତ, ବ୍ଲକ ସଭାପତି ହରପ୍ରସାଦ ସାମଲ ପ୍ରମୁଖ ଯୋଗ ଦେଇଥିଲେ ।

# ଗଜାନନଙ୍କ ଆବାହନ ଆଜି; ଝଲସୁଛି ତୋରଣ

**ରାଉରକେଲା, ୨୬।୮ (ସମିସ)**





ରାତି ପାହିଲେ ଗଜାନନଙ୍କ ଆବାହନ । ଧରାପୃଷ୍ଠରେ ଅବତରଣ କରିବେ ବିଦ୍ୟାଦାତା । ଆରମ୍ଭ ହେବ ପାର୍ବଣ ଋତୁ । ଏଥିପାଇଁ ଚଳଚଞ୍ଚଳ ସ୍ମାର୍ଟ ସିଟି ରାଉରକେଲା । ଜମିବ ଚଳିତ ବର୍ଷର ପୂଜା ମାହୋଲ । ବୁଧବାର ମୂର୍ତ୍ତି ଓ ତୋରଣରେ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର । ଛାଞ୍ଚ ମୂର୍ତ୍ତି ଠାରୁ ଆରମ୍ଭ କରି ହାତ ତିଆରି ମାଟି ମୂର୍ତ୍ତିକୁ ଅତି ଭାବେ ଗଢ଼ିଥିବା ଦେଖାଯାଉଛି । ବିଶେଷ କରି ମୂର୍ତ୍ତି ଉପରେ ଧ୍ୟାନ ଦିଆଯାଇଛି । ଅଧିକରୁ ଅଧିକ ସୁସଜ୍ଜିତ ମୂର୍ତ୍ତି ପାଇଁ ପୂଜା କମିଟି ପକ୍ଷରୁ କାରିଗରଙ୍କୁ ଅର୍ଡର ଦିଆଯାଇଥିଲା । ଛୋଟ ବଡ଼ ମଣ୍ଡପରେ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ । ୨ ଶହରୁ ଊର୍ଦ୍ଧ୍ୱ କ୍ଲବ୍ ଏବଂ କମିଟି ଧୁମଧାମରେ ବିସର୍ଜନ ଶୋଭାଯାତ୍ରା ଆୟୋଜନ କରିବେ । କିଏ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ରାଜ୍ୟ ବାହାରୁ ବ୍ୟାଣ୍ଡ ପାର୍ଟି ବରାଦ କଲେଣି ତ ଆଉ କେଉଁ କ୍ଲବ୍ ଷ୍ଟାର୍‌ନାଇଟ୍ ବା ମେଲୋଡି କରିବାର ଯୋଜନାରେ ରହିଛନ୍ତି । ସେହିପରି ଦଶହରା ଭଳି ଛୋଟବଡ଼ ତୋରଣ ହୋଇଛି । ଖର୍ଚ୍ଚ ଅଟକଳ ଦେଖିଲେ, ରାଉରକେଲା ପ୍ରସିଦ୍ଧ ଦୁର୍ଗାପୂଜା ଠାରୁ କମ୍ ନୁହେଁ ଗଣେଶ ପୂଜା ଆୟୋଜନ । ଦିନକୁ ଦିନ ସହରରେ ଗଣେଶ ପୂଜାର ଆକାର ବଢ଼ିବାରେ ଲାଗିଛି । ସାଜସଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ତୋରଣ ଏବଂ ଭସାଣିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ପ୍ରତିଯୋଗିତା ମୂଳକ ଭାବେ କିଏ କେଉଁ ବାଜା ବଜାଇବ ଏବଂ କିଏ ମେଲୋଡିରେ କେଉଁ ଷ୍ଟାରଙ୍କୁ ଡାକିବ ତାକୁ ନେଇ ପ୍ରତିଯୋଗିତା ଲାଗିରହିଛି । ସହରର ପ୍ରାୟ ୫୦ ବଡ଼ କ୍ଲବ୍‌ର ବଜେଟ୍ ୫ ଲକ୍ଷ ପାର୍ ହୋଇଯାଉଛି । ତେଣୁ ଗଣେଶ ପୂଜାରେ ରାଉରକେଲା ସହରରେ ଆନୁମାନିକ ପ୍ରାୟ ୧୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେଉଥିବା ଆକଳନ କରାଯାଇଛି । ଅନେକ କ୍ଲବ୍ ଗଣେଶଙ୍କ ଲାଗି ଚାନ୍ଦି ମୁକୁଟ ଓ ସାଜ ବି ତିଆରି କରୁଛନ୍ତି । ଭୋଗ ବଣ୍ଟନରେ ମଧ୍ୟ ଅନେକ ଟଙ୍କା ଖର୍ଚ୍ଚ କରୁଛନ୍ତି । କ୍ୱିଣ୍ଟାଲ କ୍ୱିଣ୍ଟାଲ ଲଡୁ, ବୁନ୍ଦି ବଣ୍ଟନ କରାଯାଏ । ସହରର ପାନପୋଷ, ଏସ୍‌ଟିଆଇ, ସିଭିଲ ଟାଉନସିପ୍, ଲେବର ଟେନାମେଣ୍ଟ, ବାସନ୍ତୀ କଲୋନୀ, ଉଦିତନଗର, ପାୱାର ହାଉସ ରୋଡ, ଲାଲ



ବିଲ୍ଡିଂ, ଡେଲି ମାର୍କେଟ, ବିଶ୍ରା, ରେଲୱେ କଲୋନୀ, ବନ୍ଧମୁଣ୍ଡା, ଛେଣ୍ଡ, କଳିଙ୍ଗ ବିହାର ସମେତ ଅନ୍ୟ ଅଞ୍ଚଳରେ ଅତି ଆଡ଼ମ୍ବରପୂର୍ଣ୍ଣ ଗଣେଶ ପୂଜା ହେଉଥିବା ଦେଖିବାକୁ ମିଳିଛି । ଚଳିତବର୍ଷ ପୁଲିସ ରେକର୍ଡରେ ବିଭିନ୍ନ ଥାନା ଅଞ୍ଚଳର ୧୯୦ ସ୍ଥାନରେ ଗଣେଶ ପୂଜା ଆୟୋଜନ ହୋଇଥିବା ଜଣାପଡ଼ିଛି । ଏହାସହ ବିଭିନ୍ନ ସ୍କୁଲ, କଲେଜ ସମେତ ଅନ୍ୟ ସଂଗଠନ ପକ୍ଷରୁ ମଧ୍ୟ ମୂର୍ତ୍ତି ପାଇଁ ଅର୍ଡର୍ ଦିଆଯାଇଛି । ତେବେ ଏହି କ୍ରମରେ ସହରରେ ଥିବା ଫଟାପାଇପ୍, ଉଦିତନଗର, ଜେଲ ରୋଡ ସମେତ ବିଭିନ୍ନ ସେକ୍ଟର ଅଞ୍ଚଳରେ ଥିବା ମୂର୍ତ୍ତି ବ୍ୟବସାୟୀମାନଙ୍କ ମଧ୍ୟରେ ଫୁର୍ତ୍ତି ଦେଖିବାକୁ ମିଳିଛି । ରାଜ୍ୟ ବାହାର କାରିଗରମାନଙ୍କୁ ଆଣି ମୂର୍ତ୍ତି ଗଢ଼ିବାରେ ନିୟୋଜିତ କରାଯାଇଛି । ଛୋଟ

### ଜମିବ ମୀନା ବଜାର, ଉତ୍ସାହିତ ସହରବାସୀ

ମୂର୍ତ୍ତି ଠାରୁ ଆରମ୍ଭ କରି ବଡ଼ ମୂର୍ତ୍ତି ତଥା ପ୍ରାୟ ୧୦ ଫୁଟ ଉଚ୍ଚତାର ମୂର୍ତ୍ତି ଗଢ଼ା ଯାଇଛି । ଗତ ଦୁଇବର୍ଷ ୩୦-୪୦ ପ୍ରତିଶତ ବ୍ୟବସାୟ ହୋଇଥିବା ବେଳେ ଚଳିତ ବର୍ଷ ୧୦୦ ପ୍ରତିଶତ ବ୍ୟବସାୟ ହୋଇଥିବା ବ୍ୟବସାୟୀ ମହଲରୁ ପ୍ରକାଶ । ରାଉରକେଲା ସମେତ ଏହାର ଆଖପାଖ ଅଞ୍ଚଳରୁ ଲୋକେ ଆସି ମୂର୍ତ୍ତି ଅର୍ଡର୍ ଦେଇଥିବା କୁହାଯାଇଛି । ବିଶେଷ କରି ବାହାର ରାଜ୍ୟରୁ ଆସିଥିବା କାରିଗରଙ୍କ ମଧ୍ୟରେ ଅତ୍ୟନ୍ତ ଖୁସି ପ୍ରକାଶ ପାଇଛି । ଭରପୁର କାମ ସହ ରୋଜଗାର ହୋଇଥିବା କାରିଗର ମାନେ ପ୍ରକାଶ କରିଛନ୍ତି । ବାଂଲାଦେଶ ଘଟଣାକୁ ନେଇ ରାଜ୍ୟ ବାହାରୁ କାରିଗର ଆସିବେ କି ନାହିଁ ବୋଲି ଚିନ୍ତିତ ଥିଲେ । ମାତ୍ର ସେଭଳି କିଛି ନହେବା ଯୋଗୁଁ କାରିଗର ସହ ସ୍ଥାନୀୟ ବ୍ୟବସାୟୀଙ୍କ ପରିବାର ଖୁସି ଥିବା ଜଣାପଡ଼ିଛି । ପାନପୋଷ, ସିଭିଲ ଟାଉନସିପ, ଏସ୍‌ଟିଆଇ, ଗଙ୍ଗାଧରପାଲି, ଲେବର ଟେନାମେଣ୍ଟ, ଉଦିତନଗର, ବାସନ୍ତୀ କଲୋନୀ, ଛେଣ୍ଡ, କଳିଙ୍ଗ ବିହାର, ଡେଲି ମାର୍କେଟ, ପାୱାର ହାଉସ ରୋଡ଼, ବିଶ୍ରା, ଗାନ୍ଧୀ ରୋଡ ସମେତ ଅନ୍ୟ ସ୍ଥାନରେ ପ୍ରାୟ ୧୯୦ରୁ ଊର୍ଦ୍ଧ୍ୱ ପୂଜା ଆୟୋଜନ କରାଯିବା ସହ ଆକର୍ଷଣୀୟ ତୋରଣ ନିର୍ମାଣ ଚାଲିଛି । ସେଥିରୁ ବାସନ୍ତୀ କଲୋନୀ ପାଣି ଟାଙ୍କି, ପାୱାର ହାଉସ ରୋଡ୍ ପାର୍କିଂ, ଛେଣ୍ଡ ଭିଏଧରାପୃଷ୍ଠରେ ଅବତରଣ କରିବେ ଗଜାନନ । ଭିଏସ୍‌ଏସ୍ ମାର୍କେଟ ସମ୍ମୁଖ ଗଣେଶ ପୂଜା ବେଶ୍ ନିଆରା । ସୂଚନା ଅନୁଯାୟୀ ରାଉରକେଲାରେ ୧୮୮ଟି ମେଢ଼ ହୋଇଥିବାବେଳେ ବଣାଇଁ ଅଞ୍ଚଳରେ ୧୧ଟି ମେଢ଼ ହୋଇଛି । ଏହି ସବୁ ସ୍ଥାନରେ ମୀନା ବଜାର ପଡୁଥିବାରୁ ଲୋକେ ଏହାର ଭରପୁର ଆନନ୍ଦ ନେବେ ବୋଲି ଏବେଠାରୁ ଉତ୍ସାହିତ ଥିବା ଜଣାପଡ଼ିଛି ।

## ସାମାନ୍ୟ ବଚସାରୁ କଲେଜ ପରିସରରେ ଫୁଟିଲା ଗୁଳି

**କୁତ୍ରା, ୨୬।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଝାରବେଡ଼ାଠାରେ ଥିବା ଡାଲମିଆ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ୩ଟି ଗୁଳି ଫୁଟିଥିବା ବେଳେ ଅଳ୍ପକେ ଛାତ୍ର ଗୁଳିମାଡ଼ରୁ ବର୍ତ୍ତି ଯାଇଛନ୍ତି । ବେଳେ କୁତ୍ରା ଥାନାରେ ଏ ନେଇ ଅଭିଯୋଗ ହୋଇଛି । କିଛି ଛାତ୍ର ଆଜି ସାଢ଼େ ଗୋଟାଏ ବେଳେ କ୍ଲାସ୍ ସାରି ମହାବିଦ୍ୟାଳୟ ବସ୍ ଷ୍ଟେସନ ପାଖକୁ ଆସୁଥିବାବେଳେ କୁତ୍ରାରୁ ଖତକୁରବାହଲ ଗ୍ରାମର ୫ରୁ ୬ଜଣ ଛାତ୍ର ରାଜଗାଙ୍ଗପୁର ଅଞ୍ଚଳର ଛାତ୍ରଙ୍କୁ କ୍ଲାସ ରୁମରେ କାହିଁକି ଆମ ଉପରକୁ ଚକଖଡ଼ି ଫୋପାଡିଲ ବୋଲି କହି ଗାଳିଗୁଲଜ କରିଥିଲେ । ଉଭୟ ଛାତ୍ର ରୁମରେ ବଚସା ପରେ ଖତକୁରବାହଲର ଛାତ୍ରମାନେ ଖତକୁରବାହଲକୁ ଫୋନ କରି କିଛି ଅଣଛାତ୍ରଙ୍କୁ ଡାକିଥିଲେ । ବଚସାର ପ୍ରାୟ ଅଧା ଘଣ୍ଟା ପରେ ୫ରୁ୬ ଜଣ ଅଣଛାତ୍ର ଆସି ଖତକୁରବାହଲର ଛାତ୍ରଙ୍କ ସହିତ ମିଶି ରାଜଗାଙ୍ଗପୁର ଅଞ୍ଚଳର ଛାତ୍ରଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ । ପରେ ସ୍କୋର୍ପିଓ ଗାଡ଼ିରେ ଆସିଥିବା ଅଣଛାତ୍ର ଏକ ଦେଶୀ ବନ୍ଧୁକରୁ ୩ଟି ଗୁଳି ଫୁଟାଇଥିଲେ । ହେଲେ ଏହି ଆକ୍ରମଣରେ ରାଜଗାଙ୍ଗପୁର ଅଞ୍ଚଳର ଛାତ୍ରମାନେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସେମାନେ ଭୟଭୀତ ହୋଇଥିବା ଦର୍ଶାଇ କୁତ୍ରା ଥାନାରେ ଅଭିଯୋଗ କରିଥିବା କହିଛନ୍ତି । ଏ ନେଇ କୁତ୍ରା ଥାନା ପୁଲିସଙ୍କୁ ପଚାରିବାରୁ ଏ ନେଇ ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି ।

## ଗୁଳିକାଣ୍ଡ ଘଟଣାରେ ୩ ଗିରଫ; ପିସ୍ତଲ, ବାଇକ୍ ଜବତ



**ରାଉରକେଲା, ୨୬।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବୀରମିତ୍ରପୁର ତହସିଲ ଅଫିସ ନିକଟରେ ହୋଇଥିବା ଗୁଳିମାଡ ଘଟଣାରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ଜୀବନ୍ତ ଗୁଳି ଓ ଏକ ନମ୍ବରବିହୀନ ବାଇକକୁ ଜବତ କରିଥିବା ଜଣାପଡ଼ିଛି । ଗିରଫ ଅଭିଯୁକ୍ତମାନେ ହେଲେ ବୀରମିତ୍ରପୁର ଥାନା ଧାଙ୍ଗରିନଚା ଗ୍ରାମର ପିଣ୍ଟୁ ସାହୁ(୩୦), ଜୁମେରଯୋର ଗ୍ରାମର ସମରା କେରକେଟା(୪୭) ଓ ତାଙ୍କ ପୁଅ ରାହୁଲ କେରକେଟା (୨୦) । ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ପୁଲିସ ଧରିବା ପାଇଁ ଅନୁସନ୍ଧାନ ଜାରି ରଖିବା ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି । ଏହି ଗୁଳିକାଣ୍ଡ ଜମି ବ୍ୟବସାୟକୁ କେନ୍ଦ୍ର କରି ହୋଇଥିବା ପୁଲିସ ସ୍ପଷ୍ଟ କରିଛି । ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୨୩ ତାରିଖ ବୁଧବାର ବୀରମିତ୍ରପୁର ତହସିଲ ଅଫିସ ନିକଟରେ ୨ ଜଣ ଯୁବକ ଏକ ବାଇକରେ ଆସି ରାଉରକେଲା ସେକ୍ଟର-୨୦ ଅଞ୍ଚଳର ଜମି ବ୍ୟବସାୟୀ ଉତ୍ତମ କୁମାର ଘୋଷଙ୍କୁ ୨ ରାଉଣ୍ଡ ଗୁଳିମାଡ଼ କରି ଫେରାର ହୋଇ ଯାଇଥିଲେ । ଏହି ଘଟଣାରେ ଉତ୍ତମ କୁମାର ଘୋଷ ଅଳ୍ପକେ ବର୍ତ୍ତି ଯାଇଥିଲେ । ତାଙ୍କ କାର୍‌ର କାଚ ଭାଙ୍ଗିଯିବା ସହ କାର ଭିତର କ୍ଷତିଗ୍ରସ୍ତ ହୋଇଥିଲା ।

### ସରକାରୀ ବାଳିକା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ

## ବିଦ୍ୟାର୍ଥୀଙ୍କଠାରୁ ପୂଜା ଚାନ୍ଦା ଆଦାୟ ନେଇ ଅସନ୍ତୋଷ

**ବାଲିଶଙ୍କରା, ୨୬।୮ (ସମିସ):** ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବାଲିଶଙ୍କରା ବ୍ଲକ ବାଲିଶଙ୍କରା ସରକାରୀ ବାଳିକା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ଗଣେଶ ପୂଜା ପାଇଁ ଚାନ୍ଦା ଆଦାୟ ହେଉଥିବା ନେଇ ଅଭିଯୋଗ ହେଉଛି । ସରକାର ଗରିବ, ଅବହେଳିତ ଛାତ୍ରୀଙ୍କୁ ଶିକ୍ଷାର ବିକାଶ ପାଇଁ ମାଗଣାରେ ରହିବା, ଖାଇବା ଓ ପାଠ ପଢ଼ିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଛାତ୍ରୀଙ୍କ ଠାରୁ ପୂଜା ପାଇଁ ଟଙ୍କା ଆଦାୟ କରାଯାଉଥିବା ପରିତାପର ବିଷୟ ବୋଲି ଅଭିଭାବକମାନେ କହିଛନ୍ତି । ଏ ନେଇ ପ୍ରଧାନଶିକ୍ଷୟିତ୍ରୀ ମୀନା ଶତପଥୀଙ୍କୁ ଯୋଗାଯୋଗ କରିବାରୁ ଯୋଗାଯୋଗ ସମ୍ଭବପର ହୋଇନଥିବାବେଳେ ଜିଲ୍ଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିବାରୁ ଛାତ୍ରୀଙ୍କ ଠାରୁ ପୂଜା ପାଇଁ ଚାନ୍ଦା ଆଦାୟ କରିବାର ନିୟମ ନାହିଁ । ଯଦି ଛାତ୍ରୀଙ୍କ ଠାରୁ ଟଙ୍କା ଆଦାୟ ହେଉଛି ତାହେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

## ପରିତ୍ୟକ୍ତ ଖାଦାନରେ ବୁଡ଼ି ବାଳକ ମୃତ

**ରାଉରକେଲା, ୨୬।୮ (ସମିସ):** ବୀରମିତ୍ରପୁର ଗୁଡ଼ପାଣିରେ ଥିବା ଏକ ପରିତ୍ୟକ୍ତ ଖାଦାନ ପାଣିରେ ବୁଡ଼ି ଜଣେ ୧୪ ବର୍ଷୀୟ ବାଳକର ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ପ୍ରଜଳ ବିଶ୍ୱାସ (୧୪) । ଘଟଣା ସ୍ଥଳରେ ବାଳକର ସାଇକଲ ରହିଛି । କେଉଁ ପରିପ୍ରେକ୍ଷୀରେ ମୃତ୍ୟୁ ହେଲା ତାର ତଦନ୍ତ କରୁଛି ପୁଲିସ । ପୂର୍ବରୁ ଏହି ଖାଦାନ ଟାଟା କମ୍ପାନୀ ଅଧୀନରେ ଥିଲା । ଟାଟା କମ୍ପାନୀ ଏହାକୁ ଛାଡ଼ି ଦେଇଥିବାରୁ ଏହା ପରିତ୍ୟକ୍ତ ଅବସ୍ଥାରେ ଜଳପୂର୍ଣ୍ଣ ହୋଇ ରହିଥିଲା । କେଉଁ ପରିସ୍ଥିତିରେ ପ୍ରଜଳ ସେଠାକୁ ସାଇକଲରେ ଯାଇଥିଲେ ଓ ଏଭଳି ଅଘଟଣ ଘଟିଲା ତାହା ନେଇ ତଦନ୍ତ କରୁଛି ପୁଲିସ ।



# ଦୁଇଦିନ ହେଲା ଅନ୍ଧାରରେ କୋଇଡ଼ା ଅଞ୍ଚଳ



**କୋଇଡ଼ା, ୨୬।୮ (ସମିସ)**

ଗତ ୨୪ ତାରିଖ ମଧ୍ୟ ରାତ୍ରିରେ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ୮ ନମ୍ବର ୱାର୍ଡ ନିକଟରେ ୩୩ କେଭି ବିଦ୍ୟୁତ୍ ତାର ଛିଡ଼ି ଯିବାରୁ ସମ୍ପୂର୍ଣ୍ଣ କୋଇଡ଼ା ଅଞ୍ଚଳ ଅନ୍ଧାରରେ ରହିଛି । ବିଦ୍ୟୁତ୍ ନଥିବାରୁ ଲୋକେ ପାଣି ପାଇଁ ଡହଳବିକଳ

- ପାଣି ପାଇଁ ଡହଳ ବିକଳ ଅଞ୍ଚଳବାସୀ
- ଜରୁରୀ ସେବା ବାଧାପ୍ରାପ୍ତ, ପ୍ରଶାସନର ହସ୍ତକ୍ଷେପ
- ଅନ୍ଧାରର ସୁଯୋଗ ନେଇ ୩ ଦୋକାନରୁ ଚୋରି

ହୋଇଛନ୍ତି । ଏହି ଘଟଣା ପରେ ଅନ୍ଧାରର ସୁଯୋଗ ନେଇ କିଛି ଦୁର୍ବୃତ୍ତ ୩ଟି ଦୋକାନରୁ ଚୋରି କରି ନେଇଛନ୍ତି । ସେହିପରି ଅନେକ ଜରୁରୀ ସେବା ବାଧାପ୍ରାପ୍ତ ହୋଇଥିବାବେଳେ ପ୍ରଶାସନର ହସ୍ତକ୍ଷେପ ପରେ ସମାଧାନର ବାଟ ଫିଟିଥିବା କୁହାଯାଉଛି । ଗ୍ରାମବାସୀଙ୍କ କହିବା ଅନୁଯାୟୀ କିଛି ପରିବାରର ଟିଭି, ଫ୍ରିଜ୍ ଆଦି ପୋଡ଼ିଯାଇଛି । ତେଣୁ ଗ୍ରାମବାସୀ କ୍ଷତିପୂରଣ ଦାବି କରିଛନ୍ତି । ପ୍ରଶାସନର ହସ୍ତକ୍ଷେପ ପରେ କୋଇଡ଼ାରୁ ତାର ଯୋଡ଼ିବା କିଛି ବିଦ୍ୟୁତ୍ କର୍ମଚାରୀ ଯାଇଥିଲେ । ତେବେ ଲୋକେ କର୍ମଚାରୀଙ୍କୁ ବନ୍ଧକ ରଖିଥିଲେ । ଘଟଣା ସମ୍ପର୍କରେ ଅବଗତ ପରେ ସୁନ୍ଦରଗଡ଼ ବ୍ଲକ ଠାରୁ ଜିଲ୍ଲା ପ୍ରଶାସନ କେନ୍ଦୁଝର ଜିଲ୍ଲା ପ୍ରଶାସନଙ୍କୁ ହସ୍ତକ୍ଷେପ କରିବା ପାଇଁ ସାହାଯ୍ୟ ଲୋଡିଥିଲେ ହେଲେ କିଛି ସୁଫଳ ମିଳିପାରିନାହିଁ । ତାର ଯୋଡ଼ିବା ନେଇ ଯୋଡ଼ା ଥାନାରେ ଏସି, ବଣାଇଁ ଟିପିଡବ୍ଲ୍ୟୁଓ ଏସ୍‌ଡିଓ, ଜେଇଙ୍କ ସମେତ ଚମ୍ପୁଆ ଉପଜିଲ୍ଲାପାଳ, ବଡ଼ବିଲ ଉପଖଣ୍ଡ ପୁଲିସ୍ ଅଧିକାରୀଙ୍କ ଅଧ୍ୟକ୍ଷତାରେ ବୈଠକ ପରେ ସମାଧାନର ବାଟ ଫିଟିଥିଲା । କିନ୍ତୁ ବିଦ୍ୟୁତ୍ ସରବରାହ ଏବେ ବି ସ୍ୱାଭାବିକ ହୋଇନଥିବା କୁହାଯାଉଛି ।

## ଜିଲ୍ଲାସ୍ତରୀୟ ପରାମର୍ଶଦାତା ଓ ଟାସ୍କଫୋର୍ସ କମିଟି ବୈଠକ

**ରାଉରକେଲା, ୨୬।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ପ୍ରାକ୍ ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ନିଷେଧ ଆଇନ ସମ୍ପର୍କିତ ଜିଲ୍ଲାସ୍ତରୀୟ ପରାମର୍ଶଦାତା ଓ ଜିଲ୍ଲା ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର ଅଧ୍ୟକ୍ଷତା କରିବା ପାଇଁ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର ଆଦେଶ ଦେଇଥିଲେ । ଜିଲ୍ଲାରେ ସବୁ ସ୍ତରରେ ବେଆଇନ ଲିଙ୍ଗ ନିରୂପଣ ଉପରେ ତୀକ୍ଷ୍ଣ ନଜର ରଖାଯାଉଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ସୁରେଶ ଚନ୍ଦ୍ର



କରିଥିଲେ । ବୈଠକରେ ଜିଲ୍ଲାରେ ଥିବା ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡ଼ିକର ସ୍ଥିତି ଓ କାର୍ଯ୍ୟକାରିତା, ପଞ୍ଜୀକରଣ ତଥା ନବୀକରଣ ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ଜିଲ୍ଲାରେ କନ୍ୟା ସନ୍ତାନ ଅନୁପାତ ଉପରେ ଆଲୋଚନା କରାଯଇଥିଲା । କନ୍ୟା ସନ୍ତାନ ଅନୁପାତ ବୃଦ୍ଧି ଲାଗି ତୃଣମୂଳସ୍ତରରେ ଜିଲ୍ଲା ଭିତ୍ତିକ ଉପାୟ ଅବଲମ୍ବନ କରି ଜନ ସଚେତନତା ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ସୁଭାଶିଷ ମହାରଣା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଡା ପୁଷ୍ପମିତ୍ର ଭିତ୍ରିଆ, ଡା ସୁବାସିନୀ ପାଣ୍ଡେ, ସମାଜସେବୀ ସ୍ନେହଲତା ପଟେଲ, ଅମୀୟକାନ୍ତ ନାୟକ, ଜିଲ୍ଲା କର୍ଯ୍ୟକ୍ରମ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ବିଶ୍ୱମ୍ବର ବେହେରା ଏବଂ ସହ ସଂଯୋଜକ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ



**ରାଉରକେଲା, ୨୬।୮ (ସମିସ):** ୬୯ତମ ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଉଷ୍ଣୁ, ତାଇକଣ୍ଡୋ, ସନ୍ତରଣ, ସାଇକ୍ଲିଂ ପାଇଁ କୃତୀ ଖେଳାଳି ଚୟନ ପ୍ରକ୍ରିୟା ୨୦୨୫-୨୬ ଉଦିତନଗର ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଉଦଘାଟିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁପ୍ରଭାତ କୁମାର ବେହେରା ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଗାୟତ୍ରୀ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ସୁଦୀପ୍ତ କୁମାର ନାଏକ, ସମ୍ମାନିତ ଅତିଥି ପୁରାତନ ଛାତ୍ର ସଂସଦ ସଭାପତି ପ୍ରତାପ ଶେଖର ନାଏକ, ବିଶ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରା, ବିଦ୍ୟୁତ୍ କଲୋନୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂ ଯୋଗ ଦେଇଥିଲେ । ବିଭିନ୍ନ ବ୍ଲକରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଉଷ୍ଣୁ, ତାଇକଣ୍ଡୋ ଓ ସତରଞ୍ଚ ଉଦିତ ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବେଳେ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ସନ୍ତରଣ ଓ ସାଇକ୍ଲିଙ୍ଗ ସେକ୍ଟର -୬ ହକି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଥିଲା । ସେକ୍ଟର -୬ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସହଦେବ ମହାକୁଡ ଧନ୍ୟବାଦ୍ ଦେଇଥିଲେ ।



## ଅବକାରୀ ବିଭାଗର ଚଢ଼ଉ

# ନକଲି ମଦ ଜବତ, ଜଣେ କୋର୍ଟ ଚାଲାଣ



ବରଗଡ଼,୨୬।୮ (ସମିସ): ନୂଆଁଖାଇ ପୂର୍ବରୁ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ଉ ହୋଇ ଲକ୍ଷାଧିକ ଟଙ୍କାର ନକଲି ମଦ, ନକଲି ସ୍ପିରିଟ ଆଦି ସାମଗ୍ରୀ ଜବତ କରାଯାଇଛି। ସଦର ଥାନା କେନ୍ଦପାଲି ଗାଁରେ ନକଲି ମଦ ତିଆରି କରୁଥିବା ବେଳେ ଅବକାରୀ ବିଭାଗ ମାଡି ବସିଥିଲା। ଘଟଣା ସ୍ଥଳରୁ ନକଲି ମଦ ଓ ସ୍ପିରିଟ ସହ ନକଲି ମଦ କାରବାରରେ କେନ୍ଦପାଲି ଗାଁର ଠାକୁର ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଅଧୀକ୍ଷକ ସୁବର୍ଣ୍ଣ ନାୟକଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦପାଲି ଗାଁର ଠାକୁର ପାତ୍ରଙ୍କ ଘରେ ଚଢ଼ଉ ହୋଇଥିଲା। ଏଥିରେ ୮୦ ଲିଟର ସ୍ପିରିଟ୍, ୩ ଲିଟର ରଙ୍ଗ, ଠିପି, ୨୦ ବୋତଲ ଦାମି ଦାମି ଅପମିଶ୍ରିତ ମଦ ଓ ଗୋଟିଏ ମୋବାଇଲ ଜବତ ହୋଇଥିଲା। ଅବକାରୀ ବିଭାଗ ଅଭିଯୁକ୍ତକୁ ଗିରଫ କରିଛି। ପୂର୍ବରୁ ଅଭିଯୁକ୍ତ ନାଁରେ ଅପମିଶ୍ରିତ ମଦ ତିଆରି ମାମଲା ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଢ଼ଉ ସମୟରେ ଦିବ୍ୟ ରାଉତ, ବିକାଶ ଟୋପ୍ପୋ, ଅବ୍ଦୁଲଙ୍କ ସମେତ ଜିଲ୍ଲା ଭ୍ରାମ୍ୟମାଣ ଟିମ୍‌ର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଚୋରି ୪୦ ବସ୍ତା ଟୋଲ ମଞ୍ଜି ଉଦ୍ଧାର, ୨ ଗିରଫ



ପାଇକମାଲ,୨୬।୮ (ସମିସ): ପାଇକମାଲ ଥାନା ମାଣ୍ଡୋସିଲ ଧାନ ମଣ୍ଡି ନିକଟରେ ଏକ ଟ୍ରକ୍‌ର ଡ୍ରାଇଭର ଓ ହେଲ୍‌ପରକୁ ଅପହରଣ କରି ଗାଡିରେ ଥିବା ୪୦ ବସ୍ତା ଟୋଲ ମଞ୍ଜିକୁ ଚୋରାଇ ନେଇଥିବା ଚୋରଙ୍କୁ ପାଇକମାଲ ପୁଲିସ ଧରିଛି। ସୋମବାର ଟ୍ରକରେ ୪୦ ବସ୍ତା ଟୋଲ ମଞ୍ଜି ବୋଝେଇ କରି ରାୟପୁର ନେଉଥିଲେ। ମାଣ୍ଡୋସିଲ ଧାନ ମଣ୍ଡି ନିକଟରେ ୪ ଜଣ ଲୋକ ଟ୍ରକ୍‌କୁ ଅଟକାଇ ଗାଡିରେ କଣ ନେଉଛ ବୋଲି ପଚାରିଥିଲେ। ସେଥିରେ ୪୦ ବସ୍ତା ଟୋଲ ମଞ୍ଜି ଅଛି ଜାଣି ଗାଡିର ଚାବି ଟାଣି ନେଇଥିଲେ। ଏହାସହ ଡ୍ରାଇଭର ରମେଶ ପ୍ରସାଦ କାର୍ତ୍ତିକେ ଓ ହେଲପରକୁ ଏକ ବାଇକରେ ବସାଇ ଅପହରଣ କରି ନେଇ ଜଙ୍ଗଲରେ ଛାଡି ଦେଇଥିଲେ। ଡ୍ରାଇଭର ଚାଲି ଚାଲି ପାଇକମାଲ ଥାନାକୁ ଆସି ମଙ୍ଗଳବାର ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପାଇକମାଲ ଥାନା ପୁଲିସ ମାମଲା ରୁଜୁ କରି ପାଇକମାଲ ଭୋଇ ପଡାର ଜ୍ୟୋତିର୍ମୟ ସାହୁ (୨୨) ବରତୁଣ୍ଡାର ଓଙ୍କାର ସୁନା (୨୩)ଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ପାଖରୁ ନଗଦ ୯୦୦ ଟଙ୍କା, ଟ୍ରକ ଚାବି ୨ ଟି ମୋବାଇଲ ଫୋନ, ୪୦ ବସ୍ତା ଟୋଲ ମଞ୍ଜି, ଗୋଟିଏ ବାଇକକୁ ଜବତ ହେବା ସହ ଟ୍ରକକୁ ମଧ୍ୟ ପୁଲିସ ଉଦ୍ଧାର କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ବୋଲି ପାଇକମାଲ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ଜଣାଇଛନ୍ତି।

## ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ସଚେତନତା

ଝାରସୁଗୁଡ଼ା,୨୬।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ମଙ୍ଗଳବାର ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ମୌଳିକ ଆଇନ୍ ଶିକ୍ଷା ଓ ଅଧାରୁ ପାଠ ଛାଡି ଦେଉଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଦେବାଡିହି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ, ସିଆର୍‌ସିସି ସୂର୍ଯ୍ୟ ପଟେଲ, ବ୍ଲକ୍ ଶିକ୍ଷା ଅଧିକାରୀ ଅନିଲ ପଟେଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ମୁଖ୍ୟ ଆଇନ୍ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ ଓ କିଶୋର ନ୍ୟାୟ ବୋର୍ଡର ସଦସ୍ୟ ମମତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧିକରଣର ପ୍ୟାନେଲ ଓକିଲ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ।

## ସରକାରଙ୍କ ନୂଆ ପଦକ୍ଷେପ 'ଆମ ଶାସନ'ର ଶୁଭାରମ୍ଭ

ଦେବଗଡ଼,୨୬।୮ (ସମିସ): ଓସ୍ୱାନ୍ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଅଭାସୀ ଯୋଗେ ରାଜ୍ୟ ସରକାରଙ୍କ ଫଳପ୍ରସୂ ପଦକ୍ଷେପ ଏବଂ ପ୍ରଣୀତ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସହ ଆଭାସି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କର ଯେଉଁ ସେବା ମିଳୁଛି ସେସବୁ ଲୋକଙ୍କ ପାଖରେ ପହଞ୍ଚିବାକୁ ନେଇ ଏକ ନୂତନ ପଦକ୍ଷେପ 'ଆମ ଶାସନ' ପ୍ରାରମ୍ଭ ହୋଇଛି। ଲୋକମାନଙ୍କର ସେବାରେ ବିଳମ୍ବ କରୁଥିବା ଅଧିକାରୀଙ୍କ ପାଇଁ କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ଯୋଜନାରେ ମିଳୁଥିବା ଜନସେବାରେ ସୂଚନା ନିମନ୍ତେ ଏହି ନୂଆ ପଦକ୍ଷେପର ଶୁଭାରମ୍ଭ କରାଯାଇଛି। ବୈଠକରେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୂରତି ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ଜିଲ୍ଲା ଇ-ପ୍ରଶାସନ ପରିଚାଳକ ବିକାଶ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଡିପିଏମ, ଓଏଲଏମ ଓ ହିତାଧିକାରୀ ଉପସ୍ଥିତ ଥିଲେ।

## ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଗଙ୍ଗାଧର ମେହେରଙ୍କୁ ସ୍ମୃତିଅର୍ଘ୍ୟ



ଝାରସୁଗୁଡ଼ା,୨୬।୮ (ସମିସ): ଝାରସୁଗୁଡ଼ା ସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ାଠାରେ ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ ତପନ ବାରିକଙ୍କ ସଭାପତିତ୍ୱରେ ମଙ୍ଗଳବାର ସ୍ୱଭାବ କବି ଗଙ୍ଗାଧରଙ୍କୁ ସ୍ମୃତି ଅର୍ଘ୍ୟ ଅର୍ପଣ କରାଯାଇଛି। ଏଥିରେ ସାହିତ୍ୟିକ ଡ.ଭଗବାନ ପଟେଲ ବରେଣ୍ୟ ବକ୍ତା ତଥା ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ବକ୍ତାଭାବେ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ବ୍ରଜେଶ ସାହୁ, ଇଂରାଜୀ ବିଭାଗ ପ୍ରାଧ୍ୟାପିକା ପୂର୍ଣ୍ଣିମାମୟୀ ଦାଶ, ହିନ୍ଦି ବିଭାଗ ମୁଖ୍ୟ ଡ.ମନୀଷ ଦ୍ୱିବେଦୀ, ଇତିହାସ ବିଭାଗ ଅଧ୍ୟାପକ ହିମାଂଶୁ ଶେଖର ମହାକୁର ପ୍ରମୁଖ ଗଙ୍ଗାଧର ସାହିତ୍ୟର ବିଭିନ୍ନ ଦିଗ ଉପରେ ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ବିଭାଗ ମୁଖ୍ୟ ଡ.ଲାଲଧାରୀ ସିଂହ ସ୍ମୃତି ଅର୍ଘ୍ୟର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱଦେଖ ମଧୁମୟ ସଂଗୀତ ଗାନ କରାଯାଇଥିଲା। ଓଡ଼ିଆ ବିଭାଗର ଅଧ୍ୟାପିକା ପରିସୀମା ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଡ.ଦୀପଶିଖା ସୋହେଲା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ଡ.ପଦ୍ମନାଭ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲଇକେରାରେ ଜନଅଭିଯୋଗ ଶୁଣାଣି



ଝାରସୁଗୁଡ଼ା,୨୬।୮ (ସମିସ): ଲଇକେରାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମହେଶ ମୋହନ ପଣ୍ଡା ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେମ୍ସ ସମାଦଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୨୦ଟି ଆଗତ ଅଭିଯୋଗ ମଧ୍ୟରୁ ୧୦ଟି ସାମୂହିକ ଓ ୧୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଚିକିତ୍ସା ସହାୟତା ବାବଦକୁ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଶିବିରରେ ପ୍ରଦାନ କରାଯାଇଛି। ଶିବିରରେ ମୁରାଦୀପାଲିରେ ଗୋଟିଏ ପରିବାରର ଚାଷ ଜମିର ଧାନକାର୍ଡ ଓ ଇନ୍ସୁରାନ୍ସ ଅନ୍ୟମାନଙ୍କ ଦ୍ୱାରା ବ୍ୟବହାର, କିର୍ମିରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ପାଠ୍ୟଦାନ ସମ୍ପର୍କିତ ସମସ୍ୟା, ଲଇକେରାସ୍ଥିତ ଡାଇଗ୍ନୋଷ୍ଟିକ ସେଣ୍ଟର କାର୍ଯ୍ୟକ୍ଷମ କରାଯିବା, ଚାନ୍ଦିନୀମାଲ ଗାଁକୁ ଆମ ବସ ସେବା ଯୋଗାଇବା, ତିଲେଇମାଲ ପଞ୍ଚାୟତ ଅଧୀନରେ କାର୍ଯ୍ୟରତ ଏସ୍‌ଇଏମ୍‌ଙ୍କ ବକେୟା ପ୍ରାପ୍ୟ ପ୍ରଦାନ, ଧଉଲାଟିକ୍ରା ପ୍ରାଥମିକ ବିଦ୍ୟାଳୟରେ ମନରେଗା ଯୋଜନାରେ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ପାରିଶ୍ରମିକ ପ୍ରଦାନ, ରେଙ୍ଗାଲବେଡା ବସଷ୍ଟାଣ୍ଡ ଛକରୁ ବାଗଡିହି ପଞ୍ଚାୟତକୁ ରାସ୍ତା ମରାମତି, ରେଙ୍ଗାଲବେଡା କିଷାନପଡାରୁ କୁମ୍ଭାରପଡା ରାସ୍ତାରେ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା ଓ ଅଇତାପଡା ଗାଁର ଶ୍ରମିକମାନଙ୍କୁ ରାସ୍ତାକାମ ବାବଦକୁ ପ୍ରାପ୍ୟ ପ୍ରଦାନ ସମ୍ପର୍କିତ ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## କଂଗ୍ରେସ ପକ୍ଷରୁ ଯୁବ ସମନ୍ୱୟ କାର୍ଯ୍ୟକ୍ରମ

ଦେବଗଡ଼,୨୬।୮ (ସମିସ): ଜିଲା କଂଗ୍ରେସ ପକ୍ଷରୁ ବସନ୍ତ ନିବାସ ଡାକ ବଙ୍ଗଳାରେ ମଙ୍ଗଳବାର ଯୁବ ସମନ୍ୱୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ତଥା ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ସିଦ୍ଧେଶ୍ୱର ଗୁରୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଆସିଥିବା ଯୁବ ସମନ୍ୱୟ କମିଟିର ସଂଯୋଜକ ନଳିନୀକାନ୍ତ ମହାନ୍ତି, ସହ ସଂଯୋଜକ ବିଶ୍ୱଭୂଷଣ ଦାସ, କଂଗ୍ରେସ ନେତ୍ରୀ ଅମିତା ବିଶ୍ୱାଳ, କଂଗ୍ରେସ ନେତା ତୋଫାନ ଷଡଙ୍ଗୀ, ପ୍ରତାପ ପ୍ରଧାନ, ମନୋଜ ଦେହୁରୀ ଓ ସୁନୀଲ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ କୌଣସି କାରଣରୁ ଦଳରୁ ଦୂରେଇ ଯାଇଥିବା କର୍ମକର୍ତ୍ତା ସମସ୍ତ ଭେଦଭାବ ଏବଂ ରାଗରୋଷ ଛାଡି ପୁଣିଥରେ ଦଳର ମୁଖ୍ୟସ୍ରୋତକୁ ଫେରି ଆସିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ, ପୂର୍ବତନ ଉପ ନଗରପାଳ ବସନ୍ତ ମିଶ୍ର, କଂଗ୍ରେସ ନେତା ମଞ୍ଜୁଳ ନାଏକ, ସୁବାସ ଚନ୍ଦ୍ର ଭୋଇ, ସୁଶାନ୍ତ ସ୍ୱାଇଁ, ସନ୍ତୋଷ ସାହୁ, ସଚ୍ଚିଦାନନ୍ଦ ପଟ୍ଟନାୟକ, ଗଣନାଥ ମହାପାତ୍ର, ପ୍ରବୀର ଶତପଥୀ, ଡିଲେଶ୍ୱର ସାହୁ, ଡିଲେଶ୍ୱର ବେହେରା, ବିଜୟ ପ୍ରଧାନ, କ୍ଷେତ୍ର ପାତ୍ର, ଦୀପକ ଦାସ, ସୁଶୀଳ ନାୟକ, ଦୀପକ ବେହେରା, ଅଲେଖ ପାତ୍ର, କିଶୋର ରାୟ, ଶ୍ୟାମଳେନ୍ଦୁ ନନ୍ଦ ଓ ଦୀପକ ଶତପଥୀଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଆଜିଠୁ ଦେବଗଡ଼ରେ ପ୍ରସିଦ୍ଧ ଗଣେଶ ମେଳା

## କଳସ ଯାତ୍ରା ସହ ଶ୍ରୀ ଗଜାନନଙ୍କ ଅଧିବାସ



ଦେବଗଡ଼,୨୬।୮ (ସମିସ): ଦେବଗଡ଼ ଜିଲ୍ଲାର ମୁଖ୍ୟ ଗଣପର୍ବ ଭାବେ ପାଳନ କରାଯାଉଥିବା ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ତଥା ମେଳା ସାରା ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା ବେଳେ ଚଳିତ ବର୍ଷର ପୂଜା ପାଇଁ ମଙ୍ଗଳବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିସହ ମହାପ୍ରଭୁଙ୍କ ଅଧିବାସ ବିଧି ସମ୍ପନ୍ନ ହୋଇଛି। ସନ୍ଧ୍ୟାରେ ସଂକୀର୍ତ୍ତନ ମଣ୍ଡଳୀ ସହ ପାରମ୍ପରିକ ବାଜା ମଧ୍ୟରେ ଆୟୋଜକ କମିଟି ସଭାପତି ରାଜକିଶୋର ଦାଶ ସପତ୍ନୀକ ଶୋଭାଯାତ୍ରା ମଧ୍ୟରେ ପ୍ରଧାନପାଟ ଜଳପ୍ରପାତରୁ ବହୁ ଶ୍ରଦ୍ଧାଳୁଙ୍କ ସହ କଳସରେ ଜଳଭର୍ତ୍ତି କରି ପୂଜା ମଣ୍ଡପରେ ସ୍ଥାପନା କରିଥିଲେ। ଏଥିପାଇଁ ପୂଜକ ମନୋରଞ୍ଜନ ଶତପଥୀ ରୀତିନୀତି ଅନୁଯାୟୀ ଆବାହନ କରିବା ସହ କଳସ ସ୍ଥାପନ କରାଯାଇଥିଲା। ଶ୍ରୀ ଗଣେଶଙ୍କ ପୂଜାର ଦିନକ ପୂର୍ବରୁ ସାରା ସହରରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ପୂଜା ମଣ୍ଡପ ସାଜସଜ୍ଜା ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ମୁଖ୍ୟ ତୋରଣ ନିର୍ମାଣ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ସହରର ମୁଖ୍ୟ ବଜାର, ରାଜା ବାସୁଦେବ ହାଇସ୍କୁଲ ପଡିଆ ଓ ଟାଉନ ହଲ ଇତ୍ୟାଦି ସ୍ଥାନ ମାନଙ୍କରେ ମୀନାବଜାର ସହ ବିଭିନ୍ନ ପ୍ରକାର ଦୋଳି ପ୍ରସ୍ତୁତ ହୋଇ ରହିଥିବା ବେଳେ ପ୍ରଧାନପାଟ ବଡ ବଗିଚା ପଡିଆରେ ଯାତ୍ରା ସିଂହବାହିନୀରେ ଲୋକଙ୍କ ଗହଳି ମେଳା ପରିବେଶକୁ ବେଶ୍ ସରଗରମ କରିଛି।

## ଇନ୍‌ଷ୍ଟାଗ୍ରାମ୍‌ରେ ବନ୍ଧୁତ୍ୱ ପରେ ନାବାଳିକାଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ କୋର୍ଟଚାଲାଣ

ଝାରସୁଗୁଡ଼ା,୨୬।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯାଇଛି। ତେବେ ଘଟଣାଟି ଗତ ୧୯ ତାରିଖର ହୋଇଥିବା ବେଳେ ଘଟଣାରେ ପୁଲିସ ସଂପୃକ୍ତ ଅଭିଯୁକ୍ତ ଯୁବକକୁ ଗାନ୍ଧୀ ଛକ ଅଞ୍ଚଳରୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ନେଇ ଗାନ୍ଧୀଛକ ପୁଲିସ ତରଫରୁ ସୂଚନା ଦିଆଯାଇଛି। ଇନଷ୍ଟାଗ୍ରାମ୍‌ରେ ଯୁବକଙ୍କ ପୀଡ଼ିତା ନାବାଳିକାଙ୍କ ସାଙ୍ଗରେ ବନ୍ଧୁତ୍ୱ ହୋଇଥିଲା। ପରେ ନାବାଳିକାଙ୍କୁ ରାତିରେ ଘର ବାହାରକୁ ଡାକି ଅଭିଯୁକ୍ତ ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଯୁବକ ଜଣକ ସଦର ଥାନା ଅଞ୍ଚଳର ବୋଲି ପୁଲିସ ତରଫରୁ ସୂଚନା ଦିଆଯାଇଛି।

## ଜିଲ୍ଲାପାଳଙ୍କ ହକି ଷ୍ଟାଡିୟମ ପରିଦର୍ଶନ



ଝାରସୁଗୁଡ଼ା,୨୬।୮ (ସମିସ): ଝାରସୁଗୁଡ଼ା ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ତଥା ଜିଲ୍ଲା ହକି ସଂଘର ସଭାପତି କୁଣାଲ ମୋତିରାମ ଚହ୍ୱାଣ ମଙ୍ଗଳବାର ହକି ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଷ୍ଟାଡିୟମରେ ପହଞ୍ଚିବା ପରେ ହକି ସଂଘ ଦ୍ୱାରା ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ସହ ସ୍ୱାଗତ କରାଯାଇଥିଲା। ଜିଲ୍ଲାପାଳ ସେଠାରେ ଥିବା ପ୍ରଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ଏହାସହ ଷ୍ଟାଡିୟମର ନିର୍ମାଣାଧିନ ଗୃହ ଓ ଷ୍ଟାଡିୟମ ବୁଲି ଦେଖିଥିଲେ। ୨୦୨୧ ମସିହାରେ ଝାରସୁଗୁଡ଼ା ଜିଲ୍ଲାରେ ମୋ ହକି କ୍ଲବ୍ ଗଠନ କରି ତତ୍କାଳୀନ ଜିଲ୍ଲାପାଳ ସରୋଜ ସାମଲଙ୍କ ପ୍ରତ୍ୟକ୍ଷ ଚେଷ୍ଟାରେ ଏଚ.କଟାପାଲି ଠାରେ ହକି ପଡିଆ ନିର୍ମାଣ କାର୍ଯ୍ୟ ୨୦୨୨ ଏପ୍ରିଲ ମାସରେ ଆରମ୍ଭ ହୋଇଥିଲା। ହକି ପଡିଆ ନିକଟରେ ଏଚ.କଟାପାଲି ମହାବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟ ରହିଛି। ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ଅବୋଲି ସୁନୀଲ ନରୱନେଙ୍କ ଚେଷ୍ଟାରେ ବର୍ତ୍ତମାନ ପଡିଆର ଆଷ୍ଟ୍ରୋଟର୍ଫ କାମ ଆରମ୍ଭ ହୋଇଛି। ପଡିଆ କାର୍ଯ୍ୟ ଶେଷ ହେଲେ ବ୍ରଜରାଜନଗର ଅଞ୍ଚଳର ଖେଳାଳି ମାନେ ସୁବିଧା ପାଇ ପାରିବେ। ମଙ୍ଗଳବାର ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ଥିବା ହକି ସଂଘର କର୍ମକର୍ତ୍ତା ଅଶ୍ୱିନୀ ପାଣ୍ଡେ, କ୍ଲେମେଣ୍ଟ ରୋନାଲଡ, ସୁଶାନ୍ତ ବେହେରା ପଡିଆରେ ଦର୍ଶକ ମାନେ ବସିବା ପାଇଁ ଗ୍ୟାଲେରୀର ବନ୍ଦୋବସ୍ତ ଓ ଏଠାରେ ଏକ ହକି ସ୍ପୋର୍ଟ୍ସ ହଷ୍ଟେଲ କରିବା ପାଇଁ ଅନୁରୋଧ କରିଥିଲେ। ଏହା ସହିତ ନିକଟରେ ଅନୁଷ୍ଠିତ ହୋଇଥିବା ସର୍ବ ଭାରତୀୟ ୫ ଏ ସାଏଡ, ବାଳିକା (୧୬ ବର୍ଷ) ହକି ପ୍ରତିଯୋଗିତା ସଫଳତା ସହିତ ହୋଇଥିବା ଉପରେ ଅବଗତ କରାଇଥିଲେ। ପ୍ରଶିକ୍ଷକ ଓଡ଼ିଶାର ପୂର୍ବତନ ହକି ଖେଳାଳି ପ୍ରଫୁଲ୍ଲ କୁଲ୍ଲୁ, ଡେଫୋର ଟେଟେ, ଶକୁନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ନୂଆଁଖାଇ ଭେଟ୍ ଫୁଟବଲ୍ ପ୍ରତିଯୋଗିତା

# ଖ୍ରୀଷ୍ଟ କ୍ଲବ୍ ଓ ବସୁନ୍ଧରା ୟୁଥ୍ କ୍ଲବ୍ ମଧ୍ୟରେ ଫାଇନାଲ



ଝାରସୁଗୁଡ଼ା,୨୬।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ରାଜପୁର ପଞ୍ଚାୟତ ଅଧୀନସ୍ଥ କଟାପାଲି ଖେଳ ପଡିଆରେ ଗଣପତି କ୍ଲବ୍ ଦ୍ୱାରା ଚାଲିଥିବା ୩୦ ତମ ମାଁ ସମଲେଇ ନୂଆଁଖାଇ ଭେଟ୍‌ଘାଟ ଫୁଟବଲ୍ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗଣପତି କ୍ଲବ୍‌ର ସଭାପତି ଈଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ସେମିଫାନାଲରେ ମରାକୁଟା ସରପଞ୍ଚ ଲିଲି ତନ୍ତୀ, ଲଖନପୁର ସରପଞ୍ଚ ଆରତୀ ପ୍ରଧାନ, ରାଜ୍ୟ ସମ୍ପାଦକ ବିଜେପି ଓବିସି ମୋର୍ଚ୍ଚାର ରାଧେଶ୍ୟାମ ପ୍ରଧାନ, ପ୍ରମୋଦ ସେନାପତି ଓ ପୂର୍ବତନ ସରପଞ୍ଚ ନିରଞ୍ଜନ କୁଅଁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ଖେଳ ମାଣିକେଶ୍ୱରୀ କ୍ଲବ୍ ରତାଖଣ୍ଡି ସହିତ ଖ୍ରୀଷ୍ଟ କ୍ଲବ୍ ଭୁଲାମାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖ୍ରୀଷ୍ଟ କ୍ଲବ୍ ଭୁଲାମାଲ ଦଳ ୩-୦ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ଟାର୍ଜନ ବିଶ୍ୱାଳ, ଅରୁଣ ମିର୍ଦ୍ଧା, ପଦ୍ମଲୋଚନ ଭଇଁଷା ଓ ମେଘନାଦ ଓରାମ ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ପଟେଲ ମ୍ୟାଚ୍ କମିସନର ଦାୟିତ୍ୱ ତୁଲାଇଥିଲେ ଥିଲେ। ରାଜୀବ ପାଟଯୋଶୀ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଗଣପତି କ୍ଲବ୍‌ର ସଦସ୍ୟ ଇନ୍ଦ୍ର କିଷାନ, ଦୀପକ ଭୋଇ, ଲିମେଇ ସାହୁ, ହରିହର କାଣ୍ଡା, ମକରଧ୍ୱଜ ସାହୁ, ନରେନ୍ ସା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଦିନ ଫାଇନାଲ ଖେଳ ବସୁନ୍ଧରା ୟୁଥ୍ କ୍ଲବ୍ ବିହାଯୋର ଏବଂ ଖ୍ରୀଷ୍ଟ କ୍ଲବ୍ ଭୁଲାମାଲ ମଧ୍ୟରେ ଅନୁଷ୍ଠିତ ହେବ।

## ମେଜର ଧ୍ୟାନଚାନ୍ଦ ଜାତୀୟ କ୍ରୀଡ଼ା ମହୋତ୍ସବ

# ଦ୍ୱିତୀୟ ଇଭେଣ୍ଟରେ ଆନ୍ତଃକ୍ଲବ୍ ହ୍ୟାଣ୍ଡବଲ୍ ପ୍ରତିଯୋଗିତା

ଝାରସୁଗୁଡ଼ା,୨୬।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡରେ ମେଜର ଧ୍ୟାନଚାନ୍ଦ ଜାତୀୟ କ୍ରୀଡା ମହୋତ୍ସବ ୨୦୨୫ ଆୟୋଜିତ ହେଉଛି। ଏହି ପ୍ରତିଯୋଗିତା ୨୩ ରୁ ୩୧ ଅଗଷ୍ଟ ପର୍ଯ୍ୟନ୍ତ ବେଲପାହାଡର ସ୍ୱେଚ୍ଛାସେବୀ ସଂଗଠନ ମିଶନ ପ୍ଲାଣ୍ଟେସନ୍ ୱିଥ୍ ଫିଟନେସ୍ ଦ୍ୱାରା ଆୟୋଜିତ ହେଉଛି। ଯେଉଁଥିରେ ବ୍ୟାଡମିଣ୍ଟନ୍, ଆନ୍ତଃ କ୍ଲବ୍ ହ୍ୟାଣ୍ଡବଲ୍, ଆନ୍ତଃ ସ୍କୁଲ ଫୁଟବଲ୍ ଏବଂ ଭଲିବଲ୍ ସହିତ ଚିତ୍ରାଙ୍କନ, ସ୍ଲୋଗାନ ଲେଖା, ବକ୍ତୃତା ପ୍ରତିଯୋଗିତା ଅନ୍ତର୍ଭୁକ୍ତ ରହିଛି। କ୍ରୀଡା ମହୋତ୍ସବର ଦ୍ୱିତୀୟ ଇଭେଣ୍ଟ ଆନ୍ତଃ କ୍ଲବ୍ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ବିଇଏମ ବିଦ୍ୟାଳୟର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ ଜଣ ବାଳକ ଦଳ ଏବଂ ୩ ଜଣ ବାଳିକା ଦଳ ଅଂଶଗ୍ରହଣ କରିଥିଲେ। ବାଳକ ଫାଇନାଲ ମ୍ୟାଚ୍‌ରେ ସନ୍‌ରାଇଜେସ୍ କ୍ଲବ୍ ୬-୩ ଗୋଲରେ କଳିଙ୍ଗ ଯୁବ ସଂଘକୁ ପରାସ୍ତ କରି ବିଜେତା ହୋଇଥିଲା। ବାଳିକା ଗ୍ରୁପରେ, ଏମପିଏଫ ଦଳ ପାନ୍ଥର କ୍ଲବ୍‌କୁ ୨-୧ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯିବ ଏବଂ ପୁରସ୍କାର ବିତରଣ ଉତ୍ସବରେ ବିଜେତା ଏବଂ ଉପବିଜେତା ଦଳଗୁଡିକୁ ମେରିଟ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରାଯିବ। ଆଜିର ମ୍ୟାଚ୍‌କୁ ଅଫିସିଆଲ ଭାବେ ହମିଦ ମହାପାତ୍ର, ସୁନନ୍ତ ପଣ୍ଡା, ଚିତ୍ତରଞ୍ଜନ ମାଝୀ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା ଦେଶବ୍ୟାପୀ 'ଖେଲେଗା ଭାରତ, ଜିତେଗା ଭାରତ' ଅଭିଯାନର ଏକ ଅଂଶ। ଯାହା ଶାରୀରିକ ଶିକ୍ଷା ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ (ପେଫି) ଏବଂ ମିଶନ ପ୍ଲାଣ୍ଟେସନ୍ ୱିଥ୍ ଫିଟନେସ୍ (ଏମପିଏଫ) ସହଯୋଗରେ ଆୟୋଜିତ ହେଉଛି ଏବଂ ଏହାକୁ ଫିଟ୍ ଇଣ୍ଡିଆ ଆନ୍ଦୋଳନ ଦ୍ୱାରା ସମର୍ଥନ କରାଯାଉଛି।



## ନିଶା କାରବାର ଉପରେ ପୁଲିସର ଆଖି

# ଅପରେସନ 'ଗରୁଡ' ପରେ ଏବେ 'ଗଜ'

ବଲାଙ୍ଗିର,୨୬।୮(ସମିସ): ରାଜ୍ୟରେ ଗତ ପ୍ରାୟ ଗୋଟିଏ ବର୍ଷ ଭିତରେ ଅପରାଧ ଚରମସୀମାରେ ପହଞ୍ଚିଛି। ଦୁଷ୍କର୍ମ, ହତ୍ୟା, ଲୁଟ୍, ସାଇବର ଠକେଇ, ବେଆଇନ ନିଶା କାରବାର ଭଳି ଘଟଣା ବଢ଼ି ଚାଲିଛି। ଅଗଷ୍ଟ ୧ ତାରିଖରୁ ଆରମ୍ଭ ହୋଇଥିଲା ଅପରେସନ ଗରୁଡ। ଏହି ଅପରେସନରେ ପୁଲିସ ବିଭାଗ ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଦିଗରେ ସ୍ୱତନ୍ତ୍ର ଅଭିଯାନ ଚଳାଇଛନ୍ତି।

**ସାବାଡ ହେବେ ନିଶା ବ୍ୟବସାୟୀ**

**ତୁଷୁରା ଗଞ୍ଜେଇ ଜବତ କେବଳ ଟ୍ରେଲର**

**ସ୍କାନରରେ ଛୋଟରୁ ବଡ ନିଶା ବ୍ୟବସାୟୀ**

ଏବେ ଅପରେସନ ଗଜ ଆରମ୍ଭ ହୋଇଛି। ଏହି ଅପରେସନରେ ନିଶା କାରବାରକୁ ମୂଳପୋଛ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ତିଆରି ହୋଇଛି।

ଅପରେସନ ଗଜ ଆରମ୍ଭ ହେବା ପରେ ପରେ ୧୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଛି ବୋଲି ମଙ୍ଗଳବାର ଆଇଜି ହିମାଂଶୁ ଲାଲ ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଅଗଷ୍ଟ ୧ ତାରିଖରୁ ଅପରେସନ ଗରୁଡ ଆରମ୍ଭ ହୋଇଥିବା ବେଳେ ଅନେକ ଅପରାଧିକ କାର୍ଯ୍ୟକଳାପ ଉପରେ ପୁଲିସ ସ୍ୱତନ୍ତ୍ର ଭାବେ ଚଢଉ କରିଥିଲା। ବହୁ ସଂଖ୍ୟାରେ ଗିରଫ କରାଯାଇଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ବହୁ ପରିମାଣର କଫସିରଫ ଓ ଗଞ୍ଜେଇ ଜବତ କରାଯାଇଥିଲା। ଏବେ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଅପରେସନ ଗଜ ଆରମ୍ଭ କରାଯାଇଛି। ଏହି ଅପରେସନ ବିଶେଷ କରି ନିଶା କାରବାର ଉପରେ କରାଯିବ ବୋଲି ଆଇଜି ସୂଚନା ଦେଇଛନ୍ତି। ଛୋଟ ଛୋଟ ନିଶା ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବଡ ବଡ ମାଫିଆଙ୍କୁ ଧରିବା, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି ଅପରେସନର ଲକ୍ଷ୍ୟ ରହିଛି। ସୋମବାର ତୁଷୁରା ପୁଲିସ ୧୧ କ୍ୱିଣ୍ଟାଲ ଗଞ୍ଜେଇ ଧରିଛି। ଏହି କାରବାରରେ ଲିପ୍ତ ଥିବା ଫେରାର ଅଭିଯୁକ୍ତଙ୍କୁ ମଧ୍ୟ ଧରିବା ପାଇଁ ପୁଲିସ ପଦକ୍ଷେପ ଗ୍ରହଣ କରିବ ବୋଲି ସେ କହିଛନ୍ତି। ବଲାଙ୍ଗିର ଜିଲ୍ଲାରେ ଗଞ୍ଜେଇ, କଫସିରଫ କାରବାର ଅଧିକ ରହିଛି। ଏସପିଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ମୂଳପୋଛ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଇଜି ସୂଚନା ଦେଇଥିଲେ।

ଏହି ଅଭିଯାନରେ ପୁଲିସକୁ ସହାୟତା କରୁଥିବା ଅନ୍ୟ ଅଧିକାରୀମାନଙ୍କୁ ଆବଶ୍ୟକ ପଡିଲେ ସାମିଲ କରାଯିବ ବୋଲି ଆଇଜି କହିଛନ୍ତି। ଜିଲ୍ଲାରେ ଅପରେସନ ଗଜ ସଫଳ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଜିଙ୍କ ସହିତ ବଲାଙ୍ଗିର ଏସପି ଅଭିଲାଷ ଜି. ଉପସ୍ଥିତ ଥିଲେ।

## ବଲାଙ୍ଗିରରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ବୈଠକ

# ମାଓବାଦୀ ଦମନ ପାଇଁ ସ୍ୱତନ୍ତ୍ର ରଣନୀତି

ବଲାଙ୍ଗିର,୨୬।୮(ସମିସ)

ବଲାଙ୍ଗିର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ବଡ ଧରଣର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଓବାଦୀ ଦାମନ ପାଇଁ ରୂପରେଖ ପ୍ରସ୍ତୁତ ହୋଇଛି। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ବଲାଙ୍ଗିର, ବରଗଡ, ନୂଆପଡା ଅଞ୍ଚଳକୁ ମାଓବାଦୀ ମୁକ୍ତ କରିବା ପାଇଁ ମଙ୍ଗଳବାର ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ଆଇଜି ଦୀପକ କୁମାର (ଅପରେସନ)ଙ୍କ ଉପସ୍ଥିତିରେ ୩ ଜିଲ୍ଲା ଏସ୍‌ପିଙ୍କ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ୩ ଜିଲ୍ଲାରେ ନିୟମିତ ଅପରେସନ ଚାଲୁଛି। ଆଗକୁ ଆହୁରି ଜୋରଦାର କରି ମାଓବାଦୀ ଦମନ କରାଯିବ ବୋଲି ଶ୍ରୀ ଲାଲ ସୂଚନା ଦେଇଛନ୍ତି। ବୈଠକରେ ବଲାଙ୍ଗିର ଏସପି ଅଭିଲାଷ ଜି., ବରଗଡ ଏସପି ପ୍ରହ୍ଲାଦ ମିନା ଉପସ୍ଥିତ ଥିଲେ। ବଲାଙ୍ଗିର, ବରଗଡ ଓ ନୂଆପଡା ଜିଲ୍ଲାରେ ବିଭିନ୍ନ ସମୟରେ ମାଓବାଦୀଙ୍କ ଗତିବିଧି ଦେଖିବାକୁ ମିଳୁଛି। ଏହି ୩ ଜିଲ୍ଲାର ସୀମାରେ ଅନେକ ସମୟରେ କମ୍ବିଂ କରାଯାଉଛି। କମ୍ବିଂ ପରେ ସର୍ଚ୍ଚ ଅପରେସନ ମଧ୍ୟ କରାଯାଉଛି। ବିଭିନ୍ନ ସମୟରେ ମାଓବାଦୀଙ୍କ କ୍ୟାମ୍ପ ମଧ୍ୟ ଠାବ ହେଉଛି। ଏହା ସତ୍ତ୍ୱେ ଏହି ତିନି ଜିଲ୍ଲା ମାଓବାଦୀ ମୁକ୍ତ ହୋଇପାରିନାହିଁ।



ଛତିଶଗଡ ରାଜ୍ୟର ସୀମାକୁ ଏହି ତିନି ଜିଲ୍ଲା ଲାଗି ରହିଛି। ଏଣୁ ଛତିଶଗଡ ସରକାର ମାଓବାଦୀଙ୍କ ଉପରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରିଆସୁଛନ୍ତି। ମାଓବାଦୀଙ୍କୁ ଏନକାଉଣ୍ଟର କରାଯାଉଛି। ସେମାନେ ଓଡିଶା ସୀମାକୁ ପ୍ରବେଶ କରୁଥିବା ମଧ୍ୟ ନଜୀର ରହିଛି। ଛତିଶଗଡ ଭଳି ରାଜ୍ୟ ସରକାର ମଧ୍ୟ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀ ମୁକ୍ତ କରିବା ପାଇଁ ସ୍ୱତନ୍ତ୍ର ରୂପରେଖ ପ୍ରସ୍ତୁତ କରିଛନ୍ତି।

- **ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀ ମୁକ୍ତ ଲକ୍ଷ୍ୟ**
- **ତିନି ଜିଲ୍ଲା ଏସପିଙ୍କ ସହ ବୈଠକ**

ଏହାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଏହି ବୈଠକ ହୋଇଥିବା ଉତ୍ତରାଞ୍ଚଳ ଆଇଜି ସୂଚନା ଦେଇଛନ୍ତି। ଏହି ୩ ଜିଲ୍ଲାକୁ ମାଓବାଦୀ ମୁକ୍ତ କରିବା ପାଇଁ ତିନି ଜିଲ୍ଲା ମଧ୍ୟରେ ଉତ୍ତମ ସମନ୍ୱୟର ଆବଶ୍ୟକତା ରହିଛି; ଯେଉଁଥିପାଇଁ ଏହି ବୈଠକ କରାଯାଇଥିବା ଆଲୋଚନା ହେଉଛି। କିଛି ବର୍ଷ ହେଲା ବଲାଙ୍ଗିର ଓ ବରଗଡ ଜିଲ୍ଲାରେ ମାଓବାଦୀ ପ୍ରଭାବ କିଛି ମାତ୍ରାରେ କମଛି। ଏହାକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ପୁଲିସ ଏହି ଅଭିଯାନ ଆରମ୍ଭ କରିଥିବା ହିମାଂଶୁ ଲାଲ କହିଛନ୍ତି।

# ରାଣୀସତୀ ଶକ୍ତିଧାମ ମନ୍ଦିରରେ ଭାଦୀ ମହୋତ୍ସବ ଉଦ୍‌ଯାପିତ

ଟିଟିଲାଗଡ,୨୬।୮(ସମିସ): ମାଁ ଭଗବତୀ ଚେରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ରାଣୀସତୀ ଦାଦୀଜୀ ଶକ୍ତିଧାମ ମନ୍ଦିରରେ ୨୩ତମ ଭାଦୀ ମହୋତ୍ସବ ସମାରୋହରେ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ମହିଳା ମାନଙ୍କ ଦ୍ୱାରା ୧୫ ଦିନ ବ୍ୟାପି ମଙ୍ଗଳପାଠ, ଅଲୌକିକ ଶୃଙ୍ଗାର, ଅଖଣ୍ଡ ଜ୍ୟୋତି ଓ ଭଜନ କୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା। ୨୨ତାରିଖରେ ମହିଳାମାନଙ୍କ ମଧ୍ୟରେ ଆକର୍ଷକ ଆଳତୀ ଥାଳୀ ପ୍ରସ୍ତୁତି, ପୁଷ୍ପମାଲ୍ୟ ପ୍ରସ୍ତୁତି ଓ ମେହେନ୍ଦୀ ପ୍ରତିଯୋଗିତା ଓ ସନ୍ଧ୍ୟାରେ ଡାଣ୍ଡିଆ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୩ତାରିଖ ଅପରାହ୍ନରେ ମହାପ୍ରସାଦ ବିତରଣ (ଭଣ୍ଡାରା), ଛପନ ଭୋଗ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବୃନ୍ଦାବନର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଅତୁଲ କ୍ରିଷ୍ଣା ଓ ତାଙ୍କ ସହଯୋଗୀ ବୃନ୍ଦ ମନମୁଗ୍ଧକର ଭଜନ ପରିବେଷଣ କରିଥିଲେ। ଏହି ଭଜନ ସମାରୋହକୁ ରାତି ୨ଟା ପର୍ଯ୍ୟନ୍ତ ୬ଶହରୁ ଅଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଉତ୍ସାହ ସହ ଉପଭୋଗ କରିଥିଲେ। ଏହି ଅବସରରେ ମେହେନ୍ଦୀ ନୃତ୍ୟ, ଗଜରା ନୃତ୍ୟ ଓ ଚୁନ୍ଦଡ଼ି ନୃତ୍ୟ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଆୟୋଜିତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଆଳତୀ କରାଯାଇ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। କାଶୀଧାମରୁ ଆସିଥିବା ଚୈତନ୍ୟ ଶ୍ରୀ ଅଗ୍ନିଶିଖାଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ଗୌରୀଶଙ୍କର କେଜ୍ରିୱାଲ ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ବିଧାୟକ ନବୀନ ଜୈନ, ମହୋତ୍ସବ କମିଟିର ଅଧ୍ୟକ୍ଷ ସୁରଜମଲ ସୋନୀ, ଟ୍ରଷ୍ଟି ସନ୍ତୋଷ କେଜ୍ରିୱାଲ, ରାଧାକାନ୍ତ ପାଢୀ, କୃଷ୍ଣା କେଜ୍ରିୱାଲ, ନନ୍ଦକିଶୋର ଇନ୍ଦୋରିଆ, ସୋମନାଥ କେଜ୍ରିୱାଲ, ଗୋପାଲ ଟିବଡ଼େୱାଲ, ଗଜାନନ ଅଗ୍ରୱାଲ, ମହେଶ ଇନ୍ଦୋରିଆ, ଡା. ଆନନ୍ଦ କେଜ୍ରିୱାଲ, ମନୋଜ ଶତପଥୀ, ସଞ୍ଜୟ ଶର୍ମା, ମୋହନ ଗୁପ୍ତା, ସୁରଜମଲ ଶର୍ମା, ଦେବୀ ଶର୍ମା, ଗୋବିନ୍ଦ ଜୈନ, ପୁଷ୍ପା କେଜ୍ରିୱାଲ, ଲଳିତା ଲାଠ, ସନ୍ତୋଷୀ ଜୈନ, ଡା. ଚଞ୍ଚଳ କେଜ୍ରିୱାଲ, ପ୍ରିୟା କେଜ୍ରିୱାଲ, ରାଧିକା କେଜ୍ରିୱାଲ, କୀର୍ତ୍ତି କେଜ୍ରିୱାଲ, ଅନିତା କେଜ୍ରିୱାଲ, ଜ୍ୟୋତି ସୋନୀ, କଣ୍ଟାବାଞ୍ଜିର ମଣିଲାଲ ଅଗ୍ରୱାଲ, ସୁରେଶ ଲାଠ ଓ ନରେନ୍ଦ୍ର ଅଗ୍ରୱାଲ, ବଙ୍ଗୋମୁଣ୍ଡାର ସନ୍ତୋଷ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କେସିଙ୍ଗା, କଣ୍ଟା।ବାଞ୍ଜି, ସଇଁନ୍ତଲା, ଦେଓଗାଁ, ବଲାଙ୍ଗିର, ଭବାନୀପାଟନା, ରାଜ ଖଡିଆର, ତୁଷୁରା ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଟ୍ରଷ୍ଟି ଗୌରୀଶଙ୍କର କେଜ୍ରିୱାଲ ଆୟୋଜକ ମଣ୍ଡଳୀ ଓ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ଜିଲ୍ଲାସ୍ତରୀୟ ସ୍କୁଲ ଗେମ୍ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା



ବଲାଙ୍ଗିର,୨୬।୮(ସମିସ): ସ୍ଥାନୀୟ ରେଳଷ୍ଟେସନ ଛକସ୍ଥିତ ଅସୀମ ତାଇକ୍ୱୋଣ୍ଡୋ ଏକାଡେମୀରେ ବଲାଙ୍ଗିର ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ତରଫରୁ ଜିଲ୍ଲାସ୍ତରୀୟ ସ୍କୁଲ ଗେମ୍ ତାଇକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଅଣ୍ଡର-୧୪ ଓ ଅଣ୍ଡର-୧୭ ବର୍ଗରେ ବିଭିନ୍ନ ସରକାରୀ ସ୍କୁଲର ୬୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ନରେନ୍ଦ୍ର ମିଶ୍ର, ପିଇଟି ଚନ୍ଦ୍ର ମେହେର, ରାଜ କୁମାର ପାଣିଗ୍ରାହୀ, ସୁଜାତା ମଲ୍ଲିକ, ସସ୍ମିତାରାଣୀ ମିଶ୍ର ଓ ନରସିଂସ୍ୱାମୀ ନାଇଡୁ ସହଯୋଗ କରିଥିଲେ। ଶିକ୍ଷା ବିଭାଗ ତରଫରୁ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ପରି.ଳନା କରିବା ପାଇଁ ବଲାଙ୍ଗିର ଜିଲ୍ଲା ତାଇକ୍ୱୋଣ୍ଡୋ ସଂଘର ସାଧାରଣ ସଂପାଦକ ତଥା କୋଚ୍ ଅସୀମ ଭୋଇଙ୍କୁ ଦାୟିତ୍ୱ ଦିଆଯାଇଛି।

# କୃଷି ବିଶ୍ୱ ବିଦ୍ୟାଳୟ ଦାବିରେ ଗର୍ଜିଲା କଂଗ୍ରେସ

ବଲାଙ୍ଗିର,୨୬।୮(ସମିସ): କେବିକେର ବଲାଙ୍ଗିର ଅଞ୍ଚଳରେ ଦାବି ମୁତାବକ ବର୍ତ୍ତମାନର ମୋହନ ସରକାର ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବା କଥା; କିନ୍ତୁ ଦୁଃଖର ବିଷୟ ରାଜ୍ୟର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆଖିକାନ ବନ୍ଦ କରି ଦେଇଛନ୍ତି। ବର୍ତ୍ତମାନ ସେ ସରକାରରେ କୃଷି ବିଭାଗ ଦାୟିତ୍ୱରେ ଅଛନ୍ତି। ବିରୋଧୀରେ ଥିଲା ବେଳେ ସେ ତତ୍କାଳୀନ ବିରୋଧୀ ଦଳନେତା ନରସିଂହ ମିଶ୍ରଙ୍କ ନେତୃତ୍ୱରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଯାଇ କୃଷି ବିଶ୍ୱ ବିଦ୍ୟାଳୟ ଦାବି ଜଣାଇଥିଲେ; କିନ୍ତୁ ସରକାରକୁ ଆସିଲା ପରେ ବଲାଙ୍ଗିରର ଦାବିକୁ ଉପେକ୍ଷା କରିଛନ୍ତି। ଏଣୁ ବଲାଙ୍ଗିରବାସୀ ଜାଣିବା ଦରକାର ୧୦ବର୍ଷ ପୂର୍ବର ଘୋଷଣାକୁ କାର୍ଯ୍ୟକାରୀ ନ କରି ବିଜେପି ସରକାର ବଲାଙ୍ଗିର ପ୍ରତି ବେଇମାନ କରିଛି। ଠିକ୍ ସେହିପରି ବିଜେପି ସରକାରର ଉପମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି। ବିରୋଧୀରେ ଥିଲାବେଳେ ସେ କୃଷି ବିଶ୍ୱ ବିଦ୍ୟାଳୟ ଦାବି ଉଠାଇଥିଲେ। ସରକାରକୁ ଆସିଲା ପରେ ସେହି ଦାବିରୁ ପଛଘୁଞ୍ଚା ଦେଇ ବଲାଙ୍ଗିରବାସୀଙ୍କୁ ଉପେକ୍ଷା କରିଛନ୍ତି। ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଫିସ ସମ୍ମୁଖରେ ଅନୁଷ୍ଠିତ କୃଷି ବିଶ୍ୱ ବିଦ୍ୟାଳୟ ଦାବିକୁ ନେଇ ବିକ୍ଷୋଭ ସମାବେଶରେ ଯୋଗ ଦେଇ କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ର ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ଉପରେ ଏଭଳି ଗର୍ଜିଛନ୍ତି। ଏହି ସମାବେଶରେ ସେ ଆହୁରି ମଧ୍ୟ କହିଛନ୍ତି ଯେ ବଲାଙ୍ଗିର ଏକ କୃଷି ପ୍ରଧାନ ଜିଲ୍ଲା। ଏଠାରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ହୋଇପାରିଲେ କୃଷି ସମ୍ବନ୍ଧୀୟ ଗବେଷଣା ସମ୍ଭବ ହେବ। ବଲାଙ୍ଗୀର ଅଞ୍ଚଳ କମ୍ ବୃଷ୍ଟିପାତ ଅଞ୍ଚଳ ହୋଇଥିବାରୁ କମ୍ ପାଣି ଦରକାର ହେଉଥିବା ବିଭିନ୍ନ ଫସଲର ବିହନ ଉଦ୍ଭାବନ କରିବାରେ ଏହା ସହାୟକ ହେବ। ତା ସହ ପଶୁ ଓ ମତ୍ସ୍ୟ ପାଳନ ଦିଗରେ ନୂତନ କୌଶଳ ପ୍ରୟୋଗ ପାଇଁ କୃଷି ବିଶ୍ୱ ବିଦ୍ୟାଳୟର ଗବେଷଣା ରାସ୍ତା ଦେଖାଇବ। ଏହା ଦ୍ୱାରା ଏ ଅଞ୍ଚଳର ସମଗ୍ରିକ ଅର୍ଥନୈତିକ ବିକାଶ



ସାଙ୍ଗକୁ କୃଷି ଓ କୃଷକର ଉନ୍ନତି ହେବ; କିନ୍ତୁ ଦୁଃଖର ବିଷୟ ୨୦୧୪ ମସିହାରେ ଘୋଷଣା ହୋଇଥିବା କୃଷି ବିଶ୍ୱ ବିଶ୍ୱ ବିଦ୍ୟାଳୟ ସ୍ଥାପନକୁ ନେଇ ବିଜେପି କୌଣସି ପଦକ୍ଷେପନେଇନି। ବଲାଙ୍ଗିର ପ୍ରତି ବିଜେପି ଯେଉଁ ବେଇମାନି କରିଛି ତାକୁ ଲୋକ ଭୁଲିବେ ନାହିଁ। କେବଳ ସେତିକି ନୁହେଁ; ବିଧାନସଭାରେ ତତ୍କାଳୀନ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ପ୍ରତ୍ୟେକ ଅଧିବେଶନରେ କୃଷି ବିଶ୍ୱ ବିଦ୍ୟାଳୟ ଦାବି କରିଆସୁଥିଲେ। ବିଜେପି ସରକାର ଏହି ଦାବିକୁ ଅଣଦେଖା କରିଛି। ସରକାରକୁ ଆସିଲା ପରେ ଉପମୁଖ୍ୟମନ୍ତ୍ରୀ ବଲାଙ୍ଗିରର ଦାବି ପ୍ରତି ଆଖି ଓ କାନ ବନ୍ଦ କରି ଦେଇଛନ୍ତି। ଓଲଟା ତାଙ୍କ ସ୍ଥାନୀୟ ନେତୃତ୍ୱମାନେ କୃଷି ବିଶ୍ୱ ବିଦ୍ୟାଳୟ ପାଇଁ ବଲାଙ୍ଗିରରେ ଭିତ୍ତିଭୂମି ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀ କରି ଘୋଷଣା କରିବା ଅତି ଦୁଃଖଦାୟକ ବୋଲି ସମରେନ୍ଦ୍ର କହିଛନ୍ତି। ଅନ୍ୟପେକ୍ଷ ଜିଲ୍ଲାରେ ଆସନ୍ନ ମରୁଡିକୁ ନେଇ କ୍ଷେତ୍ର ପରିଦର୍ଶନ କରି ସମରେନ୍ଦ୍ର କହିଛନ୍ତି ଯେତେ ଶୀଘ୍ର ହେବ .ଷୀ କରିଥିବା ଫସଲବୀମାର ବୀମାରାଶି ସରକାର ପ୍ରଦାନ କରିବାର ବ୍ୟବସ୍ଥା କରନ୍ତୁ। କାରଣ ପ୍ରାୟ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟି ଯୋଗୁଁ ଫସଲ ମରିବାରେ ଲାଗିଛି। ଯାହା କିଛି ବି ବଞ୍ଚିଛି ସାର, ବିହନର ଅଭାବ ଓ କଳାବଜାର .ଷୀ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ତେଣୁ ସରକାର ଯେତେ ଶୀଘ୍ର ହେବ ଏହାର ପ୍ରତିକାର କରନ୍ତୁ। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ସଂଯୋଜନାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ବିଶ୍ୱ ବିଦ୍ୟାଳୟ ଦାବି ପ୍ରତି ବର୍ତ୍ତମାନ ସରକାରର ଆଭିମୁଖ୍ୟକୁ ନେଇ କଂଗ୍ରେସ ନେତା ବିରେନ୍ଦ୍ର ବାଗ, ଓମ୍ ପ୍ରକାଶ କୁମ୍ଭାର, ଦିଲୀପ ବେହେରା, ଉମାଶଙ୍କର ପଣ୍ଡା, ଅଜୟ ବାଲି, ରାମ ମିଶ୍ର, ରାମଜୀ ଚୌଧୁରୀ, ସାନନ୍ଦ ମିଶ୍ର, ଅଙ୍କିତ ସାହୁ, ଶ୍ରୀଧର ବାରିକ, ନାସିର ଖାନ, କାନ୍ତେ ପ୍ରଧାନ, ପପୁ ପାତ୍ର, ହୃଦାନନ୍ଦ ମାଝି, ଚିନ୍ମୟ ବେହେରା ପ୍ରମୁଖ କଡ଼ା ସମାଲୋଚନା କରିଥିଲେ। ମନୀଷ ମିଶ୍ର, ସନ୍ତକ ବହିଦାର, ମୁକେଶ ଜୈନ, ଅସୀତ ମିଶ୍ର, ବିପିନ କୁଶଲିଆ, ସରୋଜ ରଥ, ସବିତା ଶତପଥୀ, ଅନ୍ନପୂର୍ଣ୍ଣା ବଢ଼ିଆ, ଆରତିପ୍ରୀତି ନାଗ, କୈଳାସ ମିଶ୍ର, ସଂକୀର୍ତ୍ତନ ମେହେର, ଉପେନ ଦୀପ, ମନବୋଧ ହରପାଲ, ଜୁଲୁ ପଟ୍ଟନାୟକ, ପ୍ରଦୋଶ ପାଣିଗ୍ରାହୀ, ଖିରସାଗର ବର୍ମା, ଅରବିନ୍ଦ ସାହୁ, ଉମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁପ୍ରବେଶକାରୀଙ୍କ ଭୂ-ସ୍ୱର୍ଗ ପାଲଟିଛି ସଇଁତଲା ସହର

ସଇଁତଲା,୨୬।୮(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ସହର ଏବେ ଅନୁପ୍ରବେଶକାରୀଙ୍କ ଭୂସ୍ୱର୍ଗ ପାଲଟିଛି। ବିଭିନ୍ନ ବ୍ୟବସାୟ ସାଙ୍ଗକୁ ରଙ୍ଗ କାମ, ମିସ୍ତ୍ରିକାମ ଆଳରେ ଏହି ସହରକୁ ବିଭିନ୍ନ ରାଜ୍ୟ ବାହାରର ଅଣଓଡ଼ିଆମାନେ ଆସି କାୟା ବିସ୍ତାର କରିବାରେ ଲାଗିଛନ୍ତି। ହଜାର ହଜାର ଶ୍ରମିକ ଅନ୍ୟ ରାଜ୍ୟକୁ ଯାଉଥିବା ବେଳେ ଖୋଦ ସଇଁତଲା ତଥା ଆଖପାଖ ଅଞ୍ଚଳରେ ଏହି ଅଣଓଡ଼ିଆଙ୍କ କାୟାବିସ୍ତାର ବିଭିନ୍ନ ଅପରାଧୂକ କାର୍ଯ୍ୟକଳାପ ବୃଦ୍ଧିର ଯଥେଷ୍ଟ କାରଣ ସାଜିଛି। ଆଗାମୀ ଦିନରେ ଏକ ଭୟଙ୍କର ପରିସ୍ଥିତିକୁ ଆମନ୍ତ୍ରଣ କରୁଥିବା ନେଇ ସଚେତନ ମହଲରେ ଆଲୋଚନା ହେଉଛି। ଏହି ସହରରେ ଅନେକ ସଂଖ୍ୟକ ଅଣଓଡ଼ିଆ ଶ୍ରମିକ ରହୁଥିଲେ ମଧ୍ୟ ପୁଲିସ ପାଖରେ ସେମାନଙ୍କ ପରିଚୟ ସଂପର୍କିତ ସୂଚନା ବିଲକୁଲ ନାହିଁ। ଏହି ଏହି ଅଣ ଓଡ଼ିଆ ଶ୍ରମିକମାନେ ଦଳ ଦଳ ହୋଇ ବିଭିନ୍ନ ଅଞ୍ଚଳରେ ଭଡ଼ାରେ ରେ କିମ୍ବା ନିର୍ମାଣାଧୀନ କୋଠା ଘରେ ରହି ନିର୍ମାଣ କାମ କରୁଛନ୍ତି। ଆହୁରି କେତେକ ବେଲୁନବାଲା, ଫେନସି ବାଲା, ପ୍ଲାଷ୍ଟିକ ଚୌକି, ଡ୍ରମ୍ ଓ ପଲିଥିନ ଜରି ବିକିବା ବାହାନାରେ ଆସି ଏଠାରେ ସ୍ଥାୟୀ ବାସିନ୍ଦା ହୋଇ ଯାଉଛନ୍ତି। ଏପରିକି ଯେଉଁ ଘର ଏମାନେ ନିର୍ମାଣ କାର୍ଯ୍ୟ କରୁଛନ୍ତି ସେହି ଘର ମାଲିକ ପାଖରେ ସୁଦ୍ଧା ସେମାନଙ୍କ ନାମ /ଠିକଣା ରହୁନାହିଁ। ତେଣୁ କିଛି ଅଘଟଣ ଘଟିବା ଆଗରୁ ସ୍ଥାନୀୟ ପ୍ରଶାସନ ତ୍ୱରିତ ପ୍ରତିଷେଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଚେତନ ମହଲରେ ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି।

## ● କଣ୍ଟାବାଞ୍ଜିରେ ଚେସ୍ ଟୁର୍ଣ୍ଣାମେଣ୍ଟ

# ଭାଗନେଲେ ୮୦ରୁ ଅଧିକ ପ୍ରତିଯୋଗୀ



କଣ୍ଟାବାଞ୍ଜି,୨୬।୮(ସମିସ): ସ୍ଥାନୀୟ ମାନସ ଭବନରେ କଣ୍ଟାବାଞ୍ଜି ଚେସ୍ ଏସୋସିଏସନ ପକ୍ଷରୁ ଲୋକାଲ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇ ଯାଇଛି। ପ୍ରତିଯୋଗିତାର ନିର୍ଦ୍ଦେଶକ ମଚ୍ଛିନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଚିନ୍ମୟ କୁମାର ଯୋଶୀ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ଏଥିରେ ସଂମାନିତ ଅତିଥି ଭାବେ ଶିକ୍ଷକ ଶୁବେନ୍ଦୁ ମହାନ୍ତି, କଣ୍ଟାବାଞ୍ଜି ଚେସ୍ ଆସୋସିଏସନର ସଭାପତି ସୁକଦେବ ମହାନ୍ତି, ସଂଯୋଜକ ସତୀଶ ମାରୁ, କୋଷାଧ୍ୟକ୍ଷ କିରଣ ଶର୍ମା, ବିନୟ ବେହେରା, ଦେବେନ୍ଦ୍ର ଯୋଶୀ ଓ ଭବାନୀ ପ୍ରସାଦ ମେହେର, ମାରବାଡ଼ି ଯୁବା ମଞ୍ଚ ସଭାପତି ନିଖିଳ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଶୁଭାରମ୍ଭ ପରେ କଣ୍ଟାବାଞ୍ଜି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୬୦ରୁ ଅଧିକ ଛାତ୍ରଛାତ୍ରୀ ଓ ୨୪ ଜଣ ଅନ୍ୟ ପ୍ରତିଯୋଗୀ ଏହି ଚେସ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ। ସିନିୟର ପ୍ରତିଯୋଗୀଙ୍କ ମଧ୍ୟରେ ସୁରେନ୍ଦ୍ର ବିଶି ପ୍ରଥମ ସ୍ଥାନ କରିଥିବାବେଳେ ୨ୟ ସ୍ଥାନରେ କେଶବ ଅଗ୍ରୱାଲ ରହିଥିଲେ।

ତୃତୀୟରେ ଅରବିନ୍ଦ ଚନ୍ଦନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜୁନିୟର ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ମୋହିତ ରାମ ସେଠ ରହିଥିବାବେଳେ ୨ୟରେ ସଙ୍କେତ ବେହେରା ଓ ତୃତୀୟରେ ଆୟୁଷ ଓଝାଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ନେତା ବେଦବ୍ୟାସ ନାଗ ଓ ବ୍ରଜେଶ ମିତ୍ତଲ ଯୋଗ ଦେଇଥିଲେ। ଦେବ କୁମାର ମହାନ୍ତି, ଧର୍ମୁ ବାଗ, ନବୀନ ଦୀପ, ପ୍ରଶାନ୍ତ ପାଢ଼ୀ, ତନ୍ମୟ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶକଙ୍କ ବଲାଙ୍ଗିର ଗସ୍ତ

ବଲାଙ୍ଗିର,୨୬।୮(ସମିସ)



ରାଜ୍ୟ ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶକ ବିଜୟ ଭୂଷଣ ନନ୍ଦ ବଲାଙ୍ଗିର ଜିଲ୍ଲା ଗସ୍ତ କରିଛନ୍ତି। ଏହି ଅବସରରେ ସେ ଜିଲ୍ଲାରେ କୃଷି ପରିସଂଖ୍ୟାନ ରିପୋର୍ଟିଂ ଏଜେନ୍ସି ପ୍ରତିଷ୍ଠା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ପରିସଂଖ୍ୟାନର ଉନ୍ନତି, ଜାତୀୟ ନମୁନା ସର୍ଭେ, ସପ୍ତମ କ୍ଷୁଦ୍ର ଜଳସେଚନ ଜନଗଣନା ଏବଂ ଜଳାଶୟର ଦ୍ୱିତୀୟ ଗଣନା, ଏକାଦଶ କୃଷି ଜନଗଣନା, ମୂଲ୍ୟ ପରିସଂଖ୍ୟାନ, ଶିଳ୍ପ ବାର୍ଷିକ ସର୍ଭେ , ଶିଳ୍ପ ଉତ୍ପାଦନ ସୂଚକାଙ୍କ, ଉପଭୋକ୍ତା ଏବଂ ମୂଲ୍ୟ ସୂଚକାଙ୍କ, ସରକାରୀ ପରିସଂଖ୍ୟାନ/ପ୍ରକାଶନ, କୃଷି ଶ୍ରମିକ ମଜୁରୀ (ଗ୍ରାମୀଣ)(ସହରାଞ୍ଚଳ) ଏବଂ ସରକାରଙ୍କ ଅନ୍ୟାନ୍ୟ ଯୋଜନା/ପ୍ରମୁଖ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସଂସଦ ସ୍ଥାନୀୟ କ୍ଷେତ୍ର ବିକାଶ ଯୋଜନା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, କ୍ରିଟିକାଲ୍ ଗ୍ୟାପ୍ ଫଣ୍ଡ ଇତ୍ୟାଦିକୁ ନେଇ ସେ ବଲାଙ୍ଗିର ଜିଲ୍ଲା ଯୋଜନା ଏବଂ ମନିଟରିଂ ୟୁନିଟ୍‌ର ଉପନିର୍ଦ୍ଦେଶକଙ୍କୁ ଯୋଜନା ଅଧୀନରେ ତଥ୍ୟ ଠିକ୍ ଭାବରେ ସଂଗ୍ରହ କରାଯାଇ ଗୁଣବତ୍ତା, ସ୍ୱଚ୍ଛତା ଏବଂ ସମୟସୀମା ବଜାୟ ରଖିବା ନିଶ୍ଚିତ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ପର୍ଯ୍ୟବେକ୍ଷକ ଓ ଅନ୍ୟାନ୍ୟ କ୍ଷେତ୍ର କାର୍ଯ୍ୟକର୍ତ୍ତାଙ୍କୁ ନିୟମିତ କ୍ଷେତ୍ର ପରିଦର୍ଶନ କରିବା ଏବଂ ପ୍ରକୃତ ସମୟ ତଥ୍ୟ ସଂଗ୍ରହ କରି ନିର୍ଦ୍ଦିଷ୍ଟ ତଥ୍ୟ ଢାଞ୍ଚାରେ ବିଭିନ୍ନ ଋତୁରେ ଫସଲ କ୍ଷେତ୍ରରେ ପରିବର୍ତ୍ତନ, ବିଭିନ୍ନ ଫସଲର ଋତୁକାଳୀନତା, ଚାଷୀଙ୍କ ମଧ୍ୟରେ ଫସଲ ବୀମାର ସ୍ଥିତି ଇତ୍ୟାଦି ବିଷୟରେ ବୁଝିବାକୁ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

ବର୍ତ୍ତମାନ, ରାଜ୍ୟ ସରକାର ଓ ଅର୍ଥନୈତିକ ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଡିଜିଟାଇଜଡ୍ ମୋଡ୍ ମାଧ୍ୟମରେ ଅଧିକ ପ୍ରାମାଣିକ ପରିସଂଖ୍ୟାନ ପାଇଁ ତଥ୍ୟ ସଂଗ୍ରହ ପ୍ରକ୍ରିୟାକୁ ବୃଦ୍ଧି କରିବାକୁ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି। ସେ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ବିଭିନ୍ନ ଯୋଜନାରୁ ସଂଗୃହିତ ତଥ୍ୟ ଶେଷରେ ଦେଶର ଯୋଜନା ଏବଂ ବଜେଟ୍ ପ୍ରସ୍ତୁତି ପାଇଁ ଏବଂ ଦେଶ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହୁଏ। ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି ଯେ କାର୍ଯ୍ୟାଳୟର ଭଲ କାର୍ଯ୍ୟକାରିତା ପାଇଁ ପରିସଂଖ୍ୟାନ ଏବଂ ଯୋଜନା ବିଭାଗ ଉଭୟ ଗୋଟିଏ ସ୍ଥାନରେ ରହିବା ଉଚିତ ଏବଂ ସେ ଅତିରିକ୍ତ ନିର୍ଦ୍ଦେଶକ ସମ୍ବଲପୁର ଓ ଉପ-ନିର୍ଦ୍ଦେଶକ ବଲାଙ୍ଗିର, ସହାୟକ ନିର୍ଦ୍ଦେଶକ ବଲାଙ୍ଗିର ସମ୍ଭାବ୍ୟତା ଅନୁସନ୍ଧାନ ଏବଂ ପାଣ୍ଠି ମଞ୍ଜୁର ପାଇଁ ଆକଳନ ଦାଖଲ କରିବାକୁ ପରାମର୍ଶ ଦେଇଛନ୍ତି। ସେ ବଲାଙ୍ଗିର ଉପ-ନିର୍ଦ୍ଦେଶକ (ଯୋଜନା ଏବଂ ପରିସଂଖ୍ୟାନ), ବଲାଙ୍ଗିର ଏବଂ ସହକାରୀ ନିର୍ଦ୍ଦେଶକ (ପରିସଂଖ୍ୟାନ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସମ୍ମିଳନୀ ହଲ୍‌କୁ ଉପଯୁକ୍ତ ଭିଡିଓ କନଫରେନ୍ସିଂ ସୁବିଧା ସହିତ ଏକ ସର୍ବୋତ୍ତମ ସମ୍ମିଳନୀ ହଲରେ ବିକଶିତ କରନ୍ତୁ, ଯାହା ଦ୍ୱାରା ଅନଲାଇନ୍ ଏବଂ ଅଫଲାଇନ୍ ବୈଠକ ଉଭୟ ଆୟୋଜନ କରାଯାଇପାରିବ। ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ସେ ସପ୍ତମ କ୍ଷୁଦ୍ର ଜଳସେଚନ ଜନଗଣନା ଏବଂ ଜଳାଶୟର ଦ୍ୱିତୀୟ ଗଣନା ପାଇଁ ଗଣନାକାରୀଙ୍କ ତୁରନ୍ତ ଚୟନ ଉପରେ ଗୁରୁତ୍ୱାରୋପ କରିଛନ୍ତି। କ୍ଷୁଦ୍ର ଜଳସେଚନ ଜନଗଣନା ୧୫ ସେପ୍ଟେମ୍ବର ମଧ୍ୟରେ ସମାପ୍ତ ହେବା ଉଚିତ। ସେ ଡିପିଏମୟୁ ଅଧିକାରୀଙ୍କୁ ବିଭିନ୍ନ ଯୋଜନା ଅଧୀନରେ ସଂଗୃହିତ ତଥ୍ୟ ବିଶ୍ଳେଷଣ କରିବାକୁ ଏବଂ ପରାମର୍ଶକୁ ଜିଲ୍ଲା ପ୍ରଶାସନ ଏବଂ ନିର୍ଦ୍ଦେଶାଳୟକୁ ମୂଲ୍ୟାଙ୍କନ କରିବାକୁ ପରାମର୍ଶ ଦେଇଛନ୍ତି। ନିର୍ଦ୍ଦେଶକ ପାଟଣାଗଡ଼ ଏବଂ ଖପ୍ରାଖୋଲ ବ୍ଲକ ପରିଦର୍ଶନ କରିଛନ୍ତି। ସେ ପାଟଣାଗଡ଼ ବ୍ଲକ, ବ୍ଲକ ପରିସଂଖ୍ୟାନ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। କୋଠାଟି ଉପଯୁକ୍ତ ବ୍ୟବହାରରେ ନ ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ସେ ଉପନିର୍ଦ୍ଦେଶକଙ୍କୁ ଏହାର ନବୀକରଣ ପାଇଁ ଏକ ଆକଳନ ପ୍ରସ୍ତୁତ କରିବା ଏବଂ ଏହାକୁ ଓଡ଼ିଶା, ଭୁବନେଶ୍ୱରର ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରିବାକୁ ପରାମର୍ଶ ଦେଇଛନ୍ତି। ତା'ପରେ ସେ ତାଳପଦର ଗ୍ରାମ ପରିଦର୍ଶନ କରି ସପ୍ତମ କ୍ଷୁଦ୍ର ଜଳସେଚନ ଜନଗଣନା ପ୍ରକଳ୍ପ ଦେଖିଛନ୍ତି। ସେ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। କ୍ଷେତ୍ର କର୍ମଚାରୀମାନଙ୍କୁ ଗାଁର ଠିକ୍ ଡାଟାବେସ୍ ବଜାୟ ରଖିବା ଏବଂ ଏହାକୁ ଠିକ୍ ଭାବରେ ଅପଲୋଡ୍ କରିବାକୁ ପରାମର୍ଶ ଦେଇଛନ୍ତି। ନିର୍ଦ୍ଦେଶକ ଖପ୍ରାଖୋଲ ବ୍ଲକରେ ଥିବା ବିଏସଓ କୋଠା ମଧ୍ୟ ପରିଦର୍ଶନ କରିଛନ୍ତି।

ପରିଦର୍ଶନ ସମୟରେ ସଂଜୟ ନନ୍ଦ, ଅତିରିକ୍ତ ନିର୍ଦ୍ଦେଶକ ସମ୍ବଲପୁର, ଅଙ୍କିତ କୁମାର ମହାକୁର, ଉପନିର୍ଦ୍ଦେଶକ, ସୁନ୍ଦର ମୋହନ ଖଣ୍ଡେଇ, ସହକାରୀ ନିର୍ଦ୍ଦେଶକ (ପରିସଂଖ୍ୟାନ), ସଂଜୟ କୁମାର ଦୀପ, ସହକାରୀ ନିର୍ଦ୍ଦେଶକ (ଯୋଜନା), ଗଣେଶ୍ୱର ମାର୍ଣ୍ଡି (ପରିସଂଖ୍ୟାନ ଅଧିକାରୀ), ସୁଭ୍ରଜିତ ବେହେରା (ପରିସଂଖ୍ୟାନ ଅଧିକାରୀ), ବୃନ୍ଦାବନ ମନହିରା, ସୁମନ୍ତ ସୁନା, ଅଭିଷେକ ପାଢୀ, ଭିକାରୀ ନାଗ, ଦିବ୍ୟ ଚରଣ ଶତପଥୀ, ଭୂପେଶ ଭୁଏ ଏବଂ ମିସ୍ ବିନ୍ଦୁପ୍ରିୟା ଭୁଏ (ଜୁନିୟର ଆସିଷ୍ଟାଣ୍ଟ) ଉପସ୍ଥିତ ଥିଲେ।



## ଜିଲ୍ଲାରେ ସାର ଅଭାବ, କଳାବଜାର ଅଭିଯୋଗ

# ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କଲା ବିଜେଡି

ଜୟପୁର,୨୬।୮(ସମିସ): କୋରାପୁଟ ଜିଲ୍ଲାରେ ଚଳିତ ଖରିଫ ଧାନଚାଷ ପାଇଁ ସାରର କୃତ୍ରିମ ଅଭାବ ଦେଖାଦେଇଛି। କିନ୍ତୁ କୃଷି ବିଭାଗ ପକ୍ଷରୁ ସାରର ଅଭାବ ନାହିଁ, ସମସ୍ତ ଚାଷୀଙ୍କୁ ପ୍ରଦାନ କରାଯିବ ବୋଲି କୁହାଯାଉଥିବା ବେଳେ ପ୍ରକୃତ ଚାଷୀ ମାନଙ୍କୁ ମୁଖ୍ୟତଃ ୟୁରିଆ ସାର ମିଳୁନି। କଳାବଜାରୀ ମାନେ ଏହାର ସୁଯୋଗ ନେଇ ମାତ୍ର ୩ ଶହ ଟଙ୍କା ସାରକୁ ୮ ଶହରୁ ଏକ ହଜାର ଟଙ୍କାରେ ବିକ୍ରି କରୁଥିବା ଏବଂ ଜିଲ୍ଲାରେ ଅଭାବୀ ସାର ଯୋଗୁଁ ଚାଷୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଚାଷୀ ଆବଶ୍ୟକ ସାର ଯୋଗାଇବା, କଳାବଜାରୀ ମାନଙ୍କୁ ଗିରଫ କରିବା ଏବଂ କୋଟପାଡ ଅଞ୍ଚଳରେ ନକଲି ପଟାସ ବିକ୍ରିର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲ ଆନ୍ଦୋଳନକାରୀ ମାନେ ଦାବି କରିଥିଲେ। ଆଜି ପୂର୍ବାହ୍ନରେ ପ୍ରବଳ ବର୍ଷା ସତ୍ତ୍ୱେ ଜୟପୁର ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଜୟପୁର ଉପଖଣ୍ଡର କୋଟପାଡ, କୁନ୍ଦୁରା, ବୋରିଗୁମ୍ମା, ବୈପାରୀଗୁଡା ଏବଂ ଜୟପୁର ଅଞ୍ଚଳର ଚାଷୀ ଏବଂ ବିଜେଡି ନେତା ଓ କର୍ମୀ ମାନେ ଏକତ୍ରିତ ହୋଇଥିଲେ। ସେମାନେ କହିଛନ୍ତି, ଜିଲ୍ଲାରେ ସାରର କଳାବଜାରୀ ମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ୟୁରିଆ ସାର ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ କଳାବଜାରୀ ମାନଙ୍କ ଜରିଆରେ ବିକ୍ରି କରାଯାଉଥିଲେ ସୁଦ୍ଧା କୃଷି ଏବଂ ଜିଲ୍ଲାପ୍ରଶାସନ ପକ୍ଷରୁ କୌଣସି ଚଢ଼ଉ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ନକଲି ପଟନା ନାମରେ ବାଲିକୁ ରଙ୍ଗ ଦିଆଯାଇ ବିକ୍ରି କରାଯାଇଛି। ସାରର ଅପମିଶ୍ରଣ କରାଯାଇ ଚାଷୀଙ୍କୁ ଠକେଇ କରାଯାଇଛି। ସେହିପରି ଚାଷୀଙ୍କୁ ୟୁରିଆ



ସାର ବିକ୍ରି ବେଳେ ନାନୋ ନାମକ ଏକ ତରଳ ପଦାର୍ଥ ନେବକୁ ବାଧ କରଯାଉଛି। ତେଣୁ ଚାଷୀଙ୍କ ଉପରେ ଅତ୍ୟାଚାର ବନ୍ଦ କରିବାକୁ ଦାବି କରାଯାଇଛି। ଏ ନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ରବିବାର ସୁଦ୍ଧା ଚଢ଼ଉ ଏବଂ ତଦନ୍ତ କରାଯାଇ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏବଂ ସମସ୍ତ ଚାଷୀଙ୍କୁ ୟୁରିଆ ସାର ପ୍ରଦାନ କରା ନଗଲେ ଆଗାମୀ ସୋମବାର କୃଷି ବିଭାଗ ଅଧିକାରୀଙ୍କ ବିରୋଧରେ ଥାନାରେ ଏତଲା ଏବଂ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦ ଚେତବନୀ ଦେଇଛନ୍ତି। ସମସ୍ତ ଚାଷୀଙ୍କୁ ସୂଚାରୁ ରୂପେ ସାର ପ୍ରଦାନ ସହ ତଦନ୍ତ କରାଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ପ୍ରଧାନ ପ୍ରତିଶୃତି ଦେଇଛନ୍ତି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ବିଧାୟକ ଚନ୍ଦ୍ରଶେଖର ମାଝି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ଗୋବିନ୍ଦ ସାମନ୍ତରାୟ, ନାଗରାଜ ଦୋରା, ଦୁର୍ଗାପ୍ରସାଦ ମିଶ୍ର,ବାଲା ରାୟ, କୃଷକ କଲ୍ୟାଣ ମଞ୍ଚର ନରେନ୍ଦ୍ର ପ୍ରଧାନ ଏବଂ ଏକହଜାରରୁ ଉକହଜ ଚାଷୀ, ବିଜେଡି କର୍ମୀ ମାନେ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ମୁତୟନ ଜିଲ୍ଲା ମୁଖ୍ୟ କାର୍ଯାଳୟ ଫାଟକ ସମ୍ମୁଖରେ କରାଯାଇଥିଲା।

## ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ମୁନିଗୁଡା, ୨୬।୮(ସମିସ): ଆଜି ଅମ୍ବାଦଳା ଠାରେ ଅମ୍ବାଦଳା ବିଜେପି ପକ୍ଷରୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମିଶ୍ରଣ ପର୍ବ ଉପଲକ୍ଷେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଅଭିମୁଖେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗସ୍ତ କରିବା ସମୟରେ ପ୍ରଥମେ ଅମ୍ବାଦଳା ସ୍ଥିତ ପଞ୍ଚମୁଖୀ ହନୁମାନ ବାଟିକା ଠାରେ ପହଞ୍ଚି ଭଗବାନ ହନୁମାନଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ବିଷମ କଟକ ନିର୍ବାଚନ ମଣ୍ଡଳୀର ଅମ୍ବାଦଳା ଠାରେ ମଣ୍ଡଳ ସଭାପତି ଅନନ୍ତ ମାଲଦୋରା ଓ ବିଜେପିର ବରିଷ୍ଠ ନେତା ଭିକାରୀ ନାହାକଙ୍କ ନେତୃତ୍ୱରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କ ସହ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମରେ ଅମ୍ବାଦଳା ମଣ୍ଡଳର ଜଗଦଳପୁର, ସରଧାପୁର୍, ରାଘୁବାରି, ଡିମିରିଗୁଡ଼ା, ଇଚ୍ଛାପୁର, ଅମ୍ଲାଭଟା, ରାଣୀପିଣ୍ଡା, ଅମ୍ବାଦଳା, ଘମଟ ଗୁଡ଼ା ଅଞ୍ଚଳର ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିଲେ।

## ● ଆମଲା ସଂଘର ଆନ୍ଦୋଳନ

# ତହସିଲ କାର୍ଯ୍ୟାଳୟକୁ ଆସି ଲୋକେ ନିରାଶ



ବନ୍ଧୁଗାଁ,୨୬।୮(ସମିସ): ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ଯୋଗୁଁ ବନ୍ଧୁଗାଁ ବ୍ଲକ ତହସିଲ କାର୍ଯ୍ୟାଳୟକୁ ଲୋକେ ଆସି ନିରାଶ ହୋଇ ଫେରୁଛନ୍ତି। ଆନ୍ଧ୍ର ସୀମାନ୍ତରେ ଥିବା ଗ୍ରାମ ଗୁଡିକର ଲୋକେ ରାଜସ୍ୱ ଆମଲା ସଂଘର ଆନ୍ଦୋଳନ ଆଜକୁ ପ୍ରାୟ ୧୫ ଦିନ ହେବ ଚାଲିଛି। ଗ୍ରାମାଞ୍ଚଳର ଲୋକେ ଏ ସମ୍ପର୍କରେ ଅବଗତ ନାହାନ୍ତି। ବହୁ ଦୂରରେ ଥିବା ଉପାନ୍ତ ଅଞ୍ଚଳରୁ ଲୋକମାନେ ଅଟୋ ଗାଡ଼ି ଭଡ଼ା ଖର୍ଚ୍ଚ କରି ଆସି ତହସିଲ କାର୍ଯ୍ୟାଳୟରୁ ନିରାଶ ହୋଇ ଫେରୁଛନ୍ତି। ପ୍ରତି ବ୍ଲକରେ ଥିବା ରାଜସ୍ୱ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ରହି ଆସୁଥିଲେ। ସେମାନଙ୍କ ଦାବି ପୂରଣ ପାଇଁ ଦୀର୍ଘ ଦିନ ଧରି ଆନ୍ଦୋଳନ ସାଧାରଣ ଲୋକଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡିଛି। ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଚିଠି ଲେଖିବା ପରେ ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ଆସି ପହଞ୍ଚି ଥିବା ତହସିଲ ସୁପରଭାଇଜର ଗୌରାଙ୍ଗ ଚରଣ ଗମାଙ୍ଗ ଜଣାଇଛନ୍ତି। ଅଧିକ ଜାଣିବା ପାଇଁ ତହସିଲଦାର ସୋନାଲିପାତ୍ରଙ୍କୁ ଫୋନ କରିବାରୁ ଫୋନ୍ କରାଯାଇଥିଲେ ମଧ ସେ କଲ୍ ରିସିଭ୍ କରିନଥିଲେ।

# ଲଗାଣ ବର୍ଷାରେ ମାଥିଲି ବେହାଲ୍



ମାଥିଲି, ୨୬।୮(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ କିଛି ଦିନ ଦେବ ଲଗାଣ ବର୍ଷାରେ ଜନଜୀବନ ବେହାଲ ହୋଇଛି। ପ୍ରଶାସନିକ ଅଧିକାରୀ ଏ ପର୍ଯ୍ୟନ୍ତ କେହି ଆସି ନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକମାନେ। ମାଥିଲି ବ୍ଲକରେ ଟେମୁରୁପାଲ୍ଲୀ,କାର୍ତ୍ତନ ପାଲ୍ଲୀ ଓ କିଅଙ୍ଗ ପଞ୍ଚାୟତର ଅନେକ ଲୋକ ଏବେ ଜଳବନ୍ଦୀରେ ଅଛନ୍ତି। ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି।

# ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ ବୈଠକ

ମାଲକାନଗିରି, ୨୬।୮(ସମିସ): ଆଜି ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଆନୁକୁଲ୍ୟରେ ଆଦି କର୍ମଯୋଗୀ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଅଧ୍ୟକ୍ଷତା କରି କହିଥିଲେ ଯେ, ଅନୁସୂଚିତ ଜନଜାତି ମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ 'ଆଦି କର୍ମଯୋଗୀ ଅଭିଯାନ' ନାମରେ ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଚଳିତ ବର୍ଷ ତଥା ୨୦୨୫ ଅଗଷ୍ଟ ମାସରୁ ଓଡିଶାର ୨୨ଗୋଟି ଜିଲ୍ଲାରେ କାର୍ଯକାରୀ ହେବାକୁ ଯାଉଛି। ଏହି ଜିଲ୍ଲାମାନଙ୍କ ଭିତରେ ଆମ ମାଲକାନାଗିରି ଜିଲ୍ଲା ଅନ୍ତର୍ଭୁକ୍ତ ଅଛି। ଜିଲ୍ଲାର ୭ଟି ବ୍ଲକର ୪୨୫ ଆଦିବାସୀ ବହୁଳ ଗ୍ରାମରେ ଯଥା ଚିତ୍ରକୋଣ୍ଡା ବ୍ଲକ୍‌ର ୧୧୩ ଟି ଗ୍ରାମ, ମାଥିଲି ବ୍ଲକ୍ ର ୧୧୬ ଟି ଗ୍ରାମ, ଖଇରପୁଟ ବ୍ଲକର ୮୧ ଟି ଗ୍ରାମ, କାଲିମେଳା ବ୍ଲକ୍ ର ୩୩ ଟି ଗ୍ରାମ, ମାଲକାନଗିରି ବ୍ଲକ୍ ର ୪୭, ପଡ଼ିଆ ବ୍ଲକ୍‌ର ୧୮ ଟି ଗ୍ରାମ ଓ କୋରୁକୋଣ୍ଡା ବ୍ଲକ୍‌ର ୧୭ ଟି ଗ୍ରାମରେ ଏହି ଅଭିଯାନର ସଫଳ ରୂପାୟନ ହେବାକୁ ଯାଉଛି। ଏହି ୭ଟି ବ୍ଲକ୍‌ର ୭୦ ହଜାର ୯୯୬ ଗୃହର ୩ ଲକ୍ଷ ୧୫ ହଜାର ୯୩୮ ଜଣ ଲୋକ ଜନଜାତି ଅନ୍ତର୍ଭୁକ୍ତ ହେବେ। ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଓ ଜନଜାତୀୟ ଗୌରବ ବର୍ଷ ପାଳନ ଅବସରରେ ଗତ ଅକ୍ଟୋବର ୨ ତାରିଖରେ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଆଦି କର୍ମଯୋଗୀ ଅଭିଯାନ ଏହି ଯୋଜନାର ପୂର୍ଣ୍ଣାଙ୍ଗ ପରିପ୍ରକାଶ। ଏହି ଅଭିଯାନ ମାଧ୍ୟମରେ ଶିକ୍ଷା, ସାସ୍ଥ୍ୟ, ଗମନାଗମନ, ପଞ୍ଚାୟତ ଓ ପାନୀୟଜଳ, ଗ୍ରାମ ଉନ୍ନୟନ, କୃଷି, ମହିଳା ଓ ଶିଶୁ ବିକାଶ, ଜଙ୍ଗଲ ପରିବେଶ ଓ ସର୍ବୋପରି ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସହଭାଗିତାରେ ଅନୁସୂଚିତ ଜନଜାତି ବହୁଳ ଗ୍ରାମ ମାନଙ୍କରେ ତୃଣମୂଳ ସ୍ତରରେ ପ୍ରଶାସନକୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଯୋଜନାର ପ୍ରଚାର ପ୍ରସାର ଓ ଅତ୍ୟାବଶ୍ୟକ ସେବାର ଉପଲବ୍ଧତା କରାଇବା ପାଇଁ ୭ ଟି ବ୍ଲକ୍ ରେ ପ୍ରାୟ ୫୦ ହଜାର ଆଦିବାସୀ କ୍ୟାଡର ସୃଷ୍ଟି କରାଯିବ।। ଏମାନଙ୍କୁ ଆଦି କର୍ମଯୋଗୀ, ଆଦି ସହଯୋଗୀ ଏବଂ ଆଦି ସାଥୀ ନାମରେ ଅବିହିତ କରାଯାଇ ସରକାର ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟଙ୍କ ମଧ୍ୟରେ ଏକ ସେତୁ ସୃଷ୍ଟି କରାଯିବ। ଏହି ବୈଠକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ସ୍ୱାଗତ ଭାଷଣ ପ୍ରଦାନ କରି ବୈଠକର ଆଭିମୁଖ୍ୟ ବିଷୟରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଭିଲ ସୋସାଇଟି ଓରଗାନାଇଜେସନ ରହିଥିବା ପିରାମଲ ଫାଉଣ୍ଡେସନ ପ୍ରତିନିଧି ରାଜାରାମ ମଲ୍ଲିକ ସମସ୍ତଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାରଙ୍କ ସମେତ ଆଇଟିଡିଏ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

## ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀଙ୍କ ବିଷମକଟକ ଗସ୍ତ

ବିଷମ କଟକ, ୨୬।୮(ସମିସ): ଓଡ଼ିଶା ସରକରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳ ନନ୍ଦ ମଲ୍ଲିକ ବିଷମ କଟକ ଗସ୍ତ କରିଛନ୍ତି। ଆଜି ସନ୍ଧ୍ୟା ସମୟରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଭବାନୀପାଟଣାରେ କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ଫେରୁଥିବା ବେଳେ ବିଷମ କଟକ ବିଜେପି ଦଳୀୟ କର୍ମୀ ଉପସ୍ଥିତି ରହି ବିଷମକଟକ ନେତାଜୀ ଛକରେ ମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ ଜଣାଇଥିଲେ। ଶ୍ରୀ ମଲ୍ଲିକ ଦଳୀୟ କର୍ମୀ ସହ କିଛି ସମୟ ସଂଗଠନ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏଥି ସହିତ ବିଷମ କଟକ ବ୍ଲକ ପଶୁ ସମ୍ପଦ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରି ବିଭାଗ ଦ୍ୱାରା ପ୍ରଦତ୍ତ ଯୋଜନାର ସୁଫଳ ଲୋକେ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ବିଜେପି ଦଳର ବାଦଲ ରଣା, ଦୁର୍ଯ୍ୟୋଧନ ପାଲ୍, ସର୍ବେଶ୍ୱର ସୁନା, ସାଇରାମ୍ ପଟ୍ଟନାୟକ, ଅନିଲ କୁମାର ସାହୁ, ଗୌତମ ଉଲାକା, ଶିବ ପ୍ରସାଦ ପାଢ଼ୀ, ମନୋଜ କୁମାର ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଚାକିରି ନାଁରେ ଟଙ୍କା ହଡ଼ପ

# ଗଣଶିକ୍ଷା ମନ୍ତ୍ରୀଙ୍କ ସ୍ୱାକ୍ଷର, ଷ୍ଟାମ୍ପ୍ ବ୍ୟବହାର!

କୋଷାଗୁମୁଡା,୨୬।୮(ସମିସ): ଚାକିରି କରାଇ ଦେବା ନାଁରେ ଠକେଇ ଅଭିଯୋଗ ନେଇ ଥାନାର ଦ୍ୱାରସ୍ଥ ହେଲେ ଲୋକେ। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ଥାନାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। କୋଷାଗୁମୁଡା ବ୍ଲକର ବିଭୁ ପ୍ରସାଦ ସାହୁଙ୍କ (ସ୍ତ୍ରୀ ଗୀତାଞ୍ଜଳୀ ସାହୁ ଏବଂ ଶାଳୀ ଗାୟିତ୍ରୀ ସାହୁ), କର୍ଚ୍ଚାମାଳ ଗାଁର ସନ୍ତୋଷ ମାଳି, ଶଙ୍କରଦା ଗାଁର ପ୍ରଦୀୟୁସ ଆଶିଷ ଗଣ୍ଡା, ପୋଇତିଗୁଡା ଗାଁର କାଶୀନାଥ ନାୟକ, ଦୋଳପଡି ପୁଟ(ମାଥିଲି) ତଥା ମାଲକାନଗିରି ଜିଲ୍ଲାର କାର୍ତ୍ତିକ ପ୍ରଧାନୀଙ୍କ ଠାରୁ ଓ ଚିର୍ମା ଗ୍ରାମର ଭବାନୀ ଶଙ୍କର ରାଉତଙ୍କ ଠାରୁ ପ୍ରାଇଭେଟ ଲିମିଟେଡ଼ ଭୁବନେଶ୍ୱରରୁ ବିଭିନ୍ନ ବିଭାଗରେ ଚାକିରି କରାଇ ଦେବାକୁ କହି ଲକ୍ଷାଧିକ ଟଙ୍କା ନିଜ ଆକାଉଣ୍ଟ ଓ ସହଯୋଗୀଙ୍କ ଆକାଉଣ୍ଟରେ ନେଇ ଚୁପ ରହିଯାଇଥିଲେ ଠକ। ବର୍ଷ ବର୍ଷ ଧରି ଚାକିରି ଯୋଗାଇ ନଦେବାକୁ ନେଇ ସମସ୍ତ ଯୁବକ ଏକତ୍ରିତ ହୋଇ ରବିବାର ସନ୍ଧ୍ୟାରେ କୋଡ଼ିଙ୍ଗା ଥାନାରେ ବ୍ୟକ୍ତିଗତ ଭାବରେ ଗୋଟିଏ ଗୋଟିଏ ଲିଖିତ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ସମସ୍ତ ଯୁବକମାନଙ୍କ



ଅଭିଯୋଗ ପ୍ରକାରେ କୋଡ଼ିଙ୍ଗା ରେ ରହୁଥିବା ଜଣେ ନିଲମ୍ବିତ ଶିକ୍ଷକ ତଥା ପ୍ରଦୀପ୍ତ କୁମାର ସାହୁ ି ବିଭିନ୍ନ ଚାକିରି କରେଇ ଦେବା ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ହଡ଼ପ କରି ଚୁପ ରହିଛନ୍ତି। ଏହାର ପ୍ରମାଣର ନକଲ କପି ପୋଲିସକୁ ଅଭିଯୋଗକାରୀ ମାନେ ଦେଇଛନ୍ତି। ଆଦିବାସୀ ଅଞ୍ଚଳରେ ଏଭଳି ର୍‌ୟାକେଟ୍ ଚଳାଇ ଟଙ୍କା ହଡପ କରାଯାଉଛି। ଟଙ୍କା ଫେରସ୍ତ ମାଗିଲେ ନାଲି ଆଖି ଦେଖାଉଛନ୍ତି ବୋଲି ଥାନାରେ ଏତଲା ଦେଇଥିବା ଯୁବକ କହିଛନ୍ତି। ଯୁବକ ମାନେ କୋଡ଼ିଙ୍ଗାରେ ରହୁଥିବା ପ୍ରଦୀପ୍ତ କୁମାର ସାହୁଙ୍କ ନାମରେ ଟଙ୍କା ହଡପ କରିଥିବା ସିଧା ସିଧା ଏତଲା କପିରେ ଉଲ୍ଲେଖ କରିଛନ୍ତି। ପ୍ରଦୀପ୍ତ କୁମାର ସାହୁ ଶିକ୍ଷକ ଭାବେ ବଡ ଆମ୍ବଡା ସାରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। କିନ୍ତୁ ବର୍ତ୍ତମାନ କାର୍ଯ୍ୟରୁ ନିଲମ୍ବିତ ହୋଇ ଘରେ ବସି ରହିଛନ୍ତି। ଅଞ୍ଚଳର ଗରିବ ନିରୀହ, ସରଳ ଯୁବକ ମାନଙ୍କୁ ଚାକିରି କରାଇ ଦେବା ନାମରେ ତାଙ୍କ ଜାଲରେ ପକାଇ ଟଙ୍କା ହଡପ କରୁଛନ୍ତି। କମ୍ପ୍ୟୁଟର ଶିକ୍ଷକ ହେଉ ବା ସୁଭଦ୍ରା ହେଲ୍ପ ଡେସ୍କରେ ବା ସିକ୍ୟୁରିଟି ଚାକିରି ପାଇଁ ବିଭିନ୍ନ ଘରୋଇ ସଂସ୍ଥାରେ ଚାକରି କରାଇବା ନାଁରେ ଗାଁ ଗାଁ ବୁଲି ବେକାର ଯୁବକଙ୍କ ଠାରୁ ଟଙ୍କା ଲୁଟ କରୁଛନ୍ତି। ଚାକିରି ଦେବା ପାଇଁ ଠକ ମାନେ ଓଡ଼ିଶାର ଶିକ୍ଷା ମନ୍ତ୍ରୀ ତଥା ନିତ୍ୟନନ୍ଦ ଗଣ୍ଡଙ୍କ ସ୍ୱାକ୍ଷର ଓ ଷ୍ଟାମ୍ପ ପେପରରେ ନିଯୁକ୍ତି ପତ୍ର ଦେଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଏତଲା ଦେବାର ୨ଦିନ ବିତି ଯାଇଛି। ମଙ୍ଗଳବାର ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନଥିବାକୁ ନେଇ ଅଭିଯୋଗକାରୀ ମାନେ ମଙ୍ଗଳବାର ସନ୍ଧ୍ୟାରେ କୋଡ଼ିଙ୍ଗା ଥାନା ପୁନର୍ବାର ଯାଇଥିବା ଜଣାପଡିଛି।

## ■ ବିଭିନ୍ନ ସ୍ଥାନରେ ଫୁଲିଲା ନଦୀ

# ଉପୁଜିଛି ବନ୍ୟା ପରିସ୍ଥିତି, ସ୍ଥିତି ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ

କୁନ୍ଦୁରା,୨୬।୮(ସମିସ): ଲଗାଣ ବର୍ଷାରେ ବେହାଲ କୁନ୍ଦୁରା ବ୍ଲକ। କୁର୍ଲୁ ଏବଂ ବିରି ନଦୀ ବ୍ରିଜ ଉପରେ ୩ ଫୁଟ ପାଣି ପ୍ରବାହିତ ହେଉଥିବା ବେଳେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ସେହିପରି ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଛି। କୁର୍ଲୁ ନଦୀ ବ୍ରିଜ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବା ଯୋଗୁଁ ଲିମା ଏବଂ ଆସନା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। କୁନ୍ଦୁରା କଦଳୀମୁଣ୍ଡା ରାସ୍ତାରେ ଯାତାୟାତ ବାଧା ସୃଷ୍ଟି ହୋଇଛି। ଅନ୍ୟପଟେ ଦିଗାପୁର ନିକଟରେ ପ୍ରବାହିତ ବିରି ନଦୀ ଫୁଲିଛି। ବର୍ଷା ପାଣି ପୋଲ ଉପରେ ପ୍ରବାହିତ ହେଉଥିବା ବେଳେ ବ୍ଲକ ସଦର ମହକୁମାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କୁନ୍ଦୁରା ବ୍ଲକକୁ ଘେରି ରହିଥିବା କୋଲାବ ନଦୀରେ ମଧ ବନ୍ୟା ଜଳ ଉଚ୍ଛୁଳୁଥିବା ବେଳେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଚିଲିଗୁଡା କଣ୍ଟାପଦର ନଦୀ ପୋଲରେ ୩ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛ। ଯାଦ୍ୱାରା ପୋଲ ଭାଙ୍ଗିବା ଆଶଙ୍କା କରୁଛନ୍ତି ଗାଁ ଲୋକେ। ବ୍ଲକର ଦିଗାପୁର, ମସିଗାଁ, ଘୁମର, ଲିମା, ଆସନା, କେରିମିଟି ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଛି। ଏହାକୁ ନେଇ ବନ୍ୟା ଅଞ୍ଚଳକୁ ତହସିଲଦାର ବିନୋଦ ଚନ୍ଦ୍ର ନାଏକ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି। କୁନ୍ଦୁରା ବିଡ଼ିଓ ପି.ମନସ୍ମିତା ବିଭଗୀୟ ଅଧିକାରୀଙ୍କୁ ନିଜ ଅଞ୍ଚଳରେ ରହି



ସ୍ଥିତି ଅନୁଧ୍ୟାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକର ସମସ୍ତ ସରକାରୀ କର୍ମଚାରୀ ଯାହାକି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଯୋଗାଣ ସହାୟକ, ରାଜସ୍ୱ ନିରୀକ୍ଷକ ନିଜ ନିଜ ଅଞ୍ଚଳରେ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ମରଣାନ୍ତକ ଆକ୍ରମଣ ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୨୬।୮(ସମିସ): ଜୟପୁର ଟାଉନଥାନା ପୁଲିସ ସ୍ଥାନୀୟ ଦୈନିକ ବଜାରରେ ମଦ୍ୟପାନ କରିବା ସହ ଗଣ୍ଡଗୋଳ ଏବଂ ମରଣାନ୍ତକ ଆକ୍ରମଣ ମାମଲାରେ ଗୋପବନ୍ଧୁ ନଗର ଅଞ୍ଚଳର ଫେରାର ଅନ୍ୟତମ ଦୁର୍ଦ୍ଧାନ୍ତ ଅପରାଧି ବାଦଲ ନାଗ (୨୯)ଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁଯାୟୀ, ଗତ କିଛି ଦିନ ପୂର୍ବେ ଜୟପୁର ଦୈନିକ ବଜାରରେ ପୂର୍ବ ଶତ୍ରୁତାକୁ ନେଇ ଓଡ଼ିଆ ମେଦ୍ରୀ ସାହିର ହେମନ୍ତ ପରଜାଙ୍କୁ ଗୋପବନ୍ଧୁ ନଗରର ଦୁଇ ଦୁର୍ଦ୍ଧାନ୍ତ ଅପରାଧି ଏକ କ୍ରିକେଟ୍ ବ୍ୟାଟ୍ ସହାୟତାରେ ଆକ୍ରମଣ କରିବା ଯୋଗୁଁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପ୍ରଚୁର ରକ୍ତସ୍ରାବ ଯୋଗୁଁ ଅଭିଯୋଗକାରୀ ଗୁରୁତର ଆହତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଏଥିନେଇ ଅଭିଯୋଗକାରୀଙ୍କ ଏତଲାକୁ ଭିତ୍ତି କରାଯାଇ ପୁଲିସ ମରଣାନ୍ତକ ଆକ୍ରମଣ ମାମଲାରେ ଏକ ମାମଲା (୩୦୪/୨୫) ରୁଜୁ କରିଛି। ଗତକାଲି ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଗୋପବନ୍ଧୁ ନଗରର ଗଣେଷ ପୂଜାରୀକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ବୋଲି ତଦନ୍ତକାରୀ ଏସ୍ଆଇ ରୁଚିକାନ୍ତ ମହାକୁର ସୂଚନା ଦେଇଛନ୍ତି।

## ଡୁଡୁମା ଜଳପ୍ରପାତ ; କର୍ତ୍ତୃପକ୍ଷଙ୍କ ନିଷେଧାଜ୍ଞା ମାନୁନାହାନ୍ତି ପର୍ଯ୍ୟଟକ

# ଅସାବଧାନତା ପାଇଁ ଯାଉଛି ଜୀବନ

କୋରାପୁଟ,୨୬।୮(ସମିସ): କୋରାପୁଟ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ଡୁଡୁମା ଜଳପ୍ରପାତ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ମାନ୍ୟତା ପାଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ବଣ ପାହାଡ଼ ଭିତରେ ସୁଉଚ୍ଚ ଜଳଧାରା ପଡୁ ଥିବା ମନୋରମ ଦୃଶ୍ୟର ମଜା ନେବାକୁ ସମସ୍ତେ ଚାହିଁଥାଆନ୍ତି। ବର୍ଷ ତମାମ ଦେଶ ବିଦେଶରୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଡୁଡୁମା ଜଳ ପ୍ରପାତ ବୁଲିବାକୁ ଆସିଥାନ୍ତି। ବାସ୍ତବରେ ଡୁଡୁମା ଜଳପ୍ରପାତ ପର୍ଯ୍ୟଟନ ସ୍ଥଳୀ ଯେତେ ଆକର୍ଷଣୀୟ ସେତିକି ବିପଦ ପୂର୍ଣ୍ଣ ମଧ। ତେଣୁ ପର୍ଯ୍ୟଟକ ପାଦେ ପାଦେ ସତର୍କତା ଅବଲମ୍ବନ କରିବା ନିହାତି ଆବଶ୍ୟକ ଥିବାବେଳେ ସାମାନ୍ୟ ଅସାବଧାନତା ଯୋଗୁଁ ଜୀବନ ପ୍ରତି ବିପଦ ରହିଥାଏ। ତେଣୁ ଜିଲ୍ଲା ପ୍ରଶାସନ, ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ପ୍ରକଳ୍ପ କର୍ତ୍ତୃପକ୍ଷ ଏବଂ ଜଲାପୁଟ ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପର୍ଯ୍ୟଟକ ମାନଙ୍କ ସୁରକ୍ଷା ନିମନ୍ତେ କେତେକ ନିର୍ଦ୍ଦେଶନାମା ଓ ନିଷେଧାଜ୍ଞା ଜାରି କରା ଯାଇଛି। ହେଲେ କେତେକ ପର୍ଯ୍ୟଟକ କର୍ତ୍ତୃପକ୍ଷଙ୍କ ନିୟମ ନ ମାନି ଜୀବନକୁ ବାଜି ଲଗାଇ ବିପଦ ମୁହଁକୁ ଚାଲି ଯାଉଛନ୍ତି ଓ ଜୀବନ ହରାଉଛନ୍ତି। ଗତ ଦୁଇ ମାସ ମଧ୍ୟରେ ଏଭଳି ଦୁଇଟି ଲୋମ ଟାଙ୍କୁରା ଦୁଃଖଦ ଘଟଣା ଡୁଡୁମା ଜଳ ପ୍ରପାତରେ ଦେଖିବାକୁ ମିଳିଛି। ପ୍ରଥମ ଘଟଣା ଗତ ଜୁନ୍ ୧୪ ତାରିଖରେ ଘଟିଥିଲା। ଭୁବନେଶ୍ୱରର ଅନିମେଷ ଦାସ ବଡ଼ଭାଇ, ଭାଉଜ ଏବଂ ପୁତୁରା ସହ କୋରାପୁଟ ବୁଲିବାକୁ ଆସି ଡୁଡୁମା ଜଳପ୍ରପାତ ଯାଇଥିଲେ। ଭାଇ ଭାଉଜଙ୍କ ବାରଣ ସତ୍ତ୍ୱେ ସେ ଜଳପ୍ରପାତର ପ୍ରାୟ ୫୫୦ ଫୁଟ ତଳକୁ ଯାଇ ଆଉ ଫେରି ନଥିଲେ। ଭାଇ ଭାଉଜ ବୁଲାବୁଲି ସାରି ବହୁ ସମୟ ଅପେକ୍ଷା କରିଥିଲେ କିନ୍ତୁ ଅନିମେଷ ନଫେରିବା ଯୋଗୁଁ ସେମାନେ ତଳକୁ ଯାଇ ତାଙ୍କ ଚପଲ କେବଳ ଥିବା ଦେଖିବାକୁ ପାଇ ଅନିମେଶ ପାଣିରେ ନିଖୋଜ ଥିବା ଜାଣି ପାରିଥିଲେ। ଡୁଡୁମାର ସ୍ଥାନୀୟ ବାସିନ୍ଦା ଖୋଜା ଖୋଜି କରିବା ସତ୍ୱେ କୌଣସି ପତା ନମିଳିବା ପରେ ସେମାନେ ମାଛକୁଣ୍ଡ ଥାନା ଓ ଲମତାପୁଟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଖୋଜା ଖୋଜି କରିଥିଲେ ମଧ ଆଜି ପର୍ଯ୍ୟନ୍ତ ଅନିନେଶଙ୍କର ଖୋଜ ଖବର ମିଳିନାହିଁ। ସେହିପରି ଚଳିତ ମାସ ୨୩ ତାରିଖରେ ସାଗର ଟୁଡୁ ନାମକ ଜଣେ ୟୁଟ୍ୟୁବର ଡୁଡୁମା ଜଳପ୍ରପାତରେ ଭାସି ଯାଇଛନ୍ତି। ବ୍ରହ୍ମପୁରର ସାଗର ଟୁଡୁ ଏବଂ ବନ୍ଧୁ କଟକର ଅଭିଜିତ ବେହେରା ଡୁଡୁମା ଜଳ ପ୍ରପାତ ବୁଲିବାକୁ ଆସିଥିଲେ। ବୁଲାବୁଲି କରିବା ପରେ ଉଭୟେ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପର ସଂରକ୍ଷିତ ଜଳ ଭଣ୍ଡାର ତଳ ମୁଣ୍ଡରେ ଥିବା ପାହାଡି ନଦୀ ତଳକୁ ଭିଡିଓଗ୍ରାଫି ପାଇଁ ଯାଇଥିଲେ। ଦୁଇବନ୍ଧୁ ତଳ ମୁଣ୍ଡରେ




ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଡ୍ରୋନ୍ କ୍ୟାମେରାରେ ଭିଡିଓ ଉତ୍ତୋଳନ କରୁଥିଲେ। ହେଲେ ଜଳ ଭଣ୍ଡାରର ଜଳ ପତନ ଆଶାତୀତ ଭାବେ ବୃଦ୍ଧି ପାଉ ଥିବାରୁ ଡ୍ୟାମର ସୁରକ୍ଷା ନିମନ୍ତେ ପ୍ରକଳ୍ପ କର୍ତ୍ତୃପକ୍ଷ ପୂର୍ବ ଘୋଷଣା ଅନୁଯାୟୀ ତିନି ଥର ସତର୍କ ସାଇରନ୍ ବଜାଇ ଡ୍ୟାମରୁ ଜଳ ନିଷ୍କାସନ କରିବା ଯୋଗୁଁ ଅନ୍ୟ ପର୍ଯ୍ୟଟକ ମାନେ ପାଟି କରି ଡାକିବା ଯୋଗୁଁ ଅଭିଜିତ ବେହେରା ଉପରକୁ ଚାଲି ଆସିଥିଲେ। କିନ୍ତୁ ଡ୍ରୋନ୍ କ୍ୟାମେରା ତଳକୁ ଆଣି ସେ ନଦୀରୁ ବାହାରିବେ ଭାବି ୟୁଟ୍ୟୁବର ସାଗର ଟୁଡୁ ନଦୀ ମଝିରେ ରହିଥିଲେ। କିଛି ସମୟ ପରେ ପ୍ରଖର ଜଳରେ ଭାସି ଯାଇଥିଲେ। ପୁଲିସ ଓ ଅଗ୍ନିଶମ ବିଭାଗ ତଲାସି ଜାରି ରଖିଥିଲେ ମଧ ଏଯାଏ ତାଙ୍କର କୌଣସି ପତ୍ତା ମିଳିନାହିଁ। ଏହା ଏକ ଅତ୍ୟନ୍ତ ଦୁଃଖଦ ଘଟଣା। ତେବେ ପର୍ଯ୍ୟଟକ ମାନେ ପ୍ରଶାସନ ଓ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମାକୁ ଅଣଦେଖା କରିବା ପରିତାପର ବିଷୟ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ରଖିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଲଗାଣ ବର୍ଷା ଯୋଗୁଁ ପ୍ରକଳ୍ପ କର୍ତ୍ତୃପକ୍ଷ ୧୮ ତାରିଖରେ ସର୍ବସାଧାରଣଙ୍କ ନିମନ୍ତେ ନୋଟିସ ଜାରି କରି ୧୮ ତାରିଖ ଠାରୁ ଆସନ୍ତା ୪-୫ ଦିନ ପର୍ଯ୍ୟନ୍ତ କେହି ତଳ ମୁଣ୍ଡକୁ ନଯିବାକୁ ବାରଣ କରିଥିଲେ। ମାଛକୁଣ୍ଡ ଜଳ ଭଣ୍ଡାରର ଜଳ ଧାରଣ କ୍ଷମତା ୨୭୫୦ ଫୁଟ ଥିବା ବେଳେ ୧୮ ତାରିଖ ପୂର୍ବାହ୍ନ ୧୧ ଟା ବେଳକୁ ୨୭୪୩.୭୫ ଫୁଟ ରହିଥିଲା, ତେଣୁ ଆସନ୍ତା ୪-୫ ଦିନ ମଧ୍ୟରେ ଯେ କୌଣସି ମୁହୂର୍ତ୍ତରେ ଜଳ ନିଷ୍କାସନ କରିବା ପାଇଁ କର୍ତ୍ତୃପକ୍ଷ ସାଧାରଣରେ ନୋଟିସ ଜାରି କରିଥିଲେ। ସେହିପରି ଜଳ ପ୍ରପାତର ଅତି ନିକଟ ଓ ତଳ ମୁଣ୍ଡକୁ ଯିବା, କିମ୍ବା ବିପଦ ଜନକ ସ୍ଥିତିରେ ଫୋଟ କିମ୍ବା ଭିଡିଓ ସୁଟିଂ ନକରିବା ପାଇଁ ମଧ ବ୍ଲକ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। କିନ୍ତୁ ପର୍ଯ୍ୟଟକ ମାନେ ସେଥିପ୍ରତି ଗୁରୁତ୍ୱ ନଦେଇ ବିପଦ ମୁହଁକୁ ଚାଲି ଯାଉଥିବା ସ୍ଥାନୀୟ ଅଞ୍ଚଳବାସୀ ପ୍ରତିକ୍ରିୟା ଦେଇ ପର୍ଯ୍ୟଟକ ମାନଙ୍କୁ ଏ ସମ୍ପର୍କରେ ସ୍ୱତନ୍ତ୍ର ସଚେତନ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଭାଲୁ ଆକ୍ରମଣରେ ଜଣେ ଗୁରୁତର



ନବରଙ୍ଗପୁର/ନନ୍ଦାହାଣ୍ଡି, ୨୬।୮ (ସମିସ) ଜଙ୍ଗଲକୁ ଛତୁ ଓ କରଡ଼ି ସଂଗ୍ରହ କରିବାକୁ ଯାଇ ଜଣେ ବ୍ୟକ୍ତି ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ବ୍ୟକ୍ତି ଜଣଙ୍କ ନନ୍ଦାହାଣ୍ଡି ବ୍ଲକ ବି ମାଳିଗୁଡା ପଞ୍ଚାୟତ ଅନ୍ତର୍ଗତ ଚିଲିଗୁଡା ଗ୍ରାମର ରଘୁନାଥ ଗୌଡ଼ (୫୦)। ରଘୁନାଥଙ୍କୁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ବି.ମାଳିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଚିଲିଗୁଡା ଗ୍ରାମର ରଘୁନାଥ ଗୌଡ଼ ଆଜି ଭୋର ସମୟରେ ଗ୍ରାମ ଉପକଣ୍ଠରେ ଥିବା ଜଙ୍ଗଲକୁ ଛତୁ ଓ କରଡ଼ି ସଂଗ୍ରହ କରିବାକୁ ଯାଇଥିଲେ। ତେବେ ବାଉଁଶ ବୁଦା ଭିତରେ କରଡ଼ି କାଟୁଥିବା ବେଳେ ଗୋଟିଏ ଭାଲୁ ହାବୁଡ଼ରେ ପଡିଯାଇଥିଲେ। ଭାଲୁ ରଘୁନାଥଙ୍କୁ ଦେଖି ଆକ୍ରମଣ କରିଥିଲା। ରଘୁନାଥ ପ୍ରାଣ ବିକଳରେ ଭାଲୁ କବଳରୁ ଛଡେଇ ହୋଇ ଘରକୁ ଫେରି ଆସିଥିଲେ। ରଘୁନାଥଙ୍କ ହାତ ଓ ପିଠିରେ ଭାଲୁ ଆକ୍ରମଣ କରିଥିବା ଦେଖିବାକୁ ମିଳିଛି। ଏହାପରେ ପରିବାର ଲୋକେ ଏକ ଅଟୋ ଯୋଗେ ରଘୁନାଥଙ୍କୁ ନେଇ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ରଘୁନାଥ ବର୍ତ୍ତମାନ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ଅଛନ୍ତି। ବର୍ତ୍ତମାନ ରଘୁନାଥଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ୱାଭାବିକ ଥିବା ସୂଚନା ମିଳିଛି। ଖବର ପାଇ ନବରଙ୍ଗପୁର ରେଞ୍ଜର ଗୋପୀନାଥ ସାହୁ, ବନପାଳ ରିତେଶ ସୁନା, ନବରଙ୍ଗପୁର ବନପାଳ ଲକିରାମ ମାଝି, ବନରକ୍ଷୀ ସ୍ନିଗ୍ଧା ବେହେରା, ପରେଶ ବିଷୋୟୀଙ୍କ ସମେତ ୱାଇଲଡ୍ ଲାଇଫ୍ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଭାଲୁର ଗତିବିଧି ଉପରେ ନଜର ରଖିଛନ୍ତି।

# ଅଧ୍ୟକ୍ଷ ଆସିଲେନି; ପୌର ପରିଷଦ ବୈଠକ ସ୍ଥଗିତ

ଜୟପୁର,୨୬।୮ (ସମିସ):





ଜୟପୁର ପୌରସଂସ୍ଥାରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୫ ମାସରୁ ଅଧିକ ସମୟ ହେଲାଣି ପୌର ପରିଷଦ ବୈଠକ ହୋଇ ନଥିଲା। ଉପାଧ୍ୟକ୍ଷଙ୍କ ନେତୃତ୍ୱରେ ଚଳିତ ମାସରେ ୨ ଥର ଦାବିପତ୍ର କାଉନ୍‌ସିଲରମାନେ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲେ। ଏନେଇ ପୌରସଂସ୍ଥା ପକ୍ଷରୁ ବିଭିନ୍ନ ଉନ୍ନତିମୂଳକ ଆଲୋଚନା ନେଇ ପ୍ରସ୍ତାବ ପ୍ରଦାନ କରାଯାଇ ଆଜି ପୂର୍ବାହ୍ନ ୧୧ଟା ସମୟରେ ବୈଠକ ହେବା ପାଇଁ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ପତ୍ର ମାଧ୍ୟମରେ ଆହ୍ୱାନ କରିଥିଲେ। ଉପାଧ୍ୟକ୍ଷା ବି .ସୁନିତାଙ୍କ ସମେତ ବିଜେଡି ସମର୍ଥିତ ୧୫ ଜଣ କାଉନ୍‌ସିଲର ଏବଂ କଂଗ୍ରେସ ସମର୍ଥିତ ୧୧ ଜଣ କାଉନ୍‌ସିଲର ପୌର ସମ୍ମିଳନୀ କକ୍ଷଠାରେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ଏବଂ ମୁଖ୍ୟ କିରାଣୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। କିନ୍ତୁ ଅଧ୍ୟକ୍ଷ ଶ୍ରୀ ମହାନ୍ତି ବୈଠକକୁ ଆସି ନଥିଲେ। ଫଳରେ ନିର୍ଦ୍ଧାରିତ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଉପାଧ୍ୟକ୍ଷା ଏବଂ କାଉନ୍‌ସିଲରମାନେ ସମ୍ମିଳନୀ କକ୍ଷରୁ ବାହାରକୁ ଚାଲି ଆସିଥିଲେ। ବିଜେଡି ସମର୍ଥିତ କାଉନ୍‌ସିଲର ମାନେ ଉପାଧ୍ୟକ୍ଷାଙ୍କ କକ୍ଷରେ ବସି ଆଲୋଚନା କରୁଥିବା ବେଳେ କଂଗ୍ରେସ ସମର୍ଥିତ କାଉନସିଲର ମାନେ ଅଧ୍ୟକ୍ଷଙ୍କ କକ୍ଷରେ ବସି ରହିଥିଲେ। ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ଶରୀର ଅସୁସ୍ଥ ରହିଥିବା ଯୋଗୁଁ ଉପାଧ୍ୟକ୍ଷା ଶ୍ରୀମତି ସୁନିତାଙ୍କୁ ଏହି ବୈଠକର ଅଧ୍ୟକ୍ଷତା କରିବାକୁ ଦାୟିତ୍ୱ ଚିଠି ମାଧ୍ୟମରେ ପ୍ରଦାନ କରିଥିଲେ। କିନ୍ତୁ ନିର୍ଦ୍ଧାରିତ ୧୧ଟା ବେଳେ ବୈଠକ ଆୟୋଜିତ ହେବାକୁ ଥିବା ବେଳେ ୧୧ଟା ୨୦ ମିନିଟରେ ଅନୌପଚାରିକ ଭାବେ ପୌର ଅଧ୍ୟକ୍ଷଙ୍କ ଜଣେ ବ୍ୟକ୍ତି ଚିଠି ପ୍ରଦାନ କରିଥିବା ଯୋଗୁଁ ଏହାକୁ ଉପାଧ୍ୟକ୍ଷ ଶ୍ରୀମତି ସୁନିତା ଗ୍ରହଣ କରିନଥିଲେ। ଶେଷରେ ନିର୍ବାହୀ ଅଧିକାରୀ ଅନୌପଚାରିକ ଭାବେ ଏହିପତ୍ର ମୁଖ୍ୟ କିରାଣୀଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ। କିନ୍ତୁ ବିଳମ୍ବରେ ଏହି ଚିଠି ପ୍ରଦାନ କରାଯାଇଥିବା ଯୋଗୁଁ ଏହାକୁ ସେ ଗ୍ରହଣ କରିବେ ନାହିଁ ବୋଲି ରୋକ୍‌ଠୋକ୍ ଭାବେ ମନା କରିଥିଲେ। ତେଣୁ ଏହି ବୈଠକକୁ ସ୍ଥଗିତ ରଖାଯାଇଥିଲା। ସହରର ବିକାଶ

## ଉପାଧ୍ୟକ୍ଷ, ବିଜେଡି କାଉନସିଲରଙ୍କ କକ୍ଷ ତ୍ୟାଗ

ନେଇ ସ୍ଥାନୀୟ ପୌରସଂସ୍ଥା ଲୋକ ପ୍ରତିନିଧି ମାନଙ୍କ ୨୮ ଟି ୱାର୍ଡର ବାସିନ୍ଦା ମାନେ ଭୋଟ ଦେଇ ବିଜୟୀ କରିଥିବା ବେଳେ ଏହିପରି ଦୀର୍ଘ ୫ ମାସ ନେଇ କାଉନସିଲ ବୈଠକ ଅନୁଷ୍ଠିତ ହେଉନଥିବା ଏବଂ ଅନ୍ୟାନ୍ୟ ଉନ୍ନତିମୂଳକ ଓ ବିକାଶ କାର୍ଯ୍ୟ ନେଇ କୌଣସି ତତ୍ପରତା ଦେଖାଉନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଆଗାମୀ ବୈଠକ କେବେ ହେବ, ଏହା ମଧ୍ୟ ସ୍ଥିର ହୋଇପାରିନାହିଁ। ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ମୁହାଁମୁହିଁ ପରିସ୍ଥିତି ରହିଥିବା ବେଳେ ବୈଠକକୁ ନେଇ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଆଜିର ବୈଠକରେ ସହରର ସୌନ୍ଦର୍ଯ୍ୟକରଣ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା କାର୍ଯ୍ୟକାରୀ, ସହରର ସମସ୍ତ ନଳକୂପକୁ ଜନସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର, ସହରର ମୁଖ୍ୟରାସ୍ତାରେ ପାର୍କିଂ, ଜମି ଚିହ୍ନଟ, ବିଭିନ୍ନ କଲ୍ୟାଣ ମଣ୍ଡପର ମରାମତି, ହାଇମାଷ୍ଟ ଲାଇଟ୍ ରକ୍ଷଣାବେକ୍ଷଣ, ସ୍ମାର୍ଟ ପାର୍କ ନିର୍ମାଣ, ଅସ୍ଥାୟୀ ଗୋ-ଶାଳା ମରାମତି ଏବଂ ପୁରାତନ ବୈଠକର ଗ୍ରହଣ କରାଯାଇଥିବା ପ୍ରସ୍ତାବକୁ ପାରିତ କରିବା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ରହିଥିଲା। ପୌର ନିର୍ବାହୀ ଅଧିକାରୀ କୁମାରୀ ରେଡ୍ଡି ବୈଠକକୁ ଆସିଥିଲେ। ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ। ସେ କହିଛନ୍ତି, ବୈଠକ ଆୟୋଜନ ନେଇ ପୌର ପ୍ରଶାସନ ପ୍ରସ୍ତୁତ ଏବଂ ସମସ୍ତ ବିଷୟ ନେଇ ଆଲୋଚନା ହେବାରେ କୌଣସି ସମସ୍ୟା ନାହିଁ। ପ୍ରକାଶ ଯେ, ଜୟପୁର ପୌରସଂସ୍ଥା କାଉନ୍‌ସିଲର ଶେଷ ବୈଠକ ଗତ ମାର୍ଚ୍ଚ ୧୨ ତାରିଖରେ ଅନୁଷ୍ଠିତ ହୋଇଥିଲା। ପୌରସଂସ୍ଥାର ୨୮ ଟି ୱାର୍ଡ ମଧ୍ୟରୁ ବିଜେଡି ସମର୍ଥିତ ୧୫ ଏବଂ କଂଗ୍ରେସ ସମର୍ଥିତ ୧୩ ଜଣ କାଉନ୍‌ସିଲର ରହିଛନ୍ତି। ଏହିପରି ଅଧ୍ୟକ୍ଷ ପଦବୀ ସିଧାସଳଖ ନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀ ନରେନ୍ଦ୍ର ମହାନ୍ତି ବିଜୟୀ ହୋଇଥିବା ବେଳେ ସର୍ବାଧିକ କାଉନ୍‌ସିଲର ରହିଥିବା ଯୋଗୁଁ ଉପାଧ୍ୟକ୍ଷା ବି. ସୁନିତା ପଦବୀରେ ବିଜୟୀ ହୋଇଥିଲେ।

# 'ଇନୋଭେସନ୍ ଏଣ୍ଡ ଷ୍ଟାର୍ଟଅପ୍' ପ୍ରତିଯୋଗିତା



ସୁନାବେଡ଼ା ,୨୬।୮ (ସମିସ): ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଠାରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ 'ଇନୋଭେସନ୍ ଏଣ୍ଡ ଷ୍ଟାର୍ଟଅପ୍' ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ୱାମୀନାଥନ୍ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. କାର୍ତ୍ତିକ ଚରଣ ଲେଙ୍କା ଯୋଗଦେଇ ଛାତ୍ରୀ ମାନଙ୍କୁ ନିଜ ଇଚ୍ଛାଶକ୍ତି ଏବଂ ମନୋବଳ ଦ୍ୱାରା ହିଁ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରାଯାଇପାରିବ ବୋଲି ଉପଦେଶ ଦେଇଥିଲେ। ଚିନ୍ତା ଏବଂ କାର୍ଯ୍ୟ ମଧ୍ୟରେ ସମାନତା ରକ୍ଷା କରି ଆଗକୁ ଆଗେଇ ଯିବାକୁ କହିଥିଲେ। ଅଧ୍ୟକ୍ଷା ଉଷାରାଣୀ ଦାସ ସଭାକାର୍ଯ୍ୟ ପରିଚାଳନା କରିବା ସହିତ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଏଥି ସହିତ ଛାତ୍ରୀମାନଙ୍କୁ ବର୍ତ୍ତମାନ ଯୁଗରେ ସଫଳତା ପାଇବା ପାଇଁ ନିଜ ନିଜ ଭିତରେ ଥିବା ସୃଜନଶୀଳତାକୁ ପରିପ୍ରକାଶ କରିବାକୁ କହିଥିଲେ। ଅଧ୍ୟାପିକା ବାସନ୍ତୀ ପଟ୍ଟନାୟକ ଆନୁଷ୍ଠାନିକ ଭାବରେ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରତିଯୋଗିତାରେ ବହୁ ଛାତ୍ରୀ ଅଂଶଗ୍ରହଣ କରି ବିଭିନ୍ନ ଇନୋଭେସନ ଓ ଷ୍ଟାର୍ଟଅପ୍ ଉପରେ ବିଭିନ୍ନ ପ୍ରକଳ୍ପ କରି ପିପିଟି ଦ୍ୱାରା ଉପସ୍ଥାପନ କରିଥିଲେ। ବିଭିନ୍ନ ବିଷୟ ଯଥା ଛତୁ ଚାଷ, ମେହେନ୍ଦି ବ୍ୟବସାୟ, ଇକୋ ଫ୍ରେଣ୍ଡଲି ଚାଷ ବ୍ୟବସାୟ ଆଦି ସମ୍ପର୍କରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଯଥାକ୍ରମେ ସାଗରିକ ପ୍ରଧାନ, ନିକିତା ରାଣୀ ପଟ୍ଟନାୟକ, ରଶ୍ମିତା ସାହୁ ଗ୍ରହଣ କରିଥିଲେ। ସୋନାଲି ଡାକୁଆ ଏବଂ ସରୋଜିନୀ ଗୌଡ଼ଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରିବା ସହ ସମସ୍ତ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ସୁଶ୍ରୀ ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନାବେଡ଼ା ପୌର ପରିଷଦ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା



ସୁନାବେଡ଼ା, ୨୬।୮ (ସମିସ): ଆଜି ସୁନାବେଡା ପୌର ପରିଷଦ ଆନୁକୂଲ୍ୟରେ ପରିଷଦର କଲ୍ୟାଣ ମଣ୍ଡପ ଠାରେ ପୌରାଞ୍ଚଳ ସ୍ଥିତ ସ୍କୁଲ ଏବଂ କଲେଜ ଛାତ୍ର ଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ସୁନାବେଡ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପାଧ୍ୟକ୍ଷା ରତ୍ନ କଣ୍ଟା, ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ୧ନଂ ୱାର୍ଡର କାଉନସିଲର ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ୨ନଂ ୱାର୍ଡର କାଉନ୍‌ସିଲର ରାମ ବେନୀୟା, ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଲକ୍ଷ୍ମୀଧର ମହାପାତ୍ର ସଭା କାର୍ଯ୍ୟ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ରଚନା ଲିଖନ, ବକ୍ତୃତା, ଚିତ୍ରାଙ୍କନ, ସ୍ଲୋଗାନ ଏବଂ ବିଜ୍ଞାନ ପ୍ରଦର୍ଶନୀ ଆଦି ପ୍ରତିଯୋଗିତା କଲ୍ୟାଣ ମଣ୍ଡପ ଏବଂ ଶ୍ରୀଅରବିନ୍ଦ ସ୍କୁଲରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲ କଲେଜରୁ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଚାରକ ଭାବେ ଡ. ବିଦ୍ୟୁତ୍‌ପ୍ରଭା ରଥ, ଶାହେଦା ପରୱିନ, ଶଙ୍କର୍ଷଣ ବାରିକ, କ୍ଷୀତିଶ ଚନ୍ଦ୍ର ରଣା, ସନ୍ତୋଷ କୁମାର ନାୟକ, ସିଦ୍ଧାର୍ଥ ମହାପାତ୍ର, ନିବେଦିତା ହରିଚନ୍ଦନ, ତାପସ କୁମାର ମଲ୍ଲିକ, ମନୋଜ କୁମାର ମୁଦୁଲି, ଭୁବନାନନ୍ଦ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ଶେଖ ଇବ୍ରାହିମ ସଂଯୋଜକ ଭାବେ ପ୍ରତିଯୋଗିତା ସଞ୍ଚାଳନ କରିଥିଲେ। ଆସନ୍ତା ସ୍ୱାୟତ୍ତ ଶାସନ ଦିବସରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯିବ।

# ପ୍ରେସ କ୍ଲବର ଶ୍ରଦ୍ଧାଞ୍ଜଳି ସଭା



ସେମିଲିଗୁଡା: ୨୬।୮ (ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡା ପ୍ରେସ କ୍ଲବର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କର ପରଲୋକ ହୋଇଯାଇଛି। ଆଜି ସେମିଲିଗୁଡା ପ୍ରେସ କ୍ଲବ କ୍ୟାମ୍ପସ ମଧ୍ୟରେ ଏହି ଦିବଂଗତ ସାମ୍ବାଦିକଙ୍କର ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। କ୍ଲବ ସଭାପତି ଡ. ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ୧୫ଜଣ ସାମ୍ବାଦିକ ଯୋଗଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ସ୍ୱାଇଁଙ୍କ ଗାଁକୁ ଯାଇ କ୍ଲବ ତରଫରୁ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ଦେବାକୁ ନିଷ୍ପତି ନିଆଗଲା। ଏହି ସଭାରେ କୋରାପୁଟ ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ଶଷଧର ରାଉତ ଯୋଗଦେଇ ଗଭୀର ଦୁଃଖ ପ୍ରକାଶ କରିଥିଲେ। ଅନ୍ୟ କ୍ଲବର ଦୁଇଜଣ ସାମ୍ବାଦିକ କୃଷ୍ଣ ଓ କୃତିବାସ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କୁର୍ମା ରାଓ, ବାସୁ ବରଡ଼, ଶେଖ ଇବ୍ରାହିମ, ପୁରିନ୍ଦର ବାରିକ, ବିଜୟ ଦଲାଇ, ପ୍ରଭାତ ସୁତାର, ଖିରୋଦ ଭୋଳ, କର୍ଣ୍ଣ ସାମଲ ଓ ସ୍ୱସ୍ତିକ ମିଶ୍ର ଆଦି ଉପସ୍ଥିତ ରହି ବ୍ୟକ୍ତିଗତ ଆର୍ଥିକ ସହାୟତା ଦେଇଥିଲେ। ଏହି ସଭାରେ ୪୦ହଜାର ଟଙ୍କାର ସ୍ୱତଃ ପ୍ରବୃତ୍ତ ଆର୍ଥିକ ସହାୟତା ମିଳିଥିଲା। କ୍ଲବ ସମ୍ପାଦକ ମନୋଜ ପଟନାୟକ ଧନ୍ୟବାଦ ଦେଇଥିଲେ।

# ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟରେ ସମାବେଶ

ନବରଙ୍ଗପୁର,୨୬।୮ (ସମିସ): ବିଧାୟକ ନବରଙ୍ଗପୁର ଗୌରୀଶଙ୍କର ମାଝିଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ବିଧାୟକ ଶ୍ରୀ ମାଝିଙ୍କ କାର୍ଯ୍ୟ କୁଶଳତା ଏବଂ ଭାରତୀୟ ଜନତା ପାର୍ଟିର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କୋଷାଗୁମୁଡ଼ା ବ୍ଲକ୍ ଅନ୍ତର୍ଗତ ରାଜୋଡା ମଣ୍ଡଳର ଭାମନି ଓ ସାନଆମ୍ବଡା ଗ୍ରାମପଞ୍ଚାୟତର ରାମେଶ୍ୱର ଭତରା, ଦୟନୁ ମାଝି, ପଦଲାମ ଚଲାନ,ସୁବାଷ ରାଉତ, ଦୟନୁ ରାଉତ, ସୁକଦାସ ରନ୍ଧାରୀ, ଦନସିଂ ରନ୍ଧାରୀ, ଜଗବନ୍ଧୁ ଭକ୍ତ, ଫଗୁନୁ ଭତରା, ଗଣପତି ରାଉତ, ପର୍ଶୁ ବାରିକ, ଅର୍ଜୁନ ଭତରା, ଜୟସିଂହ ରାଉତଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀମାଝି ଓ ପୂର୍ବତନ ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ କାର୍ଯ୍ୟକର୍ତ୍ତା ମାନଙ୍କୁ ଉତ୍ତରୀୟ ଓ ଭାରତୀୟ ଜନତା ପାର୍ଟିର ଟୋପି ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ତେନ୍ତୁଳିଖୁଣ୍ଟି ସମିତି ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, କୋଷାଗୁମୁଡ଼ା ପ୍ରଭାରୀ ତଥା ନଗର ମଣ୍ଡଳ ସଭାପତି ଅମୂଲ୍ୟ କୁମାର ମିଶ୍ର, ସୀମାଞ୍ଚଳ ବିଷୋୟୀ, ସୁରେଶ ବିଷୋୟୀଙ୍କ ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ନୂଆଁଖାଇ ପାଇଁ ଚଳଚଞ୍ଚଳ ଉମରକୋଟ



ଉମରକୋଟ ୨୬।୮ (ସମିସ): ଆଉ ଦିନକ ପରେ ନୂଆଁଖାଇ। ଏନେଇ ନବରଙ୍ଗପୁର ଜିଲ୍ଲା ଉମରକୋଟ ବିଭିନ୍ନ ଅଞ୍ଚଳରେ ବସିଛ ସ୍ୱତନ୍ତ୍ର ହାଟ ବଜାର। ଆଉ ଦରଦାମକୁ ଖାତିର ନ କରି ଜିନିଷ କିଣୁଛନ୍ତି ଗ୍ରାହକ। ନୂଆଁଖାଇ ପାଇଁ ପ୍ରତ୍ୟେକ ଘରେ ଛ' ତିଅଣ ନ ଭଜା ହୋଇଥାଏ। ସେଥିପାଇଁ ବଜାରରେ ବିଭିନ୍ନ ପନିପରିବାର ଦର ଚଢା ଥିଲେ ବି ଲୋକେ ଆଗ୍ରହର ସହିତ କିଣୁଛନ୍ତି ନୂଆଧାନ, ଚୁଡ଼ା , କରଡି, ହେଣ୍ଡୁଆ, ସାରୁ ଠାରୁ ଆରମ୍ଭ କରି ବିଭିନ୍ନ ପନିପରିବା। ନୂଆଖାଇ ରେ ସବୁକିଛି ନୂଆ। ନୂଆଖାଇରେ କେବଳ ନୂଆଁ ଖିଆଯାଏ , ତା ନୁହେଁ, ନୂଆ ବସ୍ତ୍ର ମଧ ପିନ୍ଧିଥାନ୍ତି ଲୋକେ। ନୂଆଁଖାଇରେ ପ୍ରତ୍ୟେକ ଘରେ ଲୋକେ ନୂଆଁ ବସ୍ତ୍ର ପିନ୍ଧିଥାନ୍ତି। ଏଥିପାଇଁ ଏବେଠାରୁ ଉମରକୋଟ ସହରର ବିଭିନ୍ନ ଦୋକାନ ବଜାରରେ ଜମୁଛି ଶାଢୀ ବେପାର। ନୂଆଁଖାଇରେ ବିଭିନ୍ନ ଜାତିର ଲୋକେ ବିଭିନ୍ନ ପ୍ରକାର ପତ୍ରରେ ନୂଆ ଖାଦ୍ୟ ଖାଇଥାନ୍ତି। ସେହିପରି ନୂଆଁ ହାଣ୍ଡିରେ ଖାଦ୍ୟ ପ୍ରସ୍ତୁତ ହୋଇଥାଏ। ଦେବାଦେବୀଙ୍କଠାରେ ପୂଜା କରାଯାଏ। ସେଥିପାଇଁ ପ୍ରତି ଘରେ ପ୍ରସ୍ତୁତି ଚାଲିଛି। ଏହି ପର୍ବ ବାହାରେ ଯିଏ ଯେଉଁଠି ଅଛନ୍ତି ସବୁ ଘରକୁ ଫେରିବା ଆରମ୍ଭ କରିଦେଲେଣି। ଆଦି ସଂସ୍କୃତିର ଆଦି ପରମ୍ପରା ନୂଆଁଖାଇ। ଏହା ଏବେ ପଶ୍ଚିମ ଓଡ଼ିଶାରେ ସୀମିତ ରହିନାହିଁ। ଭାରତ ବାହାରେ ମଧ ପାଳନ କରାଯାଉଛି। ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମାଆ ଭୈରବୀଙ୍କଠାରେ ନୂଆ ଲାଗିବା ପରେ ନୂଆଁ ଖାଇବେ ସମସ୍ତ ସହରବାସୀ। ସେଥିପାଇଁ ଏବେ ଚଳଚଞ୍ଚଳ ସହରବାସୀ। ଚାଲିଛି ଶେଷ ପ୍ରସ୍ତୁତି। ଆଉ ନୂଆଁଖାଇରେ କଳାକାରମାନେ ମଧ ନାଚଗୀତ ଓ ଭେଟଘାଟ ପାଇଁ ପୁରା ପ୍ରସ୍ତୁତ। ହାତରେ ଆଉ କମ ଦିନ ଥିବାରୁ ସମସ୍ତେ ପ୍ରସ୍ତୁତି ପର୍ବରେ ଲାଗି ପଡିଛନ୍ତି। ବାସ୍ତବିକ୍ ନୂଆଁଖାଇ ସମସ୍ତଙ୍କୁ ଗୋଟିଏ ଦିନ ଏକତା ସୂତ୍ରରେ ବାନ୍ଧି ରଖିବାର ପର୍ବ। ଏଥିପାଇଁ ଉଠୁଛି ପଡୁଛି ଗାଁ ରୁ ସହର।

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ପାଇଁ ପ୍ରସ୍ତୁତି

ନବରଙ୍ଗପୁର,୨୬।୮ (ସମିସ): ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ଦିନ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ. ସୁବ୍ରତ ମହାନ୍ତିଙ୍କ ଆଦେଶ କ୍ରମେ ନବରଙ୍ଗପୁର, ଉମରକୋଟ, ରାଇଘର, ଚନ୍ଦହାଣ୍ଡି ଓ ଝରିଗାଁରେ ଥିବା ବିଚାରାଳୟ ଗୁଡିକରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରଧୀନ ମୋକଦ୍ଦମା ସମାଧାନ ହୋଇଥାଏ। ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର, ତାଲୁକ ଆଇନ ସେବା କମିଟି, ଉମରକୋଟ ଓ ଚନ୍ଦହାଣ୍ଡି ସହ ତୁରନ୍ତ ଯୋଗାଯୋଗ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ସାଇ ଅଭିସ୍ମା ଗୋଛାୟତ ସୂଚନା ଦେଇଛନ୍ତି। ୧୫୧୦୦, ୦୬୮୫୮-୨୨୨୪୪୫, ୦୬୮୫୮-୨୨୨୫୪୫ ନମ୍ବରରେ ଯୋଗାଯୋଗ କରାଯାଇ ପାରିବ।

## ଲଗାଣ ବର୍ଷାରେ ବୈପାରୀଗୁଡା ବେହାଲ

# ବୁଡ଼ିଲା ପୋଲ, ଯାତାୟାତ ବାଧାପ୍ରାପ୍ତ







ବୈପାରୀଗଡ଼ା,୨୬।୮ (ସମିସ):

ଲଘୁଚାପ ପ୍ରଭାବରେ କୋରାପୁଟ ଜିଲ୍ଲା ବୈପାରୀଗୁଡାର ଅନେକ ସ୍ଥାନରେ ମଙ୍ଗଳବାର ପ୍ରବଳ ବର୍ଷା ଲାଗିରହିଛି। ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ବିଶେଷ କରି ବ୍ଲକର ଶିରିବେଡା, କେନ୍ଦୁଗୁଡା, ସୋରିଷ ପଦର, ଦଶମନ୍ତପୁର, ଧଉଡାଗୁଡା, ବଳିଗୁଡା, ଚନ୍ଦ୍ରପୋଡା, ଖରାଗୁଡା, ପାଲିଗୁଡା, ଲିମ୍ବାଗୁଡା, ମୁଣ୍ଡାଗୁଡା, ବାଲିଗାଁ, କାଙ୍ଗୁଦୁଡା, ହଳଦୀକୁଣ୍ଡ, ଆଦି ଗାଁରେ ଚାଷ ଜମିରେ ପାଣି ମାଡ଼ିଯାଇଛି। ଏକର ଏକର ଚାଷ ଜମିରେ ପାଣି ମାଡ଼ିଯାଇଛି। ଶତାଧିକ ଚାଷୀଙ୍କ ଫସଲ ନଷ୍ଟ ହୋଇଯାଇଛି। ସୋରିଷ ପଦର, କେନ୍ଦୁଗୁଡା, ଅଟାଲଗୁଡା, ଗାଡ଼ପୁଟ ଗାଁରେ ବର୍ଷା ପାଣି ପଶି ଉପୁଜିଛି ବନ୍ୟା ପରିସ୍ଥିତି। ଜାତୀୟ ରାଜପଥରେ ଟାଙ୍ଗିଣୀଗୁଡା ନିକଟରେ ରାସ୍ତା ଉପରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ସ୍ଥାନୀୟ ଅଗ୍ନିଶମ ବାହିନୀ ପହଞ୍ଚି ଗଛ ହଟାଇଥିଲେ। ବୋଦାପୁଟ ପଂଚାୟତର ଅଟାଲଗୁଡା ଗାଁରେ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ବର୍ଷା ପାଣି ଘରେ ପଶିଛି। ଶେଷରେ ବାଧ ହୋଇ ଗାଁ ରାସ୍ତା ମଝିରେ ନାଳ କାଟି ପାଣି ନିଷ୍କାସନ କରିଛନ୍ତି ଗ୍ରାମବାସୀ। ଗୁପ୍ତେଶ୍ୱର ପୀଠକୁ ସଂଯୋଗ ଦୁଇ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ରାମଗିରି-ଗୁପ୍ତେଶ୍ୱର ରାସ୍ତା ମଝିରେ ସୁକୁନାଳ ପୋଲ ଉପରେ ୩ ଫୁଟ ବନ୍ୟା ପାଣି ପ୍ରବାହିତ ହେଉଥିଲା। ଅନ୍ୟପଟେ ଗୁପ୍ତେଶ୍ୱର ବାଇପାସ୍ ରୋଡ୍ ଶିରିବେଡା ନିକଟରେ ରାସ୍ତା ଉପରେ ୪ ଫୁଟ ପାଣି ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ପ୍ରବାହିତ ହେଉଥିଲା। ଫଳରେ ଗୁପ୍ତେଶ୍ୱର ପୀଠକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଯାଇଥିଲା। ଆଜି ସକାଳେ ୩୨୬ ନମ୍ବର ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବୈପାରୀଗୁଡା ଓ ଟାଙ୍ଗୁନିଗୁଡା ମଝିରେ ଥିବା କେରାପୁଟ ଛକରେ କୁରୁଲୁ ନଦୀ ଫୁଲିଥିଲା। ପୋଲ ଉପରେ ୩ ଫୁଟ ପାଣି ବହୁଥିଲା। ଫଳରେ ସକାଳ ୯ଟା ଠାରୁ ବାରଟା ପର୍ଯ୍ୟନ୍ତ ମାଲକାନଗିରି ଜୟପୁର ରାସ୍ତାରେ ଯାତାୟାତ ଠପ୍ ହୋଇଯାଥିଲା । ତେବେ ପାଣି କମିଲା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଲଗାଣ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ



ନନ୍ଦପୁର, ୨୬।୮ (ସମିସ): ତିନିଦିନ ହେଲା ନନ୍ଦପୁର, ଲମତାପୁଟ୍, ମାଛକୁଣ୍ଡ, ଜଲାପୁଟ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ସ୍ଥାନୀୟ ଅଞ୍ଚଳର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସୂଚନା ଅନୁସାରେ ଏହି ଲଗାଣ ବର୍ଷାରେ ନନ୍ଦପୁର ବ୍ଲକ ଅଞ୍ଚଳରେ ୪ଟି ଘର ଭାଙ୍ଗିଛି।

> ୪ ଘର ଭାଙ୍ଗିଲା
> ଜଳପୁଟ ଡ୍ୟାମ୍‌ରୁ ଜଳ ନିଷ୍କାସନ

ସେଥିମଧ୍ୟରୁ ବାଡେଲ ପଞ୍ଚାୟତର ଜନ୍ତାପୁଟ ଗ୍ରାମର ଦୁଇଟି, ହାତୀବାରି ପଞ୍ଚାୟତର ଗୋଟିଏ ଓ ବିଲାପୁଟ ପଞ୍ଚାୟତରେ ଗୋଟିଏ ଘର ଭାଙ୍ଗିଥିବା ସୂଚନା ମିଳିଛି। ସେପଟେ ମାତ୍ରାଧିକ ବର୍ଷାଜଳ ଜଲାପୁଟ ଜଳଭଣ୍ଡାର ମଧ୍ୟକୁ ପ୍ରବେଶ କରୁଥିବା ବେଳେ ମଙ୍ଗଳବାର ଜଳଭଣ୍ଡାରରୁ ୧୨୦୦୦ କ୍ୟୁସେକ୍ ଜଳ ନିଷ୍କାସନ କରାଯାଇଥିବା ଜଣାପଡିଛି। ଜଳଭଣ୍ଡାରରୁ ଜଳ ନିଷ୍କାସନକୁ ନେଇ ତଳିଆ ଅଞ୍ଚଳବାସୀ ସମ୍ଭାବ୍ୟ ନଇବଢ଼ି ଆଶଙ୍କାରେ କାଳାତିପାତ କରୁଛନ୍ତି।

# ଏସ୍‌ପି ଅଫିସ ଘେରିଲେ ଆଶାୟୀ ହୋମଗାର୍ଡ ପରୀକ୍ଷାର୍ଥୀ

ଢେଙ୍କାନାଳ, ୨୬।୮ (ସମିସ): ଜିଲ୍ଲାରେ ହୋମଗାର୍ଡ ପରୀକ୍ଷାରେ ଅନିୟମିତତା ନେଇ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହିତ ସେମାନେ ଏସ୍‌ପି ଅଫିସ ଘେରଉ କରିଥିବାର ଜଣାପଡ଼ିଛି। ରାଜ୍ୟ ତଥା ଜିଲ୍ଲାରେ ହୋମଗାର୍ଡ ନିଯୁକ୍ତି ପାଇଁ ପରୀକ୍ଷା ହୋଇଥିଲା। ହଜାର ହଜାର ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିବା ବେଳେ ଆଶାୟୀମାନେ ଲିଖିତ ଓ ମୌଖିକ ପରୀକ୍ଷା ଦେଇଥିଲେ। ଆଜି ସକାଳ ୯ଟାରେ ଗୃହରକ୍ଷୀ କାର୍ଯ୍ୟାଳୟରୁ କେତେକ ପିଲାଙ୍କୁ ଫୋନ ଯୋଗେ ୧୧ଟା ସୁଦ୍ଧା ନିଯୁକ୍ତିପତ୍ର ନେବାକୁ କହିଥିଲେ। ଏନେଇ ଆଶାୟୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଏବଂ ସନ୍ଦେହ ସୃଷ୍ଟି ହେବାରୁ ପରୀକ୍ଷା ଦେଇଥିବା ପ୍ରାର୍ଥୀମାନେ ଏସ୍‌ପି ଅଫିସକୁ ଆସି ପରୀକ୍ଷାରେ ଅନିୟମିତତା ହୋଇଥିବାର ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ସେମାନେ ଲିଖିତ ଏବଂ ମୌଖିକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିଲେ। କିନ୍ତୁ ଚୟନ କରାଯାଇଥିବା କଟ୍ ଅଫ୍ ମାର୍କ ପ୍ରଦର୍ଶନ କରାଯାଇ ନଥିବା ବେଳେ ମାର୍କ ପ୍ରଦାନ କରାଯାଇନାହିଁ। ମୌଖିକ ପରୀକ୍ଷାରେ ଅଧିକାରୀମାନେ ପେନସିଲରେ ମାର୍କ ଦେଉଥିବାର ଅଭିଯୋଗ କରିବା ସହିତ ଏହାଦ୍ୱାରା ସେମାନେ ଲିଭାଇ ପୁଣି ଥରେ ଅନ୍ୟମାନଙ୍କୁ ଭଲ ମାର୍କ ଦେବାର ଅଭିଯୋଗ କରିଥିଲେ। ଏନେଇ ସେମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା ବେଳେ ସେମାନେ ଏହାର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଏସପିଙ୍କ କାର୍ଯ୍ୟାଳୟ ଘେରଉ କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ମୁଖ୍ୟ ଚିକିତ୍ସାଳୟ ସମସ୍ୟା ନେଇ ଧର୍ମଘଟ କରିବ ଆପ୍

ଢେଙ୍କାନାଳ, ୨୬।୮ (ସମିସ)

ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ମୁତାବକ ଡାକ୍ତର ଓ କର୍ମଚାରୀ ନିଯୁକ୍ତି, ଅଲଟ୍ରାସାଉଣ୍ଡ ମେସିନ ପରିଚାଳନା ପାଇଁ ଟେକନିସିଆନ, ବିଭିନ୍ନ ଯନ୍ତ୍ରାଂଶ ପାଇଁ ଅପରେଟର ନିଯୁକ୍ତି ଆସନ୍ତା ୧୫ ଦିନ ମଧ୍ୟରେ କରା ନଗଲେ ଆମ୍ ଆଦମୀ ପାର୍ଟି ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରିବ ବୋଲି ଚେତାବନୀ ଦେଇଛି। ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

**● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବିପତ୍ର ପ୍ରଦାନ**



ଏହାର ନକଲ ସ୍ୱାସ୍ଥ୍ୟ ମନ୍ତ୍ରୀ, ମନ୍ତ୍ରଣାଳୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରାଯାଇଛି। ସୂଚନାନୁଯାୟୀ, ଜିଲ୍ଲାରେ ସମୁଦାୟ ଅନୁମୋଦିତ ଡାକ୍ତରଙ୍କ ପଦବୀ ସଂଖ୍ୟା ୪୪୦ରୁ ମାତ୍ର ୧୨୬ ଜଣ ଡାକ୍ତର ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟରତ ଅଛନ୍ତି। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁମୋଦିତ ଡାକ୍ତର ସଂଖ୍ୟା ୧୧୭ରୁ ମାତ୍ର ୨୫ ଜଣ କାର୍ଯ୍ୟରତ। ଏହାର ସମାଧାନ ନିମନ୍ତେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଦାବିପତ୍ର ଗତ ମାସ ୨୫ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବ ଦାବିରୁ କେବଳ ରୋଗୀଙ୍କୁ ଖାଦ୍ୟ ଏବଂ ସଫେଇ କାର୍ଯ୍ୟ ପୂରଣ କରାଯାଇଛି। ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ନିଯୁକ୍ତି ସରକାର କରିବେ ବୋଲି ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି ବୋଲି ଅଭିଯୋଗ ହେଉଛି। ଅନୁଗୁଳ ଜିଲ୍ଲାରେ ଏମ୍ଆର୍ଆଇ ମେସିନ ଲାଗିଛି; ହେଲେ ଢେଙ୍କାନାଳ ଜିଲ୍ଲାରେ ଲାଗିପାରିଲା ନାହିଁ। ଦୀର୍ଘ ଦିନ ହେଲା ଜିଲ୍ଲାରେ ଡାକ୍ତର ମରୁଡ଼ି ଦେଖାଦେବାସହ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଖତ ଖାଉଥିବା ବେଳେ ଚଳାଇବାକୁ ଷ୍ଟାଫ ନାହାନ୍ତି। ଜଣେ ଷ୍ଟାଫ ଏକାଧିକ କାର୍ଯ୍ୟ କରୁଥିବାରୁ ସେମାନେ ରୋଗୀଙ୍କ ଉପରେ ଦାଉ ଶୁଝାଉଛନ୍ତି ବୋଲି ଅଭିଯୋଗ ହେଉଛି। ରକ୍ତ ନମୁନା ନେଇ ଘରୋଇ ସଂସ୍ଥା ଏବଂ କ୍ଲିନିକରେ ରାଜସ୍ୱ ଖର୍ଚ୍ଚ କରାଯାଇ ପରୀକ୍ଷା କରାଯାଉଥିବା ଏବଂ ଗୁରୁତର ଆହତ ରୋଗୀର ଚିକିତ୍ସା ପାଇଁ ବ୍ୟବସ୍ଥା ନାହିଁ ବୋଲି ଅଭିଯୋଗ ହେଉଛି। ହସ୍ପିଟାଲରେ ରୋଗୀଙ୍କ ପାଇଁ ପ୍ରତ୍ୟେକ ୱାର୍ଡରେ ଷ୍ଟାବିଲାଇଜର ସହିତ ଏସି ଓ ଫ୍ୟାନ ଲାଗିଥିଲା। ସେଥିରୁ ଅନେକ ଅଚଳ ହୋଇପଡ଼ିଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ଆବଶ୍ୟକ ମୁତାବକ ଡାକ୍ତର ଓ ଷ୍ଟାଫ ନର୍ସ ନିଯୁକ୍ତି, ଅଲଟ୍ରା ସାଉଣ୍ଡ ମେସିନ ପାଇଁ ଅପରେଟର ନିଯୁକ୍ତି, ମୁଖ୍ୟ ଚିକିତ୍ସାଳୟରେ ଏମଆରଆଇ ଯନ୍ତ୍ର ବ୍ୟବସ୍ଥା, ନିଦାନ ସରଞ୍ଜାମ ଚଳାଇବା ପାଇଁ ଆବଶ୍ୟକ ମୁତାବକ କର୍ମଚାରୀ ନିଯୁକ୍ତି, ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି କରିବା ଏବଂ ଆଉଟସୋର୍ସିଂ ବ୍ୟବସ୍ଥା ବନ୍ଦ କରିବା, ସିଟି ହସ୍ପିଟାଲରେ ଆଉ ଜଣେ ଡାକ୍ତର ସହିତ ଅନ୍ୟ କର୍ମଚାରୀ ନିଯୁକ୍ତି ଦେବା ଓ ମୁଖ୍ୟ ଚିକିତ୍ସାଳୟ ଭିତରେ କିଡନୀ, ହୃତପିଣ୍ଡ, କର୍କଟ, ଯକୃତ ରୋଗୀମାନଙ୍କୁ ସୁଲଭ ମୂଲ୍ୟରେ ଔଷଧ ପ୍ରଦାନ କରିବା ପ୍ରମୁଖ ଆମ୍ ଆଦମୀ ପାର୍ଟିର ୯ ଦଫା ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା, ଢେଙ୍କାନାଳ ସାଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ନଗର ସଭାପତି ଦେବାଶିଷ ନନ୍ଦ, ଉପସଭାପତି ବିଜୟ କୁମାର ଦାସ, ପରଜଙ୍ଗ ନିର୍ବାଚନ ମଣ୍ଡଳୀ ସଭାପତି ସରୋଜ ଧଳ, ଉପସଭାପତି ଶତ୍ରୁଘ୍ନ ଭୂୟାଁ, ବ୍ଲକ ସଭାପତି ବିଭୂରଞ୍ଜନ ସାହୁ, ପ୍ରସନ୍ନ ବରାଳ, ଭୀଷ୍ମଦେବ ବେହେରା ପ୍ରମୁଖ ଉପସ୍ଥିତି ଥିଲେ।

**■ ଅଣଓଡ଼ିଆ ଠିକାଦାରଙ୍କୁ କାମ**

# ୧୨ ଦଫା ଦାବିରେ ଓଡ଼ିଶା ଠିକାଦାର ସଂଘର ବୈଠକ




ଢେଙ୍କାନାଳ, ୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲାର ଠିକାଦାରଙ୍କ ସହିତ ନିଖିଳ ଓଡ଼ିଶା ଠିକାଦର ମହାସଂଘ ତରଫରୁ ୧୨ ଦଫା ଦାବିରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗତ ୧୨ ମାସ ମଧ୍ୟରେ ପୂର୍ତ୍ତମନ୍ତ୍ରୀଙ୍କୁ ଠିକାଦାର ସଂଘର ସଭାପତି ପ୍ରଭାତ ଦାଶ ଓ ସାଧାରଣ ସମ୍ପାଦକ ଭାଗ୍ୟଧର ଦାସ ୨୨ ଥର ଭେଟିଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବାର ଅଭିଯୋଗ କରିଛନ୍ତି। ସଭାପତିଙ୍କ ଅଭିଯୋଗ ଅନୁସାରେ ଓଡ଼ିଶାରେ ଓଡିଆଙ୍କ ହାତରେ କୌଣସି ବୃହତ ଶିଳ୍ପ, ଖଣି ନଥିବା ବେଳେ ୭୦ ହଜାର ଠିକାଦାର ଦୁର୍ଦ୍ଦିନରେ ରହିଛନ୍ତି। ଅଣଓଡିଆଙ୍କ ନିକଟରେ ୮୦ଭାଗ ରହିଥିବା ବେଳେ ଓଡିଆଙ୍କ ହାତରେ ମାତ୍ର ୨୦ଭାଗ କାର୍ଯ୍ୟ ରହିଛି। ସେମାନଙ୍କୁ କାମ ଦିଆଯିବାରୁ ବାହାର ରାଜ୍ୟକୁ ଦାଦାନ ଖଟିବାକୁ ଯିବାକୁ ପଡୁଛି। ସେହିପରି ସାଧାରଣ ସମ୍ପାଦକ ସମାନ ଅଭିଯୋଗ କରିବା ସହିତ ଏନେଇ ଓଡ଼ିଶାର ସମସ୍ତ ଠିକାଦାର ଏକାଠି ହେଲେ ବିଭିନ୍ନ ଦାବି ପୂରଣ ହେବ ବୋଲି କହିଛନ୍ତି। ଆସନ୍ତା ୨ ମାସମଧ୍ୟରେଦାବିପୂରଣନହେଲେରାଜ୍ୟର ସମସ୍ତ ନିର୍ମାଣକାର୍ଯ୍ୟ ବନ୍ଦ କରାଯିବାସହିତ ବାହାର ଠିକାଦାରଙ୍କ କାମ ମଧ୍ୟ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି।

# ରାସୋଳକୁ ଏନ୍‌ଏସି ମାନ୍ୟତା ଦାବି

ଖଜୁରିଆକଟା, ୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ରାସୋଳକୁ ଏନଏସି ମାନ୍ୟତା ପାଇବା ପାଇଁ ସବୁ କ୍ଷେତ୍ରରୁ ଯୋଗ୍ୟତା ଏବଂ ସମସ୍ତ ମାନଦଣ୍ଡ ପୂରଣ କରୁଥିବା ବେଳେ ଏନ୍‌ଏସି ଘୋଷଣା ନହେବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବତନ ସାଂସଦ ମହେଶ ସାହୁ, ରାସୋଳ ବିକାଶ ପରିଷଦ, ସେତେବେଳର ବିଧାୟିକା ସୀମାରାଣୀ ନାୟକଙ୍କ ଦାବି ଫଳରେ ସବୁ ଦୃଷ୍ଟିକୋଣକୁ ପୁଙ୍ଖାନୁପୁଙ୍ଖ ବିଚାର କରି ବିଜେଡି ସରକାରଙ୍କ ସମୟରେ ରାସୋଳକୁ ଏନଏସି ମାନ୍ୟତା ଦେବା ପାଇଁ ଘୋଷଣା କରିଥିଲେ। ଫଳରେ ଗତ ସାଧାରଣ ନିର୍ବାଚନର କିଛି ମାସ ପୂର୍ବରୁ ୫୭ଟି ନୂଆ ଏନଏସି ଓ ୬ଟି ଏନଏସିକୁ ପୌରପାଳିକାରେ ପରିଣତ କରିବାକୁ ବିଜେଡି ସରକାର କରିଥିବା ଘୋଷଣାରେ ନୂଆ ଏନଏସି ଭାବେ ରାସୋଳ ସ୍ଥାନ ପାଇଥିଲା। ହେଲେ ନୂଆ ସରକାରରେ ରାସୋଳକୁ ଏନଏସି ମାନ୍ୟତା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି ତେବେ ଏ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ମତବ୍ୟକ୍ତ କରୁଛନ୍ତି। ରାସୋଳକୁ ଏନଏସି ମାନ୍ୟତା ଦେବାକୁ ରସୋଳ ବିକାଶ ପରିଷଦ, ଅଞ୍ଚଳର ସମସ୍ତ ସାମାଜିକ, ବ୍ୟବସାୟୀ ସମସ୍ତ ଅନୁଷ୍ଠାନ, ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀ ଦଳମତ ନିର୍ବିଶେଷରେ ଦାବି ହେଉଛି।

# ସରକାରୀ କାର୍ଯ୍ୟ ସମ୍ପର୍କିତ ସଚେତନତା ଓ ସମ୍ପର୍କ ବୈଠକ

କଙ୍କଡାହାଡ, ୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ପଞ୍ଚାୟତରେ ବିଶ୍ୱ ଯୁବ କେନ୍ଦ୍ର, ଅନୁଗୋଳ ଦ୍ୱାରା ପରିଚାଳିତ 'ଆକ୍ସେସ ଟୁ ଜଷ୍ଟିସ' ପ୍ରକଳ୍ପ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଚାରୁଲତା ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ବିଡିଓ ଯଶୋବନ୍ତ ଦେହୁରୀ, ଅତିଥି ଭାବେ ବ୍ଲକ ଫେଲୋ ସନ୍ଦୀପ୍ତା ସାହୁ, କେରଜୋଳି ପଞ୍ଚାୟତର ସରପଞ୍ଚ ରାଜକିଶୋର ସାହୁ, ମମତା ପ୍ରକଳ୍ପ ସହାୟକ ରିକୁ ସାହୁ, ପୋଷଣ କାର୍ଯ୍ୟକ୍ରମର ସଂଯୋଜକ ମନିସ ପଧାନ, ଜିଲ୍ଲା ପ୍ରକଳ୍ପ ସହାୟକ ରାକେଶ ମିଶ୍ର, ଚାଇଲ୍ଡ ଲାଇନ ସଂଯୋଜକ ରୋସନ କୁମାର ନନ୍ଦ, ପ୍ରମୁଖ ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇଥିଲେ। ବିଶ୍ୱ ଯୁବ କେନ୍ଦ୍ରର ସଦସ୍ୟ ସମ୍ପାଦକ ମନୋଜ କୁମାର୍ ମହାପାତ୍ର କାର୍ଯ୍ୟକ୍ରମର ବିବରଣୀ ଅବଗତ କରାଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ହିତାଧିକାରୀଙ୍କୁ ଅବଗତ କରାଯାଇଥିଲା। ବିଶ୍ୱ ଯୁବକେନ୍ଦ୍ରର ମାନି ସ୍ୱାଇଁ, ମନସ୍ମିତା ନାୟକ, ପୂର୍ଣ୍ଣିମା ସାହୁ, ତପନ ପାତ୍ର ସହଯୋଗ କରିଥିଲେ। ବରିଷ୍ଠ ସମାଜସେବୀ ବିରେନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର ଠକେଇ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




ପରଜଙ୍ଗ, ୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ସଭା ଗୃହରେ ଟେଲିଫୋନ ଉପଭୋକ୍ତାଙ୍କ ପାଇଁ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସଚ୍ଚିଦାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଟ୍ରାଇ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ସୁଧାଂଶୁ ମୋହନ ଦାଶ ଅତିଥି ପରିଚୟ ଦେଇ ଟ୍ରାଇ ଉପରେ ଉପଭୋକ୍ତାମାନଙ୍କୁ ସଚେତନତା ବାର୍ତ୍ତା ସମ୍ପର୍କିତ ସୂଚନା ଦେଇଥିଲେ। ବର୍ତ୍ତମାନ ସମାଜରେ ଉପଭୋକ୍ତାମାନେ ବିଭିନ୍ନ ସାଇବର ଠକେଇରୁ ନିଜକୁ ମୁକ୍ତ ଓ ସୁରକ୍ଷିତ ରହି ସତର୍କତା ଅବଲମ୍ବନ କରିବେ ସେ ଦିଗରେ ବିଏସଏନଏଲ କମ୍ପାନୀର ଏସଡିଓ ଉମାକାନ୍ତ ପୃଷ୍ଟି ଦିଗଦର୍ଶନ ଦେଇଥିଲେ। ସାଇବର ଠକେଇର ଶିକାର ନହୋଇ ସାଇବର କ୍ରାଇମକୁ ସୂଚନା ଦେବା ଓ ଏହାର ନିରାକରଣ ସମ୍ପର୍କିତ ଜିଓ ରିଲାଏନ୍ସର ଏରିଆ ମ୍ୟାନେଜର ଚୁନିଲାଲ ପୃଷ୍ଟି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। କମ୍ପାନୀ ପକ୍ଷରୁ ଗ୍ରାହକ ମାନଙ୍କ ଅସୁବିଧା ଦୂର କରିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ ବୋଲି ପରିବର୍ତ୍ତନ ସଂସ୍ଥାର ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲାରେ ଏହାର ସର୍ଭିସ ସେବା ରହିଥିବା ବେଳେ କାର୍ଯ୍ୟକ୍ରମ ଦ୍ୱାରା ଉପଭୋକ୍ତା କିପରି ଉପକୃତ ହୋଇ ପାରିବେ ଶ୍ରୀ ସ୍ୱାଇଁ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ବିକାଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଭାରପ୍ରାପ୍ତ ଅଧକ୍ଷ ସଚିଦାନନ୍ଦ ପ୍ରଧାନ ସଚେତନତା କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ।

# ସାପକାମୁଡ଼ାରେ ଯୁବକ ମୃତ

କାମାକ୍ଷାନଗର, ୨୬।୮ (ସମିସ): ତୁମୁସିଙ୍ଗା ଥାନା କନ୍ତିଓକାଟେଣୀ ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଶାନ୍ତ ବେହେରା (୪୩)। ଗତକାଲି ରାତିରେ ଘରେ ଶୋଇଥିବା ବେଳେ ତାଙ୍କୁ କୌଣସି ବିଷାକ୍ତସାପ କାମୁଡ଼ି ଦେବାରୁ ପରିବାର ଲୋକେ ସୁଶାନ୍ତଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତାଙ୍କ ବିୟୋଗରେ ଗ୍ରାମରେ ଶୋକପ୍ରକାଶ ପାଇଛି।

# ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ



ଢେଙ୍କାନାଳ, ୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷା ଉପଖଣ୍ଡ ସାରୁଆଳି ପଞ୍ଚାୟତ ଅଧୀନ ସାରୁଆଳିରେ ଡେଙ୍ଗୁ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଖାଉଟି କଲ୍ୟାଣ ଏବଂ ଲିଗାଲ କମ୍ପ୍ଲିଆନସ ତରଫରୁ ଖାଉଟି କଲ୍ୟାଣ ଭାରତ ସରକାରଙ୍କ ଓଡ଼ିଶା ନିର୍ଦ୍ଦେଶକ ମୁଖ୍ୟ ନୀଳିମା ରାଣୀ ପାତ୍ରଙ୍କ ତତ୍ତ୍ୱାବଧାନରେ ସୁସ୍ଥ ଗ୍ରାମ ନିରୋଗ ଜନହେଲଥ ଭିଲେଜ ଡିଜିଜ ଫ୍ରି ପିଉପିଲ ଆହ୍ୱାନରେ କାର୍ଯ୍ୟକ୍ରମ ପର୍ଶୁରାମ ମହାଭୋଇଙ୍କ ଦାୟିତ୍ୱରେ ଆଶା, ଅଙ୍ଗନବାଡି, ମହିଳା ଏସଏଚଜି ଗ୍ରୁପ, ସ୍ୱାସ୍ଥ୍ୟ ସେବିକାଙ୍କ ସହଯୋଗରେ ହୋଇଥିଲା। ଗ୍ରାମରେ ସଚେତନ ସହ ମଶାରୀ ବଣ୍ଟନ କରାଯାଇଛି। ପ୍ରାୟ ୫୦ଟି ପରିବାରର ୩୦୦ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆୟୋଜକ ପର୍ଶୁରାମ ମହାଭୋଇ ସହ ପ୍ରଭାତ ବେହେରା, ମଦନ ହେମ୍ବ୍ରମ, ସାଇପ୍ରଦ ଶତପଥି, ମଙ୍ଗରାଜ ସାହୁ, ଅର୍ଜୁନ ନାୟକ, ରତିକାନ୍ତ ପଣ୍ଡା, ପ୍ରମୁଖ ଉପସ୍ଥିତ ରହି ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ଦିଗରେ ଅଭିଭାଷଣ ମାଧ୍ୟମରେ ସଚେତନ କରିଥିଲେ।

# ତାଳମୂଳ ମହିମା ଆଶ୍ରମରେ ନବାନ୍ନ ଉତ୍ସବ

ଯୋରନ୍ଦା, ୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମାଗାଦି ତାଳମୂଳ ମହିମା ଆଶ୍ରମରେ ନବାନ୍ନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପଲକ୍ଷେ ପ୍ରାତଃ ସମୟରେ ବତୀମଣ୍ଡପଠାରେ ପ୍ରଭୁ ମହିମା ସ୍ୱାମୀଙ୍କ ଉଦ୍ଦେଶ୍ୟରେ ନୂଆ ଚୁଡ଼ାରେ ପ୍ରସ୍ତୁତ ନବାନ୍ନ ଅର୍ପଣ କରାଯାଇଥିଲା। ବହୁସଂଖ୍ୟାରେ ଆଞ୍ଚଳିକ ଭକ୍ତ ଓ ସ୍ଥାନୀୟ ଜନସାଧାରଣ ନବାନ୍ନ ପ୍ରସାଦ ପାଇବା ସହିତ ମଧ୍ୟାହ୍ନରେ ଭିକ୍ଷାମଣ୍ଡପରେ ସାମୂହିକ ଭିକ୍ଷା କରିଥିଲେ। ତାଳମୂଳ ମହିମା ଆଶ୍ରମର ପରିଚାଳକ ବିଧାନ ଚନ୍ଦ୍ର ବାବାଙ୍କ ଅଧ୍ୟକ୍ଷତାରେ ନବାନ୍ନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୈଳାସ ବାବା, ମାଧବ ବାବା, ବାଦଲ ବାବା, ବାସୁ ବାବା, ଆର୍ତ୍ତ ବାବା, ସନାତନ ବାବା, ବେଣୁଧର ବାବା, ବଳରାମ ଦାସ, ବାବୁଲି ଦାସ, ଦିବାକର ଭକ୍ତ, ସୂର୍ଯ୍ୟାଂଶୁ ରାଉତ, ଦେବରାଜ ସାହୁ, ପଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥି ଭାବେ ଡା ପ୍ରମୋଦ କୁମାର ଜାଲି, ଶିକ୍ଷାବିତ୍ ନାରାୟଣ ପୃଷ୍ଟି ଯୋଗଦେଇଥିଲେ। ସୂଚନାନୁଯାୟୀ, କୌପୀନଧାରୀ ମହିମା ସମାଜର ଲୋକପ୍ରିୟ ସନ୍ୟାସୀ ବ୍ରହ୍ମଲୀନ କାଶୀନାଥ ବାବାଙ୍କ ଦ୍ୱାରା ୧୯୬୫ ମସିହା ଠାରୁ ତାଳମୂଳ ମହିମା ଆଶ୍ରମରେ ନବାନ୍ନ ପର୍ବ ପାଳିତ ହେଉଛି।



# ସ୍ୱଳ୍ପ ଦୃଷ୍ଟିବାଧିକ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ



ପରଜଙ୍ଗ, ୨୬।୮ (ସମିସ): ଢେଙ୍କାନାଳ ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧୀନ ବିଦ୍ୟାଳୟଗୁଡ଼ିକରେ ସ୍ୱଳ୍ପ ଦୃଷ୍ଟି ଶକ୍ତି ସମ୍ପନ୍ନ ଛାତ୍ରଛାତ୍ରୀଙ୍କୁ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ପ୍ରତେକ ବିଦ୍ୟାଳୟରେ ଚଷମା ବଣ୍ଟନ ବ୍ୟବସ୍ଥା ଜାରିରହିଛି। ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧିକାରିଣୀ ପ୍ରିୟଦର୍ଶିନୀ ନାୟକଙ୍କ ନେତୃତ୍ୱରେ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ବିଆର୍‌ସି ଅଶୋକ କୁମାର ପଣ୍ଡା ଓ ଆଇଇଭିଙ୍କ ଦ୍ୱାରା ବିଇଓ କାର୍ଯ୍ୟାଳୟ ପରିସରରେ ଥିବା ବିଦ୍ୟାଳୟରେ ସୋମବାର ଶୁଭାରମ୍ଭ ଭାବେ ଶିବିରରେ ପୂର୍ବରୁ ଚିହ୍ନଟ ହୋଇଥିବା କେତେକ ପିଲାଙ୍କୁ ଚଷମା ବଣ୍ଟନ କରିଥିଲେ। ସେହିପରି ଅଦ୍ୟାବଧି ବିଆରସି ଆଇଇଭି ଓ ନିର୍ଦ୍ଦିଷ୍ଟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପରଜଙ୍ଗ ମହେଶ୍ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ, ବାରିହାପୁର ସରକାରୀ ଉପ୍ରା ବିଦ୍ୟାଳୟ, ବାରିହାପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବସୋଇ ସରକାରୀ ପ୍ରାଥମିକ ବିଦ୍ୟାଳୟ, ପିଟିରି ସରକାରୀ ଉପ୍ରା ବିଦ୍ୟାଳୟ, ପଥରଖମ୍ବ ସରକାରୀ ଉପ୍ରା ବିଦ୍ୟାଳୟ, ମୁଣ୍ଡେଇଲୋ ହାଇସ୍କୁଲ, ପାଣିଗେଙ୍ଗୁଟିଆ ପ୍ରାଥମିକ ବିଦ୍ୟାଳୟରେ ଚଷମା ବଣ୍ଟନ କରାଯାଇଛି।

# ଭୁବନ ପଞ୍ଚାୟତ ସମିତି ବୈଠକ

ଭୁବନ, ୨୬।୮ (ସମିସ): ଭୁବନ ପଞ୍ଚାୟତ ସମିତିର ୮ମ ସାଧାରଣ ବୈଠକ ଦୀର୍ଘ ୭ ମାସ ପରେ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୧୫ରେ ଅନାସ୍ଥାରୁ ମୁକୁଳିଥିବା ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଜାନୁୟାରୀ ୨୯ରେ ୭ମ ସାଧାରଣ ଅଧିବେଶନ ଡକାଇଥିଲେ। ଅନାସ୍ଥାରେ ଅଧ୍ୟକ୍ଷା କହିଥିଲେ ସମସ୍ତଙ୍କୁ ନେଇ ଚାଲିବା କଥା। ୭ମ ବୈଠକରେ ଯାହା ପାରିତ ହୋଇଥିଲା ତାହା ୮ମ ବୈଠକ ହେବା ମଧ୍ୟରେ ସମସ୍ତଙ୍କୁ ସାଥିରେ ନେଇ ପ୍ରମାଣିତ କରାଇଛନ୍ତି। ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ ସିପ୍ରା ବରାଳ। ଅତିଥି ଭାବେ ଯୋଗ ଦେଇଥିଲେ ବିଧାୟକ୍ ଶତ୍ରୁଘ୍ନ ଜେନା, ସଂସାଦ ପ୍ରତିନିଧି ପ୍ରେମାନନ୍ଦ ଜେନା, ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ଜିଲ୍ଲା ପରିଷଦ ଶିଳାରାଣୀ ସାହୁ, ରମେଶ ଚନ୍ଦ୍ର ସାହୁ ଓ ସୁବାଷ ମାଝୀ। ବିଡିଓ ଆୟୂଷୀ ମହାପାତ୍ରଙ୍କ ସମେତ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଯୋଗଦାନ କରିଥିଲେ। ବିକାଶକୁ ଆଗେଇ ନିଆଯିବ, କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ଜନ ହିତକାରୀ ଯୋଜନାରୁ ବାଦ ଦିଆଯିବ ନାହିଁ ବୋଲି ବିଧାୟକ ଶ୍ରୀ ଜେନା କହିଥିଲେ।



**ବିଜ୍ଞାନ ସମ୍ପର୍କିତ ଆଲୋଚନାଚକ୍ର**

# 'କାର୍ଯ୍ୟର କାରଣ ଖୋଜିବା ହିଁ ବିଜ୍ଞାନ'

ଢେଙ୍କାନାଳ, ୨୬।୮ (ସମିସ)

ଢେଙ୍କାନାଳ ବିଜ୍ଞାନ ଚେତନା ମଞ୍ଚ ଓଡ଼ିଶାର ଜିଲ୍ଲା ଶାଖା ପକ୍ଷରୁ ମହିଳା ମହାବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ଅନ୍ତରୀକ୍ଷ ଦିବସ ଓ ଭାରତରେ ବିଜ୍ଞାନ ପାଇଁ ପଦଯାତ୍ରା ୨୦୨୫ ଓ ସାଇନ୍ସ ସୋସାଇଟି ମିଳିତ ଆନୁକୂଲ୍ୟରେ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଡ.କୁମାର ସିଦ୍ଧାର୍ଥ କେଶବ ଭରଦ୍ୱାଜ ବ୍ରେକ୍ ଥ୍ରୁ ସାଇନ୍ସ ସୋସାଇଟିର ସର୍ବଭାରତୀୟ ଉପସଭାପତି, ବିଜ୍ଞାନ ଚେତନା ମଞ୍ଚର ଓଡ଼ିଶା ରାଜ୍ୟ ସମ୍ପାଦକ ତଥା ପ୍ରଫେସର ରସାୟନ ବିଜ୍ଞାନ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ କଟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନିର୍ବୋଧତା ଆମର ସବୁଠୁ ବଡ ଶତ୍ରୁ, କାର୍ଯ୍ୟର କାରଣ ଖୋଜିବା ହିଁ ବିଜ୍ଞାନ ବୋଲି କହିଥିଲେ। କୌଣସି କଥାକୁ ଅନ୍ଧ ଭାବେ ଗ୍ରହଣ ନକରି ତା ପଛରେ ଥିବା କାରଣ ଖୋଜିବା ଓ କାରଣ ଆଧାରରେ ସିଦ୍ଧାନ୍ତରେ ଉପନୀତ ହେବାକୁ ବିଜ୍ଞାନ କୁହାଯାଏ ବୋଲି ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବିଜ୍ଞାନ ସଂସଦର ଉପସଭାପତି ତଥା ଉଦ୍ଭିଦ ବିଜ୍ଞାନ ଓ ବାୟୋଟେକ୍ନୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡ.ଦେବରାଜ ପରିଡ଼ା କହିଛନ୍ତି। ସ୍ଥାନୀୟ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ନୂତନ ପଠନ ଗୃହ ମଧ୍ୟରେ ଅଧ୍ୟକ୍ଷ ଡ.ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଡ.ଦେବରାଜ ପରିଡ଼ା, ଅବସରପ୍ରାପ୍ତ ବରିଷ୍ଠ ଗଣିତ ଓ ବିଜ୍ଞାନ ଶିକ୍ଷକ ଜିଲ୍ଲା ଆବାହକ ଡା.ଦେବୀ ପ୍ରସାଦ ମିଶ୍ର, ବିଜ୍ଞାନ ଚେତନା ମଞ୍ଚ ଭୁବନ ଶାଖାର ଆବାହକ ଶ୍ରୀଧର ପୃଷ୍ଟି, ବିଜ୍ଞାନ ସଂଗଠିକା ଡ.ଶୁଭ୍ରା ରାୟ, ବିଜ୍ଞାନ ସଂଗଠକ ବିନୋଦ ସେଠୀ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ସଂସଦର ସହକାରୀ ଉପସଭାପତି ତଥା ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡ.ନିର୍ଲିପ୍ତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।




# ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ



ଢେଙ୍କାନାଳ, ୨୬।୮ (ସମିସ): ପୁଲିସ ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭଲ ସ୍ପର୍ଶ ଓ ମନ୍ଦ ସ୍ପର୍ଶ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଏସ୍‌ପି ପ୍ରଭାତ ବିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ ସାହସୀ ଓ ସତ୍ୟବାଦୀ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଡିଏସପି ସୁଷମା ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଭଲ ଓ ମନ୍ଦ ସ୍ପର୍ଶ ଉପରେ ଆଲୋକପାତ କରିଥିଲେ। ପିଲାମାନେ ସାହସୀ ଓ ନିର୍ଭୀକ ହୋଇ ଯେକୌଣସି ଘଟଣାକୁ ମା' କିମ୍ବା ପରିବାରରେ ଥିବା ଗୁରୁଜନଙ୍କୁ ଜଣାଇବାକୁ କହିଥିଲେ। କାର୍ଯ୍ୟକ୍ରମରେ ପୁଲିସ ଲାଇନ କ୍ଲଷ୍ଟର ସିଆରସିସି ଝସକେତନ ପ୍ରଧାନ, ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ର ଓ ସ୍ନେହପ୍ରଭା ସାହୁ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ରେଖା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।